In the first General Election 1952 Congress did not perform well. It got only 57 seats out of 140 Assembly Constitutents, which was not in full strength. Ganatantra Parishad formed by R.N. Singh Deo only for the last two years got 31 seats. Comunist Party 7 and Socialist Party 10. Others 25 seats. Congress only got 39% votes and 61% votes were against Congress party. In the first General Election Rajendra Narayan Singh Deo had contested for Lok Sabha and own by more than two lakhs votes. And his party had secued all 9 Assembly seats. It proved his popularity in Bolangir district. Ganatantra Parishad was the opposition party in Orissa Assembly. Late Shradhakar Supkar became opposition leader with Pratap Keshari Deo as Deputy leader. In this Assembly oppositon was very strong. People were thinking that Ganatantra Parishada is a princely party, so P.K. Deo will be opposition leader. But Supkar was elected as opposition leader. R.N. Sing Deo was a real democrat.

Singh Deo as a veteran Parliamentarian :

He represented to 1st Lok Sabha from 1952-1956. In the Lok Sabha under the presidentship Sri Bhubananda Das election for speaker was held, in which Mr. G.V. Mavlankar was elected. He was greeted by different party's representatives starting from Dr. Shyama Prasad Mukherjee to Dr. Meghanad Saha. In the next morning Maharaja Rajendra Narayan Sing Deo's speech was published in news papers as news item in Box i.e. he said "a member can take part in the discussion, upon whom

Speaker's eyes will be. So, speaker should have third eye. It is natural Speaker's two eyes will be on the members of treasury bench. But it is necessary the third eye should be on opposition parties". He was focused by all members of Parliament. As it is a parliamentary democracy opposition should be strong.

Rajendra Narayan Singh Deo was the leader of five members parliamentarians. Dr. Shyama Prasad Mukherjee was the leader of four members. Rajendra Narayan Singh Deo was honouring him always. Rajendra Narayan Singh Deo had organised a National Democratic Alliance by taking the parliamentarians of small party and independent members. Dr. Shyama Prasad Mukherjee had joined in this alliance and Rajendra Narayan Sing Deo made him leader. He was the Secretary General. The motto of this alliance to oppose the one party dominance in the Parliament. He had a unique place in Lok Sabha for his questions and debates. He was always participating in the discussion when merger of Sareikella and Kharaswan arised. He had emotional bond with this region. He had very good relations with Ram Manohar Lohia, Surendra Nath Dwivedi and others. He was a dynamic parlia-mentarian, for which he became a First liner National Leader. He had participated on the General Budget, Demand For Grants, water resources and Hirakud Dam discussion on **20 June, 1952**. He had spoke about the nepotism and deprivation of Oriya people in the construction of Hirakud Dam. Speaking in the Lok Sabha on **7 July 1952**, Shri R. N. Singh Deo said, "I beg to move : That the following be added at the end and that in view of the changed circumstances arising out of the merger of Mayubhanj in Orissa and consequent geographical contiguity, Sareikalla and Kharaswan be immediately

restored to Orissa in accordance with the terms of the merger agreements".

He had participated in the Lok Sabha proceeding several times on different issues. Ministers were facing questions always from Mr. Deo. He had participated on Preventive Detention on 22 July 1952, 14 February 1953, 25 March 1953, 6 April 1953, on Khadi and other Handloom Industries on 9 April 1953, on reign of terror in Sareikalla and Kharaswan and Singhbhum on 18 February 1954. On 22 March 1955 on Explotation of Labour. On hindu marriage bill on 4 May 1955. On 22 september 1955, 23 December, 1955, 24 April 1956, 15 May 1956, 17 May 1956, 31 July 1956, 2 August 1956, 9 August 1956, 5 September 1956, 6 September 1956, 12 September 1956, 14 November 1956.

He had made presence in the Parliament through his active participation in the debate and through questions. Several times Rajendra narayan Singh Deo had raised the merger issue of Sareikalla, Kharaswan, Singhbhum and other Oriya speaking area of Madhya Pradesh and Andhra Pradesh in Orissa. He had met Prime Minister and Home Minister with the other members of Ganatantra Parishad to review the report of State Boundary Commission, where injustice has been done to Orissa. Bihar leadership was very strong at that time compared to Orissa congress leadership. Government of India published press note on the commission report. Immediately peoples movement broke out automatically. All government offices closed without picketing. At Cuttack and Puri it was felt very much.

On 26th January 1956 Maharaja led a movement in Cuttack by breaking 144. With slogan he was walking through Nayasadak followed by Pandit Godabarish

Mishra, Sarangadhar Das, Sarala Devi, Surendra Mohanty, Biswanath Pandit, Harihar Patel and Sundarmani Patel and others. They were arrested by the police at Jaunliapati.

Singh Deo : Congress and Ganatantra Parisad Coalition Ministry

Dr. Harekrushna Mahtab took the leadership of Congress in the election. Singh Deo had taken leadership of Ganatantra Parishad. In this election Congress got 56 seats, Ganatantra Parishad 51 seats, Praja Samaj Party 11 seats, Comunist Party 9 seats, Jharkhanda 5 seats and others 8 seats.

Though Dr. Mahatab was the leader of congress in the election, some people were opposing from Congress itself to him. Congress got single majority, but not in a position to form the government. On 22nd May 1959 Singh Deo's Ganatantra Parishad and The Congress led by Dr. Mahtab came to power in Orissa and he was the Minister of Finance and Industries. In this ministry Dr. Mahtab faced problems from the congress members only. For which Singh Deo became a silent spectator. He was thinking how the joint agenda will be fulfilled ? He was not bothering for ministryship, rather development of the state. Before the end of this ministry Congress wanted to pass the budget, but Singh Deo objected it. This ministry came to end with the resignation of Dr. Mahtab on 24th February, 1961. Mr. Singh Deo had experimented a coalition ministry having a higher goal.

Within these two years several developmental works implemented in the state. Specially several M.E. Schools were opened. Rules were made easier for opening of M.E. Schools by the private organisation. Due to the efforts of R.N. Singh Deo establishment of corporations have

started. In the next government Nilamani Routray acknowledged in the Assembly the contribution of R.N. Singh Deo in this regard. In this period separation of judiciary from excutive has started. He was a real Gandhist. So he wanted the last two works very much. This coalition government was based on some noble cause, so lasted for two years. It did not collapsed for coalition partners, rather for the congress itself.

Singh Deo as the Leader of the opposition :

In 1961 mid-term election was held. Congress got 82 seats. Apart from costal area it got some seats from hill areas. Ganatantra Parishad 37 seats. Rest others. Biju Pattanaik was monitoring the election as president of Congress. 5 independent candidates supported Biju Pattanaik. So it became 86 representatives. So ministry was formed by Biju babu. During this period Biju Pattanaik had his administration in a non-traditional way. His contribution for the development of Orissa is open to all. He was a man of action. A dynamic leader. Being a chief minister he had all honour for opposition, particularly to Maharaja Rajendra Narayan Singh Deo the opposition leader. He used to address him as Patna.

Though coalition ministry dissolved, Rajendra Narayan Singh Deo did not compromise his ideology and love for democracy. He was re-elected for Orissa Legislative Assembly in 1961 election from Kantabanji Assembly Constituency. His Ganatantra Parishad was in opposition bench. Rajendra Narayan Singh Deo became opposition leader from 1961-1965. He performed a leader of oposition duty in true spirit. A disciplined and positive opposition leader.

Rajendra Narayan Singh Deo as Chief Minister :

In 1967 General Election Congress got 33 seats, Swatantra 49 seats, Jana Congress 26, Praja Socialist

Party 21, Communist 1, Alligned Socialist Party 2 and others 3. Inspite of the failure of Congress due to the Jana Congress faction and intra-party betrayal, it secured 30.62% of votes, which was the highest, but could not get highest number of seats. Out of 20 seats of Lok Sabha, Swatantra Party got 8, Congress 6, Praja Socialist Party 4 and others 2.

After the elections, Swatantra and Jana Congress formed the government with the majority of 75. Rajendra Narayan Singh Deo became the Chief Minister and Prabitra Mohan Pradhan of Jana Congress became the Deputy Chief Minister.

As ministry's period was at its fag end, opposition had started demanding the resignation of Maharaja. At this juncture everybody was expecting R.N. Singh Deo will resign and leave the Chair with honour. On 9th January 1971 Governor Ansary was preparing to go to Delhi by train. Maharaja requested him to cancel Delhi trip and asked him an appointment at Raj Bhawan. Immediately after sometime Maharaja reached at Raj Bhawan and tendered his resignation.

Rajendra Narayan Singh Deo was Chief Minister of Orissa for a period of four and half years. Later he joined in the coalition ministry of Biswanath Das on 3rd April 1971. He was the minister in charge of industry and Political Services. The coalition ministry continued only for one year necessitating another mid-term poll. He was re-elected to the Legislative Assembly in 1971 and 1974 and became the opposition leader.

On 23rd February 1975 at 8.45 p.m. he met an untimely death in Bombay. His mortal body was flown to Bhubaneswar and brought to Bolangir. Throughout the way the people were paying emotional tribute to late Raja.

Even his great political opponent Late Biju Pattanaik was with the side of mortal body till his last rituals completed at Bolangir Royal cremation ground.

Contribution of Maharaja : An assessment

R.N. Singh Deo was the person who formed first opposition party in Orissa for the success in democracy. He was a strong believer of democracy, for which he had formed a party and named it as Ganatantra Parishad. As Chief Minister of Orissa, Singh Deo had taken several development works into hand. He had established Kalinga Historical Research Society and a museum at Bolangir. He had supported a large number of brilliant scholars of Orissa who wanted to pursue higher studies and acted as a Light House for them. He had taken several steps for the development of farmers. During his tenure several schools and colleges were opened. D.A.V. College, Titilagarh is one among those colleges. Not only that, many DAV Institutions were also opened.

As Head of the state, he took some need based specific measures in respect of prohibition, administrative discipline and streamining procedures and reforming the supply system and procedures for the benefit of the public. His role in streamlining the public supply system and procedures to curb corruption in the field of administrative was highly appreciated by the people of Orissa. He abolished the land revenue for encouragement of the farmers.

During his rule he had intiated model steps in respect of water management, water cess, relief and rehabilitation work during flood and drought. He effectively curbed the communal riot in Cuttack in 1968. During his time modification of Industiral Policy had taken place. He had worked for small scale and large scale Industries in Orissa.

Interestingly he had published an Oriya news paper "Ganatantra" in 1956. Later the name was changed as "Swarajya".

He was a true follower of the Father of the Nation, Mahatma Gandhi in respect of eradication of untouchability, giving Harijans the right to enter into temples and opening the avenues for the down trodden to the right of expression. For his noble work he will be in the memory of people of Orissa forever.

Deptartment of Political Science,
Science College, Hinjilicut,
Odisha-761102.

References :

1. Brief History of Odisha Legislative Assembly Since 1937.
2. Dr. Somanath Mishra, 'Rajarshi Rajendra', Lark Books, Bhubaneswar, 2005.
3. H.H. Maharaja Sri R.N. Singh Deo of (Bolangir) Patna KCIE and Former Chief Minister of Odisha, 31.3.1912-23.2.1975. (A complied Speeches and a notes of Documents), 2005.
4. Orissa Reference Manual-2004.
5. Statistical Report of General Elections, 1951 to the 1st Lok Sabha Vol. 1.
6. Statistical Report on General Elections 1957 to the Orissa Legislative Assembly.
7. Statistical Report on General Elections 1961 to Orissa Legislative Assembly.



ମୂଲ୍ୟବୋଧର ଆଚାର୍ଯ୍ୟ ବିନାୟକ ଆଚାର୍ଯ୍ୟ

ଶ୍ରୀମତୀ ନୀତିବେଦା ପାଢ଼ୀ

ରାଜନୀତିର ଶଠତାପୂର୍ଣ୍ଣ ପଙ୍କିଳ ଚିତ୍ରପଟରେ ସରଳ, ଅମାୟିକ, ନିଷ୍କପଟ, ଅହଂକାରଶୂନ୍ୟ ନେତାଟିଏ ପାଇବା ବିରଳ । ଏହିଭଳି ଜଣେ ନିଃସ୍ୱାର୍ଥପର ସମାଜସେବୀ, କର୍ମଠ, ଦେଶପ୍ରେମୀ, ପରୋପକାରୀ, ସାଧୁ, ସଚ୍ଚୋଟ, ସତ୍ୟପରାୟଣ, ବିରଳ ଓ ବିରୋଳ ବିସ୍ମୟ ଥିଲେ ଓଡ଼ିଶାର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟ । ସେଦିନ ଥିଲା ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥି । ମନ୍ତ୍ର ଓ ଶଙ୍ଖ ଧ୍ୱନିରେ ଗଗନ ପବନ ଗୁଞ୍ଜରିତ ହେଉଥିଲା ।

ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭଃ ।
ନିର୍ବିଘ୍ନଂ କୁରୁମେ ଦେବ ସର୍ବ କାର୍ଯ୍ୟେଷୁ ସର୍ବଦା ।।

ବ୍ରାହ୍ମଣମାନଙ୍କ ମନ୍ତ୍ର ଉଚ୍ଚାରଣ ଚତୁର୍ଦ୍ଦିଗ ମୁଖରିତ କରୁଥିଲା । ଘରିଆଡ଼େ ଆନନ୍ଦ ହିଁ ଆନନ୍ଦ । ଉତ୍କଳ ମାତା ପାଇଁ ଏହିଭଳି ଏକ ଶୁଭଦିନ ଥିଲା ୧୯୧୮ ମସିହା ଅଗଷ୍ଟ ମାସ ୩୦ ତାରିଖ । ସେହି ଦିନଟି ଥିଲା ବିନାୟକ ପୂଜା । ଗଞ୍ଜାମ ଜିଲ୍ଲାର ରେଶମ ସହର ବ୍ରହ୍ମପୁରସ୍ଥ ଶଙ୍କରପୁର ସାହିରେ ଏକ କୁଳୀନ ବ୍ରାହ୍ମଣ ପରିବାରେ ପିତା ରଘୁନାଥ ଆର୍ଯ୍ୟଙ୍କ ଔରସରେ ଧର୍ମପ୍ରାଣା ମାତା ପାର୍ବତୀଦେବୀଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ ପ୍ରଜ୍ଞାବିମଣ୍ଡିତ ବିନାୟକ ଆଚାର୍ଯ୍ୟ ।

ଦୈନିକ ଖବର କାଗଜ 'ପ୍ରଜାତନ୍ତ୍ର'ର ଡିସେମ୍ବର ମାସ ୧୯୭୬ ମସିହା ୨୯ ତାରିଖ 'ଗାଁ ମଜଲିସ୍' ସ୍ତମ୍ଭରେ ଖ୍ୟାତନାମା ଐତିହାସିକ ଡକ୍ଟର ହରେକୃଷ୍ଣ ମହତାବ ଆଚାର୍ଯ୍ୟ ବଂଶର ପୂର୍ବସୂରୀଙ୍କ ସମ୍ପର୍କରେ ଲେଖିଥିଲେ- ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ପାଲକୋଣ୍ଡା ନାମକ ଏକ ରାଜ୍ୟର ରାଜାଙ୍କ ପ୍ରଧାନମନ୍ତ୍ରୀ ପଦରେ ବିନାୟକ ଆଚାର୍ଯ୍ୟଙ୍କ ପ୍ରପିତାମହ ଅଧିଷ୍ଠିତ ଥିଲେ । ବ୍ରିଟିଶ ସରକାରଙ୍କ ଦ୍ୱାରା ପାଲକୋଣ୍ଡା ରାଜା ଗାଦି ଚ୍ୟୁତ ହେଇ ରାଜ୍ୟ ହରାଇଲେ । ପ୍ରଧାନମନ୍ତ୍ରୀ ଆଚାର୍ଯ୍ୟଙ୍କୁ ବ୍ରିଟିଶ ସରକାର ପାଲକୋଣ୍ଡା ରାଜ୍ୟରୁ ନେଇଆସି ବ୍ରହ୍ମପୁରର ଶଙ୍କରପୁର ସାହିରେ ବାର୍ଷିକ ଭତ୍ତା ଦେଇ ରଖାଇଲେ । ପରିବାରର ପ୍ରତିପୋଷଣ ପାଇଁ ସେତେବେଳେ ବାର୍ଷିକ

ଭତ୍ତା ବାବଦରେ ଯେତେ ଶଗଡ଼ ଧାନର ବନ୍ଦୋବସ୍ତ କରିଥିଲେ ତାର ମୂଲ୍ୟ ଏକ ହଜାର ଟଙ୍କା ଥିଲା ।

ବ୍ରହ୍ମପୁର ଶଙ୍କରପୁରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବିନାୟକ କୃତିତ୍ୱର ସହ ତାଙ୍କ ପ୍ରାଥମିକ ଶିକ୍ଷା ସାରି ପିତା ରଘୁନାଥ ଆଚାର୍ଯ୍ୟ ଶିକ୍ଷକତା କରୁଥିବା ଆସିକାରୋଡ୍ ସ୍ଥିତ ପୌର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଥିଲେ । ସେଠି ଆଦର୍ଶ ଶିକ୍ଷକମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଠ ପଢ଼ା ଶେଷ କରି ଖଲ୍ଲିକୋଟ କଲେଜିଏଟ୍ ଟାଉନ୍ ହାଇସ୍କୁଲରୁ ଏକାଦଶ ଓ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟ ବ୍ରହ୍ମପୁରର ଖଲ୍ଲିକୋଟ କଲେଜରୁ ସଫଳତାର ସହ ଆ.ଏ. ପାଶ୍ କରି ପାରଳା ମହାରାଜାଙ୍କ କଲେଜରୁ ବି.ଏ. ପାଶ୍ କରିଥିଲେ । ତା'ପରେ ସେ କଟକସ୍ଥିତ ଶିକ୍ଷକ ଟ୍ରେନିଂ କଲେଜରୁ ବି.ଇଡ଼ି. ଡିଗ୍ରୀ ପ୍ରାପ୍ତ ହୋଇଥିଲେ ।

ତୁଳସୀ ଦୁଇପତ୍ରରୁ ବାସିଲା ଭଳି ବିନାୟକ ଛାତ୍ରାବସ୍ଥାରୁ ନିଜର ବାଗ୍ମିତା ଓ ଶାଳୀନତା ପାଇଁ ଛାତ୍ର ଓ ଶିକ୍ଷକ ମହଲରେ ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ । ଜଣେ ପ୍ରଜ୍ଞାତବକ୍ତା ଭାବରେ ଛାତ୍ରମାନଙ୍କ ମଧ୍ୟରେ ସେ ସୁବିଦିତ ଥିଲେ । ପିଲାଟି ଦିନରୁ ମାନବ ସେବାକୁ ନିଜ ଜୀବନର ଆଭିମୁଖ୍ୟ ଭାବେ ଗ୍ରହଣ କରିଥିଲେ । ଦୀନ, ଦୁଃଖୀ ଓ ଗରିବ ଲୋକଙ୍କ ପାଇଁ ସେ ଅତ୍ୟନ୍ତ ସମ୍ବେଦନଶୀଳ ଥିଲେ । ସହପାଠୀମାନଙ୍କୁ ନେଇ 'ସେବକ ଦଳ' ନାମରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠନ କରି ଦଳିତ, ନିଷ୍ପେଷିତ ଲୋକଙ୍କୁ ନିଃସ୍ୱାର୍ଥପର ସେବା ଯୋଗାଇ ଦେଉଥିଲେ ।

କଲେଜ ଛାତ୍ର ଥିବାବେଳେ ବିନାୟକ ବାବୁ ସାମ୍ୟବାଦୀ ଆନ୍ଦୋଳନର ତୁଙ୍ଗ ନେତା କାର୍ଲମାର୍କସଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇଥିଲେ । ଏଇଥିପାଇଁ ତାଙ୍କ ପ୍ରେରଣାର ଉତ୍ସ ଥିଲେ ଓଡ଼ିଶାର ସାମ୍ୟବାଦୀ ଚିନ୍ତାନାୟକ ବିଜୟ ଚନ୍ଦ୍ର ଦାଶ । ସେଇଠୁ ସେ ଏକ ଶ୍ରେଣୀହୀନ ଏବଂ ଶୋଷଣ ବିହୀନ ସମାଜ ଗଠନର ସ୍ୱପ୍ନ ଦେଖିବାରେ ଲାଗିଥିଲେ । ପରବର୍ତ୍ତୀ ସମୟରେ ସେ ମହାମାନବ ମହାତ୍ମାଗାନ୍ଧିଙ୍କ ଉଚ୍ଚ ଆଦର୍ଶ ଓ ଚିନ୍ତାଧାରା ପ୍ରତି ଗଭୀର ଭାବେ ପ୍ରଭାବିତ ହୋଇଥିଲେ । କାର୍ଲମାର୍କସ୍‌ଙ୍କ ଚିନ୍ତାଧାରା ଗାନ୍ଧିଜୀଙ୍କ ଦର୍ଶନରେ ପ୍ରତିଫଳିତ ହେବା ସେ ଅନୁଭବ କଲେ । ସୁତରାଂ ସେ ଗାନ୍ଧୀବାଦ ପ୍ରତି ଆକୃଷ୍ଟ ହୋଇ ଉଚ୍ଚ ଆଦର୍ଶର ଚିନ୍ତା ଓ ଚେତନା ସହ ସରଳ ସଚ୍ଚୋଟ ଜୀବନଯାପନ କରିବା ପାଇଁ ମନସ୍ଥ କଲେ । ଆଞ୍ଚଳିକତା, ସାମ୍ପ୍ରଦାୟିକ ସଂକୀର୍ଣ୍ଣତା ଓ ଭାଷା ବିଦ୍ୱେଷର ସେ ତୀବ୍ର ବିରୋଧୀ ଥିଲେ । ସମାଜର ଦୁଃସ୍ଥ, ଦରିଦ୍ର ଓ ଅସହାୟ ଲୋକଙ୍କ ସମସ୍ୟାବଳୀକୁ

ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ । ସେତେବେଳେ ବ୍ରହ୍ମପୁରରୁ ପ୍ରକାଶ ପାଉଥିବା 'ଆଜିର ଶ୍ରମିକ' ନାମକ ଏକ ସାପ୍ତାହିକ ପତ୍ରିକାରେ ଏହି ସମ୍ପର୍କୀୟ ଲେଖା ନିୟମିତ ପ୍ରକାଶ କରି ଏକ ସମାଜବାଦୀ ସମାଜ ପ୍ରତିଷ୍ଠା ନିମନ୍ତେ ସେ ପ୍ରୟାସ ଜାରି ରଖିଥିଲେ ।

ଭାରତ ସ୍ୱାଧୀନତା ପାଇବା ପୂର୍ବରୁ ବି.ଏ. ଡିଗ୍ରୀ ପ୍ରାପ୍ତ ହୋଇ ବିନାୟକ ବାବୁ ଯଦି ଋହିଁଥାନ୍ତେ ଇଂରେଜ ସରକାରଙ୍କ ଅଧୀନରେ ଡେପୁଟି କଲେକ୍ଟରଟିଏ ଅକ୍ଳେଶରେ ହୋଇପାରିଥାନ୍ତେ । କିନ୍ତୁ ତାଙ୍କର ସ୍ୱାଧୀନ ଚେତନା ମନୋଭାବ ଏବଂ ବସ୍ତୁନିଷ୍ଠ ସଂସାର ପ୍ରତି ବୀତସ୍ପୃହତା ତାଙ୍କୁ ଜଣେ ଶିକ୍ଷକଭାବେ କର୍ମମୟ ଜୀବନ ଆରମ୍ଭ କରିବାକୁ ପ୍ରେରଣା ଦେଇଥିଲା । ସେ ଶିକ୍ଷକତାକୁ ଏକ ପବିତ୍ର ମାନବ ଧର୍ମ ଭାବେ ଗ୍ରହଣ କରିଥିଲେ । ଶିକ୍ଷାୟତନକୁ ଏକ ମଣିଷ ଗଢ଼ା କାରଖାନାର ସମ୍ମାନ ଦେଇ ନିଜକୁ ଜଣେ ଆଦର୍ଶ ଶିକ୍ଷକ ଭାବେ ପ୍ରତିଷ୍ଠିତ କରିଥିଲେ । ପ୍ରଥମେ ହିଞ୍ଜିଳିକାଟୁର ଏକ ବେସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଋକିରି ଆରମ୍ଭ କରି କିଛିଦିନ ପରେ ବ୍ରହ୍ମପୁର ପୌର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଓ ପରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ ନିର୍ବାହ କଲେ । ଛାତ୍ରବତ୍ସଳତା, ଶୃଙ୍ଖଳା, ସମୟାନୁବର୍ତ୍ତିତା, ଜାତି ଓ ଦେଶପ୍ରେମ ତାଙ୍କ ଶିକ୍ଷକ ଜୀବନରେ ମୂଳ ଲକ୍ଷ୍ୟ ଥିଲା । ସୁତରାଂ ଛାତ୍ରମାନଙ୍କୁ ମଧ ଚରିତ୍ରବାନ୍ ହୋଇ ଶୃଙ୍ଖଳିତ ଜୀବନ ବିତାଇ, ଦେଶ ଓ ଜାତି ପାଇଁ ଉତ୍ସର୍ଗୀକୃତ ମନୋଭାବ ପୋଷଣ କରିବା ପାଇଁ ପ୍ରୋତ୍ସାହିତ କରୁଥିଲେ । ଇଂରାଜୀ, ଇତିହାସ, ଭୂଗୋଳ, ବ୍ୟାକରଣ ଓ ସାହିତ୍ୟ ବିଷୟରେ ସେ ଅତି ଚମତ୍କାର ଓ ପ୍ରାଞ୍ଜଳ ଭାବେ ପିଲାମାନଙ୍କୁ ପଢ଼ାଉଥିଲେ, ଯାହାକି ଛାତ୍ରମାନଙ୍କୁ ଗଭୀରଭାବେ ପ୍ରଭାବିତ କରୁଥିଲା । ଆଜି ଦେଶ ବିଦେଶରେ ତାଙ୍କର ଅସୁମାରି ଛାତ୍ର ଉଚ୍ଚ ପଦ ପଦବୀ ମଣ୍ଡନ କରିଛନ୍ତି । ଖୁବ୍ କମ ଦିନରେ ବିନାୟକବାବୁ ଛାତ୍ର, ଅଭିଭାବକ ତଥା ସମାଜରେ ଜଣେ ଜ୍ଞାନୀ, ଗୁଣୀ, ମିଷ୍ଟଭାଷୀ 'ବିନାୟକ ମାଷ୍ଟ୍ରେ' ନାମରେ ପରିଚିତ ହୋଇଗଲେ । ବ୍ରିଟିଶ୍ ଶାସନରେ 'ସାର୍' ଭଳି ଗଞ୍ଜାମ ଜିଲ୍ଲାରେ ମାଷ୍ଟ୍ରେ ଏକ ମହିମାନ୍ୱିତ ସମ୍ମାନ ସୂଚକ ଶବ୍ଦ ଥିଲା । ଶିକ୍ଷକତା କରୁଥିବାବେଳେ ସେ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ ।

ବିନାୟକ ମାଷ୍ଟ୍ରେ ପୌର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଓ ପରେ ପ୍ରଧାନ ଶିକ୍ଷକ ଥିବାବେଳେ ବେସରକାରୀ ସ୍କୁଲସମୂହର ଶିକ୍ଷକ ଓ କର୍ମଋରୀମାନଙ୍କର ଋକିରି ସର୍ତ୍ତାବଳୀରେ ଥିବା ବହୁ ଅସଂଗତି ଦେଖିବାକୁ ପାଇଥିଲେ । ସୁତରାଂ ସେଗୁଡ଼ିକର

ସମାଧାନ ପାଇଁ ସେ ଶିକ୍ଷକ ମହାସଂଘ ଗଠନ କରି ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରି ସମସ୍ୟାର ସମାଧାନ କରିଥିଲେ । ସେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ମହାସଂଘର ପ୍ରଥମ ସମ୍ପାଦକ ଏବଂ ପରେ ଉପସଭାପତି ହୋଇ ପ୍ରଧାନ ଶିକ୍ଷକ ଓ କର୍ମଚାରୀମାନଙ୍କ ନିମନ୍ତେ ବହୁ ହିତକର କାର୍ଯ୍ୟ କରିଥିଲେ ।

୧୯୪୨ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ସମଗ୍ର ଭାରତବର୍ଷରେ ବ୍ରିଟିଶ୍ ଶାସନ ବିରୁଦ୍ଧରେ ଯେଉଁ ଐତିହାସିକ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଥିଲା, ବିନାୟକ ମାଷ୍ଟ୍ରେ ସେଥିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ସେହିଭଳି ଗଞ୍ଜାମ ଜିଲ୍ଲାରେ ସଂଗଠିତ ହରିଜନ ଆନ୍ଦୋଳନ ସହିତ ସେ ନିଜକୁ ସାମିଲ କରିଥିଲେ । ବ୍ରହ୍ମପୁର ଧାନମେରା ସାହି ହରିଜନ ବସ୍ତିକୁ ଯାଇ ବହୁ ଗଠନମୂଳକ କାର୍ଯ୍ୟ କରିବା ସହ ପରିବେଶ ସଚେତନତା ଓ ମଦ୍ୟପାନରୁ ନିବୃତ୍ତ ରହିବାପାଇଁ ହରିଜନ ମାନଙ୍କୁ ବୁଝାଉଥିଲେ । ନବୋତ୍କଳ ସେବକ ସଂଘ ଗଠନ କରି ଅସ୍ପୃଶ୍ୟତା ଭଳି ନିନ୍ଦିତ ଜାତିଆଣ ପ୍ରଥା ବିରୋଧରେ ଜନମତ ସୃଷ୍ଟି କରିବାରେ ସେ ସଫଳ ହୋଇଥିଲେ । ୧୯୩୮ ମସିହାରେ ବିନାୟକ ମାଷ୍ଟ୍ରେ ଜଣେ କୁଳୀନ ବ୍ରାହ୍ମଣ ହୋଇ ହରିଜନ ଜାତି ସହ ଏକ ସମୂହ ଭୋଜନରେ ଯୋଗଦେବା ହେତୁ ରକ୍ଷଣଶୀଳ ସବର୍ଣ୍ଣମାନଙ୍କ ସମାଲୋଚନାର ଶରବ୍ୟ ହୋଇଥିଲେ ମଧ୍ୟ ସେ ତାହାକୁ ଭ୍ରୂକ୍ଷେପ କରି ନଥିଲେ ।

ଶିକ୍ଷକ ସଂଗଠନ, ହରିଜନ ଆନ୍ଦୋଳନ, ଶ୍ରମିକ ଆନ୍ଦୋଳନ, ଓଡ଼ିଶା କୃଷକ ସମାଜ ଏବଂ ବିନୋବାଜୀଙ୍କ ଭୂଦାନ ଆନ୍ଦୋଳନରେ ବିନାୟକ ମାଷ୍ଟ୍ରେ ଗଞ୍ଜାମ ଜିଲ୍ଲାରେ ଅଗ୍ରଣୀ ଭୂମିକା ନେଇ ନିଜର ସାଂଗଠନିକ ଦକ୍ଷତାର ପରିଚୟ ଦେଇଥିଲେ । ଆନ୍ତର୍ଜାତିକ ରାଜନୀତିରେ ତାଙ୍କର ଗଭୀର ଜ୍ଞାନ ଥିଲା । ସେ ଅନେକ ସମୟରେ ରାଜନୈତିକ ନେତା ବ୍ରହ୍ମାନନ୍ଦ ପଣ୍ଡା, ହରିହର ଦାସ, ମୋହନ ଦାସ, ବୈଦ୍ୟନାଥ ରଥ, ମନମୋହନ ମିଶ୍ର, ଚିନ୍ତାମଣି ପାଣିଗ୍ରାହୀ, ଶଶିଭୂଷଣ ପତି, ବୈଷ୍ଣବ ଚରଣ ପଟ୍ଟନାୟକଙ୍କ ସହ ଜାତୀୟ ଓ ରାଜ୍ୟ ସ୍ତରୀୟ ରାଜନୀତି ସମ୍ପର୍କରେ ଆଲୋଚନା କରୁଥିଲେ । ସେତେବେଳେ କମ୍ୟୁନିଷ୍ଟ ପାର୍ଟିର ମୁଖପତ୍ର 'ନୂଆ ଦୁନିଆ'ରେ ଅଗ୍ରଦେବ ଛଦ୍ମନାମରେ ରାଜନୈତିକ ଲେଖାମାନ ଲେଖୁଥିଲେ ।

୧୯୪୭ ମସିହାଠାରୁ ୧୯୭୬ ମସିହା ପର୍ଯ୍ୟନ୍ତ ଦୀର୍ଘ ୩୦ ବର୍ଷ ଧରି ସେ ରାଷ୍ଟ୍ରଭାଷା ପ୍ରଚାର ସମିତି ସହ ନିଜକୁ ସମ୍ପୃକ୍ତ ରଖି ଓଡ଼ିଶାରେ ରାଷ୍ଟ୍ରଭାଷା ହିନ୍ଦୀର ପ୍ରଚାର ଓ ପ୍ରସାର ସହିତ ଜାତୀୟ ସଂହତି ଭଳି ସଚେତନତା କାର୍ଯ୍ୟକ୍ରମରେ ପ୍ରମୁଖ

ଭୂମିକା ନିର୍ବାହ କରିଥିଲେ । ୧୯୭୨ ମସିହାରୁ ୧୯୭୬ ପାଞ୍ଚ ବର୍ଷ ସେ ଓଡ଼ିଶା ରାଷ୍ଟ୍ରଭାଷା ପ୍ରଚାର ସମିତିର ସଭାପତି ଥିଲେ । ସେ ଭାରତୀୟ ଶାନ୍ତି ପରିଷଦ, ଜର୍ମାନୀ ମୈତ୍ରୀ ସଂସଦ ଓ ସୋଭିଏତ୍ ମୈତ୍ରୀ ସଂଘ ସହ ସୁସମ୍ପର୍କ ରଖିଥିଲେ ।

ଭାରତ ସ୍ୱାଧୀନତା ପାଇବା ପରେ ୧୯୫୧-୫୨ ମସିହାରେ ଓଡ଼ିଶା ବିଧାନ ସଭା ଓ ଲୋକସଭା ପାଇଁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା । ସମଗ୍ର ଗଞ୍ଜାମ ଜିଲ୍ଲାକୁ ଓଡ଼ିଶା ବିଧାନସଭା ପାଇଁ ୧୨ ଗୋଟି ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଗଲା । ତନ୍ମଧ୍ୟରୁ ବ୍ରହ୍ମପୁର ସମେତ ୩ଟି ନିର୍ବାଚନ ମଣ୍ଡଳୀକୁ ଯୁଗ୍ମ ନିର୍ବାଚନ ମଣ୍ଡଳୀ ରୂପେ ନିର୍ଦ୍ଧାରଣ କରାଗଲା । ବ୍ରହ୍ମପୁର ଯୁଗ୍ମ ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନସଭା ପାଇଁ ପ୍ରଥମ ସାଧାରଣ ନିର୍ବାଚନରେ ରାମଚନ୍ଦ୍ର ମିଶ୍ର ଓ ଦଣ୍ଡପାଣି ଦାଶ ଦୁଇ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିଲେ ମଧ୍ୟ ମକଦ୍ଦମା ହୋଇ ଏହା ଅସିଦ୍ଧ ଘୋଷିତ ହୋଇଥିଲା । ସୁତରାଂ ବ୍ରହ୍ମପୁର ଯୁଗ୍ମ ନିର୍ବାଚନ ମଣ୍ଡଳୀ ପାଇଁ ପନୁର୍ବାର ୧୯୫୨ ମସିହାରେ ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ଉପନିର୍ବାଚନରେ ବିନାୟକ ବାବୁ ପ୍ରଧାନଶିକ୍ଷକତାରୁ ଅବ୍ୟାହତି ନେଇ ସାମ୍ୟବାଦୀ ଦଳରୁ ବୈଷ୍ଣବ ନାୟକଙ୍କ ସହ ଯୁଗ୍ମ ଭାବେ ପ୍ରତିଦ୍ୱନ୍ଦିତା କଲେ । କିନ୍ତୁ ଭାରତୀୟ ଜାତୀୟ କଂଗ୍ରେସର ଯୁଗ୍ମପ୍ରାର୍ଥୀ ବୃନ୍ଦାବନ ନାୟକ ଓ ମୋହନ ନାୟକ ବିଜୟୀ ଘୋଷିତ ହେବାଦ୍ୱାରା ବିନାୟକ ଆଚାର୍ଯ୍ୟ ମାତ୍ର ୪୨୨୬ ଭୋଟ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀ ବୃନ୍ଦାବନ ନାୟକଙ୍କଠାରୁ ପରାଜିତ ହେଲେ । ପ୍ରାୟ ତିନି ବର୍ଷର ବ୍ୟବଧାନ ପରେ ବୃନ୍ଦାବନ ନାୟକଙ୍କ ସହଯୋଗରେ ବିନାୟକ ମାଷ୍ଟ୍ରେ ପୌର ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀରେ ପୁଣି ଯୋଗଦେଲେ ।

୧୯୫୮ ମସିହାରେ ବିନାୟକ ବାବୁ କଂଗ୍ରେସର ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ଦଳରେ ଯୋଗ ଦେଇଥିଲେ । ୧୯୬୭ ମସିହାରେ ପ୍ରଧାନ ଶିକ୍ଷକ ପଦରୁ ଇସ୍ତଫା ଦେଇ ସେ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କଲେ । କଂଗ୍ରେସ ନେତା ବିଜୁ ପଟ୍ଟନାୟକଙ୍କ ପରାମର୍ଶରେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଦଳର ପ୍ରାର୍ଥୀ ଭାବେ ୧୯୬୭ ମସିହାରେ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ପ୍ରଥମଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ମଧ୍ୟ ସେ ବିରୋଧୀ ଦଳର ଉପନେତା ରୂପେ ଦାୟିତ୍ୱ ନିର୍ବାହ କଲେ । ପରେ କଂଗ୍ରେସ ବିଧାୟକ ଦଳର ନେତା ସଦାଶିବ ତ୍ରିପାଠୀ ସ୍ୱାସ୍ଥ୍ୟଗତ ଅସୁସ୍ଥତା

ହେତୁ ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେବା ପରେ ବିନାୟକ ଆଚାର୍ଯ୍ୟ ବିଧାନସଭାରେ ବିରୋଧୀ ଦଳ ନେତା ହୋଇଥିଲେ । ବିନମ୍ରତାର ମୂର୍ତ୍ତିମନ୍ତ ଅବତାର ବିନାୟକ ବାବୁଙ୍କର ସବୁ ଦଳର ସଭ୍ୟମାନଙ୍କ ପ୍ରତି ସମ୍ମାନବୋଧ ଥିଲା । ଏହି ପଦବୀରେ ସେ ତାଙ୍କ ଓଜସ୍ୱିନୀ ଭାଷଣ, ଅକାଟ୍ୟ ଯୁକ୍ତି ଓ ବିଚକ୍ଷଣତା ପାଇଁ ଦଳମତ ନିର୍ବିଶେଷରେ ସମସ୍ତଙ୍କ ପ୍ରିୟଭାଜନ ହେବା ସହ ଜଣେ ଆଗଧାଡ଼ିର ବିଦ୍ୱାନ ବିଧାୟକ ଭାବେ ସ୍ୱୀକୃତି ପାଇଲେ । ଗଣତନ୍ତ୍ର ପ୍ରତି ତାଙ୍କର ଗଭୀର ସମ୍ମାନ ଥିଲା । ଖୁବ୍ କମ ଦିନରେ ସେ ସଂସଦୀୟ ପ୍ରଣାଳୀ ଓ ବିଧାନ ସଭାର ବିଧି ବିଧାନ ଉପରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ ।

୧୯୬୯ ମସିହାରେ ଜାତୀୟ କଂଗ୍ରେସ ଦଳ ଆଦର୍ଶଗତ ଓ ପରିଚାଳନାଗତ ମତ ପାର୍ଥକ୍ୟ ଯୋଗୁଁ ସର୍ବଭାରତୀୟ ସ୍ତରରେ ବିଭାଜନର ସମ୍ମୁଖୀନ ହେଲା । ୧୯୭୦ ମସିହାରେ ବିଜୁ ପଟ୍ଟନାୟକଙ୍କ କଂଗ୍ରେସ ହାଇକମାଣ୍ଡଙ୍କ ସହ ମତାନ୍ତର ଯୋଗୁଁ ସେ ଓଡ଼ିଶାରେ ଉତ୍କଳ କଂଗ୍ରେସ ନାମରେ ଏକ ଆଞ୍ଚଳିକ ଦଳ ଗଠନ କଲେ । ସେଇଥିପାଇଁ ଦଳର ଉଚ୍ଚ କର୍ତ୍ତୃପକ୍ଷ ବିନାୟକ ବାବୁଙ୍କ ଆବାହକତ୍ୱରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଗଠନ କରି ତୃଣମୂଳ ସ୍ତରରୁ ଓଡ଼ିଶାରେ ଦଳକୁ ଶକ୍ତିଶାଳୀ କିବାପାଇଁ ଯତ୍ନଶୀଳ ହେଲେ । ବିନାୟକ ବାବୁ ଦଳର ଏହି ବିଭାଜନ ସମୟରେ ଓଡ଼ିଶାରେ କଂଗ୍ରେସ ଦଳକୁ ଉପଯୁକ୍ତ ନେତୃତ୍ୱ ଦେଇ ସୁଦୃଢ଼ କରିଥିଲେ ।

୧୯୭୧ ମସିହା ମାର୍ଚ୍ଚ ମାସ ୫ ତାରିଖ ଦିନ ଲୋକସଭା ନିର୍ବାଚନ ସହିତ ଓଡ଼ିଶା ବିଧାନସଭା ପାଇଁ ମଧ୍ୟବର୍ତ୍ତୀ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥୀ ଭାବେ ଏହି ନିର୍ବାଚନରେ ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିନାୟକ ଆଚାର୍ଯ୍ୟ ପ୍ରତିଦ୍ୱନ୍ଦ୍ୱିତା କରି ନିଜର ନିକଟତମ ପ୍ରତଦ୍ୱନ୍ଦ୍ୱୀ ଉତ୍କଳ କଂଗ୍ରେସ ପ୍ରାର୍ଥୀ ଶ୍ରୀ ବସନ୍ତ କୁମାର ପାଣିଗ୍ରାହୀଙ୍କଠାରୁ ୨୪୦୨୭ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ । ଭାରତୀୟ ଜାତୀୟ କଂଗ୍ରେସ ଓଡ଼ିଶା ବିଧାନସଭାରେ ଏକକ ସଂଖ୍ୟା ଗରିଷ୍ଠ ଦଳ ରୂପେ ସ୍ଥାନିତ ହୋଇଥିଲେ ମଧ୍ୟ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ନ ଥିବା ହେତୁ ସ୍ୱତନ୍ତ୍ର, ଝାଡ଼ଖଣ୍ଡ, ଉତ୍କଳ କଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ କ୍ଷମତାସୀନ ହେଲା । କିନ୍ତୁ ଏହି ମନ୍ତ୍ରୀମଣ୍ଡଳ ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ବାଧ ହୋଇ ଇସ୍ତଫା ଦେଇଥିଲେ । ତା'ପରେ ଶ୍ରୀମତୀ ନନ୍ଦିନୀ ଶତପଥୀ କଂଗ୍ରେସ ବିଧାୟକ ଦଳର ନେତ୍ରୀଭାବେ ଯୋଗଦେଲେ । ଶ୍ରୀମତୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ବିନାୟକ

ବାବୁ ଜଣେ ବରିଷ୍ଠ କ୍ୟାବିନେଟ ମନ୍ତ୍ରୀ ହେବାର ସୁଯୋଗ ପାଇଥିଲେ । କଂଗ୍ରେସ ମନ୍ତ୍ରୀମଣ୍ଡଳରେ ବିଭିନ୍ନ ସମୟରେ ବିନାୟକ ବାବୁ କୃଷି, ସମବାୟ, ଶ୍ରମ ଓ ନିୟୋଜନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶିକ୍ଷା ବିଭାଗର ମନ୍ତ୍ରୀ ରୂପେ ଓଡ଼ିଶାବାସୀଙ୍କ ସେବା କରିବାର ସୁଯୋଗ ପାଇଥିଲେ । ଶ୍ରୀମତୀ ଶତପଥୀଙ୍କ ନେତୃତ୍ୱାଧୀନ ବିଧାନସଭାରେ ସଂଖ୍ୟାଧିକ ବିଧାୟକମାନଙ୍କ ସମର୍ଥନର ଅଭାବ ଯୋଗୁଁ ପୁଣି ୧୯୭୪ରେ ବିଧାନସଭା ପାଇଁ ନିର୍ବାଚନ ହେଲା ।

୧୯୭୪ ମସିହା ମଧ୍ୟବର୍ତ୍ତୀ ନିର୍ବାଚନରେ ବିନାୟକ ବାବୁ ପୁଣିଥରେ ବହୁ ଭୋଟ ପାଇ ନିର୍ବାଚିତ ହୋଇ ହେଟ୍ରିକ୍ କରିଥିଲେ । କ୍ରମାଗତ ଭାବେ ୧୯୬୭, ୧୯୭୧, ୧୯୭୪ ମସିହାରେ ଅନୁଷ୍ଠିତ ନିର୍ବାଚନ ରଣାଙ୍ଗନରେ ବିଜୟୀ ହେବା ତାଙ୍କ ଲୋକପ୍ରିୟତାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ଏହି ନିର୍ବାଚନରେ କଂଗ୍ରେସ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ନନ୍ଦିନୀ ଶତପଥୀ ପୁଣି ଥରେ ମୁଖ୍ୟମନ୍ତ୍ରୀ ହୋଇ ବିନାୟକ ବାବୁଙ୍କୁ ଅର୍ଥ ଏବଂ ଅବକାରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦେଇଥିଲେ ।

ଘଟଣାକ୍ରମେ ହାଇମାଣ୍ଡଙ୍କ ନିର୍ଦ୍ଦେଶରେ ମୁଖ୍ୟମନ୍ତ୍ରୀ ପଦରୁ ଶ୍ରୀମତୀ ନନ୍ଦିନୀ ଶତପଥୀ ଇସ୍ତଫା ଦେଇଥିଲେ ଏବଂ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଓ ଶ୍ରୀ ସଞ୍ଜୟ ଗାନ୍ଧୀଙ୍କ ଆଶୀର୍ବାଦରେ ବିନାୟକ ବାବୁ ନିଜର ସାଂଗଠନିକ ଦକ୍ଷତା, ସଚ୍ଚୋଟତା ଓ ନିଷ୍ଠାପରତା ପାଇଁ ୧୯୭୬ ମସିହା ଡିସେମ୍ବର ମାସ ୨୯ ତାରିଖ ଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହେଲେ । ସେହି ଦିନ ରାତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏକ ବେତାର ଭାଷଣ ଦେଇ କହିଥିଲେ- "ଓଡ଼ିଶାର ଛାତ୍ର, ଯୁବକ, କୃଷକ, ଶ୍ରମିକ, ବୁଦ୍ଧିଜୀବୀ ତଥା ବିଭିନ୍ନ ଗୋଷ୍ଠୀର ଲୋକମାନଙ୍କୁ ମୁଁ ବିନମ୍ର ନିବେଦନ କରୁଛି ଯେ, ରାଜ୍ୟର ଉନ୍ନତି ଓ ପ୍ରଗତି ପାଇଁ ବର୍ତ୍ତମାନ ଏକ ନୂଆ ସୁଯୋଗ ଆସିଛି । ଆସନ୍ତୁ ଆମେ ସମସ୍ତେ ମିଳିମିଶି ନିଷ୍ଠା ଓ ଆନ୍ତରିକତା ସହ ରାଜ୍ୟ ତଥା ଦେଶର କଲ୍ୟାଣ ପାଇଁ ଶପଥ ନେବା । ଏହି ଦାୟିତ୍ୱ ସମ୍ପାଦନ ପାଇଁ ମୁଁ ସବୁଶ୍ରେଣୀର ଲୋକମାନଙ୍କର ସାହାଯ୍ୟ ଓ ସହଯୋଗ କାମନା କରୁଛି । ଓଡ଼ିଶାକୁ ନୂଆ ରୂପ ଦେଇ ଏକ ସୁଖୀ ଓ ସମୃଦ୍ଧ ଓଡ଼ିଶା ଗଢ଼ିବାକୁ ମୁଁ ରାଜ୍ୟବାସୀଙ୍କୁ ବିନମ୍ର ନିବଦେନ କରୁଛି ।" ଏକ ସୁଖୀ ଓ ସମୃଦ୍ଧ ଓଡ଼ିଶା ଗଢ଼ିବାର ସ୍ୱପ୍ନ ଦେଖିଥିବା ମୂଲ୍ୟବୋଧର ମହାନାୟକ ବିନାୟକ ଆଚାର୍ଯ୍ୟଙ୍କ ମୁଖ୍ୟମନ୍ତ୍ରିତ୍ୱର ଅବଧି ଥିଲା ମାତ୍ର ୧୨୩ ଦିନ । ତଥାପି ଏହି ସ୍ୱଳ୍ପକାଳ

ମଧ୍ୟରେ କଂଗ୍ରେସ ଦଳ ଓ ସରକାରଙ୍କ ତରଫରୁ ସ୍ୱୀକୃତ ୨୦ ଦଫା ଓ ୫ ଦଫା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବହୁ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିଥିଲେ । ଦଳିତ ହରିଜନ ଓ ଆଦିବାସୀମାନଙ୍କର ଅର୍ଥନୈତିକ ଉନ୍ନତି ପାଇଁ ସେ ବହୁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ବିନାୟକ ବାବୁଙ୍କ ମତରେ ଭାରତବର୍ଷକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ଶିକ୍ଷା ବା ମାନବ ସମ୍ବଳ ବିଭାଗ ହେଉଛି ଏକମାତ୍ର ବିଭାଗ, ଯାହାଦ୍ୱାରା ଏହା ସମ୍ଭବ ହୋଇପାରିବ । ଏ ଦେଶର ଭାଗ୍ୟ ତାର ଶ୍ରେଣୀ କକ୍ଷମାନଙ୍କରେ ରୂପାୟିତ ହେଉଛି । ସେ କଲେଜ ଶିକ୍ଷକମାନଙ୍କୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନିର୍ଦ୍ଧାରିତ ଦରମା ଲାଗୁ କରିଥିଲେ । ଏଥିପାଇଁ ଓଡ଼ିଶାର ସମଗ୍ର ଶିକ୍ଷକ ସମାଜ ତାଙ୍କ ନିକଟରେ ଚିର ଋଣୀ । ନିରକ୍ଷରତା ଦୂରୀକରଣ, ଗରିବ ଛାତ୍ରମାନଙ୍କ ପାଇଁ ମହାବିଦ୍ୟାଳୟମାନଙ୍କରେ ବୁକ୍ ବ୍ୟାଙ୍କ ପ୍ରତିଷ୍ଠା, ସୁଲଭ ମୂଲ୍ୟରେ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ପୁସ୍ତକ ଯୋଗାଣ ଏବଂ ଗ୍ରାମାଞ୍ଚଳରେ ମହାଜନୀ କାରବାର ବିଲୋପ କରି ସମବାୟ ବ୍ୟାଙ୍କ ଜରିଆରେ କୃଷକମାନଙ୍କୁ ଋଣ ପ୍ରଦାନ ଭଳି ବହୁ ଯୁଗାନ୍ତକାରୀ ଦିଗନ୍ତ ସେ ଉନ୍ମୋଚିତ କରିଥିଲେ । ୧୯୭୭ ମସିହା ଜାନୁୟାରୀ ମାସ ୧୦ ତାରିଖ ଦିନ ଦୈନିକ ପ୍ରଜାତନ୍ତ୍ରରେ ବଡ଼ ବଡ଼ ଅକ୍ଷରରେ ପ୍ରକାଶିତ ହେଲା- "ଶାସକ ନୁହେଁ, ସେବକର ମନୋଭାବ ନେଇ ଓଡ଼ିଶାର ଅବହେଳିତ ଜନତାର ଆଖିରୁ ଲୁହ ପୋଛି ପାରିଲେ ରାଜ୍ୟ ଶାସନ ସାର୍ଥକ ହେବ ।" ଏହା ଥିଲା ମୂଲ୍ୟବୋଧର ଆଚାର୍ଯ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କଟକର ସହିଦ ନଗରରେ ଯୁବ ଜାଗୃତି ଦିବସ ଉପଲକ୍ଷେ ପ୍ରଦତ୍ତ ଭାଷଣ । ଓଡ଼ିଶା ଭଳି ଏକ ବିକାଶୋନ୍ମୁଖୀ ରାଜ୍ୟର ଉନ୍ନତି ଓ ପ୍ରଗତି ପାଇଁ ଅମଲାତନ୍ତ୍ରମାନେ ଉତ୍ସର୍ଗୀକୃତ ମନୋଭାବ ରଖି କାର୍ଯ୍ୟ କରିବା ଦରକାର ବୋଲି ଦୃଢ଼ତାର ସହ ସେ ମତ ରଖିଥିଲେ । ବାସ୍ତବରେ ବିଧାନ ସଭାର ବିଭିନ୍ନ ଅଧିବେଶନରେ ଓ ବିଧାନସଭା ବାହାରେ ବିଭିନ୍ନ ସଭା ସମିତିରେ ବିନାୟକ ବାବୁଙ୍କ ପ୍ରଦତ୍ତ ଭାଷଣ ତାଙ୍କ ନୈତିକ ଦୃଷ୍ଟିକୋଣ ଓ ଗଠନମୂଳକ କାର୍ଯ୍ୟକ୍ରମର ପ୍ରତିବିମ୍ବ ବହନ କରେ ।

୧୯୭୭ ମସିହା ବିଧାନ ସଭା ନିର୍ବାଚନରେ ବିନାୟକ ଆଚାର୍ଯ୍ୟ ବ୍ରହ୍ମପୁର ଓ ଚିକିଟି, ଉଭୟ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଦଳ ତରଫରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ । ତଥାପି ତାଙ୍କ ଜୀବନର ଅଙ୍ଗୀକାରବଦ୍ଧତାକୁ ସେ ତ୍ୟାଗ କରି ନ ଥିଲେ ।

ଶିକ୍ଷା, କୃଷି, ଜଳସେଚନ ଓ ଶ୍ରମିକର ଉନ୍ନତିରେ ହିଁ ଦେଶର ଉନ୍ନତି - ଏହା ତାଙ୍କର ମୂଳମନ୍ତ୍ର ଥିଲା ।

୧୯୮୦ ମସିହାରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ଥିଲା ବିନାୟକ ଆଚାର୍ଯ୍ୟଙ୍କ ରାଜନୈତିକ ଜୀବନର ଶେଷ ନିର୍ବାଚନ । ବିନାୟକ ବାବୁ ସେତେବେଳେ କଂଗ୍ରେସ (ଉର୍ସ) ଦଳର ପ୍ରାର୍ଥୀଭାବେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରି ଇନ୍ଦିରା କଂଗ୍ରେସ ପ୍ରାର୍ଥୀ କୃଷ୍ଣ ଚରଣ ପଟ୍ଟନାୟକଙ୍କ ଦ୍ୱାରା ପୁଣି ପରାଜିତ ହୋଇଥିଲେ ।

୧୯୮୩ ମସିହା ଡିସେମ୍ବର ମାସ ୧୧ ତାରିଖ ଦିନ, ଏହି ମୂଲ୍ୟବୋଧର ଆଚାର୍ଯ୍ୟ, ଆଦର୍ଶ ଜନନାୟକ, ରାଷ୍ଟ୍ରନୀତିଜ୍ଞ ମାତ୍ର ୬୫ ବର୍ଷ ବୟସରେ ସମଗ୍ର ଓଡ଼ିଶାବାସୀଙ୍କୁ ଶୋକସାଗରରେ ଭସାଇ ଦେଇ ଇହଧାମ ପରିତ୍ୟାଗ କରିଥିଲେ । ତାଙ୍କର ତିରୋଧାନରେ ଓଡ଼ିଶା ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା । ବ୍ରହ୍ମପୁର ହରିଡ଼ାଖଣ୍ଡିସ୍ଥ ରତ୍ନପୁର ଶ୍ମଶାନକୁ ବିନାୟକ ବାବୁଙ୍କ ମର ଶରୀରକୁ ନେଲାବେଳେ ତାଙ୍କ ଶବାଧାରର ଅଗ୍ରଭାଗରେ ଥିଲେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜନାକୀ ବଲ୍ଲଭ ପଟ୍ଟନାୟକ, ରାଜ୍ୟ ବିଧାନ ସଭାର ବିରୋଧୀ ଦଳର ନେତା ବିଜୁ ପଟ୍ଟନାୟକ ଏବଂ ହଜାର ହଜାର ଛାତ୍ର, ଶିକ୍ଷକ, ବିନାୟକ ବାବୁଙ୍କ ରାଜନୈତିକ ସହକର୍ମୀ ଓ ସହଯୋଗୀ । ଏହି ଦିବଂଗତ ନେତାଙ୍କ ଜୁଇରେ ଯେତେବେଳେ ଅଗ୍ନି ସଂଯୋଗ କରାଗଲା, ଶ୍ମଶାନଘାଟରେ ଉପସ୍ଥିତ ହଜାର ହଜାର ଜନତାଙ୍କ ମୁହଁରୁ ସ୍ୱତଃପ୍ରବୃତ୍ତଭାବେ ବାହାରି ଆସିଲା 'ବିନାୟକ ମାଷ୍ଟ୍ରେ ଅମର ରହେ, ଅମର ରହେ, ଅମର ରହେ' । ତାଙ୍କର ମହାପ୍ରୟାଣରେ ଏ ରାଜ୍ୟ ଜଣେ ଆଦର୍ଶ ଛାତ୍ରବତ୍ସଳ ଶିକ୍ଷକ, ସଚ୍ଚୋଟ ଗାନ୍ଧିବାଦୀ, ନିଃସ୍ୱାର୍ଥପର ସମାଜସେବୀ, ଧୂରୀଣ ପ୍ରଶାସକ, ପ୍ରଗତିଶୀଳ ଚିନ୍ତାନାୟକ, ମୂଲ୍ୟବୋଧର ମହାନାୟକ, ମାନବବାଦୀ ଏବଂ ଜନପ୍ରିୟ ନେତାଙ୍କୁ ହରାଇଲା । ଆଜିର ବିଶୃଙ୍ଖଳିତ ରାଜନୀତିରେ ମୂଲ୍ୟବୋଧର ଦୃଢ଼ ଅବକ୍ଷୟକୁ ଯଦି ରୋକାଯାଇ ପାରିଥାନ୍ତା, ତା'ହେଲେ ଏହି ଜନନାୟକଙ୍କ ପ୍ରତି ଉପଯୁକ୍ତ ସମ୍ମାନ ମିଳିଥାନ୍ତା ।

ସହକାରୀ ଶିକ୍ଷୟିତ୍ରୀ,
ନ୍ୟାସନେଲ୍ ହାଇସ୍କୁଲ,
ଡୁରା, ଗଞ୍ଜାମ



ପଦ୍ମଶ୍ରୀ ମୋହନ ନାୟକ

ଶ୍ରୀ ସୁରେନ୍ଦ୍ର ପଣ୍ଡା

ବ୍ରହ୍ମପୁର ସହରର ଉତ୍ତର ଦିଗରେ ଧାନମେରା ହରିଜନ ସାହି ଅବସ୍ଥିତ । ସାହିଟି ଅଳିଆ ଆବର୍ଜନାରେ ସର୍ବଦା ପରିପୂର୍ଣ୍ଣ ଥାଏ ଏବଂ ଏଠାରେ ଘୁଷୁରି ପଲ ପଲ ହୋଇ ବିଚରଣ କରୁଥାନ୍ତି । ଏପରି ଏକ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ୧୯୨୧ ମସିହା ଜୁନ୍ ୩ ତାରିଖରେ ପଙ୍କରୁ ପଦ୍ମଭଳି ପିତା ବିଜୁଳି ନାୟକଙ୍କ ଔରସରୁ ଓ ମାତା ଅନ୍ନପୂର୍ଣ୍ଣାଙ୍କ ଗର୍ଭରୁ ଜନ୍ମ ନେଇଥିଲା ଗୋଟିଏ ଯୋଗଜନ୍ମା ଶିଶୁପୁତ୍ର, ଯେକି ପରବର୍ତ୍ତୀ ସମୟରେ ପଦ୍ମଶ୍ରୀ ମୋହନ ନାୟକ ନାମରେ ପରିଚିତ ହୋଇଥିଲେ । ମାତା ପିତା ଉଭୟେ ବ୍ରହ୍ମପୁର ମ୍ୟୁନିସିପାଲିଟିର ଝାଡୁଦାର ରୂପେ କାର୍ଯ୍ୟ କରୁଥିଲେ ।

୧୯୨୮ ମସିହାରେ ଧାନମେରା ସାହିରେ ମ୍ୟୁନିସିପାଲିଟି ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାରୁ ମୋହନ ସେଠାରେ ପ୍ରଥମ ଶ୍ରେଣୀରେ ପାଠପଢ଼ା ଆରମ୍ଭ କରିଥିଲେ । ବ୍ରହ୍ମପୁର ମ୍ୟୁନିସିପାଲିଟି ମଧ୍ୟଇଂରାଜୀ ବିଦ୍ୟାଳୟରେ ପଢ଼ା ସାରି ମୋହନ ଖଲ୍ଲିକୋଟ କଲେଜିଏଟ୍ ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇଲେ । ଏହି ବିଦ୍ୟାଳୟରେ ଅଧ୍ୟୟନରତ ଥିବାବେଳେ ସେ ନିଜକୁ ଜଣେ କୃତୀ, ମେଧାବୀ ଓ ଆଦର୍ଶଛାତ୍ର ରୂପେ ପ୍ରତିପାଦିତ କରିପାରିଥିଲେ । ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ ସକ୍ରିୟ ଭୂମିକା ସହ ସାଂସ୍କୃତିକ କାର୍ଯ୍ୟମାନଙ୍କରେ ଭାଗ ନେଇ ଅସ୍ପୃଶ୍ୟତା ନିବାରଣ ପାଇଁ ଦୃଢ଼ ସ୍ୱର ଉତ୍ତୋଳନ କରୁଥିଲେ । ଜଣେ ଧୀରସ୍ଥିର ଓ ଚରିତ୍ରବାନ ବିଦ୍ୟାର୍ଥୀ ଭାବେ, ସେ ବିଦ୍ୟାଳୟର ସମସ୍ତ ଶିକ୍ଷକମାନଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ । ହରିଜନ ସମସ୍ୟା ଓ ଅସ୍ପୃଶ୍ୟତାକୁ ନେଇ ତାଙ୍କର ଲେଖାଗୁଡ଼ିକ ସେ ସମୟରେ କୃପାସିନ୍ଧୁ ନରେନ୍ଦ୍ରଙ୍କ ଦ୍ୱାରା ସମ୍ପାଦିତ ସାପ୍ତାହିକ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିଲା । ୧୯୭୬ ମସିହାରେ ସେ ତତ୍କାଳୀନ କଂଗ୍ରେସର ଜଣେ ସକ୍ରିୟ ଅଣାକିଆ ସଭ୍ୟ ହୋଇଥିଲେ । ମୋହନଙ୍କୁ କଂଗ୍ରେସର ଜଣେ କର୍ମୀଭାବେ ପାଇ ତଦାନୀନ୍ତନ କଂଗ୍ରେସ ନେତୃବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ।

ଭାରତଛାଡ଼ ଆନ୍ଦୋଳନରେ ସେ ଓତପ୍ରୋତ ଭାବେ ଜଡ଼ିତଥିଲେ । ଏଥିପାଇଁ

୧୯୪୨ ମସିହାରେ ପୋଲିସ୍ ତାଙ୍କୁ ଗିରଫ୍ କରି ବ୍ରହ୍ମପୁର କେନ୍ଦ୍ର ଜେଲ୍‌ରେ ରଖିଥିଲା । ମାର୍ଚ୍ଚ ମାସ ୧୯୪୫ ମସିହା ପର୍ଯ୍ୟନ୍ତ ସେ କାରାବରଣ କରିଥିଲେ । ରାଜ୍ୟରୁ ଅସ୍ପୃଶ୍ୟତା ନିବାରଣ ପାଇଁ ସେ ଆପ୍ରାଣ ଚେଷ୍ଟା କରିଥିଲେ । ଏଥିପାଇଁ ସେ ଡକ୍ଟର ମହାତାବଙ୍କ ସହିତ ଆଲୋଚନା କରି ଏ ଦିଗରେ ତାଙ୍କୁ ଆବଶ୍ୟକୀୟ ସାହାଯ୍ୟ ଦେବାପାଇଁ ଅନୁରୋଧ କରିଥିଲେ । ସେତେବେଳକୁ ଅସ୍ପୃଶ୍ୟତା ନିବାରଣ ଆଇନ ସରକାର ପ୍ରଣୟନ କରିସାରିଥିଲେ । ଏହି ଆଇନ ବଳରେ ବ୍ରହ୍ମପୁର ସହରରେ ପରୀକ୍ଷାମୂଳକ ଭାବେ ହୋଟେଲ୍ ପ୍ରବେଶ ଆନ୍ଦୋଳନ ଚଳାଇବା ପାଇଁ ଡକ୍ଟର ମହାତାବ ତାଙ୍କୁ ପରାମର୍ଶ ଦେଇଥିଲେ । ଫଳରେ ସେ ହରିଜନ ସଂଘର ସଭ୍ୟମାନଙ୍କୁ ନେଇ ବ୍ରହ୍ମପୁର ସହରରେ ହୋଟେଲ୍ ପ୍ରବେଶ ଆନ୍ଦୋଳନ ଆରମ୍ଭ କରିଥିଲେ । ତାଙ୍କର ଆପ୍ରାଣ ଚେଷ୍ଟା ଫଳରେ ରାଜ୍ୟରୁ ଛୁଆଁ ଅଛୁଆଁ ମନୋଭାବ ଲୋକଙ୍କ ମନରୁ ଧୀରେ ଧୀରେ ଉଭେଇ ଗଲା ଏବଂ ହରିଜନମାନେ ହୋଟେଲ୍, ମଠ, ମନ୍ଦିର ଆଦିରେ ପ୍ରବେଶ କଲେ । ହରିଜନ କୁଳର ବିବାହ ପ୍ରସଙ୍ଗ ନେଇ ଯେଉଁସବୁ କୁସଂସ୍କାର ଥିଲା, ସେଗୁଡ଼ିକ ମଧ୍ୟ ତାଙ୍କର ନିରବଚ୍ଛିନ୍ନ ଉଦ୍ୟମ ଦ୍ୱାରା ଲୋପପାଇବାରେ ଲାଗିଲା ।

୧୯୫୧ ମସିହାରେ ଓଡ଼ିଶା ବିଧାନସଭାର ଜଣେ ସଦସ୍ୟ ଭାବେ ମୋହନ ନାୟକ ନିର୍ବାଚିତ ହୋଇଥିଲେ । ପୁଣି ୧୯୫୭ ମସିହାରେ ଗଞ୍ଜାମ ଜିଲ୍ଲା ପାଇଁ ଭାରତ ଲୋକସଭା ସକାଶେ ଗଠିତ ନିର୍ବାଚନ ମଣ୍ଡଳୀରୁ ହରିଜନ ପ୍ରତିନିଧି ଭାବେ ବିପୁଳ ସଂଖ୍ୟାରେ ଭୋଟପାଇ ସେ ନିର୍ବାଚିତ ହୋଇଥିଲେ । ତା'ପରେ ୧୯୬୨ ମସିହାରେ ଅନୁଷ୍ଠିତ ହୋଇଥିବା ସାଧାରଣ ନିର୍ବାଚନରେ ଭଞ୍ଜନଗର ସଂରକ୍ଷିତ ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ବିପୁଳ ଭୋଟପାଇ ଲୋକସଭାକୁ ପୁନର୍ବାର ନିର୍ବାଚିତ ହୋଇଥିଲେ । ୧୯୬୭ ନିର୍ବାଚନରେ, ଗଞ୍ଜାମ ଜିଲ୍ଲାର ଲୋକସଭା ପାଇଁ ଉଦ୍ଦିଷ୍ଟ ସଂରକ୍ଷିତ ସ୍ଥାନ ଉଠିଯିବାରୁ, ମୋହନ ଓଡ଼ିଶା ବିଧାନ ସଭାପାଇଁ ଡୁରା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀଭାବେ ବହୁଅଧିକ ସଂଖ୍ୟକ ଭୋଟପାଇ ନିର୍ବାଚିତ ହୋଇଥିଲେ ।

୧୯୭୪ ମସିହାରେ ଓଡ଼ିଶାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେଲା । ଏହି ନିର୍ବାଚନରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠତା ଲାଭ କରି ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ନେତୃତ୍ୱରେ ସେ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ଏହି ନିର୍ବାଚନରେ ଗୋପାଳପୁରରୁ ନିର୍ବାଚିତ ହୋଇଥିଲେ । ନନ୍ଦିନୀ ଶତପଥୀଙ୍କ ଦ୍ୱାରା ଗଠିତ ମନ୍ତ୍ରୀମଣ୍ଡଳରେ ମୋହନ ନାୟକଙ୍କୁ ପ୍ରଥମେ ଷ୍ଟେଟ୍ ଓ ପରେ କ୍ୟାବିନେଟ୍ ମନ୍ତ୍ରୀ କରାଯାଇଥିଲା । ଗ୍ରାମ ଗୋଷ୍ଠୀ

ଉନ୍ନୟନ, ପଞ୍ଚାୟତରାଜ ଓ ସମାଜ କଲ୍ୟାଣ ବିଭାଗ ତାଙ୍କ ଦାୟିତ୍ୱରେ ରହିଲା । ୧୯୭୬ ମସିହା ଡିସେମ୍ବର ୧୭ ତାରିଖରେ ଏହି ମନ୍ତ୍ରୀମଣ୍ଡଳର ହଠାତ୍ ଅବସାନ ଘଟିଲା । ପରେ ଶ୍ରୀଯୁକ୍ତ ବିନାୟକ ଆଚାର୍ଯ୍ୟଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରୀମଣ୍ଡଳର ପୁନଃଗଠନ କରାଗଲା, ଯେଉଁଥିରେ ମୋହନ ନାୟକଙ୍କୁ ପୁନଶ୍ଚ କ୍ୟାବିନେଟ୍ ପାହ୍ୟା ଦିଆଯାଇ, ତାଙ୍କ ଅଧୀନରେ ଗ୍ରାମଗୋଷ୍ଠୀ ଉନ୍ନୟନ, ପଞ୍ଚାୟତରାଜ, ସମାଜମଙ୍ଗଳ ବିଭାଗ, ନଗର ଉନ୍ନୟନ ଏବଂ ପବ୍ଲିକ୍ ହେଲଥ୍ ବିଭାଗ ଦିଆଯାଇଥିଲା ।

ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୋହନ ନାୟକ ସେବାଧର୍ମକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ । ମନ୍ତ୍ରୀପଦରେ ଅଧିଷ୍ଠିତ ହୋଇ ମଧ୍ୟ ସେ ଥିଲେ ଜଣେ ଉଚ୍ଚମନା, ସଚ୍ଚୋଟ, ମିତବ୍ୟୟୀ, ନିଷ୍ପାପର ଓ ନିଃସ୍ୱାର୍ଥପର ବ୍ୟକ୍ତି । ସେ ଗ୍ରାମଗୋଷ୍ଠୀ ଓ ପଞ୍ଚାୟତରାଜ ବିଭାଗ ମନ୍ତ୍ରୀ ଥିବା ସମୟରେ, ଓଡ଼ିଶାର ଗ୍ରାମପଞ୍ଚାୟତ ଆଇନରେ ଏକ ଉଲ୍ଲେଖନୀୟ ସଂଶୋଧନ କରି, ହରିଜନ ଓ ଆଦିବାସୀମାନଙ୍କ ନାର୍ଯ୍ୟଦାବୀ ପୂରଣ କରିବା ପାଇଁ ଆଇନ ପ୍ରଣୟନ କରିଥିଲେ । ଏହି ସମୟରେ ଗ୍ରାମପଞ୍ଚାୟତରେ ଥିବା ହରିଜନମାନଙ୍କ ପାଇଁ ସଂରକ୍ଷଣ ୱାର୍ଡ ଗଠନ, ଆଇନ ପ୍ରଣୟନ କରାଗଲା ।

ମୋହନ ନାୟକ ନିଜର ଅସୀମ ତ୍ୟାଗ ଓ ଆଦର୍ଶ ସେବା ବଳରେ ଜଣେ ସାମାନ୍ୟ ଝାଡୁଦାରର ପୁତ୍ର ହୋଇ ମଧ୍ୟ ମନ୍ତ୍ରୀତ୍ୱର ସିଂହାସନ ଅଳଙ୍କୃତ କରିପାରିଥିଲେ । ଏହା ସମଗ୍ର ହରିଜନ ଜାତି ପାଇଁ ଏକ ଗର୍ବ ଓ ଗୌରବର ବିଷୟ । ମେହନ୍ତରମାନଙ୍କ ଉନ୍ନତିକଳ୍ପେ ସେ ବହୁକାର୍ଯ୍ୟ କରିଥିଲେ । ୧୯୭୬ ମସିହାରେ ଏହି ମହାନ୍ ଜନସେବକ ମୋହନ ନାୟକ ସ୍ୱଇଚ୍ଛାରେ ରାଜନୀତିରୁ ଓହରି ଆସି ଦେଶରେ ଥିବା ଅନାଥ ଶିଶୁମାନଙ୍କୁ ଉତ୍ତମ ମଣିଷ ରୂପେ ଗଢ଼ିତୋଳିବା ପାଇଁ ବଜ୍ର ଶପଥ ନେଇ, ସମାଜସେବୀ ଡକ୍ଟର ରାଧାନାଥ ରଥଙ୍କ ସଭାପତିତ୍ୱରେ 'ଉତ୍କଳ କେନ୍ଦ୍ରୀୟ ବାଳସେବା ସଂଘ' ନାମକ ଅନୁଷ୍ଠାନ ଗଠନ କରିଥଲେ, ଯାହାର ଉପସଭାପତି ଦାୟିତ୍ୱ ସେ ନିଜେ ବହନ କରିଥିଲେ ।

ହରିଜନ ଓ ଆଦିବାସୀ ଛାତ୍ରମାନଙ୍କ ବିଦ୍ୟାର ଉନ୍ନତି ପାଇଁ ସମାଜସେବୀ ମୋହନ ନାୟକଙ୍କ ଯେଉଁ ସ୍ୱପ୍ନ ଦେଖିଥିଲେ, ତାକୁ ବାସ୍ତବ ରୂପ ଦେବାପାଇଁ ବ୍ରହ୍ମପୁରସ୍ଥ ନିମଖଣ୍ଡିଠାରେ ଏହି ଅନାଥାଶ୍ରମ ପ୍ରତିଷ୍ଠା କରିଥିଲେ । ହରିଜନ ଓ ଆଦିବାସୀ ଛାତ୍ର ଆଶ୍ରମରେ ରହି ମାଟ୍ରିକ୍ ପର୍ଯ୍ୟନ୍ତ ବିଦ୍ୟାର୍ଜନ କରିବାପରେ ବ୍ରହ୍ମପୁର ସହରରେ ରହି କଲେଜ ଶିକ୍ଷା ଯେପରି କରିପାରିବେ, ସେଥିପାଇଁ ବ୍ରହ୍ମପୁରରେ 'ସେବକ ଭବନ'

ନାମକ ଏକ ଗୃହ ଆଶ୍ରମ ତରଫରୁ ନିର୍ମାଣ କରି ତାହା କଲେଜ ଛାତ୍ରାବାସ ଭାବେ ୧୯୮୧ ଠାରୁ ବ୍ୟବହାର ହୋଇଆସୁଛି । ଏହି ଆଶ୍ରମରେ ଶିକ୍ଷାରତ ପ୍ରତ୍ୟେକ ବିଦ୍ୟାର୍ଥୀ ଯେପରି ଉତ୍ତମ ନାଗରିକ ଓ ଧର୍ମପରାୟଣ ହୋଇପାରିବେ, ସେଥିପାଇଁ ଆଶ୍ରମ ତରଫରୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଯାଇଥାଏ । ପରବର୍ତ୍ତୀ କାଳରେ ବିଠଲ ଦାସ ଠକ୍‌କରଙ୍କ ସ୍ମୃତି ରକ୍ଷାର୍ଥେ, ଏହି ଆଶ୍ରମର ନାମ ରଖାଗଲା 'ଠକ୍‌କର ବାପା ଆଶ୍ରମ' । ଏହି ଆଶ୍ରମ ପାଇଁ ସମାଜସେବୀ ମୋହନ ବାବୁ ଛଅ ଏକର ବିଶିଷ୍ଟ ନିଜସ୍ୱ ଭୂସମ୍ପତ୍ତି ଉପରେ, ଏକଲକ୍ଷ ଟଙ୍କା ବ୍ୟୟ କରି ଆଶ୍ରମ ନିର୍ମାଣ କରାଇଥିଲେ । ଅନୁଷ୍ଠାନଟିକୁ ନିଜ କିମ୍ବା ଜେଜେମାଙ୍କ ନାମରେ ନାମିତ କରି ନାହାନ୍ତି, ଯାହା ତାଙ୍କର ମହାନ୍ ବଦାନ୍ୟତାକୁ ସୂଚାଏ । ବିଧାନସଭା ଓ ପାର୍ଲାମେଣ୍ଟର ସଦସ୍ୟଭାବେ ସେ ଯେଉଁ ଦରମା ପାଉଥିଲେ, ମିତବ୍ୟୟତା ଅବଲମ୍ବନ କରି ସେଥିରୁ ଯାହା ଅର୍ଥ ସଞ୍ଚୟ କରୁଥିଲେ, ତାହା ଏହି ଆଶ୍ରମ ପାଣ୍ଠିକୁ ଦାନ କରିଦେଉଥିଲେ । ତାଙ୍କ ବଦାନ୍ୟତାର ଏହା ହେଉଛି ଅନ୍ୟ ଏକ ଜ୍ୱଳନ୍ତ ଉଦାହରଣ ।

ତାଙ୍କଦ୍ୱାରା ପ୍ରତିଷ୍ଠିତ ଏହି ଆଶ୍ରମଟିର ବିଶେଷତ୍ୱ ହେଲା, ଏହା ବୈଦିକ ଯୁଗର ଗୁରୁକୁଳାଶ୍ରମ ଢାଞ୍ଚାରେ ପରିଚାଳିତ । ୧୯୬୯ ମସିହା ଜାନୁଆରୀ ୨୬ ତାରିଖରେ (ମହାତ୍ମାଗାନ୍ଧୀଙ୍କ ଜନ୍ମ-ଶତବାର୍ଷିକ ବର୍ଷରେ) ସେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା 'ପଦ୍ମଶ୍ରୀ' ଉପାଧିରେ ଭୂଷିତ ହୋଇଥିଲେ । ସେ କେବଳ ଯେ ଜଣେ ସମାଜସେବୀ ଥିଲେ ତାହା ନୁହେଁ- ସେ ମଧ୍ୟ ଥିଲେ ଜଣେ ସୁସଂଗଠକ, ସାହିତ୍ୟିକ, ସମାଜସଂସ୍କାରକ, ଶିଶୁବତ୍ସଳ ଓ ହରିଜନ ଆଦିବାସୀଙ୍କ ଶୁଭାନୁଧ୍ୟାୟୀ । ବହୁ ସାମାଜିକ, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ସେ ଓତପ୍ରୋତ ଭାବେ ଜଡ଼ିତ ଥିଲେ ।

ସେ ଏତେଗୁଡ଼ାଏ ସୁଗୁଣର ଅଧିକାରୀ ହୋଇ ମଧ୍ୟ ଅତ୍ୟନ୍ତ ସରଳ, ଅମାୟିକ, ହୃଦୟବାନ ଓ ଦୟାଳୁଭାବେ ସାଧାରଣ ଜୀବନଯାପନ କରୁଥିଲେ । ଅସହାୟ, ଅବହେଳିତ ଓ ନିଷ୍ପେଷିତ ହରିଜନ ଓ ଆଦିବାସୀ ଗୋଷ୍ଠୀର ସମୂହ କଲ୍ୟାଣ ସାଧନ ଓ ଅସ୍ପୃଶ୍ୟତା ନିବାରଣ ପାଇଁ ସେ ଯେଉଁ ତ୍ୟାଗ କରିଥିଲେ, ତାହା ବାସ୍ତବିକ୍ ଅଭିନନ୍ଦନୀୟ ।

Retd. O.F.S. Officer,
Berhampur.

Nandini Satapathy

Dr. Gangalaxmi Patnaik

Nandini Satapathy the great politician is also a celebrated literate. As a sober, serene worshipper of mankind a staunch believer in humanitarian values, a promoter of goodness and godliness, contributed herself to politics and literary activities.

Nandini Satapathy was born on the 9th of June, 1931 at Cuttack, in Orissa. Her father, Kalindi Charan Panigrahy was an idealist, poet and intellectual. Her mother Ratnamani Panigrahy was a deeply religious woman. Her grand-father on the paternal side was the distinguished vakil of Puri, a man of indomitable will and of generosity towards the people. Her grand mother, who inspite of physical frailty did revolutionary work in her old age. She also grew up under the shadow of her paternal uncle, Bhagabati Charan, the first communist leader of Odisha, who steadily formed her personality by his influence. She had the courage, fearlessness and independence of her father (poet) as well as uncle (politician). So Nandini came of 'gentle' kin. As a child Nandini was of a stiff, moody and violent temper. Therefore her mother was always worried about her thinking that she would be remarkable either for good or for evil. She was sent to Ravenshaw collegiate school at Cuttack. Those were the days of the national struggle for freedom and even as a child, Nandini was much influenced by the political revolution of which her home was the centre. As a student she took keen interest in the student movement. She worked enthusiastically during the 1942 movement and made contacts with Indian womenhood; specially in the villages.

Even at this early age, she impressed the people by her devotion, singleness of purpose and organizational ability. As a student she was conscientious, hardworking and intelligent. She became the most popular student with both teachers and students. Being unusually well read, well informed on politics and well equipped for leadership, she contributed a great deal to the cultural programmes of the school. While at Ravenshaw college pursuing her Master of Arts in Oriya, she became involved with the communist party's students' wing, the student federation. In 1951, a student protest movement began in Odisha, it demonstrated against rising college education costs, which later became a national youth movement. Satapathy was a leader in this movement, and a police lathi charge was used against one protest she made. She was jailed; like many others. While there, she met Devendra Satapathy, another student Federation member and the man whom she later married. He was later elected for two terms as the lower house member of Parliament from Dhenkanal. Nandini Satapathy and Devendra Satapathy proved the most aware couple. This couple gave the message to face the reality and to fulfill the responsibilities of marriage. This couple under the myth of "made in heaven" and "made for each other" used marriage knot as a medium to retreat from the bitter realities into a world of comfort. But in the midst of comfort they had no private life of their own. Whatever they did, they did for the sake of the state. Being the champion of peace and the lover of mankind, they loved Odisha very much and followed the guiding principles of Gandhiji. Their vision is same with the American poet, Robert Lee Frost which is expressed in the poem, stopping by woods on a snowy evening, that is mentioned below :

The woods are lovely, dark and deep,
But I have promises to keep,
And miles to go before I sleep,
And miles to go before I sleep.
(Invitation to English – I, 101)

In 1962, the Congress Party was dominant in Odisha, the Odisha Legislative Assembly of 140 members had over 80 from the congress party. At a national level, there was a movement to have more women representatives in the Indian Parliament. The Assembly elected Satapathy (then President of the women's Forum) to the upper house of India's parliament, where she served two terms. After Indira Gandhi became the Prime Minister of India in 1966, Satapathy became a Minister attached to the Prime Minister, with her specific portfolio being the Ministry of Information and Broadcasting. Satapathy returned to Odisha in 1972, due to vacancies caused by Biju Patnaik and others departing from the Congress Party, and became the Chief Minister of Odisha. During the Indian Emergency of 26 June 1975 – 21 March 1977, she imprisoned a number of notable individuals, including Nabakrushna Choudhuri and Rama Devi, however, Odisha had the least number of prominent individuals jailed during the Emergency, and Satapathy otherwise attempted to resist Indira Gandhi's policies during the Emergency. Satapathy left office in December 1976. During the general election in 1977, she was part of a group of protesters led by Jagjivan Ram, which became the congress for Democracy Party. Satapathy returned to the Congress party in 1989 at the request of Rajiv Gandhi. She was elected as a member of the State Legislative Assembly from Gondia and remained in the Assembly until 2000, when she decided to retire from politics, she did not contest the 2000 elections. She was not influential

in and was critical of the Odisha branch of the Congress party. In 1977, Satapathy was accused of corruption and a police investigation started into violations of the prevention of Corruption Act enforce at that time. During the investigation, she was interrogated on a number of questions in written form. She refused to answer any questions, her attorney argued that Article 20 (3) of the Indian constitution protected her against forced self-incrimination. The court agreed, strengthening the rights of the accused with a recognition of the right to a lawyer and the right against self-incrimination, it moreover held that women have the right to be questioned at their homes in the presence of male relatives, have the right to be brought to the police station only after a formal arrest, and have the right to be searched only by other women. Over the next 15 years, Satapathy won all of the cases against her.

Nandini Satapathy is also one of the most esteemed names in the domain of contemporary Oriya Literature. She was awarded Kendra Sahitya Akademi, Odisha Sahitya Akademi, Sahitya Bharati, Prajatantra Prachar Samiti Samman etc. She started writing at an early age of seven. Her first story *Anatha* published in her school magazine. In this story she demonstrates a passionate quest for identity, exhorting the creative energy of the characters that challenge the World. She is an optimist. She considers vanity, hatred, laziness, greed as sins. These are reflected in her short stories *Ketoti Katha*. She has exhorted the readers to follow the path of right conduct. Her anthology of short stories *Sapta Darsi* has dealt with some of the issues like insecurity, jealousy, hatred and vulnerability leading to loneliness. These are the fundamental crisis of the society in all the ages. She has also translated novels. A close study of the translation

work of Satapathy reveals the necessity of translating the novel of other writers in regional languages so that the World may come to know about the rich treasure hidden in the caves of the ocean. She has translated Amrita Pritam's (Punjabi Author of World fame) autobiography which is entitled *Rasidi Ticket* (Revenue Stamp). Satapathy follows the Indian narrative technique, in which incidents generate a chain of incidents gradually winding to climax with all the necessary realistic touches. Pritam's vision of life can be summed up in Pablo Neruda's (critic) words which are also reflected in the life of Satapathy. The lines are as follows in the contents of the book :

My house has two doors – one opens inside towards myself, the other opens outside towards the troubles and tribulations of the people. These doors shall ever remain open.

(Over 300 Great Lives, 153)

The philosophy of Satapathy is synonymous with the vision of Pritam. This translation work has regional flowers having the fragrance of individual identity, universal brotherhood, Karma, deterioration of values etc. It is through this window that she has made the odia readers to peep into others' psyche. Krishna Kripalin's novel relating Gandhi's autobiography is translated as *Gandhi Kathamruto* by Satapathy where she translates the ideology of Gandhiji. It has proved to be the best way of importing others' literature and exporting one's own for reciprocal advancement. Satapathy has translated the novel *Lajja* to Oriya language which is written by Taslima Nasrin, a writer of Bangaladesh. The book was first published in 1993 in the Bengali language and has been translated into Oriya language. Taslima Nasrin, the writer raises her voice against the rulers of Bangladesh who treated the Hindus in their country as a slave race. Satapathy in her translation of the novel *Lajja*

has exposed the hypocritical nature of the politicians who in the name of religion have done much harm to the Hindu minority that impressed the readers. The translation work is a transformation and renovation of emotions into odia language which captivates the odia readers. This is her major literary work in translation. Satapathy's work in the Oriya language has been translated and published into a number of other languages. Aurobindo, a poet and yogi with his own example plays a significant role in the life of Satapathy. Aurobindo's oeuvre stands like a light house showing Satapathy the path towards the spiritual dimension. She is impressed very much by the Hindu legends and myths expressed by Aurobindo especially in her poetry *Savitri*. Satapathy gave a call to all women under the divine inspiration of Bhawani, (The Shakti) to fight against injustice. Thus she has left her stamp of Literature which can never be blotted. This great daughter of Orissa died on 4 August, 2006 at her home in Bhubaneswar. In 2006 a social cause organization, the *Smt. Nadini Satapathy Memorial Trust (SNSMT)* was established in her memory. It is one of the leading organizations of Odisha albeit India. Her younger out of the two sons Tathagata Satapathy is a Biju Janata Dal politician and the editor of a daily newspaper Dharitri. June 9, the birthday of late Smt. Nandini Satapathy has been installed as National Daughters' Day – Nandini Diwas. Nandini and Diwas are two Sanskrit words which mean daughter and day, respectively. Thus, she is the idol of the millions and woman of the women. She is no more in Odisha but her soul is here to love us, guide us, and inspire us. A woman, like Nandini Satapathy is yet to be born in Odisha.

Reader in English
Mahamayee Mahila Mahavidyalaya,
Brahmapur, Ganjam, Odisha.

Pyarimohan Acharya : The Beginning of Historiography in Odisha

Dr. Harihar Panda

After the British occupation of Odisha and its consolidation, a thought was given by the administrators to introduce the history of Odisha to the school students. The politicoadministrative historiography bearing the Raj-syndrome had already been attempted by William Wilson Hunter, John Beams, Andrew Stirling and George Toynbee. Their works belonged to Orienalist- Colonialist category. The Nationalist historiography in India emerged as a reaction to the colonial historiography whose protagonists were James Mill, Vincent Arthur Smith and many others. The echo of the Nationalists' attack on the colonialists (so far as the writing of history was concerned) was heard in Odisha too. Although Pyarimohan Acharya, Pandit Krupasindhu Mishra, Jagabandhu Singh, Pandit Nilakantha Das and Birupakshya Kar were not professional historians and had no training on historial research but their writings reflected nationalism. They tried to reflect different aspects of Odisha history and pioneered historical research in Odisha in the 19th century. The scope of this paper has been limited to discuss the role of Pyarimohan Acharya in reconstructing the history of Odisha.

The life of Pyarimohan Acharya[1] was full of dedication for the glorification of Odishan history and culture. He was born on 5 August 1851 in the Kuanpala village under Mahanga Police Station of undivided Cuttack District. He completed his primary school education in his village Pathasala. He came to Cuttack at the age of twelve and passed matriculation from Cuttack Zilla School (Present Ravenshaw Collegiate School). His creative talent was reflected through the magazine, 'Utkala Putra' where he wrote mostly on Odishan history and culture. In 1869 he joined Cuttack College (later on Ravenshaw College) for the F.A. Degree. There he came in contact with Madhusudan Rao, a celebrated poet. Both of them wrote a number of articles and translated many English books into Odia. One of his articles titled 'Darkhast-i-Jutian' (prayer of the shoes) exposed the British apathy for the development of the condition of road in the Cuttack town which gave a jolt to the administrators of the town. This not only exposed the intellectual ability of Pyarimohan but perturbed the British Government and as a result, he had to leave his college study. While reading in Cuttack college, he came in contact with professor Haranath Bhattacharya, a Brahmo Samajist. he joined the Brahmo Samaj with his friend Madhusudan Rao and devoted his heart and soul for the propagation of the ideals of the Brahma Samaj in Odisha.

After leaving college, in 1875 Pyarimohan joined a private school at Cuttack as a teacher. Serving for a short period in that school, he joined in Damapara palace as a private tutor and lateron became Manager of the palace when Fakir Mohan Senapati relinquished that post. Whatever money he had earned from this assignment were spent for the management of a school named 'Katak

Academy'which, after his death, was renamed as 'Pyarimohan Academy'. Towards the later part of the 19th Century, Pyarimohan raised his voice in favour of the Odia language and wanted the amalgamation of Odia-speaking tracts. His constant endeavour through the 'Utkal Putra' for the formation of Odisha as a separate province immortalized him in the mind of the Odia people. In 1881 at a very tender year of thirty, he was snatched away by the cold hands of destiny.

Pyarimohan's 'Odishara Itihasa'[2] (History of Odisha) was a landmark in the field of Odishan historiography. It was written when Odia language was suffering from identity crisis and Odias were fighting thooth and nail with the Bengali elites like Rajendralal Mitra and Kantilal Bhattacharya. Pyarimohan took up the challange and wrote 'Odishara Itihasa' in 1875 which galvanized Odia nationalism. In 1875, the Joint Inspector of School in-charge of Odisha gave an advertisement for writing the history of Odisha which was to be used as a text book for different schools in Odisha. Pyarimohan burnt midnight oil to accomplish this noble task. After approval of his manuscript, the book titled 'Odishara Itihasa' was published in 1879. He was awarded Rupees 300 only for that book which was introduced in schools as a text book.

Pyarimohan Acharya was a pioneer in scripting the history of Odisha. He belonged to the school of Leopold Von Ranke and follwed the principle of discerning 'Dry Truth' after making a comparative analysis of source matenials. He took into account the works of Hunter, Stirling, R.L. Mitra and other celebrities including the Muslim accounts, journals of the Asiatic Society of Bengal; literary texts in Sanskrit, Bengali and Odia and many document from the Commissioner's Office[3]. He took the

help of Rangalal Bandopadhyaya regarding the reading of copper plates concerning the history of Odisha. He also took the help of 'Madala Panji' for the reconstrution of the history of Odisha. Ofcourse, he did not accept 'Madala Panji' in toto for discerning historical truth[4].

'Odishara Itihasa' was divided into 8 chapters. Through these chapters the political history, historical geography, people, religion education, culture etc. of Odisha have been described by Pyarimohan. In chapter-I of the book, the historical geography of Odisha has been described by him minutely. It lied between Kansabansa and Hoogly rivers in the north and Godavari river and Karnataka in the south. It stretched between the Bay of Bengal in the east and Kalahandi (Bastara) in the west. Since during that period Ganjam was included in the Madras Presidency and Sambalpur in the Central Province, he humbly submitted his lapses for not including the history of those regions[5].

In that chapter, Pyarimohan also gives the description of the political condition of Odisha which was divided into Garjat and Mughal bandi ruled by the native feudatoy rulers and the British, respectively. Thee districts, *viz*, Baesore, Cuttack and Puri were ruled by the British. He has vividly mentioned about Cuttack, Puri, Balasore, jaipur, Chouduar, Pipili, Jaleswar etc. He had also given a vivid description about the rivers like Mahanadi, Brahmani, Vaitarani, Salandi, Kansabansa, Suvarnarekha, Budhabalanga, etc. He has also described about the lakes like Chilka and Sar; mountains like Meghasani, Amojari, Gandhamardana, Malayagiri, Kapilasha; Ports like False point, Balasore, Chandbali, Dhamara, Sarathi, Machhgaon, etc; resources from mine like coal mine at Talcher, gold mine at Keonjhar, iron mine at various places

etc.; brass utensils, variety of silk and tussar sarees, etc.[6] In this chapter, he also describes about various types of people of Odisha consisting of tribals like Santala, Kolha, Juang; Brahmins, Khandayats, Muslims, Christians, etc.

'The ancient history of Odisha forms the theme of chapter-II of 'Odishara Itihasa'. He states that before the coming of the Aryans, Odisha was known as 'Odra'[7] as has been described in the 'Mahabharata' and 'Manusamhita'. After the coming of the Gupta dynasty to Odisha, Brahmins and other castes came to Odisha. He rejected the description of 'Madala Panji' which states that even some kings ruled over the country for 700 years[8]. He states that Aira Kharavela ruled over Odisha in the 4th Century B.C. and Asoka, in the 3rd Century B.C. Asoka was the follower of Buddhism.

Pyarimohan refers to the maritime trade of Odisha with Java, Bali and other oversea countries. He has also stated that by defeating the Yavanas, Yayati of the Somavamsi dynasty reestablished the kingdom in Odisha[9]. During the period of Janamejaya, the Buddhists accepted Jagannath as their God[10]. He has also stated that Buddhism declined in Odisha from the 2nd Century A.D. He rejects the view of Hunter who describes Greek invasion of Odisha and its impact on Odishan culture.

In chapter-III of 'Odishara Itihasa', Pyarimohan describes that Yayati Keshari removed Buddhism as the religion of the state and built Jagannath temple at Puri. He not only patronised Vaishnavism but also popularized Saivism. During his time both Jaipur and Bhubaneswar were used as the capital of Odisha. He was instrumental in keeping Ganesha, Kartikeya and Bhagavati (Durga) as the 'Parsvadevata' of the Lingaraj temple[11]. Secular images of sages, soldiers, horses etc. were also found in

the walls of the Lingaraj temple. He also describes about Hiuen Tsang, the Chinese wanderer who had described about the good administration of Odisha during his visit. Pyarimohan mentions that in the 10th Century A.D., Cuttack remained as the capital of the Somavamsis.

'Rule of the Ganga dynasty' forms the fourth chapter of this book. He states that Chodagangadeva had conquered Odisha in 1132 A.D. After him other rulers of the dynasty ruled. During their rule, Odishan empire extended from the river bank of the Ganges to Godavari. He describes about Anangabhimadeva who started his rule in 1175 A.D. and he did expiation for killing of a Brahmin[12]. During his reign, titles like 'Patajoshi', 'Badapanda', 'Mangaraja', 'Pattnaik', 'Mahapatra', etc. were created. He also mentions about the construction of the Konark temple during the period of Langula Narasinghadeva. The last king of this dynasty was Netrabasadeva who had no children. He adopted Kapila Samantaraya as his son who ascended the throne in 1452 A.D. After him ruled his son Purusottamadeva who was the hero of Kanchi-Kaveri legend. Prataparudradeva succeeded him to the throne and during his reign, Krishnadevaraya from the South invaded and devasted the kingdom. The great saint Srichaitanya came to Puri during his reign[13]. During this period a province was named as 'Dandapat' and officers like 'Choudhuri', 'Khandapati' (Bisoyi), etc. were serving under the king. During Prataparudra's time Odia language flourished and medieval saints like Jagannath Das, Balaram Das and other celebrities enriched Odia literature.

Chapter-V of this history book has been captioned as 'Loss of freedom of Odisha'. Govinda Vidyadhara ascended the throne in 1534 A.D. and after him Danei Vidyadhar, Narasimha Jena and at last Telenga Mukunda

ruled over Odisha. Mukundadeva built 'Triveni Ghat' and a temple at Hoogly. He built Nine-storeyed palace at Barabati in Cuttack. He was killed near Jajpur by the Muslim General Kalapahara who took the images of Balabhadra, Subhadra and Jgagannath from the temple and burnt at Hatipadar. Besara Mohanty rescued the 'Brahma' and reestablished the images inside the Jagannath Temple at Puri by the help of the king of Kujanga. He has analysed that internal factions and infighting became the main cause for the decline of medieval Odisha.

'Muslim Administration forms the theme of Chapter-VI. Pyarimohan describes that after the death of Mukundadeva, Odisha was occupied by Sulaiman Karrani in 1568 A.D. In 1575 A.D. Todarmal debeated Daud, the son of Sulaiman and started a new land revenue system named 'Bandobast'. During the Mughal rule, names were changed from 'Dandapat' to 'Sarkar', from 'Khanda' to 'Pragana', from 'Grama' to 'Mauja' and from 'Bhuinmula' to 'Kanungo'. He also describes about Odisha under Jahangir, Shahjahan and Aurengzeb. After that the Bengal rulers like Sujauddin, Muhammad Taqi Khan and Murshidquli Khan had their sway over Odisha. During the Muslim rule new land grants were created for Paik, Washermen, Barbar, Sweeper and endowments were made for 'Pirs'.

Chapter-VII of the book throws light on the Maratha administration. He states about the rule of Maratha Governors like Sheo Bhatt Santara (Sathe), Chimansu, Sambhaji Ganesh and others. The Maratha exploitation to the people of Odisha has been thoroughly discussed in this chapter. The welfare projects of the Marathas like renovation of Kathjodi Dam, Barabati Palace, building of

bridges and digging of ponds, etc. have been vividly described in this chapter including the celebrated poet 'Abhimanyu Samanta Singhara'.

The last chapater of the book has been captioned as the 'British Administration'. The British came via Manikpatna and occupied Cuttack in 1803. The Paik rebellion of 1804, imprisonment of Mukundadeva, revolt of Buxi Jagabandhu in 1817, administration of Puri Jagannath Temple... have also been described in this chapter[14]. The revenue administration, education, Great Famine of 1866 etc. have been described in this chapter. The book was attached with appendices which included the Odia translation of the 'Hatigumpha inscription', 'Rock Edict-XI' of Asoka and 'Chronology and Genealogy of the kings of Odisha'.

All his contemporaries trailed behind Pyarimohan in compiling the historical facts with rare objectivity. After going through his 'Odishara Itihasa', a critical analysis can be made in the following way –

1. Pyarimohan's 'Odishara Itihasa' is the first text book on Odishan history. Here the flow of historical facts from ancient period to modern period has been constantly maintained. In the absence of adequate historical source, he was able to write this book which shows his perseverance and efforts as a Nationalist historian.
2. Historical geography is a vital part of history which acquaints readers about a land, its rivers, mountains, people, etc. which have been very ably projected by Pyarimohan in the very first chapter of his book. With rare objectivity, he had accomplished this task which acquainted the readers about Odisha.
3. The duty of a historian is to discern 'dry truth'. Pyarimohan has reflected it in his writing. He has never

accepted the account of 'Madala Panji' which states about the rule of a king upto 700 years. Similarly, he has rejected Hunter's narration on the Greek invasion of Odisha and its impact on Odishan Culture. Similarly, his view on the 'Karanas' in Odishan society projects his unbiased attitude in presenting facts. He has dispassionately discussed about Odishan society which had made his book unique.

4. A historian should possess an analytical bent of mind which was found in Pyarimohan's writings. He observes that the Ganga (Gajapati period included although not mentioned separately) rule in Odisha was the period of military glory at its zenith. The rulers were not only brave but also benevolent. Their feudatories defended the empire quite strongly fighting against the invaders. Pyarimohan was critical of the Maratha rule that brought stagnation in Odisha's progress which was galvanized during the British rule. He reflects through his writings that Odishan history presented a picture of constant development. During that period peope were happy what they had not experienced during the Maratha rule, observes Pyarimohan which is absolutely true.

5. The flows in the 'Odishara Itihasa' are many. Pyarimohan could not well discern the chronolgy of Odishan history. Placing Asoka after Kharavela, Hiuen Tsang's visit during the Somavamsi period, not separating the Ganga dynasty from the Suryavamsi dynasty (rulers of the Ganga and Suryavamsi Gajapatis are taken under one dynasty - the Ganga dynasty), etc. are some of the flaws of his book.

Be that as it may, Pyarimohan's 'Odishara Itihasa' was the first history book on Odisha. It presented a well documented history of our state. Although many of the historical conclusions of this book were erroneous but it

served a good cause for acquainting the readers with a flawless history of Odisha. This book injected new vim and vitality into the nerves of the leaders of Odia language movement who were dreaming for the creation of a separate province for the Odias. Although scientific research on Odishan history has brought many new facts into lime light but its basic fabric, as prepared by Pyarimohan Acharya in an age where there was no research facility like today, has remained unchanged. That is why Pyarimohan Acharya deserves commendation as a historian from posterity.

Professor & Head,
Dept. of History,
National Defence Academy, Pune.

References :

1. Biography of Pyarimohan Acharya in Sk. Matlub Ali (ed) Pyrimohan Acharya's 'Odisara Itihasa', Cuttack, 1991.
2. Pyarimohan Acharya's 'Odishara Itihasa' was first published in 1879. Its 2nd Edn. was published by Biswanath Kar in 1925. In 1991 its 3rd Edn. was published being edited by Sk. Matlub Ali who gave a biographical sketch of Pyarimohan. The reprint of the book has been made in 2001.
3. Pyarimohan Acharya, Ibid, 1st Edn., Preface.
4. Ibid., (5) Ibid.
6. Sk. Matlub Ali (ed), Op.Cit, pp. 12-16.
7. Ibid., pp. 23-24. (8) Ibid., p. 30. (9) Ibid., p. 47.
10. Ibid., p. 60. (11) Ibid., pp. 65-67. (12) Ibid., p. 83.
13. Ibid., p. 100. (14) Ibid., pp. 159-163.



Padmashree Satya Narayan Rajguru
The Front-Ranking Historian of Odisha

Prof. Bhagabana Sahu

Padmashree Dr. Satya Narayan Rajguru occupies a special place among historians of Orissa. He was a renowned epigraphist, a very keen researcher, a freelance writer, a popular playwright, a true patriot and a historian of international repute. His long involvement, dedication and original contributions to the Orissan historiography are immense and profound.

Humble attempt has been made in this paper to discuss the contributions of Dr. Rajguru to Orissan Historiography.

He was fortunate enough to be the child of the Oriya movement. He was born in 1903- the year of the formation of the Utkal Sammilani. His birth during such an opportune moment of history can be taken as an event ordained by God.

He had a very distinguished ancestry marked by the tradition of mysticism and learning. He was the son of Harikrishna Rajguru and grandson of Madhusudan Rajguru who served as the Rajgurus (Royal preceptors) of the successive Maharajas of Paralakhemundi. His father-in-law Bhikari Mishra was a famous Head Master of Manjusa High School. His maternal grandfather Sashibhusan Rath was a veteran journalist and justice Abhimanyu Mishra, Ex-Vice Chancellor of Berhampur University was his brother-in-law. He was also a born

companion of Maharaja Krishna Chandra Gajapati, one of the prime architects of new Orissa province. It was therefore obvious on his part to be greatly influenced and inspired by them all.

He had his school education at Municipal Primary School, Maharaja's Boys High School, Paralakhemundi and passed Shastri Examination in Sanskrit as a private student. Althogh he did not acquire any educational degree from any University, he proved that, for undertaking research work a degree is not necessary rather a distinctive aptitude and techniques of research is essential. One must also be expert in the language like Sanskrit, Prakrit or Brahmi or in the art of archaeology. For this purpose he was in search of a teacher and finally he found that teaching quality in Professor G. Rammurty, a famous historian and retired Professor of History of Andhra. Under his guidance, Rajguru learnt the art of epigraphy and paleography. In his autobiography Rajguru writes, "By the age of 20, I was well trained in the art of epigraphy. This tempted me to travel to different places of Orissa to discover and decipher the inscriptions and Copper Plate Grants".

His literary talent was exhibited at a very early age. He composed a number of historical dramas like 'Kharavela', 'Ranachanda', 'Karnatakumari' and 'Kalinga-Vijaya'. For this purpose he collected a lot of source materials from Palace Library, Paralakhemundi; College Library and the Conmera Library. In his first historical play 'Kharavela' he describes the agony of the Oriyas under a fragmented Orissa state and creates a strong sense of patriotism in Orissa. His other historical play 'Karnata Kumari' which aroused Oriya nationalism in the then

Paralakhemundi Zamindari to such an extent that, it led to Oriya-Telugu conflict and preparation of a Telugu film known as 'Timmaraju' to challenge it.

Discovery, interpretation and collection of copper plate grants, inscriptions was the mission of his life. He travelled to different parts of Orissa to study copper plate grants and unravelled the historical truth aided by proper examination. He contributed a number of research papers on his discoveries to the well known research journals of India and abroad. He explored a number of inscriptions found on the temple walls of Sreekurmam, Draksharam, Simachalam and Mukhalingam which are now in Andhra Pradesh. The publication of such a study not only rectified the historical blunders committed by the archaologists and historians, but also revealed the new facts and truth. Though he was less qualified (not even completed matriculation examination) and much younger in age than Professor G. Subba Rao of Rajmahendir College, he boldly and fearlessly challanged his opinion who attempted to prove that the original birth place of the Brahmins was in Bengal but not in Kalinga. His discovery of Chidivalasa Copper Plate falsified the statement of G. Subbạ Rao, Dr. Rajguru proved that, the Brahmins of Chidivalasa village belonged to Kalinga Brahmin Caste. Because of this discovery, the Andhra Brahmin Mahasabha honoured him with the award of Bharati Bhusan.

Another significant achievement of Dr. Rajguru was the discovery of copper plate grant from Khorasanda village near Paralakhemundi. This discovery brought to light the historicity of Mathara dynasty which he published in Bihar and Orissa research jorunal.

The Oriya Movement in South Orissa received a great impetus after visit of Philip-Duff Enquiry Committee in 1924. From that day onwards till the formation of the separate Orissa province, in 1936, Dr. Rajgru worked hand in gloves with maharaja K.C. Gajapati for the unification of the Oriya-speaking areas. Maharaja K.C. Gajapati entrusted him to prepare the maps, memorandums, reports and historical data to submit the same to the different committees and commissions that were set up to enquire into the problems of the Oriyas. It is heartened to note that he prepared a memorandum in a befitting manner and put forth his strong arguments before Dr. Pannikar- the Chariman of the states Reorganisation Commission. It is only because of Dr. Rajguru's memorandum the Southern Boundary of new Orissa province remained intact.

As eye-witness of many events of Oriya movement and with easy access to the different courts of the Rajas and government officers, he had ample opportunity of knowing the accurate details of the Oriya movement. He contributed a large number of research based articles to different newspapers and journals and created a strong public opinion in favour of the unification of all the Oriya-speaking areas. No other historian gives so detailed account of Oriya movement as Dr. Rajguru. It seems, the movement for the amalgamation of all the Oriya-speaking areas was the mission of his life.

In 1947 Dr. Rajguru was appointed as the Research Officer under the Maharaja of Kalahandi at Bhawanipatna. There he was entrusted with the work of editing the Kalinga Historical Research Journal. During his office at Bhawanipatna, he composed the 'Naga Itihas' in Oriya.

From 1950, a new phase was started in the life of Dr. Rajguru. In the same year he joined as the Epigraphist Curator of Orissa state Museum. After hard labour of 5 years, he published the inscriptions of Orissa in 5 volumes.

His first historical work *The Gangas of Kalinga* (2 vols.) came to limelight in 1932. His monumental work History of the Gangas (2 vols.) is a pioneering one and more scientific and well organized than the Gangas of Kalinga. He divided his first volume into six chapters. Chapter-I deals with the legends and mythological accounts about the Ganga Kings. Chapter-II narrates the accounts of the Greek writers. Chapter-III highlights the political condition of Kalinga. Epigraphical records of the Gangas of Kalinganagar are discussed in Chapter-IV. Chapter-V is devoted to Gangas of Swetaka. Chapter-VI contains the cream of the work. It narrates the historical account of the Gangas from 7th to 10th century A.D. The book also contains a Bibliography.

The 2nd volume of the work was published in 1972. It was arranged in three chapters which deal with the imperial branch of the Ganga dynasty, Gangas of Khemundi and the History of Paralakhemundi. The book is scholarly and well documented. For the first time, the Gangas of Khemundi were brought to light by Dr. Rajguru.

Regarding the merit of the book T.K. Venkataramana, Retired Professor of History, Madras University, Writes :

The author Sri Satyanarayan Rajguru may be congratulated for the laborious and scholarly work he has done in writing this 'History of the Gangas' in two parts. The idea of compiling a comprehensive history of the

Gangas of Kalinga on modern lines appeared when Prof. R. Subba Rao of Rajahmundry wrote an account of the history of the Eastern Gangas of Kalinga in Journal of Andhra Historical Research Society, Vol- V-VIII. Although he tried to correct some mistakes appearing in the history of the Gangas written by old scholars like Rajendra Lal Mitra, Sir W.W. Hunter, M.M. Chakravarthy and R.D. Banerji, who wrote on the history of Orissa and that of the Gangas, he could not succeed much in correcting the defective readings of many Ganga Inscriptions found in the temples of Mukhalingam, Srikurmam, Simachalam, Drakharam and Nilakanthe-swara. The present work throws some new light on the history of Orissa where the Gangas have played an important role.

The most remarkable portion of this work is the second part, where the author has brought to light some new facts relating to the Ganga Kings of Khemundi in general and Paralakhemundi in particular. He has also done well by ending the book with a note on the life of the present Maharaja of Paralakhemundi, who is solely responsible for the creation of the Orissa State, according to the author. The author has made a meritorious contribution to the history of the Gangas.

Dr. Rajguru made original study on medieval inscriptions of Orissa and several motive inscriptions found at Simachalam and Puri. He finally decided the date of beginning of the Bhouma era and the Gangas era. His another significant work *Invocatory Verses from Inscriptions* (2 vols.) fetched for him the highest award Padmashree which was presented by the then President of India Sri V.V.Giri in 1974.

For his outstanding contributions to the realm of

literature and history, Berhampur University conferred on him the prestigious D.Litt. Degree in 1975. He also received the following honours and awards in his lifetime.

1. Utkal Sahitya Samaj Prize in 1930.
2. Felicitated by the Andhra Pradesh History Congress in 1950.
3. Felicitated by the Orissa History Congress in 1980.
4. Felicitated by Pragati Utkala Sangha of Rourkela in 1986.
5. Awarded "Sarala Puraskar" in 1996.
6. Awarded "Kendriya Sahitya" Academy Prize in 1996.
7. Awarded "Utkala Ratna" by Utkala Sahitya Samaj in 1996.

His Oriya book *Odisara Itihasa* is an encyclopedia of the history and culture of Orissa. It contains the research articles like The Rock Shelter of the Pre-historic Man in Orissa, Pre-historic Culture of Orissa. The First Rice Growers of India, Jainism in Orissa before Mahavira and so on.

After retirement from the Orissa State Museum as Curator of Epigraphy, Dr. Rajguru was awarded a fellowship by Sri Jagannath Sanskrit University at Puri to decipher the motive inscriptions found in the jagannath Temple at Puri and the adjoining monuments. Due to the deplastering of the Jagannath Temple, a number of motive and other inscriptions came to limelight. Their contents provide new information with regard to the construction of the temple, the land grants for its maintenance and the rituals. His most famous work *Inscriptions of the Temples of Puri and Origin of Lord Sri Purushottama Jagannath* (2

vols.) was the outcome of his experience as the Research Fellow of Jagannath Sanskrit University. It throws a flood of new light on the history and culture of Orissa.

His autobiography *Mo Jeevana Sangram* presents an eyewitness account of Orissa from 1920 to 1995 in great details. His style of writing is very simple. His literary presentations were free from linguistic jargon. He was very laborious and hardworking. He was a voracious reader. No other scholar remained so busy in writing research books or papers for such a long time as Dr. Rajguru. People called him a bookworm.

He was undoubtedly one of the greatest historians of Orissa. His contributions to the Orissan historiography are immense and significant from both qualitative and quantitative points of veiw.

Professor of History,
Berhampur University,
Berhampur (Odisha).



ଶତାବ୍ଦୀର ସ୍ୱର ଓ ସ୍ୱାକ୍ଷର-ପଦ୍ମଶ୍ରୀ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ଡଃ. କାର୍ତ୍ତିକ ଚନ୍ଦ୍ର ରାଉତ

ଅବଲୁପ୍ତ ସମୟର ଅବବାହିକାରୁ ଅବ୍ୟବସ୍ଥା ଭିତରେ ବିକ୍ଷିପ୍ତ ହୋଇ ପଡ଼ିଥିବା ପ୍ରତ୍ନତତ୍ତ୍ୱ ବିଭବର ସୂକ୍ଷ୍ମକଣାକୁ ସଂଗ୍ରହ କରି ଯେଉଁ ଐତିହାସିକ ଭୁବନେଶ୍ୱରର ପ୍ରତ୍ନତାତ୍ତ୍ୱିକ ଇତିହାସ ଗଢ଼ିଛନ୍ତି- ସେ ହେଉଛନ୍ତି ମୟୂରଭଞ୍ଜର ଖିଚିଙ୍ଗ ନିବାସୀ ପଦ୍ମଶ୍ରୀ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ । ତାଙ୍କର ଆପ୍ରାଣ ଚେଷ୍ଟା, ଗବେଷଣାମନସ୍କ ପ୍ରବଣତା, ଅପ୍ରତିହତ ସାଧନା ଓ ଚରମ ନିଷ୍ଠାପରତା ଆଜି ଓଡ଼ିଶା ଓ ସମଗ୍ର ଭାରତବର୍ଷର ପ୍ରତ୍ନତତ୍ତ୍ୱ ଦୁନିଆରେ ତାଙ୍କୁ ଏକ ବିଶିଷ୍ଟ ଆସନ ପ୍ରଦାନ କରିଛି । ଓଡ଼ିଶାର ସାହିତ୍ୟ ଓ ଇତିହାସ ଜଗତରେ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ହେଉଛନ୍ତି ଏକ ଅବିନଶ୍ୱର ବ୍ୟକ୍ତିତ୍ୱ ।

ଜନ୍ମଜାତକ ଓ ଶିକ୍ଷା :-

ଏହି ଶତାବ୍ଦୀ ପୁରୁଷ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜର ଖିଚିଙ୍ଗଠାରେ ଭୂମିଷ୍ଠ ହୋଇଥିଲେ । ଏକଦା ଏହି ଖିଚିଙ୍ଗ୍ ଥିଲା ମୟୂରଭଞ୍ଜ ରାଜ୍ୟର ପ୍ରାଣକେନ୍ଦ୍ର, ରାଜଧାନୀ । ପୁରାତନ ନାମ ଥିଲା ଖିଚିଙ୍ଗକୋଟା । କୃଷ୍ଣଚନ୍ଦ୍ର ବାବୁଙ୍କର ଜନ୍ମ ହୋଇଥିଲା ମାର୍ଗଶୀର ମାସ ଡିସେମ୍ବର ୧୯୦୯ ମସିହାରେ । ପିତାମାତାଙ୍କର ପରିଚୟ- ସାଗର ପାଣିଗ୍ରାହୀ ଓ ମାତା ସରସ୍ୱତୀ ଦେବୀ ।

ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କର ଜୀବନ ଇତିହାସ ଥିଲା ବନ୍ଧୁର ଓ ଏକ କଙ୍କରିଳ ରାସ୍ତା । ପିତା ଥିଲେ ମନ୍ଦିରର ଏକ ପୂଜକ । ପ୍ରାଚୁର୍ଯ୍ୟ ତ ଥିଲା ଏକ ସ୍ୱପ୍ନ । ଦାରିଦ୍ର୍ୟର କଷାଘାତରେ ଜର୍ଜ୍ଜରିତ ହୋଇ ସେ ଗଢ଼ିଲେ ତାଙ୍କର ଜୀବନ ଓ ଓଡ଼ିଶାର ଇତିହାସ ଏବଂ ଏହି କ୍ରମରେ ଓଡ଼ିଶାର ପ୍ରତ୍ନତାତ୍ତ୍ୱିକ ବିଭବର ସେ ହେଲେ ପ୍ରାଣ ବିମ୍ବ । ମୟୂରଭଞ୍ଜର ନିଘଞ୍ଚ ବନାନୀ, ଶସ୍ୟଶ୍ୟାମଳା ମାଟି ଓ ବୟସହୀନ ଖଇରୀ ଭଣ୍ଡନ ନଦୀର ଅବବାହିକା ଓ ଉପତ୍ୟକାରେ ସେ ତାଙ୍କର ବାଲ୍ୟଜୀବନ ବିତାଇଲେ । ଚଗୁଆଁରୁ ପ୍ରାଥମିକ ଶିକ୍ଷା ଓ କରଞ୍ଜିଆରୁ ମଧ୍ୟଇଂରାଜୀ ପାଶ୍ କରିବା ପରେ ବାରିପଦାର ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇଲେ । ବିଦ୍ୟାଳୟର ଫ୍ରେଜର୍ ହଷ୍ଟେଲ୍‌ରେ

ସେ ରହୁଥିଲେ ଏବଂ ମାସକୁ ୨୦ ଟଙ୍କା ବୃତ୍ତି ପାଉଥିଲେ । ଖିଚିଙ୍ଗଠାରୁ ବାରିପଦା ପ୍ରାୟ ୮୫ ମାଇଲ ଦୂର । ପିଠିରେ ଲଦି ଓ ଅନ୍ୟାନ୍ୟ ଜିନିଷପତ୍ରର ବୋଝ ବୋହି ସେ ଅରଣ୍ୟବେଷ୍ଟିତ ରାସ୍ତାରେ ଚାଲି ଚାଲି ବାରିପଦା ଆସୁଥିଲେ, ଯେଉଁଥିପାଇଁ ତାଙ୍କୁ ପ୍ରାୟ ତିନିଚାରି ଦିନ ସମୟ ଲାଗିଯାଇଥିଲା । ଶିକ୍ଷାର ଅନ୍ୱେଷଣ କେତେ କଠୋର । ତଥାପି କୃଷ୍ଣଚନ୍ଦ୍ର ତାହା ସହି ନେଲେ । ୧୯୩୧ରେ ସେ ମେଟ୍ରିକ୍ ପାଶ୍ କରିବା ପରେ ରେଭେନ୍‌ସା କଲେଜରୁ ଆଇ.ଏ. ଓ ବି.ଏ., ଅନର୍ସ ୧୯୩୫ରେ ଉତ୍ତୀର୍ଣ୍ଣ ହେଲେ । ତା'ପରେ କଲିକତାରୁ ୧୯୩୭ ମସିହାରେ ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲେ । ତାଙ୍କର ଉଚ୍ଚ ଶିକ୍ଷା ନିମନ୍ତେ ଯାହା ବି ଅର୍ଥ ବ୍ୟୟ ହେଲା, ସେ ସବୁ ବହନ କଲେ ମୟୂରଭଞ୍ଜର ତଦାନୀନ୍ତନ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ । ତେଣୁ ପ୍ରତାପ ଚନ୍ଦ୍ର ଭଞ୍ଜ ହିଁ ହେଲେ ତାଙ୍କରି ଜୀବନର ପଥପ୍ରଦର୍ଶକ ଓ ଭବିଷ୍ୟତର ଆଲୋକବର୍ତ୍ତିକା । ଜୀବନର ଦୁର୍ଦ୍ଦିନରେ ଯିଏ ଅନ୍ୟ ଜଣକୁ ଦ୍ୱିଧାହୀନ ଭାବରେ ସହଯୋଗ କରେ, ସେ ହିଁ ହୁଏ ପ୍ରକୃତ ବନ୍ଧୁ; ସଖା ଓ ଭଗବାନ । କେବଳ ସେତିକି ନୁହେଁ, ଚାକିରି କ୍ଷେତ୍ରରେ ମଧ୍ୟ ପ୍ରତ୍ନତତ୍ତ୍ୱବିତ୍ ରମା ପ୍ରସାଦ ଚାନ୍ଦଙ୍କ ଅଧୀନରେ ବାରିପଦାରେ କାର୍ଯ୍ୟ କରିବାକୁ ତାଙ୍କୁ ନିଯୁକ୍ତି ଦେଲେ । ମାସକୁ ୭୦ ଟଙ୍କା ଦରମା ପ୍ରଦାନ କଲେ । ଏହା ମଧ୍ୟରେ ସେ ମୟୂରଭଞ୍ଜ ବଡ଼ ସାହି ନିକଟସ୍ଥ ଛେଲିଆ ଗ୍ରାମର ଭରତ ଚନ୍ଦ୍ର ପଣ୍ଡାଙ୍କ କନିଷ୍ଠା କନ୍ୟା ତାରାମଣିଦେବୀଙ୍କୁ ବିବାହ କରିଥିଲେ ।

ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ବିଶେଷତ୍ୱ ଥିଲା, ପ୍ରତ୍ନତତ୍ତ୍ୱ ଖନନରୁ ମିଳିଥିବା ଉପାଦାନରୁ ଶିଳାଲେଖ, ଶିଳାମୂର୍ତ୍ତି, ଅସ୍ତ୍ରଶସ୍ତ୍ର ଓ ବିଭିନ୍ନ ପାତ୍ରକୁ ଅନୁଶୀଳନ କରି ଇତିହାସ ଲିଖନ ପ୍ରଣାଳୀ (Historiography)କୁ ଅବଲମ୍ବନ କରିବା । ମୌଳିକ ତଥ୍ୟକୁ ଆଧାର କରି ଯେଉଁ ଇତିହାସ ସୃଷ୍ଟି ହୁଏ, ତାହା ହୁଏ ଅକ୍ଷୟ, ଅବ୍ୟୟ ଓ ଗୌରବମୟ । ଏହା ଗୋଟିଏ ଜାତି ସଂସ୍କୃତି ଓ ଇତିହାସକୁ ଋଦ୍ଧିମନ୍ତ ଓ ପ୍ରାଣବନ୍ତ କରିଥାଏ । "Archeological Remains at Bhubaneswar' ଗବେଷଣା କରି ଯେଉଁ ଡକ୍ଟରେଟ୍ ଡିଗ୍ରୀ କଲିକତା ବିଶ୍ୱବିଦ୍ୟାଳୟରୁ ସେ ହାସଲ କଲେ, ତାହା ହେଲା ଓଡ଼ିଆ ଜାତିର ଏକ ଅନବଦ୍ୟ ସୃଷ୍ଟି ଏବଂ ଏକ ଅକ୍ଷୟ ଦସ୍ତାବିଜ । ଭୁବନେଶ୍ୱର ଆଜି ଏକ ଅସତ୍ୟ ଓ ଅଭିଶପ୍ତ ସହର । ବଡ଼ ଦେଉଳରେ ଜାତି ନ ଥିଲା ଭଳି ଭୁବନେଶ୍ୱରରେ ରାତି ନାହିଁ । ଆଧୁନିକତାର ଭସ୍ମାସୁର ଓ ବହୁତଳ ବିଶିଷ୍ଟ ପ୍ରାସାଦ ଓ ଆପାର୍ଟମେଣ୍ଟ ନିର୍ମାଣ ଆଜି ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳର ସମସ୍ତ ପ୍ରତ୍ନତାତ୍ତ୍ୱିକ

ବିଭବକୁ ଧ୍ୱସ୍ତବିଧ୍ୱସ୍ତ କରି ପାତାଳଗାମୀ କରିଦେଲାଣି । ପ୍ରତ୍ନତତ୍ତ୍ୱ ବିଭବକୁ ଆଧାର କରି ଆଉ ଭୁବନେଶ୍ୱରରେ କୌଣସି ପୌରାଣିକ ବା ସାଂସ୍କୃତିକ ଇତିହାସ ରଚନାର ଆଶା ଓ ସମ୍ଭାବନା ଚିରଦିନ ପାଇଁ ମରିଗଲା ।

ଚାକିରି ଜୀବନ :-

ଉଚ୍ଚ ଶିକ୍ଷିତ ହେଲେ ମଧ୍ୟ ମଣିଷ ଜୀବନ ନିର୍ବାହ ପାଇଁ ଭଲ ଚାକିରିଟିଏର ଅନ୍ୱେଷଣ କରିଥାଏ । ସ୍ନାତକୋତ୍ତର ପରେ ମୟୂରଭଞ୍ଜର ପ୍ରତ୍ନତାତ୍ତ୍ୱିକ ବିଭାଗରେ ରମାପ୍ରସାଦ ଚନ୍ଦଙ୍କ ଅଧୀନରେ ସେ ଯେଉଁ ପ୍ରତ୍ନତାତ୍ତ୍ୱିକ ଗବେଷଣା କରି ଅଭିଜ୍ଞତା ହାସଲ କରିଥିଲେ, ତାହା ହିଁ ଦିନେ ତାଙ୍କୁ ଭାରତ ସରକାରଙ୍କ ଦ୍ୱାରା ମନୋନୀତ କରାଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେ (Archeological Survery of India) ବିଭାଗରେ ନିଯୁକ୍ତି ପାଇଁ ସୁଯୋଗ ଆଣିଦେଇଥିଲା । ୧୯୩୭ ପରବର୍ତ୍ତୀ ସମୟଠାରୁ ୧୯୪୪ ପର୍ଯ୍ୟନ୍ତ ଦୀର୍ଘ ୭ ବର୍ଷ କାଳ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ଭେ ବିଭାଗରେ ନିଷ୍ଠାର ସହିତ କାର୍ଯ୍ୟ କଲେ । କିନ୍ତୁ ନିଜ ରାଜ୍ୟ ଛାଡ଼ି ଏତେ ବର୍ଷ ବାହାରେ ରହିବାକୁ ଭଲ ଲାଗିଲା ନାହିଁ । ତେଣୁ ଓଡ଼ିଶା ଫେରି ଆସିଲେ ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ମନୋନୀତ ହୋଇ ଇତିହାସ ଅଧ୍ୟାପକ ଭାବରେ ରେଭେନ୍‌ସା କଲେଜରେ ନିଯୁକ୍ତି ପାଇଲେ । ନିରବଚ୍ଛିନ୍ନଭାବରେ ଅଧ୍ୟାପନା କାର୍ଯ୍ୟରେ ରହି ୧୯୫୪ ମସିହାରେ ପୁଣି ଭାରତର ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା ମନୋନୀତ ହୋଇ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ଭେ ବିଭାଗରେ ପ୍ରଥମ ଶ୍ରେଣୀ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଭାବରେ ବିହାରର ପାଟନା ସର୍କଲରେ ଅବସ୍ଥାପିତ ହେଲେ । ପରେ ସୁପରିଣ୍ଟେଣ୍ଡେଣ୍ଟ ହୋଇ ଦିଲ୍ଲୀ ବଦଳି ହେଲେ । ଦିଲ୍ଲୀରେ କିଛି ସମୟ ରହି ପୁଣି ପାଟନା ଏବଂ ଶେଷରେ ପାଟନାଠାରୁ ମଧ୍ୟପ୍ରଦେଶର ଭୋପାଳଠାରେ ସେ ଅବସ୍ଥାପିତ ହେଲେ ।

ସେ ଭାରତର ବିଭିନ୍ନ ସ୍ଥାନରେ ପ୍ରତ୍ନତତ୍ତ୍ୱ ଖନନ କାର୍ଯ୍ୟରେ ନିଷ୍ଠାର ସହିତ କାର୍ଯ୍ୟ କରି ପ୍ରତ୍ନତତ୍ତ୍ୱ ସମ୍ବନ୍ଧରେ ଅମୂଲ୍ୟ ଜ୍ଞାନ ଓ ଅଭିଜ୍ଞତା ହାସଲ କଲେ । କିନ୍ତୁ ସେହି ଅଭିଜ୍ଞତାକୁ ବିବେଚନା କରି ଭାରତ ସରକାର ତାଙ୍କର ସୁପରିଣ୍ଟେଣ୍ଡେଣ୍ଟ ଚାକିରିକୁ ସ୍ଥାୟୀ ସ୍ୱୀକୃତି ଦେଲେ ନାହିଁ ବରଂ ଅସ୍ଥାୟୀ ଭାବରେ ତାଙ୍କୁ ଯାଯାବର ଭଳି ଭାରତର ବିଭିନ୍ନ ସ୍ଥାନକୁ ଘନ ଘନ ବଦଳି କଲେ । ଫଳରେ ତାଙ୍କର ପିଲାମାନଙ୍କ ପାଠପଢ଼ାରେ ଘୋର ବ୍ୟାଘାତ ସୃଷ୍ଟି ହେଲା ଏବଂ ଆର୍ଥିକ ଅବ୍ୟବସ୍ଥା ମଧ୍ୟ ଲାଗି ରହିଲା । ପିଲାମାନେ ହିନ୍ଦୀ ଓ ଇଂରାଜୀ ମାଧ୍ୟମରେ ବିଭିନ୍ନ ଅନୁଷ୍ଠାନରେ ପାଠ ପଢ଼ିଲେ । ତାଙ୍କର ବଡ଼ ଝିଅ

କଞ୍ଚନା ହିନ୍ଦୀରେ ସ୍ନାତକୋତ୍ତର କରି ବାରିପଦାସ୍ଥିତ 'ମାଆ ମହାବିଦ୍ୟାଳୟ'ରେ ଅଧ୍ୟକ୍ଷା ରୂପେ କାର୍ଯ୍ୟ କରି ଅବସର ନେଇଛନ୍ତି । ତେଣୁ କୃଷ୍ଣବାବୁ ପୁଣି ଥରେ ଓଡ଼ିଶା ସରକାରଙ୍କ ଅଧୀନରେ ଅଧ୍ୟାପକ ଚାକିରିକୁ ପ୍ରତ୍ୟାବର୍ତ୍ତନ କଲେ । କିନ୍ତୁ ଓଡ଼ିଶାକୁ ଆସି କୃଷ୍ଣବାବୁ ତାଙ୍କର ଅଧ୍ୟାପକ ଚାକିରିର ବରିଷ୍ଠତା ପାଇଲେ ନାହିଁ । କୃଷ୍ଣଚନ୍ଦ୍ର ବାବୁ ହେଲେ ତ୍ରିଶଙ୍କୁ । ତେବେ ବଙ୍ଗାଳୀ ଓ ବିହାରୀମାନଙ୍କର କୂଟନୀତିର ଶିକାର ହୋଇ ଭାରତ ସରକାର ତାଙ୍କୁ ପ୍ରତ୍ନତତ୍ତ୍ୱ ବିଭାଗରେ ସ୍ଥାୟୀ କରାଇବାକୁ ଦେଲେ ନାହିଁ । ନ ହେଲେ ସେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଜୋହନ ମାର୍ଶାଲଙ୍କ ଭଳି ଡାଇରକ୍ଟର ହୋଇ ଅବସର ନେଇଥା'ନ୍ତେ ।

ଭୋପାଳରେ ରହଣିକାଳରେ ଅଫିସରେ ଥରେ ତାଙ୍କ ଖାଦ୍ୟରେ ବିଷ ମିଶାଇ ଖାଇବାକୁ ଦିଆଯାଇଥିଲା, କିନ୍ତୁ ଭାଗ୍ୟ ଟାଣ ଥିଲା, ସେ ବଞ୍ଚିଗଲେ । କୃଷ୍ଣଚନ୍ଦ୍ରଙ୍କର ସୁଗୁଣ ହେଲା, ସେ ତାଙ୍କର ଉଚ୍ଚ ପଦଧାରୀ ସରକାରୀ କର୍ମଚାରୀ ବା ମୁଖ୍ୟମନ୍ତ୍ରୀ ବା ଶିକ୍ଷାମନ୍ତ୍ରୀଙ୍କୁ ଖୋସାମତି ନ କରିବା । ତେଣୁ ଓଡ଼ିଶାରେ ପ୍ରିୟାପ୍ରୀତି, ଦୁର୍ନୀତି ଓ ଚିରାଚରିତ 'ଓଡ଼ିଆଙ୍କ ଗୋଡ଼ଟଣା' ନୀତି ପାଇଁ ଏ ଘଡ଼ିସନ୍ଧି ମୁହୂର୍ତ୍ତରେ କାହାଠାରୁ ସେ ସାହାଯ୍ୟ ପାଇଲେ ନାହିଁ । ଦାନ୍ତ କାମୁଡ଼ି ସେଇ ଇତିହାସ ଅଧ୍ୟାପକ ଓ ପ୍ରାଧ୍ୟାପକ ଭାବରେ ଚାକିରି କଲେ । ତା ଭିତରେ ପୁଣି ଡେପୁଟେସନ୍‌ରେ ତାଙ୍କୁ ଭୁବନେଶ୍ୱର ମ୍ୟୁଜିୟମ୍‌ରେ କ୍ୟୁରେଟର୍ ଭାବରେ କିଛି ବର୍ଷ ବଦଳି ହେଲା, ଯେଉଁ ସମୟରେ ମ୍ୟୁଜିୟମ୍‌ର ବହୁବିଧ ଉନ୍ନତି ସାଧିତ ହୋଇଥିଲା ।

୧୯୬୫ ମସିହାରେ ଗଙ୍ଗାଧର ମେହେର କଲେଜରେ ପ୍ରଫେସର ପଦବୀ ଖାଲି ହେଲା । କିନ୍ତୁ ଓଡ଼ିଶା ସରକାର ତାଙ୍କୁ ସେ ପଦବୀରେ ନିଯୁକ୍ତି ନ ଦେଇ ଖାଲିକରି ରଖିଲେ । ଏଣେ ଡଃ ମନ୍ମଥ ନାଥ ଦାସ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗରେ ୧୯୬୨ ଠାରୁ ୧୯୮୩ ପର୍ଯ୍ୟନ୍ତ ଦୀର୍ଘ ୨୧ ବର୍ଷ ପ୍ରଫେସର ଭାବରେ ଚାକିରି କରି ଶେଷରେ କୁଳପତି ବି ହେଲେ । କୃଷ୍ଣଚନ୍ଦ୍ର ବାବୁ ଚାକିରିରୁ ଅବସର ନେବାକୁ ମାତ୍ର ଆଉ ଦଶ ଦିନ ଥାଏ ଓଡ଼ିଶା ସରକାର ତାଙ୍କୁ ପ୍ରଫେସର ଭାବରେ ସମ୍ବଲପୁର ପଠାଇଲେ । ୧୯୬୮ ମସିହା ଅଗଷ୍ଟ ପହିଲାରେ ସେ ଅବସର ନେଲେ । ଦେଢ଼ମାସ ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଇତିହାସ ବିଭାଗରେ ପ୍ରଫେସର ଭାବରେ ନିଯୁକ୍ତି ପାଇ ପ୍ରାୟ ୪ ବର୍ଷ ଚାକିରି କରି ୧୯୭୨ ଜୁନ ୧ ତାରିଖରେ ଅବସର ନେଲେ ।

ଲେଖା ଓ ଲେଖକ :-

ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ଜଣଙ୍କର ଇତିହାସ ପ୍ରତି ଆବେଗ ଓ ଆଗ୍ରହ ସ୍ୱାଭାବିକ ଭାବରେ ରହିବା କଥା । କିନ୍ତୁ ପାଣିଗ୍ରାହୀ ବାବୁଙ୍କର ଓଡ଼ିଆ ସାହିତ୍ୟ ପ୍ରତି ମଧ ଦାନ ଅତୁଳନୀୟ । ବିଭିନ୍ନ ପତ୍ରପତ୍ରିକା ଓ ଖବରକାଗଜ ମାଧ୍ୟମରେ ସେ ଅସଂଖ୍ୟ ପ୍ରବନ୍ଧ, ନିବନ୍ଧ ପ୍ରକାଶିତ କରି ଓଡ଼ିଆ ସାହିତ୍ୟ ଓ ଇତିହାସକୁ ଋଦ୍ଧିମନ୍ତ ଓ ସମୃଦ୍ଧ କରିଛନ୍ତି । ତାଙ୍କର ଗବେଷଣାର ନିର୍ଝରିଣୀ ଓ ତାଙ୍କର ସାରସ୍ୱତ ଚିନ୍ତାଧାରାରୁ ନିର୍ଗତ ହୋଇ କଲମ ମୂନରେ ଯେଉଁ ଅମୂଲ୍ୟ ଓ ଅବିନଶ୍ୱର ପୁସ୍ତକ ସବୁ ରଚନା କରିଯାଇଛନ୍ତି, ତନ୍ମଧ୍ୟରୁ ନିମ୍ନଲିଖିତ ପୁସ୍ତକ ଓ ଲେଖାମାନ ଅପୂର୍ବ ।

୧. ଇତିହାସ ଓ କିଂବଦନ୍ତୀ
୨. ଭାରତୀୟ ପ୍ରତ୍ନତତ୍ତ୍ୱ
୩. ପ୍ରବନ୍ଧ ମାନସ
୪. ଓଡ଼ିଶାର ଇତିହାସ ଓ ସଂସ୍କୃତି (ଯାଜପୁର)
୫. ସାରଳା ମହାଭାରତରେ ଓଡ଼ିଶାର ଐତିହାସିକ ଚିତ୍ର
୬. ସାହିତ୍ୟ ଓ ସଂସ୍କୃତି
୭. ମୋ ସମୟର ଓଡ଼ିଶା (ଆତ୍ମଜୀବନୀ)

ଏହାଛଡ଼ା ତାଙ୍କର ଅଗଣିତ ପ୍ରବନ୍ଧ ସେବେଳର ପ୍ରକାଶିତ ଶଙ୍ଖ, ନବଭାରତ, ଝଙ୍କାର ଓ ସମାଜରେ ପ୍ରକାଶିତ ହୋଇଛି ।

1. Archeological Remains at Bhubaneswar.
2. Chronology of the Bhaumakars & Som Vansis of Orissa.
3. Sarala Das- The Maker of Indian literature.
4. Bhaumakara's Art & Architecture.
5. Political Status of the Feudatory States of Orissa and Chhatisgarh.

ଏହା ବ୍ୟତୀତ ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଗବେଷଣାତ୍ମକ ଲେଖା ଓ ଐତିହାସିକ ନିବନ୍ଧ ପାଟନା, ତ୍ରିଭନ୍ଦ୍ରମ, ରାଜମହେନ୍ଦ୍ରୀ, ମାନ୍ଦ୍ରାଜ ଓ ଓଡ଼ିଶାରୁ ପ୍ରକାଶିତ ଐତିହାସିକ ଜର୍ଣ୍ଣାଲମାନଙ୍କରେ ପ୍ରକାଶିତ ହୋଇଛି ।

ଓଡ଼ିଶା ଓ ଓଡ଼ିଆ ଇତିହାସର ଦିଗ୍‌ବଳୟରେ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏକ ଧ୍ରୁବତାରା । ସେ ନିଜେ ଜଣେ ଇତିହାସ ଓ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଏକ ଅକ୍ଷୟ ଓ ଅଲିଭା ବିଭବ । 'କର୍ମ ମୋହର ନିଜ ଗୁରୁ' ନୀତିରେ ପରିଚାଳିତ ଓ ସଞ୍ଚାଳିତ ହେଉଥିଲା ତାଙ୍କର ସମଗ୍ର ଜୀବନ । ଆଳସ୍ୟ ଓ କୁଣ୍ଠାବୋଧ କେବେ ବି ନିଜ କର୍ମରୁ ତାଙ୍କୁ ବିଚ୍ୟୁତ କରିପାରି ନାହିଁ ଏବଂ ଜୀବନରେ ଯାହା ବି ଅମୂଲ୍ୟ କୀର୍ତ୍ତି ସେ ସୃଷ୍ଟି କରିଯାଇଛନ୍ତି, ତାହା ହେଉଛି ତାଙ୍କର ଚରମ ସାଧନା ଓ ଅଧ୍ୟବସାୟର ଅମୃତଫଳ । ଜୀବନର ପ୍ରତିକୂଳ ସ୍ରୋତରେ ଗତିକରି ମଧ ଓଡ଼ିଆ ଜାତି ପାଇଁ ସେ ଅସରନ୍ତି ଓ ଅକ୍ଷୟ ତଥ୍ୟ ମାନ ଛାଡ଼ି ଯାଇଛନ୍ତି । ଇତିହାସର ମୌଳିକ ତଥ୍ୟର ନିର୍ଯ୍ୟାସ ଆବିଷ୍କାର କରି ରଚନା କଲେ ଅଗଣିତ ଗବେଷଣାତ୍ମକ ଓ ରୁଚିଶୀଳ ପୁସ୍ତକ । ତାହା କେବଳ ଓଡ଼ିଶାର ଅନାଲୋଚିତ ଓ ଲୁକ୍‌କାୟିତ ଇତିହାସରେ ଓଡ଼ିଶାକୁ ଏକ ସମୃଦ୍ଧିତ କଳା ଓ ସ୍ଥାପତ୍ୟ କାରୁକାର୍ଯ୍ୟର ରାଜ୍ୟ ବୋଲି ବିବେଚିତ କଲା । "Archeological Remains at Bhubaneswar' ତାଙ୍କର ଏକ ଅତୁଳନୀୟ ଇତିହାସର ଦସ୍ତାବିଜ୍ ।

କୃଷ୍ଣଚନ୍ଦ୍ରଙ୍କ ଗୁଣ ଓ ସ୍ୱଭାବ :-

ଐତିହାସିକମାନେ (ସମସ୍ତେ ନୁହନ୍ତି) ନିଷ୍ଠୁର ସତକଥା କହନ୍ତି । କୃଷ୍ଣଚନ୍ଦ୍ର ବାବୁ ଥିଲେ ଜଣେ ସଚ୍ଚୋଟ, ସତ୍ୟବାଦୀ, ସ୍ପଷ୍ଟବାଦୀ ଓ ନିର୍ଭୀକ ମଣିଷ । ମୟୂରଭଞ୍ଜ ଗଡ଼ଜାତିଆର ଗୁଣ । ମୟୂରଭଞ୍ଜର ସାନ୍ତାଳମାନେ ଯେଉଁଳି ହତ୍ୟା କରି କଟାମୁଣ୍ଡକୁ ଧରି ନିକଟସ୍ଥ ଥାନାରେ ଆତ୍ମସମର୍ପଣ କରନ୍ତି- କୃଷ୍ଣବାବୁଙ୍କର ସତ୍ୟବାଦିତା ଠିକ୍ ସେହିଭଳି ଥିଲା । ପ୍ରତାରକ ନୁହନ୍ତି, ବିଶ୍ୱାସଘାତକ ନୁହନ୍ତି, ଖୋସାମୋଦିଆ ନୁହନ୍ତି । ସେଇଥିପାଇଁ ଜୀବନରେ ସେ ବହୁ ପରିମାଣରେ ସ୍ୱଜାତି ପରହିଂସ୍ରିକ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି, ସରକାର ଓ ବ୍ୟୁରୋକ୍ରେଟ୍‌ମାନଙ୍କ ଦ୍ୱାର ନିର୍ଯାତିତ ହୋଇ ମାନସିକ ଦଣ୍ଡ ପାଇଛନ୍ତି । ତଥାପି ସେ ନିର୍ଭୀକ ଥିଲେ । ତାଙ୍କର ପ୍ରତ୍ୟେକ ଲେଖା ଓଡ଼ିଆମାନଙ୍କୁ ଜାଗରିତ କରିବା ପାଇଁ ଗୋଟିଏ ଚେତାବନୀ ଓ ପ୍ରେରଣା । ତାଙ୍କର ଆତ୍ମଜୀବନୀ 'ମୋ ସମୟର ଓଡ଼ିଶା' ଏହାର ଏକ ଜ୍ୱଳନ୍ତ ଉଦାହରଣ । ନିଜ ଜୀବନରେ ଘଟିଥିବା ଘଟଣାକୁ ନେଇ ହିଁ ତାହା ରହିଚି । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ହେଉଛନ୍ତି ଏକାନ୍ତଭାବରେ ଜଣେ ଓଡ଼ିଆ ସାହିତ୍ୟ ଓ ଇତିହାସର ସମ୍ବେଦନଶୀଳ ପୂଜାରୀ, ଏକ ସଂକଳ୍ପିତ ଉପାସକ । ସେ ପୁସ୍ତକରେ ସେ ଲେଖିଛନ୍ତି, "ମୁଁ ବାଲ୍ୟକାଳରୁ ମୋର ପିତାମାତାଙ୍କୁ ହରାଇ

ଓଡ଼ିଶାକୁ ହିଁ ମୋର ମାତା ଭାବି ନେଇଛି । ମୁଁ ତାକୁ ନିବିଡ଼ ଭାବରେ ଭଲ ପାଇଛି । ତାହାର ଇତିହାସ ଓ ପ୍ରତ୍ନତତ୍ତ୍ୱକୁ ଗଭୀର ଭାବରେ ଅନୁଧ୍ୟାନ କରିଛି ଏବଂ ଏକଦା ଆଲୋକମୟ ଏହି ସନାତନୀ ଭୂମିର ଅଧୁନାତନ ଅଧଃପତନରେ ବ୍ୟଥିତ ହୋଇଛି ।” ତେଣୁ ‘ମୋ ସମୟର ଓଡ଼ିଶା’ ହେଉଛି ଓଡ଼ିଶାର ଆଧୁନିକ ବୁଦ୍ଧିଜୀବୀମାନଙ୍କ ପାଇଁ ପ୍ରାମାଣିକ ଗ୍ରନ୍ଥ, ଏକ ଅଲୌକିକ ଦସ୍ତାବିଜ୍ । ଓଡ଼ିଆ ଜାତିର ଉନ୍ନତି- ଭାଷା, ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧି ଓ ଓଡ଼ିଶାର ପରିମାର୍ଜନ ପାଇଁ ଯେଉଁ ଉପଦେଶାତ୍ମକ ନିର୍ଦ୍ଦେଶମାନ ସେ ଉଲ୍ଲିଖିତ କରିଛନ୍ତି, ତାହା ତାଙ୍କର ଅସୁମାରୀ ଅଭିଜ୍ଞତା ଓ ତୀକ୍ଷ୍ଣ ଅବଲୋକନର ପ୍ରତିଫଳନ । ଇତିହାସ କେବଳ ଅତୀତର ଦଲିଲ୍ ନୁହେଁ, ଆଗାମୀ ଜୀବନର ଦିଗ୍‌ଦର୍ଶକ ଓ ଆଲୋକବର୍ତ୍ତିକା ମଧ୍ୟ । ଇତିହାସକୁ ଉପେକ୍ଷା କରି କସ୍ମିନ୍ କାଳେ କୌଣସି ଜାତି ଉତ୍ତରୋତ୍ତର ସୋପାନରେ ପାଦଥାପି ଚାଲିପାରିବ ନାହିଁ । ଇତିହାସ ହିଁ ପ୍ରତ୍ୟେକ ମଣିଷ ଓ ଜାତିର ଅଦୃଶ୍ୟ ସାଥୀ ଓ ସାରଥି ।

ସକାରାତ୍ମକଭାବରେ ଓଡ଼ିଶାର କ୍ରମବର୍ଦ୍ଧିଷ୍ଣୁ ଅଧଃପତନର କାରଣମାନ ଦର୍ଶାଇ ପାଣିଗ୍ରାହୀବାବୁ ଲେଖିଛନ୍ତି ଯେ, ଓଡ଼ିଆମାନଙ୍କର ଅତୀତ ପ୍ରତି ଅହେତୁକ ଭକ୍ତି ହେଉଛି ଏହାର ପ୍ରମୁଖ କାରଣ । ଓଡ଼ିଶାର ଅତୀତ ଗୌରବମୟ ଓ ଲାସ୍ୟମୟୀ ଇତିହାସକୁ ଅନ୍ଧ ଭାବରେ ଓ ଆବେଗରେ ପୁଞ୍ଜୀଭୂତ କରି ଭବିଷ୍ୟତର ସ୍ୱପ୍ନକୁ କୁହୁଡ଼ିମୟ ଓ ବିଡମ୍ବନାମୟ କରିବାକୁ ସେ ପସନ୍ଦ କରି ନାହାନ୍ତି ।

୧୯୩୬ ଏପ୍ରିଲ ୧ ଠାରୁ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ହେଲା ଭାଷାଭିତ୍ତିରେ । କିନ୍ତୁ ଓଡ଼ିଆ ଭାଷା ସରକାରୀ ଭାଷା ହୋଇପାରିଲା ନାହିଁ । ଆମଠାରୁ ବହୁ ପଛରେ ଭାରତର ଅନେକ ରାଜ୍ୟ ସ୍ୱତନ୍ତ୍ର ହେଲା ପରେ ମଧ୍ୟ ତାଙ୍କର ଅଶାତୀତ ସମୃଦ୍ଧି ଅକଳନୀୟ । ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ “କାଳର କ୍ରୂର ଚକ୍ରାନ୍ତରେ ଓଡ଼ିଆମାନେ ବହୁତ ପଛରେ ପଡ଼ିଥିବା ବେଳେ, ୧୯୩୬ରେ ସେମାନଙ୍କୁ ନୂତନ ରାଜ୍ୟଟିଏ ମିଳିଥିଲା । ଏହାର ନାମ ଓଡ଼ିଶା ରଖା ଯାଇଥିଲେ ମଧ୍ୟ ଏହା ପ୍ରାକୃତିକ ଓଡ଼ିଶାର ପ୍ରକୃତ ପ୍ରତିନିଧି ନ ଥିଲା । ‘ନାହିଁ ମାମୁ ଠାରୁ କଣାମାମୁ ଭଲ’ ନୀତିରେ ଓଡ଼ିଆମାନେ ଏହାକୁ ଗ୍ରହଣ କରିନେଇଥିଲେ । କିନ୍ତୁ ଓଡ଼ିଶା ପ୍ରଦେଶରେ ପରିଣତ ହେବା ସଙ୍ଗେ ସଙ୍ଗେ ସାଂସ୍କୃତିକ କ୍ଷେତ୍ରରେ କୌଣସି ଚମକପ୍ରଦ ପ୍ରଗତି ଘଟି ନ ଥିଲା । ଦୀର୍ଘ ଚାରି ଶତାବ୍ଦୀର ଦୁର୍ଭିକ୍ଷ, ବନ୍ୟା, ରୋଗ, ଅଶିକ୍ଷା ଓ ହୀନମନ୍ୟତା ମଧ୍ୟରେ ନିଷ୍ପେଷିତ ଓଡ଼ିଆ ୧୯୩୬ରେ ପ୍ରଥମଥର ପାଇଁ ଆଖି ମେଲି ଚାହିଁଥିଲା

ସତ କିନ୍ତୁ ପ୍ରତିବେଶୀମାନଙ୍କ ସାଙ୍ଗରେ ପାଦ ମିଳାଇ ଚାଲିବାର ସାମର୍ଥ୍ୟ ନ ଥିଲା ।"
(ମୋ ସମୟର ଓଡ଼ିଶା, ପୃ-୯୨-୯୩)

ଡଃ ପାଣିଗ୍ରାହୀ କଳନା କରିଛନ୍ତି ଯେ- "ନୀତିହୀନତାରୁ ଦାରିଦ୍ର୍ୟ ଆସେ ଏବଂ ଦାରିଦ୍ର୍ୟରୁ ମଧ୍ୟ ହୀନମନ୍ୟତା ଆସେ । ପ୍ରଥମେ ଦାରିଦ୍ର୍ୟ ହିଁ ଓଡ଼ିଆମାନଙ୍କୁ ଗ୍ରାସ କରିଥିଲା । ସେଇଥିରୁ ନୀତିହୀନତା, ଉଦ୍ୟମହୀନତା ଓ ଅଳସୁଆମି ଇତ୍ୟାଦି ଦୁର୍ଗୁଣମାନ ବାହାରିଥିଲା । ଓଡ଼ିଶାର ଲକ୍ଷ ଲକ୍ଷ ମାଣ ଜମି ଅକର୍ଷିତ ହୋଇ ରହିଛି । ତଥାପି ଓଡ଼ିଆ କୃଷକ ନିରନ୍ନ ଓ ଭିକାରି । × × × ପ୍ରତିବେଶୀମାନେ ଆମ ହାତରୁ ଧନ ଓ ମାନ ଛଡ଼ାଇ ନେଇଛନ୍ତି ବୋଲି ସବୁବେଳେ ଭାବିଲେ ସେଥିରେ ଜାତିର ମଙ୍ଗଳ ହେବ ନାହିଁ । ଓଡ଼ିଆ ଜାତି 'ଜୋର ଯା'ର ମୁଲକ ତା'ର' ନୀତି ଅବଲମ୍ବନ କଲା ନାହିଁ ।

୧୯୭୬ ମସିହାରେ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଇତିହାସ ପ୍ରତି ଅତୁଳନୀୟ ଅବଦାନ ପାଇଁ ଭାରତର ତଦନୀନ୍ତନ ରାଷ୍ଟ୍ରପତି ଫକ୍‌ରୁଦ୍ଦିନ ଅଲ୍ଲୀ ଅହମ୍ମଦ ତାଙ୍କୁ 'ପଦ୍ମଶ୍ରୀ' ଉପାଧିରେ ଭୂଷିତ କରିଥିଲେ ।

ପ୍ରତ୍ୟେକ ଜିନିଷର ଉତ୍ପତ୍ତି ଯେଉଳି ଅଛି, ଅନ୍ତ ମଧ୍ୟ ସେଭଳି ଅଛି । ଏ ପ୍ରାକୃତିକ ବିଧାନରେ ସମସ୍ତେ ବନ୍ଧା । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମଧ୍ୟ ଏ ନିୟମର ବଶବର୍ତ୍ତୀ ହୋଇ ୧୯୮୭ ମସିହା ଫେବୃଆରୀ ୨୫ ତାରିଖରେ ମହାରାଜା ଶ୍ରୀ ରାମଚନ୍ଦ୍ର ଭେଷଜ ମହାବିଦ୍ୟାଳୟ, କଟକରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ଏକ କର୍ମମୟ ଜୀବନ ଅପସରିଗଲା, କିନ୍ତୁ ଛାଡ଼ିଦେଇ ଗଲା ଅଗଣିତ, ଅକ୍ଷୟ କୀର୍ତ୍ତି ଆଉ ଅବିନଶ୍ୱର ସ୍ମୃତି ।

ଅବସର ପ୍ରାପ୍ତ ବରିଷ୍ଠ ଇତିହାସ ପ୍ରାଧ୍ୟାପକ,
ଏନ୍.ବି. ୩୦୬, ନୀଳଚକ୍ର ଆପାର୍ଟମେଣ୍ଟ,
ପୁରୁଣା ରେଳୱେ ଷ୍ଟେସନ ଛକ,
ଭୁବନେଶ୍ୱର, ୭୫୧ ୦୦୬

❑❑❑

ଐତିହାସିକ କେଦାରନାଥ

ଡଃ. ବିବେକାନନ୍ଦ ପାଣିଗ୍ରାହୀ

ଓଡ଼ିଶାର ପ୍ରଥିତଯଶା ଐତିହାସିକ ଓ କୃତବିଦ୍ୟ ଗବେଷକମାନଙ୍କ ମଧ୍ୟରେ ସ୍ୱର୍ଗତ କେଦାରନାଥ ମହାପାତ୍ର ଥିଲେ ବିପୁଳ ସଫଳତାର ଅଧିକାରୀ । ୧୯୧୧ ମସିହା ଅକ୍ଟୋବର ୨୧ ତାରିଖରେ ମନ୍ଦିରମାଳିନୀ ଭୁବନେଶ୍ୱରର ଏକ ବିଶିଷ୍ଟ ବୈଦ୍ୟ ପରିବାରରେ ତାଙ୍କର ଜନ୍ମ । ଭୁବନେଶ୍ୱର ମାଇନର ସ୍କୁଲ ଓ ଖୁରୁଧା ହାଇସ୍କୁଲରୁ ମାଟ୍ରିକ ପାଶ ପରେ ସେ ରେଭେନ୍‌ସା କଲେଜରୁ ୧୯୩୩ ମସିହାରେ ବି.ଏ. ପାଶ୍ କଲେ ଏବଂ ବିହାରର ପାଟନା ବିଶ୍ୱବିଦ୍ୟାଳୟରେ ଇତିହାସରେ ସ୍ନାତକୋତ୍ତର ଶିକ୍ଷା ପାଇଁ ମନୋନୀତ ହୋଇ ସୁଦ୍ଧା ବିଶେଷ ଅସୁସ୍ଥତା କାରଣରୁ ନାମ ଲେଖାଇ ପାରିଲେ ନାହିଁ । ଇତିହାସରେ ସର୍ବୋଚ୍ଚ ଡିଗ୍ରୀ ଲାଭର ଆଶା ମଉଳି ଗଲା । ସେ ଶିକ୍ଷକତା ବୃତ୍ତିପାଇଁ ରାଧାନାଥ ଟ୍ରେନିଂ କଲେଜରେ ଜଏନ୍ କଲେ । ୧୯୩୫ ମସିହାରେ ଖୋରଧା ହାଇସ୍କୁଲରେ ଶିକ୍ଷକ ଭାବେ ଆରମ୍ଭ କଲେ କର୍ମଜୀବନ । ପରେ ପରେ କଟକର ଭିକ୍ଟୋରିଆ ସ୍କୁଲ, ବାଙ୍କି ନିମପଡ଼ା ହାଇସ୍କୁଲ, ପୁରୀ ଜିଲ୍ଲାସ୍କୁଲ, ସମ୍ବଲପୁର ଜିଲ୍ଲାସ୍କୁଲ ଓ ପ୍ୟାରୀମୋହନ ଏକାଡେମୀରେ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ ।

୧୯୩୪ ମସିହା କେଦାରନାଥଙ୍କ ଜୀବନରେ ଆଣିଲା ବିରାଟ ପରିବର୍ତ୍ତନ । ତାଙ୍କର ଇତିହାସ ଓ ପ୍ରତ୍ନତାତ୍ତ୍ୱିକ ରୁଚି ଲକ୍ଷ୍ୟ କରି କଳାହାଣ୍ଡିର ଦେବାନ୍ ସ୍ୱର୍ଗତ ରାୟ ବାହାଦୂର ଉମାଚରଣ ଦାସଙ୍କ ପରାମର୍ଶରେ କଳାହାଣ୍ଡି ମହାରାଜା ଶ୍ରୀଯୁକ୍ତ ପ୍ରତାପ କେଶରୀ ଦେଓ ନିଜ ରାଜ୍ୟରେ ପ୍ରତ୍ନତତ୍ତ୍ୱ ବିଭାଗ ଖୋଲି ତାହାର ଅଧ୍ୟକ୍ଷ ରୂପେ ତାଙ୍କୁ ନିଯୁକ୍ତି ପ୍ରଦାନ କଲେ । ୧୯୪୩ରୁ ୧୯୫୦ ମସିହା ପର୍ଯ୍ୟନ୍ତ ଭବାନୀପାଟଣା ଅବସ୍ଥାନ କାଳରେ ସେ ବହୁ ପ୍ରତ୍ନତାତ୍ତ୍ୱିକ ଭୂଗୋଳ, ସଂଗ୍ରହାଳୟ ପ୍ରତିଷ୍ଠା, ଶତ ଶତ ପ୍ରାଚୀନ ପୋଥି ଓ ତାଳପତ୍ର ପରୀକ୍ଷା, ବହୁ ପ୍ରାଚୀନ କୀର୍ତ୍ତିର ପରିଦର୍ଶନ ସୁଯୋଗ ଲାଭ କରିଥିଲେ ।

କେଦାରନାଥଙ୍କ ପୂର୍ବରୁ ଓଡ଼ିଶାରେ ଇତିହାସ ଅଧ୍ୟୟନର ଧାରା ଆରମ୍ଭ ମାତ୍ର ହୋଇଥିଲା । ହଣ୍ଟର, ଷ୍ଟର୍ଲିଂ, ଆର୍‌ନୋଲଡ୍ ଓ ଟୟନବ୍ଂ ପରି କତିପୟ ଇଂରେଜ

ସାହେବ ଓଡ଼ିଶା ଇତିହାସ ରଚନାର ଶୁଭାରମ୍ଭ କରିଥିଲାବେଳେ କିଛି ବଙ୍ଗୀୟ ଗବେଷକ ଓ ପ୍ରଶାସକ ବିଜୟଚନ୍ଦ୍ର ମଜୁମଦାର, ରାଖାଲ୍ ଦାସ ବାନାର୍ଜୀ, ଏନ୍.ଏନ୍. ବସୁ, ଏମ୍.ଏମ୍. ଗାଙ୍ଗୁଲୀ, ଏନ୍.କେ. ବୋଷ, ରାଜେନ୍ଦ୍ରଲାଲ୍ ମିତ୍ର ମଧ୍ୟ ଓଡ଼ିଶା ଇତିହାସ ଉପରେ ଆଲୋକପାତ କରିବା ଆରମ୍ଭ କରିଥିଲେ । କିନ୍ତୁ ଓଡ଼ିଶାର ବିଶିଷ୍ଟ ଗବେଷକମାନଙ୍କ ମଧ୍ୟରେ ପ୍ୟାରୀମୋହନ ଆଚାର୍ଯ୍ୟ, ଜଗବନ୍ଧୁ ସିଂହ, ରାଧାଚରଣ ପଣ୍ଡା, ପଣ୍ଡିତ କୃପାସିନ୍ଧୁ ମିଶ୍ର, ଶିବ ପ୍ରସାଦ ଦାଶ, ପଣ୍ଡିତ ବିନାୟକ ମିଶ୍ର ଓଡ଼ିଶା ଇତିହାସର ଚର୍ଚ୍ଚା ଆଲୋଚନା ଓ ଅନୁଶୀଳନ ଆରମ୍ଭ କରିଥିଲେ । ତାଙ୍କ ସମସାମୟିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସତ୍ୟନାରାୟଣ ରାଜଗୁରୁ ମଧ୍ୟ ଏ ଦିଗରେ ଗବେଷଣା ଆରମ୍ଭ କରିଥିଲେ । ଏହି ଇତିହାସ ଗବେଷଣା ଓ ପ୍ରଣୟନ ଧାରାରେ ସାମିଲ୍ ହେବାର ପ୍ରଲୋଭନ କେଦାରବାବୁଙ୍କୁ ଓଡ଼ିଶାର ଅନାଲୋଚିତ ଇତିହାସ ପ୍ରଣୟନ ଦିଗରେ ପ୍ରରୋଚିତ କରିଥିଲା ।

କେଦାରନାଥ ଛାତ୍ର ଜୀବନରୁ ଥିଲେ ଅଧ୍ୟୟନଶୀଳ ଓ ଅଧ୍ୟବସାୟୀ । ୧୯୨୮ ମସିହାରେ ସେ ସ୍କୁଲ ଛାତ୍ର ଥିଲାବେଳେ ମାତ୍ର ୧୭ ବର୍ଷ ବୟସରେ ଶିକ୍ଷକ କୁଞ୍ଜବାବୁ ଓ ବନ୍ଧୁ ବ୍ରଜମୋହନଙ୍କ ସହ ରଣପୁର ପରିଦର୍ଶନରେ ଯାଇଥିଲେ । ସେତେବେଳେ ସେ ରଣପୁର ରାଜପ୍ରାସାଦ, ମଠ, ମନ୍ଦିର ଓ ଅଧିଷ୍ଠାତ୍ରୀଦେବୀ ମଣିନାଗ ଦୁର୍ଗାଙ୍କ ଉପରେ ଐତିହାସିକ ବିବରଣୀ ସଂଗ୍ରହ କରି ପ୍ରବନ୍ଧ ପ୍ରସ୍ତୁତ କରିଥିଲେ । ପରବର୍ତ୍ତୀ କାଳରେ ପଶ୍ଚିମ ଜର୍ମାନୀର ବିଶିଷ୍ଟ ଐତିହାସିକ ଓ ଗବେଷକ ହରମାନ୍ କୁଲ୍‌କେ ଏହି ପ୍ରବନ୍ଧକୁ ଭିତ୍ତିକରି ଅଧିକ ଗବେଷଣାର ସୁଯୋଗ ଲାଭ କରିଥିଲେ । ସେହିପରି ପ୍ରାଚୀନ ରଥୀପୁର ରାଜବଂଶ ଉପରେ ମଧ୍ୟ ସେ ପ୍ରବନ୍ଧ 'ମୁକୁର' ପତ୍ରିକାରେ ପ୍ରକାଶ କରିଥିଲେ ।

ରେଭେନ୍‌ସା ମହାବିଦ୍ୟାଳୟରେ ଅଧ୍ୟୟନ କାଳରେ ସେ ପ୍ରଫେସର କୁଞ୍ଜବିହାରୀ ତ୍ରିପାଠୀ, ନିର୍ମଳଚନ୍ଦ୍ର ବାନାର୍ଜୀ, ଆର୍ତ୍ତବଲ୍ଲଭ ମହାନ୍ତି, ଘନଶ୍ୟାମ ଦାଶଙ୍କ ପରି ପ୍ରବୀଣ ଶିକ୍ଷାବିତ୍‌ମାନଙ୍କ ସଂସ୍ପର୍ଶରେ ଆସି ତାଙ୍କ ଗବେଷଣା ପ୍ରୀତିର ପଥ ପରିଷ୍କାର ହୋଇଥିଲା । ଗବେଷକ ଆର୍ତ୍ତବଲ୍ଲଭଙ୍କ ପ୍ରତିଷ୍ଠିତ ପ୍ରାଚୀ ସମିତି ଅନୁଷ୍ଠାନରେ ସେ ସାମିଲ୍ ହୋଇ ପ୍ରାଚୀ ପତ୍ରିକାରେ ବହୁ ଉପାଦେୟ ପ୍ରବନ୍ଧ ପ୍ରକାଶିତ କରିଥିଲେ । ପରେ ପରେ ବାଳକୃଷ୍ଣ କରଙ୍କ ସହକାର, ଚତୁରଙ୍ଗ ଓ ଝଙ୍କାର ଆଦି ପତ୍ରିକାରେ ତାଙ୍କର ଗବେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ ପାଇଲା ।

୧୯୩୩ ମସିହା ବେଳକୁ ଭାରତର ପ୍ରଖ୍ୟାତ ଐତିହାସିକ ଓ ଏପିଗ୍ରଫିଷ୍ଟ୍ ବେଣୀମାଧବ ବରୁଆଙ୍କ ସଂସ୍ପର୍ଶରେ ସେ ଆସିବାର ସୁଯୋଗ ପାଇଲେ । ବରୁଆ ମହାଶୟ ହାତୀଗୁମ୍ଫା ଶିଳାଲେଖ ଉପରେ ଅଧ୍ୟୟନ କରୁଥିଲାବେଳେ ସେ ତାଙ୍କୁ ସାକ୍ଷାତ କରି ଖଣ୍ଡଗିରି, ଉଦୟଗିରି ଶିଳାଲେଖ ଉପରେ କିଛି ନୂତନ ଆଲୋକପାତ କରି ତାଙ୍କ ଦୃଷ୍ଟିଆକର୍ଷଣ କରିଥିଲେ । ତାଙ୍କ ସହିତ ଗବେଷଣା କାର୍ଯ୍ୟରେ ସହଯୋଗ କରି ପରଶୁରାମେଶ୍ୱର ଓ ମାର୍କଣ୍ଡେଶ୍ୱର ମନ୍ଦିର ଶିଳାଲେଖ ଅଧ୍ୟୟନରେ ମନୋନିବେଶ କରି ପ୍ରଶଂସିତ ହୋଇଥିଲେ । ଛାତ୍ର ଜୀବନରେ ତାଙ୍କର ଅନ୍ୟ ଏକ ଉଲ୍ଲେଖନୀୟ ପ୍ରୟାସ ଥିଲା ଭ୍ରମଣ ଅବକାଶରେ ବାଣପୁରର ପୁରାତନ ଭଗବତୀ ମନ୍ଦିର, ଚନ୍ଦନେଶ୍ୱର ମନ୍ଦିର ଜୀର୍ଣ୍ଣୋଦ୍ଧାର ପାଇଁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସହ ସାକ୍ଷାତ ଓ ଆଲୋଚନା । ରେଭେନ୍‌ସାରେ ଅଧ୍ୟୟନ କାଳରେ ସେ 'ଉତ୍କଳ ସାହିତ୍ୟ', 'ନବଭାରତ', 'ଆଶା', ଆଦି ପତ୍ରିକାରେ ପଚାଶରୁ ଊର୍ଦ୍ଧ୍ୱ ଗବେଷଣାତ୍ମକ ପ୍ରବନ୍ଧ ରଚନା କରିଥିଲେ । ତାଙ୍କ ରଚିତ ପ୍ରବନ୍ଧମାନଙ୍କ ମଧ୍ୟରେ ଖାରବେଳଙ୍କ ସମୟ ନିରୂପଣ, ଅଶୋକ ଓ କଳିଙ୍ଗ ଯୁଦ୍ଧ, ପଞ୍ଚପାଣ୍ଡବ ଗୁମ୍ଫାର ଐତିହାସିକ ଗୁରୁତ୍ୱ, ପ୍ରାଚୀନ ଉତ୍କଳରେ ରାଜ୍ୟ ବିଭାଗ, ହୁଏନ୍‌ସାଂଙ୍କ ଉତ୍କଳ ଭ୍ରମଣ, ପ୍ରାଚୀନ ଉତ୍କଳରେ ଶୈବଧର୍ମ, ଉତ୍କଳରେ ଯବନ ରାଜତ୍ୱ, ସାହିତ୍ୟ ଓ ଜାତୀୟତା, ପ୍ରାଚୀନ ଭାରତରେ ଉପନିବେଶ, ଉତ୍କଳରେ ଜୈନଧର୍ମ, ଇନ୍ଦ୍ରଦ୍ୟୁମ୍ନ, ଉତ୍କଳ ପାଇଁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟର ଆବଶ୍ୟକତା, ଖାରବେଳଙ୍କ ସମୟ ନିରୂପଣ, କେଶରୀ ବଂଶ, ଅଶୋକଙ୍କ ପ୍ରଶସ୍ତି, ଚୋଳଗଙ୍ଗଙ୍କ ରତ୍ନପୁର ବିଷୟ, ଖାରବେଳଙ୍କ କଳିଙ୍ଗ ନଗରୀ, କେଶରୀ ବଂଶୀ ଅବସାନ, ଲଲାଟେନ୍ଦୁକେଶରୀ, ଉତ୍କଳୀୟ ଶିଳ୍ପରେ ନାଗନାଗୁଣୀ, ଉତ୍କଳୀୟ ଶିଳ୍ପରେ ଗଜଲକ୍ଷ୍ମୀ, ଜାତି ଗଠନରେ ଇତିହାସର ସ୍ଥାନ ବେଶ୍ ଗବେଷଣାଧର୍ମୀ ମନେ ହୁଏ ।

କେଦାରନାଥଙ୍କ ଶିକ୍ଷକତା ଜୀବନ ମଧ୍ୟ ଗବେଷଣା କାର୍ଯ୍ୟରେ ଥିଲା ଘଟଣା ବହୁଳ । ସେ ୧୯୩୩ ରୁ ୩୬ ମସିହା ମଧ୍ୟରେ ରେଭେନ୍‌ସା କଲେଜରେ ନୂତନ ଭାବେ ସ୍ଥାପିତ ମିୟୁଜିୟମ୍‌କୁ କାର୍ତ୍ତିକେୟ, ଗଣେଶ, ବେତାଳ ଓ ବୃଷଭ ମୂର୍ତ୍ତି ସଂଗ୍ରହ କରି ପଠାଇଥିଲେ । ଏବଂ ପରେ ପରେ ଦୁଇଟି ଜୈନମୂର୍ତ୍ତି, ଲିଙ୍ଗରାଜ ମନ୍ଦିରରୁ ପ୍ରାପ୍ତ ନାୟିକା ମୂର୍ତ୍ତି, ରାଧାକାନ୍ତ ମଠରୁ ପ୍ରାପ୍ତ କିଛି ମୃତ୍ତିକା ଲଣ୍ଠନ, କପିଳେଶ୍ୱର, ବଡ଼ଗଡ଼ ଓ ପାପନାଶିନୀ ପୁଷ୍କରିଣୀ ନିକଟରୁ କିଛି ଜୈନ ମୂର୍ତ୍ତି ମଧ୍ୟ ସଂଗ୍ରହ କରି ସେ

ପଠାଇଥିଲେ । ପରବର୍ତ୍ତୀ ସମୟରେ ଏହା ପ୍ରାଦେଶିକ ସଂଗ୍ରହାଳୟର ମାନ୍ୟତା ଲାଭ କରିଥିଲା ।

ନିଜ ଶିକ୍ଷକତା ଜୀବନରେ ସେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ପ୍ରାଚୀନ ଭାରତ ଇତିହାସ, ଉଚ୍ଚ ପ୍ରାଥମିକ ଭାରତ ଇତିହାସ, ନିମ୍ନ ପ୍ରାଥମିକ ନୂତନ ଭାରତ ଇତିହାସ, ଇଂଲଣ୍ଡ ଇତିହାସ, ତରୁଣ ଭାରତ ଇତିହାସ ପୁସ୍ତକ ରଚନା କରିଥିଲେ । ସ୍କୁଲ ପାଠ୍ୟକ୍ରମରେ ଇତିହାସ ପୁସ୍ତକ ପ୍ରସ୍ତୁତ କରିବାରେ ସେ ଥିଲେ ଅଗ୍ରଣୀ । ପରେ ପରେ ପ୍ୟାରୀମୋହନ ଏକାଡେମୀରେ ଶିକ୍ଷକତା ସମୟରେ ସେ 'ଖାରବେଳ' ଓ 'ତୋଷାଳିର ଇତିହାସ' ନାମରେ ଦୁଇଖଣ୍ଡ ମୂଲ୍ୟବାନ ଗବେଷଣା ଗ୍ରନ୍ଥ ରଚନା କରିଥିଲେ । ଏସବୁ ପୁସ୍ତକ ପ୍ରଣୟନ ପରେ ସେ ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍ ଓ ବିଦ୍ୱାନ୍ ବିପିନ ବିହାରୀ ରାୟ, ରାୟବାହାଦୂର ଚିନ୍ତାମଣି ଆଚାର୍ଯ୍ୟ, ରାଧାନାଥ ରଥ, ପଣ୍ଡିତ ଲିଙ୍ଗରାଜ ମିଶ୍ର, ପଣ୍ଡିତ ଗୋଦାବରୀଶ, ପଣ୍ଡିତ ନୀଳକଣ୍ଠ ପ୍ରଭୃତିଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ ।

କଳାହାଣ୍ଡିରେ ପ୍ରତ୍ନତତ୍ତ୍ୱ ବିଭାଗର ଅଧ୍ୟକ୍ଷ ଭାବରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା ବେଲଖଣ୍ଡିର ପ୍ରତ୍ନତାତ୍ତ୍ୱିକ ଖୋଦନ, ମଦନପୁର ରାମପୁର, ଅସୁରଗଡ଼, ଭୀମକେଲା, ନରଲାର ଶୈବ କୀର୍ତ୍ତି, ତେଲନଦୀ ଅବବାହିକାର ପ୍ରତ୍ନ ସମ୍ପଦ ଆବିଷ୍କାର, କଳିଙ୍ଗ ହିଷ୍ଟୋରିକଲ ସୋସାଇଟୀ ପ୍ରତିଷ୍ଠା ଓ ତାହାର ମୁଖପତ୍ର 'ଜର୍ଣ୍ଣାଲ୍ ଅଫ୍ ଦି କଳିଙ୍ଗ ହିଷ୍ଟୋରିକଲ ସୋସାଇଟୀ' ପ୍ରକାଶନ । ଏହି କାର୍ଯ୍ୟରେ ସେ ସଂସ୍କୃତି ପ୍ରେମୀ କଳାହାଣ୍ଡି ରାଜା ପ୍ରତାପକେଶରୀ ଦେବ, ଖଡ଼ିଆଳ ରାଜା ଅନୁପ ସିଂହଦେବ, ବଲାଙ୍ଗିର ରାଜା ରାଜେନ୍ଦ୍ର ନାରାୟଣ ସିଂହଦେବଙ୍କ ପ୍ରୋତ୍ସାହନ ତାଙ୍କ ମନୋବଳ ବୃଦ୍ଧି କରିବାରେ ବିଶେଷ ସହାୟକ ହୋଇଥିଲା ।

୧୯୪୫ ମସିହାରେ କେଦାରନାଥ ଏକ ପ୍ରାଦେଶିକ ସଂଗ୍ରହାଳୟ ପ୍ରତିଷ୍ଠାର ପରିକଳ୍ପନା କରି ହରେକୃଷ୍ଣ ମହତାବଙ୍କ ଏଥିପ୍ରତି ଦୃଷ୍ଟିଆକର୍ଷଣ କଲେ । ଏବଂ ଏ ସଂକ୍ରାନ୍ତରେ ଅଧିକ ଉତ୍ସାହିତ ହୋଇ ମୟୁରଭଞ୍ଜର ଖିଚିଂ ଏବଂ ବାରିପଦାରେ ସଂଗ୍ରହାଳୟ ସ୍ଥାପନ କରି ସୁନାମ ଅର୍ଜନ କରିଥିବା ଐତିହାସିକ ଗବେଷକ ପରମାନନ୍ଦ ଆଚାର୍ଯ୍ୟ ମଧ୍ୟ ହରେକୃଷ୍ଣ ମହତାବଙ୍କୁ ଏ ଦିଗରେ ପଦକ୍ଷେପ ଗ୍ରହଣ କଲେ ସମସ୍ତ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ପ୍ରଦାନ କଲେ । ଫଳରେ ୧୯୪୮ ମସିହାରେ ପ୍ରାଦେଶିକ ସଂଗ୍ରହାଳୟ ଭୁବନେଶ୍ୱରଠାରେ ପ୍ରତିଷ୍ଠିତ ହେଲା ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବଲ୍ଲଭଭାଇ ପଟେଲଙ୍କ ଉଦ୍ୟମରେ ଭାରତ ସ୍ୱାଧୀନତା ପ୍ରାପ୍ତି ସହ ଓଡ଼ିଶାରେ ଗଡ଼ଜାତ ମିଶ୍ରଣ ଫଳରେ ସମସ୍ତ ଦେଶୀୟ ରାଜା ସେମାନଙ୍କ ପ୍ରଶାସନିକ କ୍ଷମତା ହରାଇଲେ । ଫଳରେ କଳାହାଣ୍ଡି ରାଜ୍ୟ ଓଡ଼ିଶା ପ୍ରଶାସନ ହାତକୁ ଚାଲିଗଲା । ରାଜ୍ୟପ୍ରଶାସନର ଗୁରୁ ଦାୟିତ୍ୱ ନୀଳମଣି ସେନାପତି ଆଇ.ସି.ଏସ୍‌ଙ୍କୁ ପ୍ରଦାନ କରାଗଲା । ସେ କଳାହାଣ୍ଡି ରାଜ୍ୟର ମିଶ୍ରଣ ପରେ ବରିଷ୍ଠ ପ୍ରତ୍ନତାତ୍ତ୍ୱିକ କେଦାରନାଥଙ୍କୁ ଓଡ଼ିଶା ପ୍ରଶାସନରେ ସାମିଲ୍ କରି ଡେପୁଟୀ ମାଜିଷ୍ଟ୍ରେଟ୍ ରୂପେ ଦାୟିତ୍ୱ ଗ୍ରହଣ ପାଇଁ ଅନୁରୋଧ କଲେ । କିନ୍ତୁ ପ୍ରଶାସନିକ କ୍ଷମତା ଲିପ୍‌ସା ପ୍ରତି ସେ ଅନାଗ୍ରହୀ ଥିବାରୁ ତାଙ୍କୁ ନବ ପ୍ରତିଷ୍ଠିତ ପ୍ରାଦେଶିକ ସଂଗ୍ରହାଳୟରେ ସହକାରୀ କ୍ୟୁରେଟର୍ ଭାବରେ ନିଯୁକ୍ତି ପ୍ରଦାନ କରାଗଲା । ଏବଂ ତା ସହିତ ଶିଶୁପାଳଗଡ଼ ଖନନ କାର୍ଯ୍ୟରେ ମଧ୍ୟ ନିୟୋଜିତ କରାଗଲା । ଶିକ୍ଷା ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ପରମାନନ୍ଦ ଆଚାର୍ଯ୍ୟ କେଦାରନାଥଙ୍କୁ ସଂଗ୍ରହାଳୟରେ ପ୍ରାଚୀନ ପୋଥି ବିଷୟରେ ଦାୟିତ୍ୱ ପ୍ରଦାନ କରିବା ଫଳରେ ସେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସଂଗୃହୀତ ହଜାର ହଜାର ତାଳପତ୍ର ପୋଥି ସଂରକ୍ଷଣ ସହିତ ସେଗୁଡ଼ିକର ପ୍ରକାଶନ ଦିଗରେ ଉଦ୍ୟମ ଆରମ୍ଭ କଲେ ।

ଓଡ଼ିଶା ମିୟୁଜିୟମ୍‌ର ପୋଥି ବିଭାଗକୁ ବର୍ଗୀକରଣ କରି ଦୁଷ୍ପ୍ରାପ୍ୟ ପୋଥିର ସମ୍ପାଦନା କରିବାରେ ତାଙ୍କ ନିଷ୍ଠା ପ୍ରଶଂସନୀୟ । ସଂଗୃହୀତ ତାଳପତ୍ର ପୋଥିଗୁଡ଼ିକୁ ପାଠ କରି ସଂସ୍କୃତ, ପ୍ରାକୃତ, ପୁରାଣ, ଦର୍ଶନ, ସଙ୍ଗୀତ, ବେଦ, ସ୍ମୃତି, ପୁରାଣ, ଆୟୁର୍ବେଦ, ଶିଳ୍ପ ଶାସ୍ତ୍ର, ଜ୍ୟୋତିଷ, ଗଣିତ, ଚିତ୍ରପୋଥି ଆଦି ସ୍ୱତନ୍ତ୍ର ବିଭାଗମାନଙ୍କରେ ମ୍ୟୁଜିୟମ୍ ପୋଥି ସବୁ ତାଙ୍କ ସମୟରେ ସ୍ୱତନ୍ତ୍ର ବିଭାଗରେ ସ୍ଥାନ ପାଇଲା । ସମଗ୍ର ବିଶ୍ୱରେ ଚର୍ଚ୍ଚାକୁ ଆସିଥିବା ବିଷ୍ଣୁଶର୍ମା ଓ ଜୟଦେବଙ୍କୁ ଓଡ଼ିଶାର କବି ରୂପେ ପ୍ରମାଣିତ କରିବାରେ ତାଙ୍କ ଯୁକ୍ତିଯୁକ୍ତ ଆଲୋଚନା ସମସ୍ତଙ୍କୁ ଚକିତ କରିଥିଲା । ସେହିପରି ବେଣୀସଂହାର ନାଟକର ଲେଖକ ଭଟ୍ଟ ନାରାୟଣଙ୍କୁ ମଧ୍ୟ ସେ ଓଡ଼ିଆ ରୂପେ ପ୍ରତିପାଦିତ କରିଛନ୍ତି ।

ପୋଥି ବିଭାଗରେ କାର୍ଯ୍ୟ କରିବା ସମୟରେ ସେ ଓଡ଼ିଶାର ଅଜ୍ଞାତ ଜ୍ୟୋତିର୍ବିଜ୍ଞାନୀ, ଗଣିତଜ୍ଞ ଓ ସେମାନଙ୍କ ରଚନାବଳୀ ସମ୍ପର୍କରେ ବହୁ ତଥ୍ୟ ଆବିଷ୍କାର କରିଛନ୍ତି । ଜ୍ୟୋତିଷ ବିଶାରଦ ଚୈତନ୍ୟ ରାଜଗୁରୁ, ନୀଳକଣ୍ଠ ପ୍ରହରାଜ, ତ୍ରିପୁରାରୀ ଦାସ, ଶ୍ରୀକୃଷ୍ଣପୁର ହରିଚନ୍ଦନ, ମହାମହୋପାଧ୍ୟାୟ ଛକଡ଼ି ନନ୍ଦ, ଶ୍ରୀକୂର୍ମ ନିବାସୀ

ଗୋବିନ୍ଦ ଦାସ, ଗଣିତ ବିଶାରଦ ଶ୍ରୀଧର ମହାପାତ୍ର, ବିକ୍ରମ ଦାସ, କୃପାସିନ୍ଧୁ ନାୟକ, ଚନ୍ଦ୍ରଶେଖର ପଟ୍ଟନାୟକଙ୍କ ସମ୍ପର୍କରେ ସେ ପ୍ରଥମେ ଆଲୋକପାତ କରିଥିଲେ । ସେହିପରି କପିଳ ସଂହିତା, ମୁକ୍ତି ଚିନ୍ତାମଣି, ଏକାମ୍ର ଚନ୍ଦ୍ରିକା, ବିରଜା ମହାତ୍ମ୍ୟ, ସୌର ସମୁଚ୍ଚୟ, ପ୍ରାଚୀ ମହାତ୍ମ୍ୟ, ଅର୍କକ୍ଷେତ୍ର ମହାତ୍ମ୍ୟ, ସ୍ୱର୍ଣ୍ଣାଦ୍ରି ମହୋଦୟ, ବ୍ରହ୍ମ ପୁରାଣ, ବିଷ୍ଣୁ ପୁରାଣ, ସ୍କନ୍ଦ ପୁରାଣ, ଏକାମ୍ର ପୁରାଣ, ଅଗ୍ନି ପୁରାଣ, ବାୟୁ ପୁରାଣ, କୂର୍ମ ପୁରାଣ, ବାମନ ପୁରାଣ, ଆଦି ପୁରାଣ ଗ୍ରନ୍ଥ ସମ୍ପର୍କରେ ସେ ପ୍ରଥମେ ଆଲୋକପାତ କରିଥିଲେ । କାବ୍ୟକର୍ତ୍ତା ବକ୍ରବାକ୍ ଚକ୍ରପାଣି ପଟ୍ଟନାୟକ, ରାଜଗୁରୁ ବାସୁଦେବ ରଥ, ସୋମଯାଜୀ, କବିରାଜ ହରେକୃଷ୍ଣ ପୁରୋହିତ, କବିରତ୍ନ ହରିସେବକ ସାମନ୍ତରାୟ, ବିଜୟନଗରର ରାଜା ପୀତାମ୍ବର ଭୀମଦେବ, କବିଭୂଷଣ ଗୋବିନ୍ଦ ସାମନ୍ତରାୟ, କବିଚନ୍ଦ୍ର କମଳଲୋଚନ ଖଡ଼ଗରାୟ, ମହାମହୋପାଧ୍ୟାୟ ନରହରି ପଣ୍ଡା, କବିଭୂଷଣ ଗୋପୀନାଥ ପାତ୍ର, ତିଗିରିଆ ରାଜା ଯଦୁନାଥ ସିଂହ ସାମନ୍ତ, ଲକ୍ଷ୍ମଣ ଭଟ୍ଟ, ଲୋକନାଥ ଦୀକ୍ଷିତ, ଯୋଗୀ ପ୍ରହରାଜ ମହାପାତ୍ରଙ୍କ ସମ୍ପର୍କରେ ଓ ସେମାନଙ୍କ ସାରସ୍ୱତ କୃତି ଓ କୃତିତ୍ୱ ଉପରେ ସେ ସବିଶେଷ ଆଲୋକପାତରେ ବହୁ ବିସ୍ମୃତ ଲେଖକଙ୍କୁ ଆଲୋକକୁ ଆଣିଛନ୍ତି । ଏତଦ୍‌ବ୍ୟତୀତ ରୀତିଯୁଗର ପ୍ରଥମ କାବ୍ୟ କବି ଅର୍ଜୁନ ଦାସଙ୍କ କଳ୍ପଲତା, ଷୋଡଶ ଶତାବ୍ଦୀର ପ୍ରସିଦ୍ଧ କବି ବନମାଳୀ ଦାସଙ୍କ 'ଚଟ ଇଚ୍ଛାବତୀ', କବି ନରସିଂହ ସେଣଙ୍କ 'ପରିମଳ', କବି ବିଷ୍ଣୁ ଦାସଙ୍କ 'ପ୍ରେମଲୋଚନ', ପାର୍ଥ ଶ୍ରୀଚନ୍ଦନଙ୍କ 'କଳାବତୀ' କାବ୍ୟ ସେ ଶୁଦ୍ଧ ସମ୍ପାଦନା କରି ପ୍ରକାଶ କରିବା ଫଳରେ ଓଡ଼ିଆ କାବ୍ୟ ଜଗତର କିଛି ଅମୂଲ୍ୟ ରତ୍ନ ପାଠକମାନଙ୍କ ଦୃଷ୍ଟିକୁ ଆସିପାରିଛି ।

ଜଣେ ପ୍ରତ୍ନତତ୍ତ୍ୱବିତ୍ ଭାବରେ କେଦାରନାଥଙ୍କ ଜୀବନବ୍ୟାପୀ ପ୍ରୟାସର ପଟ୍ଟାନ୍ତର ନାହିଁ । ଜୀବନର ଦୁର୍ଜୟ ଯାତ୍ରାପଥରେ ସେ ଥିଲେ ବିପୁଳ ସାର୍ଥକତାର ଅଧିକାରୀ । ୧୯୬୨ ମସିହାରେ ସେ ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଭାବେ କାର୍ଯ୍ୟ ନିର୍ବାହ କଲେ । ଏହି ପଦବୀରେ ଅଧିଷ୍ଠିତ ହେଲା ପରେ ସେ ପ୍ରତ୍ନତତ୍ତ୍ୱ ବିଭାଗର ଉନ୍ନତି ପାଇଁ ପ୍ରୟାସ ଜାରି ରଖିଲେ । ସମଗ୍ର ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ପୁରାତନ ଜରାଜୀର୍ଣ୍ଣ ମନ୍ଦିରମାନଙ୍କର ଜୀର୍ଣ୍ଣୋଦ୍ଧାର କରିଥିଲେ । ଚାକିରୀ କାଳ ମଧ୍ୟରେ ପନ୍ଦରରୁ ଊର୍ଦ୍ଧ୍ୱ ମନ୍ଦିର, ଗୋଟିଏ ମସଜିଦ୍‌ର ଜୀର୍ଣ୍ଣୋଦ୍ଧାର ସହିତ ଦୁଇଟି ଦୁର୍ଗ ଖନନ କରିଥିଲେ । ଅଳଗମ୍‌ର ଗତିଶ୍ୱର ମନ୍ଦିର, ଧଉଳି ପାହାଡ଼ ଉପରେ ଅବସ୍ଥିତ ବହିରଙ୍ଗେଶ୍ୱର ଓ ସଙ୍କଟେଶ୍ୱର ମନ୍ଦିର, ଭୁବନେଶ୍ୱରର ଶତ୍ରୁଘ୍ନେଶ୍ୱର ମନ୍ଦିର, ଭରତେଶ୍ୱର ମନ୍ଦିର,

ଲକ୍ଷ୍ମଣେଶ୍ୱର ମନ୍ଦିର, ସୂକ୍ଷ୍ମେଶ୍ୱର ମନ୍ଦିର, ଭୀମେଶ୍ୱର ମନ୍ଦିର, ବିଭୀଷଣେଶ୍ୱର ମନ୍ଦିର, ମୋହିନୀ ମନ୍ଦିର, କେନ୍ଦୁଲୀର ଅମ୍ବିକା ମନ୍ଦିର, କନ୍ଦରରପୁରର ପଶ୍ଚିମେଶ୍ୱର ମନ୍ଦିର, ଗୁଣପୁରର ନୀଳକଣ୍ଠେଶ୍ୱର ମନ୍ଦିର, ମଲ୍ଲିକେଶ୍ୱର ମନ୍ଦିର, ଖିଚିଂର କିଚକେଶ୍ୱରୀ ମନ୍ଦିର, ଗଞ୍ଜାମର ପୋତାଗଡ଼, ତାପଙ୍ଗଗଡ଼, ଶିଶୁପାଳଗଡ଼, କଟକର ଶାହୀ ମସ୍‌ଜିଦ୍, ହୀରାପୁରର ଚଉଷଠୀ ଯୋଗିନୀ ମନ୍ଦିର, ରାଣୀପୁର ଝରିଆଲ୍‌ର ଚଉଷଠୀ ଯୋଗିନୀ ମନ୍ଦିର, ଇନ୍ଦ୍ରଲାଠ ମନ୍ଦିର, ଗାରଡ଼ି ପାଞ୍ଚଣର ବୁଦ୍ଧନାଥ ମନ୍ଦିର, ଗଙ୍ଗୁଆ ତୀରବର୍ତ୍ତି ବାରୁଣେଶ୍ୱରୀ ମନ୍ଦିରର ଜୀର୍ଣ୍ଣୋଧାର ଓ ସୁରକ୍ଷା ତାଙ୍କର ଥିଲା ସ୍ମରଣୀୟ ପଦକ୍ଷେପ ।

କେଦାରନାଥ ଓଡ଼ିଆ, ଇଂରାଜୀ ଓ ହିନ୍ଦୀରେ ଶତାଧିକ ଗବେଷଣାଧର୍ମୀ ପ୍ରବନ୍ଧ ରଚନା କରିଛନ୍ତି । ସେ ଥିଲେ ଅସରନ୍ତି ଜ୍ଞାନର ଭଣ୍ଡାର । ଜଣେ ବିରଳ ଗବେଷକ । ଲିପିରୁ କାଳ ନିର୍ଣ୍ଣୟ କରିବା, ରାଜ ବଂଶର ଅଙ୍କ ନିରୂପଣ, ଶକାବ୍ଦ, ଯୁଗାବ୍ଦ, ଗୁପ୍ତାବ୍ଦରୁ ଖ୍ରୀଷ୍ଟାବ୍ଦ ନିର୍ଣ୍ଣୟ କରି ସେ ଯେ କୌଣସି କବି ଓ କାବ୍ୟର ସମୟ ନିରୂପଣ କରି ପାରୁଥିଲେ । ସଂସ୍କୃତ, ଓଡ଼ିଆ, ଇତିହାସ, ପ୍ରତ୍ନତତ୍ତ୍ୱ, ଲିପିତତ୍ତ୍ୱ, ମୂର୍ତ୍ତି ତତ୍ତ୍ୱ ଓ ସାହିତ୍ୟ ସମାଲୋଚକରେ ତାଙ୍କ ନିପୁଣତା ବିସ୍ମୟକର । ଆଗ୍ରହୀ ଗବେଷକମାନଙ୍କ ପାଇଁ ସେ ଥିଲେ ପଥପ୍ରଦର୍ଶକ । ଐତିହାସିକ ସ୍ଥାନର ଅନୁସନ୍ଧାନ ଓ ଜୟଦେବ ସଂସ୍କୃତି ସମ୍ପର୍କରେ ଆଲୋଚନାକୁ ସେ ଜୀବନର ପ୍ରଧାନ ଅଙ୍ଗ ରୂପେ ଗ୍ରହଣ କରିଥିଲେ । ଈର୍ଷା, ପରଶ୍ରୀକାତରତା, ଅହଂକାର, ଆଡମ୍ବରର ବହୁ ଉର୍ଦ୍ଧ୍ୱରେ ସେ ଥିଲେ । ସେ ଥିଲେ ଇତିହାସ, ପ୍ରତ୍ନତତ୍ତ୍ୱ ଓ ଗବେଷଣା ପାଇଁ ଆଜୀବନ ସମର୍ପିତ ଅନନ୍ୟ ବ୍ୟକ୍ତିତ୍ୱ । ଜର୍ମାନ ସ୍ଥିତ ହେଡେଲ୍‌ବର୍ଗ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଗବେଷକ ଡଃ ହରମାନ୍‌କୁଲ୍‌କେ, ଓଡ଼ିଶା ରିସର୍ଚ୍ଚ ପ୍ରୋଜେକ୍ଟର ନିର୍ଦ୍ଦେଶକ ଗୟା ଚରଣ ତ୍ରିପାଠୀ, କେନ୍ଦ୍ର ସାହିତ୍ୟ ଏକାଡମୀର ସଭାପତି ସୁନୀତି କୁମାର ଚଟାର୍ଜୀ, ଜୟଦେବଙ୍କ କାର୍ଯ୍ୟ କରୁଥିବା ଆମେରିକାର ଗବେଷିକା ଲୁଇସ୍‌ମିଲର, ଲଣ୍ଡନ୍ ବିଶ୍ୱବିଦ୍ୟାଳୟର ଓ.ଏମ୍. ଷ୍ଟାର୍ଚ୍ଚା, କେନ୍ଦ୍ର ସଂସ୍କୃତି ବିଭାଗର ଶାସନ ସଚିବ କପିଳା ବାତ୍ସାୟନଙ୍କ ପରି ବିଶିଷ୍ଟ ବିଦ୍ୱାନମାନେ ତାଙ୍କ ଗବେଷଣା ରଚିକୁ ଭୂରି ଭୂରି ପ୍ରଶଂସା କରିଛନ୍ତି । ସେ ନିଜ ଜୀବନ କାଳରେ ବହୁ ଅନୁଷ୍ଠାନର ସଦସ୍ୟ ଥିଲେ । ଲିଙ୍ଗରାଜ ମନ୍ଦିର ପରିଚାଳନା ସମିତି, ରାଜ୍ୟ ଅଭିଲେଖାଗାର ସ୍ଥାୟୀ ଗବେଷଣା ସମିତି, ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ପାଣ୍ଡୁଲିପି ନିର୍ବାଚନ ସମିତି, ଓଡ଼ିଶା ସାହିତ୍ୟ ଏକାଡେମୀ, ସଙ୍ଗୀତ ନାଟକ ଏକାଡେମୀ, ଲଳିତକଳା ଏକାଡେମୀ, ଗୀତଗୋବିନ୍ଦ ସଂକଳନ ସମିତି ଓ ଏସିୟାଟିକ୍ ସୋସାଇଟୀର

ସେ ଥିଲେ ସଦସ୍ୟ । ସେ ଓଡ଼ିଶା ସାହିତ୍ୟ ଏକାଡେମୀ, ଶାରଳା ପୁରସ୍କାର, ଓଡ଼ିଆ କଲଚରାଲ୍ ଫୋରମ୍, ଉତ୍କଳ ପାଠକ ସଂସଦ, ପ୍ରଜାତନ୍ତ୍ର ପ୍ରଚାର ସମିତି ଆଦି ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଥିଲେ । ଯଶସ୍ୱୀ ଐତିହାସିକ ଓ ପୁରାତତ୍ତ୍ୱବିଦ୍ ଭାବରେ ସେ ଥିଲେ ଅନନ୍ୟ ବ୍ୟକ୍ତିତ୍ୱ ।

ଜୟଦେବଙ୍କୁ ଉତ୍କଳୀୟ ଭାବରେ ପ୍ରମାଣ କରିବାକୁ ଯାଇ ସେ ଲେଖିଥିଲେ ତଥ୍ୟପୂର୍ଣ୍ଣ ଗ୍ରନ୍ଥ ଶ୍ରୀଜୟଦେବ ଓ ଗୀତଗୋବିନ୍ଦ । The Jagannath Temple of Eastern India, Siva Temples of Orissa, Great Battles of History of Orissa, Siva in epigraphic Records, Saivism in Orissa Ancient Pilgirm routesim Orissa, Antiquities of Orissa ଆଦି ତାଙ୍କର କେତୋଟି ଅତ୍ୟନ୍ତ ଉପାଦେୟ ରଚନା ।

ଓଡ଼ିଶା ଇତିହାସ ଗବେଷଣାର ପ୍ରବାଦପୁରୁଷ ମହାନ୍ କର୍ମଯୋଗୀ କେଦାରନାଥ ମହାପାତ୍ର ୧୯୮୧ ମସିହା ଅପ୍ରେଲ ୨୦ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ । ଏହି ଅସାଧାରଣ ବିଦ୍ୱାନ୍‌ଙ୍କ ସ୍ମୃତିରେ ଭୁବନେଶ୍ୱରରେ ପ୍ରତିଷ୍ଠିତ ହୋଇଛି କେଦାରନାଥ ଗବେଷଣା ପ୍ରତିଷ୍ଠାନ । କେଦାରନାଥ ମହାପାତ୍ର ଓଡ଼ିଶାର ଗର୍ବ ଓ ଗୌରବ । ଓଡ଼ିଆଙ୍କ ପାଇଁ ଚିର ସ୍ମରଣୀୟ ବ୍ୟକ୍ତିତ୍ୱ ।

ବରିଷ୍ଠ ପ୍ରାଧ୍ୟାପକ ଓ ବିଭାଗୀୟ ମୁଖ୍ୟ,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ବିଜ୍ଞାନ ମହାବିଦ୍ୟାଳୟ ହିଞ୍ଜିଳିକାଟୁ



Gokulananda Mahapatra : An Eminent Scientist

Prof. Dr. Brajamohan Sasmal

I feel it a proud privilege and golden opportunity to write this article in memory of my beloved teacher and an eminent scientist of Odisha, Late Prof. Dr. Gokulananda Mahapatra. I was quite fortunate that Prof. Mahapatra was my direct teacher at Ravenshaw College, Cuttack during the period 1963 to 1965, while I was pursuing M.Sc. degree course in Chemistry.

Prof. Mahapatra was born on 24th of May, 1922 in the village, 'Kuansa' of present Bhadrak District in Odisha State. Actually he was the youngest child of his father late Bijaya Gobinda Mahapatra and his mother Phunka Debi. His father was a Jamindar of that village. But he lost his father at an early stage, while reading in a Primary School of that village. So it was not possible on his part to continue his studies elsewhere. Any how he continued his early education in M.E. School and High School at Bhadrak and passed Matriculation in the year 1941 with first class in merit. Then he received the High School Merit Scholarship, which encouraged him to take admission in Intermediate Science class at Revenshaw College, Cuttack. While he was going to complete Intermediate Course, he lost his elder brother and his elder sister in

the year 1943 and 1944 respectively. After losing his father at the early stage and other elder members of his family in subsequent years, he was quite disappointed. But with full of God gifted confidence and courage he could manage his family in his village and attend his classes at Ravenshaw College, Cuttack. At this early stage of his life he had to face the financial crisis which he could diffuse very tactfully.

After completion of B.Sc. degree course at Ravenshaw, he got married to Kumudini Debi, who was the daughter of a Jamindar of a nearby village. Actually God has helped him to get him married in a rich family in order to solve his financial crisis. Later on by getting financial help from his Father-in-law, he could join in M.Sc. degree course in Chemistry at Presidency College, Calcutta. After publication of results of M.Sc. degree in 1948, he was appointed as a lecutrer in Chemistry, at Ravenshaw College, Cuttack. He kept himself engaged in teaching ad research programme of the P.G. Department of Chemistry of Ravenshaw College. Then in the year 1958 he was awarded with Ph.D. degree in Chemistry by Utkal University under the able guidance and supervision of Prof. and head of the Department, Dr. Mahendra Kumar Raut. Afterwards, in the year 1961 he was awarded with a Foreign Study Scholarship and went to pursue his Post Doctoral FIC (Fellow in Chemistry) degree under Brandeis University at Boston of America. In his post doctoral thesis he has explained the proper structural arrangement of DNA (Dextro Nucleic Acid) molecules, present in the genes of human body. After three years of his post doctoral studies he returned back to Cuttack and continued as lecturer in the P.G. Chemistry Department of Ravenshaw

College. There he kept himself deeply engaged in P.G. teaching and research projects. On subsequent years, he has been promoted to the post of Reader in Chemistry and to the post of Professor in due course. Within a short span of time he could publish a good number of research papers in the journals and books of National and International repute. Under his able supervision of research projects, he could produce a number of valuable theses and twelve Ph.D. degree holders. Finally he took his superannuation from P.G. Department of Chemistry of Ravenshaw College, Cuttack as Professor and Head of the Department.

As a teacher and research supervisor he had enough love and affection towards his students and scholars, who in turn were liking and respecting him. During his stay at Calcutta for M.Sc. studies, he has been encouraged to create and popularize science in Odia language among the odias living at Calcutta. While at Calcutta he was the first Odia who has been encouraged to write popular science articles in Odia language, which are to be broad casted weekly once by All India Radio (AIR), Calcutta. Then onwards he wrote a number of popular science articles in Odia News Papers, then published in Odisha such as 'Sankha', 'Chaturanga', 'Sahakar' etc. Collecting nearly 25 numbers of his popular science articles he was able to publish his first Odia science book, 'Bigyana Bismaya' in the year 1948. Then he could write his experiences in the field of Science, Literature, Cultural activities and advances of Technology at America in the form of an elaborate article in Odia language titled as 'Neelachakrabala Separe' which was published in the Odia Daily News Paper of that time, Kalinga, Edited by the then

Chief Minister of Odisha, Mr. Biju Patnaik. Afterwards he has publised another Odia article, 'Paschatya Smruti' narrating his experience at America and Europe. Soon after returning from America he wrote two other Science Books in Odia namely 'E Jugara Srestha Abiskar' and 'E Jugara Sreshta Udvabana', which were published during the year 1957-1958. Then, he was nominated to get 'Odiha Sahitya Academy Award in the year 1964 for his book, 'E Jugara Srestha Abiskar'.

There after to bring reforms in social lives of the people of Odisha he decided to write some Odia story books and novels basing on the facts of modern Science and Technology. He has been inspired by the scientist, H.D. Wales. His main aim was how the science and its discoveries will be utilized for the benefits of the society, but never for its destruction.

In the year 1952, he published his first novel in Odia, 'Pruthibi Bahare Manisha', which is based on recent scientific developments and discoveries. In this novel he has narrated about the possibilities of establishing the alternative habitats in the nearby planets like Moon and Mars for mankind in near future. Thereafter, he wrote a number of interesting and scientific fictions and story books in Odia namely, 'Krutrima Upagraha', 'Udanta Thalia', 'Nischala Pruthibi', 'Nistabdha Godhuli', 'Madhyannara Andhakar', 'Mrutyu Eka Matrutwora', 'Chandrara Mrutyu', 'Chandralokare Monisha' etc.

In addition, he wrote an odia translation book on 'Aspect of science' a famous book written by the great scientist and nobelorate, Sir C.V. Raman. Besides he has written a number of odia story books and drama books meant for children namely 'Rajanartaki (a drama)',

'Tumaku sata Mote Micha', 'Kie Besi Bhari', 'Chabi Kemiti Katha Kahe' etc.

For Odisha school and college students, he has written a number of science text books both in Odia and English, which were subsequently approved by the school board and university authorities and were used by all most all students of the state.

In order to make the people of Odisha to understand the facts of modern science and technology and to utlize them in their daily social lives, he constituted a science association in Odisha in the year 1949 which was named as, 'Bigyan Prachar Samiti'. He involved in this samiti many professors and scientists of different science departments of different colleges and universities of Odisha and held regular meetings, discussions and debates on the recent scientific discoveries and research studies, on every last Sunday of a month.

In addition, he was also the founder of 'Gokulananda Foundation for Science'. The main purpose of this foundation is to release grants regularly for the development and improvement of science laboratories at Ravenshaw University and Utkal University. The aim of this foundation was to improve upon the practical knowledge of science students of the state.

He has been awarded with 'Kooper memorial Gold Medal' for his valuable research work, for the benefits of the society. Afterwards, he was also awarded with 'Samanta Chandra Sekhara Honour Prize' for his valuable research work in the field of science and technology. For his valuable contribution in the field of science and technology he has been awarded with other prestigious prizes of Govt. of Odisha and important organizations

namely 'Kalinga Samman', 'Sarala Samman' and 'Prana Krushna Parija Memorial Prize' etc. In addition, he has been highly honoured by various science and literary Associations such as 'Neela Saila', 'Mani Manika', 'Manapabana' and 'Utkal Pathaka Sansada'.

Although an eminent scientist, he had tremendous faith in God and enough love and affection for the people of Odisha, particularly for his loving students and scholars. He was giving much attention and respect to time and was following it as the direction of God. On 10th July 2013, the auspicious day of Sri Gundicha Ratha Yatra, he breathed his last, leaving behind his beloved wife Mrs. Kumudini Mahapatra, two sons and three daughters. Today he is no more physically present in this immortal world, but his valuable contributions towards sciecne and technology will keep him alive forever in the minds of the people of Odisha.

Sheragada Bungalow,
Convent School Road, Berhampur.



Dr. Gopinath Panigrahi : An Eminent Scientist of International Repute

Dr. Malaya Kumar Misra

Dr. Gopinath Panigrahi was born on 27 February 1924 in the village Baikunthapur of Bhadrak district, Odisha. Although he had his early education in a school of rural set up, he could stand first in matriculation examination in 1942 of Patna University, in the pre-independence period, which was considered then as a mark of high excellence. He obtained his B.Sc. (Hons.) degree from Ravenshaw College, Utkal University and M.Sc. Botany from Allahabad University, Allahabad. In 1954 he obtained his Ph.D. degree from the University of Leeds, United Kingdom under the supervision of late Prof. I. Menton, F.R.S.

During his studentship, he obtained a number of scholarships such as State Scholarship for 2 years for having stood first in matriculation, Peck Memorial Scholarship for 2 years of the Ravenshaw College, Cuttack for distinction gained in this I.Sc. Examination of Utkal University in the 1944 and Post-Graduate Scholarship of the Government of Orissa during M.Sc. Study in 1947. He also obtained many benefits during his service period.

During his life time he was associated with many Academic Associations in India and abroad and was the fellow of many prestigious societies such as the Fellow of the Linnaean Society, London (FLS) in 1973; of the Indian

Fern Society (FIFS) in 1992; of the West Bengal Academy of Sciences and Technology (FAST) in 1991 and of the Indian Botanical Society (FBS) in 1962. He was elected President of Orissa Botanical Society, Bhubaneswar in 1983 and was President for 2 years (1983-84) of the Indian Fern Society, Patiala.

In view of his contributions to Botanical Science he was awarded in *Panchanan Maheswari Gold Medal* in 1994 by the Indian Botanical Society. In 2002, he was awarded with the *Janaki Ammal National Award for Taxonomy*.

After M.Sc. Degree, he began his career as a lecturer in Botany at Ravenshaw College, Cuttack in July 1948 and served up to July 1956. Then he moved to Botanical Survey of Indian (BSI), Govt. of India Systematic Botanist and promoted to Regional Botanist in 1959. He served as Indian Liaison Officer at Royal Botanical Gardens, Kew, United KIngdom from December 1972 to December 1975. He was appointed as Deputy Director (special) BSI, Howrah in January 1976, on return from U.K. and was assigned a special job to reorganise the Central National Herbarium (CAL), Botanical Survey of India, Howrah. He was promoted to Joint Director in July 1978 and served until his superannuation in February 1982. He was Emeritus Scientist, BSI from 1st March 1982 to 28th February 1987. After retirement he was staying at Kalindi Housing Estate, Jessor Road, Calcutta and continued his research work countributing a lot to Botanical Science. On 15 December 2004 he died at his Calcutta residence.

Contribution to the Field of Botanical Science :

He worked on various fields of Botany such as (i) Plant Physiology, (ii) Cytogenetics, Systematic,

Nomenclature and Ecology of Pteridophytes and (iii) Cytogenetics, Systematic, Nomenclature and Ecology of Angiosperms. Moreover, in association with his students he published a number of books in plant taxonomy. He had also edited and reviewed many books on botany.

During his stay as Lecturer at Ravenshaw College he did some work on Plant Physiology and published about 3 papers and then changed his specialization to cytotaxonomy, systematic, and related field.

He has published more than 300 scientific papers between 1951 to 1995, of these, more than 80 papers are published in journals outside India, such as (1) *Species Studies in British Flora*, London (1955), (2) *Proc. Leads Philos. Soc.* (1954), (3) *Proc. Linn. Soc., London* (1958), (4) *Nature* (1961), (5) *American Fern Journal* (1963, 1965, 1993), (6) *Taxon* (1967, 1975, 1979, 1987-33 papers), (7) *Kew Bulletin* (1974, 1975, 1976- 13 papers), (8) *Notes Ray. Bot. Gard., Edinburg* (1975), (9) *Blumea* (1984), (10) *J. Japan Bot.*, Tokyo (1983, 1984) and (11) *Phytologia* (1974, 1975, 1976). He worked with foreign researchers and published papers in association with six scientists from U.S.A. and U.K. His papers have been referred to by many scientists, both in India and abroad, Below are given some examples of his contributions to Botanical Science. In taxonomy, he established *Tragus roxburghii* Panigrahi, as a new species in 1974 and also a new family *Tectoriaceae* Panigr. Two new genera *Brachycaulos* Dixit & Panigr. (1981) (Rosaceae) and *Parabemionitis* Panigr. (1993) as monotypic genera were established by him. He selected the Lactotype for several taxa. He revised the genus *Isoetes* L. in India. And established *Isoetes bilaspurensis* Panigr. in 1981.

He identified the West Himalayan taxon known to-date as *Diplazium polypodioides* auct, as *Diplazium fieldingiaunum* (Kunze) Panigr. (1975).

His hybridization of a number of cytological types with in *Cyclosorus parasiticus* complex (Panigrahi & Manton (1958), *Asplenium aethiopicum* complex (Panigrahi 1963), *Aleuritopteris farinosa* complex (Panigrahi 1962) and *Dryopteris villuril* complex (Panigrahi 1965) yielded significant new data to view the taxonomy of these taxa in new light and also to postulate the origin and migration of flora between Africa and India.

Cytotaxonomic studies in Indian Polypodiaceae have enabled him to postulate a hypothesis (Panigrahi & Patnaik 1963) to explain the low percentage and grade of euploidy as due to epiphytic habit.

His revision of several genera, viz. *Pityrogramma, Thelypteris* (ferns), *Adenostemma, Dalhousea, Chlorophytum orchidastrum* complex, *Plantago* and *Toona* at Kew and of *Haplanthodes* and *Leptocahtilus* was also completed at Howrah.

In co-ordination with his wife, Smt. S. G. Panigrahi (1977), he re-established Parkin's (1914) views on the theory of evolution of inflorescences and suggested that the solitary axillary flower is the most primitive structure, from which the cymose (monotelic) and recemose (politalic) inflorescences could have evolved, at least within the family *Lythraceae*.

Many students and researchers have worked under him for research during his life time as evidenced by his publications. The author had the opportunity to work with him and in collaboration with him a paper on the ferns of Koraput district, Orissa was published in 1989. He guided 10 Research Scholars who got Ph.D. degree by the

University of Utkal, Calcutta, Berhampur, Sambalpur and Bihar on wide ranging subjects, viz. cytotaxonomy of the Polypodiaceae of Eastern India (S.N. Panaik); Flora of Bilaspur district, M.P. (S. Krishna Murti); Revision of the family Rosacea in India (B.K. Dikshit, K.M. Purohit, Chhabi Ghora, and Arvind Kumar); Flora of Orissa; Polypetalae (S.C. Mishra) and Monocotyledons (A.K. Dubey); Flora of Northern Koraput district, Orissa in association with M.K. Misra (P.K. Das) and Pteridophytic flora of the Tirap district, Arunachal Pradesh (Samum Singh).

His books on "The Family Rosaceae in India" in four volumes (with Dr. K. M. Purohit in Vol. I and with Dr. C. Ghora, Dr. A. Kumar and Dr. B.K. Dikshit in Vols. 2, 3, 4, respectively); "Flora of Bilaspur Districts, M.P." in two volumes (with Dr. S. K. Murti) and "The Pteridophytic Flora of the Tirap District, Arunachal Pradesh" in two volumes with Dr. S. Singh. "The Flora of Orissa" book written by him was initiated for publication at the Berhampur University and about 80 pages were printed, but unfortunately this work could not be completed.

Dr. Panigrahi has acted as the Botanical Editor of the Flora of USSR for some volumes (English translation).

Former Professor & Head,
Department of Botany,
Berhampur University.



ପଦାର୍ଥ ବିଜ୍ଞାନୀ ସୂର୍ଯ୍ୟନାରାୟଣ ବେହେରା

ଡକ୍ଟର ନିଖିଳାନନ୍ଦ ପାଣିଗ୍ରାହୀ

ପ୍ରଫେସର୍ ସୂର୍ଯ୍ୟନାରାୟଣ ବେହେରା ଗୁଣୁପୁର ଥାନା ଅନ୍ତର୍ଗତ ବାତିଲି ନାମକ ଏକ ଅବିକଶିତ ଗ୍ରାମରେ ୧୬.୮.୧୯୪୧ ତାରିଖରେ ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ପୀତାମ୍ବର ବେହେରା ସେତେବେଳେ ପୋଲିସ୍ ବିଭାଗରେ କନେଷ୍ଟବଲ୍ ଭାବେ ଚାକିରି କରୁଥାନ୍ତି । ପାରିବାରିକ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବା ଯୋଗୁଁ ପ୍ରଫେସର ବେହେରାଙ୍କୁ ବହୁତ ବାଧା ବିଘ୍ନ ଓ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । କିନ୍ତୁ ନିଜ ବିଚକ୍ଷଣ ବୁଦ୍ଧିମତ୍ତା ଓ କଠିନ ପରିଶ୍ରମ ବଳରେ ସେ ପାରଳାଖେମୁଣ୍ଡିସ୍ଥିତ ଏସ୍.କେ.ସି.ଜି. କଲେଜରୁ ବିଜ୍ଞାନରେ ଇଣ୍ଟରମିଡିଏଟ୍ ପରୀକ୍ଷାରେ କୃତିତ୍ୱର ସହିତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ । ସେତେବେଳେ ତାଙ୍କ ବାପା ଇଂଜିନିୟରିଂ କୋର୍ସରେ ନାମ ଲେଖାଇବାକୁ ତାଙ୍କ ଉପରେ ଚାପ ପକାଇଲେ । କିନ୍ତୁ ପ୍ରଫେସର ବେହେରା ଇଞ୍ଜିନିୟରିଂ ଅପେକ୍ଷା ବିଜ୍ଞାନ ପ୍ରତି ଅଧିକ ଆଗ୍ରହୀ ଥିଲେ । ବାସ୍ତବିକ ଇଞ୍ଜିନିୟର୍ ହେଲେ ଯେମିତି ଅର୍ଥ ଓ କ୍ଷମତା ଭୋଗ କରିବା ସୁଯୋଗ ଥିଲା, ସାଧାରଣତଃ ଯେ କୌଣସି ବ୍ୟକ୍ତି ଏଥି ପ୍ରତି ଲାଳାୟିତ ହେବା କଥା । କିନ୍ତୁ ଜ୍ଞାନପିପାସୁ ଡଃ ବେହେରା ଏହି ସାଧାରଣ ଚିନ୍ତାଧାରାରୁ ବହୁ ଉର୍ଦ୍ଧ୍ୱରେ ଥିଲେ ।

ଦୈବ ଯୋଗକୁ ଡିଗ୍ରୀ ଇଞ୍ଜିନିୟରିଂ କୋର୍ସରେ ନାମ ଲେଖାଇବାକୁ ଆବଶ୍ୟକୀୟ ଅର୍ଥର ବନ୍ଦୋବସ୍ତ ନ ହୋଇ ପାରିବା ଯୋଗୁଁ ବାପା ତାଙ୍କୁ ଏଥିପାଇଁ ବାଧ୍ୟ କରି ପାରିଲେ ନାହିଁ । ଏହା ପ୍ରଫେସର ବେହେରାଙ୍କ ପାଇଁ ଏକ ପ୍ରଚ୍ଛନ୍ନ ଆଶୀର୍ବାଦ ଥିଲା ଏବଂ ଇଞ୍ଜିନିୟର୍ ହେବା ଅପେକ୍ଷା ଜଣେ ବୈଜ୍ଞାନିକ ହେବା ପାଇଁ ଥିବା ତାଙ୍କ ଆଜନ୍ମ ସ୍ୱପ୍ନ ସାକାର ହେବା ପାଇଁ ସ୍ୱାଗତଯୋଗ୍ୟ ସୁଯୋଗ ଆଣିଦେଲା ।

ପ୍ରଫେସର ବେହେରା ପଦାର୍ଥବିଜ୍ଞାନରେ ପ୍ରଥମ ଶ୍ରେଣୀ ଅନର୍ସସହ ଡିଷ୍ଟିଙ୍କ୍ସନ୍ ରଖି ବି.ଏସ୍.ସି. ରେ ରେଭେନ୍ସା କଲେଜରୁ ୧୯୫୮ରେ ଉତ୍ତୀର୍ଣ୍ଣ ହେବା ପରେ ସେଠାରେ ସ୍ନାତକୋତ୍ତର (ପଦାର୍ଥ ବିଜ୍ଞାନ) ଶ୍ରେଣୀରେ ନାମ ଲେଖାଇଲେ । ତେବେ ଆର୍ଥିକ ଅଭାବ ଯୋଗୁଁ ଇନ୍ଦିରା ନାମ୍ନୀ ଜଣେ ଅଷ୍ଟମ ଶ୍ରେଣୀର ବଙ୍ଗାଳୀ ଛାତ୍ରୀକୁ

ଟ୍ୟୁସନ ପଢ଼ାଇଲେ- ଯାହାକି ତାଙ୍କ ସାରା ଜୀବନକୁ ଗୋଟିଏ ପ୍ରମୁଖ ଘଟଣା ଭାବେ ଆଚ୍ଛାଦିତ କରି ରଖିଥିଲା । ପରବର୍ତ୍ତୀ କାଳରେ ବର ଓ କନ୍ୟାପକ୍ଷଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ସେ ତାଙ୍କ ଟ୍ୟୁସନ ଛାତ୍ରୀ ଇନ୍ଦିରାଙ୍କୁ ୧୯୬୬ରେ ବିବାହ କରିଥିଲେ । କିନ୍ତୁ ଏକ ବର୍ଷ ପରେ ନିଜ ପତ୍ନୀଙ୍କ ପୂର୍ବ ବର୍ଣ୍ଣିତ ଅକାଳ ମୃତ୍ୟୁ ୨୪.୪.୧୯୬୭ରେ ଘଟିଥିଲା ।

ତେବେ ସେଇ ୧୯୬୭ ସାଲର ସେପ୍ଟେମ୍ବର ମାସରେ ସେ ଆଇ.ଆଇ.ଟି., କାନପୁରରୁ ସଲିଡ୍ ଷ୍ଟେଟ୍ ଫିଜିକ୍ସରେ ତାତ୍ତ୍ୱିକ ଗବେଷଣା ପାଇଁ ପି.ଏଚ୍.ଡି. ଉପାଧି ପାଇଥିଲେ । ପ୍ରାୟ ସେଇ ସମୟରେ ସେଠାକାର ପ୍ରଫେସର ଜଗଦୀଶ ଚନ୍ଦ୍ର ମହାନ୍ତିଙ୍କ ସୁପାରିଶରେ ଉଚ୍ଚତର ଗବେଷଣା ପାଇଁ କାନାଡ଼ାରେ ଦୁଇ ବର୍ଷିଆ ପୋଷ୍ଟ ଡକ୍ଟରାଲ୍ ଫେଲୋସିପ୍ ପାଇବା ପାଇଁ ଡଃ ବେହେରାଙ୍କୁ ମନୋନୀତ କରାଗଲା । କଲିକତା ରେଳ ଷ୍ଟେସନରେ ଇନ୍‌କ୍ୟୁବେଟରରେ ରଖା ଯାଇଥିବା ନିଜ ଶିଶୁ କନ୍ୟା ସନ୍ତାନକୁ ଅଜା ଆଈଙ୍କ ହେପାଜତରେ ଛାଡ଼ି ପଦାର୍ଥ ବିଜ୍ଞାନରେ ନୂତନ ତଥ୍ୟର ଅନୁସନ୍ଧାନରେ ସେ କାନାଡ଼ା ଅଭିମୁଖେ ଅଶ୍ରୁଳ ବିଦାୟ ନେଲେ ।

ଦିନକୁ ଦିନ ପଦାର୍ଥ ବିଜ୍ଞାନ ପ୍ରତି ତାଙ୍କର ମୋହ ଓ ନିଶା ବହୁଗୁଣିତ ହେବାରେ ଲାଗିଲା । ସେ ଗବେଷଣା ଓ ଅଧ୍ୟାପନା ସହିତ ଓତପ୍ରୋତ ଭାବେ ଜଡ଼ିତ ହେଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗର ପ୍ରତିଷ୍ଠା ଓ ପରେ ସେଠାରେ ଅଧ୍ୟାପନାରେ ୧୯୬୮ରୁ ୭୫ ଯାଏ ବ୍ୟସ୍ତ ରହିଲେ । ତା'ପରେ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ (ଆଇ.ଓ.ପି.)ରେ ୧୯୭୮ରୁ ୧୯୮୦ ପର୍ଯ୍ୟନ୍ତ ସହକାରୀ ପ୍ରଫେସର୍, ୧୯୮୦ରୁ ୧୯୮୫ ମଧ୍ୟଭାଗ ଯାଏ ପ୍ରଫେସର୍ ଏବଂ ତତ୍‌ପରବର୍ତ୍ତୀ କାଳରେ ସେଇ ପ୍ରତିଷ୍ଠାନର ମର୍ଯ୍ୟାଦାଜନକ ସର୍ବୋଚ୍ଚ ପଦାଧିକାରୀ ନିର୍ଦ୍ଦେଶକ ଭାବେ ଜୁନ୍ ୧୯୯୫ରୁ ୨୦୦୧ ଯାଏ କାର୍ଯ୍ୟ କଲେ । ନିୟମିତ କାର୍ଯ୍ୟକାଳ ଶେଷ ହେବା ପରେ ସେ ସେଠାରେ ପ୍ରଫେସର୍ ଭାବେ ଗବେଷଣାରତ ହେଲେ । ଦୀର୍ଘ କାଳର ନିରବଚ୍ଛିନ୍ନ ଗବେଷଣା ଲବ୍ଧ ତାଙ୍କର ବହୁ ନିବନ୍ଧ ବିଭିନ୍ନ ଖ୍ୟାତିସମ୍ପନ୍ନ ଆନ୍ତର୍ଜାତିକ ପତ୍ର ପତ୍ରିକାରେ ସ୍ଥାନିତ ହୋଇଛି । ଏତତ୍‌ବ୍ୟତୀତ ସେ ବହୁ ପଦାର୍ଥ ବିଜ୍ଞାନୀଙ୍କୁ (ଏଗାର ଜଣ ପିଏଚ୍.ଡ଼ି.) ସ୍ୱଚେଷ୍ଟାରେ ଗଢ଼ି ପାରିଛନ୍ତି ଏବଂ ତାଙ୍କ ଗବେଷଣାର ଧାରାକୁ ଏହାଦ୍ୱାରା ସୁଦୂର ଭବିଷ୍ୟତ ଯାଏ ଚଳଚଞ୍ଚଳ କରି ରଖିବା ପାଇଁ ସେ ସୁପରିକଳ୍ପିତ ଯୋଜନା ପ୍ରସ୍ତୁତ କରିଯାଇଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରଫେସର୍ ବେହେରା ବିଦେଶରେ ଗବେଷଣା ପାଇଁ ପ୍ରାୟତଃ ନିଜ ଆଡୁ ଦରଖାସ୍ତ କରୁ ନ ଥିଲେ, ବରଂ ଆମନ୍ତ୍ରିତ ହୋଇ ସେ ସେଠାକୁ ଯାଉଥିଲେ । କାନାଡ଼ାରେ ଗବେଷଣାରତ ଥିବା ବେଳେ ଉଚ୍ଚ ଦରମାରେ ଚାକିରି ପାଇବାର ଭରପୂର ସୁଯୋଗ ତାଙ୍କ ପାଇଁ ସେଠାରେ ଥିଲା । କିନ୍ତୁ ସେ ସେଥିରେ ପ୍ରଲୋଭିତ ହୋଇ ନ ଥିଲେ । ବରଂ ନିଜ ଦେଶ- ବିଶେଷତଃ ପ୍ରଦେଶ ଓ ବାତ୍ସଲ୍ୟ ସ୍ନେହର ଆକର୍ଷଣକୁ ଏଡ଼ାଇ ନ ପାରି ସେ ସେତେବେଳେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ । ତାଙ୍କ ଜୀବନକୁ ବର୍ତ୍ତମାନ ସମୀକ୍ଷା କଲେ ପ୍ରତୀତ ହୁଏ ଯେ ଓଡ଼ିଶାରେ ପଦାର୍ଥ ବିଜ୍ଞାନର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ତାଙ୍କର କାର୍ଯ୍ୟ ଅବିସ୍ମରଣୀୟ ।

ବିଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ସେ ଅହରହ ଉଦ୍ୟମ କରି ଆସିଛନ୍ତି । ଏଥିପାଇଁ ବିଭିନ୍ନ ସଭାସମିତିରେ ଯୋଗ ଦେଇ ବହୁ ଉପାଦେୟ ବକ୍ତୃତା ଦେଇଛନ୍ତି । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ସାହା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନିଉକ୍ଲିଆର୍ ଫିଜିକ୍ସ (କଲିକତା), ନେପାଳର ରାଜଧାନୀ କାଠମାଣ୍ଡୁରେ ରିଫ୍ରେସ୍‌ର କୋର୍ସରେ ଲେକଚର୍ ଦେବା ସମେତ ସେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ନୋବେଲ୍ ପୁରସ୍କାର ବିଜୟୀ ଓ ପ୍ରତିଷ୍ଠିତ ଗବେଷକଙ୍କ ଜଟିଳ ବୈଜ୍ଞାନିକ ତତ୍ତ୍ୱ ଓ ଉଦ୍‌ଭାବନମାନ ଅତି ଜନପ୍ରିୟ ଓ ହୃଦୟଗ୍ରାହୀ ଢଙ୍ଗରେ ଅବତାରଣା କରି ଉଚ୍ଚ ପ୍ରଶଂସିତ ଓ ସ୍ୱନାମଧନ୍ୟ ହୋଇଛନ୍ତି ।

ଆମ ରାଜ୍ୟରେ ପଦାର୍ଥ ବିଜ୍ଞାନର ବିକାଶ ପାଇଁ ବ୍ରତୀ ଥିବା ଓଡ଼ିଶା ଫିଜିକାଲ୍ ସୋସାଇଟି (ଓ.ପି.ଏସ୍.)ର ସଭାପତି ଭାବେ ୧୯୯୯-୨୦୦୧ ଯାଏ ଯଥାର୍ଥ ଦିଗ୍‌ଦର୍ଶନ ଦେଇ ସେ ତାହାର କାର୍ଯ୍ୟାବଳୀ ସୁଚାରୁରୂପେ ସମ୍ପାଦନ କରିଥିଲେ । ପ୍ରଫେସର୍ ବେହେରାଙ୍କ ସାଙ୍ଗଠନିକ ଦକ୍ଷତା ପଛରେ ରହିଛି ତାଙ୍କ ନିର୍ବିବାଦୀୟ ବ୍ୟକ୍ତିତ୍ୱ । ବାସ୍ତବିକ ସେ ସମସ୍ତଙ୍କୁ ଅତି ଆପଣାର କରିପାରନ୍ତି । ସେ ହେଉଛନ୍ତି ଅଜାତଶତ୍ରୁ । ତାଙ୍କ ନମ୍ରତା ଓ ଭଦ୍ରାମିର ପଟାନ୍ତର ନାହିଁ ।

ମୌଳିକ ବିଜ୍ଞାନକୁ ପ୍ରଫେସର ବେହେରାଙ୍କ ଅସାଧାରଣ ଅବଦାନ ପାଇଁ ୧୯୯୧ ସାଲରେ ଓଡ଼ିଶା ବିଜ୍ଞାନ ପରିଷଦ ତାଙ୍କୁ ମର୍ଯ୍ୟାଦାଜନକ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' ପ୍ରଦାନ କରି ଯଥାର୍ଥ ପଦକ୍ଷେପ ନେଇଛନ୍ତି । ୨୦୦୩ରେ ପ୍ରଫେସର ବଳଭଦ୍ର ପ୍ରସାଦ ସମ୍ମାନ ଫିଜିକାଲ୍ ସାଇନ୍ସରେ ଉତ୍କର୍ଷ ପାଇଁ ତାଙ୍କୁ ପ୍ରଦାନ କରାଯାଇଥିଲା । ୨୦୧୦ ମସିହାରେ ରାଜ୍ୟର ସର୍ବଶ୍ରେଷ୍ଠ ବିଜ୍ଞାନ ଶିକ୍ଷକ ଭାବେ ଜୀବନବ୍ୟାପୀ ସଫଳତା ପାଇଁ ଓଡ଼ିଶା ଫିଜିକାଲ୍ ସୋସାଇଟି ତାଙ୍କୁ ସମ୍ମାନିତ କରିଛି ।

ପ୍ରଫେସର ବେହେରା ଅକ୍ଟୋବର ୨୦୦୨ରୁ ଜାନୁଆରୀ ୨୦୦୪ ପର୍ଯ୍ୟନ୍ତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦାସମ୍ପନ୍ନ କୁଳପତି ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ । ତେବେ ସେ ପୂରା କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ସ୍ୱେଚ୍ଛାରେ ଇସ୍ତଫା ଦେଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସେ ମୂଳତଃ ଜଣେ ସୃଜନଶୀଳ ପ୍ରତିଭା । ଯେତେବେଳେ ପ୍ରଶାସନିକ ଚାପ ତାଙ୍କ ସୃଜନଶୀଳତାର ବିକାଶ ଓ ପ୍ରକାଶ ପାଇଁ ଅନ୍ତରାୟ ହେଲା, ସେ କୁଳପତି ପଦବୀରୁ ଅବ୍ୟାହତି ନେଇ ନିଜ ପ୍ରତି ଓ ପଦାର୍ଥ ବିଜ୍ଞାନ ପ୍ରତି ଯଥୋଚିତ ନ୍ୟାୟ ପ୍ରଦର୍ଶନ କରିଛନ୍ତି ।

ପ୍ରଫେସର ବେହେରାଙ୍କ ପରି ଜଣେ ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ସରଳ ସାଧୁ ବ୍ୟକ୍ତି ରାଜନୀତିର ପଙ୍କିଳ ପରିବେଶରୁ ନିଜକୁ ମୁକ୍ତ ରଖି ଯଥାଶୀଘ୍ର ନିଜ ସ୍ୱଭାବସିଦ୍ଧ ଗବେଷଣା କାର୍ଯ୍ୟରେ ମନୋନିବେଶ କଲେ । ସେ ଯୁକ୍ତରାଷ୍ଟ୍ରର ଫିଲାଡେଲଫିଆସ୍ଥିତ ଡ୍ରେକ୍ସଲ ବିଶ୍ୱବିଦ୍ୟାଳୟ ଓ ଚିକାଗୋର ଏଲିନିୟ ବିଶ୍ୱବବିଦ୍ୟାଳୟରେ ଭିଜିଟିଂ ପ୍ରଫେସର (୨୦୦୪) ଭାବେ ଯୋଗ ଦେଇଥିଲେ । ତା ପରବର୍ଷ ମସ୍କୋ ଷ୍ଟେଟ ୟୁନିଭର୍ସିଟି ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେକାନିକସ୍‌ରେ ଭିଜିଟିଂ ଫାକଲ୍‌ଟି ରହି ପଦାର୍ଥ ବିଜ୍ଞାନରେ ମନୋନିବେଶ କରିଥିଲେ । ସଂଯୋଗବଶତଃ ମସ୍କୋରେ ଗଣିତ ଏବଂ ଯାନ୍ତିକ ପ୍ରଯୁକ୍ତି ବିଦ୍ୟା ବିଭାଗରେ କାର୍ଯ୍ୟରତ ଓଲ୍‌ଗା ବାଇଲିଆ (ସମ୍ପ୍ରତି ଭୁବନେଶ୍ୱର ଆଇ.ଟି.ଆର୍ ଇଞ୍ଜିନିୟରିଂ କଲେଜରେ ପ୍ରଫେସର୍)ଙ୍କୁ ମେ ୨୦୦୬ରେ ବିବାହ କଲେ । ସେମାନଙ୍କ ଏହି ବୈବାହିକ ଜୀବନ ସୁଖ ଓ ଶାନ୍ତିମୟ ଥିଲା । (ତାଙ୍କ ପ୍ରଥମ ପତ୍ନୀ ଇନ୍ଦିରାଙ୍କ ଠାରୁ ଜନ୍ମିତ କନ୍ୟା ସ୍ମୃତି ସହ ସେ ପୂର୍ବ ପରି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଜାୟ ରଖିପାରିଥିବା ବିଷୟ ଉଲ୍ଲେଖଯୋଗ୍ୟ ।) ପ୍ରଫେସର ବେହେରା ନୂତନ ଭାବେ ପ୍ରତିଷ୍ଠିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଟେରିଆଲ ସାଇନ୍ସ (ଭୁବନେଶ୍ୱର)ର ନିର୍ଦ୍ଦେଶକ ପଦବୀ ଗ୍ରହଣ କରି ଏହାର ମୂଳଦୁଆ ସୁଦୃଢ଼ କରିବା ସହ ଏହାକୁ ସ୍ଥାୟିତ୍ୱ ଓ ସୁନାମ ପ୍ରଦାନ କରିବାରେ ସମର୍ଥ ହୋଇଥିଲେ । ୨୦୦୯ରେ ଏଇ ଅନୁଷ୍ଠାନରୁ ବିଦାୟ ନେଇ ସେ ବ୍ରହ୍ମପୁରସ୍ଥିତ ଅଗ୍ରଣୀ ଇଞ୍ଜିନିୟରିଂ କଲେଜ ନିଷ୍ଟର ଅବୈତନିକ (ହନରାରି) ପ୍ରଫେସର ପଦବୀରେ ଅଧିଷ୍ଠିତ ହେଲେ । ତତ୍‌ସହ ମୃତ୍ୟୁ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ସମ୍ମାନଜନକ ଆଇ.ଆଇ.ଟି.ର ଭିଜିଟିଙ୍ଗ୍ ପ୍ରଫେସର ରହିଥିଲେ । ପଦାର୍ଥ ବିଜ୍ଞାନର ଉନ୍ନତି ପାଇଁ ତାଙ୍କ ଆଗ୍ରହ ଓ ନିଷ୍ଠା ଅବିସ୍ମରଣୀୟ । ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ସେ ରାଜଧାନୀର ଆପୋଲୋ ହସ୍‌ପିଟାଲରେ ୧୧.୦୯.୨୦୧୧ରେ ଚିକିତ୍ସାଧୀନ ହେଲେ । ସେଠାରେ

ତାଙ୍କର ସଫଳତା ସହ ଓପନ୍ ହାର୍ଟ ସର୍ଜରି କରାଗଲା । ତଥାପି ତାଙ୍କ ଶାରୀରିକ ଦୁର୍ବଳତା ବଢ଼ି ଚାଲିଲା । ଏମିତି ପ୍ରତିକୂଳତା ସତ୍ତ୍ୱେ ସେ ନିଷ୍ଟ କଲେଜରେ 'ଫଙ୍କ୍ସନାଲ ମାଟିରିଅଲ୍ସ' ବିଷୟରେ ଏକ ଆନ୍ତର୍ଜାତିକ କର୍ମଶାଳା (୨୦-୨୨ ଡିସେମ୍ବର, ୨୦୧୧) ଅନୁଷ୍ଠିତ କରିବାକୁ ମନପ୍ରାଣ ଢାଳି ଲାଗିପଡ଼ିଲେ । କିନ୍ତୁ ଏଥିରେ ଯୋଗଦେବା ପୂର୍ବରୁ ୧୪.୧୨.୨୦୧୧ ପ୍ରତ୍ୟୁଷରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶବ ସଂସ୍କାର କରି କନ୍ୟା ସ୍ମୃତି, ନାତୁଣୀ ସୁସ୍ମିତା, ପତ୍ନୀ ଓଲ୍ଗା ବାଇଲିଆଙ୍କ ସମେତ ବହୁ ଜ୍ଞାତି କୁଟୁମ୍ବ ଓ ପ୍ରଶଂସକ ତାଙ୍କୁ ଅଶ୍ରୁଳ ବିଦାୟ ଦେଇଥିଲେ । ଫିଜିକ୍ସର ଶିକ୍ଷକ ଓ ଗବେଷକମାନଙ୍କୁ ଏକତ୍ର କରିବାରେ ସେ ଜୀବନବ୍ୟାପୀ ଯେଉଁ ଅହରହ ଉଦ୍ୟମ କରିଥିଲେ, ତାହାର ଝଲକ୍ ନିଷ୍ଟ ଠାରେ ପରବର୍ତ୍ତୀ ସମୟରେ ଅନୁଷ୍ଠିତ କର୍ମଶାଳାର ସଫଳତାରୁ ପ୍ରମାଣିତ ହେଲା ।

ନିଜ ଜୀବଦ୍ଦଶାରେ ପ୍ରଫେସର ବେହେରା ୟୁନେସ୍କୋ ଦ୍ୱାରା ପ୍ରଦତ୍ତ କଳିଙ୍ଗ ପୁରସ୍କାର ମନୋନୟନ ମଣ୍ଡଳର ବିଚାରକ (୨୦୦୧-୦୩), କଲିକତାର ଏସ୍.ଏନ୍. ବୋଷ ନ୍ୟାସନାଲ ବେସିକ ସାଇନ୍ସ ସେଣ୍ଟରର ପରିଚାଳନା ସଦସ୍ୟ ତଥା ଆମେରିକାନ୍ ଫିଜିକାଲ୍ ସୋସାଇଟି ଓ ନ୍ୟୁୟର୍କ ଏକାଡେମୀ ଅଫ୍ ସାଇନ୍ସର ସଦସ୍ୟ ଥିଲେ । ନାନୋମେଟିରିଆଲ୍ ପରି ଅତ୍ୟାଧୁନିକ ବିଷୟରେ ରଚିତ ତାଙ୍କ ଗବେଷଣା ସନ୍ଦର୍ଭ ନ୍ୟୁୟର୍କ ନୋଭା ସାଇନ୍ସ ପବ୍ଲିଶର୍ସ ଓ ସିଙ୍ଗାପୁରର ୱାର୍ଲଡ ସାଇଣ୍ଟିଫିକ୍ ଦ୍ୱାରା ସଂକଳିତ ପୁସ୍ତକରେ ସ୍ଥାନିତ ହୋଇଥିଲା ।

ବହୁ ବିଖ୍ୟାତ ବ୍ୟକ୍ତି ଚାକିରିରୁ ଅବସର ନେବାପରେ ଆରାମଦାୟକ ଜୀବନ ବିତାଇଥାନ୍ତି କିମ୍ବା ନିଷ୍କ୍ରିୟ ହୋଇଯାନ୍ତି । କିନ୍ତୁ ପ୍ରଫେସର ବେହେରା ଶେଷ ନିଃଶ୍ୱାସ ଯାଏ ଗବେଷଣା ଓ ଶିକ୍ଷାଦାନରେ ନିମଗ୍ନ ଥିଲେ । ନିଜ ଅତୀତ ପଦପଦବୀକୁ ଭ୍ରୂକ୍ଷେପ ନ କରି ସେ ଯେ କୌଣସି ଛୋଟ ବଡ଼ ଅନୁଷ୍ଠାନର ସଭା ସମିତିରେ ଯୋଗ ଦେଉଥିଲେ । ଅବଶ୍ୟ ଜୀବନର ଅନ୍ତିମ ଭାଗରେ ନିଃସଙ୍ଗତାରୁ ସେ ଯନ୍ତ୍ରଣାଦଗ୍ଧ ହୋଇଥିଲେ । ବୋଧହୁଏ, ଜଣେ ବିଦେଶିନୀଙ୍କ ସହ ଦ୍ୱିତୀୟ ବିବାହ ଏଇ ଅଭାବକୁ କିଛି ପରିମାଣରେ ଲାଘବ କରିଥିବ ।

ଉପାଧ୍ୟୁତ୍ତର ଶ୍ରେଣୀରେ ଶିକ୍ଷାଦାନ ସମେତ ପ୍ରଫେସର ବେହେରା ଘନାବସ୍ଥା ବିଜ୍ଞାନ (ସଲିଡ୍ ଷ୍ଟେଟ୍ ଫିଜିକ୍ସ)ରେ ପ୍ରାୟ ପଚାଶ ବର୍ଷ ଧରି ନିଷ୍ଠାପର ଭାବେ ଏକାଗ୍ର ଚିତ୍ତରେ ଗବେଷଣା କରିଛନ୍ତି । ପଦାର୍ଥବିଜ୍ଞାନର ଏହି ବିଭାଗଟିରେ ଘନାବସ୍ଥାରେ ଥିବା ବସ୍ତୁର

ବୈଦ୍ୟୁତିକ ପରିବାହିତା (ଇଲେକ୍ଟ୍ରିକାଲ କଣ୍ଡକ୍ଟିଭିଟି), ଅତି ପରିବାହିତା (ସୁପରକଣ୍ଡକ୍ଟିଭିଟି), ଆଲୋକୀୟ ପରିବାହିତା (ଫଟୋ କଣ୍ଡକ୍ଟିଭିଟି) ପରି ବିଭିନ୍ନ ଗୁଣ ଅଧ୍ୟୟନ କରାଯାଏ । ସାମ୍ପ୍ରତିକ ବିଜ୍ଞାନ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି ଏବଂ ଆମ ଦୈନନ୍ଦିନ ଜୀବନକୁ ପରୋକ୍ଷ ଭାବେ ପ୍ରଭାବିତ କରିଛି । ଅତିପରିବାହିତା ଓ ନାନୋ-ବିଜ୍ଞାନ ଉପରେ ପ୍ରଫେସର ବେହେରା ଅଧିକ ଧ୍ୟାନ ଦେଇଥିଲେ ।

୧୯୮୬ ସାଲରେ ପେରାଭସ୍କାଇଟ୍ ସ୍ଫଟିକ-ସଂରଚନା (କ୍ରିଷ୍ଟଲ ଷ୍ଟ୍ରକଚର୍) ଥିବା କିଛି ମୃଣ୍ମୟ (ସିରାମିକ୍, ଯାହାକି ଅଜୈବ ଓ ଅଧାତୁ ଏବଂ ଅଧିକାଂଶ ସ୍ଥଳେ ଗୋଟିଏ ଅକ୍ସାଇଡ୍ ବା କାର୍ବାଇଡ୍ ହୋଇଥାଏ)ର ସନ୍ଧାନ ମିଳିଲା, ଯାହାକୁ ସହଜଲଭ୍ୟ ତରଳ ନାଇଟ୍ରୋଜେନ୍‌ରେ ରଖିଲେ ଅତିପରିବାହିତା ହାସଲ କରିହେବ । ଏହା ଜାଣିବା ପରେ ବୈଜ୍ଞାନିକମାନେ ଏଥିରେ ଅଧିକ ଉନ୍ନତି ଆଣିବାକୁ ମନୋନିବେଶ କରିଛନ୍ତି । ଫଳରେ ଉଚ୍ଚ ତାପର ଅତିପରିବାହକ (ହାଇ ଟି-ସି ସୁପର୍‌କଣ୍ଡକ୍ଟର) ପ୍ରସ୍ତୁତ କରିବାରେ ଅଧିକରୁ ଅଧିକ ସଫଳତା ମିଳିବାରେ ଲାଗିଛି । ପ୍ରଫେସର ବେହେରା ଏହି ଅତ୍ୟାଧୁନିକ ଜଟିଳ ବିଭାଗରେ ଗବେଷଣାରତ ଥିଲେ । ଦିନେ ନା ଦିନେ ବୈଜ୍ଞାନିକମାନେ ଏଥିରେ ଆଶାନୁରୂପ ସଫଳତା ପାଇବେ । ତାହାହେଲେ ଆମେ ବିଦ୍ୟୁତ ବ୍ୟବହାର ପାଇଁ ବର୍ତ୍ତମାନ ଯେମିତି ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି, ତାହା ହଟିଯିବ । ଏହା ଆମ ଶକ୍ତି ଚାହିଦାକୁ ମେଣ୍ଟାଇବାରେ ମଧ୍ୟ ସହାୟକ ହେବ ଏବଂ ଶକ୍ତି-ସଂକଟ ଟାଳି ଦେବ । ଏହା ବାସ୍ତବରେ ଘଟିଲେ ଆମେ ଆମେରିକୀୟ ଉଦ୍‌ଭାବକ ଥୋମାସ୍ ଆଲଭା ଏଡିସନ (୧୮୪୭-୧୯୩୧)ଙ୍କ ସ୍ୱପ୍ନକୁ ଚରିତାର୍ଥ କରି ପାରିବା, "ମୁଁ ବିଦ୍ୟୁତ୍ ଶକ୍ତିକୁ ଏତେ ଶସ୍ତା କରିଦେବି ଯେ କେବଳ ଧନୀମାନେ କ୍ୟାଣ୍ଡେଲ ଜାଳିବାକୁ ସମର୍ଥ ହେବେ ।" (ଉଦ୍ଧୃତ : ଟାଇମ୍ସ ଅଫ୍ ଇଣ୍ଡିଆ, ୨୯-୬-୨୦୧୨) ।

ଅତିପରିବାହିତା ବ୍ୟତୀତ ପ୍ରଫେସର ବେହେରାଙ୍କ ଗବେଷଣାର ଅନ୍ୟ ଏକ କ୍ଷେତ୍ର ହେଉଛି ନାନୋ ସାଇନ୍ସ (ନାନୋ-ବିଜ୍ଞାନ) । ଜଣେ ସାଧାରଣ ବ୍ୟକ୍ତି ନାନୋ କହିଲେ ବୁଝେ 'ଅତି କ୍ଷୁଦ୍ରାତିକ୍ଷୁଦ୍ର' । ଉଦାହରଣ ସ୍ୱରୂପ ନାନୋ-ମିଟର ହେଉଛି ଏକ ମିଟରର ହଜାର-ନିୟୁତ ଭାଗରୁ ଏକ ଭାଗ । ଏମିତି ପରିମିତ ବସ୍ତୁକୁ ଆଧାର କରି ଯେଉଁ ବିଜ୍ଞାନ ଗଢ଼ି ଉଠିଛି, ତାହା ହେଉଛି ନାନୋ ବିଜ୍ଞାନ । ସଂପ୍ରତି ବିଜ୍ଞାନର ପ୍ରତିଟି କ୍ଷେତ୍ରରେ ଏହା ପ୍ରବେଶ କରିଛି । ବିଂଶ ଶତାବ୍ଦୀର ଶେଷ ଦୁଇ-ତିନୋଟି

ଦଶକକୁ ସିଲିକନ ଯୁଗ ଓ ଜୈବପ୍ରଯୁକ୍ତି ଯୁଗ ବୋଲି ଚିନ୍ତାଶୀଳ ବ୍ୟକ୍ତିମାନେ କହନ୍ତି । ସେମାନଙ୍କ ମତ ମଧ୍ୟ ହେଉଛି ଯେ ଏକବିଂଶ ଶତାବ୍ଦୀରେ ନାନୋ ଟେକ୍ନୋଲୋଜି ରାଜତ୍ୱ କରିବ ।

ପ୍ରଫେସର ବେହେରା ଯୁଗୋପଯୋଗୀ ଗବେଷଣା ପ୍ରତି ସଚେତନ ଥିବାରୁ ନାନୋ ବିଜ୍ଞାନ ସହ ନିଜକୁ ସଂଶ୍ଳିଷ୍ଟ କରିଥିଲେ । ଏମିତି ଏକ ଆଭିମୁଖ୍ୟ ସେ ପୋଷଣ କରିଥିବାରୁ ପରିବେଶ ବିଜ୍ଞାନ ପରି ଜ୍ଞାନର ବିଭିନ୍ନ ଶାଖା ସମ୍ବନ୍ଧୀୟ (ଇଣ୍ଟର-ଡିସେପ୍ଲିନାରୀ) ବିଷୟକୁ ମଧ୍ୟ ତାଙ୍କ ଗବେଷଣାର ପରିସରଭୁକ୍ତ କରିଥିଲେ । ତେଣୁ ଆମ ଦେଶର କୋଇଲା-ପାଉଁଶ, ଉଡ଼ନ୍ତା ପାଉଁଶ ଓ ତେଜସ୍କ୍ରିୟତା ସମ୍ପର୍କରେ ସେ ଅନୁଧ୍ୟାନ କରିଥିବା ବିଷୟ ଜଣା ପଡ଼େ । (ଦ୍ରଷ୍ଟବ୍ୟ- ଜର୍ଣ୍ଣାଲ୍ ଅଫ୍ ଏନଭାଇରନ୍‌ମେଣ୍ଟ ଆଣ୍ଡ ରେଡିଏସନ ପ୍ରୋଟେକସ୍‌ନ, ଭାଗ ୧୮, ସଂଖ୍ୟା ୧୨, ୧୯୯୯) ।

ପ୍ରଫେସର ବେହେରାଙ୍କ ବହୁବିଧ ଉପାଦେୟ ଗବେଷଣା ପରିପ୍ରେକ୍ଷୀରେ ଆମକୁ ତଥାପି ମନେ ରଖିବାକୁ ହେବ ଯେ, ବିଜ୍ଞାନ ହେଉଛି ଗୋଟିଏ ମହାସମୁଦ୍ର । ନିଉଟନ୍‌ଙ୍କ ପରି ଜଣେ ଯୁଗସ୍ରଷ୍ଟା ବୈଜ୍ଞାନିକ ବିନମ୍ରତା ସହ ସତ କଥାଟି କହିଛନ୍ତି ଯେ, ସେ ସେହି ମହାସମୁଦ୍ର କୂଳରୁ ମାତ୍ର କେତୋଟି ବାଲିଗରଡ଼ା ସଂଗ୍ରହ କରିପାରିଛନ୍ତି । ଏଇ ଦୃଷ୍ଟିରୁ ପ୍ରଫେସର ବେହେରାଙ୍କ ବିଜ୍ଞାନ ପ୍ରତି ଅବଦାନକୁ ଅତି ନଗଣ୍ୟ ବୋଲି ବିଚାର କରାଯାଇ ପାରେ । କିନ୍ତୁ ବ୍ୟକ୍ତିଗତ ସ୍ତରରେ ଏମିତି କ୍ଷୁଦ୍ର କ୍ଷୁଦ୍ର ନିଷ୍ଠାପର ଉଦ୍ୟମ ହିଁ ବିଜ୍ଞାନ ଦିଗରେ ମାନବ-ଜାତିର ମହା ଅଭିଯାନକୁ ଅଗ୍ରସର ହେବାରେ ସହାୟକ ହେବ । ବିଶେଷତଃ ଓଡ଼ିଶା ପରି ବିଜ୍ଞାନ କ୍ଷେତ୍ରରେ ଅବିକଶିତ ରାଜ୍ୟରେ ଥିବା ଏକ ଅଖ୍ୟାତ ଅନୁନ୍ନତ ଆଦିବାସୀ ଅଞ୍ଚଳର ଗୋଟିଏ ସାଧାରଣ ପରିବାରରୁ ଉଠି ଆସି ଏତେ ଉଚ୍ଚ ସ୍ଥାନରେ ପହଞ୍ଚିବା ଘଟଣାକୁ ଅଣଦେଖା କରାଯାଇ ନ ପାରେ । ତାଙ୍କ ଜୀବନୀ ସଂଘର୍ଷରତ ବହୁ ଯୁବ ପ୍ରତିଭାକୁ ପ୍ରେରଣା ଯୋଗାଇବ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରାୟ ସାତ ବର୍ଷ ଓ ଭୁବନେଶ୍ୱର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନରେ ଦୀର୍ଘ ୨୬ ବର୍ଷ ତାଙ୍କ କର୍ମମୟ ଜୀବନ ଅତିବାହିତ ହୋଇଥିଲା । ଆମର ହୃଦ୍‌ବୋଧ ହେବା ଉଚିତ ଜଣେ ଗୁଣୀ, ଜ୍ଞାନୀ, ବିଜ୍ଞ ଓ ଭଦ୍ରବ୍ୟକ୍ତି ସୂର୍ଯ୍ୟନାରାୟଣ ନିରଳସ ସାଧକ ନିଷ୍ଠାପରତାର ଜ୍ୱଳନ୍ତ ଦୃଷ୍ଟାନ୍ତ ସେ ରଖି ଯାଇଛନ୍ତି ।

ତାଙ୍କ ସାମଗ୍ରିକ କୃତିତ୍ୱ ଓ ସଫଳତାକୁ ଏକ ଭିନ୍ନ ଢଙ୍ଗରେ ଚିତ୍ରଣ କରିବାକୁ ନିମ୍ନ ଗବେଷଣାପ୍ରସୂତ ବିଷୟଟି ଉପସ୍ଥାପନ କରାଯାଇ ପାରେ ।

ବ୍ରିଟିଶ ଆଣ୍ଟାର୍କଟିକ ସର୍ଭେର ଗବେଷକମାନେ ବାୟୁ ମଣ୍ଡଳର ଛଅ ଲକ୍ଷରୁ ଅଧିକ 'ଇକୋ- ସାଉଣ୍ଡିଙ୍ଗ ସିଗନେଚର'କୁ ସମୀକ୍ଷା କରିବା ପରେ ଜାଣି ପାରିଛନ୍ତି ଯେ, ଆମ ବାୟୁମଣ୍ଡଳରେ ଏଇ ରାସାୟନିକ ପ୍ରକ୍ରିୟା ସଂଘଠିତ ହେଉଛି । ଏହି କାରଣରୁ ଥର୍ମୋସ୍ପିଅର୍ ଶୀତଳ ହୋଇ ଯାଉଛି ଏବଂ ବାୟୁ ମଣ୍ଡଳୀୟ ଉପରେ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ଫଳ ସ୍ୱରୂପ ବିଗତ ୪୦ ବର୍ଷରେ ଆକାଶ ଆଠ କିଲୋମିଟର ତଳକୁ ଖସି ଆସିଛି । ଏଇ ଚମକପ୍ରଦ ତଥ୍ୟଟି ଜର୍ଣ୍ଣାଲ ଅଫ୍ ଜିଓଫିଜିକାଲ୍ ରିସର୍ଚ୍ଚରେ ୧୯୯୯ ସାଲର ପ୍ରଥମ ଭାଗରେ ପ୍ରକାଶିତ ହୋଇଛି । ତେବେ ଏଇ ଗବେଷକମାନେ ସ୍ଥିର କରି ପାରି ନାହାନ୍ତି- ଆକାଶ ତଳକୁ ଖସିବା ପ୍ରକ୍ରିୟା ଭବିଷ୍ୟତରେ କେଉଁ ରୂପ ନେବ !

ଏତାଦୃଶ ପ୍ରାକୃତିକ ଉପାୟରେ ପୃଥିବୀ ଓ ଆକାଶ ମଧ୍ୟରେ ଦୂରତ୍ୱ କମିବା, ବଢ଼ିବା ଘଟଣା ଗବେଷଣା ସାପେକ୍ଷ ହୋଇପାରେ । କିନ୍ତୁ ପ୍ରଫେସର୍ ବେହେରାଙ୍କ ଜୀବନୀକୁ ଅନୁଧ୍ୟାନ କଲେ, ଆମେ ଭାବି ଆଶ୍ଚର୍ଯ୍ୟାନ୍ୱିତ ହେଉ- ଜଣେ ବ୍ୟକ୍ତି ଅନୁନ୍ନତ ଓ ପ୍ରତିକୂଳ ପରିବେଶରେ ବଢ଼ି ମଧ୍ୟ କିପରି ଚମତ୍କାର ଭାବେ ଆଧୁନିକ ଜ୍ଞାନ-ଗରିମାର ଉଚ୍ଚ ଶିଖରରେ ପହଞ୍ଚିପାରେ ।

ଆମେ ବିସ୍ମିତ ହେବୁ ନାହିଁ, ଯଦି ଦିନେ ଜଣେ କେହି ଗୁଣଗ୍ରାହୀ ଉପରୋକ୍ତ ଉପମାଟିକୁ ସତ୍ୟର ଅପଳାପ ନୁହେଁ ବୋଲି ଅନୁଭବ କରିବ ।

Former Regional Director of Education,
Southern Zone, Berhampur and
Former Director of Text Book Bureau,
Govt. of Odisha, Bhubaneswar.



ଓଡ଼ିଶାର ପ୍ରଥମ ବାରିଷ୍ଟର : ବିଶ୍ୱନାଥ ମିଶ୍ର

ଶ୍ରୀ ଅନନ୍ତରାମ କର (କୌଣ୍ଡନ୍ୟ)

ମହାପୁରୁଷଙ୍କ ଜୀବନଚରିତ ଆମ ଜାତୀୟ ସମ୍ପଦ । ପ୍ରତ୍ୟେକ ଜାତିର ଇତିହାସରେ ଏଭଳି ବହୁ ମନୀଷୀ ଜନ୍ମ ଗ୍ରହଣ କରି ଜାତି ଓ ଜଗତ୍ ପାଇଁ ବହୁକାର୍ଯ୍ୟ କରି ସ୍ମରଣୀୟ ହୋଇଥାନ୍ତି । ଓଡ଼ିଶାର ଜଣେ ଉଜ୍ଜ୍ୱଳପୁରୁଷ, ଜାତି ନନ୍ଦିଘୋଷ ସତୀର୍ଥ ଏବଂ ସର୍ବୋପରି ଓଡ଼ିଶାର ପ୍ରଥମ ବାରିଷ୍ଟର ହେଉଛନ୍ତି ବିଶ୍ୱନାଥ ମିଶ୍ର ।

ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ଜନ୍ମ ୧୮୭୮ ମସିହା ଅକ୍ଟୋବର ୧୮ ତାରିଖ । ଜନ୍ମ ସ୍ଥାନ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟସ୍ଥ ନୂଆ ସୋମେଶ୍ୱରପୁର ବ୍ରାହ୍ମଣ ଶାସନ । ତାଙ୍କ ପିତାଙ୍କ ନାମ କୁଳମଣି ମିଶ୍ର ଏବଂ ମାତାଙ୍କ ନାମ ରାଧିକା ଦେବୀ । ପିତା କୁଳମଣି ଥିଲେ ଦରିଦ୍ର ବ୍ରାହ୍ମଣ । ବିଶ୍ୱନାଥ ଆବାଲ୍ୟରୁ ଥିଲେ ପ୍ରବଳ ଜିଜ୍ଞାସୁ ଏବଂ ଜ୍ଞାନପିପାସୁ । ଗ୍ରାମ ନିକଟସ୍ଥ 'ବେରକୋଇ' ଭର୍ଣ୍ଣାକୁଲାର ସ୍କୁଲରୁ ପାଠ ପଢ଼ା ସାରି ୧୮୯୭ରେ ସେ ପୁରୀ ଜିଲ୍ଲା ସ୍କୁଲରେ ଏଣ୍ଟ୍ରାନ୍ସ ପଢ଼ିବା ପାଇଁ ନାମ ଲେଖାଇଲେ । ୧୯୦୨ରେ ଏଣ୍ଟ୍ରାନ୍ସ ଫାଇନାଲ୍ ପରୀକ୍ଷାରେ କୃତିତ୍ୱର ସହ ପାସ୍ କରି ୧୦ ଟଙ୍କା ଡିଭିଜନାଲ ବୃତ୍ତି ପାଇ ରେଭେନ୍ସା କଲେଜରେ ଏଫ୍.ଏ. ଶ୍ରେଣୀରେ ନାମ ଲେଖାଇଲେ । ରେଭେନ୍ସାରେ ପାଠ ପଢ଼ିବା ସମୟରେ ନିଜର ପଢ଼ା ଖର୍ଚ୍ଚ ପାଇଁ ରୋଷେୟା ଏବଂ ଟ୍ୟୁସନ୍ ମଧ୍ୟ କରୁଥିଲେ । ୧୯୦୪ ମସିହାରେ ଏଫ୍.ଏ. ପାସ୍ କରି ପାଠପଢ଼ା ଛାଡ଼ି ଗଞ୍ଜାମ ରସଲକୋଣ୍ଡା (ଭଞ୍ଜନଗର) ଟ୍ରେନିଂ ସ୍କୁଲରେ ତୃତୀୟ ଶିକ୍ଷକ ରୂପେ ଯୋଗ ଦେଇ ପିଲାଙ୍କୁ ଓଡ଼ିଆ ପଢ଼ାଉ ଥିଲେ, ଯାହାକି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା । କାରଣ ସେତେବେଳେ ଓଡ଼ିଆ ପିଲାଙ୍କୁ ଓଡ଼ିଆ ଭାଷା ପଢ଼ାଇବା ପାଇଁ ତେଲୁଗୁ ଶିକ୍ଷକମାନଙ୍କୁ ଦାୟିତ୍ୱ ଦିଆଯାଉଥିଲା । ସେ ଭଞ୍ଜନଗରରେ ଶିକ୍ଷକତା କରୁଥିବା ସମୟରେ ଗଞ୍ଜାମ ସମ୍ମିଳନୀ ଏବଂ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ହେଲା ।

ରେଭେନ୍ସାରେ ପଢ଼ିବା ସମୟରେ ସେ ଗୋପବନ୍ଧୁ ଦାସଙ୍କ ସହ ପରିଚିତ ଥିଲେ । ଗୋପବନ୍ଧୁଙ୍କ ସୂଚନା କ୍ରମେ ସେ ପ୍ରଦେଶ ଗଠନ କାର୍ଯ୍ୟରେ ଯୋଗ ଦେଲେ । ୧୯୦୬ ମସିହାରେ ମାନ୍ଦ୍ରାଜ ଯାଇ ଓକିଲ ବି.ଏଲ୍. ପରୀକ୍ଷା ଦେଇ କୃତକାର୍ଯ୍ୟ ହେଲେ । ସେତେବେଳକୁ ଗଞ୍ଜାମର ଦ୍ୱିତୀୟ ଗ୍ରାଜୁଏଟ୍ ଭଞ୍ଜନଗରର ଶ୍ରୀବସ୍ତ ପଣ୍ଡା ଏବଂ ତାଙ୍କ ଭାଇ ହରିହର ପଣ୍ଡା ମାନ୍ଦ୍ରାଜରୁ ଗ୍ରାଜୁଏସନ୍ ଏବଂ ପ୍ଲିଡର ବି.ଏଲ୍. ପାଠ ପଢ଼ି ଭଞ୍ଜନଗର ଫେରି ଥାନ୍ତି । ଦୁଇ ପଣ୍ଡାଭ୍ରାତା ଥିଲେ ବିଶ୍ୱନାଥଙ୍କ ପଥପ୍ରଦର୍ଶକ । ଆଇନ ପରୀକ୍ଷାରେ ପାସ୍ କଲା ପରେ ସେ ଶିକ୍ଷକତା ଛାଡ଼ି ଆସିକା ଠାରେ ଓକିଲାତି ଆରମ୍ଭ କଲେ । ସେତେବେଳକୁ ସମଗ୍ର ଗଞ୍ଜାମ ଜିଲ୍ଲାରେ ହରିହର ପଣ୍ଡା ଏକମାତ୍ର ଓଡ଼ିଆ ଓକିଲ ।

ଆସିକାରେ ଓକିଲାତି କରିବା ସମୟରେ ପ୍ରଦେଶ ଗଠନ ଓ ଓଡ଼ିଆ ଆନ୍ଦୋଳନ ସହିତ ସେ ସମ୍ପୂର୍ଣ୍ଣ ରୂପେ ସାମିଲ ହୋଇଥିଲେ । ସେତେବେଳକୁ ଗଞ୍ଜାମର କଚେରୀମାନଙ୍କରେ ତେଲେଙ୍ଗୀ ଭାଷା ଚଳୁଥିଲା । ଓକିଲ ବିଶ୍ୱନାଥ କଚେରୀର ଭାଷା ଓଡ଼ିଆ ହେଉ ବୋଲି ମାନ୍ଦ୍ରାଜ ସରକାରଙ୍କ ଠାରେ ଦାବୀ ଉପସ୍ଥାପନା କଲେ । ଆସିକାର ଓକିଲ ହରିହର ପଣ୍ଡା ଏବଂ ନୀଳମଣି ବିଦ୍ୟାରତ୍ନ ପ୍ରମୁଖ ଏହି ଦାବୀର ପ୍ରମୁଖ ସମର୍ଥକ ଥିଲେ । ଏହା ଫଳରେ ବିଶ୍ୱନାଥ ତେଲେଙ୍ଗାମାନଙ୍କ ଶତ୍ରୁ ହେଲେ ତେଣୁ ତେଲେଙ୍ଗା ମହକିଲ ତାଙ୍କଠାରୁ ଦୂରେଇଗଲେ । କିନ୍ତୁ ଏହାର ଫଳସ୍ୱରୂପ ଓଡ଼ିଆ ଓକିଲମାନେ ଅଦାଲତରେ ଓଡ଼ିଆ ଭାଷାରେ ପିଟିସନ୍, ବକ୍ତବ୍ୟ ଇତ୍ୟାଦି ଦାଖଲ କରିବା ଆରମ୍ଭ କଲେ । ଏ ସମ୍ପର୍କରେ ତତ୍କାଳୀନ ପତ୍ରିକା 'Star of Utkal' ୧୩.୧.୧୯୦୬ ମସିହାରେ ଲେଖିଥିଲା- At a Special Meeting of the Ganjam 'Utkal Samiti' was resolved to request the oriya pleaders of Ganjam to use the oriya language in all petitions x x x Baboo Biswanath Mishro, Baboo Hari Hara Panda and Pandit Nilamani Bidyaratna have been working very hard for the country. But when they propose some thing in the name of Utkal country they should gather the view of the leadingmen of community particularly of the Raja of Khallikote and Dharakote etc.

ଭଞ୍ଜନଗର ଏବଂ ଆସିକାରେ ଥିବା ସମୟରେ ବିଶ୍ୱନାଥ ଓଡ଼ିଆ ଆନ୍ଦୋଳନ ସହିତ ସମ୍ପୂର୍ଣ୍ଣ ଭାବେ ସାମିଲ ହୋଇ ଏହାକୁ ସୁଦୃଢ଼ କରିଥିଲେ । ଚାରିବର୍ଷର ସଫଳ ଓକିଲାତି ପରେ ବିଶ୍ୱନାଥଙ୍କ ଜିଜ୍ଞାସୁ ମନ ଅସ୍ଥିର ହୋଇ ଉଠିଲା । ଓକିଲାତିରୁ

ଅର୍ଜିତ କିଛି ଧନ ସଂଚୟ କରି ୧୯୦୯ ମସିହାରେ ସେ ଇଂଲଣ୍ଡ ଗଲେ ବାରିଷ୍ଟରି ପାଠ ପଢ଼ିବା ପାଇଁ । ଇଂଲଣ୍ଡର ପ୍ରସିଦ୍ଧ Gray's Innରୁ Bar-at-law ପାଶ୍ କରି ଦେଢ଼ବର୍ଷ ପରେ ଓଡ଼ିଶା ଫେରିଲେ । ସେହି ସମୟକୁ ଓଡ଼ିଶାର କେହି Bar-at-law ପାଶ୍ କରି ନ ଥିଲେ । ଅବଶ୍ୟ ଏଥି ପୂର୍ବରୁ ମଧୁବାବୁ ଦୁଇଥର ଇଂଲଣ୍ଡ ଯାଇ ଫେରିଥାନ୍ତି ।

ପ୍ରକାଶ ଥାଉକି ମଧୁବାବୁଙ୍କ ପୂର୍ବରୁ କୌଣସି ଓଡ଼ିଆ ଇଂଲଣ୍ଡ ଯାଇ ନ ଥିଲେ । ସେତେବେଳେ ବିଦେଶ ଯିବା ଲୋକଙ୍କୁ ସାମାଜିକ ବାସନ୍ଦ ବା ଅଜାତିଆ ଘୋଷଣା କରାଯାଉଥିଲା । ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା ମଧ ବିଦେଶଯାତ୍ରୀଙ୍କ ପ୍ରତି କଡ଼ା କଟକଣା ଜାରି କରିଥିଲା ।

ଏହି ପରିପ୍ରେକ୍ଷୀରେ ରକ୍ଷଣଶୀଳ ସମାଜ ଓ ଅନ୍ଧବିଶ୍ୱାସର ଅନ୍ଧକାର ଗହ୍ୱର ମଧ୍ୟରୁ ବିଶ୍ୱନାଥଙ୍କ ଭଳି ଗରିବ ଯୁବକ ଏବଂ ପୁରୀ ଶୋଳ ଶାସନ ବାସିନ୍ଦା ଜଣକ ବିଦେଶ ଯିବା ଏକ ବ୍ୟତିକ୍ରମ ଥିଲା । ବିଶ୍ୱନାଥଙ୍କ ବିଦେଶ ଯାତ୍ରାକୁ ଲକ୍ଷ୍ୟ କରି ଫକୀର ମୋହନ ତାଙ୍କ ଉତ୍କଳ ଭ୍ରମଣଂ କାବ୍ୟରେ ଲେଖିଥିଲେ-

"ୱେଲ୍ ମିଷ୍ଟର ବି.ଏନ୍. ମିଶ୍ର
ଗୁଡ଼ବାଇ ଗୁଡ଼ବାଇ
ଭଲ ଆଦର୍ଶଟା ଏକା ଗଲତ ଦେଖାଲ ।
ଯାତ୍ରୀ ତଣ୍ଟିଚିପା ପଣ୍ଡା, ଯିବ ବିଲାତକୁ
ସ୍ୱପ୍ନରେ କେ ଆଣିଥିଲା ଏକଥା ମନକୁ ?"

ଲଣ୍ଡନରେ ବାରିଷ୍ଟରି ପଢ଼ିବା ସମୟରେ ସେ ବ୍ରିଟିଶ୍ ସମ୍ରାଟ ପଞ୍ଚମ ଜର୍ଜଙ୍କୁ ସାକ୍ଷାତ କରି ଉତ୍କଳ ପ୍ରଦେଶର ସମସ୍ୟା ଓ ସ୍ୱତନ୍ତ୍ର ପ୍ରଦେଶ ସମ୍ପର୍କରେ ଅବଗତ କରାଇଥିଲେ । ଜଣେ ଓଡ଼ିଆ ଛାତ୍ର ସମ୍ରାଟଙ୍କୁ ଭେଟି ମାଟି ମା'ର ଗୁହାରି ଜଣାଇବା ଏକ ବିରଳ ଓ ଦୁଃସାହସିକ ଘଟଣା ଥିଲା । କୃତିତ୍ୱର ସହ ବାରିଷ୍ଟରି ପାଶ୍ କରି ସେ ଦେଢ଼ବର୍ଷ ପରେ ଓଡ଼ିଶାକୁ ଫେରିଥିଲେ । ଏହା ପରେ ପୁନର୍ବାର ୧୯୧୨ ମସିହାରେ ଇଂଲଣ୍ଡ ଯାଇ ବାରିଷ୍ଟରି ପ୍ରମାଣ ପତ୍ର ଆଣିଥିଲେ । ଇଂଲଣ୍ଡରୁ ଫେରିବା ପରେ ବାରିଷ୍ଟର ବିଶ୍ୱନାଥ ମଧ ଜାତିଆଣ, ଜାତିବିଚ୍ୟୁତ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ।

ବାରିଷ୍ଟର ହେବା ପରେ ସେ ଆସିକା, ବ୍ରହ୍ମପୁର ଅଦାଲତ ଛାଡ଼ି ମାନ୍ଦ୍ରାଜ, କଲିକତା ଏବଂ ପାଟଣା ହାଇକୋର୍ଟରେ ଓକିଲାତି କଲେ । ଓକିଲାତି ପେଶା ହେଲେ

ମଧ୍ୟ ପ୍ରଦେଶ ଗଠନ, ସମାଜ ସେବା, ଓଡ଼ିଆ ଆନ୍ଦୋଳନ ସହ ଓତପ୍ରୋତ ଭାବେ ଜଡ଼ିତ ଥିଲେ । ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ (୧୯୦୪) ଠାରୁ ସେ ଜାତୀୟ ଜାଗରଣରେ ଅଂଶଗ୍ରହଣ କରିଥିଲେ । ବିଶେଷ କରି ୧୯୧୨ ମସିହାରେ ବ୍ରହ୍ମପୁର ଠାରେ ଅନୁଷ୍ଠିତ ସମ୍ମିଳନୀର ବିଶେଷ ଅଧିବେଶନ, ୧୯୧୪ ର ଦଶମ ପାରଳାଖେମୁଣ୍ଡି ଅଧିବେଶନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏପରିକି ଜୀବନର ଶେଷକାଳ ପର୍ଯ୍ୟନ୍ତ ସେ ଆନ୍ଦୋଳନର ପୁରୋଭାଗରେ ଥିଲେ । ୧୯୨୨ ଏବଂ ୧୯୩୧ ମସିହାରେ ଦୁଇଥର କେନ୍ଦ୍ର ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହୋଇ ଓଡ଼ିଆମାନଙ୍କ ଦାବି ଉପସ୍ଥାପନା କରିଥିଲେ । କେନ୍ଦ୍ର ବ୍ୟବସ୍ଥାପକ ସଭାରେ ତାଙ୍କ ଯୁକ୍ତି ଓ ବିଚକ୍ଷଣ ଉପସ୍ଥାପନା ନିମନ୍ତେ ବିଶ୍ୱନାଥ ମିଶ୍ର ସର୍ବଭାରତୀୟ ପରିଚିତି ହାସଲ କରିଥିଲେ ।

୧୯୨୩ ସାଲରେ ସେ କଟକରୁ "Utkal Herald' ନାମକ ସାପ୍ତାହିକ ଇଂରାଜୀ ପତ୍ରିକା ସମ୍ପାଦନା କରି ପ୍ରକାଶ କରୁଥିଲେ । ଓଡ଼ିଶା ଏକତ୍ରୀକରଣର ଦାବି ଉପସ୍ଥାପନା ପାଇଁ ଏହି ପତ୍ରିକା ଜାତୀୟ ତଥା ଇଂଲଣ୍ଡ ସ୍ତରରେ ପ୍ରଭାବ ସୃଷ୍ଟି କରୁଥିଲା । ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ସମ୍ପର୍କରେ ଗବେଷଣା କରି 'ପୁରାତନ ଉତ୍କଳର କ୍ଷୁଦ୍ର ଇତିହାସ' ନାମରେ ଏକ ପୁସ୍ତକ ରଚନା କରିଥିଲେ । ଏହି ପୁସ୍ତକ ଅପ୍ରକାଶିତ ରହିଥିଲା । ୧୯୨୨ ମସିହାରେ ବାରିଷ୍ଟର ବିଶ୍ୱନାଥ କେନ୍ଦ୍ର ବ୍ୟବସ୍ଥାପକ ସଭାର ସଭ୍ୟ ହେବା ପରେ ତତ୍‌କାଳୀନ ସମ୍ବାଦପତ୍ର 'ଦୈନିକଆଶା' ଲେଖିଥିଲା– "ବାରିଷ୍ଟର ମିଶ୍ର ଜଣେ ପାରିବାର ଲୋକ । ସେ ଓଡ଼ିଶାର ପ୍ରଥମ ବାରିଷ୍ଟର । ଜାତିର ବାରଣ ଓ ବାଧାବିଘ୍ନ ଅତିକ୍ରମ କରି ସେ ବିଲାତ ଯାଇଥିଲେ । ଏହା ତାଙ୍କ ନୈତିକ ସାହସର ପରିଚୟ ଦିଏ ।"

୧୯୨୪ ମସିହାରେ ଫିଲିପ୍ ଡଫ୍ କମିଶନ ସହ ସମସ୍ତ ବିଚ୍ଛିନ୍ନାଞ୍ଚଳ ଗସ୍ତ କରି ଓଡ଼ିଆଙ୍କ ସପକ୍ଷରେ ମତ ସୃଷ୍ଟି କରିଥିଲେ । ସେହିଭଳି ୧୯୩୧ରେ ସୀମା ନିର୍ଦ୍ଧାରଣ କମିଶନ୍‌ର ଓଡ଼ିଆ ବିରୋଧୀ ମତକୁ ସେ ବ୍ୟବସ୍ଥାପକ ସଭାରେ ପ୍ରବଳ ବିରୋଧ କରିଥିଲେ ।

ଏହିଭଳି ବହୁ ମହାନ୍ କାର୍ଯ୍ୟର ନିୟନ୍ତା, ଓଡ଼ିଆ ଜାତିର ଗର୍ବ ଓ ଗୌରବ, ପ୍ରଥମ ବାରିଷ୍ଟର ମାତ୍ର ୫୫ ବର୍ଷ ବୟସରେ– ୧୯୩୩ ମସିହା ସେପ୍ଟେମ୍ବର ୧୯ ତାରିଖରେ ହୃଦ୍‌ରୋଗରେ ସିମଳା ଠାରେ ପରଲୋକ ଗମନ କଲେ । ପ୍ରସିଦ୍ଧ ଇଂରାଜୀ ଦୈନିକ 'ଦି ଷ୍ଟେଟ୍‌ସମ୍ୟାନ' ଏହି ମହା ମନୀଷୀଙ୍କ ବିୟୋଗରେ ଲେଖିଥିଲେ–

Pioneer of oriya Mr. B.N. Mishra Dead.

Simla, September 19.

"Mr. Misra was a Barrister of Gray's inn and a pioneer of the movement for the creation of a separate province of Orissa. In his early days in England, he devoted much time and patience for studying in the British Museum the History of the Oriya people and their present territory and the results of his prolonged researches and embodied in a book 'A short History of Ancient Utkal' which he was hoping to publish very soon.

As Barrister he practised sucessfully in Calcutta. Patna and Cuttack...

He entered the assembly when he won the seat vacated by Pandit Nilakantha Das, the Congress man in 1930. At first he was a frequent and humoruos speaker; but ill health dogged him for some time before his death".

ଓଡ଼ିଆ ଦୈନିକ 'ଆଶା' ପତ୍ରିକା ଲେଖିଥିଲେ- "ଶ୍ରୀଯୁକ୍ତ ବାରିଷ୍ଟର ବିଶ୍ୱନାଥ ମିଶ୍ର ଇହଜଗତରେ ଆଉ ନାହାନ୍ତି । ସେ ଗତ ୧୯ ତାରିଖ ସକାଳେ ସିମଲାରେ ହଠାତ୍ ହୃଦ୍‌ଯନ୍ତ୍ରକ୍ରିୟା ବନ୍ଦ ହୋଇଯିବାରୁ ମୃତ୍ୟୁବରଣ କରିଅଛନ୍ତି । ଶ୍ରୀଯୁକ୍ତ ମିଶ୍ର ଅଳ୍ପଦିନ ତଳେ ଓଡ଼ିଶାର ସମସ୍ୟା ନେଇ ଡେପୁଟେସନରେ ବଡ଼ଲାଟଙ୍କ ପାଖକୁ ଯାଇଥିଲେ । ଓଡ଼ିଶାକୁ ପୃଥକ ପ୍ରଦେଶ କରିବା ଆନ୍ଦୋଳନରେ ସେ ଅନେକ ଦିନରୁ ଯୋଗ ଦେଇଥିଲେ ।"

ବାସ୍ତବରେ ଓଡ଼ିଶାର ପ୍ରଥମ ବାରିଷ୍ଟର ବିଶ୍ୱନାଥ ମିଶ୍ର ଥିଲେ ଏକାଧାରରେ ଜଣେ ଅସାଧାରଣ ଜ୍ଞାନପିପାସୁ, ସମାଜ ସଂସ୍କାରକ, ଦେଶପ୍ରେମୀ ଏବଂ ଓଡ଼ିଆ ଭାଷା ପ୍ରେମୀ ମହାମନିଷୀ ।

ଗବେଷକ,

ଭାଷ୍କଗିରି, ଗଞ୍ଜାମ

Hon'ble Justice Bachu Jagannatha Das: Life and Times

Prof. Lalit Kumar Deb

"Here eyes do regard you,
In eternity's stillness,
Here is all fullness,
Ye brave, to reward you;
Work and despair not." *(Goethe)*

Hon'ble Justice Bachu Jagannatha Das, B.A. (Hons.) M.L., was a man who believed in truth, simplicity, traditional values, discipline, rites and rituals and karma. His lawyer father, Bachu Narasimha Swamy Pantulu, B.A., B.L., lived in Park Street of Berhampur and it was here that he was born on July 27, 1893. He was the third son. Brought up in the environs of a traditional Brahmin family, he learned to be conservative, disciplined, simple and upright. He preferred to be clad in simple traditional white dress, with a turban on his head and red vermillion mark on the forehead. He always ate food cooked at home and avoided taking food outside. His straightforwardness and outspokenness was often misunderstood as arrogance.

Eucation :

Since his early childhood, he was a sincere, devoted and brilliant student and a voracious reader. He never wasted time in moving with friends or playing games. He attended the Khallikote College in Berhampur, where he completed his F.A. in 1911. His idol and source of inspiration was his mathematics teacher, Pandit W.V.V.B. Ramalingam Pantulu. He was good at mathematics and secured 100 percent marks in that paper. He joined the Presidency

College, Madras, where he completed B.A. (Hons.) in 1914. Thereafter following the footsteps of his father, he turned to law. He joined the Madras law College and received his B.L. degree in 1916 and M.L. degree in 1918.

Advocacy :

He enrolled as an advocate at Madras in 1918 and started practice at Berhampur, as a junior of Sir A.P. Patro. Later he shifted to Madras, practised in the Appellate side until 1948, and was a member of the Bar Council of Madras from 1943 to 48. He was not very succesful as a young lawyer and never was too happy at the bar, and had few briefs.

One of the appeals filed by him related to the conviction of Sri Thakur Abhiram Paramahansa by Mr. A.F.W. Dixon, the District Magistrate, Chatrapur, Ganjam District. The case was filed under COC Rule 195, Section 124, on 20-9-1934 and the offence was that the publication, 'Kali Bhagabata' contained several passages and seditious matters intended to bring into hatred and contempt His Majesty the King Emperor and the Government established by law in British India. On 27-9-1934, Abhiram Paramahansa, the sage aged 30 years was arrested. The trial was conducted from 29-9-1934 and was completed on 13-12-1934. Sri Lingaraj Panigrahi (Ex-speaker of Orissa Legislative Assembly, Ex-Education Minister and Chief Justice of Orissa) and Sri Ramana Murty, advocate were the defence counsel for Sri Abhiram Paramahansa and Sri Sasi Bhusan Rath, owner of the press at Berhmapur where the book was printed. Thakur was awarded punishment of rigorous imprisonment for one year. Bachu Jagannath Das, preferred an appeal against this judgment, on behalf of Sri Thakur. The appeal was however rejected. Sri Thakur was taken to Berhmapur

(Ganjam) District jail and admitted on 13-12-1934 to undergo the punishment.

Freedom Struggle :

During his practice at Madras, B. Jagannatha Das involved himself in social service and in the freedom struggle. He remained in-charge of the Harijan Industrial School, Kodampakkam from 1936 to 1948. He was elected as a Member of the Madras Corporation from 1938 to 1943. In 1942, Gandhi launched the Quit India Movement. Gandhi and the entire Congress Working Committee were arrested in Bombay on 9 August 1942. B. Jagannatha Das, who participated in the movement in Madras was arrested and imprisoned for two years. In the first quarter of 1946, Mahatma Gandhi visited Madras and went upto Madurai and Palani. B. Jagannatha Das, who was then an active member of the Congress Party met Mahatma Gandhi. The latter made an entry in his personal diary mentioning that B. Jagannatha Das, a lawyer from Berhampur, who met him that day, was a good man.

Judge of the Orissa High Court :

The circumstances leading to the appointment of B. Jagannath Das as judge of the Orissa High Court is hard to believe, but it is true. Fortunately, after the assassination of Mahatma Gandhi, Pandit Jawaharlal Nehru went through the entries in the diary and came across the name of B. Jagannath Das. He recommended the name of Mr. Das to Dr. Hare Krushna Mahtab, the then Chief Minister of Orissa, for giving the former a suitable assignment. A separate High Court for Orissa was established in 1948 at Cuttack, which was inaugurated by H.J. Kania, the then Chief Justice of the Federal Court of India on July 26, 1948. On that day B. Jagannatha Das was appointed as a Judge of the newly established High Court of Orissa at

Cuttack. The other judges were Bira Kishore Ray (Chief Justice), Lingaraj Panigrahi and R.L. Narasimham (ICS). The appointment of B. Jagannatha Das took many by surprise. Justice Harihar Mahapatra, expressing his astonishment on the appointment wrote in his book, titled 'My Life, My Work' (Allied Publishers, Delhi, 2011), "It was a mystery how his name was proposed and how the Chief Minister (Mahtab) gave his assent to the appointment. No one from Cuttack was considered even though many efficient lawyers practise in the circuit court here. Babu Jagannatha was a Congressman."

On October 31, 1951, Bira Kishore Ray retired as Chief Justice and B. Jagannatha Das succeeded. Giving a description of that day, Justice Harihar Mahapatra wrote "Only a short list had been made for the day, and Bira Babu and Jagannath Das sat on the division bench. Das left the bench immediately after the list was over without waiting for the farewell ceremony to be held by the bar association. Bira Babu had no other option except to leave the place. He later came to the court alone. We extended a farewell to him on behalf of the bar. Both the parties looked very solemn and formal at the ceremony.

B. Jagannatha Das continued as Chief Justice until March 3, 1953. During that period Dr. Rajendra Prasad, the President of India visited Cuttack. The Chief Justice arranged a meeting in the hall of the Bar Association to felicitate him. During the course of the speech, he said that he had worked as an obedient worker of Mahatma Gandhi and Rajendra Prasad during the Congress movement.

As Chief Justice, he developed differences with the Bar Association, because of his straight forwardness and angry outbursts. Justice Harihar Mahapatra in his book

'My Life, My Work', while writing about the elevation of B. Jagannatha Das to the Supreme Court, expressed the mood of the advocates in the following words. "There should have been a great deal of joy among the advocates that a judge of the Orissa High Court was being promoted as a judge of the Supreme Court for the first time. But everyone noticed and felt its absence. Jagannatha Das himself too felt the same way. He had lost everyone's affection by using harsh words in the court... A conducive atmosphere was missing because of his differences with the bar association when Jagannatha Das, the second Chief Justice, left the High Court."

Judge of the Supeme Court :

He was elevated as a Judge of the Supreme Court of India on, March 9, 1953, and retired on September 8, 1957. Justice Harihar Mahapatra while writing about the behaviour of Jagannatha Das as a jude of the Supreme Court wrote "... Jagannatha Das had shown no rudeness as a judge of the Supreme Court. He had called me to his chamber and exchanged pleasantries when he heard once that I was in the Supreme Court in connection with a case. Venkatraman Iyer, another judge of the Supreme Court, was present when I visited him at his residence the next day. I had been embarrassed by the praises heaped on me by Jagannatha Das in the presence of Iyer. For a while I wondered if we had shown even more rudeness in protesting against his rudeness at Cuttack. Neither he nor I raised the matter."

Other Activities :

He was member of Senate of Utkal University from 1948 to 1953 and Dean, Faculty of Law. The Indian Law Institute was set up on December 27, 1956 as an autonomous body registered under the Societies Registration Act, 1860. The first President of India Dr.

Rajendra Prasad inaugurated it, and the then Chief Justice of India SR. Das served as its first ex-officio President. Dr. K.M. Munshi served as the first Executive Chairman. After his retirement from the Supreme Court, Justice B. Jagannatha Das took over as Executive Chairman of the Indian Law Institute.

In 1957 Justice Jagannatha Das of the Supreme Court was appointed as Chairman of the commission of enquiry set up to enquire into and report upon the emoluments and conditions of service of Central Government employees.

His views on the judiciary, Indian society and governance :

Having participated in the freedom struggle and having spent several days in imprisonment, Justice Das had a natural dislike for imperialism, yet he did not advocate the throwing out of everything that was alien. His views regarding the system of governance, the judiciary and contemporary society can be visualized from the following extracts of his inaugural address delivered at UP Judicial Officers conference on January 3, 1955 at Allahabad. Relating to the system of administration he stated : "The system of administration that is now in vogue with us is one that has been planted into the soil by the British government... I am one of those who feel and think that certain aspects judicial administration as developed by them and certain principles of their jurisprudence which may have had their roots in their capitalistic society fostered on imperialistc exploitation call for a thorough re-examination."

With regard to the role of the judiciary in a welfare state he said : "The contribution of the judiciary to the building up of a social welfare state lies largely in the

maintenance of social security and solidarity broad-based on justice and law and the guarantee of fundamental rights which are the foundations of society and which afford the basis of social welfare." Commenting on the role and attitude of the people for ensuring justice he stated : "It is a very disquieting feature that perjury and factiousness are so rampant that oral evidence of witnesses or confessions made by accused do not always inspire confidence... It is another equally, if not more disquieting feature that the ordinary citizen does not yet appear to feel the responsibility for helping to trace the criminal and for getting him properly dealt with by the courts." He added that "we have not yet been able to inspire in the common man that the administrative set up and the police organization are their own and that the responsibility or the due discharge of their functions lies in large measure on the co-operation which the public have to extend to these limbs of the state".

Epilogue :

Justice Bachu Jagannatha Das participated in the freedom struggle and after independence was one of the early judges who had to interpret and apply the law laid down by the British regime and common law principles in a nascent independent India. Through his judgments and personality, he reflected the spirit of India. Along with the early judges, he gave direction and shape to the future course of the Orissa High Court as well as the Supreme Court of India. His contributions deserve the admiration and gratitude not only of the judicial fraternity but also of the common people.

Professor,
Lingaraj Law College,
Berhampur.

Lingaraj Panigrahi: A Multifaceted Personality

Prof. Bishnu Charan Choudhury

The second half of the 19th century was historic as many great sons of India were born during this period and made significant contributions to the freedom movement and then in the nation-building process in the post-Independence period. Their courage, dedication, sacrifice and commitment for the nation received wide attention and recognition. Late Lingaraj Panigrahi was one such personality from Odisha who made signal contributions in various fields.

Early Life and Education

Panigrahi's parents belonged to Polasara in the district of Ganjam. He was born on March 21, 1896. His father Gopinath Panigrahi served the Education Department as an Inspector of Schools. Panigrahi's father was posted at Russelkonda (now Bhanjanagar) and then was transferred to Aska. Panigrahi had spent his early childhood at Russelkonda where he had his primary education and then moved to Aska. He was a student of the Khallikote Collegiate High School at Berhampur from the year 1906 to 1909. As a student, he took keen interest in extra curricular activities, sports, debating society, etc. He did his Intermediate in Science from the Ravenshaw College, Cuttack. He obtained his B.A. degree from the Presidency College, Madras in 1916 with Physics as a special subject. He took his B.L. degree from the Law

College in Madras in 1918 and stood second in order of merit.

He joined public life at an early age. He was associated with Dr. Annie Besant, the leader of the Home Rule Movement as her Private Secretary. Panigrahi joined the Home Rule Movement during the First World War.

The personality and ideals of the leaders of Odisha such as Madhusudan Das, Gopabandhu Das, Nilakantha Das and Godavarish Mishra were the sources of inspiration for Lingaraj Panigrahi during his student days.

Role in the Amalgamation Movement

In its historical perspective Odisha was divided into several fragments. The dismembered Odia-speaking tracts were placed under different provinces, namely, Bengal, Bihar, Madras and the Central Provinces. The exigencies of military conquest and administrative convenience of the rulers resulted in such fragmentation. These artificial administrative arrangements resulted in the national aspirations of the Odias receiving severe jolt. There was a constant danger of the loss of identity and solidarity of the Odias as a distinct community. The Odias faced a crisis of their linguistic identity. The Odia-speaking tracts, remaining at the tail of different provinces, were deprived of proportionate advantage of the Imperial Grants. The Odias suffered in silence owing to the lack of proper leadership to articulate their interests.

The Odia nationalism gradually grew after the great famine of 1866. After the formation of the Utkal Sabha (Odia Association) in 1882, the Odia nationalist movement progressed from strength to strength. The formation of different other Associations in different Odia-speaking tracts also helped in strengthening this movement. The

formation of Utkal Sammilani (Utkal Union Conference) in December 1903 under the dynamic leadership of Madhusudan Das gave a further boost to the movement. The movement for amalgamation of the Odia-speaking tracts gained momentum basing on the claims of history, language, ethnology, cultural affinity, geographical contiguity and administrative advantages. The amalgamation movement in Ganjam under Madras Presidency also got a fillip with the support of the Rajas and the Zamindars. The movement got consolidated stage by stage with Odias of Ganjam extending their enthusiastic support to the Utkal Union Conference.

A Committee was appointed to make a detailed enquiry on the spot regarding the attitude of Odia inhabitants of the Madras Presidency towards the question of amalgamation if the tracts inhabited by them with Odisha. This Committee consisted of C.L. Philip, ICS, then Political Agent of Odisha Feudatory States, the nominee of the Government of India and A.C. Duff, ICS, then the Collector of Bellari district, the nominee of the Government of Madras. Panigrahi took active part during the visit of the Philip-Duff Committee to the Ganjam district in November-December 1924. Panigrahi organised vigorous propaganda in the villages around Ghumsur. He went around 300 villages. It was under his leadership 5000 people gathered to meet the committee, when it came to Bhanjanagar to take evidence. The Philip-Duff Committee gave a positive report. It observed, "there is a genuine long-standing desire on the part of the educated Odia classes of the Odia-speaking tracts of Madras for amalgamation of these tracts with Odisha under one administration". It also came to the conclusion that the Odia-speaking tracts of Madras

including Ganjam Agency and Vizagapatam Agency should be amalgamated with Odisha.

Subsequently, in September 1931 the Government of India appointed a Committee under the Chairmanship of Samuel P O'Donnell to examine and report on the financial and other consequences of setting up a separate administration of Odisha and to make recommendation of the boundaries in the event of such separation. It was popularly known as the Odisha Boundary Committee. Panigrahi stayed at Gopalpur during the visit of the Committee. He stayed there for about 15 days and opened a free kitchen at his own expense for the people who went there to give evidence. The report of this Committee was very disappointing. It did not recommend the inclusion of Parlakhemundi, Midnapore and Singhbhum in the proposed Province. The exclusion of some important Odia-speaking tracts created a critical situation. The Utkal Union Conference met in an emergency meeting on 21 August 1932 at Berhampur to reiterate the demand of the people of the Odia-speaking tracts. Lingaraj Panigrahi was one of the main organisers of this meeting.

In April 1933, a 16-member Joint Select Committee of both the Houses of the British Parliament was appointed on the Government of India Bill. A deputation of Odias headed by the Raja of Parlakhemundi went to London to plead before the Joint Select Committee the inclusion of Parlakhemundi and Jeypore in Odisha. The other members of the deputation included Rama Chandra Mardaraj Deo, Raja of Khallikote, Lingaraj Panigrahi, Bhubanananda Das, Syam Sundar Gantayat and Dr. K.S. Naidu. The Committee also met Sir Samuel Hoare, the then Secretary of State for India at London

on 3rd July 1933 and presented its demand for reconsideration of the boundary question. The Odia leaders achieved success in getting a part of Parlakhemundi Estate and Jeypore Estate included in the Odisha Province.

It was through a protracted struggle that the Odia-speaking tracts were amalgamated under one administration and Odisha emerged as a separate State on 1st April 1936, the first state in the country to be formed on the basis of language.

As a Freedom Fighter

Panigrahi was a great patriot. He did not revoke his practice and actively join the movement but all along he used to hold nationalistic views. It was demonstrated during the freedom struggle. Though he did not participate actively in the Non-Cooperation Movement during 1921, he had extended his full support and sympathy by encouraging the leaders and volunteers spearheading the movement. He also contributed to make the *Khadi* movement in Ganjam district popular. He was a regular donor to the Congress organisation during the freedom movement. In 1930 he was elected as the Vice-President of the Reception Committee during the Congress session at Puri. In the year 1931 the Ganjam District Congress Committee was reconstituted with Sashi Bhusan Rath as President and Lingaraj Panigrahi as Vice-President. The Individual Satyagraha of 1932 evoked tremendous response resistance in Ganjam district. Panigrahi was associated with this Movement.

As a Member of Second Legislative Assembly

Panigrahi joined active public life after his retirement as the Chief Justice of the Odisha High Court in March

1956. He contested the 1957 elections to the Odisha Legislative Assembly as a Congress nominee from the Berhampur (Double-Member) Constituency in Ganjam district. He defeated his nearest rival Raghunath Patro, an Independent in a multi-corner contest. Panigrahi secured 15,650 (24.57%) votes as against his nearest Independent rival Patro securing 12,457 (19.55%) votes. Along with him Dandapani Das (SC) was also elected to the State Legislative Assembly from the Berhampur Constituency.

As a Cabinet Minister

On the invitation of Hare Krishna Mahtab, he joined the Congress Ministry as a Cabinet Minister on April 6, 1957 and continued up to May 1957. He was allotted portfolios of Home, Law and Education. However, in the Mahtab-led Congress-Ganatantra Parishad Cabinet in May 1959 he was not included in the cabinet. As Education Minister, he was a great promoter of education, particularly higher education, in the State. He gave a new impetus to education in Odisha. He pursued a very liberal policy about extending government help to privately managed educational institutions. He did not insist on erecting *pucca* buildings to make these institutions eligible for government grants. He recognised the role of teachers in the nation-building process and gave them the recognition they deserve. He had a firm control over the Departments under his control as a Minister.

As a Member of the Third Assembly

In the mid-term Poll to the Odisha Legislative Assembly held in June 1961, Lingaraj Panigrahi was nominated as a Congress candidate from the Kodala

(East) Constituency. He won the seat by defeating his nearest PSP rival Dibakar Patnaik, a prominent freedom fighter by a convincing margin. While Panigrahi secured 9,247 (44.94%) votes, Patnaik secured 6,955 (33.80%) votes in a four-cornered contest.

As Speaker of the State Legislative Assembly

In this election the Congress Party secured an absolute majority with 82 seats in a house of 140. He was elected as the Speaker of the State Legislative Assembly on July 1, 1961 and continued up to March 18, 1967. As a Speaker, he had a successful tenure. He received wide acclaim for his impartial dealings from both the Treasury Benches and the Opposition as well. He maintained the dignity and decorum of the House. He had the knack of keeping the house under control even in the midst of rancour by his humours but firm handling of the situation.

As a Lawyer

After completing his Law degree, he started his legal practice at Aska in the year 1918 and then shifted his practice to Berhampur Bar in 1919. As a lawyer, he attained distinction within a short time. He was the Secretary of the Ganjam Bar Association for a number of years and contributed in enriching its library. He later shifted his seat of practice to Cuttack. He became a Government pleader in 1930s. He was Public Prosecutor from 1940 to 1945. He had a meteoric rise in his professional career. His deliberations in law courts were a pleasure to hear. He was an expert in Madras Tenancy and Estates Abolition Act. As a lawyer, he had an extraordinary ability. His language was crystal clear and his arguments analytical and precise.

Lingaraj Panigrahi defended patriots like Sashi Bhusan Rath, the founder of *Asha*, and freedom fighters like Dibakar Patnaik and Godavarish Mishra. During the British Regime a book named *Kali Bhagabat* written by Baba Abhiram Paramahamsa of Karmala Math and was printed in the *Asha* press. It was published by Syam Sundar Gantayat. The British Government prosecuted Printer Sri Rath, publisher Sri Gantayat and writer Baba Abhiram Paramahamsa on change of sedition for raising the voice against British administration. The trial started on September 29, 1934 and continued up to October 13, 1934. While Rath and Gantayat were acquitted, Abhiram Paramahamsa was convicted of one-year rigorous imprisonment. Bachu Jagannath Das appealed against this decision in the Madras High Court. After this appeal was rejected Abhiram Paramahamsa had to undergo rigorous imprisonment in the Rajamundry jail.

As Advocate General

A brilliant lawyer, he succeeded Bira Kishore Roy as the Advocate General of the State on July 23, 1945, consequent upon the appointment of the latter as the Judge of the Patna High Court. He continued in this coveted post till July 1948. It was a coincidence that when he was appointed as Advocate General, the State was placed under the Governor's Rule under Section 93 of the Government of India Act, 1935. Subsequently Section 93 was revoked when a Congress Ministry headed by Hare Krishna Mahtab assumed office on 23 April 1946. Panigrahi retained his post as the Advocate General even under the Premiership/Chief Ministership of Mahtab.

As a Judge and then the Chief Justice

The High Court of Odisha was constituted in the year 1948. Panigrahi was elevated to the bench in July 1948 as Judge of the Odisha High Court. He was one of the four judges who constituted the first group of judges of the High Court. In the Odisha High Court besides the Chief Justice Bira Kishore Roy, there were three judges, namely, Justice Bachu Jagannath Das, Justice Lingaraj Panigrahi and Justice R.L. Narasimham, ICS. It is pertinent to note that out of these three judges, two belonged to the district of Ganjam. Both Bachu Jagannath Das and Lingaraj Panigrahi were the students of the Khallikote Collegiate High School, Berhampur. Panigrahi succeeded Bachu Jagannath Das as the Chief Justice of the Odisha High Court on 4th March 1953 and continued in this position up to 21st March 1956. As a Judge and then as the Chief Justice of the Odisha High Court, he was known for quick disposal of the cases and his landmark judgements. He had deep insight in law.

As an Educationist

Panigrahi had immensely contributed for the educational development of this district. He played a prominent role in the growth and development of Khallikote College, Berhampur. This institution started on a small scale. It was established in the year 1856 as a Zilla School and continued as a High School till 1877. The name of the institution was Khallikote Collegiate High School, Berhampur. It prepared its students to appear at the S.S.L.C. under Madras University, founded in 1857. From the year 1878 F.A. Classes were started. Panigrahi, who was a student of the Khallikote Collegiate High School, became the Vice-President of the Managing Committee

of this College on May 16, 1938. He succeeded Rama Krushna Rath as the Vice-President. He continued as such for long 22 years. Needless to mention here that Khallikote College became an important centre of education in this part of Odisha and many students of this College achieved national eminence and recognition. The galaxy includes Varaha Giri Venkata Giri, BiswanathDas, Bachu Jagannath Das, Lingaraj Panigrahi, P.V. Balakrishna Rao and many others.

The College was affiliated to Utkal University in 1943. Due to his ceaseless efforts the College was raised to a first grade college in 1944. He was responsible for the all round development of this College. In recognition of his services to the college the new building was named as Lingaraj Extension.

After Panigrahi became the Vice President of the Managing Committee, he insisted upon that all the boys of all classes Form VI down to Form I (nearly 800 students) to assemble in the playground at the close of the last period and be engaged for 45 minutes in different kinds of minor games and other kinds of physical activities under the supervision of the Physical Director and other teachers of the school. This period was called Compulsory Games Period. He laid emphasis on Scouting. When Panigrahi as a student of Khallikote Collegiate School, there were only 19 Odia students. He was instrumental in mobilising the students to prosecute higher studies and motivated them to take admission in Khallikote College.

When he became the Vice-President, he remembered the poor strength of the Odia students in college. He persuaded Narasingh Padhy to join the Khallikote College as a teacher. Padhy, who was

Headmaster in the Board High School, Aska joined the college as a Bursar in 1945. He later became the Principal of Khallikote College in the year 1949.

Panigrahi decided to float a lottery to strengthen the financial condition of the college. The funds earned through the lottery were spent in constructing buildings and hostels.

The College management liberally gave free concessions and granted scholarships to the students. Under his instructions, funds were raised by way of collection from different villages and students were attracted to take admission in the Khallikote College. This endeavour resulted in the students belonging to the weak economic base getting an opportunity to have access to higher education, especially college education.

He had the zeal to spread female education and played a major role in the establishment of Women's College at Berhampur in the year 1958. Subsequently this college was named after Sashi Bhushan Rath, a close friend of Panigrahi.

He also played a significant role in the establishment of Medical College at Berhampur in the year 1962.

As Vice-Chancellor

The Berhampur University was established on 2nd January 1967 by the Odisha Act 21 of 1966. It started with only 11 affiliated colleges with student strength of only 4586 (including students offering intermediate courses). The institution was to cater to the educational needs of Odisha in general and its southern part in particular. An eminent educationist, he was chosen to lead this University as the first Vice-Chancellor. He assumed this coveted office on 2nd January 1967 and continued up

to December 31,1967. He provided dynamic leadership to this University in its early stage. In recognition to his manifold contributions, the Berhampur University, in its first convocation held on 15 January 1968 conferred on Sri Panigrahi the honorary degree of Doctor of Laws. The citation prepared by the University inter *alia* mentioned:

"his contribution to the well-being of the society in the midst of which he lived is indeed great and his contribution to the cause of educational development in the State has earned him an abiding place in the annals of history of the area. In conferring upon him the degree of Doctor of Laws of the University, we feel proud and honoured".

This was indeed a fitting tribute to the eminent first Vice-Chancellor of the University.

A Multifaceted Personality

Late Panigrahi was a multifaceted personality. He was an illustrious son of his generation in Odisha. He played a prominent role in multifarious fields. He was a valiant fighter of the freedom of the country. He played a leading role in the movement for amalgamation of Odia-speaking tracts under one administration. In the post-independence period he made his significant contribution in the social and economic development of the state in general and the district of Ganjam in particular.

A lawyer by profession he carved out a *niche* for himself as a front-ranking lawyer of the state and rose to be the Advocate General of the State and then the Chief Justice of Odisha High Court. He was an eminent jurist.

A politician of different type, he served as a Minister of the Cabinet rank. He distinguished himself as an efficient minister and had left a mark.

An able Parliamentarian he had a successful tenure as a Speaker of the State Legislative Assembly.

A multifaceted genius, he was a complete personality. He was a nationalist, a patriot, a freedom fighter, an advocate, a jurist, a statesman, a legislator, a minister, a Speaker, and an educationist, all rolled in one. He was upright and straightforward in his dealings. His personal character and integrity constituted the foundation of his greatness. A man with humble origin, he was a self-made man. It was possible due to his determination and hard work.

He was a good social figure and lent his personal charm to social occasions. Panigrahi had developed close friendship with Ram Chandra Mardaraj Deo, the Raja Saheb of Khallikote and Shashi Bhusan Rath, the then Editor of both the *Asha* and *The New Odisha*. Niranjan Patnaik, Chakradhar Panigrahi and Narasing Padhy were among his close friends.

Apart from politics, Panigrahi was an intellectual and cultural minded dignitary. It was always a pleasure to listen to him talking on various topics. His speeches reflected his deep erudition and sparkling humour.

He had the unique distinction of becoming the first Vice-President of the Sahitya and Sangeeta Akademy of Odisha and in that capacity contributed in promoting literature, dance and music.

He was the only person in Odisha who adorned the high offices in all the three organs of the Government – the Judiciary, the Executive and the Legislature – at the state level with unparalleled distinction.

Nature had gifted him with a handsome and imposing personality, and he supplemented the gift of nature with

his punctiliousness in dress and address. He was known for his charming personality and vibrant eloquence. He was a prince among men not only because of his handsome physical appearance, but also because of his mastery over the English language. He was one of the best speakers of his time.

Panigrahi was a great nationalist. He always fought for the cause of the Odias. He had distinguished and unique public service spanning over more than four decades. Though he was wedded to law, education continued to be his first love. He was a great leader known for his services, dedication, devotion, commitment and sacrifice for the cause of the nation. His death on August 23, 1969 at the age of 73 removed a colourful and imposing personality from the social-political scene of Odisha, who made splendid contribution to the public life and social service. His mortal remains were consigned to flame with full state honours.

He remains immortal through his achievements in life. He occupied a unique position as one of the builders of modern Odisha. The people of the State remember him with respect and a deep sense of gratitude.

Professor,
P.G. Department of Political Science,
Berhampur University,
Berhampur (Odisha).



ସାରଳା ଦାସ ଓ ତାଙ୍କ ସୃଷ୍ଟି ସମ୍ଭାର

ଡକ୍ଟର କଲ୍ୟାଣୀ ପଟ୍ଟନାୟକ

ଅଣରକ୍ଷ ବେଳକୁ ଭରସା କେହି ନାହିଁ
ତୁମ୍ଭେ ଉଦ୍ଧାରନ୍ତା ଅଟ ପ୍ରଭୁ ଭାବଗ୍ରାହୀ
ଇଚ୍ଛାମୟ ହରି ତୁମ୍ଭ ମହିମା ଅସୀମ
ଦୂବ ଗଛ କରିପାର ଭୟଙ୍କର ଦ୍ରୁମ ।

ଏହି ଉକ୍ତିମାନ୍ ପଙ୍‌କ୍ତିନିଚୟର ସର୍ଜକ ହେଉଛନ୍ତି ଓଡ଼ିଆ ସାହିତ୍ୟର ଆଦିସ୍ରଷ୍ଟା ଶୂଦ୍ରମୁନି ସାରଳା ଦାସ । ସେ ଉତ୍କଳ ବ୍ୟାସ ଓ ସିଦ୍ଧ ସାରଳା ଦାସ ନାମରେ ଖ୍ୟାତ । ପଞ୍ଚଦଶ ଶତାବ୍ଦୀରେ ତାଙ୍କର ଆବିର୍ଭାବ । ସଂସ୍କୃତ ସାହିତ୍ୟରେ ମହର୍ଷି ବାଲ୍ମୀକି ଯେପରି 'ରାମାୟଣ' ରଚନା କରି ଆଦିକବି ଭାବରେ ପ୍ରସିଦ୍ଧି ଲାଭ କରିଛନ୍ତି, ସେହିପରି ସାରଳା ଦାସ ପ୍ରାଚୀନ ଓଡ଼ିଆ ଭାଷାରେ 'ମହାଭାରତ', ରଚନା କରି ଆଦି କବି ଭାବରେ ପରିଚିତ ହୋଇଛନ୍ତି । ସେ ଶୂଦ୍ର ଓ ମୁନି ସମ୍ପ୍ରଦାୟର ହୋଇଥିବାରୁ ଶୂଦ୍ର ମୁନି ନାମରେ ପରିଚିତ । ସେ ଜଣେ ପ୍ରଚଣ୍ଡ ପ୍ରତିଭାଯୁକ୍ତ ବହୁ ଶାସ୍ତ୍ରଜ୍ଞାନୀ ପଣ୍ଡିତ ବ୍ୟକ୍ତି ଥିଲେ । ତାଙ୍କ ରଚନାରୁ ତାଙ୍କର କବିତ୍ୱ, ପାଣ୍ଡିତ୍ୟ ତଥା ବହୁ ଶାସ୍ତ୍ର ବିଦ୍‌ବତାର ପରିଚୟ ମିଳେ । ସେ ଏକାଧାରରେ ବେଦ, ବେଦାନ୍ତ, ପୁରାଣ, ଦର୍ଶନ ଶାସ୍ତ୍ର, ଭାଗବତ, ରାମାୟଣ, ମହାଭାରତ, ଜ୍ୟୋତିଷଶାସ୍ତ୍ର, କର୍ମକାଣ୍ଡ, ବ୍ୟାକରଣ, ଅର୍ଥଶାସ୍ତ୍ର ସମେତ ବିଭିନ୍ନ ତନ୍ତ୍ର ଗ୍ରନ୍ଥ ମଧ୍ୟ ଅଧ୍ୟୟନ କରିଥିଲେ, ତାହା ତାଙ୍କର ବିରାଟକାୟ ମହାଭାରତ ଓ ସୃଷ୍ଟି ସମ୍ଭାରରୁ ଜଣାଯାଏ । ସେ ନିଜର ପାଣ୍ଡିତ୍ୟ ଓ ଦୈବକୃପା ବଳରେ ବିଶାଳକାୟ ଗ୍ରନ୍ଥ ରଚନା କରି ବିସ୍ମୟକର ପ୍ରତିଭା ହୋଇ ରହିଛନ୍ତି । ତାଙ୍କର ସୃଷ୍ଟି ଏ ଜାତି ପାଇଁ ଜ୍ଞାନକୋଷ ।

ସାରଳା ଦାସ ଓଡ଼ିଆ ସାହିତ୍ୟ ଇତିହାସରେ ଆଦି ପୁରାଣକାର ଭାବରେ ସ୍ୱୀକୃତ ହୋଇଛନ୍ତି । ସାରଳାଦାସଙ୍କ ସାମସମୟିକ ତଥା ପୂର୍ବର ଓଡ଼ିଆ କବି ସଂସ୍କୃତ ଭାଷାର

ରଚନାକୁ ଓଡ଼ିଶାରେ ବହୁଳ ଭାବରେ ପ୍ରଚାର କରିଥିଲେ । ଶ୍ରୀ ଜୟଦେବ, ଗୋବର୍ଦ୍ଧନ ଆଚାର୍ଯ୍ୟ, ବିଦ୍ୟାଧର, କୃଷ୍ଣାନନ୍ଦ ମହାପାତ୍ର ଓ ବିଶ୍ୱନାଥ କବିରାଜ ଇତ୍ୟାଦି ଅନେକ କବି ଓଡ଼ିଆ ହେଲେ ମଧ୍ୟ ଓଡ଼ିଆ ଭାଷା ପ୍ରତି ଦୃଷ୍ଟି ନ ଦେଇ ସଂସ୍କୃତ ଭାଷାର ଯଥେଷ୍ଟ ଉନ୍ନତି ସାଧନ କରିଥିଲେ । ସେ ସମୟରେ ସଂସ୍କୃତ ଭାଷାର ପ୍ରଚଳନ ଥିଲା ଓ ଏହା ରାଜଭାଷା ରୂପେ ସ୍ୱୀକୃତି ଲାଭ କରିଥିଲା । ମାତ୍ର ସାରଳା ଦାସ ଏହାର ସଫଳ ବ୍ୟତିକ୍ରମ । ସେ ସମୟରେ ବ୍ରାହ୍ମଣ୍ୟ ଧର୍ମର ପ୍ରାଧାନ୍ୟ ସମାଜରେ ଥିବାରୁ ନିଜର ସାହିତ୍ୟିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରାକାଷ୍ଠା ଦର୍ଶାଇବା ପାଇଁ ସେ ନିଶ୍ଚିତ ଭାବରେ ବହୁ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିବେ । ତେଣୁ ସମାଜର କ୍ରୂର ଦୃଷ୍ଟିରୁ ରକ୍ଷା ପାଇବା ପାଇଁ ସେ ଆତ୍ମରକ୍ଷା ନିମିତ୍ତ ନିଜ ଗ୍ରନ୍ଥରେ ମୂର୍ଖ, ଶାସ୍ତ୍ର-ଜ୍ଞାନହୀନ, ଅପଣ୍ଡିତ ଓ ସାରଳାଦେବୀ ରାତ୍ରୀରେ ଯାହା କୁହନ୍ତି ସକାଳେ ତାହା ସେ ଲେଖନ୍ତି ବୋଲି ଦର୍ଶାଇଛନ୍ତି । ତାଙ୍କର ବିରାଟ ସୃଷ୍ଟି ତାଙ୍କର ବହୁଶାସ୍ତ୍ର ଜ୍ଞାନର ପରିଚୟ ଦିଏ । ମୂଳ ସଂସ୍କୃତ ମହାଭାରତର ଶ୍ଳୋକ ସଂଖ୍ୟା ଏକଲକ୍ଷ ଥିବାବେଳେ ସାରଳା ମହାଭାରତର ପଦ ସଂଖ୍ୟା ଏକଲକ୍ଷ ଚାଳିଶ ହଜାର ଅଟେ । ଏହା ତାଙ୍କର ସ୍ୱକୀୟ ମୌଳିକତାର ନିଦର୍ଶନ । ସେ ଲେଖିଛନ୍ତି-

"ଜନ୍ମରୁ ମୂରୁଖ ମୁହିଁ ନାହିଁ ଶାସ୍ତ୍ର ଜ୍ଞାନ
ତୁ ଯାହା କହୁ ମୁଁ ତାହା କରଇ ଲିଖନ ।"

ଶୂଦ୍ରମୁନିଙ୍କର ସମୟସୀମା ସମ୍ପର୍କରେ ଇତିହାସ ନିରବ । ସୁରେନ୍ଦ୍ର ମହାନ୍ତିଙ୍କ ମତରେ (୧୪୫୨-୧୪୭୯) ସେ କପିଳେନ୍ଦ୍ର ଦେବଙ୍କ ସମ ସାମୟିକ । ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସାରଳାଦାସଙ୍କ ସମୟ (୧୪୩୫ରୁ ୧୪୬୭) ଦର୍ଶାଇଛନ୍ତି । ତେଣୁ ଏହା ନିଶ୍ଚିତ ଯେ, ସାରଳା ସାହିତ୍ୟ କେଉଁ ସାଲରେ ରଚିତ ତାହା ସେ ଦର୍ଶାଇ ନାହାନ୍ତି । ଯଦି କପିଳେନ୍ଦ୍ର ଦେବଙ୍କ ସମୟ ପଞ୍ଚଦଶ ଶତାବ୍ଦୀର ପୂର୍ବାର୍ଦ୍ଧ ତେବେ ସାରଳା ଦାସଙ୍କ ଜନ୍ମ ସମୟ ପଞ୍ଚଦଶ ଶତାବ୍ଦୀର ଆରମ୍ଭ, ଏହା ନିଃସନ୍ଦେହରେ କୁହାଯାଇପାରେ ।

କବିଙ୍କର ଜନ୍ମସ୍ଥାନ ସମ୍ପର୍କରେ ଓଡ଼ିଆ ଐତିହାସିକମାନେ ବିଭିନ୍ନ ମତ ଦିଅନ୍ତି । ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ ମତରେ- "ସାରଳା ଦାସଙ୍କ ଘର ଝଙ୍କଡ଼ । ଶ୍ରୀ ସାରଳା ଦେବୀଙ୍କ ପୀଠର ଅନତି ଦୂରରେ କନକପୁର, ଜଙ୍ଗେରପୁର ବା କନକାପୁର ପାଟଣା ।" ଅନ୍ୟ ମତକାର ମାନଙ୍କର ମଧ୍ୟ ଏହି ମତ । ମହାଭାରତ ମଧ୍ୟ ପର୍ବ ମଧ୍ୟରୁ ଏହା ଅନୁମେୟ-

ଚିତ୍ରୋତ୍ପଳା ନଦୀର ଯେ ଉତ୍ତର ଭାଗେଣ
ବଙ୍ଗେରପୁର ନାମରେ ଅଟଇ ପାର୍ବଣ

କନକପୁର ପାଟଣା ଘର ପର୍ଶୁରାମ
ମୁହିଁ ତା ଅନୁଜ ସାରଳା ଦାସ ନାମ ।"
ମହାଭାରତ ବିରାଟ ପର୍ବରେ କବି ଲେଖିଛନ୍ତି-

"ଜମ୍ବୁଦ୍ୱୀପେ ଭ୍ରତଖଣ୍ଡ-ମଣ୍ଡଳ ଓଡ୍ର ରାଷ୍ଟ୍ର
ଭୁବନ ଯାତ ନଗ୍ର ପୂର୍ବଦିଗ ମହୋଦଧି ତଟ
ଶ୍ୱେତ ବାହୀ ନୀଳ ସୁନ୍ଦର ଗିରି ମଧ ସ୍ଥାନେ
ମହେନ୍ଦ୍ର ଚନ୍ଦ୍ରଭାଗା କୋଣାର୍କ ଐଶାନେ ।
ସେ ପୁର ବାସ ଜଙ୍ଗେର ପୁର ବାସିନୀ
ଗିରିଜାର ଆଜ୍ଞାରେ ତହିଁରେ ମୁହିଁ ଜନମୀ ।"

ଏଥିରୁ ଜଣାଯାଏ ଯେ, କବିଙ୍କର ଜନ୍ମ ଜଙ୍ଗେର ପୁର ପାଟଣା । ପରବର୍ତ୍ତୀ କାଳରେ ଝଙ୍କଡ଼ ପ୍ରଗଣା ଅନ୍ତର୍ଗତ କନକପୁର ଗ୍ରାମରେ ପ୍ରସିଦ୍ଧ ସାରଳା ପୀଠ ଅବସ୍ଥିତ । ବାଗ୍‌ଦେବୀ ସାରଳାଙ୍କ କୃପାରୁ ସାରଳା ଦାସ ନାମରେ ନାମିତ ।

ସାରଳା ଦାସଙ୍କ ରଚନାବଳୀକୁ ଦୃଷ୍ଟି ନିକ୍ଷେପ କଲେ, ତାଙ୍କ କୃତିରେ ସେ ଜାତିସ୍ମର ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି । ଜଣେ ପ୍ରସିଦ୍ଧ କବି ଭାବରେ ଜନ୍ମ ପରେ ଜନ୍ମ ଅତିବାହିତ କରିଛନ୍ତି ବୋଲି ଦର୍ଶାଇଛନ୍ତି । ସେ ପୂର୍ବ ଜନ୍ମର କର୍ମ ଯୋଗୁ ଉଡ୍ର ରାଷ୍ଟ୍ରରେ ଜନ୍ମ ହୋଇଥିଲେ ଓ ଶ୍ରୀଚଣ୍ଡୀ ସାରଳାଙ୍କ କୃପାରୁ ସେ ଶାସ୍ତ୍ର ଲେଖି ପାରିଛନ୍ତି ବୋଲି କହିଛନ୍ତି ।

କବି ବିଲଙ୍କା ରାମାୟଣ ପ୍ରଥମେ ରଚନା କରିବା କଥା ତାଙ୍କ ରଚନାରେ ଦର୍ଶାଇଛନ୍ତି । ଦ୍ୱିତୀୟ ରଚନା ଅଠର ପର୍ବରେ ମହାଭାରତ, ତୃତୀୟରେ ଚଣ୍ଡୀ ପୁରାଣ ବା ଶ୍ରୀଭାଗବତ ଗ୍ରନ୍ଥ । ଅନ୍ୟ ଏକ କ୍ଷୁଦ୍ର ରଚନା 'ଲକ୍ଷ୍ମୀନାରାୟଣୀ ବଚନିକା' । ଏହି ରଚନାକୁ ପୂର୍ଣ୍ଣାଙ୍ଗ କରିବା ପାଇଁ କବି ପ୍ରାଚୀନ ସଂସ୍କୃତ ସାହିତ୍ୟକୁ ଅନୁସରଣ କରି ନିଜର ପାଣ୍ଡିତ୍ୟର ପରାକାଷ୍ଠା ଦର୍ଶାଇଛନ୍ତି । ତେଣୁ ତାଙ୍କ ସାହିତ୍ୟରେ ଅଳଙ୍କାର, ରସ, ରୀତି, ଗୁଣ, ସାମାଜିକ ମୂଲ୍ୟବୋଧ, ନୀତିଗତ ବୈଶିଷ୍ଟ୍ୟ ଓ ଉତ୍କଳୀୟ ସମାଜର ଆଚାର-ବିଚାରକୁ ସ୍ପଷ୍ଟ ରୂପେ ଉପଲବ୍ଧି କରିହୁଏ । ସେ ହେଉଛନ୍ତି ଏକମାତ୍ର କବି ଯିଏକି ସଂସ୍କୃତ ଭାଷାର ବନ୍ଧନରୁ ଓଡ଼ିଆ ଭାଷାକୁ ମୁକ୍ତି ଦେଇ ବିଲଙ୍କା ରାମାୟଣ ଭଳି ବିପୁଳକାୟ ଗ୍ରନ୍ଥ ସୃଷ୍ଟି କରିଛନ୍ତି । ଏଥିରେ ମୁକୁ, ତୁ, କୁ, ହାଦେ, କହିତେ, ପାଇତେ, ଓଡ୍ରରାଷ୍ଟ୍ର, ସାହାସ୍ର ସାରୋଳ ଇତ୍ୟାଦି ଅନେକ ଲୋକ ମୁଖର ବ୍ୟବହୃତ ଶବ୍ଦ ବ୍ୟବହାର କରିଛନ୍ତି । ଲିଖିତ ଭାଷା ଓ କଥିତ ଭାଷା ମଧ୍ୟରେ କିଛି ତାରତମ୍ୟ ନ ଥିବା କଥା ତାଙ୍କ ରଚନାରୁ ଅବଧାରଣ କରିହୁଏ ।

ବିଲଙ୍କା ରାମାୟଣର ବିଷୟବସ୍ତୁ ପୌରାଣିକ । ରାବଣ ବଧ ପରେ ରାମଚନ୍ଦ୍ର ଅଯୋଧ୍ୟା ଫେରିଲେ । ଦେବତାମାନେ ଅତ୍ୟାଚାରୀ ବିଲଙ୍କା ରାବଣକୁ ରାମଚନ୍ଦ୍ରଙ୍କ ହାତରେ ମାରିବା ପାଇଁ ଉପାୟ ଚିନ୍ତା କଲେ । ସେମାନେ 'କଳି' ଦ୍ୱାରା ସୀତାଙ୍କୁ ପ୍ରଭାବିତ କରାଇ, ରାମଚନ୍ଦ୍ରଙ୍କୁ ସୀତାଙ୍କ ଦ୍ୱାରା ଉପହାସ କରାଇଲେ । ଖଳ ଓ ଦୁର୍ବଳ ଦୁଇ ଅପଶକ୍ତିଙ୍କୁ ରାମ ଓ ସୀତାଙ୍କ କଣ୍ଠରେ ପ୍ରବେଶ କରାଇ ବିଲଙ୍କା ରାବଣ ସହିତ ରାମଙ୍କର ଯୁଦ୍ଧ ହେବାର ପଥ ପରିଷ୍କାର କଲେ ।

"ଜାନକୀ ବୋଇଲେ ପ୍ରଭୁ ପ୍ରତିଜ୍ଞା ନ କର
ମୁହିଁ ନ ମାଇଲେ କାହୁଁ ମରନ୍ତା ଅସୁର
ତୁମ୍ଭେ କିବା କଷ୍ଟ ପାଇଅଛ ରଘୁରାଣ
ମହାକଷ୍ଟ ପାଇଲି ମୁଁ ମାରିଲି ରାବଣ
ଏମନ୍ତ ପ୍ରତିଜ୍ଞା ଯେବେ ଅଛି ରଘୁସାଇଁ
ବିଲଙ୍କାର ରାବଣକୁ ମାର ଏବେ ଯାଇ ।"

ଏହିପରି ଭାବରେ ରାମଚନ୍ଦ୍ର ଯୁଦ୍ଧଯାତ୍ରା କଲେ । ମାତ୍ର ଯୁଦ୍ଧରେ ସହସ୍ରଶିରା ରାବଣକୁ ମାରି ପାରିଲେ ନାହିଁ । ଶେଷରେ ସୀତା ସିଂହବାହିନୀଙ୍କୁ ପ୍ରାର୍ଥନା କରି ପୁଷ୍ପଧନୁ ଲାଭ କଲେ ଓ କାତ୍ୟାୟନୀ ବେଶରେ ସମ୍ପୂର୍ଣ୍ଣ ବିବସନା ହୋଇ ତାକୁ ଦୁର୍ବଳ କରି ଦେବାରୁ ରାମଚନ୍ଦ୍ର ତାକୁ ବଧ କଲେ । ସଂସ୍କୃତ ଅଦ୍ଭୁତ ରାମାୟଣ ଅବଲମ୍ବନରେ ସାରଳା ଦାସ ଏହା ଲେଖିଲେ ମଧ୍ୟ ଏଥିରୁ ତାଙ୍କର ପାଣ୍ଡିତ୍ୟ, ନାରୀ ଶକ୍ତିକୁ ପ୍ରାଧାନ୍ୟ, ଦୈବୀ ବିଶ୍ୱାସ, ବହୁଶାସ୍ତ୍ର ଦର୍ଶିତାର ପରିଚୟ ମିଳେ ।

ଚଣ୍ଡୀପୁରାଣ କବିଙ୍କର ପରବର୍ତ୍ତୀ ଲେଖା । ସେ ପୂର୍ବରୁ ବିଲଙ୍କା ରାମାୟଣ ରଚନା କରିବା କଥା ପ୍ରସଙ୍ଗକ୍ରମେ ବର୍ଣ୍ଣନା କରିଛନ୍ତି । ଓଡ଼ିଆ ଭାଷା ଓ ସାହିତ୍ୟରେ ତାଙ୍କର ସୃଷ୍ଟି ଏକ ଏକ ଅମୂଲ୍ୟ ରତ୍ନ । କେବଳ ଦୈବୀଶକ୍ତି ବଳରେ ନୁହେଁ, ନିଜର ବିଦ୍‌ବତ୍ତା, ପାଣ୍ଡିତ୍ୟ ଓ ଦୁଃସାହସ ଯୋଗୁ ସମସ୍ତ ପ୍ରତିକୂଳ ଅବସ୍ଥା ସତ୍ତ୍ୱେ ସେ ଶାସ୍ତ୍ର ରଚନା କରିଛନ୍ତି । ସଂସ୍କୃତ ମାର୍କଣ୍ଡେୟ ଚଣ୍ଡୀ ଓ ଦେବୀ ଭାଗବତ ଅବଲମ୍ବନରେ ଏହି ଗ୍ରନ୍ଥ ରଚନା କରାଯାଇଥିବା ଅନୁମେୟ । ଅପଭ୍ରଂଶ ଭାଷାରେ ରଚିତ ଚର୍ଯ୍ୟାପଦ, ଶିଶୁବେଦ ଓ ରୁଦ୍ରସୁଧାନିଧି ବ୍ୟତୀତ ସାରଳା ପୂର୍ବବର୍ତ୍ତୀ ଓଡ଼ିଆ ସାହିତ୍ୟର ଅନ୍ୟ ନିଦର୍ଶନ ମିଳେ ନାହିଁ । ଭାଷା ବିକାଶର ପ୍ରାତଃକାଳରେ ସାରଳା ରଚନାବଳୀ ଏକ ବିସ୍ମୟ ।

ପ୍ରବଳ ପ୍ରତାପୀ ମହିଷାସୁର ବ୍ରହ୍ମାଙ୍କ ଠାରୁ ବରପ୍ରାପ୍ତି ହୋଇ ଦେବତା ମାନଙ୍କ ଉପରେ ଅତ୍ୟାଚାର କଲା । ଦେବୀ ଦୁର୍ଗା ମହିଷାସୁରକୁ ବଧ କରିବା ଏହାର ବିଷୟବସ୍ତୁ । ଏହା ଏକ ବୀରରସ ପୂର୍ଣ୍ଣ ସମର କାବ୍ୟ । ଏଥିରେ ଦେବୀଙ୍କର ଶୌର୍ଯ୍ୟ ଓ ପରାକ୍ରମ ଦ୍ୱାରା ନବଯୌବନ ଦର୍ଶନ କରାଇ ସମର କୌଶଳରେ ମହିଷାସୁରକୁ ନିଧନ କରିବା ବର୍ଣ୍ଣିତ । ଦୁର୍ବାର ଭୋଗ ଲାଳସା ଓ ଯୌବନଚର୍ଯ୍ୟାର ବିଷମୟ ପରିଣତି ସହିତ ବ୍ରହ୍ମଚର୍ଯ୍ୟର ଆବଶ୍ୟକତା ପ୍ରତି ଜନସମାଜର ଦୃଷ୍ଟି ଆକର୍ଷଣ କରାଇବା ଏହି ଗ୍ରନ୍ଥ ରଚନାର ମୁଖ୍ୟ ଉଦ୍ଦେଶ୍ୟ । କବିଙ୍କର କଳ୍ପନା ବିଳାସ, ଭାଷାବିନ୍ୟାସ, ଅଳଙ୍କାର ପ୍ରୟୋଗ ଇତ୍ୟାଦି ପରବର୍ତ୍ତୀ କବିମାନଙ୍କୁ ମାର୍ଗ ଦର୍ଶନ ଦେଇଛି । ତାଙ୍କ ଭାଷା ସରଳ, ମାର୍ଜିତ ଓ ଭାବଗର୍ଭକ ଅଟେ । ସେ ନବରସର ଅବତାରଣା କରିଛନ୍ତି ।

ଆଦିକବି ସାରଳା ଦାସଙ୍କ 'ମହାଭାରତ' ସାମାଜିକ ଜୀବନର ଏକ ମନୋଜ୍ଞ ଅଭିଲିପି ଓ ବିରାଟ ଜ୍ଞାନକୋଷ । ପଞ୍ଚଦଶ ଶତାବ୍ଦୀର ସମାଜ ଜୀବନର ନାନା ଦିଗ ଉପରେ କବି ଆଲୋକପାତ କରିଛନ୍ତି । ସେ ସମୟର ରାଜନୀତି, ଅର୍ଥନୀତି, ରାଜା, ପ୍ରଜା, କର୍ମଚାରୀ, କୃଷକ, ବ୍ରାହ୍ମଣ, ଗୋପାଳ ଆଦି ଜାତି ସମ୍ପ୍ରଦାୟର ଚିତ୍ର ମହାଭାରତରେ ଦର୍ଶାଇଛନ୍ତି । ମଣିଷର ସୁଖ, ଦୁଃଖ, ଧର୍ମ, କଳା ସବୁ ସାହିତ୍ୟ ପରିସରଭୁକ୍ତ ହୋଇଛି । ସେ ଜଣେ କୃଷିଜୀବି ଥିବାରୁ ସେ ସମୟର ରାଜସ୍ୱ ପ୍ରଥା ମଧ୍ୟ ବର୍ଣ୍ଣନା କରିଛନ୍ତି । କୃଷକ, ଧାନ, ଶସ୍ୟ, ସ୍ୱର୍ଣ୍ଣମୁଦ୍ରା, ରାଜସ୍ୱ ପ୍ରଦାନ କରୁଥିଲା । ସାରଳାଙ୍କ ମହାଭାରତ ସଂସ୍କୃତ ବ୍ୟାସ କୃତ ମହାଭାରତର ଛାୟାରେ ଲିଖିତ ହେଲେ ମଧ୍ୟ ଏହା ତାଙ୍କର ନିଜସ୍ୱ ସୃଷ୍ଟି । କୌରବ ଓ ପାଣ୍ଡବଙ୍କ ମଧ୍ୟରେ ଖଣ୍ଡିଏ ଗ୍ରାମ ପାଇଁ ଶତ୍ରୁତା ଓ ଯୁଦ୍ଧ ଏହାର ବିଷୟବସ୍ତୁ । ଏଥିରେ କବି ଭ୍ରାତୃ କଳହ, ଯୁଦ୍ଧ, ନାରୀନିର୍ଯାତନା, ଧର୍ମ ଓ ନ୍ୟାୟର ପରିଣତି ଆଦିର ଘଟଣା ବର୍ଣ୍ଣନା କରିଛନ୍ତି । ଶ୍ରୀକୃଷ୍ଣଙ୍କ କୂଟନୀତି ମହାଭାରତର ସମସ୍ୟାକୁ ଜଟିଳ କରିଛି । ଉତ୍କଳୀୟ ସଂସ୍କୃତି ଓ ଆଦର୍ଶ ଏକାଧାରରେ ଏହାର ଚରିତ୍ରମାନଙ୍କ ଠାରେ ପ୍ରତିଫଳିତ । ଏହା ଚରିତ୍ର ଚିତ୍ରଣରେ ସାରଳାଙ୍କ ମହାନ ହୃଦୟବତ୍ତାର ପରିଚୟ ପ୍ରଦାନ କରେ ।

ନାନା ଓଷା, ପର୍ବ ପର୍ବାଣୀର ବର୍ଣ୍ଣନା, ବିବାହ, ଅଳଙ୍କାରର ବର୍ଣ୍ଣନା, ସ୍ୱୟମ୍ବର ବିଧି, ହିନ୍ଦୁ ସମାଜର ବିଧି ବର୍ଣ୍ଣନା ଇତ୍ୟାଦି ସେ ଏଥିରେ ବର୍ଣ୍ଣନା କରିଛନ୍ତି । ପିତାପୁତ୍ର, ଗୁରୁଜନଙ୍କ ସମ୍ପର୍କ ମହାଭାରତରେ ନାନା ଭାବରେ ବର୍ଣ୍ଣିତ । ଶ୍ରୀକୃଷ୍ଣଙ୍କ କର୍ତ୍ତୃକ, ଅର୍ଜୁନଙ୍କୁ ରଣନୀତି ଶିକ୍ଷା, ଭୀଷ୍ମ ଶରଶଯ୍ୟାରେ ଯୁଧିଷ୍ଠିର ଇତ୍ୟାଦିଙ୍କୁ ଉପଦେଶ ଦେବା, ଗୁରୁଶିଷ୍ୟ ସମ୍ପର୍କ ଇତ୍ୟାଦି ସମାଜ ପାଇଁ ଏକ ଏକ ମୂଲ୍ୟବାନ ସମ୍ପତ୍ତି ।

ଅନ୍ୟ ଧର୍ମକୁ ମଧ୍ୟ ସାରଳା ଦାସ ପ୍ରାଧାନ୍ୟ ଦେଇଛନ୍ତି । ବୌଦ୍ଧ, ଶୈବ, ଗାଣପତ୍ୟ, ବୈଷ୍ଣବ, ନାଥ ଇତ୍ୟାଦି ଧର୍ମକୁ ଉପଯୁକ୍ତ ମାନ୍ୟତା ଦେଇଛନ୍ତି । ଜଗନ୍ନାଥଙ୍କୁ ସର୍ବଧର୍ମ ସମନ୍ୱୟର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି । ଶ୍ରୀକ୍ଷେତ୍ରକୁ ସର୍ବଧର୍ମ ସମନ୍ୱୟର କ୍ଷେତ୍ର ଭାବରେ ଦର୍ଶାଇଛନ୍ତି । ତାଙ୍କ ସୃଷ୍ଟିରେ ଓଡ଼ିଆ ଖାଦ୍ୟ ରନ୍ଧନ ପ୍ରଣାଳୀ ଓ ଆମ୍ବ, ନଡ଼ିଆ ଇତ୍ୟାଦି ଫଳର ବର୍ଣ୍ଣନା ରହିଛି । ବିରି, ମୁଗ, ଧାନ ଇତ୍ୟାଦି ଶସ୍ୟର ବ୍ୟବହାର ତାଙ୍କ ଲେଖନୀରେ ପ୍ରତିଫଳିତ ହୋଇଛି । ତନ୍ତ୍ର ବିଦ୍ୟା, ଶାସ୍ତ୍ର ବିଦ୍ୟା, ମଲ୍ଲବିଦ୍ୟା, ଯୋଗ ବିଦ୍ୟା ଇତ୍ୟାଦି ଆଖଡ଼ା ଶାଳରେ ଶିକ୍ଷା ଦିଆଯାଉଥିଲା । ଯଥାର୍ଥରେ ସାରଳା ଦାସ ତାଙ୍କ ସୃଷ୍ଟିରେ ସମାଜ ଓ ସଂସ୍କୃତିର ଚିତ୍ର ଚିତ୍ରଣ କରିଛନ୍ତି । ତେଣୁ କୁହାଯାଇଛି-
"ଯାହା ନାହିଁ ଭାରତେ, ତାହା ନାହିଁ ଜଗତେ ।"

'ଲକ୍ଷ୍ମୀ ନାରାୟଣ ବଚନିକା' ସାରଳା ଦାସଙ୍କର ଏକ କ୍ଷୁଦ୍ର ରଚନା । ମାତ୍ର ୭୯ ପଦରେ ଏହା ରଚିତ । ଜଗନ୍ନାଥଙ୍କ ଠାରୁ ଲକ୍ଷ୍ମୀ ଅଲଗା ହେବା, ଚଣ୍ଡାଳ ଘରେ ପଦାର୍ପଣ, ଲକ୍ଷ୍ମୀ ରାଗି ଜଗନ୍ନାଥ ଓ ବଳରାମଙ୍କୁ ଦୁର୍ଦ୍ଦଶା ଦେବା, ଶେଷରେ ଲକ୍ଷ୍ମୀଙ୍କୁ ଫେରାଇ ଆଣିବା ଏହାର ବିଷୟବସ୍ତୁ ।

ଏହି ପୁରାଣରେ ଲକ୍ଷ୍ମୀଙ୍କର ମହିମା ସମେତ ଅସ୍ପୃଶ୍ୟତା ନିବାରଣ, ଜାତି ଭେଦ ନ ରଖିବାକୁ ମୁଖ୍ୟ ସ୍ଥାନ ଦିଆଯାଇଛି । ଲକ୍ଷ୍ମୀଙ୍କ ମୁଖରେ କବି ଜାତିପ୍ରଥାର ଘୋର ବିରୋଧ କରିଛନ୍ତି । ଦେବୀ ଶ୍ରୀୟା ଚଣ୍ଡାଲୁଣୀ ଘରେ ଭୋଜନ କରିବା ସହିତ ମହାପ୍ରସାଦର ମାହାତ୍ମ୍ୟ ପ୍ରକାଶ କରିଛନ୍ତି । ଏହାର ଭଣତିରେ କବି ଲେଖିଛନ୍ତି-

"ଲକ୍ଷ୍ମୀ ନାରାୟଣ ପଦଂ ଚରଣେ ସେବା
ଶୁଦ୍ରମୁନି ସାରଳାଦାସଙ୍କୁ ଗତି ମୁକତି ଦେବା ।"

ଏହି ପୁରାଣ ଯୁଗ ଯୁଗ ଧରି ଧର୍ମ, ଅର୍ଥ, ମୋକ୍ଷ, କାମ ଓ ଫଳ ପ୍ରଦାନ କରିଆସୁଥିବ ।

ପଞ୍ଚଦଶ ଶତାବ୍ଦୀର ସାମାଜିକ ଜନଜୀବନ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା । ଗୋଷ୍ଠିଗତ ଜୀବନ ହିଁ ଶ୍ରେଷ୍ଠ ତାହା ସାରଳାଦାସ ତାଙ୍କ ସୃଷ୍ଟିରେ ଦର୍ଶାଇଛନ୍ତି । ଓଡ଼ିଶାର ଆଦିକବି ଭାବରେ ସାରଳାଦାସ ଚିରସ୍ମରଣୀୟ ଅଟନ୍ତି । ତାଙ୍କୁ ଓଡ଼ିଆ କାବ୍ୟ କବିତାର ପ୍ରାଣ ପ୍ରତିଷ୍ଠାତା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସା/ପୋ : ବାଙ୍କୀ,
ଜିଲ୍ଲା- କଟକ



ଜଗନ୍ନାଥ ଦାସ : ସାରସ୍ୱତ ନିର୍ମିତି ଓ ଭଙ୍ଗହୀନ ଖ୍ୟାତି

ଡଃ. ନଳିନୀ କୁମାର ପାଣିଗ୍ରାହୀ

"ବର୍ଷାଣାଂ ଭାରତଃ ଶ୍ରେଷ୍ଠଃ ଦେଶାନାଂ ଉତ୍କଳଃ ଶ୍ରୁତଃ,
ଉତ୍କଳସ୍ୟ ସମୋଦେଶଃ ଦେଶୋ ନାସ୍ତି ମହୀତଳେ ।"

'କପିଳ ସଂହିତା'ର ଊର୍ଦ୍ଧ୍ୱ-ପ୍ରଦତ୍ତ ଉକ୍ତିଟିରୁ ସ୍ୱଷ୍ଟ ପ୍ରମାଣିତ ହୁଏ ଯେ, ଉତ୍କଳ ସଦୃଶ ଦେଶ ସମଗ୍ର ମହୀତଳେ ଦୁର୍ଲ୍ଲଭ । ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ବିଶେଷତ୍ୱ ପରିପ୍ରେକ୍ଷୀରେ ଉତ୍କଳ ଏକ ଅନନ୍ୟ ଭୂଖଣ୍ଡ । ସର୍ବୋପରି ଏହି ମାଟିର ଗର୍ବ ଏବଂ ଗୌରବର ପ୍ରତୀକ ଭାବରେ ଯେଉଁ କେତେ ଜଣ ସାରସ୍ୱତ-ସାଧକ ଅମରତ୍ୱ ଲାଭ କରିଛନ୍ତି ତନ୍ମଧ୍ୟରୁ ଜଗନ୍ନାଥ ଦାସ ଅନ୍ୟତମ । କୃଷ୍ଣୈକପ୍ରାଣତାର ସେ ଜଣେ ମହିମୋଜ୍ଜ୍ୱଳ ବ୍ୟକ୍ତିତ୍ୱ; ନିରଳସ ବାଣୀ-ନୀରାଜନାର ସେ ଜଣେ ପଥିକୃତ ସାଧକ । ନିଜସ୍ୱ ନିଷ୍ଠା, ଏକାଗ୍ରତା, ସର୍ବୋପରି ସଂସ୍କୃତିପ୍ରାଣତାର ଆଧାରରେ ତାଙ୍କର ସାରସ୍ୱତ ସାଧନା ନିଆରା ଥିଲା । କୃଷ୍ଣଙ୍କ ପ୍ରତି ଅଗାଢ଼ ଭକ୍ତି ତଥା ଆଧ୍ୟାତ୍ମିକ ବିଶ୍ୱାସବୋଧକୁ ଭିତ୍ତିକରି ସେ ସୃଷ୍ଟି କରିଥିଲେ ଅଜସ୍ର ଗ୍ରନ୍ଥ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ସପ୍ତଦଶ ଶତାବ୍ଦୀର ଭକ୍ତକବି ଦିବାକର ଦାସଙ୍କ ଲେଖନୀ ନିଃସୃତ 'ଜଗନ୍ନାଥ ଚରିତାମୃତ' କବି ଜଗନ୍ନାଥ ଦାସଙ୍କ ଜୀବନୀର ଏକ ନିର୍ଭରଯୋଗ୍ୟ ସାରସ୍ୱତ ପ୍ରତିଶ୍ରୁତି । ପୁରୀର ଅନତି ଦୂରସ୍ଥ ଗ୍ରାମ କପିଳେଶ୍ୱରପୁରର ଭଗବାନ ଦାସଙ୍କ ଔରସରୁ ଓ ପଦ୍ମାବତୀ ଦେବୀଙ୍କ ଗର୍ଭରୁ ଜଗନ୍ନାଥ ଖ୍ରୀ: ୧୪୮୭ରେ ଜନ୍ମଗ୍ରହଣ କରିଥିବା ଜଣାଯାଏ, ଯାହାକି 'ଜଗନ୍ନାଥ ଚରିତାମୃତ'ରେ ଉଲ୍ଲେଖ ଅଛି । ଯଥା-

"ନାମ କପିଳେଶ୍ୱରପୁର, ଶାସନ ମଧ୍ୟେ ତାଙ୍କ ଘର ।
ପୁରାଣ ପଣ୍ଡା ଭଗବାନ, ପଦ୍ମା ବୋଲିଣ ପତ୍ନୀ ନାମ ।"

ସୂର୍ଯ୍ୟବଂଶୀ ରାଜା ତଥା ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସମୟରେ ଏହି ଗ୍ରାମଟି ସ୍ଥାପିତ ହୋଇଥିବା ଯୋଗୁଁ ଏହାର ନାମ କପିଳେଶ୍ୱରପୁର ଶାସନ ହୋଇଥିବା ଜଣାଯାଏ ।

କବି ଜଗନ୍ନାଥ ଶ୍ରୀଚୈତନ୍ୟଙ୍କ ଦ୍ୱାରା 'ଅତିବଡ଼ି' ଉପାଧିରେ ଭୂଷିତ ହୋଇଥିଲେ । ଖ୍ରୀ:ଅ: ୧୫୦୯ରେ ଚୈତନ୍ୟଙ୍କ ଓଡ଼ିଶା ଆଗମନ କାଳରେ ଜଗନ୍ନାଥଙ୍କ ବୟସ ପ୍ରାୟଶଃ ବାଇଶି ବର୍ଷ । ଜଣେ ବିଦ୍ୱାନ, ଶାସ୍ତ୍ରଜ୍ଞ ତଥା ପୁରାଣ ବିଶାରଦ ଭାବରେ ତାଙ୍କର ପ୍ରତିଭା ଚତୁର୍ଦ୍ଦିଗରେ ବ୍ୟାପି ଯାଇଥିଲା । କେବଳ ସେତିକି ନୁହଁ, ଶ୍ରୀମନ୍ଦିର ପରିସରରେ ପୈତୃକ ପୁରାଣ ପଣ୍ଡା ବୃତ୍ତିକୁ ଆପଣେଇ ପୁରାଣ ପାଠ ସହିତ ପୁରାଣ ଚର୍ଚ୍ଚାରେ ନିଜର ପାରଦର୍ଶିତା ପ୍ରମାଣିତ କରିସାରିଥିଲେ । ଚୈତନ୍ୟ ଜଗନ୍ନାଥଙ୍କ ପ୍ରତିଭାରେ ମୁଗ୍ଧ ହୋଇ, ତାଙ୍କ ଭକ୍ତି-ପ୍ରାଣତାରେ ବିମୋହିତ ହୋଇ 'ଅତିବଡ଼ି' ଉପାଧି ପ୍ରଦାନ କରିଥିଲେ । ଜଗନ୍ନାଥଙ୍କ ବ୍ୟକ୍ତିତ୍ୱର ମୂଲ୍ୟାୟନ କ୍ଷେତ୍ରରେ ଏଡି ଉପାଧିର ବିଶେଷତ୍ୱ କୌଣସି ଦୃଷ୍ଟିରୁ ନ୍ୟୂନ ନୁହେଁ । ଅପରତଃ ତାଙ୍କର ଅଜସ୍ରସ୍ରାବୀ ଲେଖନୀ ସୃଷ୍ଟି କରିଥିଲା ବହୁ ଉପାଦେୟ ଗ୍ରନ୍ଥ । 'ଭାଗବତ' ଯଦିଓ ତାଙ୍କର ସାରସ୍ୱତ ସାଧନାର ଏକ ଅଭ୍ରଂଲିହ ଫଳଶ୍ରୁତି; ତଥାପି ଅନ୍ୟାନ୍ୟ ଗ୍ରନ୍ଥ ଯେ ତାଙ୍କ ଅନନ୍ୟ ବ୍ୟକ୍ତିତ୍ୱର ପରିଚାୟକ- ଏହା ନିଃସନ୍ଦେହ । ସେ ଉଭୟ ସଂସ୍କୃତ ଓ ଓଡ଼ିଆ ଭାଷାରେ ବହୁ ଗ୍ରନ୍ଥ ରଚନା କରିଥିବା ଜଣାଯାଏ । ତାଙ୍କ ଲେଖନୀ ନିଃସୃତ ସଂସ୍କୃତ ଭାଷାର ରଚନା ଗୁଡ଼ିକ ହେଲା- 'କୃଷ୍ଣଭକ୍ତି', 'କୃଷ୍ଣଲତା', 'ନିତ୍ୟଗୁପ୍ତ ମାଳା', ଉପାସନା ଶତକ', 'ପ୍ରେମସୁଧାନିଧି', 'ନିତ୍ୟାଚାର', 'ନୀଳାଦ୍ରୀ ଶତକଂ', 'ଜଗନ୍ନାଥ ଚରିତାମୋଧି ସରଣୀ', 'ଶ୍ରୀରାଧାରସ ମଞ୍ଜରୀ', ଭଜନ ବୋଧନି' ଆଦି । ଅପରପକ୍ଷେ ସେ ବହୁ ଓଡ଼ିଆ ଗ୍ରନ୍ଥର ରଚୟିତା ମଧ୍ୟ । ନାନା ମୁନୀଙ୍କ ନାନା ମତ ନ୍ୟାୟରେ ବହୁ ସମାଲୋଚକ ଜଗନ୍ନାଥଙ୍କ କୃତିରାଜି ସମ୍ପର୍କରେ ବିଭିନ୍ନ ମତପୋଷଣ କରିଥାନ୍ତି । ତଥାପି ଯେଉଁ କେତେକ ରଚନା ବେଶ୍ ଜନାଦୃତି ଲାଭ କରିଛି, ସେଗୁଡ଼ିକ ହେଲା- 'ଭାଗବତ', 'ଗୁପ୍ତ ଭାଗବତ', 'ଦାରୁବ୍ରହ୍ମ ଗୀତା', 'ଗଜସ୍ତୁତି', 'ଅର୍ଥ କୋଇଲି', 'ମୃଗୁଣି ସ୍ତୁତି', 'ତୁଳାଭିଣା', 'ଗୁଣ୍ଡିଚା ବିଜେ', 'ଶୈବାଗମ ଭାଗବତ', 'ଶରତ ରାସ', 'ଭାଗବତ ରାସ', 'ବ୍ରହ୍ମାଣ୍ଡ ଭୂଗୋଳ', 'ଗଜ ନିସ୍ତାରଣ', 'ପ୍ରମୋଦ ଚିନ୍ତାମଣି', 'ଜ୍ଞାନ ସାଗର ଗୀତା', 'ଫୁଲତୋଳା', 'ପାଷାଣ୍ଡ ଦଳନ', 'ଗରୁଡ଼ ଗୀତା', 'ଜଗନ୍ନାଥ ଦାସ ଚଉତିଶା', 'ଉଦ୍ଧବ ଚନ୍ଦ୍ରିକା', 'କାଳୀୟ ଦଳନ', 'ରହସ୍ୟ ଚଉତିଶା' ଇତ୍ୟାଦି । ସର୍ବୋପରି 'ଭାଗବତ' ତାଙ୍କ ସାରସ୍ୱତ ସାଧନାର ସର୍ବଶ୍ରେଷ୍ଠ ସ୍ୱୀକୃତି; ଉତ୍କଳୀୟର ଆଧାତ୍ମିକ ଚେତନାର ଅକ୍ଷର କୀର୍ତ୍ତି । ଏଠାରେ ସ୍ୱୀକାର କରାଯାଇପାରେ ଯେ, "ଜଗନ୍ନାଥ ଦାସଙ୍କ ସାହିତ୍ୟ ଆମ ସଂସ୍କୃତିର ଜୟ ଜୟକାର ଘୋଷଣା କରିଛି ।

ଭାରତୀୟ ତଥା ଉତ୍କଳୀୟ ସଂସ୍କୃତିର ମୂଳରେ ରହିଛି ଜଗନ୍ନାଥ ଦାସଙ୍କ ଆଧ୍ୟାତ୍ମିକତା । ଜଗନ୍ନାଥ ଦାସଙ୍କ ସାହିତ୍ୟ ଏହି ଆଧ୍ୟାତ୍ମିକତାର ଏକ ସୀମାହୀନ ସମୁଦ୍ର । ଏହି ଆଧ୍ୟାତ୍ମିକତା ପ୍ରତି ଲୋକ ଦୃଷ୍ଟି ଆକୃଷ୍ଟ କରିବା ପାଇଁ ହିଁ ସେ ଲେଖନୀ ଧାରଣ କରିଛନ୍ତି । ସମଗ୍ର ଭାରତୀୟ ସାହିତ୍ୟର ଯୁଗ ଯୁଗର ରତ୍ନ ରାଶିକୁ ବସ୍ତୁତଃ ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ଆହରଣ କରି ଆଣିଛନ୍ତି ।" (ଡଃ. ଉଦୟନାଥ ସାହୁ, ଭାଗବତର ସୃଷ୍ଟି ସୌରଭ, ପୃଷ୍ଠା-୪୪) ବସ୍ତୁତଃ ଜଗନ୍ନାଥ ଦାସଙ୍କ ବିବିଧ ରଚନା ମଧ୍ୟରେ 'ଭାଗବତ'ର ସାଂସ୍କୃତିକ, ଆଧ୍ୟାତ୍ମିକ ତଥା ସାମାଜିକ ଆବେଦନ ଯେ ଅନନ୍ୟ, ଏହା ନିର୍ବିବାଦୀୟ ସତ୍ୟ । ସଂପ୍ରତି ଆଲୋଚନାର ସୁଷ୍ଠୁ ରୂପାୟନ ଅବକାଶରେ କବିଙ୍କ ବିଭିନ୍ନ ସାରସ୍ୱତ ସୃଷ୍ଟିର ବିଶେଷତ୍ୱ ସମ୍ପର୍କରେ ଆଲୋଚନା କରିବା ଯଥାର୍ଥ ମନେହୁଏ ।

ଜଗନ୍ନାଥ ଦାସଙ୍କ ସାହିତ୍ୟ ସମ୍ପର୍କରେ ଆଲୋଚନା କଲାବେଳେ ପ୍ରଥମତଃ 'ଭାଗବତ' ପ୍ରତି ଦୃଷ୍ଟି ନିକ୍ଷେପ କରିବା ଉଚିତ । ପୂର୍ବରୁ ସ୍ୱୀକାର କରାଯାଇଛି ଯେ 'ଭାଗବତ' ହିଁ ଜଗନ୍ନାଥଙ୍କ ସାହିତ୍ୟ-ସାଧନାର ଏକ ଯଥାର୍ଥ ପରିଚୟ ବହନ କରିଛି । ଆପାତତଃ " ଭାଗବତ ପ୍ରାଚୀନ ଓଡ଼ିଆ ଗ୍ରନ୍ଥମାନଙ୍କ ମଧ୍ୟରେ ଆଧୁନିକତମ ଓ ଆଧୁନିକ ଓଡ଼ିଆ ଗ୍ରନ୍ଥମାନଙ୍କ ମଧ୍ୟରେ ପ୍ରାଚୀନତମ । ଏହି ଭାଗବତ ଗ୍ରନ୍ଥ ଓଡ଼ିଆ ଜନତାର ବିଦ୍ୟା ପରୀକ୍ଷାର ଆଦିଗ୍ରନ୍ଥ । ଏହି ଗ୍ରନ୍ଥ ଚାଟଶାଳୀରେ ପ୍ରଥମ ବିଦ୍ୟା ଶିକ୍ଷା ବେଳେ ଚାଟ ପାଇଁ ଆବଶ୍ୟକ, ବୟସ୍କଙ୍କ ପାଇଁ ଏହା ନୀତି ଓ ତତ୍ତ୍ୱ ଗ୍ରନ୍ଥ । ପୁଣି ମାନବ ଜୀବନର ଶେଷ କାଳରେ ଏହା ମାନବ ସହ ସଚରାଚର ବିଦ୍ୟମାନ । ଯଥାର୍ଥତଃ ଭାଗବତ ହେଉଛି ଓଡ଼ିଆର ଜୀବନ ବେଦ । ଏହାର ଲଳିତ ପଦାବଳୀ, ସାର୍ବଜନୀନ ଆବେଦନ ଏହାକୁ ଯୁଗାବଧି ପାଇଁ ଆଦୃତ କରିଛି । ଏହା ତତ୍ତ୍ୱଦର୍ଶୀଙ୍କ ପାଇଁ ଯେପରି ମହାନ୍, ନିରକ୍ଷର ପାଇଁ ମଧ ତତୋଽଧିକ ପ୍ରେୟଃ । ସଂସ୍କୃତରୁ ଏହି ଗ୍ରନ୍ଥ ଅନୂଦିତ ହୋଇଥିଲେ ହେଁ ଏଥିରେ କବିଙ୍କ ମୌଳିକ ପ୍ରତିଭାର ସ୍ୱାକ୍ଷର ରହିଛି । ସମସ୍ତ ଭାରତୀୟ ଭାଷାରେ ଏହାର ଅନୁବାଦ ପ୍ରାୟ ରହିଛି, ମାତ୍ର ଓଡ଼ିଆ ଅନୁବାଦ ଯେଭଳି ସାର୍ବଜନୀନ ଓ ଭାବଗର୍ଭକ ହୋଇଛି, ତାହା ଅନ୍ୟ ଭାଷାରେ ଅନୁପଲଭ୍ୟ ।" (ଡଃ ବଂଶୀଧର ମହାନ୍ତି, ଭକ୍ତକବି ଜଗନ୍ନାଥ ଦାସ, ପୃଷ୍ଠା-୦୯) ଏହାର ସାରସ୍ୱତ ଆବେଦନ ଯେପରି ନିଆରା; ସାର୍ବକାଳିକ ସତ୍ୟ ଉପରେ ପ୍ରତିଷ୍ଠିତ, ସେହିପରି ଏହାର ଜନ୍ମଗତ ବିଶେଷତ୍ୱ ମଧ ଅନନ୍ୟ । ବିଶେଷ କରି ଏହାର ସୃଷ୍ଟି ଅନ୍ତରାଳରେ ଯେଉଁ କେତେକ କାରଣକୁ ଦାୟୀ କରାଯାଇଥାଏ, ତନ୍ମଧ୍ୟରୁ ଜନନୀଙ୍କ ଇଚ୍ଛା ପ୍ରମୁଖ କାରଣ । କୁହଯାଏ ଯେ,

ଜଗନ୍ନାଥ ଦାସଙ୍କ ମାଆ ପଦ୍ମାବତୀ ଦେବୀ ବାର୍ଦ୍ଧକ୍ୟରେ ଉପନୀତ ହେବା ପରେ ନିଜର ନିରକ୍ଷରତା ଦ୍ୱାହିରେ ଭାଗବତ ପଠନରୁ ବଞ୍ଚିତ ହୋଇଥିଲେ । କିନ୍ତୁ ପୁଣ୍ୟ ପ୍ରାପ୍ତି ଆଶାରେ କୃଷ୍ଣ ଚରିତ ଶୁଣିବାକୁ ତାଙ୍କର ଇଚ୍ଛା ଥିଲା ପ୍ରତୁଳ । ସୁତରାଂ ସୁଯୋଗ୍ୟ ସନ୍ତାନ ଜଗନ୍ନାଥ ମାଆଙ୍କ ଇଚ୍ଛା ପୂରଣାର୍ଥେ ସଂସ୍କୃତ ଭାଗବତକୁ ଓଡ଼ିଆରେ ଅନୁବାଦ କରି ତାଙ୍କୁ ଶୁଣାଇଥିଲେ । ସର୍ବୋପରି ଭାଗବତର ସୃଷ୍ଟି ପ୍ରସଙ୍ଗ ଆଲୋଚନା ପରିପ୍ରେକ୍ଷୀରେ ଉପରୋକ୍ତ କଥାଟି ବେଶ୍ ଲୋକପ୍ରିୟତା ଅର୍ଜନ କରିଥିବା ସ୍ୱୀକାର କରାଯାଇପାରେ ।

ଏତତ୍‌ବ୍ୟତୀତ ଓଡ଼ିଆ ସାହିତ୍ୟର ଅନ୍ୟତମ ଭକ୍ତି ଗ୍ରନ୍ଥ 'ଦାର୍ଢ୍ୟତାଭକ୍ତି'ର ସ୍ରଷ୍ଟା ରାମଦାସଙ୍କ ଏ ସମ୍ପର୍କୀୟ ମତକୁ ଅସ୍ୱୀକାର କରାଯାଇ ନ ପାରେ । ତାଙ୍କ ମତରେ ସ୍ୱୟଂ ଭଗବାନ ଦିନେ ଜଗନ୍ନାଥ ଦାସଙ୍କୁ ସ୍ୱପ୍ନରେ ଭାଗବତ ରଚନା ନିମିତ୍ତ ପ୍ରେରଣା ପ୍ରଦାନ କରିଥିଲେ । ଯଥା-

"ଏ ମହା ପୁରାଣ ଚରିତ, ପ୍ରାକୃତ ବନ୍ଧେ କଲେ ଗୀତ ।
ତୁ ନିଜେ ପବିତ୍ର ହୋଇବୁ, ଅଶେଷ ପ୍ରାଣୀଙ୍କୁ ତାରିବୁ ।
ଏ ଭାଗବତ ଶୁଣି କର୍ଣ୍ଣେ, ପବିତ୍ର ହେବେ ପ୍ରାଣୀମାନେ ।
କର ତୁ ଏହି ଅନୁକୂଳ, ଲଭ ତୁ ପରମ ମଙ୍ଗଳ ।"

କବି ଜଗନ୍ନାଥ ସ୍ୱୟଂ 'ଭାଗବତ' ଗ୍ରନ୍ଥର ୧୦ମ ସ୍କନ୍ଧରେ ଏହା ସ୍ୱୀକାର କରିଥିବା ମଧ୍ୟ ଲକ୍ଷ୍ୟ କରାଯାଏ । ଅପରନ୍ତୁ ଜଗତର ମଙ୍ଗଳ ସକାଶେ ସେ ଏପରି ଏକ ଦୁର୍ଲ୍ଲଭ କାର୍ଯ୍ୟ ସମ୍ପାଦନ କରିଥିବା ବିଷୟ ଆଲୋଚନା ଗ୍ରନ୍ଥର ଦଶମ ସ୍କନ୍ଧର ଅଶୀତମ ଅଧ୍ୟାୟରେ ଉଲ୍ଲେଖ କରିଛନ୍ତି । ଯଥା-

"ସଂସାର ହିତେ ବିଷ୍ଣୁବାଣୀ, ଗୀତେ ମୁଁ ବଖାଣିଲି ଆଣି ।
ଏଣେ ନିର୍ମଳ ଚିତ୍ତ କର, କୃଷ୍ଣ ଚରଣେ ମୁଁ କିଂକର ।"

ନିଜକୁ କିଂକର ଭାବରେ ଗ୍ରହଣ କରି ଭଗବାନଙ୍କ ନିକଟରେ ନିଜକୁ ସମର୍ପଣ କରିଦେବାରେ ହିଁ ଜଣେ ସତ୍ କବିର ବ୍ୟକ୍ତିତ୍ୱର ମହନୀୟତା ପ୍ରକାଶ ପାଇଥାଏ । ବାସ୍ତବରେ କବି ସମାଜର ଜାଗ୍ରତ ପ୍ରହରୀ । ସମାଜର ଶୁଦ୍ଧତା ହିଁ ତା'ର କାମ୍ୟ । ଏହି ଚିରନ୍ତନ ବିଚାରଧାରାରୁ ଶ୍ରୀଜଗନ୍ନାଥମନସ୍କ କବି ଜଗନ୍ନାଥ ନିଜକୁ ବିଚ୍ୟୁତ କରି ନାହାନ୍ତି । ତେଣୁ ସଂସାରର ହିତାର୍ଥେ ହେଉ; ହେଉ ଅବା ଜନନୀଙ୍କ ଅଭିଳାଷ ପୂରଣାର୍ଥେ- କବି ଜଗନ୍ନାଥ ଦାସ ଏପରି ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ ପୂର୍ବକ

ନିଜକୁ ଅମର ରଖିବାରେ ସକ୍ଷମ ହୋଇପାରିଛନ୍ତି । ଏହି ଗ୍ରନ୍ଥ ବେଶ୍ ଜନାଦୃତି ଲାଭ କରିଛି ମଧ୍ୟ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, "ଜଗନ୍ନାଥଙ୍କ ଭାଗବତକୁ ଓଡ଼ିଶାର ଜନତା ଦେବତା ଜ୍ଞାନରେ ଅଦ୍ୟାପି ଗ୍ରାମେ ଗ୍ରାମ ପୂଜା କରୁଅଛନ୍ତି । ଓଡ଼ିଆ ଘରେ ଭାଗବତ ପଢ଼ା ହେବା ସେହି କାଳରୁ ଏକ ନିତ୍ୟ ନୈମିତ୍ତିକ ଘଟଣା ହୋଇଅଛି । ଭାଗବତ ଗ୍ରନ୍ଥର ପୂଜା ଲାଗି ଗ୍ରାମେ ଗ୍ରାମେ ଭାଗବତଘରମାନ ପ୍ରତିଷ୍ଠିତ ହୋଇଅଛି । ଓଡ଼ିଶାର ଜନସାଧାରଣଙ୍କ ଲୌକିକ ଜୀବନ ଧାରାରେ ଜଗନ୍ନାଥଙ୍କ ଭାଗବତର ପ୍ରଭାବ ସର୍ବାଧିକ । ପ୍ରତ୍ୟେକ ଓଡ଼ିଆ ହିନ୍ଦୁ ପରିବାରରେ ଲୋକ ମଲାବେଳେ ମୃତ୍ୟୁଶଯ୍ୟା ପାଖରେ ଭାଗବତ ପଢ଼ି ଶୁଣାଇ ଦିଆଯାଏ । ସନ୍ତାନ ଜନ୍ମ ହେଲେ ମଧ୍ୟ ସୂତିକା ଗୃହରେ ଦ୍ୱାଦଶ ରାତ୍ର ପର୍ଯ୍ୟନ୍ତ ଭାଗବତ ପାଠ କରାଯାଏ । ସେ କାଳରୁ ଓଡ଼ିଆ ଲୋକଙ୍କର ଜୀବନ-ମରଣର ସାଥି ରୂପରେ ଭାଗବତ ପ୍ରତିଷ୍ଠା ଲାଭ କରିଆସିଛି । (ଡଃ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ, ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ, ପୃଷ୍ଠା-୯୨) ।

'ଭାଗବତ' କେବଳ ଏକ ଆଧ୍ୟାତ୍ମିକ ଚେତନା ସମ୍ବଳିତ ଗ୍ରନ୍ଥ ନୁହଁ, ଏହା ଉତ୍କଳୀୟ ଜନଜୀବନର ସାମାଜିକ, ସାଂସ୍କୃତିକ, ଧାର୍ମିକ ଚେତନାର ଏକ ପ୍ରତିଶ୍ରୁତି । ସମସ୍ତେ ଜାଣନ୍ତି ଯେ ମଣିଷ ଏକ ସାମାଜିକ ପ୍ରାଣୀ । ସାମାଜିକ ସହାବସ୍ଥାନ ତା'ର ଜୀବନ ଧର୍ମ; ଏକ ସହଜାତ ପ୍ରବୃତ୍ତି । କର୍ମ, କର୍ତ୍ତବ୍ୟ ପ୍ରତି ସଚେତନ ହେବା ପ୍ରତ୍ୟେକ ପ୍ରାଣୀର ଧର୍ମ । ତାହା ହିଁ ତାକୁ ଅମରତ୍ୱ ପ୍ରଦାନ କ୍ଷେତ୍ରରେ ସହାୟକ ହୋଇଥାଏ । କର୍ମ ପ୍ରତି ସଚେତନ ରହିବାକୁ କବି ମାନବ ସମାଜକୁ ଯେଉଁ ଆହ୍ୱାନ ଦେଇଛନ୍ତି, ତା'ର କାବ୍ୟ ରୂପକୁ ନିମ୍ନମତେ ପ୍ରକାଶ କରାଯାଇପାରେ ।

"ଏ ଜୀବ ନିଜ କର୍ମଫଳ । ଭୁଞ୍ଜାଇ ରହି ଏ ଶଯଳ ॥
କର୍ମର ମତେ ସୁଖ ଦୁଃଖ । ଜନ୍ମ ମରଣ ହୋଯେ ଦେଖ ॥
କର୍ମଟି ଦୁଃଖ ସୁଖ ଦାତା । ନିତ୍ୟ ସଂସାର ବଳବନ୍ତା ॥
କର୍ମ ହୁଁ ନାହିଁ ଅନ୍ୟ ଦେବ । ଭୋ ତାତ କର୍ମ ପଦେ ସେବ ॥"

(ଭାଗବତ-୧୦ମ ସ୍କନ୍ଧ/୨୫)

ଏତତ୍‌ଭିନ୍ନ ସତ୍‌କର୍ମର ଫଳ ବାସ୍ତବରେ କେତେ ମହନୀୟ ତା' ସମ୍ପର୍କରେ ମଧ୍ୟ କବି ବ୍ୟାଖ୍ୟା କରିଛନ୍ତି । ସତ୍‌କର୍ମ ନିମିତ୍ତ ସତ୍‌ଫଳ ଏବଂ ମନ୍ଦ କର୍ମ ନିମନ୍ତେ ମନ୍ଦ ଫଳ ଏହା ବିଧିର ବିଧାନ । କିନ୍ତୁ ସ୍ୱାର୍ଥାନ୍ଧ ମଣିଷ କର୍ମ ପ୍ରତି ସଚେତନ ନ ହୋଇ ସର୍ବଦା ଦୁଃଖ ହିଁ ପ୍ରାପ୍ତ ହୋଇଥାଏ । ତେଣୁ କବି 'ଭାଗବତର'ରେ ଉଲ୍ଲେଖ କରିଛନ୍ତି ଯେ-

"ସତ୍‌କର୍ମ ସେମାନେ କରନ୍ତି । ସ୍ୱକର୍ମ ଫଳ ସେ ଲଭନ୍ତି ।
ମନ୍ଦ କରମ ଯୁକ୍ତ ଯେହୁ । ସ୍ୱକର୍ମ ଭୁଞ୍ଜିବେ ସେ କାହୁଁ ।।"

(ଭାଗବତ-୬/୧)

କେବଳ ସେତିକି ନୁହଁ, ପ୍ରତ୍ୟେକ ମଣିଷ ନିଜ ଧର୍ମ ପ୍ରତି ସଜାଗ ରହିବା ଏକାନ୍ତ ଆବଶ୍ୟକ । ସ୍ୱଧର୍ମ ପ୍ରତି ସଚେତନ ରହିବା ହିଁ ତା' ଜୀବନର ଯଥାର୍ଥତାକୁ ପ୍ରମାଣିତ କରିପାରେ । ବ୍ୟକ୍ତିର ଧର୍ମ ପ୍ରତି ସଚେତନ ରହିବାକୁ ସେ ଉପଦେଶ ଦେବା ଛଳରେ ଛାତ୍ର, ଗୃହସ୍ଥ, ନାରୀଙ୍କୁ ଗୁରୁତ୍ୱାରୋପ କରିଛନ୍ତି । ଏ ସଂସାର ମଧ୍ୟରେ ଗୁରୁ ଈଶ୍ୱର ତୁଲ୍ୟ । କବି ଜଗନ୍ନାଥ ଦାସ ଏ ପ୍ରସଙ୍ଗରେ କହିଛନ୍ତି-

"ସାକ୍ଷାତେ ଗୁରୁ ଯେ ଈଶ୍ୱର । ଗୁରୁଙ୍କୁ ନ ମଣିବ ନର ।।
ଗୁରୁଟି ସର୍ବ ଧର୍ମ ମୟେ । ମୁହିଁ ବସଇ ଗୁରୁ ଦେହେ ।।
ଏ ଘେନି ଗୁରୁ ଭଗବାନ । ସେ ନୁହେଁ ମନୁଷ୍ୟ ସମାନ ।।"

(ଭାଗବତ-୧୧/୧୮)

ଅପରପକ୍ଷେ ଗୃହସ୍ଥର ଧର୍ମ ସମ୍ପର୍କରେ ମଧ୍ୟ କବି ଜଗନ୍ନାଥ ମାନବସମାଜକୁ ସଚେତନ କରିଛନ୍ତି । ନିଜେ ଯଦିଓ ଅବିବାହିତ ଥିଲେ, ତଥାପି ଜଣେ ଗୃହସ୍ଥର ଧର୍ମ ସମ୍ପର୍କରେ ସେ ଅବଗତ ଥିବା ନିମ୍ନୋକ୍ତ ପଦଟିରୁ ସ୍ପଷ୍ଟ ପ୍ରମାଣିତ ହୁଏ ।

"ପତ୍ନୀ ନ ଥିଲେ ନ ଶୋଭନ୍ତି । ଏ ରାଜ ସମ୍ପଦ ବିଭୂତି ।।
ଯେ ଗୃହେ ନାହିଁ ତାତ ମାତ । ସୁପୁତ୍ର ସୁତା ପତିବ୍ରତ ।।
ସେ ଗୃହ ପତି ଧର୍ମହୀନ । ସୁଖେ ତା' ନାହିଁ ପ୍ରୟୋଜନ ।।
ଯେସନେ ଚକ୍ରହୀନ ରଥ । ବସିଲେ ସୁଖ ନୋହେ ଜାତ ।।
ତେସନେ ଗୃହିଣୀ ବିହୀନେ । ଗୃହସ୍ଥ ନ ଶୋଭେ ସଦନେ ।।"

(ଭାଗବତ- ୪/୨୬)

ପ୍ରକାରାନ୍ତରେ କବି ଜଗନ୍ନାଥ ଦାସ ନାରୀ-ଧର୍ମ ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିବା ପରିଦୃଷ୍ଟ ହୁଏ । ନାରୀ ସମାଜର ଏକ ବିଶେଷତ୍ୱ ସମ୍ପନ୍ନ ଅଂଗ । ନାରୀ ବ୍ୟତୀତ ପୁରୁଷର ଜୀବନ ସମ୍ପୂର୍ଣ୍ଣ ହୋଇପାରେ ନାହିଁ । ସାମାଜିକ ସହାବସ୍ଥାନ ତଥା ସାମାଜିକ ଶୃଙ୍ଖଳା କ୍ଷେତ୍ରରେ ନାରୀର ଭୂମିକା ପୁରୁଷ ଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ । ତେଣୁ ନାରୀର ଧର୍ମ ପ୍ରତି ଭାଗବତକାର ସଚେତନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି-

"ସ୍ୱାମୀଙ୍କ ସଙ୍ଗେ ପ୍ରୀତି କର । ଉଚିତ ଧର୍ମ ଯେ ତୁମ୍ଭର ॥
ସ୍ୱାମୀର ଯେତେ ଇଷ୍ଟମାନ । ବାଳ ତନୟ ବନ୍ଧୁଜନ ॥
ଏ ନିତ୍ୟ କର୍ମ ଗୋ ତୁମ୍ଭର । ପୁଣି ବୋଲନ୍ତି ବେଣୁଧର ॥
ପୂର୍ବେ ଅର୍ଜିଲା କର୍ମ ନେଇ । ଯେ ଯାହା ସ୍ୱାମୀ ଗୋ ମିଳଇ ॥
ସେ ଯେବେ ହୁଏ ଅସୁନ୍ଦର । ଦୁଃଖୀ ଦରିଦ୍ର ବ୍ୟାଧିକର ॥
ତାହାକୁ ନ କହିବ ସାନ । ସେ ବିଷ୍ଣୁଦେବଙ୍କ ସମାନ ॥"

(ଭାଗବତ-୧୦/୩୦)

ବସ୍ତୁତଃ ଉପରୋକ୍ତ ବିଷୟ ବ୍ୟତୀତ କବି ଅନ୍ୟାନ୍ୟ ବିଶେଷ ଧର୍ମ ପ୍ରତି ସଚେତନ ପୂର୍ବକ ଏକ ସୁସ୍ଥ, ସୁସଂହତ ସାମାଜିକ ପରମ୍ପରାର ପରିକଳ୍ପନା କରିଥିବା ପ୍ରମାଣିତ ହୁଏ । ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ, କବି ସମାଜର ଜଣେ ଜାଗ୍ରତ ପ୍ରହରୀ । ସମାଜର ସାମଗ୍ରିକ ବିକାଶ ପ୍ରତି ସେ ପ୍ରୟାସ କରିବା ଏକ ଚିରନ୍ତନ ସତ୍ୟ । ଏହି ଦୃଷ୍ଟିରୁ କବି ଜଗନ୍ନାଥ ଦାସ ଯେ ପୂଜାର ପାତ୍ର- ଏହା ନିଃସନ୍ଦେହ । ସେହିପରି 'ଭାଗବତ' କେବଳ ଏକ ପୁରାଣ ନୁହଁ; ବରଂ ଏହାକୁ ଏକ ନୀତିଶିକ୍ଷା ତଥା ଗୁରୁଗ୍ରନ୍ଥ ଭାବରେ ସ୍ୱୀକାର କରାଯାଇପାରେ । ମନୁଷ୍ୟ ସୁଖ ପ୍ରତି ସର୍ବଦା ଲୋଭାସକ୍ତ । ଭୋଗ ବିଳାସମୟ ଜୀବନ ଯାପନ ପାଇଁ ସେ ଲାଳାୟିତ । କିନ୍ତୁ ଏହା ଯେ କ୍ଷଣସ୍ଥାୟୀ ତଥା ଶାଶ୍ୱତ ଜୀବନର ପରିପନ୍ଥୀ, ଏହା ମଣିଷ ଜାତି ମଧ୍ୟ ଜାଣେ ନାହିଁ । ଏହାକୁ ଅତ୍ୟନ୍ତ ପ୍ରାଞ୍ଜଳ ଭାବରେ କବି ଜଗନ୍ନାଥ ଦାସ 'ଭାଗବତ' ଗ୍ରନ୍ଥରେ ଉଲ୍ଲେଖ କରିଥିବା ଲକ୍ଷ୍ୟ କରାଯାଏ । ଯଥା-

"ଜନ୍ମ ମରଣ ଜରା ମୃତ୍ୟୁ । ଉଭୟ ଦୁଃଖ ସୁଖ ହେତୁ ॥
ଏ ସର୍ବ ଗୁଣ ବହେ ଦେହ । ଜୀବର ନୁହେଁ ପରିଗ୍ରହ ॥
ଚନ୍ଦ୍ରର କ୍ଷୟ ବୃଦ୍ଧି ଯେହ୍ନେ । କୃଷ୍ଣ ଶୁକଳ ପକ୍ଷମାନେ ॥
ଲୋକଲୋଚନେ ଭ୍ରାନ୍ତି ଦିଶେ । ଅକ୍ଷୟ ଏକ କଳା ଶେଷେ ॥"

ବସ୍ତୁତଃ ଏହା ଏକ ସାର୍ବକାଳିକ ସତ୍ୟ ପ୍ରଚାରରେ ସକ୍ଷମ । ଗୁରୁ ଶିଷ୍ୟକୁ ସୁସ୍ଥ ଜୀବନ ଯାପନ ନିମିତ୍ତ ଉପଦେଶମାନ ଆଧାରରେ ଶିକ୍ଷା ପ୍ରଦାନ କରିଥାନ୍ତି । ତତ୍‌ବତ୍ 'ଭାଗବତ' ମଧ୍ୟ ଏକ ସୁସ୍ଥ ଜୀବନ, ସୁସ୍ଥ ସମାଜ ଗଠନ ନିମନ୍ତେ ଉଦ୍ଦିଷ୍ଟ କହିଲେ ସତ୍ୟର ଅପଳାପ ହେବ ନାହିଁ । ଏକ ନିର୍ଲୋଭ, ଅହଂକାର ଶୂନ୍ୟ, କାମନା ବିହୀନ ଜୀବନ ପାଇଁ ଭାଗବତର ଉପଦେଶ ଯେ ଗୁରୁ ଉପଦେଶ ପଦବାଚ୍ୟ, ଏଥିରେ ସନ୍ଦେହ

ନାହିଁ । ଧନ ସଞ୍ଚୟ ମଣିଷର ଏକ ନିତ୍ୟ ନୈମିତ୍ତିକ କର୍ମ । କିନ୍ତୁ ସେହି ଧନ ଯେ ତା'ର ଦୁଃଖର କାରଣ- ଏହା ସ୍ୱାର୍ଥାନ୍ଧ ମଣିଷ ଜାଣିପାରେ ନାହିଁ । ମଧୁମକ୍ଷିକା ମଧୁ ସଂଗ୍ରହ କଲେ ସୁଦ୍ଧା, ତାକୁ ଉପଭୋଗ କରିବାରୁ ବଞ୍ଚିତ ହୁଏ, ସେପରି ଧନ ସଞ୍ଚୟକାରୀ ମଣିଷ ବହୁଧା ଧନ ଉପଭୋଗରୁ ବଞ୍ଚିତ ହୋଇ ମୃତ୍ୟୁର କୋମଳ ଆଲିଙ୍ଗନ ସ୍ପର୍ଶ ଲାଭ କରେ । ଏ ସମ୍ପର୍କରେ କବି ଜଗନ୍ନାଥ ଦାସଙ୍କ ଉପଦେଶ କେତେ ଯେ ମହନୀୟ ତାହା ନିମ୍ନୋକ୍ତ ଉଦାହରଣଟିରୁ ସ୍ପଷ୍ଟ ପ୍ରମାଣିତ ହୁଏ । ଯଥା-

"ଧନ ଅର୍ଜନେ ଯାର ଆଶା । ନିରତେ ଦୁଃଖ ସୁଖ ପ୍ରାସ ।।
ଧନ ସଞ୍ଚଇ ରାତ୍ର ଦିନ । ନ କରେ ସୁଖ ଭୋଗ ଦାନ ।।"

ସର୍ବୋପରି "ଏହି ଗ୍ରନ୍ଥଟି ଯେତେ ଆଧୁନିକ, ବିଂଶ ଶତକରେ ଉଚିତ୍ ଗନ୍ଧହୀନ ଗନ୍ଧ, ଅତ୍ୟାଧୁନିକ ଗଦ୍ୟ କବିତା, ଉପନ୍ୟାସ ପ୍ରଭୃତି ମଧ୍ୟ ପାଠକ ପାଇଁ ହୋଇପାରି ନାହାନ୍ତି । ଏହି ଗ୍ରନ୍ଥଟିକୁ ମାନବ ଜୀବନର ବିଭିନ୍ନ ଅବସ୍ଥାରେ ପାଠ କଲେ ଓ ପ୍ରତ୍ୟେକ ଅବସ୍ଥାରେ କିଛି ନା କିଛି ମାନସିକ ଖୋରାକ୍ ପାଏ । ଚଟଶାଳୀରେ ଏହା ଯେଭଳି ଶିଶୁର ଅକ୍ଷର ଶିକ୍ଷା ପାଇଁ ନିର୍ଦ୍ଦିଷ୍ଟ, ଜୀବନର ମଧ୍ୟକାଳରେ ସେଭଳି ନୀତିନିଷ୍ଠ ପ୍ରେରଣା ପାଇଁ ମୂଲ୍ୟବାନ । ଏହି ଗ୍ରନ୍ଥରୁ ମଧ୍ୟ ଦୃଷ୍ଟାନ୍ତ ଦେଇ ଜାତିପ୍ରଥା ଦୂରୀକରଣ, ଅସ୍ପୃଶ୍ୟତା ନିବାରଣର ଧ୍ୱନି ଗୋପବନ୍ଧୁ ଦାସ ପ୍ରମୁଖ ନେତାମାନେ ଦେଇଥିଲେ ।" (ଡଃ ବଂଶୀଧର ମହାନ୍ତି- 'ଭକ୍ତକବି ଜଗନ୍ନାଥ ଦାସ', ପୃଷ୍ଠା-୮୬-୯୭)

'ଭାଗବତ' ବ୍ୟତୀତ ଅନ୍ୟାନ୍ୟ ବହୁ ଗ୍ରନ୍ଥର ରଚୟିତା ଥିଲେ ଜଗନ୍ନାଥ ଦାସ । ଆଲୋଚନାର କଳେବର ଦୃଷ୍ଟିରୁ ସମଗ୍ର ସୃଷ୍ଟିକୁ ପୁଙ୍ଖାନୁପୁଙ୍ଖ ଭାବରେ ବ୍ୟାଖ୍ୟା କରିବା ଏକାନ୍ତ ଅସମ୍ଭବ । ତେଣୁ ଏଠାରେ ତାଙ୍କର କେତେକ ଚର୍ଚ୍ଚିତ ତଥା ଲୋକପ୍ରିୟ ସୃଷ୍ଟିର ସମ୍ୟକ୍ ଆଲୋଚନା କରାଯାଇଛି । ଏହି ଅବସରରେ 'ବ୍ରହ୍ମଗୀତା' ଆଲୋଚନା ପରିସରକୁ ଆସେ । ଆଲୋଚ୍ୟ ରଚନାଟି ବ୍ରହ୍ମଜ୍ଞାନମୂଳକ ଏକ ଦୁର୍ଲଭ ସାରସ୍ୱତ କୃତି । ଉଭୟ ଗଦ୍ୟ ଓ ପଦ୍ୟ ରୂପରେ ଏହାର କଳେବର ସୁସମୃଦ୍ଧ । ଗୋଟିଏ ସଂସ୍କୃତ ଶ୍ଳୋକକୁ ପ୍ରଥମତଃ ଗଦ୍ୟରେ ବ୍ୟାଖ୍ୟା କଲାପରେ ତାକୁ ପଦ୍ୟ ରୂପରେ ବର୍ଣ୍ଣନା କରିବା ହିଁ ଏହି ରଚନାର ବିଶେଷତ୍ୱ । ଯୋଗ ସାଧନା ଓ ସମାଧିସ୍ଥ ଭାବନାର ବର୍ଣ୍ଣନାରେ ଏହା ଋଦ୍ଧିମନ୍ତ । ଚକ୍ରର ବର୍ଣ୍ଣନା ସହିତ ଶରୀର ମଧ୍ୟରେ ଏହି ଚକ୍ରର ସ୍ଥାନ ଓ ଯୋଗ ମାର୍ଗରେ ସାଧନାକୁ ବ୍ୟବହାର ସମ୍ପର୍କରେ କବି ଜଗନ୍ନାଥ ଦାସ ଆଲୋଚ୍ୟ ଗ୍ରନ୍ଥରେ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଥିବା ପରିଦୃଷ୍ଟ ହୋଇଥାଏ । ଏଠାରେ ଗୋଟିଏ

ଉଦାହରଣ ପ୍ରଦାନ ପୂର୍ବକ ଏହାର ବିଶେଷତ୍ୱକୁ ପ୍ରମାଣ କରାଯାଇପାରେ । ଯଥା-

"ଶୁଦ୍ଧ ସୌକ ନିରାକାରଂ ନିର୍ବିକାରେ ନିରଞ୍ଜନମ୍
ଅପ୍ରମେୟ ମୟ ଦେବଂ ତଂ ବଂଦେ ପୁରୁଷୋତ୍ତମମ୍ ।"

ଉପରୋକ୍ତ ଶ୍ଳୋକର ଅର୍ଥ ଅର୍ଜ୍ଜୁନଙ୍କ ନିକଟରେ ଉପସ୍ଥାପନ ଶୈଳୀର ଅବଲମ୍ବନରେ କୁହାଯାଇଛି ଯେ- ହେ ଅର୍ଜୁନ ! ସ୍ୱୟଂ ପରମେଶ୍ୱର ନିରାକାର ଅଟନ୍ତି । ତେଣୁ ତାଙ୍କର ବିକାର ନାହିଁ । ଦେବତାମାନେ ନିରନ୍ତର ସେ ରୂପକୁ ସ୍ମରଣ କରନ୍ତି । ସେ ରୂପଟି ହିଁ ପୁରୁଷୋତ୍ତମ ରୂପ । କବି ଏହି ଗଦ୍ୟ ରୂପକୁ କିପରି ପଦ୍ୟାତ୍ମକ ଶୈଳୀରେ ଉପସ୍ଥାପନ କରିଛନ୍ତି ତାହାକୁ ଏଠାରେ ଉଲ୍ଲେଖ କରାଯାଇପାରେ ।

"ଶୁଣ ଅର୍ଜ୍ଜୁନ ମନ ଦେଇ । କହିବା ପ୍ରଭୁ ବର୍ଣ୍ଣ ଫେଇ ।।
ସେ ପରଂବ୍ରହ୍ମ ସେ କେବନ୍ତ । ଶୁଦ୍ଧ ମନରେ ତାଙ୍କୁ ଖଟ ।।
ତାଠାରୁ ଅନ୍ୟ ନାହିଁ କେହି । ଆକାର ଯେଣୁ ତାର ନାହିଁ ।।
ବିକାର ନ ଘେନନ୍ତି ଯେଣୁ । ନିରଞ୍ଜନଟି ନାମ ତେଣୁ ।
ତା'ର ଅଞ୍ଜନ କେବେ ନାହିଁ । ଦେବତାମାନେ ତେଣୁ ଧାୟୀ ।।
ଦେବତାମାନେ ଅପ୍ରମୟେ । ଭଜନ୍ତି ହୋଇଣ ନିର୍ଭୟେ ।।
ସେହି ପୁରୁଷୋତ୍ତମ ରୂପ । ତାହାକୁ ଶୁଦ୍ଧମନେ ଜପ ।।"

ଆଲୋଚ୍ୟ ଗ୍ରନ୍ଥଟି ପାଞ୍ଚ ଅଧ୍ୟାୟ ବିଶିଷ୍ଟ । ବହୁ ବିଶେଷତ୍ୱ ସମ୍ପନ୍ନ ବିଷୟ, ଉନ୍ନତ ପ୍ରକାଶ ଶୈଳୀ ଉଭୟ ଦୃଷ୍ଟିରୁ ଏହା ଯେ ଏକ ଅନନ୍ୟ ସାରସ୍ୱତ ସୃଷ୍ଟି ଏଥିରେ ଦ୍ୱିମତ ନ ଥାଇପାରେ ।

ପକ୍ଷାନ୍ତରେ 'ତୁଳାଭିଣା' କବି ଜଗନ୍ନାଥ ଦାସଙ୍କ ଅନ୍ୟତମ ପ୍ରତିଶ୍ରୁତି ସମ୍ପନ୍ନ ସାହିତ୍ୟ କୃତି । 'ବ୍ରହ୍ମଗୀତା' ସଦୃଶ ଏହା ମଧ୍ୟ ବ୍ରହ୍ମଜ୍ଞାନ ସମ୍ବଳିତ ଏକ ଅନନ୍ୟ ଗ୍ରନ୍ଥ । କଳେବରର ସଂକ୍ଷିପ୍ତତା ମଧ୍ୟରେ ବିଷୟର ବିରାଟତା ହିଁ ଆଲୋଚ୍ୟ ଗ୍ରନ୍ଥର ବିଶେଷତ୍ୱ । ତୁଳାକୁ ଭିଣି ତା' ମଧ୍ୟରୁ ମଞ୍ଜିକୁ ବାହାର କରିବା ନ୍ୟାୟରେ ଶରୀରକୁ ତୁଳା ପରି ଭିଣି ଜୀବାତ୍ମା ରୂପକ ମଞ୍ଜିକୁ ବା ବ୍ରହ୍ମକୁ ଏହି ଉପାୟରେ ବାହାର କରିବା ହିଁ ଆଲୋଚ୍ୟ ଗ୍ରନ୍ଥର ମୂଳାଧାର । ତୁଳାଭିଣା ହେଉଛି ଯୋଗ ଓ ତନ୍ତ୍ର ଶାସ୍ତ୍ରର ଏକ ସାଂକେତିକ ସଂଯୋଗ- ଯାହାର ଅର୍ଥ ଶରୀରକୁ ତୁଳା ପରି ଭିଣିବା । ଅର୍ଥାତ୍ ମହାଶୂନ୍ୟ ଯେ ଜ୍ୟୋତି ରୂପ ସେ । ଜ୍ୟୋତିରୁ ହିଁ ଠୂଳ ହେଲା ଠୂଳରୁ ଜ୍ୟୋତି ବିନ୍ଦୁ । ବିନ୍ଦୁରୁ ଅର୍ଦ୍ଧମାତ୍ରା ହେଲା । ଅର୍ଦ୍ଧମାତ୍ରାରୁ ଓଁକାର ଶବଦ ଜନ୍ମିଲା । ଯେ ଓଁ କାର ବ୍ରହ୍ମଟି ସର୍ଜ୍ଜନା

କରୁଅଛି । କବି ଜଗନ୍ନାଥ ଏହାକୁ କାବ୍ୟ ରୂପ ପ୍ରଦାନ କରି ନବାକ୍ଷରୀ ବୃତ୍ତରେ ନିମ୍ନ ପ୍ରକାରେ ଲେଖିଥିବା ଜଣାଯାଏ । ଯଥା-

"ମହାଶୂନ୍ୟ ଯେ ଜ୍ୟୋତି ରୂପ । ଜ୍ୟୋତିରୁ ଜାତ ଠୁଳ ରୂପ ।।
ଠୁଳରୁ ଅର୍ଦ୍ଧମାତ୍ରା କଳା । ମାତ୍ରାରୁ ଓଁକାର ଜନ୍ମିଲା ।।
ଓଁକାରୁ ବ୍ରହ୍ମ ଯେ ଜଗତ । ଶୁଣ ପାର୍ବତୀ ଦେଇ ଚିତ୍ତ ।।
ପାର୍ବତୀ ଶୁଣି ତୋଷ ହେଲେ । ଈଶ୍ୱର ପାଦରେ ପଡ଼ିଲେ ।"

ସୁତରାଂ ଏପରି ଭାବରେ କବି ଜଗନ୍ନାଥ ପିଣ୍ଡ ବ୍ରହ୍ମାଣ୍ଡ ସମ୍ବନ୍ଧୀୟ ବିବିଧ ତତ୍ତ୍ୱ ସହିତ ଜୀବାତ୍ମା ଓ ପରମାତ୍ମାଙ୍କର ସ୍ୱରୂପ ନିର୍ଣ୍ଣୟ ନିମିତ୍ତ ପ୍ରୟାସ କରଥିବା ଜଣାଯାଏ ।

'ଅର୍ଥ କୋଇଲି' କବି ଜଗନ୍ନାଥ ଦାସଙ୍କ ଅନ୍ୟତମ ସାହିତ୍ୟିକ ଅବଦାନ । ଅର୍ଥ କୋଇଲି ମାର୍କଣ୍ଡ ଦାସଙ୍କ ସୁପ୍ରସିଦ୍ଧ 'କେଶବ କୋଇଲି'ର ଏକ ଶୂନ୍ୟବାଦୀ ଟୀକା ରୂପେ ରଚିତ ହୋଇଅଛି । 'କେଶବ କୋଇଲି'ର ରସସ୍ନିଗ୍ଧ ସୌକୁମାର୍ଯ୍ୟ ଓ କବିତ୍ୱ ଏଥିରେ ପରିଲକ୍ଷିତ ନ ହେଲେ ହେଁ; ଶୁଦ୍ଧ ଭକ୍ତି ଧର୍ମର ବିଭିନ୍ନ ଆଧ୍ୟାତ୍ମିକ ସଂକେତ ଓ ପ୍ରତୀକକୁ ଉତ୍କଳୀୟ ଶୂନ୍ୟବାଦୀ ଦର୍ଶନ ଦ୍ୱାରା ଯେପରି ଅଭିମୁଖୀନ କରାଯାଇଥିଲା ଓ ଭକ୍ତି ଧର୍ମର୍ ନେପଥ୍ୟରେ ପଞ୍ଚସଖା ବା ପଞ୍ଚସଖାବାଦୀମାନେ ଯେପରି ଯୋଗ ପିଣ୍ଡିତ ପିଣ୍ଡ ବ୍ରହ୍ମାଣ୍ଡବାଦ ପ୍ରଚାର କରୁଥିଲେ, ଏଥିରେ ତାହାର ନିଦର୍ଶନ ଅତ୍ୟନ୍ତ ସୁସ୍ପଷ୍ଟ । ବସ୍ତୁତଃ ପଞ୍ଚସଖା ପ୍ରଚାରିତ ବୈଷ୍ଣବ ଧର୍ମର ସ୍ୱରୂପ, ଏଥିରେ ଉଦ୍‌ଘାଟିତ ହୋଇଅଛି । ପୁଣି କବିତ୍ୱ ଧର୍ମ ତତ୍ତ୍ୱର ବଳୀବର୍ଦ୍ଦ ହେଲେ, ସେଥିରେ ଯେଉଁ ଗ୍ଲାନି ଫୁଟିଉଠେ, ତାହାର ସଂକେତ ମଧ୍ୟ ଏଥିରେ ସୁଲଭ ।" (ସୁରେନ୍ଦ୍ର ମହାନ୍ତି- ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର ମଧ୍ୟ ପର୍ବ, ପୃଷ୍ଠା-୨୭୮-୨୭୯)

ଏତତ୍‌ଭିନ୍ନ ଜଗନ୍ନାଥ ଦାସଙ୍କ ଅନ୍ୟତମ ଜନପ୍ରିୟ ରଚନା ଭାବେ 'ମୃଗୁଣୀ ସ୍ତୁତି' ଆଲୋଚନାର ଅପେକ୍ଷା ରଖେ । ପ୍ରକାଶ ଥାଉକି ସଂସ୍କୃତରୁ ଓଡ଼ିଆରେ ଅନୂଦିତ ଏହା ଏକ କ୍ଷୁଦ୍ର ରଚନା ହେଲେ ହେଁ ଭାବଗତ ବିଶେଷତ୍ୱ ଆଧାରରେ ଏହାର ଲୋକପ୍ରିୟତା ପ୍ରତୁଳ । ଅପରନ୍ତୁ କବିଙ୍କ ଅନୁବାଦଗତ ଅପୂର୍ବ ସଫଳତା ଏଥିରେ ସୁସ୍ପଷ୍ଟ । ଅଦ୍ୟାପି ଜନ-ମାନସରେ ଜୀବନ୍ତ ରହିଥିବା ମୃଗୁଣୀର ପ୍ରାଣଘାତି ସଂକଟ ଓ ଭଗବତ୍ କୃପାରୁ ସେଥିରୁ ମୁକ୍ତି ହିଁ ଏହ କୃତିର ବିଷୟ । ଏଠାରେ ସଂସ୍କୃତ ଓ ଓଡ଼ିଆ ରୂପାନ୍ତର ଉଭୟକୁ ପ୍ରଦାନ କରାଯାଇ ଏହାର ବିଶେଷତ୍ୱ ଆକଳନ କରିବା ଯଥାର୍ଥ ମନେହୁଏ । ଯଥା-

"ଅଗ୍ରେ ବ୍ୟାଧଃ କରଧୃତଶରଃ ପାର୍ଶ୍ୱେ ଜାଲମାଳା
ପାର୍ଶ୍ୱେ ବହ୍ନିର୍ଦହତି ବିପିନଂ ସନ୍ନିଧୌ ଶ୍ୱାନ ମେଳା
ଏଣି ଗର୍ଭାଦଲସଗମନା ବାଳକାଃ କ୍ରୋଡ଼ଲୀଳା-
ଶ୍ଚିନ୍ତା ଯୁକ୍ତା ବିଲପତି ମୃଗୀ କିଂ କରୋମିତ୍ୱ ଯାମି ।"

ଏହାର ଓଡ଼ିଆ ରୂପାନ୍ତରକୁ ନିମ୍ନରେ ପ୍ରକାଶ କରାଯାଇପାରେ ।

"ଦେଖ ଘଟଣା ଦଇବ ଯୋଗର । ବ୍ୟାଧ ଶର ଧରି ଜଗେ ଆଗର ।
ପୃଷ୍ଠଭାଗେ ଜଳ ବହେ ଅନଳ । ପାଶେ ମିଳି ଅଛଇ ଶ୍ୱାନମେଳ ।
ଏଣୀ ଗର୍ଭବତୀ । ତେଣୁ ନିସ୍ତାରେ ଅଳସରେ ଗତି ।
ସଙ୍ଗେ ଅଛନ୍ତି ମୃଗ ଶିଶୁପଂକ୍ତି । ଯହିଁ ସ୍ନେହ ବଢ଼ଇ ପ୍ରାଣୁ ଅତି ।
କିସ କରିବି କେଉଁ ଦିଗେ ଯିବି । କେଉଁ ଉପାୟେ ଅପାୟୁ ତରିବି ।
ଏମନ୍ତ ବୋଲିଣ । ଚିନ୍ତା କୁଳ ହୋଇ କଲା ରୋଦନ ।"

(ମୃଗୁଣୀ ସ୍ତୁତି)

ଆଲୋଚନାର ଉପସଂହାରରେ ଏତିକି କହିଲେ ଯଥେଷ୍ଟ ହେବ ଯେ, କବି ଜଗନ୍ନାଥ ଦାସଙ୍କ ସାରସ୍ୱତ ସାଧନାର ମୂଲ୍ୟାୟନ ସ୍ୱତନ୍ତ୍ର ଗବେଷଣା ପ୍ରକଳ୍ପର ଅପେକ୍ଷା ରଖେ । ସ୍ୱଳ୍ପ କଳେବର ବିଶିଷ୍ଟ ଏକ ପ୍ରବନ୍ଧ ମଧ୍ୟରେ ଆଲୋଚନାର ସମ୍ଭାବ୍ୟ ଦିଗକୁ ସୀମିତ ରଖିବା ଧୃଷ୍ଟତା ମାତ୍ର । ପରନ୍ତୁ ଏହାକୁ ଆଲୋଚନାର ଏକ ସଂକ୍ଷିପ୍ତାଭାସ କୁହାଯିବା ଯଥାର୍ଥ । ସୁଦୂର ପ୍ରସାରୀ ଭାବ ଓ ଭାବନା, ଯୁଗାନ୍ତକାରୀ ଅଭୀପ୍ସା, ଅନବଦ୍ୟ ଆଧ୍ୟାତ୍ମିକ ମନୀଷାର ସାଧକ ଭାବରେ ଜଗନ୍ନାଥ ଦାସ କାଳ ବକ୍ଷରେ ଅର୍ଜିଛନ୍ତି ଅମରତ୍ୱର ସମ୍ମାନ । ତାଙ୍କର ଅମର ଲେଖନୀ ନିଃସୃତ ପ୍ରତ୍ୟେକ ରଚନା ସାହିତ୍ୟିକ, ସାମାଜିକ, ଆଧ୍ୟାତ୍ମିକ ତଥା ସାଂସ୍କୃତିକ ମହତ୍ତ୍ୱର ଏକ ଏକ ମହୋଦଧି । ତେଣୁ ସେହି ମହୋଦଧିରୁ ତତ୍ତ୍ୱ ରୂପକ ମୁକ୍ତା ଖୋଜିବା ଯେପରି ଶ୍ରମ ସାପେକ୍ଷ; ସେପରି ମୂଲ୍ୟବାନ ମଧ୍ୟ । ତେଣୁ କାହିଁ କେତେ ଦିନୁ ଆଲୋଚନା ମାଧ୍ୟମରେ ଏହି ମୁକ୍ତା ପ୍ରାପ୍ତିର ଆକାଙ୍କ୍ଷା ଆଲୋଚକଙ୍କୁ ପ୍ରଲୁବ୍ଧ କରିଛି ଏବଂ ପ୍ରଲୁବ୍ଧ କରିବାର ପ୍ରତିଶ୍ରୁତି ରଖିଛି ମଧ୍ୟ ।

ଅଧ୍ୟାପକ,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
କଳିଙ୍ଗ ମହାବିଦ୍ୟାଳୟ,
ଘୁ. ଉଦୟଗିରି, କନ୍ଧମାଳ

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ : ଦୀପ୍ତି ଓ ଦ୍ୟୁତି

ଡଃ. ସୁରେନ୍ଦ୍ର ନାଥ ପଣ୍ଡା

ଓଡ଼ିଆ ସାହିତ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଏକ ଅନନ୍ୟ ଓ ଅସାଧାରଣ ପ୍ରତିଭାର ଅଧିକାରୀ । ସେ ଓଡ଼ିଆ ସାହିତ୍ୟ ଗଗନର ଏକ ଅମ୍ଳାନ ଜ୍ୟୋତିଷ୍କ । କବିଙ୍କ ଲେଖନୀ ନିଃସୃତ, କାବ୍ୟ, ମହାକାବ୍ୟ, ଗୀତିକାବ୍ୟ, ଅଭିଧାନ ଓ ଅଳଙ୍କାର ପ୍ରଭୃତି ଗ୍ରନ୍ଥ ଉତ୍କଳ-ବାଣୀ-ଭଣ୍ଡାରକୁ ସମୃଦ୍ଧ କରିଛି । ଓଡ଼ିଆ ଭାଷା ସାହିତ୍ୟକୁ ସଂସ୍କୃତ ସମାଧନ୍ଦ କରିବା ପାଇଁ ସେ ଯେଉଁ ସ୍ୱାଭିମାନୀ ସାରସ୍ୱତ ଯାତ୍ରା ଆରମ୍ଭ କରିଥିଲେ, ତାହା ଥିଲା ଅତ୍ୟନ୍ତ ସୁଦୂରପ୍ରସାରୀ । ବ୍ୟାସ, ବାଲ୍ମୀକି, କାଳିଦାସ, ଭୋଜ, ମାଘ, ଭାରବି, ଭାମହ, ଭବଭୂତି, ଦୀନକୃଷ୍ଣ ଆଦି ପୂର୍ବସୂରୀଙ୍କ ପଦାଙ୍କ ଅନୁସରଣ କରି ଯେଉଁ ନିରବଛିନ୍ନ ସାଧନାରେ ବ୍ରତୀ ହୋଇଥିଲେ, ତାହାର ଉତ୍ପ୍ରେରଣାରେ ସେ କେବେ ପଛକୁ ଫେରି ଚାହିଁ ନାହାନ୍ତି । ଫଳସ୍ୱରୂପ ସୃଷ୍ଟିଲାଭ କରିଛି ରାଶି ରାଶି କାବ୍ୟ । କାଳିଦାସଙ୍କ ଉପମା, ଭାରବିଙ୍କ ଅର୍ଥ ଗୌରବ, ବାଣଭଟ୍ଟଙ୍କ ବାକ୍‌ପଟୁତା, ଶ୍ରୀହର୍ଷଙ୍କ ବାକ୍ ଚତୁରୀ ସମୂହର ଅପୂର୍ବ ସମାବେଶ ଘଟିଛି ଭଞ୍ଜୀୟ କାବ୍ୟ ଜଗତ୍‌ରେ ।

ଉପେନ୍ଦ୍ରଭଞ୍ଜଙ୍କ ଜନ୍ମସ୍ଥାନ ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଭଞ୍ଜ ବଂଶ, ଘୁମୁସର ରାଜବଂଶର କୁଲାଡ଼ ଗଡ଼ । ରସେଲ ସାହେବଙ୍କ ନାମରେ ନାମିତ ରସୁଲକୋଣ୍ଡା ବା ଆଧୁନିକ ଭଞ୍ଜନଗର ଠାରୁ ପ୍ରାୟ ୮ କିଲୋମିଟର ଦୂରରେ ଅବସ୍ଥିତ ଏହି ଘୁମୁସର । ଘୁମା (ଉଚ୍ଚ ସ୍ଥାନ) ସର (ସରୋବର)- ଏ' ଦୁଇଟି ଶବ୍ଦର ଅପଭ୍ରଂଶ ଘୁମୁସର । ଏଠାରେ କୋଡ଼ିଏଟି ଗଡ଼ ଥିଲା । ତନ୍ମଧ୍ୟରେ କୁଲାଡ଼ ଗଡ଼ର ଖ୍ୟାତି ଓ ପ୍ରସିଦ୍ଧି ଢେର ବେଶି । ବକପକ୍ଷୀକୁ ଶ୍ୟାମଳ ପକ୍ଷୀଟିଏ ମାଡ଼ି ବସିଥିବା ବେଳେ ଭଞ୍ଜ ବଂଶର ପ୍ରତିଷ୍ଠାତା ରାଜା ରଘୁନାଥ ଭଞ୍ଜ ଏହି ଦୃଶ୍ୟକୁ ଶୁଭ ସଂକେତ ମନେ କରି ସେ ଘୁମୁସରରେ ଗଡ଼ ସ୍ଥାପନ କରିଥିଲେ । ସେନାପତି 'କୁଲା' କନ୍ଧକୁ ନିଧନ କରି ଗଡ଼ଟି ସ୍ଥାପିତ ହୋଇଥିଲା ବୋଲି ଗଡ଼ର ନାମ କୁଲାହାଡ଼ ବା କୁଲାଡ଼ । ଏହି ସ୍ଥାନଟି ସଂଗ୍ରାମ, ମେଳି ଓ ବୀରତ୍ୱ ପାଇଁ ପ୍ରସିଦ୍ଧ ।

ଉପେନ୍ଦ୍ରଭଞ୍ଜଙ୍କ ଜନ୍ମ ସମୟ ଅଦ୍ୟାବଧି ବିବଦମାନ । ସେ କେବେ ଜନ୍ମ ହୋଇଥିଲେ, ସେ ସମ୍ପର୍କରେ ନାନା ସମାଲୋଚକ ଭିନ୍ନ ଭିନ୍ନ ଦୃଷ୍ଟିରେ ମତପୋଷଣ କରିଛନ୍ତି । ଭଞ୍ଜ ସାହିତ୍ୟ ରସିକ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ମତରେ ଭଞ୍ଜ ଶ୍ରୀ:

୧୬୮୫, ଶ୍ରୀ ଅନନ୍ତ ପଦ୍ମନାଭ ପଟ୍ଟନାୟକଙ୍କ ମତରେ ଖ୍ରୀ: ୧୬୭୦, ଡଃ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟଙ୍କ ମତରେ ୧୬୭୦, ପଣ୍ଡିତ ସୂର୍ଯ୍ୟନାରାୟଣ ଦାସଙ୍କ ମତରେ ଖ୍ରୀ: ୧୬୮୮, ପଣ୍ଡିତ ଜ୍ୟୋତିଷ ଶ୍ରୀଧର ଶତପଥୀଙ୍କ ମତାନୁସାରେ ଖ୍ରୀ: ୧୬୭୭ ଜାନୁଆରୀ ୨୭ ତାରିଖ (୧୫୯୮ ଶକାବ୍ଦ, ମାଘ ଶୁକ୍ଳ ପଞ୍ଚମୀ ଶୁକ୍ରବାର) ବୋଲି ଅନୁମାନ କରନ୍ତି । ଏ ସମସ୍ତ ଭ୍ରମାତ୍ମକ ନୁହେଁ ବୋଲି ଗ୍ରହଣ କରାଯାଇ ନ ପାରେ । ଅଦ୍ୟାବଧି ପ୍ରାପ୍ତ ସୂଚନାନୁଯାୟୀ ଭଞ୍ଜଙ୍କ ଜନ୍ମ ୧୬୭୫-୧୬୭୬ ଖ୍ରୀଷ୍ଟାବ୍ଦ । ସେ ଆଉରେଙ୍ଗଜେବଙ୍କ ସାମସମୟିକ । ପିତା ନୀଳକଣ୍ଠ ଭଞ୍ଜ ମାଆ ରତ୍ନାବତୀ ଦେବୀ । ପିତାମହ (ଜେଜେ) ଧନଞ୍ଜୟ ଭଞ୍ଜ ଜଣେ ବଡ଼ କବି । ପିତା, ପିତାମହ ଉଭୟଙ୍କ ପ୍ରଭାବ ଉପେନ୍ଦ୍ରଙ୍କ ଉପରେ ପଡ଼ିଥିଲା । ଘୁମୁସର ଗଡ଼ ଦକ୍ଷିଣ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ଚର୍ଚ୍ଚାର ପ୍ରଧାନ ପୀଠସ୍ଥଳୀ ଥିଲା । ଅହରହ ସାହିତ୍ୟ ଚର୍ଚ୍ଚା ହେଉଥିଲା । 'ବେହରଣ ଋଅଡ଼ା' ଉପରେ ବଡ଼ ବଡ଼ କବି ସମ୍ମିଳନୀ ଅନୁଷ୍ଠିତ ହେଉଥିଲା । ଉପେନ୍ଦ୍ର ଭଞ୍ଜ ସାରସ୍ୱତ ଯୁକ୍ତିତର୍କରେ ମୂର୍ଦ୍ଧନ୍ୟ କବିମାନଙ୍କୁ ମଧ୍ୟ ପରାଜିତ କରିଦେଉଥିଲେ । ପରବର୍ତ୍ତୀ କାଳରେ ମଧ୍ୟ ଯୁଗୀୟ ଓଡ଼ିଆ ସାହିତ୍ୟକୁ ସେ ପ୍ରଚଣ୍ଡ ମାର୍ତ୍ତଣ୍ଡ ରୂପ ପ୍ରତିଭାରେ ଆଲୋକଦୀପ୍ତ କଲେ । ଜେଜେ ଧନଞ୍ଜୟ ଭଞ୍ଜଙ୍କ 'ରାଘବ ବିଳାସ'ର ଛାୟାରେ 'ବୈଦେହୀଶ ବିଳାସ' ରଚନା କରି ସେ ତାଙ୍କୁ ଉପହାର ପ୍ରଦାନ କରିଥିଲେ । ସର୍ବାଙ୍ଗସୁନ୍ଦର ଉଚ୍ଚକୋଟୀର କାବ୍ୟ ଗୁଣରେ ପ୍ରସିଦ୍ଧି ଅର୍ଜନ କରିଥିବା କବିଙ୍କ 'ବୈଦେହୀଶ ବିଳାସ', ରାମ ରଚିତ ଧାରାର ଉଚ୍ଚାଙ୍ଗ ସୃଷ୍ଟି ।

ଭଞ୍ଜ ନିଜର ବଂଶ ପରିଚୟ ଦେବାକୁ ଯାଇ 'ଲାବଣ୍ୟବତୀ' କାବ୍ୟରେ ଉଲ୍ଲେଖ କରିଛନ୍ତି-

"ଯେ ବଂଶେ ଇଷ୍ଟ ଦୁର୍ଗାଦେବୀ
ବରହି କୋଷରୁ ସମ୍ଭବି ।"

ବରହିକୋଷର ଅର୍ଥ ମୟୂର ଡିମ୍ବ । ଭଞ୍ଜବଂଶ ମୟୂରୀ ଗର୍ଭରୁ ଜାତ । ମହର୍ଷି ବଶିଷ୍ଠଙ୍କ ଔରସରୁ ମୟୂରୀ ଗର୍ଭରୁ ଜାତ ଦୁଇଟି ଡିମ୍ବରୁ ଗୋଟିଏ ଡିମ୍ବ ମହର୍ଷି ଯଷ୍ଟି ସାହାଯ୍ୟରେ ଭଞ୍ଜନ ଅର୍ଥାତ୍ ଭାଙ୍ଗିଦେବାରୁ ତହିଁରୁ ଗୋଟିଏ ସୁନ୍ଦର ଶିଶୁ ଜନ୍ମ ନେଲା । ନାଁ ରଖିଲେ ଭଞ୍ଜ । ଉପେନ୍ଦ୍ର ଭଞ୍ଜ ଓଡ଼ଗାଁ ରଘୁନାଥ ମନ୍ଦିରରେ ରାମତାରକ ମନ୍ତ୍ର ଜପ କରି ସିଦ୍ଧିଲାଭ କରିଥିଲେ । ସେ ସବୁଜ ଶ୍ୟାମଳ ଅରଣ୍ୟାନୀର ପ୍ରକୃତି କୋଳରେ 'ସିଦ୍ଧଗୁମ୍ଫା'ରେ ବସି ସାଧନା କରୁଥିଲେ । ନିସର୍ଗ ପ୍ରକୃତିର ଅପୂର୍ବ ଦୃଶ୍ୟ ପାହାଡ଼ୀ ଝରଣାର କୁଳୁକୁଳୁ ନାଦ, ବନ ବିହଗର ମଧୁର ଝଙ୍କାର କବିପ୍ରାଣକୁ ତଲ୍ଲୀନ କରିଦେଇଥିଲା । ଫଳରେ କବିତ୍ୱର ସ୍ଫୁରଣ ଘଟିଲା । କବିଙ୍କ ସ୍ୱୀକାରୋକ୍ତି-

"ରାମ ତାରକ ପରସାଦେ
ମୋହର କବିପଣ ଉଦେ ।"

କବିଙ୍କ ଇଷ୍ଟଦେବୀ ଥିଲେ ବ୍ୟାଘ୍ରଦେବୀ ବା ବାରାଦେବୀ । କିଂବଦନ୍ତୀ କହେ, ତାନ୍ତ୍ରିକଟିଏ ମୂର୍ଚ୍ଛା ଯିବାରୁ ଦେବୀ ପ୍ରସନ୍ନ ହୋଇଥିବା ଦେଖି ପଥିକ ଉପେନ୍ଦ୍ର ଅଶ୍ୱ ପୃଷ୍ଠରୁ ଅବରୋହଣ କରି ଦେବୀଙ୍କୁ 'କବିତ୍ୱ' ଯାଚଞ୍ଚା କରିଥିଲେ, ଦେବୀ 'ତଥାସ୍ତୁ' କହି ଅନ୍ତର୍ହିତ ହୋଇଥିଲେ । ସେ ଯାହାହେଉ, ଉପେନ୍ଦ୍ର ଥିଲେ ଦୈବୀଶକ୍ତିର ଅଧିକାରୀ, ଏହା ନିଃସନ୍ଦେହ । କବି ପାଞ୍ଚ ବର୍ଷ ବୟସରେ ଶିକ୍ଷାରମ୍ଭ କରି ୯ ବର୍ଷ ବେଳକୁ ବ୍ୟାକରଣ, ଅଭିଧାନ, କାବ୍ୟ, ମହାକାବ୍ୟ ପ୍ରଭୃତି ମୁଖସ୍ଥ କରି ସାରିଥିଲେ । ପରିବେଶ, ପରିସ୍ଥିତିର ଅନୁଧାନ ତଥା ବହୁ ଶାସ୍ତ୍ର ଅଧ୍ୟୟନ ତାଙ୍କୁ ପରବର୍ତ୍ତୀ କାଳରେ 'କବି ସମ୍ରାଟ' ହେବାର ଯଶ ଆଣିଦେଇଥିଲା ।

ଅଗଣିତ ପାଠକ ପାଠିକାଙ୍କ ହୃଦୟ ସିଂହାସନର ରାଜ ଉପେନ୍ଦ୍ର ରାଜପୁତ୍ର ହେଲେ ହେଁ କ୍ଷଣଭଙ୍ଗୁର ରାଜ୍ୟ ସିଂହାସନର ରାଜା ହୋଇପାରି ନାହାନ୍ତି । ପାରିବାରିକ ଚକ୍ରାନ୍ତର ଶିକାର ହୋଇ ରାଜ୍ୟରୁ ବିତାଡ଼ିତ ହୋଇ ନୟାଗଡ଼ ମାଳି ସାହିରେ ଆଶ୍ରୟ ନେଇଛନ୍ତି । ଉପେନ୍ଦ୍ରଭଞ୍ଜ ନୟାଗଡ଼ ରାଜ ବିନାୟକ ସିଂହ ମାନ୍‌ଧାତା (?)ଙ୍କ କନ୍ୟା ମାଳବିକାଙ୍କୁ ପ୍ରଥମେ ବିବାହ କରିଥିଲେ । ଦାମ୍ପତ୍ୟ ସୁଖ ମଧ୍ୟ ବେଶିଦିନ ରହିପାରିଲା ନାହିଁ । ବିବାହର ମାତ୍ର ୨-୩ ବର୍ଷ ମଧ୍ୟରେ ସେ ପତ୍ନୀ ସୁଖରୁ ବଞ୍ଚିତ ହେଲେ । ବିଦୁଷୀ, ପତିପ୍ରାଣା, ତାଙ୍କ ସାରସ୍ୱତ ସାଧନା ପଥର ପ୍ରେରଣାଦାତ୍ରୀ ପତ୍ନୀଙ୍କ ବିୟୋଗ କବିଙ୍କୁ ମର୍ମାହତ କଲା । ସେହି ସ୍ମୃତିରେ ଲେଖି ବସିଲେ କାବ୍ୟ 'ଲାବଣ୍ୟବତୀ' । ବିପତ୍ନୀକ ଉପେନ୍ଦ୍ର ପତ୍ନୀ ବିଚ୍ଛେଦଜନିତ ହୃଦୟର ବେଦନାରେ ଅଲକ୍ଷ୍ୟରେ ତାଙ୍କ ଲେଖନୀରୁ ଝରିପଡ଼ିଲା-

"କି ହେବ ଇନ୍ଦ୍ର ହୋଇଲେ ସର୍ବ ସମ୍ପଦରେ
ସ୍ତିରୀହୀନ ଠାରୁ ପାପୀ ନାହିଁ ଏ ସଂସାରେ ।"

ଲାବଣ୍ୟବତୀ, ଛାନ୍ଦ-୧୮-୩୪

ପରିବାରବର୍ଗଙ୍କ ଅନୁରୋଧକ୍ରମେ ସେ ବାଣପୁର ରାଜଜେମା ରାଜା ଅଚ୍ୟୁତ ହରିଚନ୍ଦନଙ୍କ ଜ୍ୟେଷ୍ଠା କନ୍ୟା ବିଦ୍ୟାବତୀ (ଲାବଣ୍ୟନିଧି ?)ଙ୍କୁ ପୁନର୍ବାର ବିବାହ କଲେ । କିନ୍ତୁ ବିବାହର ଅଳ୍ପ କେତୋଟି ବର୍ଷ ପରେ ସେ ମଧ୍ୟ ମୃତ୍ୟୁବରଣ କଲେ । ଭଞ୍ଜଙ୍କ ଜୀବନର ଦୁଇଟି ଦୁଃଖଦାୟକ ଘଟଣା- ପତ୍ନୀବିୟୋଗ ଓ ରାଜ୍ୟରୁ ବିତାଡ଼ନ କବିଙ୍କୁ ଭଗ୍ନହୃଦୟର ବେସୁରା ରାଗିଣୀ ଶୁଣାଇବାକୁ ବାଧ କରିଥିଲା । 'ରସିକ ହାରାବଳୀ'ରେ କବି ବ୍ୟଥିତ ହୃଦୟରେ ଗାଇଉଠିଲେ-

"ରାଜାଙ୍କୁ ହେବାର ରାଜ୍ୟ ଭ୍ରଷ୍ଟ
ଯୁବାଙ୍କୁ ହେବାର ପତ୍ନୀ କଷ୍ଟ
ବୋଲେ ଉପଇନ୍ଦ୍ର ଭଞ୍ଜ ବୀରବର
ଏଥୁ ବଳି ନାହିଁ ଆନ କଷ୍ଟ ।"

ଉପେନ୍ଦ୍ର ବହୁ ଶାସ୍ତ୍ରଦର୍ଶୀ ପଣ୍ଡିତ । ପୁରାଣ, ଜ୍ୟୋତିଷ, ବ୍ୟାକରଣ, ଆୟୁର୍ବେଦ, କାମଶାସ୍ତ୍ର, ସଙ୍ଗୀତ, ରାଗ-ରାଗିଣୀ, ଛନ୍ଦ-ଅଳଙ୍କାର, ଭୂତତ୍ତ୍ୱ, ନୃତତ୍ତ୍ୱ ଆଦି ବିଷୟ ଅଧ୍ୟୟନ କରି ଅପୂର୍ବ କାବ୍ୟଶିଳ୍ପ ଗଢ଼ିଛନ୍ତି । ଉପେନ୍ଦ୍ର ଶିଳ୍ପସୌଧ ସୁଜନ, ରସିକଜନ, ଅର୍ଥୀଜନ, ସୁଧୀ, ସୁହୃଦ, ବୁଧ ବିବୁଧମାନଙ୍କ ଲାଗି ଉଦ୍ଦିଷ୍ଟ । ଉପେନ୍ଦ୍ର ଭଞ୍ଜ 'ବ' ଆଦ୍ୟ ବର୍ଣ୍ଣ ନିୟମରେ 'ବୈଦେହୀଶ ବିଳାସ', 'ସ' ଆଦ୍ୟ ବ୍ୟଞ୍ଜନରେ 'ସୁଭଦ୍ରା ପରିଣୟ', ବନାନ ବ୍ୟବହାର ନ କରି 'ଅବନା ରସ ତରଙ୍ଗ' ଓ 'କ' ଆଦ୍ୟ-ପ୍ରାନ୍ତ ନିୟମରେ 'କଳା କଉତୁକ' ପରି ସ୍ୱାଭିମାନୀ କାବ୍ୟ ରଚନା କରିଯାଇଛନ୍ତି । 'ଚିତ୍ରକାବ୍ୟ ବନ୍ଧୋଦୟ' କବିଙ୍କର ସ୍ୱତନ୍ତ୍ର ସୃଷ୍ଟି । ଅକ୍ଷରଶିଳ୍ପର ବିଶ୍ୱକର୍ମା କବି ଉପେନ୍ଦ୍ର ଶବ୍ଦର ଚମତ୍କାରିତା ପ୍ରଦର୍ଶନ କରିଛନ୍ତି । ସେ ଶବ୍ଦ ସମ୍ରାଟ, ଶବ୍ଦର ଯାଦୁକର । ସେ କଳା ଚତୁରୀରେ ଅଗଣିତ ପାଠକଙ୍କୁ କାଉଁରୀ ମନ୍ତ୍ରରେ ବଶୀଭୂତ କରି ରଖିଛନ୍ତି । କବିଙ୍କ ଭାଷାରେ-

"ତରଣୀ କୂଳର ସାର
ଆଶ୍ରୟରୁ ନିରନ୍ତର
କହେ ଉପଇନ୍ଦ୍ର ଭଞ୍ଜ ମୁଁ
ଲଭିଛି ଶବଦ ସମୁଦ୍ର ପାର ।"

ଉପେନ୍ଦ୍ର ଭଞ୍ଜ ବିରଚିତ କାବ୍ୟାବଳୀରେ ଶବ୍ଦ କ୍ଲିଷ୍ଟତା ପରିଲକ୍ଷିତ ହୁଏ । ଛନ୍ଦ, ଅଳଂକାର, ଶବ୍ଦ ଭୂଷଣ ପରିପାଟୀରେ କାବ୍ୟ ନାୟିକା ସୌନ୍ଦର୍ଯ୍ୟ ମଣ୍ଡିତ । ରସ, ରୀତି, ଗୁଣ, ଔଚିତ୍ୟ, ଧ୍ୱନି, ବକ୍ରୋକ୍ତି ଆଦି କାବ୍ୟର ଆତ୍ମା ରୂପେ ବିଦ୍ୟମାନ । କେବଳ କାବ୍ୟ ମହାକାବ୍ୟ ନୁହେଁ, ଭଜନ, ଜଣାଣ, ଚଉତିଶା, ଚଉପଦୀ ଆଦି ବିଭିନ୍ନ ଆଙ୍ଗିକରେ ଉପେନ୍ଦ୍ର ସୃଷ୍ଟି ମୁଖର ।

"ନାରିକେଳ ଯେ ରସ ପୁର
ଭକ୍ଷି ନ ପାରନ୍ତି ତା' ବାନର ।"

ଉପେନ୍ଦ୍ର ସାହିତ୍ୟକୁ ବୁଝିବା ଏତେ ସହଜସାଧ୍ୟ ନୁହେଁ । ତାଙ୍କ ସାହିତ୍ୟର ସଙ୍ଗୀତପ୍ରାଣତା ରସମୁଗ୍ଧ ପାଠକମାନଙ୍କୁ ମୋହଗ୍ରସ୍ତ କରି ରଖିଛି । ଭଞ୍ଜ ସାହିତ୍ୟର ସାଂକେତିକ ଅର୍ଥ 'ନାରୀ ଓ ଡିକସ୍‌ନାରୀ' । ଏ ଉଭୟଙ୍କୁ ନ ବୁଝିଲେ ଭଞ୍ଜ ସାହିତ୍ୟର

ରସ ଆସ୍ୱାଦନ କରାଯାଇ ପାରେନା । ଉପେନ୍ଦ୍ର ରୀତିଯୁଗୀୟ କାବ୍ୟାଦର୍ଶ ଯଥା- ପୌରାଣିକତା, ପ୍ରକୃତିପ୍ରାଣତା, ଶବ୍ଦ କ୍ଲିଷ୍ଟତା, କାଳ୍ପନିକତା, ସାଙ୍ଗୀତିକତା, ଶୃଙ୍ଗାରିକତା ଆଦି ବିଭାବକୁ ନେଇ ରାଶି ରାଶି କାବ୍ୟ ସର୍ଜନା କରିଯାଇଛନ୍ତି । ସେ ଗଢ଼ିଛନ୍ତି ଗୋଟିଏ କାବ୍ୟର କୋଣାର୍କ । ଚିତ୍ରଶାଳାରେ ଅଛି ଆକର୍ଷଣୀୟ ଦୃଶ୍ୟରାଜି । 'ଲାବଣ୍ୟବତୀ' କାବ୍ୟରେ ନାୟକ ଚନ୍ଦ୍ରଭାନୁ, ନାୟିକା କହୁଛି-

"ଦେଖରେ ନଳିନୀ, ନଳିନି, ନଳିନୀରେ ପୂରିତ
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ।"

ଅର୍ଥାତ୍ ରେ ସୁନ୍ଦରୀ (ପଦ୍ମିନୀ ଜାତୀୟା ସ୍ତ୍ରୀ), ପୁଷ୍କରିଣୀଟି ପଦ୍ମବନରେ ଶୋଭା ପାଉଛି । ଭ୍ରମରମାନେ ମତି ଭ୍ରମରେ ପଦ୍ମଫୁଲର ସୌନ୍ଦର୍ଯ୍ୟରେ ମୋହିତ ହୋଇ ପୁଷ୍କରିଣୀର ପଦ୍ମଫୁଲ ଉପରେ ଘୁରି ବୁଲୁଛନ୍ତି । ସେମାନଙ୍କଦ୍ୱାରା ପୁଷ୍କରିଣୀଟି ଭରପୂର ହୋଇ ଶୋଭା ପାଉଛି । ଏହା ହେଉଛି ଉପରୋକ୍ତ ଦୁଇ ପଂକ୍ତିର ଲକ୍ଷ୍ୟଣାର୍ଥ । ଏହା ମାଳ ଯମକର ଏକ ସୁନ୍ଦର ଉଦାହରଣ ! ସେହିପରି 'ବୈଦେହୀଶ ବିଳାସ'ରେ ଲେଖିଛନ୍ତି-

"ବାବୁ ନାକଶିରୀ ଦାନ ଯୋଗ୍ୟ ଯୋଷାକୁ
ବିହର କାନନ କର ଆଲିଙ୍ଗନକୁ ।"

ଏହା ଅଭଙ୍ଗ-ସଭଙ୍ଗ ଶ୍ଳେଷର ପ୍ରକୃଷ୍ଟ ଉଦାହରଣ । ଲକ୍ଷ୍ମଣ ଏ ଚିଟାଉ ପାଇଲା ପରେ ସୂର୍ପଣଖାର ନାକ-କାନ କାଟି ଦେଇଛନ୍ତି । ଭଞ୍ଜଙ୍କ ଛଡ଼ା ଏତେ ମର୍ମସ୍ପର୍ଶୀ ରଚନା କେହି କରିପାରି ନାହାନ୍ତି । ଭଞ୍ଜଙ୍କ ପ୍ରେମ ଚିତ୍ର, କାମକଳା ଅଧିକ ଚିତ୍ତାକର୍ଷକ ।

"ଝରୁ ଚନ୍ଦ୍ରାନନା　　　　ଚମ୍ପକ ବରଣା
କାଲି ଏହି ବାଟେ ଗଲା,
ଚନ୍ଦ୍ର ଅବତଂଶ　　　　ନନ୍ଦନ ଜନମ
ତିଥି ଚନ୍ଦ୍ର ମୋତେ କଲା ।"

ଚନ୍ଦ୍ରମୁଖୀ, କନକଗୋରୀ କାଲି ଏ ରାସ୍ତାରେ ଗଲା କିନ୍ତୁ, ଚତୁର୍ଥୀ ଜହ୍ନକୁ ନ ଝହିଁଲା ପରି ଝଲିଗଲା । ସେହିପରି ଏକ ଅନନ୍ୟ ପ୍ରେମ ଚିଟାଉର ଉଦାହରଣ ।

"ଦୂରେ ଥିଲେ ପାଶେ ଅଛି ଥିବୁ ଏହା ଘେନି
କେତେ ଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ
ପ୍ରୀତି ଅଭେଦ ତାଙ୍କର
ଯେତେଦୂରେ ଥିଲେ ଯେ ଯାହାର ସେ ତାହାର ।
ଯେତେଦୂରେ ପତ୍ର ପଡ଼ିଥିଲେରେ ନବୀନା
ଚିହ୍ନା କି ନୁହଇ ଆନେ ବୃକ୍ଷ ନାମ ବିନା

ବନ୍ଧୁ ଡେମନ୍ତ ମୁଁ ତୋର
ସବୁଠାରେ କୁହାଉଛି ସୁନ୍ଦରୀ କୋୟର ।”

ଏହାଠାରୁ ବଳି ପ୍ରେମ ଚିଠି ଚଳିତ ଶତାବ୍ଦୀରେ ରଚିତ ହୋଇଛି କି ନା ସନ୍ଦେହ । ଭଞ୍ଜ ଯଥାର୍ଥରେ ଜଣେ ରସିକ କବି । ଭଞ୍ଜ ସାହିତ୍ୟର ଶୃଙ୍ଗାରିକତାର ଏକ ଝଲକ ନିମ୍ନରେ ପ୍ରଦତ୍ତ ହେଲା ।

☆ “ଚେତି ଚତୁରୀ ରହିଁଲା ନିଶି ନାଶେ ପାଶେ ନାହିଁ ଦିବ୍ୟ ତରୁଣ
ହୃଦେ ହାଥ ମାରି ନାଥ ନାଥ ବୋଲି
ଅତି ଉଚ୍ଚେ କଲା କାରୁଣ୍ୟ
ଖୋଜେ ଅଧୀରେ, ଚେତନା ହତ ସେ ବିଧିରେ
ଶେଯ ଲେଉଟାଇ କବରୀ ଫିଟାଇ କର ଭରି କୁଚ ସନ୍ଧିରେ ।”

(ଲାବଣ୍ୟବତୀ)

☆ “କବି ବିରଚିଲା ବିଚିତ୍ର ହେଲା, ତୁମ୍ବୀ ବୁଡ଼ିଲା
ନ ବୁଡ଼ି ଶଇଳ ସଲିଳ ଉପରରେ ରହିଲା,
କିସ ପୁଣି ଦେଖା ନ ଯାଏ ବଞ୍ଚିଥିଲେ ଜୀବରେ
ବିଷମ ସମସ୍ୟା ପୂରଣ ହେଲା ଏହି ଠାବରେ ।”

(ଲାବଣ୍ୟବତୀ, ଛାନ୍ଦ-୬/୧୧, ୧୨)

ଉପେନ୍ଦ୍ର ଭଞ୍ଜ ଓଡ଼ିଶୀ ସଙ୍ଗୀତର ପ୍ରବକ୍ତା । ସେ ପ୍ରତିଟି ସଙ୍ଗୀତ / ଚଉପଦୀର ରାଗ-ତାଳ-ଲୟ ନିର୍ଦ୍ଦେଶ କରିଯାଇଛନ୍ତି । ତାଙ୍କ ରଚିତ ଜନପ୍ରିୟ ସଙ୍ଗୀତମାନ ହେଉଛି ଯଥା- ‘ମନ ତୋଷିବି, ମଲ୍ଲୀମାଳ ଶ୍ୟାମଙ୍କୁ ଦେବି’, ଦ୍ୱିତୀୟା ଯାମିନୀରେ ମୋ ପ୍ରାଣ ସହି’, ‘ଆଜ ଦେଖିଲିରେ ନବୀନ ବୟସୀ ବାଳା’, ‘ଆହା ମୋ ଜୀବନଧନୀ କିସ କରୁଥିବରେ’, ‘ଶ୍ରୀମତୀ ଶ୍ରୀପତି ବୃନ୍ଦାବନେ କେଳି ରଚିଲେ’, ‘ନ କରରେ ରାମା ମାନ କହୁଛି ବିନୟ ଘେନ’ ପ୍ରଭୃତି ସଙ୍ଗୀତଗୁଡ଼ିକରେ ଆଜି ମଧ୍ୟ ଉପେନ୍ଦ୍ର ଭଞ୍ଜ ଅଗଣିତ ପାଠକ ହୃଦୟରେ ଜୀଇଁ ରହିଛନ୍ତି । ଉପେନ୍ଦ୍ର ଭଞ୍ଜଙ୍କ ୨୮ ଖଣ୍ଡ କାବ୍ୟ ଏଯାବତ୍ ପ୍ରକାଶ ପାଇଛି । ୪୦ରୁ ଊର୍ଦ୍ଧ୍ୱ ଅପ୍ରକାଶିତ, ଆଉ କେତେକ ଅନ୍ୟ ଭଣିତାରେ ପ୍ରକାଶ ପାଇଛି ।

ଉପେନ୍ଦ୍ର ଭଞ୍ଜ ତତ୍କାଳୀନ ସଂସ୍କୃତ ଅଭିମାନୀ ପଣ୍ଡିତମାନଙ୍କ ଅହଂଭାବ, ଦାମ୍ଭିକତାକୁ ଖର୍ବ କରିବା ଲାଗି ଉଚ୍ଚକୋଟିର କାବ୍ୟମାନ ରଚନା କରିଥିଲେ । ଓଡ଼ିଆ ଭାଷା ପ୍ରତି ସେମାନଙ୍କ ଘୃଣା ଓ ନାସିକା କୁଞ୍ଚନକୁ ଦୂରେଇଦେବା ଲାଗି ଶ୍ରୀହର୍ଷଙ୍କ ‘ନୈଷଧ’ କାବ୍ୟ ପରି ଉପେନ୍ଦ୍ର ଭଞ୍ଜ ‘କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ’ ରଚନା କରିଥିଲେ । ଏଥିରୁ କବିଙ୍କ ଭାଷାପ୍ରୀତି, ଗାମ୍ଭୀର୍ଯ୍ୟ ଓ ବିଦ୍‌ବତ୍ତା ଗୁଣର ପରିଚୟ ମିଳେ । ଉପେନ୍ଦ୍ରଙ୍କ

ସୃଷ୍ଟି ସମ୍ଭାର; ଯଥା- (୧) ଚିତ୍ରଲେଖା (୨) ହେମ ମଞ୍ଜରୀ (୩) ରସଲେଖା (୪) କାମକଳା (୫) ମନୋରମା (୬) ପ୍ରେମଲତା (୭) ଭାବବତୀ (୮) ମୁକ୍ତାବତୀ (୯) ବ୍ରଜଲୀଳା (୧୦) ଛାନ୍ଦଭୂଷଣ (୧୧) ଷଡ଼ଋତୁ (୧୨) କଳା କଉତୁକ (୧୩) ସୁଭଦ୍ରା ପରିଣୟ (୧୪) ବୈଦେହୀଶ ବିଳାସ (୧୫) ରସତରଙ୍ଗ (୧୬) ସୁବର୍ଣ୍ଣରେଖା (୧୭) ଅବନା ରସ ତରଙ୍ଗ (୧୮) ଦଶପୋଇ (୧୯) ରାମଲୀଳାମୃତ (୨୦) ପ୍ରେମସୁଧାନିଧି (୨୧) ରସିକ ହାରାବଳୀ (୨୨) କୁଞ୍ଜବିହାର (୨୩) ରସପଞ୍ଚକ (୨୪) ଲାବଣ୍ୟବତୀ (୨୫) କୋଟିବ୍ରହ୍ମାଣ୍ଡ ସୁନ୍ଦରୀ (୨୬) ପୁରୁଷୋତ୍ତମ ମାହାତ୍ମ୍ୟ (୨୭) ଚିତ୍ରକାବ୍ୟ ବନ୍ଧୋଦୟ (୨୮) ଗୀତାଭିଧାନ । ଏତଦ୍‌ବ୍ୟତୀତ ଡଃ ମହତାବଙ୍କ ମତାନୁସାରେ ୪୦ ଖଣ୍ଡ କାବ୍ୟ ଅଦ୍ୟାପି ଅପ୍ରକାଶିତ ।

ଭାରତୀୟ ପରମ୍ପରାରେ କବିମାନେ ଆତ୍ମ ପ୍ରଚାର ପ୍ରିୟ ନ ଥିଲେ । ଉପେନ୍ଦ୍ର ଭଞ୍ଜ ପ୍ରତିଟି କାବ୍ୟରେ ନିଜର ସୃଷ୍ଟି ସମ୍ପର୍କରେ କିଛି ତଥ୍ୟ ଛାଡ଼ିଯାଇ ନାହାନ୍ତି । ତେଣୁ ଏ' ନେଇ ମତାନୈକ୍ୟ ରହିଛି ।

ଭଞ୍ଜଙ୍କ ଦୂରଦର୍ଶିତା, ସାମାଜିକ ଦୃଷ୍ଟିଭଙ୍ଗୀ, ରୀତି, ନୀତି ଚଳଣିର ପ୍ରଭାବ ଏତେ ବେଶି, ମନେହୁଏ ଭଞ୍ଜ ସାହିତ୍ୟ ଶାଶ୍ୱତ ଓ ଚିରନ୍ତନ । ପାଲା, ଦାସକାଠିଆ, ଗାୟକମାନଙ୍କର ପେଟପୋଷା ଗଣ୍ଠିଧନ ହେଉଛି ଭଞ୍ଜ ସାହିତ୍ୟ । ପ୍ରାସାଦବାସୀଙ୍କ ଠାରୁ କୁଟୀରବାସୀ ଆଜି ଭଞ୍ଜ ସାହିତ୍ୟର ରସଗ୍ରାହୀ ପାଠକ । ଭଞ୍ଜ ସାହିତ୍ୟର ବହୁଳ ଜନପ୍ରିୟତାକୁ ଲକ୍ଷ୍ୟ କରି ଏକଦା ଉତ୍କଳମଣି ଗୋପବନ୍ଧୁ 'ଅବକାଶ ଚିନ୍ତା'ର 'ଉପେନ୍ଦ୍ରଭଞ୍ଜ' ଶୀର୍ଷକ କବିତାରେ ଗାଇ ଉଠିଥିଲେ-

"ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା,
ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା
ନୃତ୍ୟରଙ୍ଗେ ବାରାଙ୍ଗନା ।"

ଉପେନ୍ଦ୍ର ଭଞ୍ଜ ଉତ୍କଳରେ ରାମ ଭକ୍ତି ଧାରାର ବୀଜ ବପନ କରିଥିଲେ । ସେ ମଧ୍ୟ ଜଗନ୍ନାଥଙ୍କର ଏକନିଷ୍ଠ ଭକ୍ତ । କୃଷ୍ଣ ଭକ୍ତି, ରାମ ଭକ୍ତି ଉଭୟ ପରମ୍ପରାର ପ୍ରବକ୍ତା । ଶ୍ରୀକ୍ଷେତ୍ରରେ ଉପେନ୍ଦ୍ରଙ୍କ ଅନ୍ତିମ ଜୀବନ ଅତିବାହିତ ହୋଇଥିବା ଲକ୍ଷ୍ୟ କରାଯାଏ ।

ଭଞ୍ଜୀୟ ପ୍ରତିଭା ପ୍ରଭାବରେ ପରବର୍ତ୍ତୀ କାଳରେ ବହୁ କବି ଓଡ଼ିଆ ସାହିତ୍ୟରେ ଆବିର୍ଭୂତ ହୋଇଛନ୍ତି । ତେବେ ଓଡ଼ିଆ ସାହିତ୍ୟର ମଧ୍ୟଯୁଗ ବା ରୀତିଯୁଗ ବା ଭଞ୍ଜ ଯୁଗର ଶ୍ରେଷ୍ଠ ବିନ୍ଧାଣୀ ଉପେନ୍ଦ୍ର ଭଞ୍ଜଙ୍କୁ କେହି ବି ଅତିକ୍ରମ କରିପାରି ନାହାନ୍ତି ।

ବଙ୍ଗଳାର କବି ରାୟଗୁଣାକାର ଭାରତଚନ୍ଦ୍ରଙ୍କୁ ସେ ପ୍ରଭାବିତ କରିଥିଲେ ବୋଲି କହିଲାବେଳକୁ ଛାତି କୁଣ୍ଢେ ମୋଟ ହୋଇଯାଏ । ଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟ ଅନୁସରଣରେ 'ବିଦ୍ୟା ସୁନ୍ଦର' କାବ୍ୟ ସେ ରଚନା କରିଥିଲେ ।

ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ପାଇବାକୁ ନିଜକୁ ଯୋଗ୍ୟ ବିବେଚିତ କରାଇଥିବା ବେଳେ ଭଞ୍ଜୀୟ ଆଲୋଚନା ଓ ଗବେଷଣା ଅତ୍ୟନ୍ତ ପ୍ରାସଙ୍ଗିକ । ଭଞ୍ଜଙ୍କ ଅନାବିଷ୍କୃତ ଗ୍ରନ୍ଥମାନ ଯଦି ଲୋକଲୋଚନକୁ ଆସିପାରିଥାନ୍ତା, ତେବେ ଉତ୍କଳଭାରତୀଙ୍କର ଅଶେଷ କଲ୍ୟାଣ ହୁଅନ୍ତା ।

ଶିକ୍ଷକ,
ଟିଟାଗଡ଼ ଉପେନ୍ଦ୍ର ଭଞ୍ଜ ବିଦ୍ୟାପୀଠ (ଉ:ମା),
କୋଲକାତା- ୧ ୧ ୯

ସହାୟକ ଗ୍ରନ୍ଥସୂଚୀ :

୧. ଉପେନ୍ଦ୍ର ଭଞ୍ଜ ଗ୍ରନ୍ଥାବଳୀ; ଧର୍ମଗ୍ରନ୍ଥ ଷ୍ଟୋର୍
୨. ଓଡ଼ିଆ ସାହିତ୍ୟର ଇତିହାସ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ, ଗ୍ରନ୍ଥ ମନ୍ଦିର ।
୩. ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ, ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ, ଗ୍ରନ୍ଥ ମନ୍ଦିର ।
୪. ମନସ୍ୱୀ ବାଣୀପୁତ୍ର ଉପେନ୍ଦ୍ର; ପ୍ରଭାକର ଶତପଥୀ ।
୫. ଉପେନ୍ଦ୍ର ପରିକ୍ରମା, ସାରଳା ସାହିତ୍ୟ ସଂସଦ ।
୬. ଉପେନ୍ଦ୍ର ଆଲୋଚନା, ପ୍ରଫେସର ବାଉରୀବନ୍ଧୁ କର ।
୭. କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଗ୍ରନ୍ଥାବଳୀ- ୧ମ ଖଣ୍ଡ, ଧର୍ମଗ୍ରନ୍ଥ ଷ୍ଟୋର୍, କଟକ- ୨ ।
୮. ଉପେନ୍ଦ୍ରଭଞ୍ଜ କାବ୍ୟ ପ୍ରତିଭା ସନ୍ଧାନେ, ସାରଳା ସାହିତ୍ୟ ସଂସଦ, କଟକ- ୨ ।
୯. ଭଞ୍ଜ ସାହିତ୍ୟର ବର୍ଣ୍ଣ ଓ ବର୍ଣ୍ଣାଳୀ, ଡଃ ଲକ୍ଷ୍ମୀଧର ଦାସ, ତାରାତାରିଣୀ ପୁସ୍ତକାଳୟ, ବ୍ରହ୍ମପୁର ।
୧୦. କବିସମ୍ରାଟ କାବ୍ୟ କୃତି, ଡଃ. ବାଉରୀବନ୍ଧୁ ସାହୁ, ଲେଖା ପ୍ରକାଶିନୀ, ବ୍ରହ୍ମପୁର ।
୧୧. ବାଣୀ ବରପୁତ୍ର ମନସ୍ୱୀ ମହାକବି ଉପେନ୍ଦ୍ର, ପ୍ରଭାକର ଶତପଥି, ବ୍ରହ୍ମପୁର ।
୧୨. ସାହିତ୍ୟ ସାଧକ କବି ଉପେନ୍ଦ୍ରଭଞ୍ଜ, ସଂଯୋଜନା- ପ୍ର. ପ୍ରାଣବନ୍ଧୁ କର, ଭୁବନେଶ୍ୱର- ୨ ।
୧୩. କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, ସର୍ବେଶ୍ୱର ଦାସ, ନବୋଦୟ ପ୍ରକାଶନ, ବିନୋଦ ବିହାରୀ, କଟକ- ୨

କବିସୂର୍ଯ୍ୟ ବଳଦେବ ରଥ

ଡକ୍ଟର ଶାନ୍ତନୁ କୁମାର ରଥ

ଓଡ଼ିଆ ସାହିତ୍ୟକୁ ମଧ୍ୟଯୁଗ ଦୁଇଟି ପ୍ରଚଣ୍ଡ ପ୍ରତିଭା ସମର୍ପଣ କରିଛି । ଜଣେ ଉପେନ୍ଦ୍ର ଭଞ୍ଜ, ଅନ୍ୟ ଜଣକ ବଳଦେବ ରଥ । ଜଣେ କବି ସମ୍ରାଟ, ଜଣେ କବିସୂର୍ଯ୍ୟ । ଦୁହେଁ ନିଜ ନିଜ ପ୍ରତିଭାରେ ଅନନ୍ୟ । ଆମର ଆଲୋଚ୍ୟ କବିସୂର୍ଯ୍ୟ କବିସ୍ରାଟଙ୍କ ପ୍ରାୟ ଶହେ ବର୍ଷ ପରର କବି । ତାଙ୍କ ସମୟ ୧୭୭୯-୧୮୪୦ । ଗଞ୍ଜାମର ବଡ଼ଖେମୁଣ୍ଡିଠାରେ ପଣ୍ଡିତ ଉଜ୍ଜ୍ୱଳ ରଥଙ୍କ ପୁତ୍ର ଭାବରେ ବଳଦେବ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ମାତା ଥିଲେ ଗଞ୍ଜାମ ଆଠଗଡ଼ର ତାନ୍ତ୍ରିକ ପଣ୍ଡିତ ତ୍ରିପୁରାରି ହୋତାଙ୍କ କନ୍ୟା । ପିତା ଉଜ୍ଜଳ ରଥ ଥିଲେ ବହୁ ଶାସ୍ତ୍ରଜ୍ଞାନୀ ପଣ୍ଡିତ । ସଂସ୍କୃତରେ ତାଙ୍କର ବିଶେଷ ପାଣ୍ଡିତ୍ୟ ଥିଲା । ସେ ଅନେକ ସଂସ୍କୃତ ଶ୍ଳୋକ ରଚନା କରି ବଡ଼ଖେମୁଣ୍ଡି ରାଜ ସଭାରେ ସେ ପଣ୍ଡିତର ମାନ୍ୟତା ପାଇଥିଲେ ଏବଂ ରାଜାଙ୍କଠାରୁ 'କବିରାଜବ୍ରହ୍ମା' ଉପାଧି ପାଇଥିଲେ । ପିତାଙ୍କର କବିତ୍ୱ ଓ ପାଣ୍ଡିତ୍ୟ ବଳଦେବଙ୍କ ନିକଟକୁ ଗୁଣସୂତ୍ରଭାବେ ଆସିଥିଲା । କିଶୋର ବୟସରେ ମାତୃ ବିୟୋଗ ଘଟିବାରୁ ସେ ଆଠଗଡ଼ ଯାଇ ଅଜା ତ୍ରିପୁରାରି ହୋତାଙ୍କ ଘରେ ରହି ଶିକ୍ଷା ଲାଭ କଲେ । ତାନ୍ତ୍ରିକ ଅଜା ଶ୍ରୀ ହୋତାଙ୍କର ପ୍ରଭାବ ବଳଦେବଙ୍କ ଉପରେ ପଡ଼ିଥିଲା । କିଂବଦନ୍ତୀ କହେ "ଦେବୀଙ୍କୁ ଆବାହନ କରି ସେ ତାଙ୍କଠାରେ କ୍ଷୀର ଭୋଗ ଦେଇଥିଲେ । ସେ କ୍ଷୀରକୁ ଦେବୀ ପାନ କରିବା ପରେ ଅବଶେଷ ରହିଯାଇଥିଲା । ତାକୁ ସେ ନାତି ବଳଦେବଙ୍କୁ ପିଆଇ ଦେଇଥିଲେ । ଏହି ଦୈବୀ କୃପା ବଳରେ ବଳଦେବଙ୍କର କବିତ୍ୱ ଶକ୍ତି ଜାତ ହୋଇଥିଲା । ପ୍ରାୟ ସମସ୍ତ ପ୍ରଖ୍ୟାତ କବିମାନଙ୍କ କ୍ଷେତ୍ରରେ ଏଭଳି ଦୈବୀ ପ୍ରସାଦର କଥା ଶୁଣାଯାଏ । କାରଣ ସାଧାରଣ ମଣିଷ ପକ୍ଷେ ଏଭଳି ରଚନା କରିବା ଅସମ୍ଭବ ମନେ ହେଉଅଛି । ଏହାକୁ ଦୈବୀ କୃପାର ଫଳ ଭାବରେ ଗ୍ରହଣ କରାଯାଏ ଏବଂ କବିମାନେ ନିଜେ ମଧ୍ୟ ଏହାକୁ ସ୍ୱୀକାର କରନ୍ତି ନିଜ ରଚନାରେ । ବଳଦେବ ଏକାଧାରରେ ସଂସ୍କୃତ, ଓଡ଼ିଆ ଏବଂ ତେଲୁଗୁ ଭାଷା ଶିକ୍ଷା କରି ସେ ଭାଷାର ବିଭିନ୍ନ ଗ୍ରନ୍ଥ ଅଧ୍ୟୟନ କଲେ । ଉଭୟ ବଡ଼ଖେମୁଣ୍ଡି ଏବଂ ଆଠଗଡ଼ ଅଞ୍ଚଳରେ ତେଲୁଗୁ ଭାଷାଭାଷୀ ବାସ କରନ୍ତି ।

ବଳଦେବ ୧୫ ବର୍ଷ ବୟସରେ ପୁରୀ ନିବାସୀ ରାମକୃଷ୍ଣ ମିଶ୍ରଙ୍କ କନ୍ୟା ରତ୍ନମଣିଙ୍କୁ ବିବାହ କରିଥିଲେ । ବିବାହର ଅଳ୍ପ ଦିନ ପରେ ପିତା ଉଜ୍ଜ୍ୱଳ ରଥଙ୍କର ଦେହାନ୍ତ ହେବାରୁ ବଳଦେବ ଜୀବିକାର୍ଜନ ଉଦ୍ଦେଶ୍ୟରେ ସପରିବାର ବଡ଼ଖେମୁଣ୍ଡିକୁ ଯାଇ ଜଳନ୍ତରରେ ରହିଲେ । ଜଳନ୍ତର ରାଜ୍ୟର ତତ୍କାଳୀନ ରାଜା ରାମଚନ୍ଦ୍ର ଛୋଟରାୟ ଜଣେ ସାହିତ୍ୟ ରସିକ ଗୁଣଗ୍ରାହୀ ବ୍ୟକ୍ତିଥିବାରୁ ସେ ବଳଦେବଙ୍କ ପ୍ରତିଭା ଲକ୍ଷ୍ୟ କରି ତାଙ୍କୁ ନିଜ ରାଜ୍ୟରେ ରଖିବା ସହ କବିତା ରଚନାରେ ଉତ୍ସାହିତ କଲେ । ବଳଦେବଙ୍କ ଅନେକ ରଚନା ଏହି ରାଜା ରାମଚନ୍ଦ୍ର ଛୋଟରାୟଙ୍କ ନାମରେ ଭଣିତା ହେଇଛି । ତତ୍କାଳୀନ ଗଞ୍ଜାମ ଏବଂ ଅଧୁନା ଆନ୍ଧ୍ର ପ୍ରଦେଶାନ୍ତର୍ଗତ ହୋଇଥିବା ଜଳନ୍ତର ଗଡ଼ଜାତଟି ଏକ କ୍ଷୁଦ୍ର ଗଡ଼ଜାତ । ଶହେ ବର୍ଗ କିଲୋମିଟର ପରିମିତ ଏହି ଗଡ଼ଜାତରେ ରାଜା ଥିବା ଛୋଟରାୟ ବଂଶ ସାହିତ୍ୟ, ସଙ୍ଗୀତ ରସିକ ଥିଲେ ଏବଂ ଏହାର ବହୁ ପୃଷ୍ଠପୋଷକତା କରିଥିଲେ । ବଳଦେବଙ୍କ ଜଳନ୍ତର ରହଣି ଖୁବ୍ ସୃଜନଶୀଳ ଥିଲା । ଏଠାରେ ରହଣି ସମୟରେ ସେ ବହୁ କବିତା ରଚନା କରିବା ସହ ରାଜାଙ୍କ ଅନୁରୋଧରେ ଭଞ୍ଜୀୟ ରୀତିରେ 'ଚନ୍ଦ୍ରକଳା' ନାମକ କାବ୍ୟ ରଚନା କରିଥିଲେ ଯାହା ଅପୂର୍ଣ୍ଣ ରହିଯାଇଛି । ଏହାର ପ୍ରମୁଖ କାରଣ ହେଲା କାବ୍ୟ ରଚନା ପ୍ରତି ବଳଦେବଙ୍କ ବିଶେଷ ଆଗ୍ରହ ନ ଥିଲା । ଜଳନ୍ତର ରାଜା ତାଙ୍କୁ 'କବିସୂର୍ଯ୍ୟ' ଉପାଧିରେ ଭୂଷିତ କରିଥିଲେ ଏବଂ ତାଙ୍କୁ ରାଜ୍ୟର ଦେବାନ୍ ଭାବରେ ନିଯୁକ୍ତି ଦେଇଥିଲେ । ବଳଦେବଙ୍କ ଉତ୍ତମ ପ୍ରଶାସନିକ ଦକ୍ଷତା ଥିଲା ଏବଂ ସେ ତାହାକୁ ପ୍ରୟୋଗ କରି ଜଳନ୍ତର ରାଜ୍ୟର ବହୁବିଧ ଉନ୍ନତି କରିଥିଲେ । ମଞ୍ଜୁଷା ଏବଂ ଜଳନ୍ତର ଗଡ଼ଜାତ ମଧ୍ୟରେ ଥିବା ଦୀର୍ଘଦିନର ବିବାଦ ତାଙ୍କରି ଉଦ୍ୟମରେ ସମାହିତ ହୋଇଥିଲା ।

ଜଳନ୍ତରରେ ପ୍ରାୟ ବାର ବର୍ଷ କାଳ ଅତିବାହିତ କରିବା ପରେ ବଳଦେବ ଗଞ୍ଜାମର ଆଠଗଡ଼ ଗଡ଼ଜାତକୁ ଯାଇ ସେଠାର ରାଜା ବାଲୁଙ୍କେଶ୍ୱର ହରିଚନ୍ଦନ ଜଗଦେବଙ୍କ ପୃଷ୍ଠପୋଷକତାରେ ରହିଲେ । ରାଜା ବୈଷ୍ଣବ ଥିବା ହେତୁ ସେଠାରେ ରାଧାକୃଷ୍ଣ ଉପାସନାର ପ୍ରଚଳନ ଥିଲା ଏବଂ ତତ୍‌ବିଷୟକ ରଚନାକୁ ରାଜା ପସନ୍ଦ କରୁଥିଲେ । ଏହି କାରଣରୁ କବିସୂର୍ଯ୍ୟ ତାଙ୍କର ସୁପରିକଳ୍ପିତ ଏବଂ ଶ୍ରେଷ୍ଠ ରଚନା 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' ଏଠାରେ ରଚନା କରିଥିଲେ । ଏହା ସାଙ୍ଗକୁ କେତେକ ବ୍ୟଙ୍ଗ କବିତା, ଚମ୍ପୂ, ଚଉତିଶା, ମନାସ ଗୀତ, କଉତୁକିଆ ଗଦ୍ୟ, ହାସ୍ୟକଲ୍ଲୋଳ ମଧ୍ୟ ରଚନା କରିଥିଲେ । ଆଠଗଡ଼ରେ ଦଶବର୍ଷ ରହଣି କାଳରେ କବିସୂର୍ଯ୍ୟ ବହୁବାର ଶ୍ରୀକ୍ଷେତ୍ର ପୁରୀ ଯାଇ ସେଠାରେ ନିଜର କବି ପ୍ରତିଭା ଏବଂ ପାଣ୍ଡିତ୍ୟ ପ୍ରଦର୍ଶନ କରି

ବହୁ ମାନ୍ୟତା ପାଇଥିଲେ । ତତ୍କାଳୀନ ଗଜପତି ରାଜା ମୁକୁନ୍ଦ ଦେବ ତାଙ୍କୁ 'କବିସୂର୍ଯ୍ୟ ରାୟଗୁରୁ ମହାପାତ୍ର' ଉପାଧି ଦେଇ ସନନ୍ଦ ପ୍ରଦାନ କରିଥିଲେ ।

ଆଠଗଡ଼ ରହଣି ପରେ ମାଡ୍ରାସ୍ ପ୍ରେସିଡେନ୍‌ସି ଅଧୀନସ୍ଥ ଗଞ୍ଜାମରେ ଇଂରେଜ କଲେକ୍ଟରଙ୍କ ଦ୍ୱାରା କବିସୂର୍ଯ୍ୟ ମହୁରୀ ରାଜ୍ୟର ମ୍ୟାନେଜରର ଭାବରେ ନିଯୁକ୍ତ ହୋଇ କିଛି କାଳ କାର୍ଯ୍ୟ କରିବା ପରେ ପାରଳାଖେମୁଣ୍ଡି ଯାଇ ପାରଳାଖେମୁଣ୍ଡିର ରାଜପୁତ୍ର ଜଗନ୍ନାଥ ନାରାୟଣ ଦେବଙ୍କ ଶିକ୍ଷକ-ଅଭିଭାବକ ରୂପେ କିଛି ବର୍ଷ କାର୍ଯ୍ୟ କରି ବ୍ରହ୍ମପୁରରେ ଶେଷ ଜୀବନ ଅତିବାହିତ କରିଥିଲେ । ଇଏ ଥିଲା କବିସୂର୍ଯ୍ୟ ବଳଦେବ ରଥଙ୍କ ସଂକ୍ଷିପ୍ତ ଜୀବନ ବୃତ୍ତାନ୍ତ । କବିସୂର୍ଯ୍ୟଙ୍କର ଏକାଧାରରେ ଥିଲା ଅସାଧାରଣ ପ୍ରଶାସନିକ ଦକ୍ଷତା, କବି ପ୍ରତିଭା ଏବଂ ପାଣ୍ଡିତ୍ୟ । ସେ ବହୁ ଶାସ୍ତ୍ର ଅବଗାହୀ ଥିଲେ । ସଙ୍ଗୀତରେ ତ ତାଙ୍କର ପ୍ରଗାଢ଼ ପ୍ରବେଶ ଥିଲା । ଏହାର ଦୃଷ୍ଟାନ୍ତ ତାଙ୍କର ରଚିତ ଗୀତଗୁଡ଼ିକରୁ ଜଣାପଡ଼େ । ନିଜ ପିତା ରାଜପରିବାର ସହ ସମ୍ପୃକ୍ତ ଥିବାରୁ ବଳଦେବ ଶୈଶବରୁ ହିଁ ରାଜ କାର୍ଯ୍ୟ ପରିଚାଳନା ସମ୍ପର୍କରେ ପରିଚିତ ହେବାର ସୁଯୋଗ ଲାଭ କରିଥିଲେ । ପରବର୍ତ୍ତୀ ଜୀବନରେ ତାଙ୍କର ଉତ୍ତମ ବ୍ୟକ୍ତିଗତ ସ୍ୱଭାବ, ଅଧ୍ୟବସାୟ, କର୍ମନିଷ୍ଠା ତାଙ୍କୁ ଜଣେ ସଫଳ ପ୍ରଶାସକ ଭାବରେ ତିଆରି କରିଥିଲା ଯାହାର ସୂଚନା ପାଇ ବିଭିନ୍ନ ଗଡ଼ଜାତର ରାଜାମାନେ ତାଙ୍କ ରାଜ୍ୟର ସୁଶାସନ ପାଇଁ ତାଙ୍କୁ ନିମନ୍ତ୍ରଣ କରି ନିଯୁକ୍ତି ଦେଉଥିଲେ । କବିତ୍ୱ ଥିଲା ରାଜ ପୃଷ୍ଠପୋଷକତା, ସୁଲଭ ହେଲା, ପ୍ରକାଶିତ ହେଲା କବିତ୍ୱ । କିନ୍ତୁ ଓଡ଼ିଶାରେ ତାଙ୍କ କାବ୍ୟ କବିତା ପାଇଁ ସେ ଏତେ ଲୋକପ୍ରିୟ ହୋଇଥିଲେ ଯେ ତାଙ୍କ ବ୍ୟକ୍ତିତ୍ୱର ଏହି ପ୍ରଶାସନିକ, ସଂଗଠକ ଦିଗଟି ଅନାଲୋଚିତ ହୋଇ ରହିଗଲା । ଆମେ ତାଙ୍କୁ ଜଣେ କବି ଭାବରେ ହିଁ ଗ୍ରହଣ କରିନେଲୁ । ଏବେ ମଧ୍ୟ ଜଣେ ଉତ୍ତମ ପ୍ରଶାସକ ଭାବରେ କବିସୂର୍ଯ୍ୟ ପ୍ରାୟ ଆଲୋଚିତ ହୁଅନ୍ତି ନାହିଁ, କିନ୍ତୁ ଓଡ଼ିଶା ଇତିହାସର ତତ୍କାଳରେ ସେ କିଭଳି ଶାସନ ପରିଚାଳନା କରି ଲୋକପ୍ରିୟ ହୋଇଥିଲେ । ତାଙ୍କର ଦକ୍ଷତା ଏବଂ ଦୂରଦୃଷ୍ଟି ବଳରେ ସେ ଗଡ଼ଜାତ ଗୁଡ଼ିକର କିଭଳି ଉନ୍ନତି ହୋଇଥିଲା, ସେ ସବୁ ଏ ପର୍ଯ୍ୟନ୍ତ ବିଶେଷ ଆଲୋଚିତ ହୋଇନାହିଁ । ଐତିହାସିକମାନେ ବଳଦେବଙ୍କ ବ୍ୟକ୍ତିତ୍ୱର ଏହି ଦିଗଟି ଉପରେ ଗବେଷଣା କରିବା ନିତାନ୍ତ ଆବଶ୍ୟକ ।

ତେବେ ଓଡ଼ିଆ ଜାତିର ସାମୂହିକ ସ୍ମୃତିରେ ବଳଦେବ ଜଣେ ପ୍ରିୟ କବି ଭାବରେ ପରିଚିତ ଏବଂ ପ୍ରତିଷ୍ଠିତ ହୋଇଛନ୍ତି । କବିସୂର୍ଯ୍ୟ ଗ୍ରନ୍ଥାବଳୀର ସମ୍ପାଦକ ଡଃ କୃଷ୍ଣଚରଣ ବେହେରା ଏହାର ଭୂମିକାରେ କବିସୂର୍ଯ୍ୟଙ୍କ କାବ୍ୟ ସାଧନା ସମ୍ପର୍କରେ ଯେଉଁ ମନ୍ତବ୍ୟ

ଦେଇଛନ୍ତି ତାହା ଖୁବ୍ ଯଥାର୍ଥ ଏବଂ ପ୍ରଣିଧାନ ଯୋଗ୍ୟ । "କବିସୂର୍ଯ୍ୟ ଆଧୁନିକ ଯୁଗରେ ବା ଇଂରେଜ ରାଜତ୍ୱରେ ଜୀବନ ନିର୍ବାହ କରିଥିଲେ । ଏହି ଇଂରେଜ ରାଜତ୍ୱରେ ତାଙ୍କର ସାହିତ୍ୟ ସାଧନା ସଞ୍ଚାଳିତ ହୋଇଥିଲା । ତଥାପି ତାଙ୍କୁ ପୂରାପୂରି ଆଧୁନିକ ଯୁଗର କବି ବୋଲି କହିହେବ ନାହିଁ । କବିବର ରାଧାନାଥଙ୍କୁ ଯେଉଁ ଅର୍ଥରେ ଆମେ ଆଧୁନିକ କବି ଭାବରେ ଚିହ୍ନିତ କରିଥାଉଁ ସେହି ଅର୍ଥରେ କବିସୂର୍ଯ୍ୟ ଆଧୁନିକ ହୋଇ ପାରିବେ ନାହିଁ । ତଥାପି କବିସୂର୍ଯ୍ୟଙ୍କ ସାହିତ୍ୟ ସୃଷ୍ଟିରେ ଆଧୁନିକତାର କେତେକ ଲକ୍ଷଣ ପ୍ରକଟିତ ହୋଇଥିବା ଦେଖାଯାଏ । × × କବିସୂର୍ଯ୍ୟ ଏକ ଯୁଗ ସନ୍ଧିକାଳରେ ଲେଖନୀ ଚାଳନା କରିଥିଲେ । ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ସେ ଯୁଗୀୟ ପରମ୍ପରା ଅନୁକରଣ କରିଛନ୍ତି ସତ୍ୟ ସ୍ଥଳ ବିଶେଷରେ ପୁରୋଦୃଷ୍ଟି ପ୍ରକାଶ କରିବାକୁ ପଶ୍ଚାତ୍‌ପଦ ହୋଇ ନାହାନ୍ତି । ସେ ଆମର ପ୍ରାଚୀନ ସାହିତ୍ୟ ଓ ଆଧୁନିକ ସାହିତ୍ୟ ମଧ୍ୟରେ ଏକ ସଫଳ ଭାବ-ସମ୍ବାହିକା ସଂଯୋଗ ସେତୁ ରୂପେ କାର୍ଯ୍ୟ କରିଛନ୍ତି । ତାଙ୍କର ସାରସ୍ୱତ ସମ୍ପଦ ଆଧୁନିକ ସାହିତ୍ୟର ଉଦୟାଚଳରେ ପ୍ରଥମ ଅରୁଣାଲୋକ ।" କବିସୂର୍ଯ୍ୟ କାବ୍ୟଧାରାର ଖୁବ୍ ଚମତ୍କାର ବିଶ୍ଳେଷଣ ଇଏ ।

ମଧ୍ୟଯୁଗରେ ଉପେନ୍ଦ୍ର ଭଞ୍ଜ ପ୍ରମୁଖ କବିଗଣ ଯେଉଁ ସଂସ୍କୃତ ପ୍ରତିସ୍ପର୍ଦ୍ଧୀ କାବ୍ୟ ରଚନାର ଧାରା ଆରମ୍ଭ କରିଥିଲେ, ତାହା ମୁଖ୍ୟତଃ ଥିଲା ପାଣ୍ଡିତ୍ୟ ପ୍ରତିଯୋଗୀ । କବିତ୍ୱ ଅପେକ୍ଷା ଶବ୍ଦ-ଶିଳ୍ପ ଉପରେ ବିଶେଷ ପ୍ରାଧାନ୍ୟ ଥିଲା ଏଥିରେ । ଏ ପାଣ୍ଡିତ୍ୟ ଯୁଦ୍ଧରେ ଯଦିଓ ଓଡ଼ିଆ କବିମାନେ ଜୟମାଲ୍ୟ ପିନ୍ଧୁଥିଲେ, ଏହା ମୁଷ୍ଟିମେୟ ରାଜସଭା ପଣ୍ଡିତମାନଙ୍କୁ ପ୍ରସାଦିତ କରିବା ଛଡ଼ା ସାଧାରଣ ଲୋକଙ୍କୁ ସ୍ପର୍ଶ କରିପାରୁ ନ ଥିଲା । କବିମାନେ ମଧ ଏହାକୁ ଉପଲବ୍ଧି କରୁଥିଲେ କାବ୍ୟ ପ୍ରତିଯୋଗିତାରୁ ଲାଭ ହେଉଥିବା ଏ କବଚ କୁଣ୍ଡଳ ତାଙ୍କୁ ବେଶି ଦିନ ବଞ୍ଚେଇ ପାରିବ ନାହିଁ ବା ତାଙ୍କ ସାହିତ୍ୟକୁ ସାର୍ବଜନୀନ କରିପାରିବ ନାହିଁ । ସେଥିପାଇଁ ସେମାନେ ଓହ୍ଲାଇଥିଲେ ସଙ୍ଗୀତମୟ ଗୀତ ରଚନାକୁ ଯେଉଁଥିରେ ଆରମ୍ଭ ହୋଇଥିଲା ଚଉପଦୀ, ଚଉତିଶା, ଚମ୍ପୂ, ଇତ୍ୟାଦି । ସରଳ ଭାଷା, ସ୍ୱଚ୍ଛ ଭାବ ଏବଂ ଛନ୍ଦମୟ ସଙ୍ଗୀତର ସମନ୍ୱୟର ଅଦ୍ଭୁତ ରଚନା ମାନ ସମ୍ଭବିଲା ଯାହା ଏକାବେଳକେ ସ୍ପର୍ଶ କରିଗଲା ସାଧାରଣ ହୃଦୟକୁ । ପୁଲକିତ ହେଇ ଉଠିଲେ ଜନତା । କବିମାନଙ୍କୁ ଇଏ ଆଣିଦେଲା ଏକ ଅନନୁଭୂତ ଆନନ୍ଦ । ଏହି ଆନନ୍ଦର ଜ୍ୟୋତିରେ ସ୍ତିମିତ ହେଇଗଲେ କାବ୍ୟ ରଚନାରୁ ପ୍ରାପ୍ତ କବଚ, କୁଣ୍ଡଳ । ସେମାନଙ୍କ ଭିତରେ ଧାରଣା ବଦ୍ଧମୂଳ ହେଇଗଲା ଯେ ସାହିତ୍ୟ କେବଳ ଦରବାରକୁ ଆଶ୍ରୟ କରି ବଞ୍ଚି ପାରିବ ନାହିଁ । ଅଳଙ୍କାର ଶାସ୍ତ୍ର ଏବଂ ଅଭିଧାନ ଧରି ଯଦି କାବ୍ୟ

ପାଠ କରିବାକୁ ହୁଏ, ତେବେ ତାହା ହୁଏତ ମସ୍ତିଷ୍କକୁ ପୁଷ୍ଟ କରିବ କିନ୍ତୁ ହୃଦୟକୁ ଜିତି ପାରିବ ନାହିଁ । ତେଣୁ ସାହିତ୍ୟକୁ ସାଧାରଣଙ୍କ ପାଖକୁ ନେବାକୁ ହେଲେ ଆବଶ୍ୟକ ସରଳ ଅଥଚ କାବ୍ୟିକ ଭାଷା, ସ୍ୱଚ୍ଛ ଭାବ, ମଝିରେ ମଝିରେ କିଛି ଛଟା ଆଉ ରାଗ ରାଗିଣୀ ଯୁକ୍ତ ସଙ୍ଗୀତ । ବେଶ୍ ଏଇଠୁ ହିଁ ଆରମ୍ଭ ହେଲା କାବ୍ୟ ସହିତ ସଙ୍ଗୀତ ରଚନାର ଧାରା ଯଦିଓ କାବ୍ୟର ପ୍ରଚଣ୍ଡ ପ୍ରବାହରେ ଏଇ ସଙ୍ଗୀତର ଧାରାଟି କ୍ଷୀଣ ଥିଲା ।

କାବ୍ୟ ଯୁଗରେ ପ୍ରଚଣ୍ଡ କବିମାନଙ୍କ ଭିତରେ ଉଦ୍ଭୂତ ଏଇ ଅନୁଭବ ଏବଂ ସେମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏଇ ଗୀତିଧାରାକୁ ଖୁବ୍ ସଚେତନ ଭାବରେ ଲକ୍ଷ୍ୟ କରିଥିଲେ କବିସୂର୍ଯ୍ୟ । ତାଙ୍କରି ହାତରେ ଏଇ କ୍ଷୀଣ ଧାରାଟି ମହା ପ୍ରବାହରେ ପରିଣତ ହୋଇଯାଇଥିଲା । ସେ ମୂଳରୁ ସ୍ଥିର କରିଥିଲେ ଗୀତ ରଚନା ହିଁ ହେବ ତାଙ୍କର ମୁଖ୍ୟ ଧାରା । ତେଣୁ କାବ୍ୟ ରଚନାରେ ତାଙ୍କର ଆନ୍ତରିକତା ନ ଥିଲା । ସେହି କାରଣରୁ ଜଳନ୍ତରରେ ଥିବା ସମୟରେ ରାଜାଙ୍କ ଅନୁରୋଧରେ ସେ 'ଚନ୍ଦ୍ରକଳା' କାବ୍ୟ ରଚନା ଆରମ୍ଭ କଲେ ସିନା ତାହା ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ଗୀତ ରଚନା ଥିଲା କବିସୂର୍ଯ୍ୟଙ୍କ ପ୍ରେରଣା । କାବ୍ୟ ରଚନା ଥିଲା ଅନିଚ୍ଛାକୃତ । ଉପେନ୍ଦ୍ରଭଞ୍ଜ ଯଦି କାବ୍ୟ ଯୁଗର ମାର୍ତ୍ତଣ୍ଡ, ବଳଦେବ ସଙ୍ଗୀତ ଯୁଗର ସୂର୍ଯ୍ୟ । ରୀତି, ବକ୍ରୋକ୍ତି, ଶବ୍ଦ ସଂଯୋଜନା, ଅଳଂକରଣ ଓ ରସସିଦ୍ଧାନ୍ତ ଦୃଷ୍ଟିରୁ ଉଭୟ କବି ନିଜ ନିଜ ସାରସ୍ୱତ ଜଗତ୍‌ରେ ଭିନ୍ନ ହେଲେହେଁ ଉଭୟ 'ମାର୍ତ୍ତଣ୍ଡ' ଏବଂ 'ସୂର୍ଯ୍ୟ' ଶବ୍ଦର ଆଭିଧାନିକ ଅର୍ଥ ଏକ । ମଧ୍ୟଯୁଗରୁ ଆରମ୍ଭ ହୋଇଥିବା ଏଇ ଗୀତି ଧାରାର ଗଙ୍ଗୋତ୍ରୀରେ ବସିଥିଲେ ଉପେନ୍ଦ୍ର ଭଞ୍ଜ । ହରିଦ୍ୱାରରେ ବସିଥିଲେ କବିସୂର୍ଯ୍ୟ, ପ୍ରୟାଗରେ ବସିଥିଲେ ଗୋପାଳକୃଷ୍ଣ, ଗୌରହରି, ବନମାଳୀ ପ୍ରମୁଖ ।

କାବ୍ୟ ଯୁଗର କବିମାନଙ୍କର ଗୋଟିଏ ବିଲକ୍ଷଣ ହେଉଛି ଯଦିଓ ଏକ ଦାୟରେ ଓ ପ୍ରଭାବରେ ପଡ଼ି ସେମାନେ ଉଚ୍ଚାଙ୍ଗ ଭାଷା ବ୍ୟବହାର କରି କାବ୍ୟ ରଚନା କରୁଥିଲେ, ସାଧାରଣ ସୁଲଭ ଲୋକଭାଷା ସହିତ ସେମାନଙ୍କର ବେଶ୍ ପରିଚିତି ଥିଲା । ତେଣୁ ଯେଉଁ ବୃହତ୍ତର ଲୋକ ସମାଜ ପାଇଁ ସେମାନେ ଗୀତ ରଚନା କରୁଥିଲେ ସେଥିରେ ସେମାନେ ଏହି ସାଧାରଣ ଭାଷାକୁ ହିଁ ବ୍ୟବହାର କଲେ ଏବଂ ଏହାକୁ ଏଭଳି ବ୍ୟବହାର କଲେ ଉଚ୍ଚାଙ୍ଗ ଭାଷା ସହ ସାଧାରଣ ଭାଷାର ଏକ ସୁନ୍ଦର ଏବଂ ମଧୁର ସମନ୍ୱୟ ହେଲା । ମୋଟାମୋଟି କାବ୍ୟ ବନ୍ଧନରୁ ଫିଟି ଯାଇଥିଲା ଭାଷା । 'ମଲ୍ଲୀ ମାଳ ଶ୍ୟାମକୁ ଦେବି', 'ଆହା ମୋ ଜୀବନ ଧନୀ ଜୀବନେ କି ଥିବରେ', 'ବସି କାନ୍ଦୁଥିବ ମାନିନୀ'

ଇତ୍ୟାଦି ଗୀତ ରଚନା କରି ଉପେନ୍ଦ୍ର ଭଞ୍ଜ ଭାଷା ଗାଈର ବେକରୁ ପଘା ଫିଟେଇ ଦେଇଥିଲେ । କବିସୂର୍ଯ୍ୟ ତାକୁ ବିସ୍ତର କିଆରି ଭିତରେ ଛାଡ଼ିଦେଲେ । ଉଦାହରଣ ସ୍ୱରୂପ 'ଘ' ଚମ୍ପୂକୁ ନିଆଯାଉ । ଏହାର ପ୍ରଥମ ଧାଡ଼ି- "ଘେନାଇ ଆମ୍ଭେ ଯେତେ କହିଲୁରେ, ଘେନିଲୁ ନାହିଁ ବାଳା ପହିଲୁରେ" ଯେମିତି ସରଳ, ଦ୍ୱିତୀୟ ଧାଡ଼ିଟି "ଘୃତ ଘଟକୁ ଶିଖି-ଶିଖା ପାଖରେ ରଖି ଶିରୀଷ ଦେହା ଏହା ସହିଲୁରେ" ସେମିତି ଉଚ୍ଚାଙ୍ଗ । କିନ୍ତୁ ଏ ଦୁଇ ପ୍ରକାର ଭାଷାର ମିଳନରେ ଅପୂର୍ବ ରଚନା ଦେଖନ୍ତୁ । ଏଭଳି ଅନନ୍ୟ ସାଧାରଣ ନିର୍ମିତି ନିମନ୍ତେ ଏଭଳି ହାତଟିଏ ଈଶ୍ୱର କୃପାକରି କେବଳ କବିସୂର୍ଯ୍ୟଙ୍କୁ ହିଁ ଦେଇଥିଲେ । ଏଭଳି ବହୁ ଉଦାହରଣ ଅଛି ତାଙ୍କ ରଚନାମାନଙ୍କରେ ।

କବିସୂର୍ଯ୍ୟଙ୍କ ଆଉ ଏକ ବିଶେଷତ୍ୱ ହେଉଛି ବହୁ ଲୋକ ଶବ୍ଦକୁ ସେ କବିତାରେ ବ୍ୟବହାର କରି ସେଗୁଡ଼ିକୁ ସାହିତ୍ୟିକ ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ଯଥା ଆରପାର, କଲବଲ, ଖରାପ, ଖିଆଲ, ଅଚେତା, ଖଣ୍ଟ, ଗୋଳି ଦେଲା, ଗୋଳିଆ, ଗହଳି, ଘେନାଇ, ପହିଲୁ, ଅନାଭଣିକି, ହଟି, ଘୋଟି, ଘେନିଘେନାଇ, ସମଜାଇ, ନିପଟ, ବାସି, ଅତରକିତେ, ଚେତା, ଚହକାଇ, ଚିନାଏ ଇତ୍ୟାଦି । ପ୍ରଶାସନରେ ଥିବାରୁ ଅନେକ ପାରସୀ ଏବଂ ଆରବୀ ଶବ୍ଦ ସହ ସେ ପରିଚିତ ଥିଲେ, ଯାହା ସେ ସମୟରେ କୋର୍ଟ, କଚେରି କାରବାରରେ ବ୍ୟବହୃତ ହେଉଥିଲା ଏବଂ ଲୋକ ମଧ୍ୟ ସେ ଶବ୍ଦମାନଙ୍କ ସହ ପରିଚିତ ଥିଲେ । ସେ ଶବ୍ଦମାନଙ୍କୁ ମଧ୍ୟ ସେ ଗୀତ ରଚନାରେ ବ୍ୟବହାର କରିଛନ୍ତି ଏବଂ ତାକୁ ଏଭଳି ଭାବରେ ବ୍ୟବହାର କରିଛନ୍ତି ତାହା ଭାବକୁ ବ୍ୟକ୍ତ କରିବା ପାଇଁ ପୂରାପୂରି ବ୍ୟାପିଯାଇଛି । ଖୁବ୍ ଅଦ୍‌ଭୁତ ଏ କୌଶଳ ଏବଂ ଦକ୍ଷତା ।

କବିସୂର୍ଯ୍ୟଙ୍କ ଶ୍ରେଷ୍ଠ ରଚନା ଭାବରେ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ'କୁ ଗ୍ରହଣ କରାଯାଏ । ଏମିତିରେ ଦେଖିଲେ ରାଧାକୃଷ୍ଣ ପ୍ରେମ ବିଷୟକ କେତେକ ଗୀତର ସମାହାର ଇଏ । ତେବେ ଏହାର ବିଶେଷତ୍ୱ ହେଉଛି ଏହାର ପରିକଳ୍ପନାରେ ଅଭିନବତା । ରାଧାକୃଷ୍ଣ ପ୍ରେମ ଏବଂ ମିଳନ ପ୍ରସଙ୍ଗ ଆଗରୁ ବି ବର୍ଣ୍ଣିତ ହୋଇଛି । କିନ୍ତୁ କବିସୂର୍ଯ୍ୟଙ୍କ ରଚନାଟି ଅନ୍ୟ ରଚନାମାନଙ୍କଠାରୁ ପୂରାପୂରି ବାଟ ଭାଙ୍ଗି ଯାଇଛି । ଏହା ପ୍ରକୃତରେ ଗୀତ ଆକରରେ ରଚିତ ଗୋଟିଏ ନାଟକ । ଚରିତ୍ର ତିନୋଟି : କୃଷ୍ଣ, ରାଧା, ଲଳିତା । କୃଷ୍ଣ ପ୍ରେମିକ, ରାଧା ପ୍ରେମାସ୍ପଦା, ଲଳିତା ସଖୀ । ପୂର୍ବ ରାଗ, ମାନ, ଅଭିମାନ, ବିରହ ଇତ୍ୟାଦି ବାଟ ଦେଇ ମିଳନ କରାଇବାକୁ ହେବ । ଏଥିପାଇଁ କବିଙ୍କୁ ମିଳିଛି ତିନୋଟି ଚରିତ୍ର । 'କ' ଠାରୁ 'କ୍ଷ'- ମାତ୍ର ଛତିଶି ଗୋଟି ଗୀତ । ଯାହା

କରିବେ ଯାଗି ଭିତରେ । ରାଧା କୃଷ୍ଣ ପରସ୍ପରକୁ ଦେଖିବେ, ମିଳନ ପାଇଁ ସେମାନଙ୍କ ଇଚ୍ଛା ଜାଗିବ, ଏହା ଆଦୌ ସହଜ ସମ୍ଭବ ନୁହେଁ ବୋଲି ତାଙ୍କୁ କୁହାଯିବ, ସେମାନଙ୍କ ଭିତରେ ବ୍ୟାକୁଳତା ବିପୁଳ ହେବ । ଉଭୟଙ୍କ ଭିତରେ ଗୋଟିଏ ବ୍ୟବଧାନ ଠିଆ କରେଇ ପରସ୍ପର ଏଥିପାଇଁ ରାଜି ହେଉ ନାହାନ୍ତି ବୋଲି ତାଙ୍କୁ କୁହାଯାଉଥିବ ଏବଂ ଏହାରି ଭିତରେ ସତରେ ସେମାନେ ପରସ୍ପରକୁ କେତେ ନିବିଡ଼ ଭାବରେ ଚାହୁଁଛନ୍ତି ତାର ବି ପରୀକ୍ଷା ହେଇଯିବ, ଏଭଳି ଗୋଟିଏ ପ୍ରକ୍ରିୟା ଚାଲିଥିବା ବେଳେ ଯେତେବେଳେ ଉଭୟେ ଏକ ଆଶାଛଡ଼ା ଅବସ୍ଥାରେ ପହଞ୍ଚିଥିବେ, ସେତେବେଳେ ବ୍ୟବଧାନଟି ହଟିଯିବ ଏବଂ ମିଳନର ଆନନ୍ଦରେ ଫାଟି ପଡ଼ିବେ ଦିହେଁ । କବିସୂର୍ଯ୍ୟଙ୍କ ଏଇ ପରିକଳ୍ପନା ଏବଂ ଗଠନଟି ଏକାନ୍ତ ଅପୂର୍ବ ଏବଂ ମନୋମୁଗ୍ଧକର । ଗୀତ ରଚନା ଏବଂ ସଙ୍ଗୀତ ତ ଅତି ମଧୁର । ଏଥିନେଇ ଏଭଳି ରଚନା ତୁଙ୍ଗିମା ଛୁଇଁବା ଧାର୍ଯ୍ୟ । ତାହା ହିଁ ଘଟିଛି ଚମ୍ପୂ ରଚନା କ୍ଷେତ୍ରରେ । ଏହି କାରଣରୁ ମଧ୍ୟଯୁଗୀୟ ରଚନାମାନଙ୍କ ଭିତରୁ କବିସୂର୍ଯ୍ୟଙ୍କ ଚମ୍ପୂ ଯେତେ ଲୋକାଦର ଲାଭ କରିଛି, ତାହା ଓଡ଼ିଆ ସାହିତ୍ୟର ଅନ୍ୟ ରଚନା ଭାଗ୍ୟରେ ଜୁଟି ନାହିଁ ।

କବିସୂର୍ଯ୍ୟଙ୍କ ଅନ୍ୟ ରଚନାମାନଙ୍କ ମଧ୍ୟରେ 'ରତ୍ନାକର ଚମ୍ପୂ', 'ପ୍ରେମୋଦୟ ଚମ୍ପୂ', 'ଚନ୍ଦ୍ରକଳା' କାବ୍ୟ, ଶତାଧିକ ଚଉତିଶା, ଚଉପଦୀ, ଜଣାଣ, ଭଜନ, 'ହାସ୍ୟକଲ୍ଲୋଳ' ଗଦ୍ୟ ରଚନା ଉଲ୍ଲେଖଯୋଗ୍ୟ । ଆଠଗଡ଼ ରାଜାଙ୍କ ପିଠିରେ ହୋଇଥିବା ବ୍ରଣଟି ନ ଫାଟି ରାଜା କଷ୍ଟ ପାଉଥିବାରୁ ଅତ୍ୟଧିକ ହସେଇ ହସେଇ ତାକୁ ଫଟାଇବାପାଇଁ କବିସୂର୍ଯ୍ୟ 'ହାସ୍ୟ କଲ୍ଲୋଳ' ରଚନା କରିଥିବା ଶୁଣାଯାଏ । ଆହୁରି ଶୁଣାଯାଏ ଏହାକୁ ଶୁଣି ରାଜା ଏତେ ଜୋରରେ ହସିଥିଲେ ଯେ ତାଙ୍କ ପିଠିର ବ୍ରଣଟି ଫାଟି ଯାଇଥିଲା ଏବଂ ସେ ଯନ୍ତ୍ରଣାମୁକ୍ତ ହୋଇଥିଲେ । ଉଦାହରଣ ସ୍ୱରୂପ "ସେ ଦେଶର ସଂସାରୀମାନଙ୍କ ବଡ଼ ମରଜି । କେତେ କହିବା ଗରଜି ଗରଜି । ସ୍ତ୍ରୀ-ପୁରୁଷ ଯୋଡ଼ିଏ ଜାତି । ବାଟେଘାଟେ ଯେବେ ଭେଟାଭେଟି ହୋନ୍ତି । ପୂର୍ବ ପରିଚୟ ନୋହେ କାହାର କେହି । ମୁଲାକାତ ହୋଏ କ୍ଷଣେ ସମ୍ଭାଷଣା ଏହି ତୁମ୍ଭେ କିଏ ସେ ? ନା ତୁମ୍ଭେ କିଏ ସେ ? ନା ଆମ୍ଭେ ପୁରୁଷ । ନା ଆମ୍ଭେ ସ୍ତ୍ରୀ । ତୁମ୍ଭେ ତ ପୁରୁଷ ଆମ୍ଭେ ତ ସ୍ତ୍ରୀ । ତୁମ୍ଭେ ଆମ୍ଭେ ସଙ୍ଗ ହେବା କି ? ଭଇଁଚ ଲଟାକୁ ଯିବା କି ?" ଇତ୍ୟାଦି । ଏବେ ପାଠ କଲେ ମଧ ହସ ସମ୍ଭରଣ କରିହୁଏ ନାହିଁ । ସମ୍ଭବ ମନେ ହଉଚି ଏଭଳି ହାସ୍ୟ ଉଦ୍ରେକକାରୀ ଲମ୍ବା ରଚନାକୁ ଶୁଣି ଶୁଣି ରାଜା ଖୁବ୍ ହସିଥିବେ ଏବଂ ତାଙ୍କ ପିଠି ବ୍ରଣ ଫାଟି ଯାଇଥିବ । ଶରୀର ଚିକିତ୍ସାରେ ହସର ଏଭଳି ପ୍ରୟୋଗ ଅଭିନବ ।

କବିସୂର୍ଯ୍ୟ ଆଉ ଯେଉଁ ଦିଗଟି ପାଇଁ ଲୋକପ୍ରିୟ, ତାହା ତାଙ୍କର ଭଜନ, ଜଣାଣ ଏବଂ ଚଉପଦୀ ସମୂହ । ସର୍ପ ଜଣାଣ 'ବାଧିଲା ଜାଣି କ୍ଷମା', ଜଗନ୍ନାଥ ଜଣାଣ 'କ୍ଷୀରମୟ ସିନ୍ଧୁ ଜେମା ଜୀବବନ୍ଧୁ' ଇତ୍ୟାଦି ରଚନାଗୁଡ଼ିକ ଉତ୍କଳୀୟ ଜନତାଙ୍କ ମୁହଁରେ ଲିପିବଦ୍ଧ ହେଲାଭଳି ରହିଯାଇଛି । ଏହା ସହିତ 'ଘଞ୍ଚାଁରେ ବିଧୁବନ କେଳି କୁଶଳାକୁ', 'ଦୋଷ ବିନା ମୋ ନବୀନା', 'ବନ୍ଧୁ କି କଲି ଦୁର୍ବିପରକୁ ରେ', 'ବାରିଜାକ୍ଷୀ ମନରୁ ମନ ମାରିଦେ ରେ', 'ମାନସୁମନା କରିଦେ ମାନସୁ ମନା', 'ଆଜ ଏକ ଗୁମାନରେ ଚନ୍ଦ୍ରାନନା', 'ଯେବେ ନବଘନ ଶ୍ୟାମ ବଂଶୀ ସ୍ୱନ', 'ରାତି ପାହିଗଲାରେ ହାତୀ'- ଇତ୍ୟାଦି ଗୀତଗୁଡ଼ିକ ସାରା ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଲୋକଙ୍କ ମୁହଁରୁ ଶୁଣିବାକୁ ମିଳେ । ଏଗୁଡ଼ିକ ଭିତରେ ସାହିତ୍ୟ, ସଙ୍ଗୀତ, ରସିକତା, ଭାଷା-ସାରଲ୍ୟ ଏବଂ ମାଦକତାକୁ ଏକାଧାରରେ ପାଇଥିବାରୁ ବିଭିନ୍ନ ଲୋକ କଳାକାରମାନେ ପୁର ଠାରୁ ପଲ୍ଲୀ ପର୍ଯ୍ୟନ୍ତ ଏଗୁଡ଼ିକୁ ଏବେବି ଲୋକଙ୍କ ଆଗରେ ପରିବେଷଣ କରୁଛନ୍ତି ।

କବିସୂର୍ଯ୍ୟ ବଳଦେବ ରଥ ସମଗ୍ର ଓଡ଼ିଆ ଜାତି ପାଖରେ ଯେଉଁ କେତୋଟି ପ୍ରମୁଖ ଅବଦାନ ପାଇଁ ସ୍ମରଣୀୟ ରହିବେ, ତାହା ହେଲା ଓଡ଼ିଆ କବିତାକୁ ଆଧୁନିକ ଯୁଗ ଆଡ଼କୁ ବାଟ ଦେଖାଇବା, ଓଡ଼ିଆ କଥିତ ଭାଷାକୁ କାବ୍ୟିକ ମର୍ଯ୍ୟାଦା ମଣ୍ଡିତ କରିବା, ଓଡ଼ିଆ ଭାଷାକୁ ସଂସ୍କୃତ ପ୍ରଭାବରୁ ମୁକ୍ତ କରି ତଦ୍‌ଭବ, ଦେଶଜ ଏବଂ ବୈଦେଶିକ ଭାଷାର ସମନ୍ୱୟରେ ସାହିତ୍ୟ ରଚନା କରିବା, କାବ୍ୟ ଧାରାରୁ ଗୀତି କବିତାର ଧାରା ସୃଷ୍ଟି କରିବା, କବିତାକୁ ବ୍ୟାପକ ଭାବରେ ଲୋକମୁଖୀ କରିବା, ସାଧାରଣ ସର୍ବଜନ ବୋଧ ଭାଷାରେ ସୁନ୍ଦର ରସପୂର୍ଣ୍ଣ କବିତା ରଚନା କରାଯାଇ ପାରିବାର ପ୍ରତ୍ୟୟ ସୃଷ୍ଟି କରିବା । ନିଜର ପ୍ରଚଣ୍ଡ ପ୍ରତିଭା ବଳରେ କବିସୂର୍ଯ୍ୟ ଏ ସବୁଗୁଡ଼ିକ ସଫଳତାର ସହ ସାଧନ କରିଥିଲେ । ସେଥିପାଇଁ କବିବର ରାଧାନାଥ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦେଇ 'ଚିଲିକା' କାବ୍ୟରେ ଲେଖିଛନ୍ତି-

"ଧନ୍ୟ ରଥେ ତୁମ୍ଭ ଜନ୍ମ ଶୁଭକ୍ଷଣେ
ମୃତ୍ୟୁଞ୍ଜୟୀ ତୁମେ ଉତ୍କଳ ଭୁବନେ ।
ତୁମ୍ଭ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ୍ ।"

ଆକାଶବାଣୀ, କଟକ



ଓଡ଼ିଆ ଭାଷା ଓ ଓଡ଼ିଶା ମାଟିର ସମର୍ଥ ସନ୍ତାନ : ଫକୀରମୋହନ

ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ

ଫକୀରମୋହନ ସେନାପତି (୧୮୪୩-୧୯୧୮) ପ୍ରତିକୂଳ ପରିସ୍ଥିତି ବିରୋଧରେ ସଂଗ୍ରାମ କରି ନିଜର ବ୍ୟକ୍ତିତ୍ୱ ନିର୍ମାଣ କରିଥିଲେ । ସେ ଥିଲେ ଦେଶ ଓ ଭାଷା ପ୍ରତି ଉତ୍ସର୍ଗୀକୃତ ଏକ ପବିତ୍ର ଆତ୍ମା । ବାଲ୍ୟ କାଳରେ ହରାଇଥିଲେ ନିଜର ପିତା ଓ ମାତାଙ୍କୁ, ଯୌବନରେ ହରାଇଥିଲେ ପ୍ରଥମା ପତ୍ନୀଙ୍କୁ ଓ ବାର୍ଦ୍ଧକ୍ୟରେ ହରାଇଥିଲେ ତାଙ୍କ ଆଦରର ଦ୍ୱିତୀୟା ପତ୍ନୀ କୃଷ୍ଣାକୁମାରୀଙ୍କୁ । ଯେପରି ନିଃସଙ୍ଗ ଜୀବନ ଥିଲା ତାଙ୍କ ପାଇଁ ଅଭିପ୍ରେତ । ଅଝାଳ ସିଲାଇଠାରୁ ଆରମ୍ଭ କରି ଶିକ୍ଷକତା ଓ ପରେ ପରେ ପ୍ରଶାସକ ଜୀବନ ତାଙ୍କୁ ବିଭିନ୍ନ ମଣିଷ ଚିହ୍ନାଇବାରେ ବେଶ୍ ସହାୟତା କରିଥିଲା । ସେ ଜନ୍ମ ନେଇଥିଲେ ପରାଧୀନ ଭାରତରେ ଏବଂ ତାଙ୍କର ମହାପ୍ରୟାଣ ମଧ୍ୟ ସେହି ପରାଧୀନ ଭାରତବର୍ଷରେ । ପରାଧୀନ ଭାରତବର୍ଷର ଖଣ୍ଡବିଖଣ୍ଡିତ ଓଡ଼ିଶା ଥିଲା ତାଙ୍କର ଜନ୍ମଭୂମି । ଇଂରେଜ ପ୍ରଶାସକଙ୍କ ନିକଟରେ ସେ ପ୍ରିୟପାତ୍ର ହୋଇପାରିଥିଲେ ନିଜର ଗଭୀର ନିଷ୍ଠା, କର୍ତ୍ତବ୍ୟପରାୟଣତା ଏବଂ ପାଣ୍ଡିତ୍ୟ ଯୋଗୁଁ । ନିଜର ମାଟି ଓ ଭାଷା ପ୍ରତି ଥିଲା ତାଙ୍କର ନିଃସର୍ତ୍ତ ଭଲପାଇବା ପଣ । ଯେତେବେଳେ ଓଡ଼ିଶାର ମାଟି ଓ ଭାଷାପ୍ରତି ବିପଦ ଆସିଛି, ସେତେବେଳେ ସେ ସେନାପତି ପରି ସମ୍ମୁଖ ଯୁଦ୍ଧକୁ ଲମ୍ଫ ପ୍ରଦାନ କରିଛନ୍ତି ।

ଫକୀରମୋହନଙ୍କ ଜୀବନ, ଅଧ୍ୟବସାୟ ଓ କାର୍ଯ୍ୟ ଦକ୍ଷତା ସ୍ୱତନ୍ତ୍ର ଇତିହାସକୁ ଅପେକ୍ଷା ରଖେ । ଜଣେ ଜୀବନବାଦୀ ଶିଳ୍ପୀ, ଦେଶଭକ୍ତ ଏବଂ ମାତୃଭାଷାର ସୁଯୋଗ୍ୟ ସନ୍ତାନଭାବରେ ସେ ଯେଉଁ ପରିଚୟ ଛାଡ଼ି ଯାଇଛନ୍ତି, ଏବେବି ତାହା ଅନୁକରଣୀୟ । ଶେଷ ପର୍ଯ୍ୟନ୍ତ ସ୍ୱାଭିମାନକୁ ନେଇ ବଞ୍ଚିଛନ୍ତି, ଓଡ଼ିଆ ଭାଷା ଓ ମାଟିକୁ ନେଇ ଗର୍ବ କରିଛନ୍ତି । ଜଣେ ଖାଣ୍ଟି ଓଡ଼ିଆ ଭାବେ ନିଜକୁ ପରିଚିତ କରାଇବାରେ ସେ ଯେପରି ଗର୍ବ ଅନୁଭବ କରିଛନ୍ତି, କ୍ୱଚିତ୍ ଓଡ଼ିଆଙ୍କ ନିକଟରେ ତାହା ଦେଖିବାକୁ ମିଳିଥାଏ ।

ଫକୀରମୋହନଙ୍କ ଆତ୍ମଚରିତ, ବିଶେଷତଃ ତାଙ୍କ ବିଭିନ୍ନ ପ୍ରବନ୍ଧ ଓ ସାମୟିକ ଭାବରେ ଉତ୍କଳ ସାହିତ୍ୟ ସମାଜ ଏବଂ ଉତ୍କଳ ସମ୍ମିଳନୀରେ ବିଭିନ୍ନ ସମୟରେ ପ୍ରଦତ୍ତ ଅଭିଭାଷଣରୁ ତାଙ୍କର ମାଟି, ମା' ଓ ଭାଷାପ୍ରତି ରହିଥିବା ନିବିଡ଼ ଭଲ ପାଇବାର ପ୍ରମାଣ ମିଳିଥାଏ । ଓଡ଼ିଆ ଭାଷାର ଭବିଷ୍ୟତକୁ ନେଇ ସେତେବେଳେ ଯେଉଁ ତର୍କ-ବିତର୍କ ଆରମ୍ଭ ହୋଇଥିଲା, ଫକୀରମୋହନ ତାଙ୍କର ଆତ୍ମଚରିତ ତଥା କେତୋଟି ଲିଖିତ ଓ ମୌଖିକ ଅଭିଭାଷଣରେ ତାହା ଉଲ୍ଲେଖ କରିଛନ୍ତି ।

ପଣ୍ଡିତ ସଦାଶିବ ନନ୍ଦଙ୍କ ଅବସର ଗ୍ରହଣ ପରେ ବାଲେଶ୍ୱର ସରକାରୀ ବିଦ୍ୟାଳୟରେ ଓଡ଼ିଆ ଓ ସଂସ୍କୃତ ପଢ଼ାଇବା ପାଇଁ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ତାଙ୍କ ସ୍ଥାନରେ ଯୋଗ ଦେଉ ଦେଉ ଉତ୍କଳ ଭାଷାକୁ ଏକାବେଳେକେ ଓଡ଼ିଶାରୁ ଉଠାଇଦେବାର ଚକ୍ରାନ୍ତରେ ଲାଗିପଡ଼ିଲେ । ଅସାର ଯୁକ୍ତିପୂର୍ଣ୍ଣ ଖଣ୍ଡିଏ ପୁସ୍ତକ ଲେଖିଲେ, ତାହାର ନାମ 'ଉଡ଼ିଆ ସ୍ୱତନ୍ତ୍ର ଭାଷା ନୟ' ଏବଂ ତାହା ୧୮୭୦ ମସିହା ଜାନୁଆରୀ ମାସରେ ପ୍ରକାଶ ପାଇଥିଲା । ଏହା ବଙ୍ଗ ଭାଷାର କଦର୍ଯ୍ୟ ଅପଭ୍ରଂଶ ମାତ୍ର, ଅର୍ଥାତ୍ ବଙ୍ଗଭାଷାର କେତେଗୁଡ଼ିଏ କଦର୍ଯ୍ୟ ଜଙ୍ଗଲୀ ଭାଷା ମିଶି ଓଡ଼ିଆ ରୂପେ ପରିଣତ ହୋଇଅଛି । ଏହାକୁ ଏକାବେଳେକେ ଓଡ଼ିଶାରୁ ଉଠାଇଦେବା ଉଚିତ । ସେହି ସମୟରେ କାର୍ଯ୍ୟ ଉପଲକ୍ଷରେ ଉତ୍କଳରେ ବାସ କରୁଥିବା ସମସ୍ତ ବଙ୍ଗବାସୀ କାନ୍ତି ବାବୁଙ୍କର ପୃଷ୍ଠପୋଷକତା କରିବାକୁ ଲାଗିଲେ । ବାଲେଶ୍ୱରବାସୀ କେତେଜଣ ଯୁବକ ମାତୃଭାଷା ରକ୍ଷା ନିମନ୍ତେ ଭୟଙ୍କର ଆନ୍ଦୋଳନ କରିବାକୁ ଲାଗିଲେ । କଟକର 'ଉତ୍କଳ ଦୀପିକା' ସେହି ସମୟରେ ଆପଣା କର୍ତ୍ତବ୍ୟ କର୍ମ ସାଧନାରେ ତ୍ରୁଟି କରି ନ ଥିଲା । ଆନ୍ଦୋଳନ କ୍ରମଶଃ ବୃଦ୍ଧିପ୍ରାପ୍ତ ହୋଇ ରାଜପୁରୁଷମାନଙ୍କ କର୍ଣ୍ଣଗୋଚର ହେଲା । ଉତ୍କଳର ତାତ୍କାଳିକ କମିଶନର ମହାମତି ରେଭେନେ୍ସା ଏବଂ ବାଲେଶ୍ୱର ଜିଲ୍ଲାର କଲେକ୍ଟର ଭାଷାତତ୍ତ୍ୱବିତ୍ ଶ୍ରୀଯୁକ୍ତ ବୀମ୍ସ ସାହେବ ମହୋଦୟମାନଙ୍କ ଆଦେଶରେ ଉତ୍କଳ ବିଦ୍ୟାଳୟମାନଙ୍କରୁ ବଙ୍ଗଭାଷା ଏକାବେଳକେ ବିଦାୟ ପ୍ରାପ୍ତ ହେଲା । ଉତ୍କଳ-ଭାଷା ଇତିହାସର ଏହା ଗୋଟିଏ ବିଶେଷ ଘଟଣା ଅଟେ । ଉତ୍କଳବାସୀମାନେ ଚିରକାଳ ଏହି ମହାତ୍ମାମାନଙ୍କ ନାମ ସ୍ମରଣ କରିବେ ।

ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ପାଇଁ ସେ ନିଜ ବନ୍ଧୁମାନଙ୍କ ସହଯୋଗରେ ଗଠନ କରିଥିଲେ ୧୮୬୬ରେ 'ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସମାଜ' । ଓଡ଼ିଆ ଭାଷାକୁ ନେଇ ଯେତେବେଳେ ଆନ୍ଦୋଳନ ମୁଣ୍ଡ ଟେକିଛି, ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଫକୀରମୋହନ ଠିଆ ହୋଇଛନ୍ତି ସେନାପତି ପରି ।

ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ପାଇଁ ଛାପା ପୁସ୍ତକର ମହତ୍ତ୍ୱ ସେ ଉପଲବ୍ଧି କରିଥିବାରୁ ବନ୍ଧୁମାନଙ୍କ ସହଯୋଗରେ ବାଲେଶ୍ୱରରେ ଗୋଟିଏ ଛାପାକଳ ପ୍ରତଷ୍ଠା ପାଇଁ ଚେଷ୍ଟା କରିଥିଲେ । ପ୍ରେସ୍ ସ୍ଥାପନା ନିମିତ୍ତ ବହୁ କଷ୍ଟରେ ବିଭିନ୍ନ ବ୍ୟକ୍ତିଙ୍କଠାରୁ ସଂଗୃହୀତ ଅର୍ଥ ନିଜ ନାମରେ ନ ରଖି ଅନ୍ୟତମ ବନ୍ଧୁ ଦାମୋଦର ପ୍ରସାଦ ଦାସଙ୍କ ନାମାନୁଯାୟୀ 'ଡି.ପି.ଦାସ ଏଣ୍ଡ କୋଃ' ନାମରେ ରଖାଯାଇଥିଲା । ମାତ୍ର କିଛି ଦିନ ପରେ ଦେଖାଗଲା ସେ ଟଙ୍କା କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଛି । ଶେଷରେ ସେ ନିଜ ଚେଷ୍ଟାରେ ପି.ଏମ୍. ସେନାପତି ଏଣ୍ଡ କୋଃ ପ୍ରତିଷ୍ଠା କରନ୍ତି । ତାହା ଆନୁକୂଲ୍ୟରେ ବିଭିନ୍ନ ବ୍ୟକ୍ତିଙ୍କ ସହାୟତାରେ ସ୍ଥାପିତ ହୁଏ 'ବାଲେଶ୍ୱର ଉତ୍କଳ ପ୍ରେସ୍' । ପ୍ରେସ୍ କାର୍ଯ୍ୟ ସମ୍ପର୍କରେ ଜାଣିବାପାଇଁ ନିଜ ଖର୍ଚ୍ଚରେ ମାତୁଳପୁତ୍ର ଜଗନ୍ନାଥକୁ କଲିକତା ପଠାଇଥିଲେ ବର୍ଷକ ପାଇଁ । ଶେଷରେ ସେ ଯେଉଁ ପ୍ରେସ୍‌ଟିଏ (ମେସିନ୍) ଆଣିଥିଲେ, ତାହା କୌଣସି କାର୍ଯ୍ୟରେ ଲାଗି ନ ଥିଲା । ଲୋକମାନଙ୍କ ପାଖରୁ ସମାଲୋଚିତ ହେବା ପୂର୍ବରୁ ପୁଣି ସେ ଧାର କରଜ କରି କଲିକତାରୁ ନୂଆ ମେସିନ୍‌ଟିଏ ଧରି ଆସିଥିଲେ ଏବଂ ତାହାପରେ ପ୍ରେସ୍ କାର୍ଯ୍ୟ ଯଥାନୁରୂପ ଚାଲିଥିଲା । ପ୍ରେସ୍ ସ୍ଥାପନ ପରେ ଓଡ଼ିଆ ଭାଷା ଓ ସାହିତ୍ୟ ତଥା ଓଡ଼ିଆମାନଙ୍କ ମନରେ ରାଜନୀତିକ ଚେତନା ଜାଗ୍ରତ ଉଦ୍ଦେଶ୍ୟରେ ଗୋଟିଏ ପତ୍ରିକା ପ୍ରକାଶ କିରବାକୁ ସ୍ଥିର କରିଥିଲେ । ଏ ସମ୍ପର୍କରେ ସେ ତାଙ୍କ 'ଆତ୍ମଚରିତ'ରେ କୁହନ୍ତି "ଆମ୍ଭମାନଙ୍କ ପ୍ରେସ୍‌ରୁ ଖଣ୍ଡିଏ ପାକ୍ଷିକ ପତ୍ରିକା ବାହାର କରାଯିବା ସକାଶେ କୋମ୍ପାନିର କାର୍ଯ୍ୟନିର୍ବାହିକା ସମିତି ପ୍ରସ୍ତାବ ଏବଂ ସ୍ଥିର କଲେ । ତଦନୁସାରେ 'ବୋଧଦାୟିନୀ ଏବଂ ବାଲେଶ୍ୱର ସମ୍ବାଦ ବାହିକା' ନାମରେ ଖଣ୍ଡିଏ ପତ୍ରିକା ପ୍ରକାଶିତ ହେଲା । ବୋଧଦାୟିନୀ ଅଂଶ ସାହିତ୍ୟ ବିଷୟକ ଏବଂ ବାଲେଶ୍ୱର ସମ୍ବାଦ ବାହିକା ଅଂଶ ସମ୍ବାଦ ପ୍ରଚ୍ଛର ବିଷୟକ ।' (ସଂ-ଦାଶ, ଦେବେନ୍ଦ୍ର କୁମାର, ପୃ-୭୫) ପତ୍ରିକାଟି ଫକୀରମୋହନଙ୍କ ସମ୍ପାଦନାରେ ୧୮୬୮ ମସିହା ଅଗଷ୍ଟ ମାସରେ ପ୍ରକାଶ ପାଇଥିଲା ।

ଓଡ଼ିଆ ଭାଷାରେ ଉପଯୁକ୍ତ ପାଠ୍ୟ ପୁସ୍ତକର ଅଭାବ- ଏହା ଥିଲା ଓଡ଼ିଆ ଭାଷା ବିରୋଧରେ ବଙ୍ଗାଳୀମାନଙ୍କର ପ୍ରଥମ ଅଭିଯୋଗ । ଏହାର ଯଥାର୍ଥ ଉତ୍ତର ଫକୀରମୋହନ ତାଙ୍କର କାର୍ଯ୍ୟଦ୍ୱାରା ଦେଇପାରିଥିଲେ । ସେ 'ଆତ୍ମଚରିତ'ରେ ଲେଖିଛନ୍ତି- "ସେ ସମୟରେ ଉତ୍କଳ ଭାଷାର ଉନ୍ନତି ସାଧନ ମୋର ଏକମାତ୍ର ଲକ୍ଷ୍ୟ ଥିଲା । ଅନ୍ୟାନ୍ୟ କାର୍ଯ୍ୟରେ ନିଯୁକ୍ତ ଥାଇ ମଧ୍ୟ କେବଳ ସେହି ବିଷୟ ମନ ମଧ୍ୟରେ ଚିନ୍ତା କରୁଥାଏ । ବଙ୍ଗ ଭାଷାରେ ଦିନକୁ ଦିନ ଯେପରି ନୂତନ ନୂତନ ପୁସ୍ତକମାନ ପ୍ରକାଶିତ ହେଉଅଛି, କି ଉପାୟରେ ଉତ୍କଳ ଭାଷାରେ ସେହିପରି ପୁସ୍ତକ ବାହାରିବ,

ଏହାହିଁ ଉଦ୍ଦେଶ୍ୟ । ମାତ୍ର ଲେଖକ କାହାନ୍ତି ? ମୁଁ କ'ଣ ଲେଖିପାରିବି ନାହିଁ । ସମୟ ସମୟରେ ବଙ୍ଗଳା ସୋମ ପ୍ରକାଶରେ କିଛି କିଛି ଲେଖୁଥିଲି । ମୋ ପ୍ରେରିତ ପତ୍ରଗୁଡ଼ିକ ସମ୍ପାଦକ ଛପାଇ ଦେବାକୁ ଲେଖିବାରୁ ସାହସ ଏବଂ ଉତ୍ସାହ ଜାତ ହେଲା × × × ସମୟ ପାଇଲେ କିଛି ହେଲେ ଗୋଟିଏ ରଚନା କରି ପକାଏଁ । ସେଗୁଡ଼ାକ ଭୂତ କି ପ୍ରେତ କ'ଣ ହେଉଥାଏ, ମନରେ ନାହିଁ । ଏହିପରି ଲେଖୁ ଲେଖୁ ଗଦ୍ୟରେ ଖଣ୍ଡିଏ ପୁସ୍ତକ ଲେଖିପକାଇଲି- ତାହାର ନାମ ଦେଲି ରାଜପୁତ୍ର ଇତିହାସ । ବନ୍ଧୁମାନଙ୍କୁ ଦେଖାଇଲି । ସେମାନେ ପଢ଼ି ଆନନ୍ଦିତ ହେଲେ । ସବୁ ତ ହେଲା, ଏବେ ତାହା କିପରି ଛପା ହେବ, ଏହାହିଁ ଭାବନା । ଉତ୍କଳର ଏକମାତ୍ର ପତିତପାବନ କଟକ ମିଶନ ପ୍ରେସ୍ । ପୁସ୍ତକ ଛାପାର ଖର୍ଚ୍ଚ ବିଷୟ ପଚାରି ଉତ୍ତର ପାଇଲି, ଫର୍ମାକୁ ତିରିଶ ଟଙ୍କା । ହିସାବ କରି ଦେଖିଲି, ମୋ ପୁସ୍ତକ ଖଣ୍ଡିକ ଛପାଇବାକୁ ତିନିଶତ ଟଙ୍କା ଲୋଡ଼ା । ହରିବୋଲ ହରି ! ତିନିଶତ ଟଙ୍କା କାହିଁ, ମୁଁ କାହିଁ ? ସେ ପର୍ଯ୍ୟନ୍ତ ଶଏ ଟଙ୍କା ଏକସଙ୍ଗରେ ହାତରେ ଧରିନାହିଁ × × × ପୁସ୍ତକ ଛପା ସମ୍ବନ୍ଧରେ ଏକାବେଳକେ ନିରାଶ ହୋଇପଡ଼ିଲି । ମୋ ଉଦାସୀନତା ଓ ଅଯତ୍ନ ଦେଖି ରାଜପୁତ୍ର ଇତିହାସ ମଧ୍ୟ କାହିଁ ଉଭେଇଗଲା । ମାତ୍ର ଲେଖାରୁ ବିରତ ହେଲିନାହିଁ × × × ବଙ୍ଗାଳି ବାବୁମାନଙ୍କ ବିଦ୍ରୂପ ଏଣିକି ଅସହ୍ୟ ହୋଇପଡ଼ିଲାଣି, ସ୍ଥିର ହୋଇ ରହିପାରୁ ନାହିଁ । ପୂଜ୍ୟପାଦ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ମହୋଦୟଙ୍କ ଆଦେଶରେ ତାହାଙ୍କ ରଚିତ ବଙ୍ଗଳା ଜୀବନ ଚରିତ ଖଣ୍ଡିକ ଉତ୍କଳ ଭାଷାରେ ଅନୁବାଦ କରି କଲିକତା ବ୍ୟାପ୍‌ଟିଷ୍ଟ ମିଶନ୍ ପ୍ରେସ୍‌ରୁ ଛପାଇ ଆଣିଲି । ଛାତ୍ରବୃତ୍ତି ପରୀକ୍ଷାରେ ହିତୋପଦେଶ ସହିତ ହୋଇ 'ଜୀବନ ଚରିତ' ପାଠ୍ୟ ପୁସ୍ତକ ରୂପେ ନିରୂପିତ ହେଲା । ତହିଁ ଉତ୍ତାରେ ଖଣ୍ଡିଏ କ୍ଷୁଦ୍ର ବ୍ୟାକରଣ ଏବଂ ଖଣ୍ଡିଏ କ୍ଷୁଦ୍ର ଅଙ୍କ ପୁସ୍ତକ ଲେଖିଲି । ସେ ଦୁଇଖଣ୍ଡ ମଧ୍ୟ ସ୍କୁଲମାନଙ୍କରେ ପଢ଼ା ହେବାକୁ ଲାଗିଲା ।" (ପୃ-୫୯-୬୦) ଫକୀରମୋହନ ୧୮୬୫ ମସିହାରେ ରଚନା କରିଥିଲେ ରାଜପୁତ୍ରର ଇତିହାସ; ୧୮୬୬ ମସିହାରେ ଈଶ୍ୱରଚନ୍ଦ୍ରଙ୍କ ଜୀବନ ଚରିତ ଅନୁବାଦ କରିଥିଲେ, ଉତ୍କଳ ସରଳ ବ୍ୟାକରଣ ମଧ୍ୟ ସେହି ୧୮୬୬ରେ ରଚନା କରାଯାଇଥିଲା । ସେ ଯେଉଁ ଭାରତବର୍ଷର ଇତିହାସ ରଚନା କରିଥିଲେ, ତାହା ଉତ୍କଳର ଛାତ୍ରବୃତ୍ତି ପରୀକ୍ଷାରେ ପାଠ୍ୟପୁସ୍ତକ ରୂପେ ନିର୍ବାଚିତ ହୋଇଥିଲା । ଏଥିପାଇଁ ସ୍କୁଲ ଇନିସ୍‌ପେକ୍ଟର ସାତଶହ ଟଙ୍କା ଏବଂ ଓଡ଼ିଶା କମିଶନର ରେଭେନ୍‌ସା ସାହେବ ତିନିଶ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ଭାରତବର୍ଷର ଇତିହାସ ପ୍ରଥମ ଭାଗ ୧୮୬୯ ମସିହାରେ ଏବଂ ଦ୍ୱିତୀୟ ଭାଗ ୧୮୭୦ ମସିହାରେ ପ୍ରକାଶ ପାଇଥିଲା ।

ଭାଷାର ବହୁଳ ପ୍ରଚାର ପାଇଁ ମଫସଲମାନଙ୍କରେ ସ୍କୁଲ ସ୍ଥାପନାର ଆବଶ୍ୟକତା ଫକୀରମୋହନ ଅନୁଭବ କରିଥିଲେ । ତାଙ୍କ 'ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସମାଜ' ନିଷ୍ପତ୍ତି ନେଇଥିଲା ପ୍ରତ୍ୟେକ ବଡ଼ ବଡ଼ ଗ୍ରାମରେ ସ୍କୁଲ ସ୍ଥାପନା ପାଇଁ । ପ୍ରଥମେ ସେମାନେ ରେମୁଣାରେ ସ୍କୁଲ ସ୍ଥାପନା ନିମିତ୍ତ ସ୍କୁଲ ଡେପୁଟି ଇନିସ୍‌ପେକ୍ଟର ବାବୁ ଶିବ ଦାସ ଭଟ୍ଟାଚାର୍ଯ୍ୟଙ୍କୁ ସାଙ୍ଗରେ ନେଇ ଯାଇଥିଲେ । ରେମୁଣାର କାୟସ୍ଥ ପଲ୍ଲୀ ନିକଟରେ ସ୍କୁଲ ସ୍ଥାପିତ ହେଲା । ନନ୍ଦ କୁମାର ଭଟ୍ଟାଚାର୍ଯ୍ୟଙ୍କୁ ପ୍ରଧାନ ଶିକ୍ଷକ ପଦରେ ନିଯୁକ୍ତ କରାଗଲା । ବିଦ୍ୟାଳୟର ସମସ୍ତ ଖର୍ଚ୍ଚ ବହନ କରିଥିଲେ ରାଜା ବୈକୁଣ୍ଠ ନାଥ ଦେ । ପୁଣି ତାଙ୍କ ସଭା ଗୋଟିଏ ବାଳିକା ବିଦ୍ୟାଳୟ ସ୍ଥାପନ ପାଇଁ ସ୍ଥିର କଲେ । ବହୁ କଷ୍ଟରେ ସ୍କୁଲ ସ୍ଥାପନ ହେଲା; ମାତ୍ର କୌଣସି ଭଦ୍ରବ୍ୟକ୍ତି ନିଜ କନ୍ୟାଙ୍କୁ ବିଦ୍ୟାଳୟ ପଠାଇବାକୁ ସମ୍ମତି ପ୍ରକାଶ କଲେ ନାହିଁ । ଫକୀରମୋହନଙ୍କ ଝିଅ, ବଡ଼ଭାଇ ନିତ୍ୟାନନ୍ଦ ସେନାପତିଙ୍କ ଝିଅ, ଗୋଟିଏ ଜ୍ଞାତି କନ୍ୟା ଓ ଅନ୍ୟଜଣେ ବାହାର ଝିଅ- ଏହିପରି ଚାରୋଟି ଝିଅଙ୍କୁ ନେଇ ବିଦ୍ୟାଳୟ ଆରମ୍ଭ ହେଲା । ପରଦିନ ବିଦ୍ୟାଳୟକୁ ନେଇ ଭୟଙ୍କର ଆନ୍ଦୋଳନ ହେଲା । ଅମଲା, କଚେରୀରେ ଉପସ୍ଥିତ ଭଦ୍ରଲୋକ- ସମସ୍ତେ ପ୍ରତିକ୍ରିୟାଶୀଳ । ଏକତ୍ରିତ ହୋଇ ସେମାନେ ରାଜା ଶ୍ୟାମନନ୍ଦ ଦେ'ଙ୍କୁ ଭେଟିଲେ । ରାଜାସାହେବଙ୍କ ଲୋକ ଫକୀରମୋହନଙ୍କୁ ଡାକିନେବାରୁ ଶ୍ୟାମାନନ୍ଦ ତାଙ୍କୁ ସ୍କୁଲ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲେ । ଏହାସତ୍ତ୍ୱେ ସେମାନେ ବାଳିକା ବିଦ୍ୟାଳୟ ଚଳାଇବାକୁ ଦୃଢ଼ ପରିକର ଥିଲେ । କାରଣ ସେମାନେ ଜାଣିଥିଲେ, ଭାଷାର ବିକାଶ କ୍ଷେତ୍ରରେ ନାରୀମାନଙ୍କର ଏକ ପ୍ରମୁଖ ଭୂମିକା ରହିଛି । ଶିଶୁ ପିଲାଟିର ପ୍ରଥମ ଭାଷା ଶିକ୍ଷା ମାତାଙ୍କଠାରୁ ହୋଇଥାଏ ।

୧୮୯୩ ମସିହା ଡିସେମ୍ବର ୧୬ ତାରିଖରେ ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ 'ଆଲୋଚନା ସଭା'କୁ ସଂପ୍ରସାରିତ କରାଯାଇ ୧୯୦୩ ମସିହା ମେ ୭ ତାରିଖରେ ଏକ ସାଧାରଣ ସଭାରେ ତାଙ୍କୁ 'ଉତ୍କଳ ସାହିତ୍ୟ ସମାଜ'ରେ ପରିଣତ କରାଯାଇଥିଲା । ଏହାର ସଭାପତି ରୂପେ ମଧୁସୂଦନ ରାଓ, ସମ୍ପାଦକ ରୂପେ ବିଶ୍ୱନାଥ କର, ସହକାରୀ ସଭାପତି ରୂପେ ଫକୀରମୋହନ ସେନାପତି, ସହ ସମ୍ପାଦକ ରୂପେ ମୃତ୍ୟୁଞ୍ଜୟ ରଥ, ସହକାରୀ ସମ୍ପାଦକ ରୂପେ ଗୋପାଳ ଚନ୍ଦ୍ର ପ୍ରହରାଜ, କୋଷାଧ୍ୟକ୍ଷ ରୂପେ କୃଷ୍ଣପ୍ରସାଦ ଚୌଧୁରୀ ତଥା କାର୍ଯ୍ୟକାରୀ ସମିତିର ସଭ୍ୟଭାବେ ନନ୍ଦକିଶୋର ବଳ କାର୍ଯ୍ୟଭାର ଗ୍ରହଣ କରିଥିଲେ । ସେହି ଦୃଷ୍ଟିରୁ ଦେଖିଲେ ଫକୀରମୋହନ ଥିଲେ ଉତ୍କଳ ସାହିତ୍ୟ ସମାଜର ପ୍ରଥମ ସହକାରୀ ସଭାପତି । ଶାରୀରିକ ଅସୁସ୍ଥତା ସତ୍ତ୍ୱେ

ଫକୀରମୋହନ ଏହି ସମାଜ ଦ୍ୱାରା ଆହୂତ ବିଭିନ୍ନ ଅଧିବେଶନରେ ଯୋଗଦାନ ପୂର୍ବକ ତାଙ୍କ ଉପରେ ନ୍ୟସ୍ତ ବିଭିନ୍ନ ଦାୟିତ୍ୱ ସୁରୁଖୁରୁ ରୂପେ ସମ୍ପାଦନ କରିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତିକଳ୍ପେ ସେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଥିଲେ । ତା. ୪-୫-୧୯୧୨ରେ ରେଭେନ୍‌ସା କଲିଜିଏଟ୍ ସ୍କୁଲର ଆଲୋଚନା ସଭାର ଚତୁର୍ଥ ବାର୍ଷିକ ଅଧିବେଶନରେ ସେ ସଭାପତି ରୂପେ ଯୋଗଦେଇ ମାତୃଭାଷା ଓ ଓଡ଼ିଆ ସାହିତ୍ୟ ସମ୍ପର୍କରେ ଚମତ୍କାର ଅଭିଭାଷଣ ପ୍ରଦାନ କରିଥିଲେ । ସେ କହିଥିଲେ "××× ସାହିତ୍ୟ ଜାତିର ଜୀବନ, ଜାତିର ବଳ, ଜାତିର ପଦମର୍ଯ୍ୟାଦା ରକ୍ଷାର ଏକମାତ୍ର ଅବଲମ୍ବନ । ଯେଉଁ ଦେଶର ଯେଉଁ ଜାତିର ସାହିତ୍ୟ ଉନ୍ନତ ନୁହ, ସେ ଦେଶବାସୀଙ୍କ ଏହି ସମସ୍ତ ମାର୍ଗ ଅତି ସଂକୀର୍ଣ୍ଣ । ନିଶ୍ଚୟ କଥା, ଭାଷା ବା ଜାତୀୟ ସାହିତ୍ୟ ଜନସମାଜର ଉନ୍ନତି ପ୍ରତି ସମ୍ପୂର୍ଣ୍ଣ ନିର୍ଭର କରେ । ଏକମାତ୍ର ସାହିତ୍ୟକୁ ସମ୍ମୁଖରେ ଧରି ଜନସାଧାରଣରେ ଆତ୍ମପ୍ରତିଷ୍ଠା ସ୍ଥାପନର ପ୍ରୟାସ, ଜାତୀୟ ଜୀବନ, ଜାତୀୟ ଉନ୍ନତିର ଅବସ୍ଥା ସ୍ଥିର କରାଯାଇପାରେ । ଯେଉଁଠାରେ ଭାଷା ଅବନତ, ନିଶ୍ଚୟ ସେ ଜାତି ଜାଗ୍ରତ ହୋଇ ନାହାନ୍ତି । ସେମାନଙ୍କର ଉଦ୍ୟମଶୀଳତା ଅଭାବ, ପୁଣି ସେ ଜାତି ନିର୍ଭର କରିବାକୁ ସକ୍ଷମ ନୁହନ୍ତି × × × ବର୍ତ୍ତମାନ ଆମ୍ଭେମାନେ ପୃଥିବୀ ବ୍ୟାପ୍ତ । ବିଷୟ ସମ୍ପତ୍ତି ଗରିଷ୍ଠା ଇଂରେଜୀ ଭାଷା ଅଧ୍ୟୟନରେ ବିଶେଷ ଯତ୍ନଶୀଳ । ମାତ୍ର ପ୍ରକୃତ ସାହିତ୍ୟ ମାତୃଭାଷାର ସମ୍ପତ୍ତି । ଯେ ପର୍ଯ୍ୟନ୍ତ ମାତୃଭାଷା ଉନ୍ନତିଲାଭ କରିନାହିଁ; ସେ ପର୍ଯ୍ୟନ୍ତ ଆମ୍ଭେମାନେ ପ୍ରକୃତ ସାହିତ୍ୟ ରସାସ୍ୱାଦନରୁ ବଞ୍ଚିତ । ଶତସହସ୍ର ରୂପେ ଚେଷ୍ଟାକଲେ ମଧ୍ୟ ପରକୀୟା ଭାଷାକୁ ଆତ୍ମସାତ୍ କରିବାକୁ ତୁମ୍ଭେ ନିତାନ୍ତ ଅକ୍ଷମ × × × ପୃଥିବୀର ଇତିହାସ ଆଲୋଚନା କରି ଦେଖନ୍ତୁ, କେହି ଜାତି ପରକୀୟା ଭାଷା ବଳରେ ପ୍ରକୃତ ଉନ୍ନତି ଲାଭ କିରବାକୁ ସକ୍ଷମ ହୋଇନାହିଁ । ଜାତି ମଧ୍ୟରେ ପରକୀୟା ଭାଷାର ପ୍ରଭାବ କିପରି ଜାଣନ୍ତି ? ନଦୀରେ ବଢ଼ି ପାଣି ପ୍ରବେଶ ପରି । × × × ଯେଉଁଲୋକ ମାତୃଭାଷା ଚର୍ଚ୍ଚା ଏବଂ ଉନ୍ନତି ସାଧନରେ ବିମୁଖ, ତାହାଙ୍କ ମନରେ ସ୍ୱଦେଶ ପ୍ରୀତି ସ୍ୱଜାତିପ୍ରୀତିର ବିରଳ ସଞ୍ଚାର ବୋଲି ନିଶ୍ଚୟ ରୂପେ ବୋଲାଯାଇପାରେ । ସ୍ୱଦେଶ ସ୍ୱଜାତି ଅର୍ଥ ସ୍ୱଦେଶ ଭାଷା; ଅର୍ଥାତ୍ ଭାଷାର ନାମାନୁସାରେ ଦେଶର ଏବଂ ଜାତିର ନାମକରଣ ହୋଇଥାଏ । × × × ଜାତୀୟ ସାହିତ୍ୟ ଉନ୍ନତିକଳ୍ପେ ଶିକ୍ଷିତ ଲୋକମାନଙ୍କର ଚାରିଗୋଟି ଉପାୟ ଅବଲମ୍ବନ କରିବା ଉଚିତ- (୧) ଜାତୀୟ ସାହିତ୍ୟ ପାଠକର; (୨) ପାଠ କରାଅ; (୩) ଲେଖ; (୪) ଲେଖାଅ । ମୋତେ ସଙ୍କୁଚିତ ଓ ଦୁଃଖିତ ଭାବରେ ବୋଲିବାକୁ ହେଉଛି, ଆମ୍ଭମାନଙ୍କ ମଧ୍ୟରେ ଉଚ୍ଚ

ଶିକ୍ଷିତ ଲୋକ ମଧ୍ୟରେ ମାତୃଭାଷାର ଗ୍ରନ୍ଥ କିଣି ପଢ଼ିବାର ରୁଚି ଜାତ ହୋଇନାହିଁ; ଅଥବା ବଡ଼ ବଡ଼ ଆକାର ସୁନେଲି ବନ୍ଧାଇ ନାନା ଭାବପୂର୍ଣ୍ଣ ପୁସ୍ତକମାନ ସଚରାଚର ସେମାନଙ୍କ ହସ୍ତରେ ଥିବାରୁ ସାମାନ୍ୟ ବନ୍ଧାଇ ଚଟି ବହି ପ୍ରତି ଅବଜ୍ଞାଜାତ ହେବା ସ୍ୱାଭାବିକ । ହେଲେ ସେମାନଙ୍କର ବିଚାର କରିବାର ଉଚିତ, ଅନ୍ୟର ସୌଭାଗ୍ୟବତୀ ମାତାଙ୍କୁ ଭକ୍ତି ଓ ପୂଜା କରିବା ସମୟରେ ହେ ଦରିଦ୍ର ସନ୍ତାନ, ସେହି ସମୟରେ ମାତାର ଅବସ୍ଥା ଉନ୍ନତି ସକାଶେ ଯତ୍ନ କରିବାର ଅଥବା ଅବଜ୍ଞାଭାବରେ ତାହାକୁ ତଡ଼ି ଦେବାର ଉଚିତ୍- ଏହା ଆପଣମାନଙ୍କର ବିଚାର୍ଯ୍ୟ ବିଷୟ ଅଟେ । ଶ୍ରେଷ୍ଠ ଲୋକର କାର୍ଯ୍ୟକୁ ଇତର ସାଧାରଣ ଅନୁକରଣ କରିଥାନ୍ତି । ଶିକ୍ଷିତ ସମାଜରେ ଯଦି ମାତୃଭାଷାର ଏପରି ଦୁର୍ଦ୍ଦଶା ହୁଏ, ଇତର ସାଧାରଣଠାରୁ ଅଧିକ କ'ଣ ପ୍ରତ୍ୟାଶା କରାଯାଇପାରେ ।"

କଟକ ଠାରେ ଅନୁଷ୍ଠିତ ଉତ୍କଳ ସାହିତ୍ୟ ସମାଜର ଦଶମ ଅଧିବେଶନରେ ଫକୀରମୋହନ ସଭାପତି ପଦରେ ବରିତ ହୋଇଥିଲେ ହେଁ ଶାରୀରିକ ଅସୁସ୍ଥତା ଯୋଗୁଁ ସେ ଏଥିରେ ଯୋଗଦେଇ ପାରି ନ ଥିଲେ । ମାତ୍ର ସେ ଯେଉଁ ଲିଖିତ ଅଭିଭାଷଣଟି ପଠାଇଥିଲେ, ସେହି ଅଧିବେଶନରେ ତାହା ପାଠ କରାଯାଇଥିଲା । ଏହି ବକ୍ତବ୍ୟରେ ସେ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ମାତୃଭାଷା ଓ ଓଡ଼ିଆ ସାହିତ୍ୟ ସମ୍ବନ୍ଧରେ କେତେକ ସମସ୍ୟାର ଅବତାରଣା ସହିତ ତାର ନିରାକରଣ ନିମିତ୍ତ ମଧ୍ୟ କିଛି ପରାମର୍ଶ ପ୍ରଦାନ କରିଥିଲେ- "× × × ସରକାର ବାହାଦୁରଙ୍କ ବିଶେଷ ଅନୁଗ୍ରହ ବିଶେଷ ଯତ୍ନ ହେତୁରୁ ସକଳ ଜ୍ଞାନର ଆକାରସ୍ଥଳ ଇଂରାଜୀ ଭାଷା ଶିକ୍ଷାର ଦ୍ୱାର ଆମ୍ଭମାନଙ୍କ ସମ୍ମୁଖରେ ଉନ୍ମୁକ୍ତ । ତଦ୍ଦ୍ୱାରା ଦର୍ଶନ, ବିଜ୍ଞାନ, ରସାୟନ ପ୍ରଭୃତି ଉଚ୍ଚାଙ୍ଗ ଶିକ୍ଷା ସହଜରେ ଲାଭ କରିପାରୁଁ, ମଧ୍ୟଦେଶର ଜ୍ଞାନୋନ୍ନତି ପକ୍ଷରେ ଏହା ବିଶେଷ ସହାୟ; କିନ୍ତୁ ଏହା ସର୍ବସାଧାରଣଙ୍କର ବୁଦ୍ଧିର ଗମ୍ୟ ହେବ ନାହିଁ । ଯେଉଁ କୃଷକ ଓ ଶିଳ୍ପୀମାନେ ଦେଶର ମେରୁଦଣ୍ଡ ସ୍ୱରୂପ ଏବଂ ଯେଉଁମାନଙ୍କୁ ବିଜ୍ଞାନ ସମ୍ମତ ରୂପେ ଶିକ୍ଷାଦେଇ ସେମାନଙ୍କ ଅବସ୍ଥା ଉନ୍ନତ କରାଇବାକୁ ହେବ । ପୁଣି ଯେଉଁ ଜନନୀ ସମାଜ ଉପରେ ବାଲ୍ୟଶିକ୍ଷା ନିର୍ଭର କରେ, ସେମାନଙ୍କ ସକାଶେ ମାତୃଭାଷାର ଉନ୍ନତି ଏବଂ ବହୁଳ ଚର୍ଚ୍ଚା ନିତାନ୍ତ ଆବଶ୍ୟକ । ସହସ୍ର ବର୍ଷ ଚେଷ୍ଟାରେ ମଧ୍ୟ ବିଦେଶୀୟ ଭାଷା ସେମାନଙ୍କ ମଧ୍ୟରେ ପ୍ରଚରିତ ହେଇପାରିବ ନାହିଁ । ବିଦେଶୀୟ ଭାଷା ଅବଲମ୍ବନରେ କୌଣସି ଜାତି ଉନ୍ନତି ଲାଭ କରିଅଛନ୍ତି, ଏଥିର ପ୍ରମାଣାଭାବ । × × × ପରକୀୟା ଭାଷା ଶିକ୍ଷା ଜଳ ଉପରେ ଘୃତ ବିନ୍ଦୁ ପତନବତ୍; ଅର୍ଥାତ୍ ଶିକ୍ଷାକାରୀ ହୃଦୟରେ ଜ୍ଞାନ ଆବଦ୍ଧ ରହେ । ମାତୃଭାଷା ଶିକ୍ଷା ଜଳ ଉପରେ ତୈଳବିନ୍ଦୁ ପତନବତ୍; ଅର୍ଥାତ୍ ଦେଶ ମଧ୍ୟରେ ସର୍ବତ୍ର

ବିସ୍ତାର ଲାଭ କରେ ।" ଏତଦ୍‌ବ୍ୟତୀତ ତାଙ୍କ ଲିଖିତ ଭାଷଣରେ ବଙ୍ଗଭାଷାର ଉନ୍ନତି ମୂଳରେ ଯେପରି ବଙ୍ଗାଳୀମାନଙ୍କର ମାତୃଭାଷା ପ୍ରୀତି ରହିଛି, ଓଡ଼ିଆମାନଙ୍କ ମନରେ ସେପରି ପ୍ରୀତି ଜନ୍ମାଇବା ସହିତ ଇଂରେଜ ସରକାର, ଦେଶୀୟ ରାଜା-ଜମିଦାର ତଥା ଶିକ୍ଷିତ ଓଡ଼ିଆମାନଙ୍କ ଆନ୍ତରିକ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ସୂଚିତ କରିଛନ୍ତି ।

ଫକୀରମୋହନ ଓଡ଼ିଶାର ଭାଷା ଓ ମାଟି ପରି ଓଡ଼ିଶାର ମଣିଷଙ୍କୁ ମଧ୍ୟ ପ୍ରାଣଭରି ଭଲ ପାଉଥିଲେ । ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷ କେବଳ ଓଡ଼ିଶାବାସୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇ ନଥିଲା; ବରଂ କିଛି ବଙ୍ଗାଳୀ ଓ ଇଂରେଜ ପ୍ରଶାସନିକ ଅଧିକାରୀଙ୍କ ଅମାନବିକ କ୍ରିୟାକଳାପକୁ ପ୍ରମାଣିତ କରିଥିଲା । ନ'ଅଙ୍କ ଦୁର୍ଭିକ୍ଷ ସମୟକୁ ତାଙ୍କର ବୟସ ତେଇଶି ବର୍ଷ । ସେ ଆଖିଆଗରେ ପ୍ରତ୍ୟକ୍ଷ କରିଥିଲେ ଏହି ଦୁର୍ଭିକ୍ଷର କରାଳ ରୂପକୁ । ଶୋକାତୁର ହୋଇଥିଲେ ବିନା ଖାଦ୍ୟରେ ଝଡ଼ିପଡୁଥିବା ଶହ ଶହ ନିରୀହ ମଣିଷଙ୍କୁ ଦେଖି । ସେ ତାଙ୍କ 'ଆତ୍ମ ଚରିତ'ରେ ଦୁର୍ଭିକ୍ଷର ଅନୁଭୂତିକୁ ଏହିପରି ବର୍ଣ୍ଣନା କରିଛନ୍ତି- "× × × ଫଗୁଣ ସରିକି ଋଷବନ୍ଦି ଲୋକ ଅଧିକାଂଶ, କାରିଗର ଶ୍ରେଣୀର ପ୍ରାୟ ସମସ୍ତେ କୁଆଡ଼େ ଛିନ୍ନଭିନ୍ନ ହୋଇ ବୁଣି ପଡ଼ିଲେଣି । ଘାସପତ୍ର ଯେ ଯାହା ପାଇଲା ଖେବାଉଥାଏ । ତେନ୍ତୁଳି ଗଛରେ କଅଁଳିଆ ପତ୍ର ବାହାରିବାରୁ ଗୋଟାଏ ଗୋଟାଏ ଗଛରେ ଦଶ କୋଡ଼ିଏ ଜଣ ଲେଖାଏଁ ଚଢ଼ି ମାଙ୍କଡ଼ ପରି ପତ୍ରସବୁ ଖୁଣ୍ଟି ଖୁଣ୍ଟି ଖାଉଥାନ୍ତି । ଯେଉଁ ଲୋକକୁ ଅନାଅ, ହାଡ଼ ଆଉ ଚମ, ଆଖି ଭିତରକୁ ପଶିଗଲାଣି । ଅନେକ ଭଲ ଭଲ ଘର ଯୁବତୀ ବୋହୂ ଝିଅ ଦୁଇ ତିନି ହାତ ଲମ୍ୱ ଶହେ ଗଣ୍ଠିଲା କନା ଖଣ୍ଡେ ଖଣ୍ଡେ ଅଣ୍ଟାରେ ଭିଡ଼ିଦେଇ ଦାଣ୍ଡେ ଦାଣ୍ଡେ ବୁଲୁଥାନ୍ତି । ସେମାନଙ୍କର ମାତୃଜନ୍ମ ଚର୍ମ ଦୁଇଖଣ୍ଡ ଛାତିରେ ଝୁଲୁଥାଏ । କାହାରି କାହାରି କୋଳରେ ଅସ୍ଥିଚର୍ମମୟ ପିଲା ସେହି ଚର୍ମମୟ ସ୍ତନଟି ମୁହଁରେ ଦେଇ ଝୁଲି ପଡ଼ିଥାଏ । ଶିଶୁଟା ମୃତ କି ଜୀବିତ ଚିହ୍ନ ହେଉ ନ ଥାଏ । ମା'ଟା ପ୍ରାଣପଣରେ ଛୁଆଟାକୁ ଜାବଡ଼ି ଧରିଥାଏ । ଚୈତ୍ରଠାରୁ କ୍ରମଶଃ ମୃତ୍ୟୁ ସଂଖ୍ୟା ବଢ଼ିବାକୁ ଲାଗିଲା । ଦାଣ୍ଡରେ, ଘାଟରେ, ବଣରେ, ପୋଖରୀ ତୁଠରେ ଯହିଁ ଦେଖିବ ମଡ଼ା ପଡ଼ି ରହିଥାନ୍ତି ।" (ପୃ-୬୫) ଫକୀରମୋହନ ସେତେବେଳେ ପ୍ରତିଦିନ ସକାଳ ୯ ଘଟିକା ସମୟରେ କମ୍ବଳଟିଏ ଧରି ଧାନ ବିଲକୁ ଯାଇ ସେଠାରେ ବସି ଲୋକମାନଙ୍କ ରକ୍ଷା ସକାଶେ ପ୍ରାର୍ଥନା କରୁଥିଲେ ।

୧୯୦୩ ମସିହା ଅକ୍ଟୋବର ୨୫ ତାରିଖରେ ମଧୁସୂଦନଙ୍କ ପରିକଳ୍ପନାରେ ଉତ୍କଳ ସମ୍ମିଳନୀ ଗଠିତ ହୋଇଥିଲା । ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛିନ୍ନ ବିଚ୍ଛିନ୍ନ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଏକତ୍ର କରିବା । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସହିତ

ଓଡ଼ିଆ ଭାଷା, ଓଡ଼ିଶା ମାଟି ଓ ସର୍ବୋପରି ଓଡ଼ିଆମାନଙ୍କର ସ୍ୱାଭିମାନକୁ ଜାଗ୍ରତ କରିବା ଥିଲା ଏହାର ଲକ୍ଷ୍ୟ । ଫକୀରମୋହନଙ୍କ ପରି ଜାତି ଓ ଭାଷାପ୍ରେମୀ ମଣିଷ ଉତ୍କଳ ସମ୍ମିଳନୀର ଜନ୍ମଲଗ୍ନରୁ ତାହା ସହିତ ଜଡ଼ିତ ହୋଇ ପଡ଼ିଥିଲେ । ଏହି ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଯୋଗଦେଇ ସେ କେତେବେଳେ ପ୍ରସ୍ତାବକ ଭାବେ ତ କେତେବେଳେ ପ୍ରସ୍ତାବର ସମର୍ଥକ ଓ ଆଉ କେତେବେଳେ ଆୟୋଜକ ଭାବେ କାର୍ଯ୍ୟନିର୍ବାହ କରିଛନ୍ତି । ୧୯୧୮ ମସିହା ମାର୍ଚ୍ଚ ୩୦ ଓ ୩୧ ତାରିଖରେ କଟକରେ ଅନୁଷ୍ଠିତ ତ୍ରୟୋଦଶ ଅଧିବେଶନରେ ପାରଳାର ରାଜା ସାହେବ ଓ ଶେରଗଡ଼ର ରାଜା କୌଣସି କାରଣବଶତଃ ଅନୁପସ୍ଥିତ ରହିବାରୁ ଫକୀରମୋହନ ଉତ୍କଳ ସମ୍ମିଳନୀର ସେହି ଅଧିବେଶନରେ ସଭାପତିତ୍ୱ କରିଛନ୍ତି ଏବଂ ବେଶ୍ ସଫଳତାର ସହିତ ତାହା ସଂସାଧନ କରିଛନ୍ତି । ଏହି ଅଧିବେଶନରେ ସେ ତାଙ୍କ ଅଭିଭାଷଣରେ ଦେଶମିଶ୍ରଣ, ଦେଶୀୟ ବସ୍ତ୍ର, ଲବଣ ଉତ୍ପାଦନ ତଥା ଓଡ଼ିଆ ଭାଷା ସମ୍ପର୍କରେ ବେଶ୍ ତଥ୍ୟ ସମ୍ବଳିତ ଓ ଆବେଗମୟୀ ଭାଷଣ ପ୍ରଦାନ କରିଥିଲେ । ବୟସର ସାୟାହ୍ନରେ ଉତ୍କଳ ଗୌରବ ମଧୁସୂଦନଙ୍କ ଅନୁରୋଧ କ୍ରମେ ଦେଶ ମିଶ୍ରଣ ସମ୍ପର୍କରେ ସେ କହିଥିଲେ- "ଭାଇମାନେ ! ଆମ୍ଭେମାନେ ମାତୃଭୂମିର ମଙ୍ଗଳ ଏବଂ ଉନ୍ନତି କାମନାରେ ଏକତ୍ରିତ ହୋଇଅଛୁଁ । ××× ସଂପ୍ରତି ଆମ୍ଭମାନଙ୍କର କଅଣ ଆଲୋଚ୍ୟ ବିଷୟ ହୋଇପାରେ ? ଯେପରି ସ୍ୱର୍ଗରୁ ଗୋଟିଏ ଦେବତା ହାତରେ ଦୁଇଗୋଟି ବର ସ୍ୱରୂପ ଫଳ ଧରି ଆମ୍ଭମାନଙ୍କର ସମ୍ମୁଖରେ ଉପସ୍ଥିତ ହେବେ- ତାହାଙ୍କ ଗୋଟିଏ ହସ୍ତରେ ଉତ୍କଳର ଦେଶମିଶ୍ରଣ ଏବଂ ଅନ୍ୟ ଗୋଟିଏ ହସ୍ତରେ ସ୍ୱର୍ଗୀୟ ସୁଖମୟ ଫଳ ଥିବ- ଦେବତା ପଚାରିବେ, "ତୁମ୍ଭମାନଙ୍କର କେଉଁ ଫଳ ଲୋଡ଼ା ? ଅବଶ୍ୟ ଓଡ଼ିଶାବାସୀ ପ୍ରତ୍ୟେକ ଲୋକ ଦେଶମିଶ୍ରଣ ଫଳ ନିମିତ୍ତ ହାତ ବଢ଼ାଇବେ, ସେଥିରେ କିଛି ସନ୍ଦେହ ନାହିଁ । ××× ଭାଇମାନେ ! ଯେ ପର୍ଯ୍ୟନ୍ତ ସମସ୍ତ ଉତ୍କଳ ଏକତ୍ରିତ ହୋଇନାହିଁ, ଏହାର ଉନ୍ନତିର ପ୍ରତ୍ୟାଶା ବିଡ଼ମ୍ବନା ମାତ୍ର- ଏହା ଆପଣମାନେ ଜାଣି ପାରୁଅଛନ୍ତି ଏବଂ କୃତକାର୍ଯ୍ୟ ହେବା ପର୍ଯ୍ୟନ୍ତ ଚେଷ୍ଟା କରୁଥିବେ ଏହା ନିଶ୍ଚୟ ଅଟେ । ଆମ୍ଭେମାନେ ରାଜ୍ୟ ସରକାରରେ ପୁନଃ ପୁନଃ ଆବେଦନ କରି ଅକୃତକାର୍ଯ୍ୟ ହେଉଅଛୁଁ ସତ୍ୟ କିନ୍ତୁ ନିବୃତ୍ତ ହେବୁ ନାହିଁ । କୋଟିଏରୁ ଅଧିକ ଦୁର୍ବଳ ଉତ୍କଳ ସନ୍ତାନର ଆକୁଳ ରଡ଼ି କେତେବେଳେ ହେଲେ ବିଲାତର ରାଜାଧିରାଜଙ୍କର କର୍ଣ୍ଣଗୋଚର ହେବ ।"

ଅତୀତରେ ଓଡ଼ିଶାରେ ପ୍ରଚୁର ପରିମାଣରେ ଲୁଣ ଉତ୍ପାଦନ ହେଉଥିଲା । ମାତ୍ର ଇଂରେଜ ସରକାର ଲୁଣ ଉତ୍ପାଦନକୁ ଏକଚାଟିଆ ଅଧିକାର କରିନେବାରୁ ଲୁଣ ମାରି

ଜୀବିକା ନିର୍ବାହ କରୁଥିବା ସାଧାରଣ ଜନତା ଘୋର ଅସୁବିଧାରେ ସମ୍ମୁଖୀନ ହୋଇଥିଲେ । ଲୁଣ ବ୍ୟବସାୟ ସହିତ ସଂପୃକ୍ତ ବହୁବ୍ୟକ୍ତି ଜୀବିକା ହରାଇଥିଲେ । ଏ ସମ୍ପର୍କରେ ଫକୀରମୋହନ ତାଙ୍କ ଭାଷଣରେ କହିଥିଲେ- "ଆମ୍ଭମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଅନ୍ୟତମ ଶ୍ରେଷ୍ଠ ବସ୍ତୁ ଲବଣ ଅଟେ । ଉତ୍କଳରୁ ଲବଣ ପ୍ରୋକ୍ତାନ ଉଠିଯିବାରୁ ବିଦେଶୀୟ ଲବଣ ଆମ୍ଭମାନଙ୍କର ଅବଲମ୍ବନ ଥିଲା । ସମର ହେତୁ ତାହାର ଆମଦାନି ବନ୍ଦ ହୋଇଯାଇଅଛି । × × × ପୁରୁଷାନୁକ୍ରମେ ଏହି କାର୍ଯ୍ୟକରି ଆସୁଥିବା ସୁତରାଂ ଅନ୍ୟ କିଛି କାର୍ଯ୍ୟ ଜାଣି ନ ଥିବା ହେତୁ ଅଧିକାଂଶ ଲୋକର ବଂଶ ବିଲୁପ୍ତ ହୋଇଅଛି । ଗବର୍ଣ୍ଣମେଣ୍ଟ ଅନୁଗ୍ରହ କରି ଦେଶର ବ୍ୟବହାର ନିମନ୍ତେ ଲୁଣ ପ୍ରୋକ୍ତାନ ନିମନ୍ତେ ଅନୁମତି ଦେଲେ କେବଳ ଯେ ପ୍ରଜାମାନେ ରକ୍ଷା ପାଇଯାନ୍ତେ ତାହା ନୁହେଁ, ଗବର୍ଣ୍ଣମେଣ୍ଟର ମଧ୍ୟ ଏଥିରେ ବିଶେଷ ଲାଭ ହୁଅନ୍ତା ।"

ପୁନରାୟ ସେହି ଅଧିବେଶନରେ ନିଜର ମାତୃଭାଷା ସମ୍ପର୍କରେ ଆଲୋଚନା କରି କହିଥିଲେ- "ମାତୃଭାଷା ଉନ୍ନତି ଚେଷ୍ଟା ଆଜି ପ୍ରତ୍ୟେକ ଉତ୍କଳୀୟର ପରମ କର୍ତ୍ତବ୍ୟ ହୋଇପଡ଼ିଛି । ଅନ୍ୟାନ୍ୟ ପ୍ରଦେଶରୁ ଯେ ମାନବ ଜାତି ଏତେଦୂର ଶ୍ରେଷ୍ଠତା ଲାଭ କରି ଅଛନ୍ତି ଭାଷା ହିଁ ସେଥିର ମୂଳ କାରଣ ଅଟେ । × × × ଭାଷା ହିଁ ମାନବ ଜାତିର ଜ୍ଞାନ, ସଭ୍ୟତା ଓ ଉନ୍ନତିର ଏକମାତ୍ର କାରଣ ଅଟେ । ଏହାହିଁ ବିଧାତାଙ୍କର ବିଧାନ । ଏକ ଦେଶର ଭାଷା ଘେନି ଅନ୍ୟ ଗୋଟିଏ ଜାତି ଉନ୍ନତି ଲାଭ କରି ଅଛନ୍ତି, ଏଥିରେ ପ୍ରମାଣ କଦାଚିତ୍ ମିଳେ । ଅବଶ୍ୟ ଲୋକ ବିଶେଷେ ଭିନ୍ନ ଦେଶୀୟ ଭାଷା ଆୟତ୍ତ କରି ଉନ୍ନତି ଲାଭ କରି ଅଛନ୍ତି ଏହା ସଚରାଚର ଦେଖାଯାଏ । କିନ୍ତୁ ସେହି ଜ୍ଞାନ ସେହି ଲୋକଠାରେ ଆବଦ୍ଧ ଥିବାର ଦେଖାଯାଏ । କିନ୍ତୁ ସେଥିପାଇଁ ଦେଶସ୍ଥ ଜନସାଧାରଣ ଜ୍ଞାନୀ ହୋଇପାରନ୍ତି ନାହିଁ । × × × ପ୍ରକୃତରେ ମାତୃଭାଷା ସହାୟତା ବିନା ଜାତି ସାଧାରଣ ମଧ୍ୟରେ ଜ୍ଞାନୀ ହେବା ସହଜସାଧ ନୁହେଁ ।"

ବାଲେଶ୍ବର ନେସ୍‌ନାଲ ସୋସାଇଟିର ଚତୁର୍ଥ ଅଧିବେଶନ ତା ୭.୭.୧୮୮୩ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସେ ଇଂରେଜ ଶାସନ କାଳରେ ଓଡ଼ିଶାର କୃଷି ସମ୍ପଦ ଏବଂ ବାଲେଶ୍ୱରର ହସ୍ତଶିଳ୍ପ କିପରି ସଂକଟର ସମ୍ମୁଖୀନ ହୋଇଥିଲା, ସେ ସମ୍ପର୍କରେ ଭାବଗର୍ଭକ ଭାଷଣ ଦେଇଥିଲେ । ସେ କହିଥିଲେ- "× × × ଆଜିକାଲି ଆମ୍ଭେମାନେ ଯାହାକୁ ଉନ୍ନତି ବୋଲି କହୁଅଛୁଁ, ତାହାର ଅଧିକାଂଶ ବାହ୍ୟ ଝକଚକ୍ୟ ବିଶିଷ୍ଟ ଓ ଅନ୍ତଃସାରଶୂନ୍ୟ, ଇଂରେଜୀ ଉନ୍ନତିର ଅଧିକାଂଶ ଟିଣ ଉପରେ ଗିଲ୍‌ଟୀ × × × ଓଡ଼ିଶା ଶସ୍ୟମାଳିନୀ ପ୍ରଦେଶ, କିନ୍ତୁ ଏହାର ଉତ୍ପନ୍ନ ଶସ୍ୟରୁ ଓଡ଼ିଆବାସୀମାନେ ତାଦୃଶ ଉପକାର

ପାଉ ନାହାନ୍ତି । ଭିନ୍ନ ଦେଶୀୟ ଲୋକେ ଓଡ଼ିଶ୍ୟା ଶସ୍ୟଦ୍ୱାରା ବିପୁଳ ଅର୍ଥ ଉପାର୍ଜ୍ଜନ କରୁଅଛନ୍ତି ଓ ଓଡ଼ିଶ୍ୟା କୃଷକମାନେ ଅଳ୍ପମାତ୍ର ଲାଭ ଲୋଭରେ ଭବିଷ୍ୟତ ଭାବନା ନ ଭାବି ସମସ୍ତ ଉପାର୍ଜିତ ଶସ୍ୟ ଭିନ୍ନ ଦେଶୀୟ ଲୋକ ହସ୍ତରେ ଦେଉଅଛନ୍ତି । × × × ବାଲେଶ୍ୱର ଏକ ସମୟରେ ବସ୍ତ୍ର ସକାଶେ ବିଖ୍ୟାତ ଥିଲା । ପ୍ରଥମେ ଇଂରେଜମାନେ ଲୁଗା ବୁଣିବା ସକାଶେ ବାଲେଶ୍ୱରକୁ ଆସିଥିଲେ । ବାଲେଶ୍ୱରୀ ଲୁଗା ବିଲାତ ପର୍ଯ୍ୟନ୍ତ ବିଖ୍ୟାତ ଥିଲା । ବର୍ତ୍ତମାନ ବାଲେଶ୍ୱର ତନ୍ତିମାନେ ତନ୍ତ ଟାଙ୍ଗିଦେଇ ହା ଅନ୍ନ ହା ଅନ୍ନ କହି ମଜୁରି ଲାଗି ବୁଲୁଅଛ । ଅଳ୍ପ ଦିନ ଭିତରେ ତନ୍ତିବଂଶ ଯେ ଲୋପ ହେବ ନିଃସନ୍ଦେହ ରୂପେ ବୋଲା ଯାଇପାରେ × × ଓଡ଼ିଶ୍ୟା ତୁଳା ଓ ତନ୍ତୀର ଜନ୍ମଭୂମି, ଅଥଚ ଲୁଗାର ଅଭାବ ? କି ଦୁଃଖର ବିଷୟ ! ଆମ୍ଭେମାନେ ଆପାତତଃ କିଞ୍ଚିତ୍ ଶସ୍ତା ଦେଖି ବାଲେଶ୍ୱରୀ ଲୁଗା ତ୍ୟାଗ କରି ବିଲାତୀ ଲୁଗା କିଣିଥାଉଁ; କିନ୍ତୁ ସେଟା ଆମ୍ଭମାନଙ୍କର ନିତାନ୍ତ ଭୁଲ । ଦେଶୀ ଲୁଗା ସହିତ ବିଲାତୀ ଲୁଗା ଟେକ ସହି ନୁହଇ; ହିସାବ କରି ଦେଖିଲେ ଦୁଇ ଲୁଗାର ଦାମ ସମାନ ପଡ଼ିବ ଅଥଚ ଆମ୍ଭେମାନେ ଦେଶୀୟ ପଦାର୍ଥକୁ ଅଗ୍ରାହ୍ୟ କରି ବିଲାତୀ ଦ୍ରବ୍ୟ ସକାଶେ ଲାଳାୟିତ ହେଉଅଛୁଁ ।"

୧୯୦୫ ମସିହାରେ ବଙ୍ଗଭଙ୍ଗ ପରେ ସେଠାରେ ଯେଉଁ ସ୍ୱଦେଶୀ ଆନ୍ଦୋଳନର ସୂତ୍ରପାତ ହୋଇଥିଲା, ତାହା ସମଗ୍ର ଭାରତବର୍ଷକୁ ବ୍ୟାପି ଯାଇଥିଲା । ଭାରତର ବିଭିନ୍ନ ସ୍ଥାନରେ ସଭା ସମିତିର ଆୟୋଜନ ହୋଇଥିଲା । ବିଶେଷକରି ବଙ୍ଗଳାରେ ଏହା ତୀବ୍ର ରୂପ ଧାରଣ କରିଥିଲା । ସେହି ପ୍ରେକ୍ଷାପଟରେ ତା. ୩.୯.୧୯୦୫ରେ ଅବଦୁଲ୍ ଶୋଭାନ୍ ଖାଁଙ୍କ ସଭାପତିତ୍ୱରେ ବାଲେଶ୍ୱର ଟାଉନ୍ ହଲରେ ଓକିଲ ଦୈତ୍ୟାରି ପ୍ରସାଦ ଦାସଙ୍କ ଆହ୍ୱାନକ୍ରମେ ଯେଉଁ ସଭା ଅନୁଷ୍ଠିତ ହୋଇଥିଲା, ସେଥିରେ ଫକୀରମୋହନ ଉପସ୍ଥିତ ରହି ଦେଶୀୟ ଦ୍ରବ୍ୟ ବ୍ୟବହାର ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ତାଙ୍କ ଭାଷଣଟି ବେଶ୍ ପ୍ରଭାବଶାଳୀ ହୋଇଥିବା ବିଷୟ 'ବାଲେଶ୍ୱର ସମ୍ବାଦବାହିକା' (୧୭.୯.୧୯୦୫) ମତାମତରୁ ଜଣାଯାଇଥାଏ । ଏଥିରେ କୁହାଯାଇଥିଲା– "ଶ୍ରୀଯୁକ୍ତ ଫକୀରମୋହନ ବାବୁ ମହାଶୟ ଦେଶୀୟ ଦ୍ରବ୍ୟ ବ୍ୟବହାର ବିଷୟରେ ବକ୍ତୃତା ଦେଇ କହିଲେ ଆମ୍ଭମାନଙ୍କର ଦେଶୀୟ ଦ୍ରବ୍ୟର ଆଦର କମିଯିବାରୁ ଦେଶୀୟ ବ୍ୟବସାୟୀଗଣ ହତୋତ୍ସାହ ହୋଇଅଛନ୍ତି । ସେମାନଙ୍କର ଉତ୍ସାହ ପୁନର୍ଜୀବିତ କରିବା ପ୍ରତ୍ୟେକ ଉତ୍କଳବାସୀର କର୍ତ୍ତବ୍ୟ । ଏକାବେଳକେ ବିଦେଶୀୟ ଦ୍ରବ୍ୟ ଛାଡ଼ିବା ଆମ୍ଭମାନଙ୍କ ପକ୍ଷରେ ଅସମ୍ଭବ ହେଲେହେଁ ଯଥାସମ୍ଭବ ଦେଶୀୟ ଦ୍ରବ୍ୟ ବ୍ୟବହାର କରିବା ଶ୍ରେୟସ୍କର । ମୁଁ ଆଜିଠାରୁ ଦେଶୀୟ କର୍କଟ ଲବଣ ବ୍ୟବହାର କରିବା ସକାଶେ

ପ୍ରତିଜ୍ଞାରୂଢ଼ ହେଲି । ଆଶାକରେ ଆପଣମାନେ ଏହିପରି ସଂକଳ୍ପ କରି ଜନସାଧାରଣଙ୍କୁ ଉତ୍ସାହିତ କରିବେ ।" (ଉଦ୍ଧୃତ- ଦାସ, ଦେବେନ୍ଦ୍ର କୁମାର, ଫକୀର ମୋହନ ଗ୍ରନ୍ଥାବଳୀ, ୩ୟ ଖଣ୍ଡ, ପୃ-୩୯୭)

ଫକୀରମୋହନ ଯଥାର୍ଥରେ ଥିଲେ ଓଡ଼ିଆ ଭାଷା ଓ ଓଡ଼ିଶା ମାଟିର ଜଣେ ଯୋଗ୍ୟ ସନ୍ତାନ । ଏକ ସାଧାରଣ ପରିବାରରେ ଜନ୍ମିତ ହୋଇ ମଧ୍ୟ ଓଡ଼ିଶାର ଜାତୀୟ ଜୀବନରେ ସେ ଯେଉଁ ଅପ୍ରତିଦ୍ୱନ୍ଦ୍ୱୀ ଭୂମିକା ଗ୍ରହଣ କରିଥିଲେ, ବାସ୍ତବରେ ତାହା ଅନନ୍ୟ ସାଧାରଣ । ନିଜ ଚେଷ୍ଟାରେ ସେ ବିଭିନ୍ନ ଭାଷା ଶିକ୍ଷା କରିବା ସହିତ ବିଶିଷ୍ଟ ଇଂରେଜ ପ୍ରଶାସନ ଅଧିକାରୀଙ୍କ ପ୍ରିୟପାତ୍ର ହୋଇପାରିଥିଲେ । ନିଜର କର୍ତ୍ତବ୍ୟନିଷ୍ଠା ଓ ଗଭୀର ଅଧ୍ୟବସାୟ ବଳରେ ତତ୍କାଳୀନ ଓଡ଼ିଆ ଭାଷାର ସଂକଟ କାଳରେ ସେ ଯେପରି ସଂକଟମୋଚନର ଭୂମିକା ଗ୍ରହଣ କରିଥିଲେ, ଅନୁରୂପଭାବେ ଓଡ଼ିଶାର ଏକତ୍ରୀକରଣ ପାଇଁ ତଥା ଏହାର ସାମଗ୍ରିକ ବିକାଶ ପାଇଁ ସେହିପରି ନିଜକୁ ସମ୍ପୂର୍ଣ୍ଣଭାବରେ ଉତ୍ସର୍ଗ କରିଦେଇଥିଲେ । ବାସ୍ତବରେ ଫକୀରମୋହନ ଥିଲେ କାୟ-ମନୋବାକ୍ୟରେ ଜଣେ ଖାଣ୍ଟି ଓଡ଼ିଆ । ଓଡ଼ିଶାର ଭାଷା, ଜାତୀୟ ଜୀବନର ସେ ଥିଲେ ଜଣେ ଅପୂର୍ବ ସ୍ଥପତି । ଫକୀରମୋହନଙ୍କ ପରି ଜଣେ ଜାତି ପାଗଳ ଓ ଭାଷା ପାଗଳ ବ୍ୟକ୍ତିତ୍ୱ କ୍ୱଚିତ୍ ଦେଖିବାକୁ ମିଳନ୍ତି । ଏହି ଦୃଷ୍ଟିରୁ ଓଡ଼ିଶାର ଭାଷା, ସଂସ୍କୃତି ଓ ସାହିତ୍ୟ ପ୍ରସଙ୍ଗ ଉଠିଲେ, ଫକୀରମୋହନ ସର୍ବପ୍ରଥମେ ଆପେ ଆପେ ସ୍ମରଣକୁ ଆସିଯାଆନ୍ତି ।

(ବି:ଦ୍ର:- ବିଭିନ୍ନ ସମ୍ମିଳନୀ ଓ ଅଧିବେଶନରେ ପ୍ରଦତ୍ତ ଅଭିଭାଷଣର ଉଦ୍ଧୃତ ବାକ୍ୟଗୁଡ଼ିକ ଦେବେନ୍ଦ୍ର କୁମାର ଦାଶଙ୍କ ଦ୍ୱାରା ସମ୍ପାଦିତ ଓ ଗ୍ରନ୍ଥ ମନ୍ଦିର ଦ୍ୱାରା ପ୍ରକାଶିତ ଫକୀରମୋହନ ଗ୍ରନ୍ଥାବଳୀର ତୃତୀୟ ଖଣ୍ଡରୁ ଗ୍ରହଣ କରାଯାଇଛି ।)

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ,
ଜ୍ୟୋତିବିହାର, ବୁର୍ଲା-୭୬୮୦୧୯,
ସମ୍ବଲପୁର (ଓଡ଼ିଶା)

ଓଡ଼ିଆ ଅସ୍ମିତା ନିର୍ମାଣ ଓ
ଓଡ଼ିଆ ସାହିତ୍ୟର ଭିନ୍ନ ସ୍ୱାତନ୍ତ୍ୟ : କବିବର ରାଧାନାଥ

ପ୍ରଫେସର ସଂଘମିତ୍ରା ମିଶ୍ର

କବିବର ରାଧାନାଥ ରାୟ ଓଡ଼ିଆ ନବଜାଗରଣ କାଳର ଅନ୍ୟତମ ବିଶିଷ୍ଟ ପ୍ରତିଭା । ଓଡ଼ିଆ ସାହିତ୍ୟର ଆଲୋଚନ କାଳରେ ଆମେ ତାଙ୍କୁ ମୁଖ୍ୟତଃ ରୋମାଣ୍ଟିକ କବିଭାବରେ ହିଁ ବିଚାର କରୁ । ତାଙ୍କର ଦେଶପ୍ରୀତି, ପ୍ରକୃତିପ୍ରୀତି, ଭାଗ୍ୟବାଦ ତଥା - ବିଷାଦବାଦ ହିଁ ଆମର ଆଲୋଚନାର ପର୍ଯ୍ୟାୟଭୁକ୍ତ । ଓଡ଼ିଶାର ବରେଣ୍ୟ ଆଲୋଚକମାନେ ତାଙ୍କୁ ଯୁଗସ୍ରଷ୍ଟା, ଯୁଗପ୍ରବର୍ତ୍ତକ, ପ୍ରାଚ୍ୟ ପାଶ୍ଚାତ୍ୟର ମିଳନ ସେତୁ ଇତ୍ୟାଦି ନାମରେ ପ୍ରତିଷ୍ଠିତ କରିଛନ୍ତି । ଓଡ଼ିଆ ଭାଷା ସୁରକ୍ଷା, ସାହିତ୍ୟପ୍ରୀତି ତଥା ଓଡ଼ିଆ ଅସ୍ମିତା ନିର୍ମାଣରେ ତାଙ୍କର ଅବଦାନକୁ ବିଶେଷ ଗୁରୁତ୍ୱ ପ୍ରଦାନ କରିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ । ତାଙ୍କର ଓଡ଼ିଆ ପ୍ରୀତି, ସେଥିପାଇଁ ସଚେତନ ପ୍ରୟାସ ସହିତ ତାଙ୍କର ସାହିତ୍ୟରେ ଏସବୁ ବୈଶିଷ୍ଟ୍ୟର ପ୍ରତିଫଳନକୁ ନେଇ ଏହି ପ୍ରବନ୍ଧକୁ ପୂର୍ଣ୍ଣାଙ୍ଗ କରିବାର ଚେଷ୍ଟା କରାଯାଇଛି ।

୧୮୪୮ ସେପ୍ଟେମ୍ବର ୨୧ ତାରିଖରେ ରାଧାନାଥ ବାଲେଶ୍ୱର ଜିଲ୍ଲାର କେଦାରପୁରଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ସୁନ୍ଦରନାରାୟଣ ରାୟ ଓ ମାତା ଥିଲେ ତାରିଣୀ ଦେବୀ । ପାଞ୍ଚବର୍ଷ ବୟସରେ ତାଙ୍କର ଜନନୀଙ୍କର ପରଲୋକ ପ୍ରାପ୍ତି ହୋଇଥିଲା । ଛଅ ବର୍ଷ ବୟସରେ ସେ ଗ୍ରାମ୍ୟ ପାଠଶାଳାରେ ଅଧ୍ୟୟନ ଆରମ୍ଭ କରିଥିଲେ । କ୍ଷୀଣକାୟ ତଥା ରୁଗ୍ଣ ରାଧାନାଥ ବାରମ୍ବାର ବିଭିନ୍ନ ରୋଗରେ ପୀଡ଼ିତ ହେବାରୁ ପିତା ସୁନ୍ଦରନ ନାରାୟଣ ତାଙ୍କୁ ବାଲେଶ୍ୱରକୁ ନେଇ ଆସିଲେ । ବାଲେଶ୍ୱର ଜିଲ୍ଲା ସ୍କୁଲରେ ସେ ଅଧ୍ୟୟନ କଲେ ଓ ୧୬ ବର୍ଷ ବୟସରେ କଲିକତା ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରେସିଡେନ୍‌ସି କଲେଜରେ ଅଧ୍ୟୟନ କରିବା ନିମିତ୍ତ କଲିକତା ଗଲେ । ମାତ୍ର ଅର୍ଥାଭାବ ଓ ଶାରୀରିକ ଅସୁସ୍ଥତା ତାଙ୍କର ଉଚ୍ଚ ଶିକ୍ଷା ପଥର ବାଧକ ହେଲା । ଏକମାସ ପରେ ସେ ବାଲେଶ୍ୱର ଫେରିଆସିଲେ ଓ ବାଲେଶ୍ୱର

ଜିଲ୍ଲା ସ୍କୁଲରେ ମାସିକ ୫୦ ଟଙ୍କା ବେତନରେ ଚାକିରି ଆରମ୍ଭ କଲେ । ଦୁଇ-ତିନି ବର୍ଷ ପରେ କଟକରେ ଉଚ୍ଚ ଶିକ୍ଷା ପାଇଁ କଲେଜ ସ୍ଥାପିତ ହେଲା । ମାତ୍ର ପରିବାରର ଦୁର୍ଦ୍ଦଶା ଉପଲବ୍ଧି କରି ସେ ଅଧିକ ପଢ଼ାର ଆଶା ପରିତ୍ୟାଗ କଲେ । ପିତା ସୁନ୍ଦର ନାରାୟଣ ଓଡ଼ିଆ ସହିତ ପାର୍ସୀ ଭାଷା, ବଙ୍ଗଳା ଓ ସଂସ୍କୃତରେ ପାରଦର୍ଶୀ ଥିଲେ । ରାଧାନାଥ ନିଜ ଚେଷ୍ଟାରେ, ବାପାଙ୍କଦ୍ୱାରା ଅନୁପ୍ରାଣିତ ହୋଇ ବଙ୍ଗଳା ଭାଷା ଶିକ୍ଷା କଲେ । ତାଙ୍କର ପ୍ରାଥମିକ ପର୍ଯ୍ୟାୟର ରଚନା ହେଉଛି ବଙ୍ଗଳା ଭାଷାରେ ଲିଖିତ 'କବିତାବଳୀ' ଓ 'ଲେଖାବଳୀ' । ସେ 'ଇଟାଲୀୟ ଯୁବା' ଶୀର୍ଷକ ଗଦ୍ୟ ରଚନା (ଯାହାକୁ ରାଧାନାଥ ଜୀବନୀ ଲେଖକ ଆର୍ତ୍ତତ୍ରାଣ ଶତପଥୀ 'ନବନ୍ୟାସ' ବୋଲି କହିଛନ୍ତି) କରିଥିଲେ । ବଙ୍ଗଳା ଅମୃତ ବଜାର ପତ୍ରିକାରେ 'କବିତାବଳୀ'ର ପ୍ରଶଂସା ପ୍ରକାଶିତ ହୋଇଥିଲା । 'ଉତ୍କଳ ଦର୍ପଣ'ରେ ଇଟାଲୀୟ ଯୁବା ସହିତ ଅନ୍ୟାନ୍ୟ ଗଦ୍ୟ ରଚନା ପ୍ରକାଶିତ ହୋଇଥିଲା । ତା'ପରେ ସେ ବାଲେଶ୍ୱର ଜିଲ୍ଲାସ୍କୁଲ ଛାଡ଼ି ପୁରୀ ଆସିଲେ ଓ ସେଠାରେ ଭକ୍ତକବି ମଧୁସୂଦନ ରାଓଙ୍କ ସଂସ୍ପର୍ଶରେ ଆସିଲେ । ପୁରୀରେ ଥିବା ସମୟରେ ସେ କବିତାବଳୀର ୨ୟ ଭାଗ ଓ 'ମେଘଦୂତ'ର ଅନୁବାଦ କରିଥିଲେ । ତା'ପରେ ସେ ମଧ୍ୟପ୍ରଦେଶର ବଙ୍କୁଣ ଜିଲ୍ଲା ସ୍କୁଲରେ ଶିକ୍ଷକତା କରିଥିଲେ ଓ ବାଲେଶ୍ୱର ଜିଲ୍ଲାର ସ୍କୁଲ ଡେପୁଟି ଇନ୍ସପେକ୍ଟର ହୋଇଥିଲେ ।

ବାଲେଶ୍ୱରରେ ଦାମୋଦର ପ୍ରସାଦ ଦାସ, ଫକିର ମୋହନ ସେନାପତି ଓ ରାଜା ବୈକୁଣ୍ଠନାଥ ଦେ ରାଧାନାଥୀ ପ୍ରତିଭା ବିକାଶରେ ଯଥେଷ୍ଟ ସହଯୋଗ କରିଥିଲେ । ପରେ ମଧୁସୂଦନ ରାଓ, ଭୂଦେବ ମୁଖୋପାଧ୍ୟାୟ, ଜଗଦୀଶ ଚନ୍ଦ୍ର ରାୟ ବାମଣ୍ଡାର ରାଜା ସାର୍ ବାସୁଦେବ ସୁଢ଼ଳ ଦେବ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଓ ବିଶ୍ୱନାଥଙ୍କ ଭଳି ସୁନାମଧନ୍ୟ ଓଡ଼ିଆ ରାଧାନାଥଙ୍କ ସାମର୍ଥ୍ୟକୁ ବଢ଼ାଇ ତା'ର ଯଥୋଚିତ ମର୍ଯ୍ୟାଦା ପ୍ରଦାନରେ ନିଜ ନିଜର ଭୂମିକା ନିର୍ବାହ କରିଛନ୍ତି । ଏଠାରେ ସୂଚନା ଦେବା ଦରକାର ଯେ ଓଡ଼ିଶାରେ ୧୮୪୦ ପରେ ଜନ୍ମଗ୍ରହଣ କରିଥିବା ଅଧିକାଂଶ ସ୍ରଷ୍ଟା ପୁରୁଷ ଓଡ଼ିଆ ଅସ୍ମିତା ନିର୍ମାଣରେ ନିଜ ନିଜର ଯୋଗଦାନ ଦେଇଛନ୍ତି । ପାଠ୍ୟପୁସ୍ତକ ରଚନା ଓ ଅନୁବାଦ କ୍ଷେତ୍ରରେ କପିଳେଶ୍ୱର ବିଦ୍ୟାଭୂଷଣ ଓ ବିଭୁତିଚରଣ ପଟ୍ଟନାୟକ ପ୍ରଭୃତି ନିଜ ନିଜର କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ଇତିହାସ ରଚନାରେ ପ୍ୟାରିମୋହନ ଆଚାର୍ଯ୍ୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଫକୀରମୋହନ ସେନାପତି (୧୮୪୩), ମଧୁସୂଦନ ରାଓ (୧୮୫୩), ଜଗନ୍ମୋହନ ଲାଲା (୧୮୩୮), ନନ୍ଦକିଶୋର ବଳ (୧୮୭୫),

ବିଶ୍ୱନାଥ କର (୧୮୬୪), ଗୋପାଳଚନ୍ଦ୍ର ପ୍ରହରାଜ (୧୮୭୫), ଗୋପୀନାଥ ନନ୍ଦ (୧୮୬୯), ମୃତ୍ୟୁଞ୍ଜୟ ରଥ (୧୮୮୨), ପ୍ରଭୃତି ନିଜ ନିଜ ପରିସରରେ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ସହିତ ଓଡ଼ିଶାର ଅସ୍ମିତାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି । କେହି ସମ୍ପାଦନାରେ, କେହି ଗମ୍ଭୀର ଜନଜୀବନର ଚିତ୍ରଣରେ, କେହି ଭାଷା ସୁରକ୍ଷା ଦିଗରେ ତ କେହି ଗଦ୍ୟ ସୃଷ୍ଟିରେ ନିଜ ସାମର୍ଥ୍ୟର ଉପଯୋଗ କରିଛନ୍ତି । ଏମାନେ ସମସ୍ତେ ବିଂଶ ଶତକର ପ୍ରଥମ ଦୁଇ ଦଶକକୁ ନିଜ ନିଜ ପ୍ରତିଭାର ଔଜ୍ଜ୍ୱଲ୍ୟରେ ଦେଦୀପ୍ୟମାନ କରିଛନ୍ତି । ଉତ୍କଳ ଦୀପିକା, ଉତ୍କଳ ଦର୍ପଣ, ଉତ୍କଳ ମଧୁପ, ଉତ୍କଳ ପ୍ରଭା, ଉତ୍କଳ ସାହିତ୍ୟ ଏବଂ ସର୍ବୋପରି ଉତ୍କଳ ସମ୍ମିଳନୀ ଓ ଉତ୍କଳ ସାହିତ୍ୟ ସମାଜ 'ଉତ୍କଳୀୟତା'ର ନିର୍ମାଣ ପରିପ୍ରେକ୍ଷୀରେ ଭାରତୀୟତାକୁ ଯଥୋଚିତ ମର୍ଯ୍ୟାଦା ପ୍ରଦାନ ସମେତ ଉତ୍କଳର ସ୍ୱାର୍ଥରକ୍ଷା ପାଇଁ ଯଥାସାଧ୍ୟ ଉଦ୍ୟମ କରିଛନ୍ତି ।

ଏଠାରେ ରାଧାନାଥଙ୍କର ସାହିତ୍ୟ କୃତି ସମ୍ପର୍କରେ କିଛୁ ସୂଚନା ଦିଆଯାଇଛି । ରାଧାନାଥୀ ସାହିତ୍ୟର ପଦ୍ୟକୃତି 'କେଦାର ଗୌରୀ' (୧୮୮୫), 'ଚନ୍ଦ୍ରଭାଗା' (୧୮୮୬), 'ଉଷା' ଓ 'ନନ୍ଦିକେଶ୍ୱରୀ' (୧୮୮୭), 'ଚିଲିକା' (୧୮୯୨), 'ଦରବାର' (୧୮୯୪), 'ଯଯାତିକେଶରୀ' (୧୮୯୮), 'ଦଶରଥଙ୍କ ମୃଗୟା' (୧୮୯୦), 'ଭାରତଗୀତିକା' (୧୯୦୮), 'ବାଣହରଣ' (୧୯୦୪), 'ଦୁର୍ଯ୍ୟୋଧନର ରକ୍ତ ନଦୀ ସନ୍ତରଣ' (୧୯୦୪) ଓ 'ସାବିତ୍ରୀ ଚରିତ' (୧୯୦୬), ଏତତ୍‌ବ୍ୟତୀତ 'ଭ୍ରମଣ କାହାଣୀର ପତ୍ର', 'ବାମଣ୍ଡା', 'ସାର୍ ରାଜା ବାସୁଦେବ ସୁଢ଼ଳଦେବ', 'କେ.ସି.ଆଇ.ଇ.', 'ଉତ୍କଳ ସାହିତ୍ୟର ଉନ୍ନତି', 'ଟିପାଖାତା', 'ଖଣ୍ଡିଏ ପତ୍ର', ସାହିତ୍ୟ ସମ୍ବନ୍ଧରେ ଏଣୁତେଣୁ ପାଞ୍ଚକଥା ତାଙ୍କର ଗଦ୍ୟ ରଚନା ।

ସମକାଳୀନ କେତେକ ଉଲ୍ଲେଖଯୋଗ୍ୟ ଘଟଣା :

୧୮୩୬ରେ କଟକ ମିଶନ୍ ପ୍ରେସ୍ ସ୍ଥାପିତ ହୋଇଥିଲା । ୧୮୩୮ରେ ସଟନ ସାହେବଙ୍କଦ୍ୱାରା ଜନ୍ ବୁନିୟାନ୍‌ଙ୍କ ରଚିତ 'Pilgrims Progress'ର ଓଡ଼ିଆ ଅନୁବାଦ କରାଯାଇଥିଲା । ୧୮୬୬ର ନଅଙ୍କ ଦୁର୍ଭିକ୍ଷ ଓଡ଼ିଶାର ଜନଜୀବନକୁ ବିପର୍ଯ୍ୟସ୍ତ କରି ଦେଇଥିବା ବେଳେ ସେହି ବର୍ଷ 'ଉତ୍କଳ ଦୀପିକା' ପ୍ରକାଶିତ ହୋଇ ଓଡ଼ିଶାର ମେରୁଦଣ୍ଡକୁ ପୁନର୍ବାର ସିଧା କରିବାର ପ୍ରତିଶ୍ରୁତି ଦେଇଥିଲା । ୧୮୭୮ରେ ବାଲେଶ୍ୱର ସମ୍ବାଦ ବାହିକା, ୧୮୭୩ରେ ଉତ୍କଳଦର୍ପଣ, ୧୮୮୨ରେ ସମ୍ବଲପୁର ହିତୈଷିଣୀ, ୧୮୯୭ରେ ଉତ୍କଳ ସାହିତ୍ୟ ଓ ୧୮୮୮ରେ ଆଶା ପ୍ରକାଶିତ ହୋଇ ଉତ୍କଳର

ଯୁବକମାନଙ୍କୁ ସଂଗଠିତ କରିବାର ପ୍ରୟାସ କରିଥିଲା । ସମ୍ବାଦପତ୍ର ଓ ପତ୍ରପତ୍ରିକା ଯେ ଜାତୀୟ ଜୀବନକୁ ଉଜ୍ଜୀବିତ କରାଇପାରେ, ଏହା ସଚେତନ ଉତ୍କଳବାସୀ ବୁଝିପାରିଥିଲେ । ନୂତନ ଶିକ୍ଷା ବ୍ୟବସ୍ଥା, ପାଠ୍ୟ ପୁସ୍ତକ ଓ ଶିକ୍ଷିତ ଯୁବଗୋଷ୍ଠୀ ଓଡ଼ିଶାରେ ନୂତନ ଜୀବନୀଶକ୍ତି ସଞ୍ଚାର କରିପାରିଥିଲେ ।

ପାଦ୍ରୀମାନେ ଧର୍ମ ପ୍ରଚାର, ବିଦ୍ୟାଳୟ ପ୍ରତିଷ୍ଠା, ମୁଦ୍ରାଯନ୍ତ୍ର ପ୍ରତିଷ୍ଠା, ପତ୍ରିକା ପରିଚାଳନା ପ୍ରଭୃତି ମାଧ୍ୟମରେ ନୂତନ ଚିନ୍ତା ଚେତନାର ବାହକ ହୋଇଥିଲେ । ପ୍ରଥମରେ ପାଦ୍ରିମାନେ ପାଠ୍ୟ ପୁସ୍ତକ ରଚନା କରିଥିଲେ ହେଁ ପରେ ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣ, ଗୋବିନ୍ଦ ରଥ, ଗୋବିନ୍ଦ ପଟ୍ଟନାୟକ, ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ତାରିଣୀ ମୁଖୋପାଧ୍ୟାୟ, ଚନ୍ଦ୍ରମୋହନ ମହାରଣା ପ୍ରଭୃତି ପାଠ୍ୟ ପୁସ୍ତକ ରଚନା କରିବାରେ ଆଗ୍ରହ ପ୍ରକାଶ କରିଥିଲେ । ୧୮୯୧-୧୯୦୦ ଭିତରେ ନନ୍ଦକିଶୋର ବଳ, ଗୋପାଳ ପ୍ରହରାଜ ଓ ଗୋପବନ୍ଧୁ ଦାସ ପ୍ରଭୃତି ଥିଲେ ରେଭେନ୍ସା କଲେଜର ଛାତ୍ର । ସେମାନେ ସମସ୍ତେ ଓଡ଼ିଶାରେ ନୂତନ ଚିନ୍ତା ଚେତନାର ପ୍ରସାର ପାଇଁ ଉଦ୍ୟମ କରିଥିଲେ । ୧୯୦୩ରେ ଗଠିତ ଉତ୍କଳ ସମ୍ମିଳନୀ ଥିଲା ଏହି ସଂହତିର ଫଳଶ୍ରୁତି ଓ ଉତ୍କଳ ଗୌରବ ମଧୁସୂଦନ ହେଲେ ଏହି ଐତିହାସିକ ଆବଶ୍ୟକତାର ବଳିଷ୍ଠ ଅଭିବ୍ୟକ୍ତି, ଓଡ଼ିଆ ଅସ୍ମିତା ନିର୍ମାଣର ମାନ୍ତ୍ରିକ । ରାଧାନାଥ ମଧ୍ୟ ପାଠ୍ୟ ପୁସ୍ତକ ଭାବେ ଭୂଗୋଳ ବ୍ୟବହାରିକ (ରାଧାନାଥ ଓ ଶିବନାରାୟଣଙ୍କ ଦ୍ୱାରା ମିଳିତ ଭାବେ ଲିଖିତ ଓ ବିମସ୍ ସାହେବଙ୍କୁ ଉତ୍ସର୍ଗ) ଭୂଗୋଳ ସାର ସଂଗ୍ରହ (ରାଧାନାଥ ଓ ଉମାଚରଣ ପଣ୍ଡାଙ୍କଦ୍ୱାରା ମିଳତଭାବେ ଲିଖିତ) କ୍ଷେତ୍ରତତ୍ତ୍ୱ, ମାନସାଂକର ଆଦର୍ଶ ପ୍ରଶ୍ନାବଳୀ, ସାହିତ୍ୟ ବିଷୟକ ଆଦର୍ଶ ପ୍ରଶ୍ନାବଳୀ ଓ ବ୍ୟାକରଣ ପୁସ୍ତକ ରଚନା କରିଥିଲେ । 'ବ୍ୟାକରଣ ପ୍ରବେଶ' ତାଙ୍କର କଠିନ ଅଧ୍ୟବସାୟ ଓ ବ୍ୟାପକ ପଠନର ଫଳଶ୍ରୁତି ।

ଏହି ସମୟରେ ରାମମୋହନ ରାୟଙ୍କର 'ବ୍ରାହ୍ମ ସମାଜ', ଦୟାନନ୍ଦ ସରସ୍ୱତୀଙ୍କର 'ଆର୍ଯ୍ୟ ସମାଜ', ରାମକୃଷ୍ଣ ମିଶନ, ଥିଓସଫିକାଲ୍ ସୋସାଇଟି, ଗୋପାଳକୃଷ୍ଣ ଗୋଖଲେ, ବାଳଗଙ୍ଗାଧର ତିଲକ ପ୍ରଭୃତି ସର୍ବଭାରତୀୟ ସ୍ତରରେ ପ୍ରାଚୀନ ଗୌରବମୟ ଇତିହାସ ଓ ହିନ୍ଦୁ ଉପନିଷଦୀୟ ଜୀବନଦୃଷ୍ଟି ପ୍ରତି ଆଗ୍ରହୀ ହେବା ସହିତ ପାଶ୍ଚାତ୍ୟ ବିଜ୍ଞାନଭିତ୍ତିକ ଚିତ୍ରର ପ୍ରଶଂସା କରିଛନ୍ତି ।

ରାଧାନାଥଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ :

ଉନବିଂଶ ଶତାବ୍ଦୀର ଶେଷଭାଗ ଓଡ଼ିଆ ଜାତି, ଭାଷା ଓ ସାହିତ୍ୟ ପାଇଁ ଆତ୍ମବିକାଶ ଓ ଆତ୍ମାନୁଶୀଳନର ସମୟ ଥିଲା । ରାଧାନାଥ, ମଧୁସୂଦନ ଓ ଫକୀରମୋହନଙ୍କୁ ସେଥିପାଇଁ ଗୋଟିଏ ବୀଣାର ତିନୋଟି ତାର ବୋଲି କୁହାଯାଏ । ରାଧାନାଥ ଥିଲେ ଇଂରାଜୀ ଶିକ୍ଷା ପ୍ରାପ୍ତ । ସେ ନିଜର ଆଗ୍ରହ ଓ ମେଧା ବଳରେ ପାଶ୍ଚାତ୍ୟ ସାହିତ୍ୟରୁ ଉପାଦାନ ସଂଗ୍ରହ କରି ତାକୁ ଓଡ଼ିଆ ମାଟିରେ ମହାଦ୍ରୁମରେ ପରିଣତ କରିଥିଲେ । ଡକ୍ଟର ନଟବର ସମାନ୍ତରାୟଙ୍କ ମତରେ ରାଧାନାଥୀ ସାହିତ୍ୟ ଏକ ସମନ୍ୱୟଧର୍ମୀ ସାହିତ୍ୟ । ତାଙ୍କ ପୂର୍ବରୁ ଯେ ସାହତ୍ୟରେ ଜାତୀୟତାର ପ୍ରସଙ୍ଗ ନ ଥିଲା, ତାହା ନୁହେଁ ମାତ୍ର ପାଶ୍ଚାତ୍ୟ ସଂସର୍ଗରେ ଆସିବା ପରେ ଜାତୀୟତାର ସଂଜ୍ଞା ବଦଳି ଯାଇଥିଲା । ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନରେ ଅନୁପ୍ରାଣିତ ହୋଇ ଜାତୀୟତାର ଚେତନା ବ୍ୟାପକ ହୋଇଥିଲା । ଅବହେଳିତ ଓଡ଼ିଶାର ନଦୀ, ଗିରି, କାନନକୁ ଗୁରୁତ୍ୱ ଦେଇ ଜାତୀୟତା ସୃଷ୍ଟିର ପ୍ରୟାସ ହୋଇଥିଲା । ପୁରାଣ, ଇତିହାସ ଓ କିମ୍ବଦନ୍ତୀର ଉଲ୍ଲେଖଯୋଗ୍ୟ ଘଟଣା ଓ ଚରିତ୍ରର ପୁନଃ ମୂଲ୍ୟାୟନ ମାଧ୍ୟମରେ ଅତୀତ ଗୌରବର ପ୍ରଖ୍ୟାପନ କରାଯାଇଥିଲା । ଉତ୍କଳର ଗୌରବଗାନ ପାଇଁ ପରିବେଶ ସୃଷ୍ଟି କରିବା ସହିତ ପ୍ରାଚୀନର ଉଦାହରଣ ଦେଇ ତତ୍କାଳୀନ ଉତ୍କଳର ନାନାବିଧ ଅସ୍ୱସ୍ତିର ରୂପାୟନ ଜାତୀୟତାର ଅନ୍ୟତମ ଦିଗନ୍ତ ପାଲଟିଥିଲା ।

ରାଧାନାଥ ଓଡ଼ିଶାର ନାନା ଦୁର୍ଗମ ସ୍ଥାନ ଭ୍ରମଣ କରିଛନ୍ତି । ହସ୍ତୀ ପୃଷ୍ଠରେ ଭ୍ରମଣ କରିବା ସମୟରେ ଟିପାଖାତାଟିଏ ନେବାକୁ ବିସ୍ମୃତ ହୋଇ ନାହାନ୍ତି । ସମସ୍ତ ସ୍ଥାନର ପ୍ରାକୃତିକ ବିଭବ ସହିତ ସାହିତ୍ୟିକ ଅଭିରୁଚିକୁ ମଧ୍ୟ ସେ ଗୁରୁତ୍ୱର ସହିତ ଟିପି ଆଣିଛନ୍ତି । ଯେମିତି 'ତାଳଚେରର ରାଜସଭା, ସାହିତ୍ୟ ସଭା' (ଗ୍ରନ୍ଥାବଳୀ, ପୃ- ୮୭) ବାମଣ୍ଡା, ମାଲ୍ୟଗିରି, ଲହଡ଼ା ପ୍ରଭୃତି । ଏହିସବୁ ସ୍ଥାନକୁ ସେ ନିଜର ସାହିତ୍ୟ ସୃଷ୍ଟିରେ କେବଳ ଲିପିବଦ୍ଧ କରିନାହାନ୍ତି ବରଂ ସେହି ସ୍ଥାନକୁ ଜୀବନ୍ତ କରିତୋଳିଛନ୍ତି । ଏହା ହିଁ ରାଧାନାଥୀ ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ ।

ଉତ୍କଳ ସାହିତ୍ୟ ସମାଜର ପ୍ରଥମ ବାର୍ଷିକ ଅଧିବେଶନରେ ସେ ଯେଉଁ ପ୍ରବନ୍ଧ ପାଠ କରିଥିଲେ, ଉତ୍କଳ ସାହିତ୍ୟର ଉନ୍ନତିକଳ୍ପେ ରଚିତ ସେହି ପ୍ରବନ୍ଧର ପ୍ରାସଙ୍ଗିକତା ଆଜି ମଧ୍ୟ ଯଥେଷ୍ଟ । ଅଭିରାମ ଭଞ୍ଜ, ବିଶ୍ୱନାଥ କରଙ୍କ ଭଳି ସେହି ଉତ୍ସବରେ ଉପସ୍ଥିତ ସାହିତ୍ୟପ୍ରେମୀମାନଙ୍କୁ ଗୁରୁତ୍ୱର ସହିତ ସମ୍ମାନ ଜଣାଇ ସେ କହିଥିଲେ-

"ଜାତିକୁ ଉନ୍ନତି କରିବାକୁ ହେଲେ ଜାତୀୟ ସାହିତ୍ୟ ନିତାନ୍ତ ପ୍ରୟୋଜନୀୟ । × × ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ପ୍ରାତୀଚ୍ୟ ବିଜ୍ଞାନ, ବିଶେଷତଃ ପ୍ରାତୀଚ୍ୟ ଜଡ଼ ବିଜ୍ଞାନର ଶିକ୍ଷା ଭାରତବର୍ଷୀୟ ଲୋକଙ୍କ ପକ୍ଷରେ କେବଳ ଯେ ବାଞ୍ଛନୀୟ ତାହା ନୁହେଁ, ପ୍ରତ୍ୟୁତଃ ଆନ୍ତର୍ଜାତିକ ଜୀବନ ସଂଗ୍ରାମରେ ଆତ୍ମରକ୍ଷା ସକାଶେ ଅପରିହାର୍ଯ୍ୟ ରୂପେ ପ୍ରୟୋଜନୀୟ ମଧ୍ୟ । ମାତ୍ର ବିଜ୍ଞାନର ଦ୍ୱାହି ଦେଇ ମୁଁ ସାହିତ୍ୟକୁ ଏକାବେଳକେ ଅଧଃକୃତ କରିବାକୁ ପ୍ରସ୍ତୁତ ନୁହେଁ । ଏକଦେଶଦର୍ଶୀ ହୋଇ ଯେଉଁମାନେ ସାହିତ୍ୟକୁ ଏହିପରି ଅଧଃକୃତ କରନ୍ତି, ସାହିତ୍ୟର ମୂଳ କେଉଁଠାରେ ତାହା ସେମାନେ ସମ୍ପୂର୍ଣ୍ଣ ରୂପେ ବିସ୍ମୃତ ହୋଇଯାନ୍ତି । ମନୁଷ୍ୟ କେବଳ ମସ୍ତିଷ୍କବାନ ନୁହେଁ, ମନୁଷ୍ୟର ଆତ୍ମା ଏବଂ ହୃଦୟ ମଧ୍ୟ ଅଛି । ସେହି ଆତ୍ମା ଏବଂ ହୃଦୟକୁ ସାହିତ୍ୟର ମୂଳ ସ୍ୱରୂପ ନିର୍ଦ୍ଦେଶ କରାଯାଇପାରେ । ଆତ୍ମା ଏବଂ ହୃଦୟର ଅସ୍ତିତ୍ୱ ଲୋପ ନ ହେବା ପର୍ଯ୍ୟନ୍ତ ସାହିତ୍ୟର ଲୋପ ହେବ ନାହିଁ, ଏହା ବୋଲିବା ବାହୁଲ୍ୟ । ମସ୍ତିଷ୍କର କର୍ଷଣ ଏବଂ ଆତ୍ମା ଏବଂ ହୃଦୟର ସଂଘର୍ଷ, ଏ ଉଭୟର ସମନ୍ୱୟପୂର୍ଣ୍ଣ ମନୁଷ୍ୟତା ଲାଭ ସକାଶେ ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ପ୍ରୟୋଜନୀୟ; ସୂକ୍ଷ୍ମଦର୍ଶୀ ବ୍ୟକ୍ତିମାତ୍ରକେ ଏହା ସ୍ୱୀକାର କରିବେ ।" (ଗ୍ରନ୍ଥାବଳୀ, ପୃ. ୪୮୩-୪୮୪) ଏହି ପ୍ରବନ୍ଧରେ ସେ ଓଡ଼ିଆ ପୁସ୍ତକାଳୟ ସ୍ଥାପନ, ପ୍ରାଚୀନ ପାଣ୍ଡୁଲିପି ସଂଗ୍ରହ, ନବୀନ ଲେଖକଙ୍କ ପାଇଁ ଉତ୍ସାହ ପାଣ୍ଠି ସଂସ୍ଥାପନ, ଉତ୍କଳ ଭାଷାର ଇତିହାସ ପ୍ରଣୟନ ଓ ପ୍ରାଚୀନ ଉତ୍କଳ ସାହିତ୍ୟର ଆଲୋଚନା ପାଇଁ ଆଗ୍ରହ ସୃଷ୍ଟି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହା ତାଙ୍କର ଉତ୍କଳୀୟ ସାହିତ୍ୟ ସଂସ୍କୃତି ତଥା ଓଡ଼ିଶାର ଅସ୍ମିତା ନିର୍ମାଣ ପାଇଁ ଆଗ୍ରହର ଫଳଶ୍ରୁତି ।

୧୯୦୩ରେ ଉତ୍କଳ ସମ୍ମିଳନୀ ଗଠନ ଏହି ଓଡ଼ିଶୀ ଭାବନା ଜାଗରଣ ପାଇଁ ପ୍ରମୁଖ ଭୂମିକା ନିର୍ବାହ କରିଥିଲା । ଉତ୍କଳ ସମ୍ମିଳନୀର ଷ୍ଟାଣ୍ଡିଙ୍ଗ୍ କମିଟିରେ ରାୟବାହାଦୂର ରାଧାନାଥ ରାୟଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ସେ ଏହି ସମ୍ମିଳନୀର ଚତୁର୍ଥ, ପଞ୍ଚମ ଓ ଷଷ୍ଠ ବିବରଣୀରେ ଦସ୍ତଖତ କରିଥିଲେ ଓ ସ୍ଥାୟୀ କମିଟିର ସଦସ୍ୟ ଥିଲେ । ଏହି ସମ୍ମିଳନୀରେ ଉତ୍‌ଥାପିତ ହୋଇଥିବା ପଞ୍ଚମ ପ୍ରସ୍ତାବ ଅର୍ଥାତ୍ 'ଉତ୍କଳ ସାହିତ୍ୟ ସମାଜ ସହିତ ଯୁକ୍ତ ହୋଇ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ସାଧନ ପାଇଁ ସମ୍ମିଳିତ ଓ ସୁଚିନ୍ତିତ ପ୍ରଚେଷ୍ଟା କରିବା'ର ସେ ଥିଲେ ପ୍ରସ୍ତାବକ ଯାହା ବାବୁ ମଧୁସୂଦନ ରାଓଙ୍କ ଦ୍ୱାରା ଅନୁମୋଦିତ ଓ ବାବୁ ଗୋପାଳବଲ୍ଲଭଙ୍କ ଦ୍ୱାରା ସମର୍ଥିତ ହୋଇଥିଲା । ଏଥିରୁ ଜଣାଯାଏ ରାଧାନାଥ ତତ୍କାଳୀନ ସାମାଜିକ ପ୍ରେକ୍ଷାପଟରେ ବେଶ୍ ଗୁରୁତ୍ୱର ସହିତ

ଗୃହୀତ ହୋଇଥିଲେ । ଶିକ୍ଷା, ଶିକ୍ଷାଜଗତ୍‌ରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ସାହିତ୍ୟ ସୃଷ୍ଟି, କବିତ୍ୱ ଓ ଓଡ଼ିଶା ଜାତୀୟତା ଏକତ୍ର ହୋଇ ତାଙ୍କର ବ୍ୟକ୍ତିତ୍ୱ ନିର୍ମାଣ କରିଥିଲା । ଯଦିଚ ପାଶ୍ଚାତ୍ୟ ସାହିତ୍ୟାବଗାହୀ ରାଧାନାଥ 'ପାର୍ବତୀ' କାବ୍ୟ ପାଇଁ ଅନେକ ଦ୍ୱେଷ ଓ ଅସୂୟାର ଶିକାର ହୋଇଛନ୍ତି, ତାଙ୍କର ଓଡ଼ିଶା ମାନସିକତା ତହିଁରେ କ୍ଷତାକ୍ତ ହୋଇଛି ତଥାପି ସେ ଅଦମ୍ୟ ଉତ୍ସାହ ସହିତ ଯେଉଁଠି ସୁଯୋଗ ପାଇଛନ୍ତି, ସେଠାରେ ଓଡ଼ିଶାର ଗୌରବ ପ୍ରଖ୍ୟାପନ ପାଇଁ ପ୍ରସ୍ତୁତ ହୋଇଛନ୍ତି । ତାଙ୍କ ସାହିତ୍ୟରୁ କେତୋଟି ଉଦାହରଣ ଦେବା ।

ଏହା ପୂର୍ବରୁ ବିଚାର କରିବା କଥା ହେଉଛି, 'ରେନେସା' ବା ନବଜାଗରଣ କାଳର ଅନ୍ୟ ପ୍ରତିଭା ରାଧାନାଥ ଏହି 'ରେନେସା'କୁ କିଭଳି ଗ୍ରହଣ କରିଛନ୍ତି । 'ରେନେସା'ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଐତିହ୍ୟର ଅନୁସନ୍ଧାନ ଓ ପରମ୍ପରା ପ୍ରତି ଆନ୍ତରିକତା । ଏହା ରାଧାନାଥୀ ସାହିତ୍ୟରେ ଅନେକତ୍ର ପ୍ରତିଫଳିତ । ବିଶେଷ କରି 'ମହାଯାତ୍ରା'ରେ ସଭ୍ୟତାର ପ୍ରବାହ ସହିତ ମହାଭାରତୀୟ ପ୍ରାଣସ୍ପନ୍ଦନ ଅନୁଭୂତ ।

'ରେନେସା'ର ଅନ୍ୟତମ ଲକ୍ଷଣ ହେଉଛି କର୍ମ ପ୍ରବଣତା । ଆଳସ୍ୟପରାୟଣ ଜାତିର ପତନ ଅନିବାର୍ଯ୍ୟ । ବାମଣ୍ଡାର ରାଜା ବାସୁଦେବ ସୁଡ଼୍ହଳଦେବଙ୍କର କର୍ମ ପ୍ରବଣତା, ବିଜ୍ଞାନମନସ୍କତା, ପ୍ରଜାବତ୍ସଳତା, କୃଷିପ୍ରିୟତା ଓ ସାହିତ୍ୟ ଅନୁରାଗର ସେ ପ୍ରଶଂସା କରିଛନ୍ତି । 'ଭ୍ରମଣକାରୀର ପତ୍ର'ରେ ତାଙ୍କ ଉକ୍ତି "ନିଷ୍କର୍ମାଙ୍କର ପ୍ରାୟ ଅବସର ଥାଏ ନାହିଁ । ଯେଉଁମାନେ ଅଧିକ କାର୍ଯ୍ୟ କରନ୍ତି, ସେମାନଙ୍କର ଅଧିକ ଅବସର । ଏହି କଥାଟିର ଆମ୍ଭେମାନେ ପ୍ରତ୍ୟକ୍ଷ ପ୍ରମାଣ ପାଇଲୁ ।" (ଗ୍ରନ୍ଥାବଳୀ, ପୃ-୪୫୪)

ଜାତୀୟ ସାହିତ୍ୟର ବିକାଶ ଏହି ନବଜାଗରଣର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଭବ । 'ଚିଲିକା'ରେ ତାଙ୍କର ଉକ୍ତି- "ପାହିଲାଣି ଘୋର ତାମସୀ ରଜନୀ, ଫୁଟିବ ଉତ୍କଳ ଭାଷା କମଳିନୀ ।" - ଏହାର ପ୍ରକୃଷ୍ଟ ଉଦାହରଣ । ସ୍ୱଦେଶ ପ୍ରେମର ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ମାତୃଭାଷା । ଓଡ଼ିଶାର ଶିକ୍ଷା ବ୍ୟବସ୍ଥାର ଅନ୍ୟତମ କର୍ଣ୍ଣଧାର ଭାବରେ ସେ ଅନେକ ସ୍କୁଲ ପ୍ରତିଷ୍ଠା କରିଛନ୍ତି । ବିଭିନ୍ନ ପାଠ୍ୟ ପୁସ୍ତକ ତଥା ଭାଷା ଶୃଙ୍ଖଳା ରକ୍ଷାପାଇଁ ସେ ବ୍ୟାକରଣ ମଧ୍ୟ ଲେଖିଛନ୍ତି । ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ, ଭୌତିକ ବିଜ୍ଞାନ ଓ ଶରୀର ବିଜ୍ଞାନ ପାଇଁ ସେ ମଧ୍ୟ ଗୁରୁତ୍ୱ ପ୍ରଦାନ କରିଛନ୍ତି । 'ବିବେକୀ' ତାଙ୍କର ମୁକ୍ତ ଚିନ୍ତାର ପରିଚାୟକ । ଐତିହ୍ୟ ସହିତ ଆଧୁନିକତାକୁ ଠିକ୍ ଭାବରେ ସମନ୍ୱିତ କରିପାରିଲେ ହିଁ ମାତୃଭାଷା ବଳିଷ୍ଠ ଭାବପ୍ରକାଶର ମାଧ୍ୟମ

ହୋଇପାରିବ । ଫଳରେ ଓଡ଼ିଶୀ 'ଅସ୍ମିତା' ଯଥାର୍ଥ ଭାବେ ବିକଶିତ ହୋଇପାରିବ । ରାଧାନାଥଙ୍କ କାବ୍ୟ କବିତା ତଥା ଗଦ୍ୟ ରଚନାରୁ ଆମେ ଏହାର ଏକାଧିକ ଉଦାହରଣ ପାଇପାରିବା ।

ତାଙ୍କ ସମୟ ହେଉଛି ସଚେତନତା ସହିତ ସାହିତ୍ୟ ସୃଷ୍ଟିର ସମୟ । ବ୍ୟକ୍ତିଗତ ଭାବେ ରାଧାନାଥ ମଧ୍ୟ ସମକାଳରେ ଅନେକ କୁତ୍ସା ଓ ଅସୂୟାର ଶିକାର ହୋଇଛନ୍ତି । ବିଧର୍ମୀ ଓ ଭାରତୀୟତାର ବିରୋଧୀ ଆଖ୍ୟା ପାଇଛନ୍ତି । ତଥାପି ତହିଁରେ ଅବିଚଳିତ ରହି ସେ 'ଚିଲିକା', 'ମହାଯାତ୍ରା' ଓ 'ଦରବାର' ଭଳି କାବ୍ୟ ରଚନା କରି ନିଜର ଜାତୀୟତା ତଥା ମହାଭାରତୀୟତାର ପରିଚୟ ପ୍ରଦାନ କରିଛନ୍ତି ।

ଅତୀତର ବୀର ଓ ଦେଶପ୍ରେମୀମାନଙ୍କ ପ୍ରତି ସେ ଶ୍ରଦ୍ଧା ଓ ସମ୍ମାନ ନିବେଦନ କରିଛନ୍ତି, ଯାହା ତାଙ୍କର ଭାରତୀୟତାର ଅନ୍ୟତମ ନିଦର୍ଶନ । ଯୁଧିଷ୍ଠିର, ପୃଥ୍ୱୀରାଜଙ୍କ ସହିତ ସେ ଦୁର୍ଗାବତୀଙ୍କୁ ମଧ୍ୟ ସମ୍ମାନ ଜଣାଇଛନ୍ତି । ଉତ୍କଳର ନରପତି, ଚୋଡ଼ଗଙ୍ଗ, ପୁରୁଷୋତ୍ତମ ଦେବ, ମର୍କତକେଶରୀ, ଯଯାତିକେଶରୀ, ପ୍ରତାପରୁଦ୍ରଙ୍କ ସହିତ ଇନ୍ଦ୍ରଦ୍ୟୁମ୍ନ ଓ ଖାରବେଳଙ୍କୁ ମଧ୍ୟ ସେ ନିଜର କାବ୍ୟ ପରିସର ମଧ୍ୟକୁ ଆଣିଛନ୍ତି । ପୁଣି ଗୌରୀଶଙ୍କର, ଉପେନ୍ଦ୍ର, ଦୀନକୃଷ୍ଣ, ଅଭିମନ୍ୟୁ, କବିସୂର୍ଯ୍ୟ, ସାମନ୍ତ ଚନ୍ଦ୍ରଶେଖରଙ୍କ ସହିତ ସାର୍ ସୁଦ୍ଧଳଦେବ ଓ ରାମଚନ୍ଦ୍ର ଭଞ୍ଜ ପ୍ରଭୃତିଙ୍କର ଉତ୍କଳ ପ୍ରତି ଅବଦାନକୁ ସେ ସ୍ୱୀକାର କରିଛନ୍ତି । ଏହା ତାଙ୍କର ଉତ୍କଳୀୟ ଅସ୍ମିତା ନିର୍ମାଣର ଅନ୍ୟତମ ଉଲ୍ଲେଖଯୋଗ୍ୟ ଦିଗ ।

ଓଡ଼ିଶାର ସ୍ଥାନ ସମୂହର ବର୍ଣ୍ଣନା :

'କେଦାରଗୌରୀ' କାବ୍ୟରେ ଭୁବନେଶ୍ୱର ଓ ବିନ୍ଦୁସାଗରର ବର୍ଣ୍ଣନା ରହିଛି । 'ଚନ୍ଦ୍ରଭାଗା'ରେ ଶ୍ରୀଜଗନ୍ନାଥଙ୍କର ଅଭିଷେକୋତ୍ସବ ସମୟରେ ଯେଉଁ ଦେବଦେବୀମାନେ ଆସିଛନ୍ତି, ସେହି ସ୍ଥାନର ବର୍ଣ୍ଣନା ବେଶ୍ ହୃଦ୍ୟ ହୋଇଛି । ହରଚଣ୍ଡୀ, ବାଣପୁରର ଭଗବତୀ, ଭୁବନେଶ୍ୱରର ଭୁବନେଶ୍ୱରୀ, ରଣପୁରର ମଣିନାଗ, ଶାରଳା, କାକଟପୁରର ମଙ୍ଗଳା, କାଳିଜାଇ, ଖୋର୍ଦ୍ଧାର ବରୁଣେଇ, କଟକଚଣ୍ଡି ପ୍ରଭୃତି ସ୍ଥାନୀୟ ଦେବୀମାନଙ୍କର ବର୍ଣ୍ଣନା ସହିତ ସୂର୍ଯ୍ୟଦେବ (କୋଣାର୍କର ପୂଜିତ ବେଶ)ଙ୍କ ଆଗମନ ହୋଇଛି । 'ନାବିକ ଅର୍ଚ୍ଚିତ ଚର୍ଚ୍ଚିକା ବେଶ' ବା 'ହାଟକ ଗଉରୀ କଟକଚଣ୍ଡି' ନାଗରୀ ବେଶେ, ଅମଳ ରଜତ କୁସୁମ ଶୋଭେ କୋମଳ ବେଶେ' ଭଳି ବର୍ଣ୍ଣନାରେ ସେହି ସ୍ଥାନର ଗୌରବ କୀର୍ତ୍ତିତ ହୋଇଛି । 'ନନ୍ଦିକେଶ୍ୱରୀ'ରେ କାଠଯୋଡ଼ି କୂଳ ହିଁ ହୋଇଛି

ଘଟଣାର ପୃଷ୍ଠଭୂମି, କନିକା, କୁଜଙ୍ଗ, ଆଳି, କେନ୍ଦ୍ରାପଡ଼ା, ଅସୁରେଶ୍ୱର, ସାଲେପୁର, ଚୌଦ୍ୱାର, ଛତିଆ, ମହାବିନାୟକ, ଯାଜପୁର, ନିଆଳି, ପାରିକୁଦ, ଖଲ୍ଲିକୋଟ ପ୍ରଭୃତି ଓଡ଼ିଶାର ଅନେକ ସ୍ଥାନର ସ୍ୱଭାବ ସୁଲଭ ଚିତ୍ର ଏଥିରେ ସ୍ଥାନିତ, ଯାହା କବିଙ୍କର ଉତ୍କଳ ପ୍ରୀତିର ଅଭ୍ରଂକଷ ନିଦର୍ଶନ ।

'ଉଷା'ରେ ବାଲେଶ୍ୱରର ପୋଦୁଆଁପଦାର ମାଣିକ୍ୟଖମ୍ବ ହିଁ ଉଷା ଓ ଜୟନ୍ତଙ୍କ ଗତିବେଶ ନିର୍ଦ୍ଧାରଣ ପାଇଁ ଅଭିପ୍ରେତ । ମୟୂରଭଞ୍ଜ ଶିମିଳିପାଳ, କୁମାରଦା, ସୋର, ପାଟଣା, କରଞ୍ଜଗାଡ଼ିଆ, ଧାମରା, ଗୋହିରାଟିକିରି ପ୍ରଭୃତିର ବର୍ଣ୍ଣନାରେ 'ଉଷା' ପରିପୂର୍ଣ୍ଣ । 'ପାର୍ବତୀ'ରେ ନୀଳାଚଳର ଦୋଳଉତ୍ସବ ହୋଇଛି ମୁଖ୍ୟ ଘଟଣାର ଆଧାର । ଋଷିକୂଲ୍ୟା ଠାରୁ ସୁବର୍ଣ୍ଣରେଖା ପର୍ଯ୍ୟନ୍ତ ପ୍ରତ୍ୟେକ ଅଞ୍ଚଳର ବୈଶିଷ୍ଟ୍ୟ ଏଥିରେ ସ୍ଥାନିତ । ଯେମିତି

ବିମ୍ବାଧରୀଙ୍କର ଚମ୍ପକ ଅଙ୍ଗୁଳି କମ୍ପନେ ମଧୁ ଝଙ୍କାର
ଉପୁଜିବା ଆଶେ କେନ୍ଦୁଝରେ ଗଢ଼ା ହେଉଅଛି ଲୌହ ଶର ।

(ଗ୍ରନ୍ଥାବଳୀ, ପୃ-୧୦୫)

ଗଜଦନ୍ତ ପଲଙ୍କ, ଅଙ୍ଗରାଗ ପାଇଁ ହରିଦ୍ରା, ନୀଳଗିରିର ଚନ୍ଦନ ପେଡ଼ି, ଲଳିତ ଗିରିର ଚନ୍ଦନ ଏସବୁର ବର୍ଣ୍ଣନା ମଧ୍ୟରେ ଆମେ ନିର୍ଦ୍ଦିଷ୍ଟ ସ୍ଥାନର ଭୌଗୋଳିକ ସହିତ ସାଂସ୍କୃତିକ ମହତ୍ତ୍ୱର ମଧ୍ୟ ପରିଚୟ ପାଇଥାଉ । ପୁଣି କଞ୍ଚୁକୀ ଗଙ୍ଗେଶ୍ୱରଙ୍କର ଯୁଦ୍ଧ ଜୟର ପ୍ରତୀକ ଅଗ୍ନିଶିଖା ଦେଖିବାବେଳେ କେଉଁ କେଉଁ ରାଜ୍ୟ ମାର୍ଗରେ ତାହା ଆସିଥିବ ତାର ଏକ ଧାରା ମଧ୍ୟ କବି ପ୍ରଦାନ କରିଛନ୍ତି । 'ଚିଲିକା'ରେ ତ କବି ଭାରତର ବିଭିନ୍ନ ସ୍ଥାନର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବା ଭିତରେ ତୁଳନାତ୍ମକ ଭାବେ ଓଡ଼ିଶାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଚିଲିକାକୁ ସମ୍ବୋଧନ କରି ସେ କହନ୍ତି-

ତୋ ଛବି ଦର୍ଶନେ ସେହି ରୂପେ ମନ   ହରେ ସୁମଧୁର ଶାନ୍ତି ଆସ୍ୱାଦନ
ବିରାଟ ବୋଲି ତୁ ଯେଣୁ ସୁବୃହତ,   ସ୍ତବଧ ନୋହି ମନ ହୁଅଇ ଉନ୍ନତ
ଅବସାଦେ ଅବା ଆତ୍ମବିସ୍ମୃତିରେ,   ବୁଡ଼େ ନାହିଁ ମନ ତୋର ରମ୍ୟ ତୀରେ
ସ୍ନିଗ୍ଧ ରୂପ ତୋର ଚିତ୍ତ ଉଲ୍ଲାସକ,   ସୁମଧୁର ଦ୍ୱୈତ ଭାବର ଦ୍ୟୋତକ ।

ଓଡ଼ିଶୀର ଜାତୀୟତା :

ଉତ୍କଳସମ୍ମିଳନୀରେ ଗାନ କରାଯିବା ନିମିତ୍ତ ୧୯୦୮ରେ 'ଭାରତ ଗୀତିକା'ର ରଚୟିତା ରାଧାନାଥ ଓଡ଼ିଶୀ ଜାତୀୟତାକୁ କେଉଁଭଳି ଅନୁଧ୍ୟାନ କରିଛନ୍ତି ତାହା ଏହି ପଦରେ ସ୍ପଷ୍ଟ-

"ଭାରତ ପଙ୍କଜଦଳମିଦମୁତ୍କଳ ମଣ୍ଡଳମିତି ବିଦିତଂ ଯତ୍
ତସ୍ୟକୃତେ ବିପ୍ରମିତ୍ର ସମେତା ବିହିତାତ୍ରୋତ୍କଳ-ସଂସତ୍"

ଗ୍ରନ୍ଥାବଳୀ, ପୃ- ୨୦

ଅର୍ଥାତ୍ ଭାରତ ଯଦି ପଦ୍ମ ହୁଏ, ତା ମଧ୍ୟରେ ଏକ ପାଖୁଡ଼ା ହେଉଛି ଉତ୍କଳ । ଏହି ଭାବନାର ସିଧାସଳଖ ପ୍ରତିଧ୍ୱନି ଉତ୍କଳମଣି ଗୋପବନ୍ଧୁଙ୍କ ରଚନାରେ ପରିଦୃଷ୍ଟ ହୁଏ । 'ଚିଲିକା'ରେ ତୁଳନାତ୍ମକ ଭାବେ ଓଡ଼ିଶାର ଗୌରବକୁ ଅଣଦେଖା କରାଯାଇଥିବାରୁ ସେ ଦୁଃଖିତ ହୋଇଛନ୍ତି । ସେ ଦେବୀ ବୀଣାପାଣିଙ୍କୁ ଅଭିମାନରେ କହନ୍ତି-

 କ୍ଷୁଦ୍ର ଶିପ୍ରା ସ୍ରୋତ ବିଖ୍ୟାତ ଜଗତେ ମହାନଦୀ ନାମ ରହିଲା ଗୁପତେ
ସ୍ୱରୂପା ଅଂଶୁପା ଲୋକେ ଅଗୋଚର, ପୂଜାସ୍ପଦ ହେଲା ଗୋସ୍ପଦପୁଷ୍କର
ସ୍ୱଭାବେ ଗିରୀନ୍ଦ୍ର ହୋଇ ମେଘାସନ, ଲଭିନାହିଁ ଗିରି ସମାଜେ ଆସନ

'ମହାଯାତ୍ରା'ରେ ଏହି ଉତ୍କଳୀୟ ଗରିମା ଅଧିକତର ପରିସ୍ଫୁଟ । ଯୁଧିଷ୍ଠିରଙ୍କ ନିର୍ଦ୍ଦେଶରେ ଅର୍ଜୁନ ଅଗ୍ନିଙ୍କୁ ପ୍ରଣାମ କରି ପାରାବାରକୁ ନିଜର ଧନୁ ଓ ତୂଣୀର ଫିଙ୍ଗି ଦେଇଛନ୍ତି । ସାଗର ବାହୁ ପ୍ରସାରଣ କରି ସେହି ଧନୁ ଓ ତୂଣୀର ଗ୍ରହଣ କରିଛନ୍ତି । ଅଗ୍ନି କ'ଣ ପାଇଁ ଏହି ସ୍ଥାନରେ ଆବିର୍ଭୂତ ହୋଇଥିଲେ ବୋଲି ଯୁଧିଷ୍ଠିରଙ୍କ ପ୍ରଶ୍ନରେ ଅଗ୍ନି କୁହନ୍ତି-

"ଉତ୍ତରିଲେ ଅଗ୍ନି ଏହା ନୀଳାଚଳ ଧାମ
ସୃଷ୍ଟିଦିନୁ ଅପ୍ରସିଦ୍ଧ ଥିଲା ମହୀତଳେ
ମୁଁ ଥାଏଁ ଗୁପତେ ଯେହ୍ନେ ଉଷ୍ମ ଆବରଣେ"

(ଗ୍ରନ୍ଥାବଳୀ, ପୃ-୧୭୬)

ପୁନଶ୍ଚ "ପ୍ରସରିଣ ଥିଲା ଆଶେ ଅଶରୀରୀ ବାଣୀ
ଦେବଲୋକେ, କୃଷ୍ଣଙ୍କୁ ଆସି ଚକ୍ରବର
ପଡ଼ିବ ଯେ ଠାବେ, ତହିଁ ହେବ କଳିଯୁଗେ
ଭାବଗ୍ରାହୀ କେଶବର ଭାବୀ ଅବତାର
ପତିପାବନବାନା ଉଡ଼ିବ ଭୂତଳେ"

(ଗ୍ରନ୍ଥାବଳୀ, ପୃ-୧୭୬)

× × ×

ପୁଣ୍ୟତମ ଏ ସୈକତ ବିଶ୍ୱଚରାଚରେ
ବାଛି ନେଇଛନ୍ତି ଯାହା ନିଜେ ଲୀଳାମୟ
ପୁଣି ମର୍ତ୍ତ୍ୟଲୀଳା ଲାଗି ଅଖିଳ ଭାରତେ
ପର୍ଣ୍ଣଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲଳିତ
ଶ୍ରେଷ୍ଠ ଏ ଉତ୍କଳଭୂମି ଗୁଣେ ଗରୀୟସୀ"

ତାଙ୍କର ଉତ୍କଳୀୟ ଜାତୀୟତା ମହାଭାରତୀୟତା ମଧ୍ୟରେ ପ୍ରସାରିତ ହୋଇଯାଇଛି । 'ଶିବାଜୀଙ୍କ ଉତ୍ସାହବାକ୍ୟ'ରେ ଏ ଭଳି ଉଦାହରଣ-

ଶୂର କୁଳେ ଜାତ ଅଟ ତୁମ୍ଭେ ଶୂର ଶୂରକୁଳ ବିଧି ଅରାତିବଧ
ନୋହିଲେ ମରଣ ଅଟଇ ମଧୁର ବୁହାଇ ଅରାତି-ଶୋଣିତ-ନଦ

× × ×

ଯାବତ ଦେହରେ ବହେ ପ୍ରାଣବାୟୁ ଶୂରେ ! ନ ବିମୁଖ ହୁଅ ସମରେ
ମାର ଅବା ମର ଏଥୁଁ ଅନ୍ୟ ଆଉ ନ ଘଟୁ ଯେମନ୍ତେ ତୁମ୍ଭ ଭାଗ୍ୟରେ ।

(ଗ୍ରନ୍ଥାବଳୀ, ପୃ-୩୬୧-୩୬୨)

'ଦରବାର'ରେ ଉତ୍କଳର ବିପର୍ଯ୍ୟସ୍ତ ଦଶାକୁ ସେ ବ୍ୟଙ୍ଗଜର୍ଜର କରିଛନ୍ତି, ଯାହା ଜାତୀୟତାର ଅନ୍ୟ ଏକ ଭିନ୍ନ ସ୍ୱର ।

ପୂର୍ବ ନରପତି ପ୍ରେତ ଆତ୍ମାମାନ ବ୍ୟୋମେ ବ୍ୟୋମଯାନେ ହୋଇ ଅଧିଷ୍ଠାନ
ଦେଖନ୍ତି ସଖେଦେ ତାଙ୍କର ଦୁର୍ଜୟ ଉତ୍କଳର ଏହି ଦଶା ବିପର୍ଯ୍ୟୟ

× × ×

"ଦେଖୁ ନାହାନ୍ତି କି ମନେ ଭରି ଲାଜ
କି ଥିଲା ଏ ରାଜ୍ୟ, କି ହୋଇଛି ଆଜ ।"

(ଗ୍ରନ୍ଥାବଳୀ, ପୃ-୨୭୭)

'ମହାଯାତ୍ରା'ର 'ଅମର୍ଷୀ ବାଣୀ' ପ୍ରସଙ୍ଗ ଏହାର ଉଦାହରଣ ।

ଇତିହାସ ଓ କିଂବଦନ୍ତୀ ସହିତ ଲୋକମୁଖରେ ପ୍ରଚଳିତ କଥାକୁ ବି ସେ ନିଜ କାବ୍ୟରେ ସ୍ଥାନ ଦେଇଛନ୍ତି । ଯଦିଚ 'ପାର୍ବତୀ' ଓ 'ନନ୍ଦିକେଶ୍ୱରୀ'ରେ ଇତିହାସର ସତ୍ୟତା ଆଜି ମଧ୍ୟ ପ୍ରଶ୍ନବାଚୀ ହୋଇ ରହିଛି, ତଥାପି ନିଜର ଅପୂର୍ବ ବସ୍ତୁ-ନିର୍ମାଣ-କ୍ଷମ ପ୍ରତିଭା ବଳରେ ସେ କିଂବଦନ୍ତୀ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି । କେଦାରଗୌରୀ ମନ୍ଦିର ପ୍ରସଙ୍ଗ, ବାଲେଶ୍ୱରର ଉଷା ପଡ଼ିଆ, ନନ୍ଦିକେଶ୍ୱରୀ ପଠା

ପ୍ରଭୃତି ଏହାର ଉଦାହରଣ । ଆଜିଯାଏ ଓଡ଼ିଶାର ଜନସାଧାରଣ ଏହି ସ୍ଥାନର ନାମକୁ ରାଧାନାଥୀ ପ୍ରତିଭାର ନିଦର୍ଶନ ଭାବେ ଗ୍ରହଣ କରିଥାଆନ୍ତି । ଏହାକୁ ଜଣେ କବିଙ୍କର ଅପୂର୍ବ କଳାପାଟବତା ବୋଲି କହିବା ଯଥାର୍ଥ । ଓଡ଼ିଶାର ଭୂଗୋଳକୁ ଇତିହାସ ଓ କିଂବଦନ୍ତୀ ସହିତ ଜଡ଼ିତ କରି ସେ ଏକ ମନୋହର ପ୍ରାକୃତିକ ପରିବେଶ ସୃଷ୍ଟିପାଇଁ ସର୍ବତ୍ର ପ୍ରୟାସ କରିଛନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନେଇ ତାଙ୍କର ଅବବୋଧ ଅନ୍ୟ ଏକ ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ ।

ରାଧାନାଥଙ୍କ ସାହିତ୍ୟ ସମ୍ପର୍କରେ ପ୍ରଥିତଯଶା ଆଲୋଚକମାନେ ନିଜ ନିଜର ଦୃଷ୍ଟିକୋଣରୁ ଆଲୋଚନା କରିଛନ୍ତି । ରାଧାନାଥଙ୍କର ସମୟ ହିଁ ତାଙ୍କ କବିତ୍ୱର ଏତାଦୃଶ ବିକାଶ ପାଇଁ ପଥପ୍ରସ୍ତୁତ କରିଥିଲା । ବହୁପାଠିତା, ସୁଖ-ଦୁଃଖରେ ନିରୁଦ୍‌ବିଗ୍ନତା, ଭାଷା ସାହିତ୍ୟ ପ୍ରତି ଶ୍ରଦ୍ଧା ଓ ଉତ୍କଳୀୟତା ପ୍ରତି ଯଥୋଚିତ ସମ୍ମାନ ତାଙ୍କ ଲେଖନୀର ଗତି ନିୟନ୍ତ୍ରଣ କରିଥିଲା । ରୂପପ୍ରାଣ ହୋଇ ସୃଷ୍ଟିଶୀଳ ହୋଇଥିବା ରାଧାନାଥ ଦେଶପ୍ରାଣ ଓ ବିଶ୍ୱପ୍ରାଣ ପାଲଟିଛନ୍ତି । ଏହି କ୍ଷୁଦ୍ର ନିବନ୍ଧରେ ତାଙ୍କର ଉତ୍କଳପ୍ରୀତି ଓ ଭାଷା ସାହିତ୍ୟ ପ୍ରତି ତାଙ୍କର ଶ୍ରଦ୍ଧା ତଥା ଦାୟବଦ୍ଧତାର ଆଲୋଚନା ହିଁ କରାଯାଇଛି ।

ଅବସର ପ୍ରାପ୍ତ ପ୍ରଫେସର,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

ସହାୟକ ଗ୍ରନ୍ଥସୂଚୀ :

୧. ରାଧାନାଥ ଗ୍ରନ୍ଥାବଳୀ ।
୨. ଓଡ଼ିଆ ସାହିତ୍ୟର ଇତିହାସ, ଡକ୍ଟର ନଟବର ସାମନ୍ତରାୟ ।
୩. ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ, ଶ୍ରୀନିବାସ ମିଶ୍ର ।
୪. ଯୁଗପ୍ରବର୍ତ୍ତକ ସ୍ରଷ୍ଟା ରାଧାନାଥ, ଶ୍ରୀନିବାସ ମିଶ୍ର ।
୫. ରାଧାନାଥ ପରିଚିତି, ରାଧାନାଥ ପାଠାଗାର, ସୋରୋ ।
୬. ସାହିତ୍ୟ ବିବେକ, ଦାଶରଥି ଦାସ ।
୭. ଉତ୍କଳ ସମ୍ମିଳନୀ-(୧୯୦୩-୧୯୩୬), ପ୍ରଗତି ଉତ୍କଳ ସଂଘ, ରାଉରକେଲା ।



ନିରବ ସାଧକ ଗୋପୀନାଥ ନନ୍ଦ

ଶ୍ରୀ ଦେବରାଜ ସାହୁ

ଓଡ଼ିଆ ଭାଷାର ସମ୍ମାନଜନକ ସ୍ଥିତି ପାଇଁ ଓଡ଼ିଆ ଭାଷା-ପ୍ରେମୀ ଜନ୍ ବୀମସ୍ ସାହେବ ଯେଉଁ ମନ୍ତବ୍ୟ ଦେଇଥିଲେ, ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ସେ ଲେଖିଥିଲେ, "ଏ ଦେଶରେ (ଓଡ଼ିଶାରେ) କୌଣସି ସୁନ୍ଦର ବ୍ୟାକରଣ ପୁସ୍ତକ କିମ୍ବା ଅଭିଧାନ ଏ ଯାଏଁ ଲେଖା ହୋଇନାହିଁ । କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ କେତେଦୂର ସତ୍ୟ ଲେଖିଛନ୍ତି, ତାହାର ଯଥାର୍ଥ ଅନୁସନ୍ଧାନ କରି ଖଣ୍ଡିଏ ପୁସ୍ତକ ଲେଖିବା ପାଇଁ ଏ ଦେଶରେ କୌଣସି ଉପଯୁକ୍ତ ଲୋକ ନାହାନ୍ତି । ଏପରି ଉପଯୁକ୍ତ ଲୋକ ଥିଲେ ଆମେ କାନ୍ତି ଚନ୍ଦ୍ର ବାବୁଙ୍କର 'ଉଡ଼ିଆ ସ୍ୱତନ୍ତ୍ର ଭାଷା ନୟ' ପୁସ୍ତକର ଏକ ଯଥାର୍ଥ ଉତ୍ତର ଲେଖିପାରି ଥାଆନ୍ତେ ।"

ବୀମସ୍ ସାହେବଙ୍କ ନିରୀକ୍ଷଣର ଯଥାର୍ଥ ଉତ୍ତର ଦେବାକୁ ସେତେବେଳେ କିମ୍ବା ତାହାର ବହୁ ବର୍ଷ ଯାଏଁ ସତରେ ସମ୍ଭବ ନ ଥିଲା । ଓଡ଼ିଆ ଜାତି ଓ ଭାଷାର ଏଇ ଦୁର୍ବଳତାକୁ ଦୂର କରିବା ପାଇଁ ୨୧.୮.୧୮୬୯ ତାରିଖରେ ପ୍ରାକୃତିକ ଓଡ଼ିଶାର ଦକ୍ଷିଣ ଉପାନ୍ତରେ ଥିବା ମଞ୍ଜୁଷା ଗଡ଼ରେ ନିଜ ମାମୁ ଶ୍ରୀ ଲିଙ୍ଗରାଜ ସଦସ୍ୟଙ୍କ ଘରେ ଯେଉଁ ଯୋଗଜନ୍ମାଙ୍କର ଆବିର୍ଭାବ ଘଟିଥିଲା, ତାହାଙ୍କ ନାମ ଗୋପୀନାଥ ନନ୍ଦ । ଆହୁରି ଆଶ୍ଚର୍ଯ୍ୟର କଥା, ଭାଷା ଭିତ୍ତିରେ ପ୍ରଦେଶ ଗଠନ ପାଇଁ ବ୍ରିଟିଶ ସରକାର ଯେଉଁ ଫିଲିପ୍-ଡଫ୍-କମିଶନ ଗଠନ କରିଥିଲେ, ତାହା ଯେଉଁ ବର୍ଷ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ସୁପାରିଶ କଲା, ସେ ସେହି ବର୍ଷ ଅର୍ଥାତ୍ ୧୯୨୪ ଖ୍ରୀଷ୍ଟାବ୍ଦରେ ପରଲୋକ ଗମନ କରିଥିଲେ । ସତେ ଯେପରି ଏହି ମହାନ ଭାଷା ନାୟକ ଓଡ଼ିଆ ଜାତିର ସଂହତି ଏବଂ ଭାଷାର ସମ୍ମାନ ରକ୍ଷା ପାଇଁ ଜନ୍ମଗ୍ରହଣ କରିଥିଲେ ।

ଗୋପୀନାଥଙ୍କୁ ଯେତେବେଳେ ଦେଢ଼ ବର୍ଷ, ସେ ମାମୁ ଘରୁ ନିଜ ପିତ୍ରାଳୟ ମଞ୍ଜୁଷା ଗଡ଼କୁ ଆସିଥିଲେ । ତାଙ୍କ ପିତାଙ୍କ ନାମ ରଘୁନାଥ ନନ୍ଦ ଏବଂ ମାତାଙ୍କ ନାମ ରମା ଦେବୀ । ସେ ବାପା-ମାଆଙ୍କ ଦ୍ୱିତୀୟ ପୁତ୍ର ଥିଲେ ।

ସେମାନେ ପୁରୁଷାନୁକ୍ରମିକ ଭାବେ ବୈଦ୍ୟ ଥିଲେ । ବୈଦ୍ୟଶାସ୍ତ୍ର ସବୁ ସଂସ୍କୃତରେ ଲିଖିତ । ତେଣୁ ସେ କାଳର ପ୍ରଚଳନ ପ୍ରଥା ଅନୁସାରେ ଗୋପୀନାଥଙ୍କୁ ସକାଳୁ ଉଠି ସଂସ୍କୃତ ଶବ୍ଦ ଘୋଷିବା ଏବଂ ଶ୍ଳୋକ ଜାଣିବାକୁ ପଡୁଥିଲା ।

ଘଟଶାଳୀ ଶିକ୍ଷା ସମାପନ କରି ସେ ପାରଳାରେ ନୂତନ ଭାବେ ଗଢ଼ି ଉଠିଥିବା ମଧ୍ୟ ଇଂରାଜୀ ସ୍କୁଲରେ ନାମ ଲେଖାଇଲେ । ସ୍କୁଲଟି ୧୮୭୬ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇ ୧୮୮୦ ଖ୍ରୀଷ୍ଟାବ୍ଦରେ ମାଟ୍ରିକ୍ ଛାତ୍ରଙ୍କୁ ଗ୍ରହଣ କରିଥିଲା । ଗୋପୀନାଥ ୧୮୮୨ ଖ୍ରୀଷ୍ଟାବ୍ଦରେ ୧ମ ଫର୍ମରେ ନାମ ଲେଖାଇଥିଲେ । ଏହି ବିଦ୍ୟାଳୟ ପଢ଼ିବା ସମୟରେ ତାଙ୍କ ଜୀବନରେ ଘଟିଥିବା କେତୋଟି ଘଟଣା ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା ।

ଗୋପୀନାଥ ଏଠାରେ ପଢ଼ିବା ସମୟରେ ସେ କାଳର ପ୍ରଥା ଅନୁସାରେ ତାଙ୍କୁ ଯେତେବେଳେ ମାତ୍ର ୧୪ ବର୍ଷ, ସେତେବେଳେ ପାରଳା ନିକଟବର୍ତ୍ତୀ ଦଶରଥପୁର ଗାଆଁର ଝିଅ ସହିତ ତାଙ୍କର ବିବାହ ହୋଇଥିଲା । କିନ୍ତୁ ସେ ସେ ବର୍ଷ ଅର୍ଥାତ୍ ୧୮୮୪ ଖ୍ରୀଷ୍ଟାବ୍ଦରେ ସେହି କନ୍ୟାଟିର ମୃତ୍ୟୁ ହୋଇଥିଲା । ତାହାର ଅଳ୍ପ ଦିନ ପରେ ତାଙ୍କ ମାଆ ମଧ୍ୟ ପରଲୋକ ଗମନ କଲେ । ଏମାନଙ୍କ ବିୟୋଗ କିଶୋର ଗୋପୀନାଥଙ୍କୁ ମ୍ରିୟମାଣ କରିଦେଲା । ପ୍ରଥମରୁ ତ ସଂସାର ପ୍ରତି ସେତେଟା ଆଗ୍ରହ ନ ଥିଲା, ଏବେ ସେ ବୈରାଗୀ ହୋଇଗଲେ ।

ଥରେ ତାଙ୍କ ପିତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଗୋପୀନାଥ ସଂକୀର୍ତ୍ତନ ଦଳ ସହ ବାବାଜି ହେବାକୁ ଚାଲିଗଲେ । ଘରକୁ ଆସିବା ପରେ ଗୋପୀନାଥ ଚାଲିଯିବା କଥା ତାଙ୍କ ପିତା ରଘୁନାଥ ନନ୍ଦ ଜାଣିବାକୁ ପାଇଲେ । ଅବିଳମ୍ବେ ସେ ପୁଅକୁ ଖୋଜିବାକୁ ବାହାରିଲେ । ଲୋକମାନଙ୍କୁ ପଚାରି ବୁଝି ଗାଆଁକୁ ଗାଆଁ ହୋଇ ସେ ବହୁ ଦୂରରେ ପୁଅକୁ ଠାବ କଲେ । କୁରୁକ୍ଷେତ୍ର ଯୁଦ୍ଧର ପ୍ରାରମ୍ଭରେ ସନ୍ନ୍ୟାସୀ ହେବାକୁ ଆଗ୍ରହୀ ଥିବା ଅର୍ଜୁନଙ୍କୁ ଉପଦେଶ ଦେଇ ଗୃହରେ ରହି କର୍ମଯୋଗୀ ହେବାକୁ ଶ୍ରୀକୃଷ୍ଣ ଉପଦେଶ ଦେଇଥିଲେ । ଶ୍ରୀକୃଷ୍ଣମନସ୍କ ଗୋପୀନାଥଙ୍କ ମନରେ ପିତାଙ୍କର ଏହି ବ୍ୟାଖ୍ୟାନ ପ୍ରଭାବ ପକାଇଲା । ସେ ଘରକୁ ଫେରି ସ୍କୁଲକୁ ଗଲେ । ତା'ପରେ ସମସ୍ତଙ୍କ ଚାପରେ ପଡ଼ି ସେ ପୁଣି ୧୮୮୬ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ବିବାହ କଲେ । କନ୍ୟାଟି ପର୍ଶୁରାମପୁର ଶାସନର ଥିଲା । ଦ୍ୱିତୀୟ ବିବାହ ପରେ ଆଉ ସ୍କୁଲକୁ ଗଲେ ନାହିଁ । ୧୮୮୭ ଖ୍ରୀଷ୍ଟାବ୍ଦରେ ତାଙ୍କର ଆନୁଷ୍ଠାନିକ ଶିକ୍ଷା ଶେଷ ହେଲା ।

ବିଦ୍ୟାଳୟକୁ ନ ଗଲେ ମଧ୍ୟ ଗୋପୀନାଥଙ୍କ ଅଧ୍ୟୟନ ନିଶା ଟିକିଏ ବି କମିଲା ନାହିଁ । ସେ ସମୟର ଟିକିଏ ବି ଅପବ୍ୟବହାର କଲେ ନାହିଁ । ପୂର୍ବରୁ ସେ ସଂସ୍କୃତ, ଓଡ଼ିଆ, ତେଲେଗୁ ଏବଂ ଇଂରାଜୀ ପଢୁଥିଲେ । ଏବେ ଅଧ୍ୟୟନରେ ମଜିଗଲେ । ତାଙ୍କର ମନ ସେତିକିରେ ତୃପ୍ତ ହେଲା ନାହିଁ । ସେ ସମୟରେ ପାରଳାରେ ଥିବା ବିଦ୍ୱାନଙ୍କ ନିକଟକୁ ଗଲେ । ପର ଆପଣା ନ ଭାବି ଶ୍ରଦ୍ଧାର ସହିତ ବିନୟ ଭାବରେ ନିଜର ଇଚ୍ଛା ଜଣାଇ ସଂସ୍କୃତ, ପ୍ରାକୃତ, ପାର୍ଶୀ ପ୍ରଭୃତି ଭାଷା ଶିକ୍ଷା କଲେ । ଗୌଡୀୟ

ବୈଷ୍ଣବ ମାନେ ତ ବଙ୍ଗଳା ଜାଣନ୍ତି । ତାହା ଛଡ଼ା ବଙ୍ଗଳା ଭାଷା ଓଡ଼ିଆର ନିକଟବର୍ତ୍ତୀ ଥିବାରୁ ଏ ସବୁ ଜାଣିବା ଏବଂ ଅଧ୍ୟୟନ କରିବାକୁ ତାଙ୍କୁ ଅସୁବିଧା ହେଲା ନାହିଁ । ଜ୍ଞାନ ଆହରଣର ନିଶା ତାଙ୍କୁ ପାଗଳ କରିଦେଲା ।

ନିଜ ପିତା ଏବଂ ଅବଧାନଙ୍କ ବ୍ୟତୀତ ଆଉ ଯେଉଁମାନଙ୍କ ଶିକ୍ଷାଦାନ ତାଙ୍କ ଜ୍ଞାନ ଓ ବୁଦ୍ଧିକୁ ସମୃଦ୍ଧ ଓ ଶାଣିତ କରିଥିଲା । ସେମାନେ ହେଲେ ଶ୍ରୀ ମାଙ୍ଗୁ ଶ୍ରୀନିବାସ ରାଓ, କଲେଜର ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପକ ବି. ରାମମୂର୍ତ୍ତି, ଆସ୍ଥାନ ପଣ୍ଡିତ ରୂପେ ପ୍ରସିଦ୍ଧି ଲାଭ କରିଥିବା ପଣ୍ଡିତ ଗୁରୁଦାନ୍ତି ଭେଙ୍କଟ ଚଲମ୍ ଶର୍ମା, ପଣ୍ଡିତ ଚେଲମାୟା ଶାସ୍ତ୍ରୀଙ୍କ ସମେତ ସେ ସମୟରେ କଲେଜରେ ପଣ୍ଡିତ ରୂପେ ନିଯୁକ୍ତି ପାଇଥିବା ପଣ୍ଡିତ ଶ୍ରୀ ଜଗନ୍ମୋହନ ପାଢ଼ୀ ।

ପିତାଙ୍କ ସହ ଗୋପୀନାଥ ବେଳେବେଳେ ରାଜମହଲକୁ ଯାଉଥିଲେ । ତାଙ୍କର ସୁସ୍ଥ ସବଳ ଶରୀର ସାଙ୍ଗକୁ ଶାନ୍ତଶିଷ୍ଟ ସ୍ୱଭାବ ଓ ମନନଶୀଳ ନିରବ ପ୍ରକୃତି ତାଙ୍କୁ ସେଠାରେ ପ୍ରିୟ କରାଇ ଦେଇଥିଲା । ବାବାଜି ହେବାର ଉଦ୍ୟମ ପାରଳାର କ୍ଷୁଦ୍ର ପରିସର ଭଳି ରାଜମହଲରେ ମଧ୍ୟ ଗୁଞ୍ଜରଣ ସୃଷ୍ଟି କରିଥିଲା । ତାଙ୍କର ଦକ୍ଷିଣ ପଡ଼ିଶାରେ ଥିବା ପରିଚ୍ଛା ଘର ପୁଅ ଶିବମଣି ତାଙ୍କ ପିଲାଦିନର ସାଙ୍ଗ ଥିଲେ । ସେ ଦୁହେଁ ମିଶି ପଢ଼ାପଢ଼ି କରିବା ସହ ଲେଖାଲେଖି ମଧ୍ୟ କରୁଥିଲେ । ସେମାନେ ମିଶି ଯେଉଁ କେତୋଟି ନାଟକ ଲେଖିଥିଲେ, ତାହା ପ୍ରକାଶିତ ହୋଇପାରି ନ ଥିଲା । ତଥାପି ସେ ସମୟର ତିନୋଟି ସ୍ୱଳ୍ପଜୀବୀ ଏବଂ ଆଞ୍ଚଳିକ ପତ୍ରିକାରେ ତାଙ୍କ ଲେଖା ପାଇ ସେଠାରେ ସାହିତ୍ୟିକ ମହଲରେ ତାଙ୍କ ସମ୍ମାନ ବୃଦ୍ଧି ହୋଇଥିଲା ।

ଗୋପୀନାଥଙ୍କ ପିତା ରଘୁନାଥ ତାଙ୍କର ଏହି ପ୍ରିୟ ପୁତ୍ରଠାରେ ସଂସ୍କୃତ ଭାଷା ଓ ସାହିତ୍ୟ ପ୍ରତି ଆଗ୍ରହ, ତନ୍ମୟତା ଓ ମନନଶୀଳତା ଦେଖି ସୃଜନଶୀଳ ସାହିତ୍ୟ ସୃଷ୍ଟି ପାଇଁ ତାଙ୍କୁ ନିରବଚ୍ଛିନ୍ନ ପ୍ରେରଣା ଦେଇ ଆସୁଥିଲେ । ତାଙ୍କୁ ଯେତେବେଳେ ୩୩ ବର୍ଷ, ତାଙ୍କ ପିତାଙ୍କର ୬୨ ବର୍ଷ ବୟସରେ ଅର୍ଥାତ୍ ୧୯୦୨ ଖ୍ରୀଷ୍ଟାବ୍ଦରେ ମୃତ୍ୟୁ ହୋଇଥିଲା । ଏହି ନିଃସଙ୍ଗ ଜୀବନରେ ତାଙ୍କ ପାଖରେ ଅନ୍ତରଙ୍ଗ ହୋଇ ଆଉ କେହି ନ ଥିଲେ । ଗୋପୀନାଥ ଏଥର ନିଜ କୃତିର ପ୍ରକାଶନରେ ମନ ଦେଲେ ।

ଦୀର୍ଘ ଅଠର ବର୍ଷ ନୀରବ ସାଧନା ପରେ ୧୯୦୫ ଖ୍ରୀଷ୍ଟାବ୍ଦରେ ଅମିତ୍ରାକ୍ଷର ଛନ୍ଦରେ ଲିଖିତ ତାଙ୍କର ପ୍ରଥମ ମୌଳିକ କାବ୍ୟ ଉଦ୍ଧବ ଦୂତ ପ୍ରକାଶ ପାଇଲା । ୧୯୦୬ ଖ୍ରୀଷ୍ଟାବ୍ଦରେ ତାଙ୍କର ତିନୋଟି କବିତାକୁ ନେଇ ପ୍ରକାଶିତ ପଦ୍ୟାବଳୀ ବାଲେଶ୍ୱରର ଜଣେ ଜମିଦାର ଶ୍ରୀ ରାଧାଚରଣ ଦାସଙ୍କ ଆର୍ଥିକ ସାହାଯ୍ୟରେ ପ୍ରକାଶିତ ହେଲା । ଏହାକୁ ସେ ଗୁମ୍ମା ଗଡ଼ର ବିଷୋୟୀଙ୍କ ନାମରେ ଉତ୍ସର୍ଗ କରିଥିଲେ ।

ଦୀର୍ଘ ଦିନର ଅଧ୍ୟୟନ ଏବଂ ସାଧନା ଫଳରେ ତାଙ୍କ ମନରେ ଦୃଢ଼ ଆତ୍ମ ବିଶ୍ୱାସ ଆସି ଯାଇଥିଲା । ଏଥର ସେ ସଂସ୍କୃତରୁ ଉତ୍କୃଷ୍ଟ ଗ୍ରନ୍ଥ ଓଡ଼ିଆରେ ନିଜର ପ୍ରତିଭା ଦ୍ୱାରା ମାର୍ଜିତ କରି ଅନୁବାଦ କରିପାରିଲେ । ତେଣୁ ସେ ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ ଓ ସମ୍ମାନିତ କରିବା ସହ ସେଥିରେ ଥିବା କ୍ଲିଷ୍ଟ ପଦକୁ ବାଛି ରଖି ଭବିଷ୍ୟତରେ ଅଭିଧାନଟିଏ ଲେଖିବେ ବୋଲି ସ୍ଥିର କରିଥିଲେ ।

ପଦ୍ମନାଭ ରଙ୍ଗାଳୟ ପ୍ରତିଷ୍ଠା କରି, ତାକୁ ସକ୍ରିୟ ଏବଂ ସଫଳ କରିବାକୁ ପଦ୍ମନାଭ ଦେବ ଯତ୍ନଶୀଳ ହେଲେ । ତେଣୁ ଏଥିପାଇଁ ପାରଳା ମହାରାଜା ଏବଂ ତାଙ୍କ ଭାଇ ଚନ୍ଦ୍ର ମହାରାଜାଙ୍କୁ ମଧ୍ୟ ନାଟକ ଲେଖିବାକୁ ପଡ଼ିଲା । ଚନ୍ଦ୍ର ମହାରାଜାଙ୍କ ଅନୁରୋଧ କ୍ରମେ ଗୋପୀନାଥ ଦୁଇଟି ନାଟକ 'ସୀତା ବନବାସ' ଓ 'ରାମାଶ୍ୱମେଧ' ନାଟକ ୧୯୦୧ରେ ଲେଖି ଯଥାକ୍ରମେ ୧୯୦୭ ଓ ୧୯୧୩ରେ ପ୍ରକାଶ କରିଥିଲେ । ଏହାର ବିଶେଷତ୍ୱ ଥିଲା ଏ ଦୁଇଟି ଏକ ରାତ୍ରିରେ ଅଭିନୀତ ହେଲା ପରି ସରଳ ଭାଷାରେ ଲେଖା ହୋଇଥିଲା ଏବଂ ସୀତା ବନବାସ ନାଟକ ୧୯୧୫-୧୬ରେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟ ଦ୍ୱାରା ମାଟ୍ରିକ୍ ଶ୍ରେଣୀର ପାଠ୍ୟପୁସ୍ତକ ରୂପେ ମଞ୍ଜୁରୀ ପାଇଥିଲା । ଗୋପୀନାଥ ନିଜ ବନ୍ଧୁବାନ୍ଧବଙ୍କ ଅନୁରୋଧରେ ସେହିପରି ଆଉ ଦୁଇଟି ନାଟକ ଅଭିନୀତ କରାଇଥିଲେ । ବିକ୍ରମୋର୍ବଶୀୟ ନାଟକ ଏବଂ ଦ୍ରୌପଦୀ ବସ୍ତ୍ର ହରଣ ୧୯୦୮ ଖ୍ରୀଷ୍ଟାବ୍ଦରେ ପ୍ରକାଶ ପାଇଥିଲେ ମଧ୍ୟ ଏହା ପୂର୍ବରୁ ଏ ଦୁଇ ନାଟକ ଯଥାକ୍ରମେ ୧୯୦୧ ଏବଂ ୧୯୦୫ ଖ୍ରୀଷ୍ଟାବ୍ଦରେ ପ୍ରଦର୍ଶିତ ହୋଇଥିଲା ।

ଶ୍ରୀରାଧାକୃଷ୍ଣଙ୍କର ନିତ୍ୟଲୀଳା ଚରିତରେ ପରିପୂର୍ଣ୍ଣ କବିତା ଗ୍ରନ୍ଥ ୧୮୯୪ରେ ଲେଖା ହୋଇ ୧୯୧୪ରେ ପ୍ରକାଶ ପାଇବା ବେଳେ 'ଗୌର ପଞ୍ଚଶିଳା' ଏବଂ 'ବହ୍ନି ଚରିତ'ର ଭାବକୁ ନେଇ ସେ ଲେଖିଥିବା ବିହ୍ଲଣୀୟ କାବ୍ୟ ୧୯୦୦ରେ ଲେଖା ହୋଇ ୧୯୦୫ରେ ପ୍ରକାଶ ପାଇଥିଲା । ତାଙ୍କର ଶେଷୋକ୍ତ କାବ୍ୟକୁ ପଦ୍ମନାଭ ଦେବଙ୍କ ସହ ସେ କାଳର ବହୁ ବୁଦ୍ଧିଜୀବୀ ପ୍ରଶଂସା କରିଥିଲେ । ଗୋପୀନାଥ ଗ୍ରନ୍ଥାବଳୀ ଅନୁସାରେ ଏହା କୁଆଡ଼େ ସେ ସମୟରେ ତାମିଲ ଭାଷାରେ ଅନୁଦିତ ହୋଇ ୧୯୧୫ ଖ୍ରୀଷ୍ଟାବ୍ଦରେ ମାନ୍ଦ୍ରାଜ ଶିକ୍ଷା ବିଭାଗ ଦ୍ୱାରା ମଞ୍ଜୁରୀ ପାଇଥିଲା ।

ସାତ ଅଙ୍କ ବିଶିଷ୍ଟ ୩୦୪ ପୃଷ୍ଠାର ବିରାଟ ନାଟକ 'ଜାନକୀ ପରିଣୟ' ନାଟକ କ୍ଷେତ୍ରରେ ତାଙ୍କର ଶେଷ ରଚନା । ୧୯୦୦ରେ ଲେଖା ଯାଇଥିଲେ ମଧ୍ୟ ଏହା ୧୯୧୫ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲା ।

ସୃଜନଶୀଳ ସାହିତ୍ୟରେ ଆଉ ଅଧିକ ମନ ନ ଦେଇ ଗୋପୀନାଥ ନିଜେ ଲେଖିଥିବା ପୁସ୍ତକର ପ୍ରକାଶନରେ ମନ ଦେଲେ । ପୂର୍ବରୁ ସଂଗ୍ରହ କରିଥିବା ଶବ୍ଦଗୁଡ଼ିକ

ସଂଖ୍ୟାକୁ ଆହୁରି ବଢ଼ାଇ ଜାତିର ସମ୍ମାନ ବୃଦ୍ଧି ହେଲାପରି ଗୋଟାଏ ଉନ୍ନତ ମାନର ଅଭିଧାନ ପାଇଁ ମନ ଦେଲେ । ନିଜେ ସ୍ୱଭାବତଃ ପଣ୍ଡିତ ଥିଲେ । ଓଡ଼ିଆ ସହ ସେଥିରେ ପ୍ରଚଳିତ ଥିବା ବିଭିନ୍ନ ଭାଷାର ଶବ୍ଦ ତାଙ୍କ ଆଖିରୁ ବାଦ୍ ଗଲା ନାହିଁ । ସଂସ୍କୃତର ବ୍ୟୁତ୍ପତ୍ତି ବୋଧ ପରି ଓଡ଼ିଆ ଶବ୍ଦର ତତ୍ତ୍ୱବୋଧ କରିପାରିଲେ ଅଭିଧାନର ମହତ୍ତ୍ୱ ବଢ଼ିବ- ଏହି ଆଶାରେ ସେ ମନପ୍ରାଣ ଢ଼ାଳିଦେଲେ ।

ଗୋପୀନାଥଙ୍କୁ ଦୁଃଖ ଦେବାପାଇଁ ଯେପରି ଅନେକ ଦୁର୍ଘଟଣା ଅପେକ୍ଷା କରି ରହିଥିଲା । ତାଙ୍କୁ ପ୍ରୋତ୍ସାହନ ଦେଇଥିବା ଦୁଇଟି ଦିବ୍ୟ ପୁରୁଷ ଶ୍ରୀ ପଦ୍ମନାଭ ଗଜପତି ଦେବ (୧୫-୧୨-୧୮୭୨ ରୁ ୪-୨-୧୯୦୪) ଏବଂ ଶ୍ୟାମସୁନ୍ଦର ରାଜଗୁରୁ (୧୮୬୬ ରୁ ୧୯୦୯) ଯଥାକ୍ରମେ ୩୧ ବର୍ଷ ଓ ୪୩ ବର୍ଷ ବୟସରେ ଇହଧାମ ତ୍ୟାଗ କରି ଜାତିର ସମ୍ମାନ ରକ୍ଷା ପାଇଁ ଥିବା ଅବଶିଷ୍ଟ କାମ ଶେଷ କରିବାକୁ ତାଙ୍କୁ ଚେତାଇ ଦେଇ ଚାଲିଗଲେ । ଏହା ପରେ ସାହିତ୍ୟ ସାଧନା ପାଇଁ ନନ୍ଦଙ୍କ ପକ୍ଷରେ ଦିନ ରାତି ସମାନ ହୋଇଗଲା । ଶବ୍ଦ ତତ୍ତ୍ୱ ବୋଧ ଅଭିଧାନ ପୂର୍ଣ୍ଣରୁ ପୂର୍ଣ୍ଣତର ଏବଂ ପୂର୍ଣ୍ଣତମ ହେବାକୁ ଗଲେ ମଧ୍ୟ ତାହାର ବିକାଶ ଏବଂ ପ୍ରକାଶ ଦିଗରେ ନାନାବିଧ ପ୍ରତିବନ୍ଧକ ଦେଖାଗଲା ।

ଏହି ଦୋଦୁଲ୍ୟମାନ ପରିସ୍ଥିତି ମଧ୍ୟରେ ତାଙ୍କ ପାଇଁ ଗୋଟିଏ ଶୁଭ ଘଟଣା ଘଟିଲା । ୧୯୦୯ ଖ୍ରୀଷ୍ଟାବ୍ଦରେ ପାରାଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ତାଙ୍କ ଦରବାରର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଇ ତାଙ୍କ ମୁଣ୍ଡରେ ଶିରପା ବାନ୍ଧି ସେ ପଣ୍ଡିତ ବୋଲି ଉପାଧିଟିଏ ଦେଇଦେଲେ । ନନ୍ଦଙ୍କୁ ମହାରାଜା ତାଙ୍କ କଲେଜର ଓଡ଼ିଆ ଓ ସଂସ୍କୃତ ଅଧ୍ୟାପକ ପଦରେ ନିଯୁକ୍ତି ଦେବା ଫଳରେ ତାଙ୍କର ସମ୍ମାନ ବଢ଼ିବା ସହ ଆର୍ଥିକ ଅବସ୍ଥାର ଉନ୍ନତି ହେଲା । ତଥାପି ଅଭିଧାନର ଚିନ୍ତା ମନରୁ ଗଲା ନାହିଁ ।

ଓଡ଼ିଆରେ ପ୍ରଚଳିତ ଶବ୍ଦଗୁଡ଼ିକର କେବଳ ଅର୍ଥ ହୃଦୟଙ୍ଗମ ପାଇଁ ନୁହେଁ । ଓଡ଼ିଆ ଭାଷାର ମହତ୍ତ୍ୱର ପରିବର୍ଦ୍ଧନ ଏବଂ ସ୍ୱତନ୍ତ୍ର ମୌଳିକ ତତ୍ତ୍ୱ ପ୍ରତିଷ୍ଠା ପାଇଁ ନନ୍ଦେ ବିଶୁଦ୍ଧ ଓଡ଼ିଆ ଅଭିଧାନଟିଏ ଲେଖିବାକୁ ସ୍ଥିର କରିଥିଲେ । ଅଭିଧାନ ଲେଖିବା ପାଇଁ କେବଳ ଶବ୍ଦ ସଂଗ୍ରହ କରିଦେଲେ ଚଳିବ ନାହିଁ । ସେଥିପାଇଁ ସଂସ୍କୃତ ଓ ପ୍ରାକୃତ ଭାଷାରେ ଯଥାର୍ଥ ପାଣ୍ଡିତ୍ୟ, ଶ୍ରମ ସହିଷ୍ଣୁତା, ତତ୍ତ୍ୱାନୁସନ୍ଧିତ୍ସା, ଗବେଷଣାପ୍ରିୟତା, ପ୍ରଭୃତି ଅନନ୍ୟସାଧାରଣ ଗୁଣ ଥିବା ଆବଶ୍ୟକ । ନନ୍ଦେ ନିଜର ଦୀର୍ଘ ଏକାଗ୍ର ଅଧ୍ୟୟନ ଫଳରେ ଏ ସବୁ ଆହରଣ କରିଥିଲେ ।

ନନ୍ଦେ ନିଷ୍ପତ୍ତି ନେବା ପରେ ପରେ ଯେଉଁଠୁ ପାରିଲେ, ସେଠାରୁ ଶବ୍ଦ ସବୁ ଗୋଟାଇବାରେ ଲାଗିଲେ । ନିମ୍ନ ସ୍ତରର ହାସ୍ୟ-ପରିହାସ ଓ ଢଗଢ଼ମାଳିଠାରୁ ଓଡ଼ିଆରେ

ସେ ସମୟ ସୁଦ୍ଧା ପ୍ରକାଶିତ ସବୁ କାବ୍ୟ, ମହାକାବ୍ୟ ଓ ପୁରାଣରୁ ଶବ୍ଦ ବାଛିଲେ । ଅନେକ ସ୍ଥାନ ବୁଲି ପ୍ରଚଳିତ ଆଞ୍ଚଳିକ ଶବ୍ଦ ସଂଗ୍ରହ କଲେ । ନିତାନ୍ତ ନିମ୍ନ ସ୍ତରର ଲୋକଙ୍କୁ ମଧ୍ୟ ଅଗତ୍ୟା ନିଜର ବିଶ୍ୱସ୍ତ ସହକର୍ମୀ କଲେ । ଶବ୍ଦଗୁଡ଼ିକର ପ୍ରୟୋଗ ମଧ୍ୟ ଲେଖିଲେ ।

ଅଭିଧାନ ଲେଖିବା ପାଇଁ ଦିନକୁ ପ୍ରାୟ ଦଶ ବାର ଘଣ୍ଟା କାମ କଲେ । କେବେହେଲେ ରାତି ଏଗାର ବା ବାରଟା ପୂର୍ବରୁ ଶୋଇ ପାରିଲେ ନାହିଁ । ସବୁ ଗ୍ରନ୍ଥ ସେ ନିଜ ଘରେ ଏକାକୀ ବସି ଲେଖୁଥିଲେ । ତଳେ ଗୋଟିଏ ଛୋଟ ଆସନ ପକାଇ, ଆଗରେ ଖଣ୍ଡିଏ ଛୋଟ ଡେସ୍କ ରଖି ତା ଉପରେ ଲେଖିଲାବେଳେ, ବେଳେବେଳେ କୌଣସି ଶବ୍ଦ ସମ୍ପର୍କରେ ସ୍ଥିର ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ତାଙ୍କୁ ଦୁଇ ତିନି ରାତ୍ର ଅନିଦ୍ରା ରହିବାକୁ ପଡୁଥିଲା । ବେଳେବେଳେ ତାଙ୍କ ଅନୁଜ ଶ୍ରୀ ବଳଭଦ୍ର ନନ୍ଦ ଶର୍ମା ତାଙ୍କ ଲେଖାର ବିଶୁଦ୍ଧ ପ୍ରତିଲିପି ଲେଖି ଦେଉଥିଲେ ।

୧୯୦୪ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ହୋଇଥିବା ଉତ୍କଳ ସାହିତ୍ୟ ସମାଜ ତାହାର ପ୍ରଥମ ବର୍ଷର ଗୋଟିଏ ଅଧିବେଶନରେ ପ୍ରସ୍ତାବ ଦେଲା- ଗୋଟିଏ ବିଶୁଦ୍ଧ ଓଡ଼ିଆ ଅଭିଧାନ, ଓଡ଼ିଆ ଭାଷାରେ ଗୋଟିଏ ପୂର୍ଣ୍ଣାଙ୍ଗ ବ୍ୟାକରଣ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟର ଗୋଟିଏ ଇତିହାସ ଲେଖିବାକୁ ହେବ । ଏ ସମ୍ବାଦ ଶୁଣିବା ପରେ ନନ୍ଦଙ୍କ ମନରେ ଆଶା ବଢ଼ିଲା, ସେ ଲେଖିଥିବା ଅଭିଧାନ ପ୍ରକାଶନରେ ଆଉ କିଛି ଅସୁବିଧା ହେବ ନାହିଁ । ଦ୍ୱିତୀୟ ବାର୍ଷିକ ଅଧିବେଶନ ବେଳେ ସେଠାରେ ଉପସ୍ଥିତ ରହି ନିଜର ଅଭିପ୍ରାୟ ଶ୍ରୀ ବିଶ୍ୱନାଥ କର ପ୍ରଭୃତି ବନ୍ଧୁଙ୍କୁ ଜଣାଇଲେ । ସେମାନଙ୍କ ପରାମର୍ଶ କ୍ରମେ ଲିଖିତ ନିବେଦନଟିଏ ମଧ୍ୟ କଲେ । ୧୯୦୫ ଖ୍ରୀଷ୍ଟାବ୍ଦ ଫେବୃୟାରୀ ୨୪ ତାରିଖରେ କାର୍ଯ୍ୟ ନିର୍ବାହ ସମିତି ତୃତୀୟ ବର୍ଷର ପ୍ରଥମ ଅଧିବେଶନରେ ନିର୍ଦ୍ଧାରିତ ହେଲା- ଗ୍ରନ୍ଥକର୍ତ୍ତା ନିଜ ଅଭିଧାନର କିଛି ଅଂଶ ସମ୍ପାଦକଙ୍କ ନିକଟରେ ଦାଖଲ କରନ୍ତୁ । ପରେ କର୍ତ୍ତବ୍ୟ ସ୍ଥିର କରାଯିବ । ନନ୍ଦେ ସେପରି ହିଁ କଲେ । ଅପ୍ରେଲ ୩୦ ତାରିଖର କାର୍ଯ୍ୟ ନିର୍ବାହୀ ଅଧିବେଶନରେ ଉପସ୍ଥିତ ହେଲେ । ପ୍ରେରିତ ଅଂଶ ଆବଶ୍ୟକତା ପୂରଣ କରିଥିଲା । 'ଉତ୍କଳ ସାହିତ୍ୟ ସମାଜ' ତାହା ଗ୍ରହଣ କରିଛି ବୋଲି ଜଣାପଡ଼ିଲା । ସେହି ବର୍ଷ ମେ ୧୦ ତାରିଖରେ ମୁଦ୍ରଣ ସମ୍ପର୍କରେ କର୍ତ୍ତାଙ୍କ ନିର୍ଦ୍ଦେଶନା ପାଇଲେ । ସେଥିରେ ସଭାପତି ଭକ୍ତକବି ଶ୍ରୀ ମଧୁସୂଦନ ରାଓ ପଣ୍ଡିତ ମହାଶୟଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଅଧ୍ୟବସାୟ, ଗବେଷଣା ଓ ପାଣ୍ଡିତ୍ୟ ବଳରେ ଏଇ ବିରାଟ ଗ୍ରନ୍ଥ ପ୍ରଣୟନ କରାହୋଇଥିବାରୁ ତାହାଙ୍କୁ ସମାଜ ପକ୍ଷରୁ କୃତଜ୍ଞତା ଅର୍ପଣ କରିଥିଲେ । ପୁସ୍ତକଟି

ପ୍ରକାଶ ହେଲେ ଉତ୍କଳ ପକ୍ଷରେ ଗୌରବର ବିଷୟ ହେବ ବୋଲି ମତ ଦେଲେ । 'ଉତ୍କଳ ସାହିତ୍ୟ' ପତ୍ରିକାରେ ଏହା ପ୍ରକାଶ ମଧ୍ୟ ପାଇଲା ।

ଏହା ପରେ ଅଭିଧାନର ପରିବର୍ଦ୍ଧନ ଓ ପରିଶୋଧନ ଭାର କେତେକ ସଭ୍ୟଙ୍କୁ ଅର୍ପଣ କରାଗଲା । ସେମାନେ କିଛି ପରିଶୋଧନ କରି ଏକଶହ ଯାଏଁ ନୂତନ ଶବ୍ଦ ଯୋଗକଲେ । ଏହି ପରିଶୋଧନ କାମରେ ଦୁଇ ତିନି ବର୍ଷ ଅତୀତ ହୋଇଗଲା । ଏ ମଧ୍ୟରେ ଉତ୍କଳ ସାହିତ୍ୟ ସମାଜ ରଜା ଓ ଧନିକ ଶ୍ରେଣୀକୁ ପୁସ୍ତକ ମୁଦ୍ରଣ ପାଇଁ ପ୍ରାର୍ଥନା କଲେ । ବାମଣ୍ଡା ରାଜାଙ୍କ ଠାରୁ ଏକଶହ ଏବଂ ଖଡ଼ିଆଳ ରାଜାଙ୍କ ଠାରୁ ପଚିଶ ଟଙ୍କା ବ୍ୟତୀତ ଆଉ କିଛି ମିଳିଲା ନାହିଁ । ଏଥିରେ ବିଫଳ ହୋଇ ସମାଜ ଗୋପୀନାଥଙ୍କୁ ଜଣାଇଲା, ଆପଣ ଯଦି ନିଜ ଚେଷ୍ଟାରେ ଦୁଇ ଶହ ଗ୍ରାହକ ଯୋଗାଡ଼ କରିପାରିବେ, ତେବେ ସମାଜ ଗ୍ରନ୍ଥ ମୁଦ୍ରଣ ପାଇଁ ଆଗଭର ହେବ । ପଣ୍ଡିତେ ନିଜ ବ୍ୟୟରେ ବୁଲି ବୁଲି ତିନି ଶହ ଗ୍ରାହକ ଠିକ୍ କଲେ, ତଥାପି ମୁଦ୍ରଣ କାର୍ଯ୍ୟ ଆରମ୍ଭ ହେଲା ନାହିଁ । ଏମିତି ଏମିତି ଦଶ ବର୍ଷ ବିତିଗଲା । ନନ୍ଦେ ପାଣ୍ଡୁଲିପିକୁ ଫେରାଇ ଆଣିବାକୁ ଚାହିଁଲେ । ଆଶ୍ୱାସନା ଦେଇ ପରେ ସମାଜ ନିଜ ସଂକଳ୍ପକୁ ପରିବର୍ତ୍ତନ କରି ଜଣାଇଲା- ଅଭିଧାନ ମଧ୍ୟରେ ଯାହା ଯାହା ଓଡ଼ିଆ ଗ୍ରନ୍ଥମାନଙ୍କରେ ବ୍ୟବହୃତ, ସେପରି ଆବଶ୍ୟକ ସାଧୁ ଶବ୍ଦମାନ ଯୋଗ କଲେ, ଅଭିଧାନଟି ଅପେକ୍ଷାକୃତ ସମଧିକ ଉପାଦେୟ ଓ ସମାଦୃତ ହେବ, ଯେ କୌଣସି ପ୍ରକାରେ ଗ୍ରନ୍ଥ ଖଣ୍ଡିକ ମୁଦ୍ରିତ କରାଯିବ । ଗ୍ରନ୍ଥକର୍ତ୍ତା ଅଗତ୍ୟା ସମାଜର ନୂତନ ଆଦେଶରେ ଆବଦ୍ଧ ରହି କର୍ତ୍ତବ୍ୟ ସାଧନରେ ବ୍ରତୀ ହେଲେ । ଅଭିଧାନରେ କେଉଁ ଶବ୍ଦକୁ କିପରି ଯୋଗ କଲେ ଅଭିଧାନଟି ଅଧିକ ସମାଦୃତ ହେବ, ସେଥିପାଇଁ ଅନେକ ବିଚାର ବିମର୍ଷ କଲେ । ସେ ସମୟରେ ପ୍ରଚଳିତ ଅଭିଧାନ ଥିଲା, ସେଗୁଡ଼ିକୁ ନେଇ ଅଭିଜ୍ଞ ସାହିତ୍ୟିକଙ୍କ ସହ ଆଲୋଚନା ହେଲା । ସେଗୁଡ଼ିକରେ ଶବ୍ଦର ଅର୍ଥ ଛଡ଼ା ଆଉ କିଛି ନ ଥିଲା । ପ୍ରାଚୀନ ଓଡ଼ିଆ କାବ୍ୟରେ ବ୍ୟବହୃତ ଶବ୍ଦମାନଙ୍କୁ ଅଭିଧାନରେ ଅର୍ଥ ଓ ବ୍ୟୁତ୍ପତ୍ତି ସହ ଉଲ୍ଲେଖ କରି ନନ୍ଦେ ଅଭିଧାନକୁ ଅଧିକ ସଫଳ ଓ ଆଦୃତ କରିଦେଲେ ।

ଏତିକି ବେଳେ ଧରାକୋଟର ରାଜା ଶ୍ରୀ ମଦନମୋହନ ସିଂହଦେବ ଏବଂ ଗଞ୍ଜାମର ପ୍ରଥମ ଓଡ଼ିଆ ଓକିଲ ଶ୍ରୀ ହରିହର ପଣ୍ଡାଙ୍କ ପରାମର୍ଶ କ୍ରମେ ଗ୍ରନ୍ଥ କିଣିବାକୁ ମାନ୍ଦ୍ରାଜ ଓ ବିହାର-ଓଡ଼ିଶା ସରକାରଙ୍କୁ ନିବେଦନ କରାଗଲା । ମାନ୍ଦ୍ରାଜ ସରକାର ଏକହଜାର, ଓଡ଼ିଶା-ବିହାର ସରକାର ଦୁଇ ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଲେ । ନିଜେ ଧରାକୋଟ ରାଜା ଏଥିପାଇଁ ଏକଶହ ଟଙ୍କା ଦେଲେ ।

ଗ୍ରନ୍ଥ ମୁଦ୍ରଣ ହେଲେ ସିନା ଟଙ୍କା ମିଳିବ । ଏ ଚିନ୍ତା ନନ୍ଦଙ୍କୁ ଘାରିଲା । ସେ ଅନନ୍ୟୋପାୟ ହୋଇ ପାରଳା ମହାରାଜାଙ୍କ ଦ୍ୱାରସ୍ଥ ହେଲେ । ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି

ନଗଦ ୩୦୦୦ ଟଙ୍କା ଦେବା ସଙ୍ଗେ ସଙ୍ଗେ ଅଭିଧାନର ନିର୍ଭୁଲ ମୁଦ୍ରଣ ପାଇଁ ନନ୍ଦଙ୍କୁ ବେତନ ସହ ଛ'ମାସ ଛୁଟି ଦେଲେ । ମହାରାଜାଙ୍କ ବଦାନ୍ୟତା ଯୋଗୁଁ ବିଶୁଦ୍ଧ ଓଡ଼ିଆ ଅଭିଧାନ ରୂପେ ଶଢ-ତତ୍ତ୍ୱ ଅଭିଧାନ ୧୯୧୬ରେ ଆଖି ଖୋଲିଲା । ଆଜି ନନ୍ଦେ ନାହାନ୍ତି । ଓଡ଼ିଆ ଜାତି ନିଜର ସମୃଦ୍ଧି ବୃଦ୍ଧି ଲାଗି ଗୋପୀନାଥ ନନ୍ଦ ଏବଂ କୃଷ୍ଣଚନ୍ଦ୍ର ଗଜପତିଙ୍କୁ ଭକ୍ତିର ସହ ସମ୍ମାନ ଜଣାଇ ଶବ୍ଦ ତତ୍ତ୍ୱବୋଧ ଅଭିଧାନକୁ ମୁଣ୍ଡରେ ଲଗାଇଲା । ୧୧୧୯ ପୃଷ୍ଠାର ଏହି ବିରାଟ ଅଭିଧାନକୁ ନନ୍ଦେ ପାରଳା ମହାରାଜାଙ୍କ କରକମଳରେ ଉତ୍ସର୍ଗ କରିଥିଲେ ।

ଏହାପରେ ସଂସ୍କୃତ ଏବଂ ପ୍ରାକୃତ ଶିକ୍ଷା ଓ ଗବେଷଣାଗାରର ଅଧ୍ୟୟନରେ ବହୁ ବର୍ଷ ବିତାଇଥିବା ଗୋପୀନାଥ ନନ୍ଦ ଗୋଟାଏ ପୂର୍ଣ୍ଣାଙ୍ଗ ଓଡ଼ିଆ ବ୍ୟାକରଣ ପାଇଁ ନିଜକୁ ନିୟୋଜିତ କରିଦେଲେ । ବ୍ୟାକରଣ ଲେଖା ପ୍ରକାଶ ପାଇଁ ସେ ଉତ୍କଳ ସାହିତ୍ୟ ପତ୍ରିକାକୁ ବାଛିଲେ । ୧୯୦୬ ଖ୍ରୀଷ୍ଟାବ୍ଦରେ ଓଡ଼ିଆ ତଦ୍ଧିତ ଓ କୃଦନ୍ତ ଉତ୍କଳ ସାହିତ୍ୟରେ ପ୍ରକାଶ ପାଇଲା । ଏକ ପ୍ରାମାଣିକ ଓଡ଼ିଆ ବ୍ୟାକରଣ ପ୍ରକାଶ ପାଉଥିବା ଜାଣି ଓଡ଼ିଶାର, ବିଶେଷକରି କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଶରବ୍ୟ ବାଲେଶ୍ୱର ପ୍ରଭୃତି ଅଞ୍ଚଳରେ ସଚେତନ ଓଡ଼ିଆମାନେ ଖୁସୀ ହୋଇଥିଲେ ।

ନନ୍ଦଙ୍କ ପ୍ରଣିତ ପ୍ରାମଣିକ ବ୍ୟାକରଣ ଗ୍ରନ୍ଥ, ନନ୍ଦଙ୍କ ମୃତ୍ୟୁର ୩ ବର୍ଷ ପରେ ୧୯୨୭ ଖ୍ରୀଷ୍ଟାବ୍ଦରେ ଓଡ଼ିଆ ଭାଷାତତ୍ତ୍ୱ ନାମରେ ପ୍ରକାଶିତ ହୋଇଥିଲା । ତାହା ଓଡ଼ିଆର ଏକ ଶ୍ରେଷ୍ଠ ସ୍ମରଣୀୟ ଗ୍ରନ୍ଥ । ୮୧୬ ପୃଷ୍ଠାର ଏହି ଗ୍ରନ୍ଥରେ ସ୍ଥାନିତ ହୋଇଥିବା ପ୍ରବନ୍ଧଗୁଡ଼ାକ ୧୯୦୬ ଖ୍ରୀଷ୍ଟାବ୍ଦ ଠାରୁ ୧୯୨୦ ଖ୍ରୀଷ୍ଟାବ୍ଦ ଯାଏଁ ପ୍ରବନ୍ଧ ଆକାରରେ ପ୍ରକାଶ ପାଇଥିଲା । ମୁକୁରରେ ଓଡ଼ିଆ ଧାତୁ ବିଚାର ଏବଂ ସତ୍ୟବାଦୀରେ ଓଡ଼ିଆ ଶବ୍ଦ ସନ୍ଦର୍ଭକୁ ଛାଡ଼ିଦେଲେ, ଅନ୍ୟ ସବୁ ପ୍ରବନ୍ଧ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ ପାଇଥିଲା । ପ୍ରକାଶିତ ପ୍ରବନ୍ଧଗୁଡ଼ିକୁ ଏକତ୍ର କରି ସେ କାଳର ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟ ବି.ଏ. ଶ୍ରେଣୀର ପାଠ୍ୟ ପୁସ୍ତକ ରୂପେ ମଞ୍ଜୁର କରିଥିଲେ ।

ତାଙ୍କର ଶ୍ରୀ ଭାରତ ଦର୍ପଣ ଉତ୍କଳ ସାହିତ୍ୟ ପତ୍ରିକାରେ ଏପ୍ରିଲ ୧୯୧୧ ରୁ ୧୯୧୫ ଜୁଲାଇ ଯାଏଁ ପ୍ରକାଶ ପାଇଥିବା ୩୦ଟି ପ୍ରବନ୍ଧର ସମଷ୍ଟି । ଆଜି ଯେଉଁ ତୁଳନାତ୍ମକ ବିଚାର ପାଇଁ ବିପୁଳ ଉତ୍ସାହ ପ୍ରକାଶ ପାଇଛି, ଗୋପୀନାଥ ଓଡ଼ିଶାରେ କେବଳ ତାହାର ବିଧିବଦ୍ଧ ପ୍ରବର୍ତ୍ତକ ନୁହନ୍ତି, ପ୍ରତିଷ୍ଠାତା ମଧ୍ୟ । ପଣ୍ଡିତ ନନ୍ଦଙ୍କ ଏହି 'ଶ୍ରୀ ଭାରତ ଦର୍ପଣ' ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ୧୯୬୪ରେ ପ୍ରକାଶ ପାଇଥିଲା । ନନ୍ଦେ ଶ୍ରୀ ଭାରତ ଦର୍ପଣରେ ମୂଳ ସଂସ୍କୃତ ମହାଭାରତ ତଥା ହିନ୍ଦୀ, ବଙ୍ଗଳା ଓ ତେଲିଙ୍ଗ ଭାଷାର ମହାଭାରତ ସହିତ ତୁଳନା କରି ଶାରଳା ମହାଭାରତର

ଉତ୍କର୍ଷ ଅପକର୍ଷ ନିର୍ଯାସ କରିଛନ୍ତି ଓ ତାହାର ମୂଳ ପାଠ ନିର୍ଦ୍ଧାରଣ କରିବାକୁ ସମକାଳୀନ ଛାପା ଗ୍ରନ୍ଥଗୁଡ଼ିକୁ ବିଭିନ୍ନ ପୋଥି ସହିତ ମିଳାଇ ନେଇଛନ୍ତି । ତାଙ୍କର ଶ୍ରୀ ଭାରତ ଦର୍ପଣ ଏବେ ବି ଓଡ଼ିଆ ସମାଲୋଚନା ସାହିତ୍ୟ ଇତିହାସରେ ସାରସ୍ୱତ ଗାମ୍ଭୀର୍ଯ୍ୟ ଓ ଆଭିଜାତ୍ୟ ଦୃଷ୍ଟିରୁ ଅନତିକ୍ରମଣୀୟ ହୋଇ ରହିଛି ।

ଚାକିରିରୁ ଅବସର ନେଲା ପରେ ମଧ୍ୟ ନନ୍ଦେ ସାହିତ୍ୟ ସାଧନାରେ ମଜ୍ଜି ଯାଇଥିଲେ । ଲେଖା ହେଲେ ମଧ୍ୟ ପ୍ରକାଶନ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ଅନୁରୋଧ କ୍ରମେ ଓଡ଼ିଆ ଭାଷାତତ୍ତ୍ୱର ମୁଦ୍ରଣ ପାଇଁ ମୟୂରଭଞ୍ଜ ଏବଂ ପାରଳାଖେମୁଣ୍ଡିର ମହାରାଜା ପ୍ରଥମେ ହଜାରେ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଅର୍ଥ ନ ମିଳିବାରୁ ନନ୍ଦଙ୍କ ଉଦ୍‌ବେଗ ବଢ଼ିଲା । ଇତି ମଧ୍ୟରେ ପାରଳା ମହାରାଜା ତିନି ଶହ ଟଙ୍କା ପଠାଇଲେ । ତାକୁ ଧରି ନନ୍ଦେ ମୁଦ୍ରଣ ପାଇଁ କଟକ ଗଲେ । ୧୯୨୩ ଡିସେମ୍ବର ୨୯ରେ ସେ ଶଯ୍ୟାଶାୟୀ ହୋଇଗଲେ । ଚିକିତ୍ସା ଓ ସେବାର ଯେତେ ସୁବ୍ୟବସ୍ଥା କଲେ ମଧ୍ୟ ସ୍ୱାସ୍ଥ୍ୟର ଉନ୍ନତି ହେଲା ନାହିଁ । ୧୯୨୪ ଜାନୁଆରୀ ୧୪ ତାରିଖରେ ଏହି ନିରବ ସାଧକ ସ୍ୱର୍ଗାରୋହଣ କରିଥିଲେ ।

ପୁରୁଣା ବ୍ରହ୍ମପୁର,
ବ୍ରହ୍ମପୁର-୭୬୦୦୦୯

ସହାୟକ ଗ୍ରନ୍ଥ :

୧. ଗୋପୀନାଥ ଗ୍ରନ୍ଥାବଳୀ, ଶ୍ରୀ ରାଧାଚରଣ ପଣ୍ଡା ।
୨. ଶବ୍ଦତତ୍ତ୍ୱବୋଧ ଅଭିଧାନ, ଗୋପୀନାଥ ନନ୍ଦ ।
୩. ଓଡ଼ିଆ ଭାଷାତତ୍ତ୍ୱ, ଗୋପୀନାଥ ନନ୍ଦ ।
୪. ଅଭିନବ ଭଞ୍ଜ ଭାରତୀ-୧, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ।
୫. ଅଭିନବ ଭଞ୍ଜ ଭାରତୀ-୨, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ।
୬. ପାରଳାଖେମୁଣ୍ଡିର ଲେଖା ଓ ଲେଖକ, ଅଧ୍ୟାପକ ବିନୋଦ ବିହାରୀ ବିକ୍ରମ ।
୭. ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ, ମୁଖପତ୍ର (୧୯୯୨-୯୩), ସୁରେନ୍ଦ୍ର ଶତପଥୀ ।



ଓଡ଼ିଆ ନାଟକର ଅଭ୍ୟୁଦୟରେ ଜଗନ୍ମୋହନ ଲାଲା

ଡଃ. ନୀଳାଦ୍ରି ଭୂଷଣ ହରିଚନ୍ଦନ

ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଭାରତୀୟ ସାହତ୍ୟର ନବଜାଗରଣ ପର୍ବ । ଏହି ସମୟରେ ହିଁ ଭାରତୀୟ କାବ୍ୟକବିତା, କଥାସାହିତ୍ୟ ଓ ନାଟକରେ ଆଧୁନିକତାର ସଞ୍ଚରଣ ଘଟେ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କାବ୍ୟ କବିତା ଓ ଉପନ୍ୟାସ ପରେ ହିଁ ନାଟକରେ ଆଧୁନିକତା ଆସିଛି । ଆଧୁନିକ ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ ଦିଗରେ ଯେଉଁ ଦୁଇଜଣ ନାଟ୍ୟକାର ଜଗନ୍ମୋହନ ଲାଲା ଓ ରାମଶଙ୍କର ରାୟ ପଥିକୃତ୍ ଉଦ୍ୟମ କରିଛନ୍ତି, ସେମାନେ ମୂଳତଃ କବି । ଜଗନ୍ମୋହନଙ୍କ 'ଭ୍ରମଭଞ୍ଜନ' (୧୮୬୮) ଏବଂ ରାମଶଙ୍କରଙ୍କ 'ପ୍ରେମତରୀ' (୧୮୭୮) କାବ୍ୟ ଦୁଇଟି ରାଧାନାଥଙ୍କ ପ୍ରଥମ କାବ୍ୟ ସୃଷ୍ଟି 'କେଦାର ଗୌରୀ' (୧୮୮୬)ର ବହୁ ପୂର୍ବରୁ ଲିଖିତ ହୋଇ ସାରିଥିଲା । ଜଗନ୍ମୋହନ ଓ ରାମଶଙ୍କରଙ୍କୁ କେବଳ ନାଟ୍ୟକାର ନ କହି କବି ନାଟ୍ୟକାର କୁହାଯାଇପାରେ ।

ଜଗନ୍ମୋହନ ଲାଲା ପ୍ରଥମ ଓଡ଼ିଆ ନାଟକର ଜନ୍ମଦାତା । ଲୋକେ ଓଡ଼ିଆ ଭାଷାରେ ନାଟକର କଳ୍ପନା କରି ନ ଥିବା ସମୟରେ ଜଗନ୍ମୋହନଙ୍କ 'ବାବାଜୀ' (୧୮୭୭) ନାଟକର ରଚନା ଥିଲା ଓଡ଼ିଆ ସାହିତ୍ୟ ଯୋଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନାଟ୍ୟକଳା ଦୃଷ୍ଟିରୁ ଏହା ଉତ୍କୃଷ୍ଟ ନ ହେଲେ ମଧ୍ୟ ସାମାଜିକ କଥାବସ୍ତୁ ଚୟନ ତଥା ଦୃଶ୍ୟହୀନତା ଯୋଗୁଁ ଭାରତୀୟ ଭାଷାରେ ଲିଖିତ ତତ୍କାଳୀନ ନାଟକଗୁଡ଼ିକ ମଧ୍ୟରେ ଏହାର ସ୍ଥାନ ସ୍ୱତନ୍ତ୍ର । ଜଗନ୍ମୋହନଙ୍କର ଦ୍ୱିତୀୟ ସୃଷ୍ଟି 'ସତୀ' (୧୮୮୬) ନାଟକ ଉଭୟ ବକ୍ତବ୍ୟ ଓ ଶୈଳୀ ଦୃଷ୍ଟିରୁ ଏକ ସୁସମୃଦ୍ଧ ନାଟକ ଓ ସାମସମୟିକ ବିଗ୍ଭରରେ ଅସାଧାରଣ । ୧୯୫୦ ପର୍ଯ୍ୟନ୍ତ ଏପରି ଖଣ୍ଡିଏ ନାଟକ କ୍ୱଚିତ୍ ଲେଖାଯାଇଛି ବୋଲି କହିବାକୁ ହେବ ।

ଓଡ଼ିଆ ଭାଷାରେ ଆଧୁନିକ ଧରଣର ନାଟକ ଲେଖା ହୋଇ ନ ଥିବା ସମୟରେ ଜଗନ୍ମୋହନଙ୍କ 'ବାବାଜୀ' ନାଟକର ସୃଷ୍ଟି । ନାଟକ ଲେଖିଲାବେଳେ ନାଟ୍ୟକାରଙ୍କର କୌଣସି ଉଚ୍ଚାଭିଳାଷ ବା ମାନସିକ ପ୍ରସ୍ତୁତି ନ ଥିବାର ଅନୁମାନ କରାଯାଏ । ଏପରିକି ସମାଜ ସଂସ୍କାର ଉଦ୍ଦେଶ୍ୟଟିକୁ ମୂଳ କରି ଧରିଥିଲେ ମଧ୍ୟ ଏହାକୁ ନାଟକୀୟ ଭାବେ ଉପସ୍ଥାପନ କରି ନ ପାରି ବର୍ଣ୍ଣନାଧର୍ମୀ କରି ପକାଇଛନ୍ତି । ପ୍ରଥମ ଓଡ଼ିଆ ନାଟକ ଲେଖୁଛନ୍ତି ବୋଲି ପୂର୍ବରୁ ସଚେତନ ଥିଲେ ହୁଏତ ସେ ନାଟକଟିକୁ ସୁଗଠିତ କରିବାର ପ୍ରୟାସ କରିଥାଆନ୍ତେ; ସଂସ୍କୃତ ନାଟ୍ୟଶୈଳୀ କିମ୍ବା ସେକ୍‌ସପୀୟରୀୟ ନାଟ୍ୟଶୈଳୀକୁ ଅନୁସରଣ କରିପାରିଥାନ୍ତେ । ନଚେତ୍ ନିଜସ୍ୱ ନାଟ୍ୟ ଶୈଳୀ ପ୍ରବର୍ତ୍ତନ କରିପାରି ଥାଅନ୍ତେ, ବିଶେଷ ଭାବେ ନାଟକରେ ସମସ୍ତ ନାଟ୍ୟ ଉପାଦାନର ସନ୍ନିବେଶ ଲାଗି ପ୍ରୟାସ କରିଥାନ୍ତେ; ଯାହା ଫଳରେ 'ବାବାଜୀ' ମଧ୍ୟ 'ସତୀ' ପରି ଏକ ଦ୍ୱନ୍ଦ୍ୱ ଉତ୍କଣ୍ଠାମୂଳକ ଶିଳ୍ପ ସମୃଦ୍ଧ ନାଟକ ହୋଇପାରିଥାନ୍ତା । 'ବାବାଜୀ' ନାଟକର ରଚନା ସମ୍ପର୍କରେ ଜଗନ୍ମୋହନ ଆଦୌ ଗୁରୁତ୍ୱ ନ ଦେଇଥିବା ସ୍ଥଳେ ଏହି ନାଟକର ତିନି ବର୍ଷ ପରେ ଲିଖିତ ରାମଶଙ୍କର ରାୟଙ୍କ 'କାଞ୍ଚି କାବେରୀ' (୧୮୮୦ରେ ଲିଖିତ ଓ ୧୮୮୧ରେ ପ୍ରକାଶିତ)ରେ ପ୍ରଥମ ନାଟକ ଲେଖିବାର ସଚେତନତା ଓ ପ୍ରୟାସ ପରିଲକ୍ଷିତ ହୁଏ । ନାଟକ ରଚନାକୁ ଜଗନ୍ମୋହନ କେତେ ସହଜ ଭାବେ ଗ୍ରହଣ କରିଥିଲେ, ତାହା 'ବାବାଜୀ' ନାଟକର ବିଜ୍ଞାପନରୁ ଅନୁମେୟ ହୁଏ । "ବାବାଜୀ ନାଟକ ପୁସ୍ତକରେ ଜଣେ ଯଥାର୍ଥ ସାଧୁର ସୁଚରିତ୍ର ଓ ଉପଦେଶ, ବାବାଜୀର ମହିମା, ମଠାଧୀଶଙ୍କ ଆଚରଣ, ହିନ୍ଦୁବାବୁର ସୁରାପାନ, ନବ୍ୟବାବୁ ଓ ଦେଶୀୟ ଖ୍ରୀଷ୍ଟୀୟାନମାନଙ୍କର କୁସଂସ୍କାର, ଡାଆଣୀ, ଭୂତ, ଗାରିଡ଼ିବିଦ୍ୟା ଏବଂ ରହସ୍ୟ ଓ ହିତକର କଥାମାନ ଅଛି । (ଉତ୍କଳ ଦୀପିକା-୨୭.୧୦.୭୭) ।"

ନାଟ୍ୟକାର ଜଗନ୍ମୋହନ ଲାଲ ଓଡ଼ିଆ ଭାଷାର ପ୍ରଥମ ନାଟକକୁ ଉଭୟ ସଂସ୍କୃତ ଓ ଇଂରାଜୀ ନାଟ୍ୟରୀତି ପ୍ରଭାବରୁ ମୁକ୍ତ ରଖି ପ୍ରଥମରୁ ଏକ ବୈପ୍ଳବିକ ପଦକ୍ଷେପ ନେଇଛନ୍ତି । ଯୁଗରୁଚି ଅନୁଯାୟୀ ସେ ସମୟରେ ସାଧାରଣତଃ ପୌରାଣିକ ନାଟକ ଲେଖା ହେଉଥିବାବେଳେ ସେ ସାମାଜିକ କଥାବସ୍ତୁକୁ ନେଇ ନାଟକ ଲେଖିଛନ୍ତି । ଏହା ତାଙ୍କର ଦ୍ୱିତୀୟ ବୈପ୍ଳବିକ ପଦକ୍ଷେପ । ଭାରତବର୍ଷରେ, ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଲିଖିତ ବିଭିନ୍ନ ଭାଷାର ପ୍ରଥମ ନାଟକଗୁଡ଼ିକ ପୌରାଣିକ କଥାବସ୍ତୁ ଆଧାରିତ ହୋଇଥିବା ସ୍ଥଳେ ପ୍ରଥମ ଓଡ଼ିଆ ନାଟକ 'ବାବାଜୀ' ସାମାଜିକ ସମସ୍ୟାକୁ ଉପଜୀବ୍ୟ କରିଛି ।

ବାବାଜୀ ନାଟକର ସମୟସୀମା ଅତ୍ୟନ୍ତ ସୀମିତ । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସମୟକାଳ ଭିତରେ ନାଟକର ଆରମ୍ଭ, ବିକାଶ ଓ ପରିଣତି । ମୁଖ୍ୟ ଚରିତ୍ର ଜଣେ ସଦାଗରୀ ବାବାଜୀ । ସେ ବିଭିନ୍ନ ସ୍ଥାନକୁ ସ୍ୱଳ୍ପ ସମୟ ପାଇଁ ଯାଇ ସାମାଜିକ ଅଧଃପତନର ସ୍ୱରୂପ ଉଦ୍‌ଘାଟନ କରିଛନ୍ତି । ଏକ ଦୃଶ୍ୟ ସମ୍ବଳିତ ଚାରିଟି ଅଙ୍କରେ ପରିକଳ୍ପିତ ନାଟକଟିରେ ପ୍ରଥମ ଅଙ୍କରେ ଇଂରାଜୀ ସଭ୍ୟତାର ଅନୁସରଣକାରୀ ଜଣେ ନବ୍ୟ ସଭ୍ୟ ବାବୁଙ୍କର ମଦ୍ୟପାନ ଓ ବେଶ୍ୟାସକ୍ତି ଏବଂ ଦ୍ୱିତୀୟ ଅଙ୍କରେ କ୍ଷୁଧାର୍ତ୍ତ ବାବାଜୀଙ୍କ ପ୍ରତି ପୂଜାରୀର ଅବଜ୍ଞା, ବିଦ୍ରୂପ ଓ ନିଷ୍ଠୁରତାର ଚିତ୍ର ପ୍ରଦର୍ଶିତ । ଅନେକ ଅସାଧୁ ଶ୍ରେଣୀର ସନ୍ନ୍ୟାସୀ ବାବାଜୀ, ବୈଷ୍ଣବ ଆଦି ଧର୍ମାନ୍ତରଣର ଆବରଣ ତଳେ ବ୍ୟଭିଚାର ଲିପ୍ତ ହୋଇ ଜନସାଧାରଣଙ୍କ ବିଶ୍ୱାସ ହରାଇ ବସନ୍ତି, ଫଳରେ ଉପହସିତ ହୁଅନ୍ତି । ପୂଜାରୀ ଆନନ୍ଦ ପଣ୍ଡାର କାର୍ଯ୍ୟକଳାପ ମାଧ୍ୟମରେ ବାବାଜୀମାନଙ୍କ ପ୍ରତି ସାଧାରଣ ଲୋକଙ୍କ ମନୋଭାବର ଚିତ୍ର ଦିଆଯାଇଛି । ଯେଉଁ ବାବାଜୀମାନେ ପ୍ରକୃତରେ ସତ୍ ସେମାନେ ସମାଜରେ ସମ୍ମାନ ପାଆନ୍ତି । ଜଣେ ସମାଜ ହିତୈଷୀ ସଚ୍ଚରିତ୍ର ସାଧୁଙ୍କ ପରିଚୟ ପାଇ ପୂଜାରୀ ଅନୁତପ୍ତ ହୁଏ ଓ କ୍ଷମା ମାଗେ । ତୃତୀୟ ଅଙ୍କରେ ମଠାଧୀଶମାନଙ୍କର ମାତାମାନଙ୍କ ସହ ଅନୈତିକ ସମ୍ପର୍କ ପରୋକ୍ଷ ଭାବେ ପ୍ରକାଶିତ ହୋଇଛି । ଚତୁର୍ଥ ଅଙ୍କରେ ଉପସ୍ଥାପିତ ଦୃଶ୍ୟ- ବାବାଜୀ ନିକଟରେ ପୂଜାରୀର ଗୁଣିଗାରେଡ଼ିର ସତ୍ୟତା ସମ୍ପର୍କିତ ସ୍ୱୀକାରୋକ୍ତି ଦର୍ଶକମାନଙ୍କ ମନରେ ସଂସ୍କାର ଚେତନା ସୃଷ୍ଟି କରିବାକୁ ସମର୍ଥ । ଏହି ଅଙ୍କ ବା ଦୃଶ୍ୟରେ ଭୂତ, ପ୍ରେତ, ଚିରଗୁଣୀମାନଙ୍କ ଉତ୍ପାତ, ଡାହାଣୀ ଆଲୁଅ, ଆଜ୍ଞା ଔଷଧର ସମ୍ପର୍କିତ କେତେକ ଭ୍ରମ ଧାରଣାର ଦୂରୀକରଣ ଲାଗି ବାବାଜୀଙ୍କ ମୁଖରେ କେତେକ ଉପଦେଶ ପ୍ରଦାନ କରାଯାଇଛି । ଏହା ଅବଶ୍ୟ ବକ୍ତୃତାଧର୍ମୀ ଓ ଅନାଟକୀୟ ।

ପ୍ରଥମ ନାଟକ ଭାବରେ 'ବାବାଜୀ'ରେ ବହୁ ଦୋଷଦୁର୍ବଳତା ଅବଶ୍ୟ ରହିଛି । ଏହାର ବିଷୟବସ୍ତୁରେ ସେପରି କୌଣସି ନୂତନତ୍ୱ ନାହିଁ । ଏହି ସମୟରେ ବିଭିନ୍ନ ଭାରତୀୟ ଭାଷାରେ ଲିଖିତ ସାମାଜିକ ନାଟକଗୁଡ଼ିକରେ ନବ୍ୟବାବୁ ସଂପ୍ରଦାୟର ଇଂରେଜ ସଭ୍ୟତାନୁସରଣ, ତଦାନୁଷଙ୍ଗିକ ମଦ୍ୟପାନ ଓ ବେଶ୍ୟାସକ୍ତି ପ୍ରଭୃତିର ପ୍ରାଦୁର୍ଭାବ ଏବଂ ପାରମ୍ପରିକ ଅନ୍ଧବିଶ୍ୱାସ ବିରୁଦ୍ଧରେ ପ୍ରତିକ୍ରିୟା ପ୍ରକାଶିତ । ସାମାଜିକ କୁସଂସ୍କାର ଦୂରୀକରଣ ଓ ସତ୍‌ଶିକ୍ଷା ସାଧାରଣଭାବରେ ଉନବିଂଶ ଶତାବ୍ଦୀର ଭାରତୀୟ ନାଟକଗୁଡ଼ିକର ଉପଜୀବ୍ୟ ଥିଲା । ତେଣୁ ବିଷୟବସ୍ତୁ ଦୃଷ୍ଟିରୁ 'ବାବାଜୀ' ନାଟକରେ କୌଣସି ନୂତନତ୍ୱ ନ ଥିଲା । 'ବାବାଜୀ'ର ଭାଷା ଓ ଶୈଳୀରେ କେତେକ ନୂତନତ୍ୱ

ପରିଲକ୍ଷତ ହୁଏ । ଏହାର ଭାଷା ପ୍ରାୟତଃ ଲୋକକଥିତ, ସରଳ ଓ ସାବଲୀଳ । ଏ ସମୟର ଭାରତୀୟ ନାଟକର ଭାଷା କିନ୍ତୁ ଥିଲା ବିକଶିତ, ତତ୍‌ସମ ଶବ୍ଦ ବହୁଳ, ଆଳଂକାରିକ । 'ବାବାଜୀ' ନାଟକ ସଂସ୍କୃତ ବା ସେକ୍‌ସପୀୟରୀ ନାଟକ ପରି ପଞ୍ଚ ଅଙ୍କ ବିଶିଷ୍ଟ ତଥା ବହୁ ଦୃଶ୍ୟ ସମ୍ବଳିତ ନ ହୋଇ ଏକ ଦୃଶ୍ୟ ବିଶିଷ୍ଟ ଚଉରୋଟି ଅଙ୍କରେ ବିଭକ୍ତ ଥିଲା । ଏହାର ଦୃଶ୍ୟ ଓ ଅଙ୍କ ବିଭାଜନରେ ଯେଉଁ ନୂତନତ୍ୱ ପରିଲକ୍ଷିତ ହେଉଥିଲା, ତାହା ଅଶ୍ୱିନୀକୁମାରଙ୍କ 'ଭାଇ' ନାଟକ ବ୍ୟତୀତ ୧୯୫୦ ଭିତରେ ଲିଖିତ ଅନ୍ୟ କୌଣସି ଓଡ଼ିଆ ନାଟକରେ ପରିଲକ୍ଷିତ ହୁଏ ନାହିଁ । ଅନ୍ୟାନ୍ୟ ଭାରତୀୟ ଭାଷାରେ ଲିଖିତ ନାଟକଗୁଡ଼ିକରେ ଯେତେବେଳେ ସଂସ୍କୃତ ନାଟକ ବା ସେକ୍‌ସପିରୀୟ ନାଟକର ଶୈଳୀ ଅନୁସରଣ କରାଯାଉଥିଲା, 'ବାବାଜୀ' ନାଟକ ଥିଲା ଅନୁସରଣ ମୁକ୍ତ । ସାମସମୟିକ ଓଡ଼ିଆ ନାଟକ କ୍ଷେତ୍ରରେ ଦୃଶ୍ୟବିହୀନ ନାଟକ ରଚନାର ଶ୍ରେୟ କେବଳ ଜଗନ୍ମୋହନଙ୍କର ପ୍ରାପ୍ୟ ।

ଏହି ନାଟକର ଚରିତ୍ରଚିତ୍ରଣ ଦିଗରେ ନାଟ୍ୟକାରଙ୍କ ଧ୍ୟାନ ନ ଥିବା ସ୍ଥଳେ ସ୍ୱତଃସ୍ଫୂର୍ତ୍ତ ଭାବେ କେତୋଟି ଚରିତ୍ର ବିଶେଷତ୍ୱ ପ୍ରକଟିତ ହୋଇଯାଇଛି । ମୁଖ୍ୟ ଚରିତ୍ର ବାବାଜୀ ଏ ଦୃଷ୍ଟିରୁ ବିଚାର୍ଯ୍ୟ । ବାବାଜୀଙ୍କର ଅନ୍ୟ ବାବାଜୀ ବା ମଠାଧୀଶଙ୍କ ପରି ସ୍ଥାୟୀ ଆଶ୍ରୟ ସ୍ଥଳ ନାହିଁ । ସେ ଯେ କୌଣସି ସ୍ଥାନରେ ଗଛମୂଳେ ବସି ଧ୍ୟାନଯୋଗ କରି କାଳାତିପାତ କରିପାରନ୍ତି । କୌଣସି ବିଳାସବ୍ୟସନ, ସୁଖାଦ୍ୟ ଓ ମାଦକ ଦ୍ରବ୍ୟ ପ୍ରତି ଆସକ୍ତିହୀନ । ଉଦରପୂର୍ତ୍ତି ପାଇଁ ସ୍ୱପାକ ନ କରି ସ୍ୱଚ୍ଛଳ ଗୃହସ୍ଥ ମାନଙ୍କ ଉପରେ ନିର୍ଭରଶୀଳ । ଗୃହ ଓ ଖାଦ୍ୟ ଚିନ୍ତା ନ ଥିବାରୁ ସେ କହନ୍ତି- "ଆମ୍ଭେ ଅର୍ଥଭୋଗରୁ ପଇସା ଭିକ୍ଷା କରୁନା । ଦ୍ୱାର ଦ୍ୱାର ପଇସା ମାଗି ବୁଲିଲେ ସେଇଥିରେ ଦିନ ଯିବ । ପୂଜା, ଧ୍ୟାନ, ଭଜନ ଏହା ସବୁ କରିବୁ କେତେବେଳେ ? ପୁଣି ପଇସାରୁ ଲୋଭ ଜନ୍ମେ । ସାଧୁସନ୍ଥଙ୍କର ପଇସା କଉଡ଼ିରେ କି ପ୍ରୟୋଜନ ? ଭୋଜନ ମିଳିଲେ ହେଲା । ପୁଣି ବାବାଜୀଙ୍କୁ ଚିଲମ ବଢ଼ାଇ ତମାଖୁ ଖାଇବାକୁ ଅନୁରୋଧ କରାଯିବାରୁ ସେ କହିଛନ୍ତି- "ନିଶା ବଡ଼ ମନ୍ଦ । ସେଥିରେ ମତିଗତି ଠିକ୍ ରହେନାହିଁ । ଗଞ୍ଜା, ମଦ ପ୍ରଭୃତି ମାଦକଦ୍ରବ୍ୟରୁ ପ୍ରଥମେ ଯେଉଁ ଆନନ୍ଦ ମିଳେ, ତାହା ପରେ ଦୁଃଖ ଦିଏ । ଈଶ୍ୱର ଚିନ୍ତାରେ ହିଁ ପ୍ରକୃତ ଆନନ୍ଦ ମିଳେ ।"

ସୁବଳବାବୁ ଓ ଯଶୁ ଭଟ୍ଟାଚାର୍ଯ୍ୟଙ୍କ ଭଳି ଦୁଇଜଣ ନବ୍ୟବାବୁଙ୍କ ନିକଟରେ ଏହିପରି ଉପଦେଶ ଏବଂ ଈଶ୍ୱରଭକ୍ତିମୂଳକ ଭଜନ ଗାନ ମୂଲ୍ୟହୀନ ହୋଇପଡ଼ିଛି । ସେମାନେ ବାବାଜୀଙ୍କ ଆଡ଼କୁ ଭ୍ରୂକ୍ଷେପ ନ କରି ମଦ୍ୟପାନରେ ଉନ୍ମତ୍ତ ହୋଇଛନ୍ତି । ସୁବଳ ବାବୁ

ନାରୀବେଶ ହୋଇ ନାଚି ନାଚି ଭୂତଳଶାୟୀ ହୋଇଛନ୍ତି । ଏସବୁ ଦୃଶ୍ୟରେ ବାବାଜୀ ଦୁଃଖାଭିଭୂତ ହୋଇ କହୁଛନ୍ତି- "ମୁହଁର କଥା ମୁହଁରେ ଅଛି, ଦେଖୁ ଦେଖୁ କ'ଣ ହେଲା ? କି ଦୁଃଖର ବିଷୟ, ଏପରି ବ୍ୟକ୍ତିର ଏପରି ଆଚରଣ !" ଏହିପରି ଭାବେ ପ୍ରଥମ ଦୃଶ୍ୟରେ ତତ୍କାଳୀନ ଉଚ୍ଚ ଶିକ୍ଷାପ୍ରାପ୍ତ ଧନୀକ ବ୍ୟକ୍ତିମାନଙ୍କର ଅଧଃପତନର ଚିତ୍ର ଉନ୍ମୋଚିତ ହୋଇଛି । ଦ୍ୱିତୀୟ ଦୃଶ୍ୟରେ ଆନନ୍ଦ ପଣ୍ଡାର ନିଷ୍ଠୁର ବ୍ୟବହାର କ୍ଷୁଧାର୍ତ୍ତ ବାବାଜୀଙ୍କ ମନରେ କ୍ରୋଧ ସୃଷ୍ଟି କରିନାହିଁ । ତା'ର କାର୍ଯ୍ୟକୁ ବାବାଜୀ ବିଚାରଶୀଳତା ସହ ସହଜରେ ଗ୍ରହଣ କରିପାରୁଛନ୍ତି । ଭଣ୍ଡ ବାବାଜୀମାନେ ମିଥ୍ୟା ପ୍ରଲୋଭନ ଦେଖାଇ ସମାଜକୁ କିପରି ପ୍ରତାରିତ କରୁଛନ୍ତି, ତାହା ତାଙ୍କର ଅବବୋଧରେ ରହିଛି । କାଳ କାଳ ଧରି ଭଣ୍ଡ ସନ୍ନ୍ୟାସୀମାନଙ୍କଦ୍ୱାରା ଲୋକେ ପ୍ରତାରିତ ହୋଇଥିବାର ଚିତ୍ର ରୂପାୟିତ ହୋଇଛି ଜଗନ୍ମୋହନଙ୍କ ଲେଖନୀରେ । ତଥାପି ସମାଜରେ କେତେକ ସତ୍ ସନ୍ନ୍ୟାସୀ ଅଛନ୍ତି, ଯେଉଁମାନେ ପ୍ରକୃତରେ ମାନବ ସମାଜକୁ ଅନ୍ଧକାର ଭିତରୁ ଉଦ୍ଧାର କରି ଆଲୋକର ପଥ ଦେଖାନ୍ତି । ଏହି ସଂଶୟରୁ ପ୍ରକୃତରେ ଆନନ୍ଦ ପଣ୍ଡା ସତ୍ ବାବଜୀଙ୍କୁ ଚିହ୍ନି ପାରିନାହିଁ । ଯେତେବେଳେ ଚିହ୍ନିପାରିଛି, ସେତେବେଳେ ତା'ର ସମସ୍ତ ଅପରାଧମୂଳକ କାର୍ଯ୍ୟକଳାପକୁ ବାବାଜୀଙ୍କ ନିକଟରେ ପ୍ରକାଶ କରି ଭବିଷ୍ୟତରେ ଆଉ ଲୋକଙ୍କୁ ପ୍ରତ୍ୟାଶା କରିବ ନାହିଁ ବୋଲି କହିଛି । ଆନନ୍ଦ ପଣ୍ଡାର ମନ କୁସଂସ୍କାର ମୁକ୍ତ ହେଲେ ମଧ ସେ ସରଳ ବିଶ୍ୱାସୀ ଲୋକମାନଙ୍କୁ ପ୍ରତାରିତ କରି ଅର୍ଥ ଉପାର୍ଜନ କରିଛି । ଏହାକୁ ସେ ତା'ର ଜୀବିକା ଭାବେ ଗ୍ରହଣ କରିଛି । ସାଧୁମାନଙ୍କ ପ୍ରତି ମନ ଭିତରେ ଥିବା ବଦ୍ଧମୂଳ ଧାରଣା ବାବାଜୀଙ୍କ ପ୍ରତି ଦୁର୍ବ୍ୟବହାର କରିଥିବାର ଅନୁଭବ କରି ବାବାଜୀ ପୂଜାରୀକୁ କ୍ଷମା କରିଦେଇଛନ୍ତି ଏବଂ ଶେଷରେ ଆଶୀର୍ବାଦ କରି ବିଦାୟ କରିଛନ୍ତି ।

ତୃତୀୟ ଦୃଶ୍ୟରେ ବାବାଜୀଙ୍କ ହିତକାମନା ଦିଗଟି ଆହୁରି ସ୍ପଷ୍ଟ ହୋଇଉଠିଛି । ଭଗବତ୍ ଚିନ୍ତାରେ ସମୟ ଅତିବାହିତ କରିବା ପରିବର୍ତ୍ତେ ମଠ ମହନ୍ତମାନେ କିପରି ଖାଦ୍ୟ ବିଳାସ ଓ ପରକୀୟା ପ୍ରୀତି ନାମରେ ନାରୀ ଉପଭୋଗରେ ନିମଜ୍ଜିତ ହୋଇ ରହୁଛନ୍ତି, ତାର ଏକ ଚିତ୍ର ଏଠାରେ ପ୍ରଦତ୍ତ । ଏହି ଦୃଶ୍ୟରେ ବାବାଜୀଙ୍କ ଉପସ୍ଥିତି ଯୋଗୁଁ ରାଧାକୃଷ୍ଣପ୍ରେମୀ ବୈଷ୍ଣବ ମଠାଧୀଶମାନଙ୍କ ସ୍ୱରୂପ ଉନ୍ମୋଚିତ ହେଇଉଠିଛି । ବ୍ୟଭିଚାରିଣୀ ବୈଷ୍ଣବୀମାନଙ୍କୁ ଖାଦ୍ୟ ଓ ବସ୍ତ୍ର ଦେଉଥିବାବେଳେ ମହନ୍ତ କ୍ଷୁଧାର୍ତ୍ତ ବାବାଜୀଙ୍କୁ ଖାଦ୍ୟ ଦେବାକୁ ନିଷ୍ଠୁର ଭାବେ ମନା କରିଦେଇଛି ।

ସାଧାରଣତଃ ଶେଷ ଅଙ୍କରେ ହିଁ ନାଟକ ଚରମ ଅବସ୍ଥା ପ୍ରାପ୍ତ ହୁଏ । ଫଳରେ ଶେଷ ଦୃଶ୍ୟରେ ମୂଳ ନାଟ୍ୟଦ୍ୱନ୍ଦ୍ୱର ନିରସନ ଘଟୁଥିବାରୁ ନାଟକଟି ଆଲୋଡ଼ନ ସୃଷ୍ଟି

କରିଥାଏ । କିନ୍ତୁ ବାବାଜୀ ନାଟକର ଶେଷ ଅଙ୍କ ବା ଶେଷ ଦୃଶ୍ୟ (ଚତୁର୍ଥ ଅଙ୍କ)ରେ କୌଣସି ଆଲୋଡ଼ନ ସୃଷ୍ଟିକାରୀ ଘଟଣାର ଉପସ୍ଥାପନ କରଯାଇ ନାହିଁ । ନାଟ୍ୟ କାହାଣୀ ଅନୁସାରେ ବାବାଜୀଙ୍କ ମହିମା ପ୍ରଚାରିତ ହୋଇଯିବା ପରେ ନଈକୂଳର ଆମ୍ବତୋଟାରେ ତାଙ୍କୁ ଦୁଇଜଣ ବେଶ୍ୟା, ଜଣେ ଖ୍ରୀଷ୍ଟଧର୍ମକୁ ଧର୍ମାନ୍ତରିତ ବ୍ୟକ୍ତି ଓ ତାର ଜଣେ ମଦ୍ୟପ ବନ୍ଧୁ ଦେଖା କରିବାକୁ ଆସିଛନ୍ତି ।

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ପରିଲକ୍ଷିତ ଧର୍ମୀୟ ଭଣ୍ଡାମିର ଚିତ୍ର ଉପସ୍ଥାପନ ଥିଲା ଜଗନ୍ମୋହନଙ୍କର ମୂଳ ଉଦ୍ଦେଶ୍ୟ । ସାଧୁ ବେଶଧାରୀ ଭଣ୍ଡମାନେ ନିଜର ଅଲୌକିକତା ପ୍ରଚାର କରି ସରଳ ବିଶ୍ୱାସୀ ଲୋକମାନଙ୍କୁ ବ୍ୟଥିତ କରୁଥିଲେ । ଏହି ଭ୍ରାନ୍ତ ଧାରଣାକୁ ଦୂର କରିବାକୁ ଯାଇ ସାଧୁମାନଙ୍କର କୌଣସି ଅଲୌକିକ ଶକ୍ତି ନାହିଁ ବୋଲି ସେ ପ୍ରଚାର କରିଛନ୍ତି । ଧର୍ମୀୟ ଭଣ୍ଡାମୀ ସମସ୍ୟାଟି ଆଜି ପର୍ଯ୍ୟନ୍ତ ସମାଜକୁ ପ୍ରଭାବିତ କରିଆସିଛି । ଲୋକେ ଏ ବିଷୟରେ କିଛି ପରିମାଣରେ ସଚେତନ ହେଲେ ମଧ୍ୟ ନିଜକୁ ମୁକ୍ତ କରିପାରି ନାହାନ୍ତି । ଅଶିକ୍ଷିତା ଇତରଶ୍ରେଣୀୟା ନାରୀ ଚେମୀ ମୁଖରେ ଲେଖକ ସାଧାରଣ ଲୋକଙ୍କ ଧାରଣାକୁ ଅଭିବ୍ୟକ୍ତ କରାଇଛନ୍ତି- "ବୁଝିଲ ମହାରାଜ ! ଆମ ଅବୋଧ ଲୋକଙ୍କୁ ସାଧୁମାନେ ବଡ଼ ଠକୁଛନ୍ତି ।"

ସାମ୍ପ୍ରତିକ କାଳରେ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଥିବା କେତେକ ସମସ୍ୟାର ଉପସ୍ଥାପନ ଯୋଗୁଁ ବାବାଜୀ ନାଟକର ଆଧୁନିକତା ସ୍ୱୀକାର୍ଯ୍ୟ । ଅନ୍ୟାନ୍ୟ ସାମସମୟିକ ଭାରତୀୟ ଭାଷାର ନାଟକ ଗୁଡ଼ିକ ଏହିପରି ସମସ୍ୟାର ଆଭାସ ପ୍ରାୟତଃ ଲକ୍ଷିତ ହୁଏ ନାହିଁ । ଅନ୍ଧବିଶ୍ୱାସ ଦୂରୀକରଣ ଯଦିଚ ତତ୍‌କାଳୀନ ଭାରତୀୟ ନାଟକର ଉପଜୀବ୍ୟ ଭାବେ ଗୃହୀତ ହୋଇଥିଲା, ଜଗନ୍ମୋହନଙ୍କ ଏହି ଜାତୀୟ ଉପସ୍ଥାପନର ଅନ୍ତର୍ନିହିତ ଲକ୍ଷ୍ୟ ଯେ ଭିନ୍ନ ଥିଲା, ତାହା ପୂଜାରୀ ମୁଖର ସଂଳାପରୁ ସ୍ପଷ୍ଟ ହୁଏ । ସାମାଜିକ ପ୍ରତାରଣା ପରି ଏକ ସାମାଜିକ ସମସ୍ୟାର ଉପସ୍ଥାପନ ଜଗନ୍ମୋହନଙ୍କ ଆଧୁନିକ ଚିନ୍ତାଧାରାର ସ୍ୱରୂପକୁ ପ୍ରକଟିତ କରେ । ତେବେ ଚିନ୍ତାଧାରାରେ ନୁହେ, ଆଧୁନିକ ଭାଷା ଓ ଶୈଳୀ ପ୍ରୟୋଗରେ ମଧ୍ୟ ଜଗନ୍ମୋହନଙ୍କ ଅଭିନବତ୍ୱ ଲକ୍ଷ୍ୟ କରାଯାଇପାରେ ।

ଜଗନ୍ମୋହନଙ୍କ ଦ୍ୱିତୀୟ ନାଟକ 'ସତୀ' (୧୮୮୬) ଏକ କ୍ରାନ୍ତିକାରୀ ସୃଷ୍ଟି । ପ୍ରଥମ ନାଟକର ନଅ ବର୍ଷ ପରେ ଲିଖିତ ଏହି ନାଟକରେ ବକ୍ତବ୍ୟ ଓ ଶୈଳୀ ଦୃଷ୍ଟିରୁ ଯେଉଁ ଆଧୁନିକତା ପରିଲକ୍ଷିତ ହୁଏ, ତାହା ଅନ୍ତତଃ ୧୯୫୦ ମସିହା ପର୍ଯ୍ୟନ୍ତ ଲିଖିତ ଓଡ଼ିଆ ନାଟକଗୁଡ଼ିକରେ ସମ୍ଭବ ହୋଇନାହିଁ ।

ଊନବିଂଶ ଶତାବ୍ଦୀରେ ଲିଖିତ ସମସ୍ତ ଭାରତୀୟ ନାଟକରେ ଆମ୍ଭେମାନେ କେବଳ ସମାଜ ସଂସ୍କାରର ଚିତ୍ର ଦେଖିବାକୁ ପାଉ । କିନ୍ତୁ ଏହି ସମୟ ମଧ୍ୟରେ ସାମାଜିକ

ଶୋଷଣ ଓ ନିର୍ଯାତନାକୁ ନେଇ ବଙ୍ଗଳାର ଦୀନବନ୍ଧୁ ମିତ୍ରଙ୍କ 'ନୀଳ ଦର୍ପଣ' (୧୮୬୦) ବ୍ୟତୀତ 'ସତୀ' ପରି ନାଟକ କ୍ୱଚିତ ଲିଖିତ ହୋଇଛି । କିନ୍ତୁ 'ନୀଳ ଦର୍ପଣ' ନାଟକରେ ନୀଳ ଋଷୀମାନଙ୍କ ଉପରେ ଇଂରେଜମାନଙ୍କ ଅତ୍ୟାଋର ଓ ଶୋଷଣ ଚିତ୍ର ରୂପାୟିତ ହୋଇଥିବା ବେଳେ ଇଂରେଜାଶ୍ରିତ ରାଜା ଜମିଦାରମାନଙ୍କ ଦ୍ୱାରା ସାଧାରଣ ନାରୀ ସମାଜ ଉପରେ ହେଉଥିବା ଶୋଷଣ ଓ ନିର୍ଯ୍ୟାତନା ଚିତ୍ର 'ସତୀ' ନାଟକର ଉପଜୀବ୍ୟ । ୧୯୪୦ ପରେ ଓଡ଼ିଆ ନାଟକକୁ ଯେଉଁ ଅତ୍ୟାଋର ଓ ଶୋଷଣର କାହାଣୀ ଆସିଛି, ସେଥିରେ ନାରୀର ଅସହାୟତା, ସାମାଜିକ ଅସମ୍ମାନ ଏବଂ ତା ପ୍ରତି ହେଉଥିବା ଯୌନଶୋଷଣର ଚିତ୍ର ନାହିଁ । 'ସତୀ' ନାଟକର ପ୍ରଧାନ ଚରିତ୍ର ସତୀ ମାଧ୍ୟମରେ ନାରୀ ପ୍ରତି ସମାଜର ହେୟ ମନୋଭାବ, ଯୌନ ନିଷ୍ପେଷଣ, ସମାଜର ପ୍ରତିବାଦହୀନତାରେ ନାରୀର ଚରମ ଅସହାୟତା, ନାରୀର ପ୍ରତିବାଦ ଏବଂ ପୌରୁଷହୀନ, ପ୍ରତିକ୍ରିୟାଶୂନ୍ୟ ନିଷ୍ଠୁର ପୁରୁଷ ସମାଜ ପ୍ରତି ଭର୍ତ୍ସନା, ଉପାୟହୀନ ଭାବେ ସମ୍ମାନ ରକ୍ଷା ଲାଗି ଆତ୍ମହତ୍ୟା ପ୍ରଭୃତି ଘଟଣା ରୂପାୟିତ ହୋଇଛି । ଏହା ପୂର୍ବରୁ ଅନ୍ୟାନ୍ୟ ଭାରତୀୟ ନାଟକ ପରି ଓଡ଼ିଆ ନାଟକରେ ବାଲ୍ୟବିବାହ, ବୃଦ୍ଧ ବିବାହ, ବିଧବା ବିବାହ ଆଦି ସମସ୍ୟାମାନ ଉପସ୍ଥାପିତ ।

ପ୍ରାଥମିକ ପର୍ଯ୍ୟାୟର ଓଡ଼ିଆ ନାଟକଗୁଡ଼ିକ ମଧ୍ୟରେ 'ସତୀ' (୧୮୮୬)ର ସ୍ଥାନ ସ୍ୱତନ୍ତ୍ର । ଏହା ସେ ସମୟର ଏକମାତ୍ର ନାଟକ, ଯାହାର କେନ୍ଦ୍ରୀୟ ଚରିତ୍ର ଜଣେ ନାରୀ । ରାଜ ଉଆସକୁ ଲାବଣ୍ୟକୁ ବାରମ୍ବାର ଧରି ନେବାପାଇଁ ମୂଳରୁ ଶେଷ ପର୍ଯ୍ୟନ୍ତ ଷଡ଼ଯନ୍ତ୍ର ଲାଗି ଯାଇଛି । ଫଳରେ ନାଟକଟି ପ୍ରବଳ ଆଲୋଡ଼ନମୟ । ଏହି ଦ୍ୱନ୍ଦ୍ୱ, ଉତ୍କଣ୍ଠା ନାଟକଟିର ବିଷାଦମୟ ପରିଣତି ଏହାକୁ ଏକ ମେଜର୍ ଟ୍ରାଜେଡ଼ି ନାଟକରେ ପରିଣତ କରିଛି । 'ସତୀ' ହିଁ ଓଡ଼ିଆ ସାହିତ୍ୟର ପ୍ରଥମ ଟ୍ରାଜେଡି ନାଟକ । ନାଟ୍ୟକଳା ଦୃଷ୍ଟିରୁ 'ବାବାଜୀ' ନାଟକର ବିଫଳତା ଜଗନ୍ମୋହନଙ୍କୁ ଏକ ସଫଳ ନାଟକ ରଚନା ଲାଗି ପ୍ରରୋଚିତ କରିଥିଲା । କେବଳ କଥାବସ୍ତୁ ଦୃଷ୍ଟିରୁ ନୁହେଁ, ନାଟକୀୟତା ଦୃଷ୍ଟିରୁ ସତୀ ଏକ ସଫଳ କୃତି । ଓଡ଼ିଆ ନାଟକ କ୍ଷେତ୍ରରେ ଏହାର ବିକଳ୍ପ ଖୋଜିବା ଏକ କଷ୍ଟକର ବ୍ୟାପାର । ଚରିତ୍ରଚିତ୍ରଣ, ସଂଳାପ ସଂଯୋଜନା, ନାଟ୍ୟଦ୍ୱନ୍ଦ୍ୱ ଓ ନାଟ୍ୟୋତ୍କଣ୍ଠା ସୃଷ୍ଟି ଦିଗରେ ଜଗନ୍ମୋହନଙ୍କ ବିଶେଷ ସଚେତନତା ଏହାର ସଫଳତା ଲାଗି ଦାୟୀ ।

'ସତୀ'ରେ ଊନବିଂଶ ଶତାବ୍ଦୀର ଯେଉଁ ସାମାଜିକ ଶୋଷଣର ଚିତ୍ର ପ୍ରଦାନ କରାଯାଇଛି, ତାହା ଆଜି ଭିନ୍ନ ରୂପରେ ପରିଲକ୍ଷିତ ହେଉଛି । ମୂଳ ସମସ୍ୟା ଆଜି ବି ଉଜ୍ଜୀବିତ । ଗଡ଼ଜାତୀ ରାଜାଙ୍କ ବଦଳରେ ଆଜି କ୍ଷମତାଧାରୀ ମାନେ ବ୍ୟକ୍ତି ଓ ସମାଜକୁ

ଅହରହ ଶୋଷଣ କରିଚାଲିଛନ୍ତି ଅତୀତରେ ଗଡ଼ଜାତ ରାଜାମାନେ ଶାସନକାଳରେ ପ୍ରଜାମାନେ ଭୀତତ୍ରସ୍ତ ହୋଇ ରହୁଥିଲେ । କେହି ରାଜାଙ୍କର ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ସାହସ କରୁ ନ ଥିଲେ । ବରଂ ଶୋଷଣ ଓ ଅତ୍ୟାଚାରକୁ ରାଜଧର୍ମ ଭାବି ସହଜରେ ଗ୍ରହଣ କରିଯାଉଥିଲେ । ପ୍ରଜାମାନଙ୍କ ପାରସ୍ପରିକ ବାର୍ତ୍ତାଳାପରୁ ରାଜାଙ୍କ ଶୋଷଣ ଓ ଅତ୍ୟାଚାରର ମର୍ମନ୍ତୁଦ ଚିତ୍ର ପରିସ୍ଫୁଟ ।

ଉତ୍କଣ୍ଠାପୂର୍ଣ୍ଣ କଥାବସ୍ତୁ ନିର୍ମାଣ କରି ଜୀବନ୍ତ ଚରିତ୍ର ଚିତ୍ରଣ କରିବା ଜଗନ୍ମୋହନଙ୍କର ଅନ୍ୟତମ କୃତିତ୍ୱ । ନାଟକର ନାୟିକା ଲାବଣ୍ୟ ଓ ପ୍ରତିନାୟକ ବାହୁବଳେନ୍ଦ୍ରର ଚରିତ୍ର ଚିତ୍ରଣ ଭିତରେ ସତ୍ ଶକ୍ତି ଓ ଅସତ୍ ଶକ୍ତିର ସଂଘର୍ଷ ନାଟକର ଦ୍ରୁତ ବିକାଶରେ ସହାୟକ ହୋଇଛି । ଗୌଣ ଚରିତ୍ରଠାରୁ ଆରମ୍ଭ କରି ମୁଖ୍ୟ ଚରିତ୍ର ପର୍ଯ୍ୟନ୍ତ ପ୍ରତ୍ୟେକ ଚରିତ୍ର ସେମାନଙ୍କ କାର୍ଯ୍ୟକଳାପ ଓ ବଚନ ଚାତୁର୍ଯ୍ୟ ମାଧ୍ୟମରେ ପ୍ରଭାବଶାଳୀ ପ୍ରତିପକ୍ଷ ହୁଅନ୍ତି । ଲାବଣ୍ୟ ଚରିତ୍ର ମାଧ୍ୟମରେ ବହୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ମଧ୍ୟ ନିଜର ସତୀତ୍ୱକୁ ଅକ୍ଷୁଣ୍ଣ ରଖିବାକୁ ଆପ୍ରାଣ ପ୍ରଚେଷ୍ଟା କରୁଥିବା ଜଣେ ଅସାହାୟା ନାରୀର ଚିତ୍ର, ସାଧୁ ଚରିତ୍ର ମାଧ୍ୟମରେ ଜଣେ ଭୀରୁ ସାଧାରଣ ମଣିଷର ଚିତ୍ର ଗଦା ଚରିତ୍ର ମାଧ୍ୟମରେ ଜଣେ ପରୋପକାରୀ ସାହସୀ ମଣିଷର ଚିତ୍ର ଏବଂ ବାହୁବଳୀନ୍ଦ୍ର ରାଜା, ଦାରୋଗା, ପଦୀ, ନେତ୍ରା ପ୍ରଭୃତି ଚରିତ୍ର ମାଧ୍ୟମରେ ଜଣେ ଜଣେ ଦୁଷ୍ଟ ସ୍ୱଭାବସମ୍ପନ୍ନ, ସମାଜ ଅନଷ୍ଟକାରିଣୀ ଚରିତ୍ରର ରୂପାୟନ ଘଟିଛି ଉଜ୍ଜଳ ବର୍ଣ୍ଣରେ । ବୈପ୍ଳବିକ ଭାବ ବସ୍ତୁ, ପ୍ରଭାବଶାଳୀ ଚରିତ୍ରଚିତ୍ରଣ, ପାତ୍ରୋଚିତ ସ୍ୱାଭାବିକ ସଂଳାପ, ପ୍ରବଳ ଦ୍ୱନ୍ଦ୍ୱାଭୂତି ନାଟ୍ୟ ପରିସ୍ଥିତି, ଗଭୀର ଉତ୍କଣ୍ଠା ନାଟକଟିକୁ ଏକ ଉନ୍ନତକୋଟୀରେ ପହଞ୍ଚାଇବାକୁ ସମର୍ଥ ।

ସମ୍ଭବତଃ କୁହାଯାଇପାରେ, ଏକ ଉନ୍ନତ ନାଟ୍ୟ ଯୋଜନା ତଥା ବଳିଷ୍ଠ କ୍ରାନ୍ତିକାରୀ ବକ୍ତବ୍ୟ 'ସତୀ' ନାଟକଟିକୁ କେବଳ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ନୁହେ, ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପରିବ୍ୟାପ୍ତ ସମୟ ଖଣ୍ଡରେ ଏକ ବିସ୍ମୟକର ସୃଷ୍ଟିଭାବେ ପ୍ରତିଷ୍ଠା କରାଏ ।

ବାବାଜୀ (୧୮୭୭) ନାଟକରେ ଆଧୁନିକତାର ଯେଉଁ ପ୍ରଥମ ପଦ ସଞ୍ଚାର ଘଟିଲା, ତାହା ପୂର୍ଣ୍ଣତା ଲାଭ କଲା ସତୀ (୧୮୮୬) ନାଟକରେ । 'ସତୀ' ନାଟକର ବକ୍ତବ୍ୟ ଶୈଳୀରେ ପରିଲକ୍ଷିତ ଆଧୁନିକତା, ଦୂରଦୃଷ୍ଟି ଓ ଶିଳ୍ପ ସାଫଲ୍ୟ ଓଡ଼ିଆ ନାଟକ ପାଇଁ ଗୌରବାବହ ବିଷୟ । ଏହି ନାଟକ ଦୁଇଟି ହିଁ ଜଗନ୍ମୋହନଙ୍କ ବୈପ୍ଳବିକ ବ୍ୟକ୍ତିତ୍ୱ ଓ ଆଧୁନିକ ଦୃଷ୍ଟିଭଙ୍ଗୀର ଯଥାର୍ଥ ପରିଚାୟକ । ସମାଜ ସମ୍ବେଦନଶୀଳ ନାଟ୍ୟକାର ଅନ୍ୟାୟ ବିରୁଦ୍ଧରେ ଜନସାଧାରଣଙ୍କୁ ସଚେତନ କରାଇବା

ଲାଗି ନିଜ ନାଟକଗୁଡ଼ିକର ଅଭିନୟ କରାଇଥିଲେ ନିଜ ପ୍ରତିଷ୍ଠିତ ରାଧାକାନ୍ତ ରଙ୍ଗମଞ୍ଚରେ । ଏକ ଦରିଦ୍ର, ଅବହେଳିତ, ଶୋଷିତ ସମାଜ ପ୍ରତି ନାଟ୍ୟକାରଙ୍କ ସହାନୁଭୂତିଶୀଳତା 'ବୃଦ୍ଧ ବିବାହ' ନାଟକରେ ମଧ୍ୟ ପ୍ରକଟିତ । ସ୍ୱଚ୍ଛଳ ଅବସ୍ଥାପନ୍ନ ବିତ୍ତଧାରୀ ଗୋଷ୍ଠୀ ଦ୍ୱାରା ଏକ ବିତ୍ତହୀନ ଦରିଦ୍ର ଗୋଷ୍ଠୀର ଶୋଷଣ ଏହି ନାଟକର ଉପଜୀବ୍ୟ । ଜଗନ୍ମୋହନଙ୍କ ସମୟଠୁ ଆରମ୍ଭ କରି ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ପର୍ଯ୍ୟନ୍ତ ବହୁ ଧନଶାଳୀ ବୃଦ୍ଧ ନିଜର ଯୌନଲାଳସାର ପରିତୃପ୍ତି ପାଇଁ ଦରିଦ୍ର ପରିବାରର ସ୍ୱଳ୍ପ ବ୍ୟବସାୟୀ କନ୍ୟାମାନଙ୍କୁ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଅର୍ଥ ବିନିମୟରେ ବିବାହ କରିବାକୁ ସମର୍ଥ ହେଉଥିଲେ । ଏହା ଯଥାର୍ଥରେ ବିବାହ ନୁହେଁ, କନ୍ୟା ସୁନା ନାମକ କ୍ରୟ ବ୍ୟବସ୍ଥା । ନିରୀହା, ଅସହାୟା ଦରିଦ୍ର ବାଳିକାମାନଙ୍କୁ ବିବାହ ନାମରେ ଶୋଷଣ ଏକ ପ୍ରକାରର କ୍ରୀତଦାସ ବ୍ୟବସ୍ଥା । 'ପ୍ରୀତି' ନାଟକରେ ନିମ୍ନବିତ୍ତ ଶ୍ରେଣୀ ପ୍ରତି ଉଚ୍ଚବିତ୍ତ ଶ୍ରେଣୀ ମନରେ ଥିବା ବିଦ୍ୱେଷର ସ୍ୱରୂପ ପ୍ରକଟିତ । ଏହି ବାଣୀ ହିଁ ନାଟକଟିରେ ଉଚ୍ଚାରିତ ।

ମାନବବାଦୀ ଜଗନ୍ମୋହନ ବ୍ୟକ୍ତିଗତ ଭାବେ ସମାଜର ପରିବର୍ତ୍ତନ ଲାଗି ଆନ୍ତରିକ ଉଦ୍ୟମ କରିଆସିଥିଲେ । ସେଥିପାଇଁ ନାଟକକୁ ଏକ ବଳିଷ୍ଠ ମାଧ୍ୟମ ଭାବେ ଗ୍ରହଣ କରିଥିଲେ । ଆମେ ତାଙ୍କର ନାଟକରେ ଦେଖିବାକୁ ପାଉ ଏକ ସମ୍ବେଦନଶୀଳ ଆତ୍ମାର ଉଚ୍ଚାରଣ । ଏହିପରି ସମାଜ- ଉତ୍‌ଥାନ ପ୍ରୟାସ ସାମସମୟିକ ଭାରତୀୟ ନାଟ୍ୟକାରମାନଙ୍କଠାରେ ଅଳ୍ପେ ବହୁତେ ଦେଖାଦେଇଥିଲେ ମଧ୍ୟ ଏକ ଚେତନାଧର୍ମୀ ପ୍ରୟାସ କ୍ୱଚିତ ନାଟକରେ ଉପଲବ୍ଧ । ସେହି ଦୃଷ୍ଟିରୁ ଭାରତୀୟ ନାଟ୍ୟ ସାହିତ୍ୟ କ୍ଷେତ୍ରରେ ନବଜାଗରଣର ଅନ୍ୟତମ ସାରଥିଭାବେ ଜଗନ୍ମୋହନଙ୍କ ସ୍ଥାନ ନିରୂପିତ ହେବା ଉଚିତ ।

୧୮୩୮, ନଭେମ୍ବର ୨୫ରେ ମାହାଙ୍ଗାର ପବନଦାସପୁରରେ ଭୂମିଷ୍ଠ ହୋଇଥିବା ଏହି ଆଦିନାଟ୍ୟକାର ଜଗନ୍ମୋହନ ଲାଲା ୧୯୧୩, ଡିସେମ୍ବର ୨୬ରେ ଇହଧାମ ତ୍ୟାଗ କରିଥିଲେ ।

ଅବସର ପ୍ରାପ୍ତ ପ୍ରଫେସର,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଶାନ୍ତିନିକେତନ, ବିଶ୍ୱଭାରତୀ



ଅନନ୍ୟ ଚିତ୍ରଶିଳ୍ପୀ ହରିଶରଣ ମହାପାତ୍ର

ଶ୍ରୀମତୀ ନିବେଦିତା ପାଢ଼ୀ

ମାନବୀୟ ଭାବ, ବିଚାର, ବେଦନା, ଆନନ୍ଦ, ଅନୁଭୂତି ଓ ପ୍ରକୃତିର ଶୋଭା-ଭଣ୍ଡାର ହେଉଛି ଚିତ୍ରଶିଳ୍ପୀର ଅପରିହାର୍ଯ୍ୟ ସମ୍ବଳ । ଏହାର ରୈଖିକ ପରିପ୍ରକାଶ ହେଉଛି ରେଖା ଚିତ୍ର ବା ଚିତ୍ର କଳା । ଚିତ୍ରର ଭାଷା ଧ୍ୱନିହୀନ । ତଥାପି ଚିତ୍ର ଅଭିବ୍ୟକ୍ତି ଅଭିବ୍ୟଞ୍ଜିତ ଓ ଧ୍ୱନିତ । ସାହିତ୍ୟିକ ରବୀନ୍ଦ୍ର ମୋହନ ସେନାପତିଙ୍କ ମତରେ ଆଦିମାନବର ସର୍ବ ପ୍ରଥମ ଭାଷା ହେଉଛି ରେଖାଚିତ୍ର । ସୁତରାଂ ଚିତ୍ର ଆଙ୍କିବା ମାନବର ସର୍ବପ୍ରଥମ କଳା ଭାବେ ସର୍ବଜନ ବିଦିତ ।

ଯାହାକୁ ଦେଖିଲେ ସୁନ୍ଦର ଛଡ଼ା ଆଉ କିଛି ଦେଖାଯାଏ ନାହିଁ; ଯନ୍ମଧ୍ୟରେ ନର, ନାରୀ, ଫୁଲ, ଫଳ, ପାହାଡ଼, ପର୍ବତ, ବୃକ୍ଷ-ଲତା, ନଦ ନଦୀ, ଝରଣା, ସମୁଦ୍ର, ଆକାଶ, ସବୁଜ ବନାନୀ, ଧୂସର ମରୁଭୂମି - ସବୁ କିଛି ସୁନ୍ଦର ଦେଖାଯାଏ, ତାହାକୁ ଚିତ୍ର କଳା କୁହାଯାଏ । ଅଭିବ୍ୟକ୍ତି, ଅଭିସଞ୍ଚାର ଓ ଭାବାବେଗର ତୌର୍ଯ୍ୟତ୍ରିକତା ଓ ଜୀବନରେ ଏହାର ପ୍ରତିଫଳନ ହେଉଛି ଚିତ୍ର କଳାର ନୈସର୍ଗିକ ଆଧାର । ସର୍ଜନଶୀଳତା ଓ ଅଭିବ୍ୟଞ୍ଜନା ମିଶ୍ରିତ ସୌନ୍ଦର୍ଯ୍ୟ ତତ୍ତ୍ୱ ହେଉଛି ଚିତ୍ର କଳାର ଶ୍ୱାସ ପ୍ରଶ୍ୱାସ । ତେଣୁ ଚିତ୍ରକଳାର ବାଙ୍ମନସ ହେଉଛି ଶବ୍ଦଠାରୁ ଶକ୍ତିଶାଳୀ । ଏହି ଚିତ୍ରକଳାର ସମର୍ଥ ବାହକ ହେଉଛି ଚିତ୍ରଶିଳ୍ପୀ । ଯାହାର ତୂଳୀ ଯେତେ ଅଧିକ କଥା କହିପାରେ, ସେହି ଚିତ୍ରଶିଳ୍ପୀ ସେତିକି ଅସାଧାରଣ, ସେତିକି ଅନନ୍ୟ । ଏହି ମାନଦଣ୍ଡରେ ଉତ୍ତୀର୍ଣ୍ଣ ହରିଶରଣ ମହାପାତ୍ର ଯଥାର୍ଥରେ ଜଣେ ଅନନ୍ୟ ଚିତ୍ରଶିଳ୍ପୀ ଥିଲେ ।

ଗୋପପୁରରୁ ବହି ଆସୁଥିବା ପବନ ତୁଳସୀ ତୁଳସୀ ବାସିଲା ଭଳି ପିଲାଟି ଦିନରୁ ହିଁ ହରିଶରଣଙ୍କ ଶ୍ୱାସ ପ୍ରଶ୍ୱାସ କଳା କଳା ବାସିବା ଆରମ୍ଭ କରିଥିଲା । ୦୪-୧୦-୧୯୧୯ରେ ଚିତ୍ରଶିଳ୍ପୀ ମଧୁସୂଦନ ମହାପାତ୍ରଙ୍କ ଔରସରୁ ପାର୍ବତୀ ଦେବୀଙ୍କ ଗର୍ଭରୁ ଭୂମିଷ୍ଠ ହୋଇଥିଲେ ଈଶ୍ୱର ଦତ୍ତ ପ୍ରତିଭା ସମ୍ପନ୍ନ ହରିଶରଣ । ସେ ଥିଲେ ତାଙ୍କ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ।

କଳା ସାଧନା ଥିଲା ହରିଶରଣଙ୍କର ଉଭୟ ଜୀବନ ଓ ଜୀବିକା । ଜୀବିକା ଚିତ୍ରରେ ଜୀବନ ଓ ଜୀବନ ସନ୍ଧାନରେ ଜୀବିକା- ଏହି ଦୁଇ କୂଳକୁ ଛୁଇଁ ହରିଶରଣଙ୍କ ଜୀବନ-ନଈ ପ୍ରବାହିତ ହେବାକୁ ଆରମ୍ଭ କଲା । ବାଲ୍ୟ କାଳରୁ ଚିତ୍ରକଳା ପ୍ରତି ତାଙ୍କର ଅନୁରକ୍ତି ଥିବା ଲକ୍ଷ୍ୟ କରି ତାଙ୍କ ପିତା ତାଙ୍କ ପ୍ରତି ପ୍ରୋତ୍ସାହନର ହାତ ବଢ଼ାଇଥିଲେ । ମାତ୍ର ୫ ବର୍ଷ ବୟସରେ ସେ ରାଳ ବ୍ୟବହାର କରି ଯେଉଁ ବାଘ ମୁଣ୍ଡର ଚିତ୍ର ଅଙ୍କନ କରିଥିଲେ, ତାହା ତାଙ୍କର ଚିତ୍ର-ଜୀବନର ଭବିଷ୍ୟତ ଓ ଭବିଷ୍ୟତ ଜୀବନର ଚିତ୍ର ଉପରେ ଆଲୋକପାତ କରିବା ନିମନ୍ତେ ଯଥେଷ୍ଟ ଥିଲା । ଚିତ୍ର କଳାରେ ବାଳୁତ ପୁତ୍ରର ପ୍ରବୀଣତା ଦେଖି ପିତା ମଧୁସୂଦନ ବିସ୍ମିତ ହେବାକୁ ବାଧ୍ୟ ହୋଇଥିଲେ । ତେଣୁ ପୁତ୍ରର ଚିତ୍ର କଳା ଶିକ୍ଷାର ବିକାଶ ଓ ଉତ୍କର୍ଷ ନିମନ୍ତେ ସେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବା ଦିଗରେ ତତ୍ପର ହୋଇ ଉଠିଲେ । କାଠ, ପଥର, ତୈଳଚିତ୍ର, ହାତୀଦାନ୍ତ, ରଙ୍ଗ, ତୂଳୀ, କ୍ୟାନ୍‌ଭାସ୍ ପ୍ରଭୃତି ଯାବତୀୟ କଳା ଉପକରଣ ତାଙ୍କୁ ଯୋଗାଇ ଦିଆଗଲା । ସମୟାନ୍ତରେ ସୂକ୍ଷ୍ମ କାରୁକାର୍ଯ୍ୟରେ ଦକ୍ଷତା ହାସଲ କରିଥିବା ମଞ୍ଜୁଷା ନିବାସୀ ଦାଶରଥି ମହାରଣାଙ୍କ ଶିଷ୍ୟତ୍ୱ ଗ୍ରହଣ କରିବା ହରିଶରଣଙ୍କ ନିମନ୍ତେ ଏକ ଐତିହାସିକ ଘଟଣା ରୂପେ ଉଭା ହେଲା । ଗୁରୁ ଦାଶରଥିଙ୍କ ସହିତ ଶିଷ୍ୟ ହରିଶରଣଙ୍କର ମଣି-କାଞ୍ଚନ ସଂଯୋଗ ହେଲା । ଚିତ୍ରକଳା ଜଗତ୍ ସତେ ଯେପରି ଏହି ସଂଯୋଗକୁ ଅପେକ୍ଷା କରିଥିଲା ।

ଦକ୍ଷିଣ ଓ ବାମ-ଉଭୟ ହସ୍ତ ସମ ଭାବରେ ତଥା ଏକ ସଙ୍ଗେ ଚାଳନ କରି ଦୁଇଟି ସମାନ ଚିତ୍ର ଅଙ୍କନ କରିବାରେ ଅଭୂତପୂର୍ବ ଦକ୍ଷତା ଅର୍ଜନ କରିଥିବା ହରିଶରଣ ଚିତ୍ର ଜଗତ୍‌ରେ ସବ୍ୟସାଚୀ ଥିଲେ । କେବଳ ହାତ ନୁହେଁ, ପାଟିରେ, ପାଦ ଆଙ୍ଗୁଠିରେ, ଏମିତିକି ବାହୁର ମଧ୍ୟଗ୍ରନ୍ଥି ବା କହୁଣିରେ ମଧ୍ୟ ଖଡ଼ି ଧରି ଚିତ୍ର ଅଙ୍କନ କରିବାରେ ସେ ଚମତ୍କାରିତା ହାସଲ କରିଥିଲେ । ଆଖି ବନ୍ଦ କରି ଦାନ୍ତ ସାହାଯ୍ୟରେ ଚିତ୍ର ଅଙ୍କନ କରିବା ତାଙ୍କ ଶିଳ୍ପୀ ଜୀବନରେ ଅନ୍ୟତମ ବିଶେଷତ୍ୱ ଥିଲା । କାର୍ଟୁନ୍, ସ୍କ୍ରିନ୍ ପେଣ୍ଟିଙ୍ଗ୍, ୱାଲ୍ ପେଣ୍ଟିଙ୍ଗ୍ ସମେତ ମୂର୍ତ୍ତି ନିର୍ମାଣରେ ମଧ୍ୟ ସେ ସିଦ୍ଧହସ୍ତ ଥିଲେ । ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟରେ କବି ସାର୍ବଭୌମ ଉପେନ୍ଦ୍ର ଭଞ୍ଜ, ଉତ୍କଳମଣି ଗୋପବନ୍ଧୁ ଦାଶ, ପଣ୍ଡିତ ଗୋଦାବରୀଶ ମିଶ୍ର, କବିସୂର୍ଯ୍ୟ ବଳଦେବ ରଥ ପ୍ରଭୃତିଙ୍କ ତୈଳ ଚିତ୍ର ହରିଶରଣ ମହାପାତ୍ରଙ୍କ ଅକ୍ଷୟ କଳାକୃତିର ଚମତ୍କାରିତା ବହନ କରି ଏଯାବତ୍ ଶୋଭା ପାଉଛି । ନୀଳକଣ୍ଠ ପଟ୍ଟନାୟକଙ୍କ ଦ୍ୱାରା ସଂଗୃହୀତ ତାଳପତ୍ର ପୋଥି ଭିତ୍ତିକ ତଥ୍ୟ

ସାଙ୍ଗକୁ କବିସୂର୍ଯ୍ୟ ବଳଦେବଙ୍କ ପଣନାତି ଗଣେଶ୍ୱର ରଥଙ୍କ ଠାରୁ ପ୍ରାପ୍ତ ନିର୍ଦ୍ଦିଷ୍ଟ ସୂଚନାକୁ ସମ୍ମିଶ୍ରଣ କରି ହରିଶରଣ କବିସୂର୍ଯ୍ୟଙ୍କର ଯେଉଁ ଚିତ୍ର ଅଙ୍କନ କରିଥିଲେ, ତାହା ଓଡ଼ିଶାରେ ଏଯାବତ୍ ସର୍ବତ୍ର ନିର୍ବିବାଦୀୟ ଏବଂ ଗ୍ରହଣୀୟ ହୋଇ ରହିଛି । କୁହାଯାଏ, କବିସୂର୍ଯ୍ୟ ବଳଦେବଙ୍କ ଚେହେରା ଓ ହରିଶରଣଙ୍କ ଦ୍ୱାରା ଅଙ୍କିତ ସଂପୃକ୍ତ ତୈଳଚିତ୍ର ଏକ ଓ ଅଭିନ୍ନ । ଏତତ୍‌ବ୍ୟତୀତ ହରିଶରଣ-ସୃଷ୍ଟ ମହାତ୍ମାଗାନ୍ଧି, ଜବାହରଲାଲ୍ ନେହରୁ, ଭକ୍ତ କବି ଗୋପାଳକୃଷ୍ଣଙ୍କ ସାଙ୍ଗକୁ ବିଭିନ୍ନ ଦେବ ଦେବୀଙ୍କ ତୈଳ ଚିତ୍ର ଏବେ ବି ଓଡ଼ିଶାର ବିଭିନ୍ନ ସ୍ଥାନରେ ଶୋଭା ପାଉଛି । ଗଞ୍ଜାମ କଳା ପରିଷଦ, ବ୍ରହ୍ମପୁର ଟାଉନ୍ ହଲ୍, ଭୁବନେଶ୍ୱରସ୍ଥ ରାଜ୍ୟ ସଂଗ୍ରହାଳୟ, ସୋରଡାସ୍ଥ ଶଶିଭୂଷଣ ଉଚ୍ଚ ବିଦ୍ୟାଳୟ, ନିମଖଣ୍ଡିସ୍ଥ ଠକ୍କୁର ବାପା ଆଶ୍ରମ ପ୍ରଭୃତି ଅନୁଷ୍ଠାନ ଏହି ସ୍ଥାନସମୂହ ମଧ୍ୟରେ ଅନ୍ୟତମ ଅଟେ । ବିଭିନ୍ନ ବିଶିଷ୍ଟ ବ୍ୟକ୍ତିମାନଙ୍କ ବୈଠକଖାନାରେ ମଧ୍ୟ ଶୋଭା ପାଉଥିବା ଅମ୍ଳାନ କଳାକୃତିରେ ମଧ୍ୟ ହରିଶରଣ ଏ ଯାବତ୍ ବଞ୍ଚି ରହିଛନ୍ତି ।

ମାନ୍ଦ୍ରାଜ ସରକାରଙ୍କ ଦ୍ୱାରା ପରିଚାଳିତ ବୈଷୟିକ କଳା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ହରିଶରଣ କଳା ଶିକ୍ଷକ ରୂପେ ନିଯୁକ୍ତି ପାଇଥିଲେ । ଆସ୍କା ସ୍ଥିତ ସ୍ୱନାମଧନ୍ୟ ହରିହର ଉଚ୍ଚ ବିଦ୍ୟାଳୟରେ ସେ କଳା ଶିକ୍ଷକ ରୂପେ କାର୍ଯ୍ୟରତ ଥିଲେ । ତାଙ୍କ ଦ୍ୱାରା ଚିତ୍ରିତ ମହାତ୍ମାଗାନ୍ଧିଙ୍କର ଏକ ବିରାଟ କଟ୍ ଆଉଟ୍ ଏଯାବତ୍ ହରିହର ଉଚ୍ଚ ବିଦ୍ୟାଳୟରେ ସୁରକ୍ଷିତ ହୋଇ ରହିଛି । ପ୍ରତି ବର୍ଷ ଗାନ୍ଧି ଜୟନ୍ତୀ ଦିବସରେ ମହାତ୍ମା ଗାନ୍ଧୀଙ୍କ ଏହି ସୁଦୃଶ୍ୟ କଟ୍ ଆଉଟ୍‌କୁ ଏବେ ବି ଆସ୍କାରେ ନଗର ପରିକ୍ରମା କରାଯାଉଛି । ତାଙ୍କର ଅନ୍ୟତମ ସୁଯୋଗ୍ୟ ଛାତ୍ର ଅବସର ପ୍ରାପ୍ତ ମହାବିଦ୍ୟାଳୟ-ଅଧ୍ୟକ୍ଷ ମେଜର୍ ରମା ରମଣ ପାଢ଼ୀ, ଯେ କି ଓଡ଼ିଶାର ଜଣେ ବିଶିଷ୍ଟ ଶିକ୍ଷାବିତ୍ ଓ ନିପୁଣ ନାଟ୍ୟକାର, ତାଙ୍କ ସ୍ମୃତି ଚାରଣ କରି କହନ୍ତି, "ହରିଶରଣ ସାର୍ ଜଣେ ବିଚକ୍ଷଣ ପ୍ରତିଭାସମ୍ପନ୍ନ ଚିତ୍ରଶିଳ୍ପୀ ଥିଲେ । ଶ୍ରେଣୀ କକ୍ଷରେ ସେ ଆମ୍ଭମାନଙ୍କୁ କହୁଥିଲେ- ପିଲାମାନେ ଆଖି ବନ୍ଦ କର ଏବଂ ଖୋଲ । ବାସ୍, ଏତିକି ସମୟ ଭିତରେ ସେ ଦୁଇ ହାତରେ କଳାପଟାରେ ଦୁଇଟି ସୁନ୍ଦର ଚିତ୍ର ଆଙ୍କି ଥୋଇ ଦେଉଥିଲେ ।"

ଏହି ଅନନ୍ୟ ଚିତ୍ରଶିଳ୍ପୀ ହରିଶରଣ ୩-୧୧-୧୯୩୮ ରୁ ୩୧-୧୦-୧୯୭୭ ପର୍ଯ୍ୟନ୍ତ ଦୀର୍ଘ ୩୯ ବର୍ଷ ଆସ୍କା ହରିହର ଉଚ୍ଚ ବିଦ୍ୟାଳୟରେ କଳା ଶିକ୍ଷକ ରୂପେ କାର୍ଯ୍ୟରତ ଥିଲେ । ଏହା ପୂର୍ବରୁ ସେ ସୁରଙ୍ଗୀ ରାଜାଙ୍କ ଅନୁରୋଧ ରକ୍ଷା କରି ୧୯୩୬ରେ ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟରେ ମାତ୍ର ୪ ମାସ ପାଇଁ କଳା ଶିକ୍ଷକ ରୂପେ

କାର୍ଯ୍ୟ କରିଥିଲେ । ୧୯୩୭ରେ ଗଞ୍ଜାମ ଜିଲ୍ଲା ବୋର୍ଡର ତତ୍କାଳୀନ ସଭାପତି ଦିବାକର ପଟ୍ଟନାୟକଙ୍କ ଅନୁରୋଧକ୍ରମେ ଜିଲ୍ଲା ବୋର୍ଡ ଉଚ୍ଚ ବିଦ୍ୟାଳୟରେ କିଛି ଦିନ ଏବଂ ଖଲ୍ଲିକୋଟରେ ଦୁଇ ମାସ ସାମୟିକ କଳା ଶିକ୍ଷକ ରୂପେ ଦାୟିତ୍ୱ ସମ୍ପାଦନ କରିଥଲେ ।

ଏକାଧିକ ରାଜ୍ୟ ସ୍ତରୀୟ ପୁରସ୍କାର ସାଙ୍ଗକୁ ଅନ୍ୟାନ୍ୟ ଅନେକ ପୁରସ୍କାର ଚିତ୍ରକଳାର ଏହି ମୂର୍ଦ୍ଧନ୍ୟ ଶିଳ୍ପୀ ହରିଶରଣଙ୍କୁ ଅନୁଧାବନ କରିଥିଲା । ସେଥିମଧ୍ୟରୁ କିଛି ପୁରସ୍କାରହିଁ ହରିଶରଣଙ୍କୁ ପାଇବାର ସୌଭାଗ୍ୟ ଲାଭ କରିଥିଲା । ୧୯୬୯ରେ 'କୃତୀ କଳା ଶିକ୍ଷକ' ରୂପେ ରାଜ୍ୟ ସରକାରଙ୍କ ପୁରସ୍କାର, ୧୯୭୦ରେ ଗଞ୍ଜାମ ଜିଲ୍ଲା କଳା ଶିକ୍ଷକ ସଂଘ ତରଫରୁ 'କଳାଶ୍ରୀ' ଉପାଧି, ୧୯୮୨ରେ 'ଓଡ଼ିଶା ଲଳିତ କଳା ଏକାଡେମୀ' ପୁରସ୍କାର ସାଙ୍ଗକୁ ଓଡ଼ିଶା ୱାର୍କିଙ୍ଗ୍ ଆର୍ଟିଷ୍ଟ୍ସ ଆସୋସିଏସନ୍, ଉତ୍କଳ ପାଠକ ସଂସଦ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଭୃତି ବିଭିନ୍ନ ଅନୁଷ୍ଠାନ, ଉପାଧି ଓ ପୁରସ୍କାର ଦ୍ୱାରା ସେ ସମ୍ମାନିତ, ସମ୍ବର୍ଦ୍ଧିତ ଓ ଅଳଙ୍କୃତ ହୋଇଛନ୍ତି । ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ପୁରସ୍କୃତ ହେବା ଅବସରରେ ହରିଶରଣ 'ଅଙ୍କୁର' ସମ୍ପାଦକଙ୍କୁ ଏକ ସାକ୍ଷାତ୍‌କାରରେ ଯାହା, ଯେଉଁଭଳି ଓ ଯାହାପାଇଁ କହିଥିଲେ, ତାହା ନିମ୍ନରେ ପ୍ରଦତ୍ତ ହେଲା ।

- "୧୯୩୮ ମସିହା ଡେଲାଙ୍ଗ ପ୍ରଦର୍ଶନୀରେ ମହାତ୍ମାଗାନ୍ଧୀ, ବିଶ୍ୱନାଥ ଦାଶ, ହରେକୃଷ୍ଣ ମହାତବ ପ୍ରଭୃତି ନେତାମାନେ ମୋର ଚିତ୍ର ଆଙ୍କିବାର କୌଶଳକୁ ଭୂୟସୀ ପ୍ରଶଂସା କରିଥିଲେ । ସେହିଦିନ ମୋ ମନରେ ଯେଉଁ ଆନନ୍ଦ ଜାତ ହୋଇଥିଲା, ତାହା ପାଖରେ ସମସ୍ତ ପ୍ରଶଂସା ଓ ଉପାଧି କିଛି ନୁହେଁ ।"

ନାଟକ ରଚନା, ନିର୍ଦ୍ଦେଶନା, ନାଟକରେ ସଂଗୀତ ସଂଯୋଜନା, ଅଭିନୟ ଭଳି ଅନ୍ୟ ଏକ ଦୁର୍ଲଭ ମିଶ୍ର ପ୍ରତିଭାର ଅଧିକାରୀ ମଧ୍ୟ ଥିଲେ ହରିଶରଣ । ଗୁରୁ କୃପା, ଧ୍ରୁବ, କଲ୍ୟାଣୀ, ଦାନବୀର ହରିଶ୍ଚନ୍ଦ୍ର, ଏ ନବ ଯୁଗ କି ନ କଲା, ଠିକ୍ କରିଛି, ଛାତ୍ରର ସ୍କୁଲ ପ୍ରବେଶ, ମଣିଷ କିଏ ?, ମୁଁ କ୍ଷମା ଚାହୁଁଛି, ଶ୍ରବଣ କୁମାର, କାଳ କି ହେଲା ହୋ !, ସାବିତ୍ରୀ, ରାଫାସ୍ ରାମାୟଣ, ସୁଦାମ, ମାଟିର ଦେବତା, ରତ୍ନାକର, ପାଠ ପ୍ରଭୃତି ବିଭିନ୍ନ ସାମାଜିକ, ପୌରାଣିକ, ହାସ୍ୟ ରସାତ୍ମକ ନାଟକ ଓ ଏକାଙ୍କିକାର ସ୍ରଷ୍ଟା ହରିଶରଣଙ୍କ ଅଲୌକିକ ପ୍ରତିଭା ଯଥାର୍ଥରେ ପ୍ରଣିଧାନଯୋଗ୍ୟ । ବିଭିନ୍ନ ବାଦ୍ୟଯନ୍ତ୍ର, ଯଥା- ହାରମୋନିୟମ୍, ବଂଶୀ, ତବଲା, ବେଞ୍ଜୋ, ଶଙ୍ଖ, ମହୁରୀ ବାଦନରେ ମଧ୍ୟ

ତାଙ୍କର ରୁଚି ଥିଲା । ମିଡିୟମ୍ ଇସ୍ତ୍ରୀ କରା ଧୋତି ସାଙ୍ଗକୁ ଶୁଭ୍ର ପଞ୍ଜାବୀ ଭିତରେ ହରିଶରଣ ନାମକ ଯେଉଁ ମହାନ୍ ଚିତ୍ରଶିଳ୍ପୀ ସଂସାରରେ ଆତଯାତ ହେଉଥିଲେ, ସେ ଜଣେ ସାଧାରଣ ମଣିଷ ନ ଥିଲେ । ତାଙ୍କର ଆକର୍ଷଣୀୟ ବ୍ୟକ୍ତିତ୍ୱ, ଗୁରୁ ଗମ୍ଭୀର ଚେହେରା, ଶାନ୍ତ ସରଳ ବ୍ୟବହାର, ଛାତ୍ରବତ୍ସଳତା, ବନ୍ଧୁ ପ୍ରିୟତା, ବିସ୍ମୟକର ପ୍ରତିଭା ଏବଂ ସର୍ବୋପରି କମନୀୟ ମାନବିକତା ତାଙ୍କୁ ବହୁ କାଳ ପର୍ଯ୍ୟନ୍ତ ମନେ ରଖିବାକୁ ଆମକୁ ଉପାଦାନ ଯୋଗାଉଥିବ ।

ଭାରତ ସାରା ହରିଶରଣଙ୍କ ଚିତ୍ରକଳା-ଶିଷ୍ୟ ବିଚ୍ଛୁରିତ ହୋଇ ରହିଛନ୍ତି । ସେମାନଙ୍କ ମଧ୍ୟରୁ ବିନୋଦ ବିହାରୀ ପଟ୍ଟନାୟକ, ମଦନ ମୋହନ ମହାରଣା, ତାରିଣୀ ଚରଣ ତ୍ରିପାଠୀ, ଦୁର୍ଗା ଚରଣ ତ୍ରିପାଠୀ, ପଦ୍ମ ମହାପାତ୍ର, ଶ୍ରଦ୍ଧା ଚରଣ ପଟ୍ଟନାୟକ, ରାମହରି ଜେନା, ପଞ୍ଚାନନ ସାହୁ, ଉମାଶଙ୍କର ଆଉରି ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ମହାନ ଚିତ୍ରକର ହରିଶରଣ ମହାପାତ୍ରଙ୍କର ସର୍ବଶ୍ରେଷ୍ଠ ପ୍ରମାଣ ପତ୍ର ହେଲା, "ତୁମେମାନେ ଚିତ୍ର ଆଙ୍କୁନ, ତୁମରି କଳା ଭିତରେ ମୋତେ ବଞ୍ଚାଇ ରଖିଛ ।"

୩୦-୧୧-୨୦୦୨ରେ ଏହି ଅନନ୍ୟ ଚିତ୍ରଶିଳ୍ପୀଙ୍କର ମହାପ୍ରୟାଣ ଘଟିଥିଲା । ତାଙ୍କର ପଞ୍ଚଭୂତ ଶରୀର ମାଟିରେ ମିଶିଯାଇଛି ସତ, କିନ୍ତୁ ଯଶୋ ଦେହେ ସେ ଚିର ଆୟୁଷ୍ମାନ୍ ହୋଇ ରହିଥିବେ ।

ଏଲମ ଉଡସ୍,
ପିମ୍ପଲ ସୌଦାଗର,
ପୁନା, ମହାରାଷ୍ଟ୍ର



ଭକ୍ତି ସଙ୍ଗୀତର ସମ୍ରାଟ : ଭିକାରି ବଳ

ଡକ୍ଟର ସୁନାମଣି ରାଉତ

ଓଡ଼ିଶାରେ ସକାଳ ହେଲେ କୋଉ ଦୂର ମଫସଲ ଗାଁ ଠୁ ଆରମ୍ଭ କରି ଆଭିଜାତ୍ୟ ସହରର ମନ୍ଦିରମାନଙ୍କରୁ ଭାସିଆସେ ଯାହାଙ୍କର ହୃଦୟସ୍ପର୍ଶୀ ଭକ୍ତି ସଙ୍ଗୀତର ମୂର୍ଚ୍ଛନା; ଯାହାଙ୍କର ସାରସ୍ୱତ ସ୍ୱରରେ ଶାଶ୍ୱତ ଶାନ୍ତିର ବାର୍ତ୍ତା ସତତ ପ୍ରସାରିତ, ସେଇ ଯୋଗଜନ୍ମା 'ଭକ୍ତକଣ୍ଠ', 'ଶ୍ରୀଛାମୁ ସୁର ସେବକ', 'ଭଜନ ସମ୍ରାଟ' ଭିକାରି ବଳ କେବଳ ଓଡ଼ିଶାର ଗର୍ବ ଓ ଗୌରବ ନୁହନ୍ତି, ସେ ଆମର ଜାତୀୟ ସମ୍ପତ୍ତି ! ଜନଗଣଙ୍କର ସୁର-ସମ୍ରାଟ ! !

ଓଡ଼ିଶାର ଏମିତି କୋଉ ଗାଁ, ନଗର, ଜନପଦ ନାହିଁ ଯୋଉଠି ଭିକାରି ବଳଙ୍କ ସୁଲଳିତ କଣ୍ଠସ୍ୱର ପହଞ୍ଚି ନ ଥିବ । ତାଙ୍କର 'ହାତରେ ମୋ ମୁଠା ମୁଠା ଶରଧା ବାଲି...', 'ଷାଠିଏ ପଉଟି ଭୋଗରୁ ତୁମର...' ଠାରୁ ଆରମ୍ଭ କରି 'ମନ ପାରାରେ ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ିକି...', 'ମିଛ ଦୁନିଆରେ ଗୋଟିଏ ସତ...', 'ଭକତ ବିଦୂର ଶାଗଭଜା ଦେଇ...' ପର୍ଯ୍ୟନ୍ତ ଅନେକ ଲୋକପ୍ରିୟ ଭଜନରେ ମୁଗ୍ଧ ହୋଇଛନ୍ତି ଓଡ଼ିଶାବାସୀ । ଗୋଟିଏ ନିରୁତା ଭକ୍ତିଭାବନାର ଧାରା ପ୍ରସାରିତ କରିବାରେ ତାଙ୍କର ଅବଦାନ ଆଦୌ ଭୁଲିହେବାର ନୁହେଁ । ସେ ଭକ୍ତକଣ୍ଠ ଆଜି ନୀରବି ଯାଇଥିଲେ ସୁଦ୍ଧା ତାଙ୍କ କଣ୍ଠନିଃସୃତ ସଙ୍ଗୀତର ମହକ ଶ୍ରୀଜଗନ୍ନାଥଙ୍କ ଅଙ୍ଗଲାଗି ତୁଳସୀ ପରି ସତେଜ ହୋଇ ରହିଛି ଓ ରହିଥିବ ଲୋକମାନଙ୍କ ସ୍ମୃତିରେ ।

ଭିକାରି ବଳ ୧୯୨୯ ମସିହା ମଇ-୨୫ ତାରିଖ ଦିନ ସମ୍ପ୍ରତି କେନ୍ଦ୍ରାପଡ଼ା ଜିଲ୍ଲାର ସୋବଳା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ପିତା ରାମଚନ୍ଦ୍ର ବଳଙ୍କ କୁଳ ଓ ମାତା ଗେହ୍ଲାରାଣୀ ବଳଙ୍କ କୋଳ ଉଜ୍ଜ୍ୱଳ କରିବା ସହିତ ତାଙ୍କର ଜନ୍ମରେ ଓଡ଼ିଶା ମା'ର କୋଳ ମଧ୍ୟ ଉଜ୍ଜ୍ୱଳ ହୋଇଛି ।

ପିଲାଦିନରୁ ସେ ବହୁ ରୋଗ, ଦୁଃଖ, ଦାରିଦ୍ର୍ୟର ଶିକାର ହୋଇଥିଲେ ମଧ୍ୟ ନିଜର ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ନ ଥିଲେ । ତାଙ୍କ ଜନ୍ମ ପୂର୍ବରୁ ଚାରିଗୋଟି ଶିଶୁପୁତ୍ର ମୃତ୍ୟୁବରଣ କରିଥିବାରୁ ତାଙ୍କର ପିତାମାତା ଏଇ ପିଲାଟିକୁ ଯମ ଦାଢ଼ରୁ ରକ୍ଷା କରିବା ପାଇଁ ନାଁ ଦେଇଥିଲେ 'ଭିକାରି' କିନ୍ତୁ ତାଙ୍କ ଡାକ ନାଁଟି ରଖିଥିଲେ 'କାଳିଆ' । ସେଇ ପିଲାଟି ଯେ ଦିନେ କାଳିଆ ଠାକୁରଙ୍କ ଭଜନ ଗାନ କରି ନାଁ ରଖିବ- ଏ କଥା ବୋଧହୁଏ ସେମାନେ ଜାଣି ନ ଥିଲେ ସେ ଦିନ ! ବାଲ୍ୟକାଳରୁ ସେ ଓଡ଼ିଶୀ ସଙ୍ଗୀତ

ଦଳରେ ଛାନ୍ଦ, ଚମ୍ପୂ, ଓଡ଼ିଶୀ, ଗୀତଗୋବିନ୍ଦ ଗାୟନ, ପଖାଉଜ ବାଦନ ଓ ଅପେରା ଦଳରେ ଅଭିନୟ କରି ଶ୍ରୋତା ଓ ଦର୍ଶକଙ୍କୁ ମୁଗ୍ଧ କରିଥିଲେ । ପରବର୍ତ୍ତୀ କାଳରେ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଠାରୁ ସଙ୍ଗୀତ ଶିକ୍ଷା କରି ସଙ୍ଗୀତ କ୍ଷେତ୍ରରେ ସେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ।

୧୯୭୫ ମସିହାରେ ଏକକ କଣ୍ଠଶିଳ୍ପୀ ଭାବରେ ସେ ପ୍ରଥମେ କଲିକତାର HMV କମ୍ପାନୀ ପ୍ରସ୍ତୁତ LP ରେକର୍ଡ ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କ ଭଜନ ଓ ଜଣାଣ ପରିବେଷଣ କରିଥିଲେ । ସେଇ ରେକର୍ଡର ନାଁ ହେଉଛି 'ଭକ୍ତି ପୁଷ୍ପାଞ୍ଜଳି' ଓ 'ଶରଧାବାଲି' । ସେହିପରି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ରଚିତ ସଙ୍ଗୀତକୁ ୧୯୭୬ ମସିହାରେ ପ୍ରଥମ LP ରେକର୍ଡ ମାଧ୍ୟମରେ ଗାନକରି କବିଚନ୍ଦ୍ରଙ୍କ ସ୍ମୃତି ରକ୍ଷା ପାଇଁ ସେ ପ୍ରଯତ୍ନ କରିଥିଲେ । ସେଇ ଗୀତଗୁଡ଼ିକ ମଧ୍ୟରୁ 'ନାଉରିଆ କରିଦେ ପାରି...', 'କହିଛି ଜଣକୁ ଦୁଃଖ...', 'ମିଛେ ସିନା ମଲି ଡାକି ଡାକି...' ଇତ୍ୟାଦି ଏବଂ ଶ୍ରୀ ରଘୁନାଥ ରାଉତଙ୍କ ରଚନାରୁ 'କାଳିଆରେ କାଳିଆ ତୁ ସତ କହ କାହାର...', 'ଆହେ ଚକାଆଖି ଶୁଖିଲାଣି କଣ୍ଠ ଡାକି ଡାକି...', ଏବଂ ଗୌରହରି ଦଳାଇଙ୍କ ରଚନାରୁ 'ଏମିତି ଏ ବଡ଼ଦାଣ୍ଡେ ହାତ ପାତି ରହିଥିବି...', ଇତ୍ୟାଦି ଗୀତଗୁଡ଼ିକ ଲୋକପ୍ରିୟତା ଅର୍ଜନ କରିଛି ।

ଏତଦ୍‌ଭିନ୍ନ କଲିକତାର INRECO କମ୍ପାନୀ ଦ୍ୱାରା LP ଓ EP ରେକର୍ଡ ଦ୍ୱାରା ଉପେନ୍ଦ୍ରଭଞ୍ଜଙ୍କ ଓଡ଼ିଶୀ ସଙ୍ଗୀତ- 'ଦୂତୀ କହିବୁ ଗୋ... ଚିତ୍ତଚୋରଙ୍କୁ ଏତକ...' ଓଡ଼ିଶାର ପାରମ୍ପରିକ ସଙ୍ଗୀତ ଯଥା- 'ବାଧିଲା ଜାଣି କ୍ଷମା...', 'ଜଗନ୍ନାଥ ହୋ କିଛି ମାଗୁ ନାହିଁ ତତେ...', 'କୃପାସିନ୍ଧୁ ବଦନ...', 'ପତିତ ଜନକୁ ଉଦ୍ଧରିବା ପାଇଁ...' ପରି ଅନେକ ଭକ୍ତିରସାତ୍ମକ ଗୀତ ଗାୟନ କରି ସେ ଓଡ଼ିଶାରେ ଭକ୍ତିଚେତନାର ନବଜାଗରଣ ସୃଷ୍ଟି କରିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଜଣେ ସଫଳ ପ୍ରଚ୍ଛଦପଟ୍ଟ ଗାୟକ ଭାବେ ଶ୍ରୀଯୁକ୍ତ ବଳ ବେଶ୍ ସୁପରିଚିତ । ପଚିଶ ଗୋଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ କଣ୍ଠଦାନ କରି ସେ ନିଜର ପାରଦର୍ଶିତା ପ୍ରତିପାଦନ କରିଛନ୍ତି । ସେଥିପାଇଁ 'ମଥୁରା ବିଜୟ', 'ଭକ୍ତ ସାଲବେଗ' ଓ 'ଟିକେ ହସ ଟିକେ ଲୁହ' ଚଳଚ୍ଚିତ୍ରରେ ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ଭାବେ ସେ ଓଡ଼ିଶା ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି ।

ତାଙ୍କର କର୍ମ ବହୁଳ ଜୀବନରେ ସେ ବହୁ ସଙ୍ଗୀତ ଅନୁଷ୍ଠାନ ସହ ଜଡ଼ିତ ହୋଇ ସଙ୍ଗୀତ ଶିକ୍ଷାଦାନ କରି ପ୍ରଶଂସା ଭାଜନ ହୋଇଛନ୍ତି । ସେଥି ମଧ୍ୟରୁ ଜଟଣୀର 'ଫ୍ରେଣ୍ଡସ୍ କଲଚରାଲ୍ ଆସୋସିଏସନ୍', କେନ୍ଦ୍ରାପଡ଼ାର 'ଗୋକୁଳଚନ୍ଦ୍ର ସଙ୍ଗୀତ ସଦନ', କଟକର

'କଳା ବିକାଶ କେନ୍ଦ୍ର', ଚୌଦ୍ୱାରର 'ଉତ୍କଳ ସଙ୍ଗୀତ ଭାରତୀ' ଏବଂ ଭୁବନେଶ୍ୱରର 'ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ'ରେ ଶିକ୍ଷାଦାନ କରି ୧୯୯୭ ମସିହା ଫେବୃଆରୀ ମାସରେ ସେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ ।

ଭିକାରି ବଳ କେବଳ ଓଡ଼ିଶାରେ ନୁହଁ; ନିଜର ସଙ୍ଗୀତକୁ ନେଇ ଭାରତରେ ଏପରିକି ଭାରତ ବାହାରେ ମଧ୍ୟ ପ୍ରତିଷ୍ଠା ଲାଭ କରିଛନ୍ତି । କଲିକତା, ଦିଲ୍ଲୀ, ମାଡ୍ରାସ, ଆସାମ ପ୍ରଭୃତି ସହରରେ ସଙ୍ଗୀତ ପରିବେଷଣ କରି ଖ୍ୟାତି ଅର୍ଜନ କରିବା ସହିତ ଇଂଲଣ୍ଡ, ହଲାଣ୍ଡ, ଇଟାଲୀ, ରୋମ, ପର୍ତ୍ତୁଗାଲ୍, ପୁଞ୍ଚାଲୋ, ଆମେରିକା ପ୍ରଭୃତି ବିଦେଶୀ ରାଷ୍ଟ୍ରରେ ଭକ୍ତି ସଙ୍ଗୀତ ଗାନ କରି ନିଜ ପ୍ରତିଭାର ପରିଚୟ ଦେଇ ପ୍ରଶଂସନୀୟ ହୋଇଥିଲେ ।

ଓଡ଼ିଆ ସଙ୍ଗୀତ ଜଗତ୍‌ର ସାଲିସ୍‌ବିହୀନ ବାଦ୍‌ଶାହ, ଭଜନର କିଂବଦନ୍ତୀ ପୁରୁଷ, ଭକ୍ତକଣ୍ଠ, ଶ୍ରୀଛାମୁ ସୁର ସେବକ, ଭଜନ ସମ୍ରାଟ ଭିକାରି ବଳ ଆଜି ଆଉ ଆମ ଗହଣରେ ନ ଥିଲେ ମଧ୍ୟ ତାଙ୍କର ସ୍ୱର ଓ ସାଧନା ଆମ ସମସ୍ତଙ୍କ ମନରେ ମହାର୍ଘ ମହାର୍ଦ୍ଦ ପରି ମହକୁଥିବେ ଚିରକାଳ । ଭିକାରି ବଳ ଜଣେ ସାଧାରଣ ମଣିଷ ନ ଥିଲେ, ଥିଲେ ଜଣେ ମହାପୁରୁଷ । ପ୍ରତ୍ୟେକ ଲୋକଙ୍କ ହୃଦୟକୁ ସେ ଜୟ କରିଥିଲେ । 'ପ୍ରାଣୀର ଭଲମନ୍ଦ ବାଣୀ, ମରଣ କାଳେ ତାହା ଜାଣି' ଯଦି ବ୍ୟକ୍ତି ଜୀବନର ମାପକାଠି ହୁଏ, ତେବେ ଭିକାରି ବଳ ଯେ ଜଣେ ବହୁତ ଭଲ ମଣିଷ ଥିଲେ ତାହା ତାଙ୍କର ମହା ପ୍ରୟାଣରେ ପ୍ରମାଣିତ ହୋଇସାରିଛି । ଯେଉଁମାନେ ସେଦିନର ଘଟଣାକୁ ପ୍ରତ୍ୟକ୍ଷରେ ହେଉ ବା ଗଣମାଧ୍ୟମ ଜରିଆରେ ହେଉ ଦେଖିଛନ୍ତି, ସେମାନଙ୍କୁ ଆଉ ବୁଝାଇ କହିବା ବୋଧହୁଏ ଆବଶ୍ୟକ ନାହିଁ ।

ମହାତ୍ମାଗାନ୍ଧୀ କହିଥିଲେ- "ମୋ' ଜୀବନ ହିଁ ମୋର ବାର୍ତ୍ତା ।" ସତ୍ୟ-ଅହିଂସା-ପ୍ରେମ ଉପରେ ଆଧାରିତ ମହାତ୍ମାଗାନ୍ଧୀଙ୍କ ଜୀବନ ହିଁ ଥିଲା ବିଶ୍ୱବାସୀଙ୍କ ପାଇଁ ତାଙ୍କର ମହାନ୍ ବାଣୀ । ସେହିପରି ଭିକାରି ବଳଙ୍କ ଜୀବନ ହିଁ ତାଙ୍କର ସଙ୍ଗୀତ । ଅର୍ଥାତ୍ ଜୀବନକାଳ ମଧ୍ୟରେ ସେ ଯେଉଁସବୁ ପରିସ୍ଥିତି, ପରିବେଶ, ବ୍ୟକ୍ତି ଓ ସମାଜକୁ ସମ୍ମୁଖୀନ ହୋଇଥିଲେ ଓ ହେବାକୁ ଅପେକ୍ଷା ରଖିଥିଲେ, ସେସବୁ ତାଙ୍କର ସଙ୍ଗୀତରେ ପ୍ରତିଫଳିତ ହୋଇଛି । ଗୀତଟିକୁ ଗାଇବା ପୂର୍ବରୁ ସେ ତା'ର ଭାବ, ଶବ୍ଦ ଓ ବାକ୍ୟ ବିନ୍ୟାସ ପ୍ରତି ଅଧିକ ଗୁରୁତ୍ୱ ଦେଉଥିଲେ । ସେଥିପାଇଁ ତାହା ଖୁବ୍ ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ ହୋଇପାରିଛି ।

ବନମାଳୀ, ଗୋପାଳକୃଷ୍ଣ, ସାଲବେଗ, ସାରିଆଭିକଙ୍କ ପରି ପ୍ରାଚୀନ ଗୀତିକାର ମାନଙ୍କ ଗୀତ ସହିତ ଦିବ୍ୟସିଂହ ଦେବ, ବୀରେନ୍ଦ୍ର ଭୂୟାଁ, କ୍ଷୀରୋଦ ଚନ୍ଦ୍ର ପୋଥାଳ, ଗୌରହରି ଦଳାଇ, ଗୌର ପଟ୍ଟନାୟକ, ପ୍ରସନ୍ନ ସାମଲ, ରଘୁନାଥ ରାଉତ, ରାଧାନାଥ

ଦାସ, ନନ୍ଦକିଶୋର ସିଂ ପ୍ରମୁଖଙ୍କ ଗୀତକୁ ସେ ତାଙ୍କର ସ୍ୱଭାବ ସୁଲଭ ସ୍ୱରରେ ଗାୟନ କରି ଲୋକପ୍ରିୟତାର ଶୀର୍ଷରେ ପହଞ୍ଚି ପାରିଛନ୍ତି । ଏହିସବୁ ଗୀତିକାରମାନଙ୍କ ଗୀତରେ ସତେ ଯେମିତି ଭିକାରି ବଳଙ୍କ ଜୀବନର ନିଛକ ଛବି ଅବଧାରିତ ହୋଇ ରହିଥିଲା । ଆବଶ୍ୟକ ସ୍ଥଳେ ସେ ମୂଳଗୀତକୁ ସଂଶୋଧନ କରି ମଧ୍ୟ ଗାୟନ କରିଛନ୍ତି । ସେଥିପାଇଁ ଗୀତଗୁଡ଼ିକ ଖୁବ୍ ବାସ୍ତବ ଓ ଜୀବନଧର୍ମୀ ହୋଇପାରିଛି ।

ଭିକାରି ବଳ ଥିଲେ ନିର୍ଲୋଭ ମଣିଷ । ଧନପ୍ରତି ତାଙ୍କର ତିଳେହେଲେ ଲୋଭ ନ ଥିଲା । ଏପରିକି ସେ ନିଜ ଗାଁରେ ସମସ୍ତ ସମ୍ପତ୍ତି ନିଜ ବଡ଼ଭାଇଙ୍କୁ ଛାଡ଼ିଦେଇ କଟକ ଚାଲିଆସିଥିଲେ । ଯୋଗ ଦେଖନ୍ତୁ, ତାଙ୍କ ବଡ଼ଭାଇଙ୍କ ନାଆଁ 'ଧନୀ' (ଧନେଶ୍ୱର ବଳ) ହୋଇଥିବା ବେଳେ ତାଙ୍କର ନାଆଁ ଥିଲା 'ଭିକାରି' । ଜୀବନ ସାରା ସେ କେବଳ ଜଗନ୍ନାଥଙ୍କୁ ଡାକିଛନ୍ତି ହେଲେ କିଛି ମାଗି ନାହାନ୍ତି । ତାଙ୍କରି କଣ୍ଠରେ ତାହା ପ୍ରତିଫଳିତ ହୋଇଛି-

"ଜଗନ୍ନାଥ ହୋ କିଛି ମାଗୁନାହିଁ ତତେ
ଧନ ମାଗୁନାହିଁ ଜନ ମାଗୁନାହିଁ
ମାଗୁଛି ଶରଧା ବାଲିରୁ ହାତେ ।"

କିମ୍ବା

"କହିଛି ଜଣକୁ ଦୁଃଖ ଶୁଣିଲେ ଶୁଣିବ
କରିଛି ଗୁହାରି ପାଦେ ରଖିଲେ ରଖିବ
କରୁନି ମୁଁ ଅଳି... କରୁନି ମୁଁ ଅଳି...
କୁବେର ସମ୍ପଦ ପ୍ରଭୁ ଦିଅ ମତେ ଢାଳି ।"

ସାରା ଜୀବନ ଶ୍ରୀଜଗନ୍ନାଥଙ୍କ ଭଜନ ଗାଇ ସେ ଯାହା ପାରିଶ୍ରମିକ ଅର୍ଜନ କରିଥିଲେ ମୋ' ଜାଣିବାରେ ସେଥିରୁ ସେ ପୁରୀ ଜଗନ୍ନାଥ ମନ୍ଦିରକୁ ଏକଲକ୍ଷ ଟଙ୍କା, ନିଜ ଗାଁ ସୋବଲା ମନ୍ଦିର ନିର୍ମାଣ ପାଇଁ ଦେଢ଼ଲକ୍ଷ ଟଙ୍କା, ଉତ୍କଳ ସାହିତ୍ୟ ସମାଜକୁ ପଚିଶ ହଜାର ଟଙ୍କା, ଢେଙ୍କାନାଳର ଏକ ଅନୁଷ୍ଠାନକୁ ଦଶ ହଜାର ଟଙ୍କା- ଏହିପରି କେତେକ ଅନୁଷ୍ଠାନ ଓ ଦୁଃଖୀରଙ୍କିଙ୍କୁ ସେ ଆର୍ଥିକ ସହାୟତା ପ୍ରଦାନ କରି ନିଜ ମହାନୁଭବତାର ପରିଚୟ ଦେଇଛନ୍ତି ।

ଭିକାରି ବଳ ଥିଲେ ଜଗନ୍ନାଥ ପ୍ରାଣ । ପ୍ରତ୍ୟେକ କାର୍ଯ୍ୟ ଓ କଥାରେ ସେ ଜଗନ୍ନାଥଙ୍କୁ ସ୍ମରଣ କରୁଥିଲେ । ଏପରିକି ଜୀବନର ଶେଷ ଭାଗରେ ସେ ଶଯ୍ୟାଶାୟୀ ହୋଇ ମଧ୍ୟ କେବଳ 'ଜୟ ଜଗନ୍ନାଥ', 'ଜୟ ଜଗନ୍ନାଥ' ଉଚ୍ଚାରଣ କରୁଥିଲେ । ତାଙ୍କ ଗୀତରେ ସେ ସେଇ କଥା ଗାଇଛନ୍ତି-

"ଦୀନବନ୍ଧୁ ଏହି ଅଳି ଶ୍ରୀଛାମୁରେ
ଶ୍ରୀରଙ୍ଗା ଚରଣ ସେବାରେ ମୋ' ମନ
ରହିଥାଉ ନିରନ୍ତରେ ।"

ଅଥବା

"କଂସାଥାଳି ମୋର ବନ୍ଧା ପଡୁ ପଛେ
ଯିବି ମୁଁ ପୁରୁଷୋତ୍ତମ
ଅସରା ବାଟ ମୋ' ସରି ସରି ଯିବ
ଭଜି ଭଜି ଜଗନ୍ନାଥ ନାମ ।"

ଜୀବନରେ ଅସୁମାରି ଦୁଃଖ ଯନ୍ତ୍ରଣା ଓ ସମସ୍ୟାର ସମ୍ମୁଖୀନ ହୋଇ ମଧ୍ୟ ସେ ଜଗନ୍ନାଥଙ୍କୁ ଭୁଲିଯାଇ ନାହାନ୍ତି । ଦାସ୍ୟ ଭାବରେ ସେ ଜଗନ୍ନାଥଙ୍କୁ ନିଜର ଗୁହାରି ଜଣାଇଛନ୍ତି । ପ୍ରଭୁ ହୋଇ ତାଙ୍କର ଭୃତ୍ୟକୁ ଏତେ ଦୁଃଖ ଦେଉଛନ୍ତି ବୋଲି ସେ ଅଭିମାନଭରା କଣ୍ଠରେ ଗାଇଛନ୍ତି-

"ଦୁନିଆରେ ଯେବେ ଦିନ ପରେ ରାତି
ରାତି ପରେ ଦିନ ସତ
ମୋ' ରାତି ଏମିତି ଅସରା କେମିତି
କୁହ ପ୍ରଭୁ ଜଗନ୍ନାଥ ?"

ଅଥବା

"ଶ୍ରୀମନ୍ଦିରେ ଯାଇ ଶ୍ରୀଜଗନ୍ନାଥଙ୍କୁ
ମାଗିବି କି ଅବା ଆଉ
ମୋ' ଜୀବନପଛେ ନର୍କେ ପଡ଼ିଥାଉ
ଜଗତ୍ ଉଦ୍ଧାର ହେଉ ।"

ଭିକାରି ବଳଙ୍କ ଜୀବନରେ ଦୁଃଖରାତି ଥିଲା ଅସରା । ପିଲାଟି ଦିନରୁ ସେ ନିଜର ପିତାମାତାଙ୍କୁ ହରାଇ ଦୁଃଖ ଦାରିଦ୍ର୍ୟ ସହ ସଂଘର୍ଷ କରି ବଞ୍ଚିବାର ରାହା ଖୋଜିଥିଲେ । ସଙ୍ଗୀତକୁ ବୃତ୍ତି କରି ସେ ନିଜର ସଂସାର ଚଳାଉଥିଲେ । ଜୀବନ ଯୁଦ୍ଧରେ ସେ ବହୁବାର କ୍ଷତାକ୍ତ ହୋଇ ମଧ୍ୟ ଆଗକୁ ମାଡ଼ିଚାଲିଥିଲେ । ମାତ୍ର ମୃତ୍ୟୁର ଚାରିବର୍ଷ ପୂର୍ବରୁ ରୋଗଶଯ୍ୟାରେ ପଡ଼ି ସେ ସଙ୍ଗୀତ ଗାୟନରୁ ବଞ୍ଚିତ ହୋଇଥିଲେ । ୨୦୦୬ ମସିହା ମେ-୧୪ ତାରିଖ ଥିଲା ତାଙ୍କର ଶେଷ ସଙ୍ଗୀତ କାର୍ଯ୍ୟକ୍ରମ । ତା'ପରେ ସେ ଆଉ ଗାଇପାରି ନ ଥିଲେ । ବୋଧହୁଏ ସେଇଥିପାଇଁ ସେ ପୂର୍ବରୁ ଅଭିମାନଭରା ସ୍ୱରରେ ଗାଇଥିଲେ-

"କାଳିଆ ସାଆନ୍ତେ ହୋ
ଏ କି କଲ ପ୍ରଭୁ ଏ କି କଲ
ଭିକ ଦେଲ ନାହିଁ ଥାଳ ଭାଙ୍ଗିଦେଲ
କଲ ମତେ ସାତ ପର ।"

ଏହିପରି ଅନେକ ଭଜନରେ ତାଙ୍କ ଜୀବନର ଦୁଃଖ, ଦାରିଦ୍ର୍ୟ, ଅଭାବ ଅସୁବିଧା ଓ ଅସହାୟତା ପ୍ରକଟିତ ହୋଇଛି । କେତେବେଳେ ଜଗନ୍ନାଥଙ୍କୁ ପ୍ରଭୁ ଭାବରେ ତ ପୁଣି କେତେବେଳେ ବନ୍ଧୁ ଭାବରେ ସେ ନିଜର ଦୁଃଖ ସବୁକୁ ସଙ୍ଗୀତ ମାଧ୍ୟମରେ ଜଣାଇ ଆଶ୍ୱସ୍ତ ହୋଇଛନ୍ତି । ସତେ ଯେମିତି ତାଙ୍କ ଜୀବନର ଚିତ୍ର ତାଙ୍କ ସଙ୍ଗୀତ ଭିତରେ ପ୍ରତିଫଳିତ ହୋଇ ଏକ ବୃହତ୍ତର ସାମାଜିକ ଉଦ୍‌ବୁଦ୍ଧ କରିଥିଲା ।

କେବଳ ଭଜନ ଓ ଜଣାଣରେ ନୁହେଁ ସେ ଗାଇଥିବା ଅନେକ ପଲ୍ଲୀ ଓ ଆଧୁନିକ ଗୀତରେ ମଧ୍ୟ ତାଙ୍କ ଜୀବନର ଚଟୁଳ ରସିକପଣ ଓ ବାସ୍ତବତା ପ୍ରକଟିତ ହୋଇଥିଲା । ତାଙ୍କ କଣ୍ଠନିଃସୃତ ଗୋଟିଏ ଲୋକପ୍ରିୟ ପଲ୍ଲୀଗୀତ ହେଉଛି-

"କଳସ ଉପରେ ଆମ୍ବ ଡାଳିଆ
ଗୋରୀ କନିଆଁକୁ ବର କାଳିଆ
ଗାଁ ଝିଅମାନେ ଆଖି ଠରାଠରି
କରାଣ୍ଡି ପକାଇ ନେଲା ବାଳିଆ ।"

ପାଠକେ ଜାଣନ୍ତି ଭିକାରି ବଳଙ୍କ ଦେହର ରଙ୍ଗ କଳା ହୋଇଥିବା ବେଳେ ତାଙ୍କ ଧର୍ମପତ୍ନୀ ଉଷାରାଣୀଙ୍କ ବର୍ଣ୍ଣ ଗୋରା । ତେଣୁ ଏ ଗୀତରେ ତାଙ୍କ ଦାମ୍ପତ୍ୟ ଜୀବନର ଚଟୁଳତା ପ୍ରକାଶ ପାଇଛି । ସେହିପରି ତାଙ୍କର ଅନ୍ୟ ଗୋଟିଏ ଗୀତ ହେଉଛି-

"ଦାନ କିଛି ଦେଇ ପାରିଲିନି
ଯଉତୁକ ଦେଇ ପାରିଲିନି
କନ୍ୟା ଦାନ ଦେଇ ଶରଣ ପଶିଲି
ସମୁଦୀ ହେ କିଛି ବାରିବନି ।।୦।।
ଅତି ଅଲିଅଳୀ ଝିଅ ମୋର
ସହେ ନାହିଁ କଟୁ କଥା କାର
ନିଜ ଝିଅ ପରି ଚଳାଇ ନେବ ହେ
ଦୋଷ ଗୁଣ ତା'ର ଧରିବନି ।।୧ ।।"

ପ୍ରାୟ ପ୍ରତ୍ୟେକ ସଙ୍ଗୀତ ଶିଳ୍ପୀ ସାଧାରଣତଃ ରସିକ ଓ ପ୍ରେମିକ ପ୍ରବର । ଭିକାରି ବଳ ସେଥିରୁ ବାଦ୍ ଯାଇନାହାନ୍ତି । ତାଙ୍କର କଥାବାର୍ତ୍ତା ଓ ବ୍ୟବହାରରେ ଏହି

ରସିକପଣକୁ ଅନେକ ଉପଲବ୍ଧ କରିଥିବେ । ମଛାଳିଆ କଥା କହି ସେ ଗମ୍ଭୀର ପରିବେଶକୁ ଖୁବ୍ ସହଜ ଓ ସରଳ କରିପାରୁଥିଲେ । ଅନ୍ତଃ-ସଲିଳା ପ୍ରେମର ଫଲ୍‌ଗୁ ପରି । ସେ ଗାଇଥିବା କେତେକ ଆଧୁନିକ ଗୀତରେ ତାହା ଖୁବ୍ ସ୍ପଷ୍ଟ ହୋଇ ଉଠିଛି । ସେଥିମଧ୍ୟରୁ କେତୋଟି ନମୁନା ଲକ୍ଷ୍ୟ କରନ୍ତୁ-

"ଫଗୁଣ ଆସିଛି ବୟସୀ ଡ଼େଣାରେ ତା'ର
ଭଲ ମୁଁ ପାଇଛି ଜୀବନେ ପ୍ରଥମ ଥର
ମତେ ଯିଏ ଶରଧାରେ ଦେଇଥିଲା ଫୁଲଟିଏ
ଭାବି ଆପଣାର, ଭାବି ଆପଣାର ।"

× × ×

"ସବୁଦିନେ ନାହିଁ ଜହ୍ନିନୀ ରାତି
ସବୁଦିନେ ନାହିଁ ଭାବ ପୀରତି
ସବୁ ପାନ ନୁହେଁ ବିଡ଼ିଆ ସାଧା
ସବୁ ଝିଅ ନୁହେଁ ସୁନ୍ଦରୀ ରାଧା ।"

× × ×

"ଏ ଦେହ ନଦୀରେ ଆସିଛି ବନ୍ୟା
ନାଆଁ ତା'ର ଯଉବନ... ।"

× × ×

"ଗୋଟିଏ ଫଗୁଣେ ହସିଥିଲି ବୋଲି
କୋଟିଏ ଶ୍ରାବଣେ କାନ୍ଦୁଛି... ।" ଇତ୍ୟାଦି

× × ×

ଏହିପରି ଅସୁମାରି ଗୀତରେ ପ୍ରତିଫଳିତ ହୋଇଛି ତାଙ୍କ ଜୀବନର ବାସ୍ତବ ଚିତ୍ର । ସେହି ମହାନ ସଙ୍ଗୀତ ଶିଳ୍ପୀ ଭିକାରି ବଳ ଆଜି ସ୍ୱର୍ଗରେ ଥିଲେ ମଧ୍ୟ ମର୍ତ୍ତ୍ୟଲୋକରେ ଅନୁରଞ୍ଜିତ ହେଉଛି ତାଙ୍କ ଈଶ୍ୱରଦତ୍ତ ସୁଲଳିତ ଭକ୍ତକଣ୍ଠର ମୂର୍ଚ୍ଛନା । ସେଇ ମୂର୍ଚ୍ଛନା ମହାକାଳର ଗତିକୁ ଅତିକ୍ରମ କରି ପୁରୁଷ ପୁରୁଷ ଧରି ଅନୁପ୍ରାଣିତ କରୁଥିବ ମାନବ ସମାଜକୁ । ସେ ସ୍ୱରର ବିଲୟ ନାହିଁ; ଅବିସ୍ମରଣୀୟ ହୋଇ ରହିଛି ଓ ରହିଥିବ ଚିରକାଳ ! !

ରାଜା ବଗିଚ୍ଚ, କଟକ-୯



କାଳଜୟୀ କଳାକାର ହେମନ୍ତ ଦାସ

ଶ୍ରୀମତୀ ଅରୁଣା ମହାନ୍ତି

ହେମନ୍ତ ଦାସ ଓଡ଼ିଶାର ବରପୁତ୍ର ତଥା ଅଭିନୟ ଜଗତର ଏକ ଅପ୍ରତିଦ୍ୱନ୍ଦ୍ୱୀ କଳାକାର । ତାଙ୍କର ଜନ୍ମ ୧୯୩୩ ମସିହା ସେପ୍ଟେମ୍ବର ୧୮ ତାରଖ କଟକ ଜିଲ୍ଲାର ବାଙ୍କୀ ଖମାରଙ୍ଗ ଗାଁରେ । ପିତା ଶ୍ରୀଯୁକ୍ତ ରାଧାଶ୍ୟାମ ଦାସ ଓ ମାତା ବୈଦେହୀ ଦେଈଙ୍କର ଏକମାତ୍ର ପୁତ୍ର ସନ୍ତାନ । ସେ ପାଞ୍ଚ ଭଉଣୀରେ ଗୋଟିଏ ମାତ୍ର ଭାଇ । ସେଥିପାଇଁ ତାଙ୍କ ପରିବାରର ହେମନ୍ତ ଥିଲେ କେନ୍ଦ୍ରବିନ୍ଦୁ । ପିତାମାତା ଅତି ଆଦରରେ ନାଁ ଦେଇଥିଲେ ଖୋକା । ଅତି ଅଲିଅଳ ଭାବେ ବଢ଼ିଥିଲେ ସେ । ପିଲାଦିନର ଚପଳତା ତାଙ୍କର କଟିଥିଲା ବାଙ୍କୀ ମାଟିରେ । ବାଙ୍କୀର ପାଣି ପବନରେ ସେ ବଡ଼ ହୋଇଥିଲେ । ମହାନଦୀ ପହଁରା, ନଦୀରେ ମାଛଧରା, ପିତାଙ୍କ ତାଗିଦ୍ ଭୟରେ ଗଛରେ ଚଢ଼ି ଲୁଚି ରହିବା, ଗାଁରେ ଅନ୍ୟର ବାଗିରୁ ଆମ୍ବ ତୋଳିବା, ସାଙ୍ଗମାନଙ୍କୁ ନେଇ ଝଦର ଟାଙ୍ଗି ନାଟକ କରବା ଏମିତି କେତେ କ'ଣ ତାଙ୍କୁ ଆନନ୍ଦ ଦେଉଥିଲା । ଟିକେ ନ ଦେଖିଲେ ମାତା ତାଙ୍କର ଖୋକା...ଖୋକା ବୋଲି ଡାକି ନଦୀ କୂଳକୁ ଧାଇଁ ଯାଉଥିଲେ, ନୟନ ପିତୁଳାକୁ ଖୋଜିବା ପାଇଁ ।

ପିତା ରାଧାଶ୍ୟାମ ବାଙ୍କୀ କୋ-ଅପରେଟିଭ୍ ବ୍ୟାଙ୍କର କର୍ମଚାରୀ ତଥା ଜଣେ ବିଶିଷ୍ଟ ସଙ୍ଗୀତଜ୍ଞ ଥିଲେ । ସଙ୍ଗୀତରେ ଶିକ୍ଷକତା ମଧ କରୁଥିଲେ । ଓଡ଼ିଶୀ ସଙ୍ଗୀତ ଉପରେ ତାଙ୍କର ଗଭୀର ଅଭିଜ୍ଞତା ଥିଲା । କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କର ସହଯୋଗୀ ଥିଲେ ସେ । ପିତାଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ହେମନ୍ତ ଦାସ କଳା ଜଗତର ଶୀର୍ଷରେ ପହଞ୍ଚିପାରିଥିଲେ ।

୧୯୫୦ ମସିହାରେ ହେମନ୍ତ ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରୁ ମେଟ୍ରିକ୍ ପାସ୍ କରି, କଟକସ୍ଥିତ ଖ୍ରୀଷ୍ଟ କଲେଜରେ ଅଧ୍ୟୟନ କଲେ । କଲେଜରେ ଡ୍ରାମାରେ ଅଭିନୟ କରି ପୁରସ୍କୃତ ହେଲେ । ବି.ଏ. ପାଶ୍ କରିବା ପରେ ଆକାଶବାଣୀ କଟକ କେନ୍ଦ୍ରରେ ତାଙ୍କର କର୍ମମୟ ଜୀବନ ଆରମ୍ଭ ହେଲା । ନିଉଜ୍ ଏଡିଟର ଭାବେ କାର୍ଯ୍ୟ କରୁଥିଲେ ।

ନିର୍ଭୁଲ ଭାବେ ସମ୍ବାଦ ପଠନ ତାଙ୍କର ଗାମ୍ଭୀର୍ଯ୍ୟପୂର୍ଣ୍ଣ କଣ୍ଠ ଓ ଉଚ୍ଚାରଣ ଶୈଳୀ ପାଇଁ ସେ ଥିଲେ ଅଦ୍ୱିତୀୟ ।

ଆକାଶବାଣୀ କଟକ କେନ୍ଦ୍ରର ନାଟକ ବିଭାଗରେ ପ୍ରତ୍ୟେକ ନାଟକରେ ମୁଖ୍ୟ ଭୂମିକାରେ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ତାଙ୍କର ବେତାର ନାଟକ 'ଡକ୍ଟର ଫସ୍‌ଟସ୍' ଅତି ରୋମାଞ୍ଚକର ଥିଲା । ତା ଛଡ଼ା ତାଙ୍କର 'ପେଟେଣ୍ଟ୍ ମେଡିସିନ୍'ରେ ବାବୁ ଚନ୍ଦ୍ରମଣି, 'ବାଣା ପରାଜୟ'ରେ ବାଣାସୁର, 'ଅନ୍ଧ ଅରଣ୍ୟ'ରେ ପରିକ୍ଷିତ ଦାସ, 'ଧାତବ ସନ୍ତୋଷ ଯାତ୍ରା'ରେ ଅଧ୍ୟାପକ ବେହେରା, 'ଅମାବାସ୍ୟାର ଚନ୍ଦ୍ର' ଇତ୍ୟାଦିର ଚରିତ୍ର ସମସ୍ତଙ୍କର ହୃଦୟସ୍ପର୍ଶୀ ହୋଇପାରିଛି । ମଞ୍ଚ ଜଗତ ଓ ଦୂରଦର୍ଶନରେ ମଧ୍ୟ ଅଭିନୟ କରୁଥିଲେ । 'ସୃଜନୀ' ନାଟକ ସଂସ୍ଥାରେ କଟକର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅଭିନୟ କରିଥିଲେ ।

୧୯୫୪ ମସିହାରେ ପ୍ରଥମେ ନିତାଇ ପାଲିତ୍‌ଙ୍କର 'ଭାଇ ଭାଇ' ଚଳଚ୍ଚିତ୍ରରେ ସେ ଅଭିନୟ କରିବାର ସୁଯୋଗ ପାଇଲେ । 'ମା', 'ଯାଯାବର', 'ଶେଷ ଶ୍ରାବଣ', 'ମା ଓ ମମତା', 'ଅମର ପ୍ରେମ', 'ଦଣ୍ଡାବାଳୁଙ୍ଗା', 'ସପନ ବଣିକ', 'ହାକିମ ବାବୁ' ଏହିପରି ପ୍ରାୟ ୪୦ଟି ଚଳଚ୍ଚିତ୍ରରେ ନିଖୁଣ ଅଭିନୟ କରି ସେ ଦର୍ଶକଙ୍କ ହୃଦୟରେ ଚିରସ୍ମରଣୀୟ ହୋଇ ରହିଯାଇଛନ୍ତି । ଏହା ବ୍ୟତୀତ ବିପ୍ଳବ ରାୟଙ୍କର ଚଳଚ୍ଚିତ୍ର 'ସୋଧ' (ସ୍ୱର୍ଣ୍ଣ କମଳ ପ୍ରାପ୍ତ)ରେ ଅଭିନୟ କରିଛନ୍ତି । ୨୦୦୯ ମସିହାରେ 'ତୁମେ ହିଁ ସାଥୀ ମୋର' ହେମନ୍ତଙ୍କର ଶେଷ ଚଳଚ୍ଚିତ୍ର ଥିଲା । 'ସାଗର ମନ୍ଥନ', 'ଘର ଭଡ଼ା ଦିଆଯିବ', 'ଶୂନ୍ୟକାଳ', 'ମଣିଷ' ଇତ୍ୟାଦି ଧାରାବାହିକରେ ଅଭିନୟ କରିଛନ୍ତି ।

ହେମନ୍ତ ଦାସ ଜଣେ ସଫଳ ନିର୍ଦ୍ଦେଶକ ଥିଲେ । ନିଷ୍ଠା ଏବଂ ଶୃଙ୍ଖଳାର ସହ କାର୍ଯ୍ୟ କରିବାକୁ ସେ ଉପଦେଶ ଦେଉଥିଲେ । ସେ ଥିଲେ ସରଳ, ବନ୍ଧୁ ବତ୍ସଳ, ମିଷ୍ଟଭାଷୀ । ସେଇଥିପାଇଁ ତାଙ୍କ କଟକ ଘରେ ଭଉଣୀ ଭଣଜା-ଭାଣିଜୀମାନଙ୍କର ସବୁବେଳେ ଭିଡ଼ ଜମୁଥିଲା । ପାଶ୍ଚାତ୍ୟ ଆଧୁନିକ ଲେଖକମାନଙ୍କର ରଚନାବଳୀରେ ବହୁତ ଆଗ୍ରହ ରଖୁଥିଲେ । ଏହି ସବୁ ପୁସ୍ତକର ଅଧ୍ୟୟନରୁ ତାଙ୍କ ଅଭିନୟ ଶୈଳୀ ବିଶେଷ ଭାବରେ ପ୍ରଭାବିତ ହୋଇଥିଲା । ତାଙ୍କର ୭୬ ବର୍ଷ ଜୀବନ କାଳ ମଧ୍ୟରେ ସେ ଅନେକ ସମ୍ମାନର ଅଧିକାରୀ ହୋଇ ପାରିଛନ୍ତି । ୧୯୮୦ ମସିହାରେ 'ମା ଓ ମମତା', ୧୯୮୪ରେ 'ଦଣ୍ଡାବାଳୁଙ୍ଗା' ତାଙ୍କୁ ରାଜ୍ୟ ଚଳଚ୍ଚିତ୍ର ସ୍ୱତନ୍ତ୍ର ଜୁରି ପୁରସ୍କାର, ୧୯୮୮ରେ 'କିଛି ସ୍ମୃତି କିଛି ଅନୁଭୂତି' ପାଇଁ ହେମନ୍ତ ଦାସଙ୍କୁ ରାଜ୍ୟ ଚଳଚ୍ଚିତ୍ର

କୁରୀ ପୁରସ୍କାର ଦିଆଯାଇଥିଲା । ୧୯୯୧ ମସିହାରେ ଚଳଚ୍ଚିତ୍ର ଜଗତର ସର୍ବଶ୍ରେଷ୍ଠ 'ଜୟଦେବ ସମ୍ମାନ'ରେ ହେମନ୍ତଙ୍କୁ ସମ୍ମାନିତ କରାଯାଇଥିଲା । ୨୦୦୩ ମସିହାରେ 'କେଳୁଚରଣ' ପୁରସ୍କାର, ୨୦୦୦ ମସିହାରେ ବାଙ୍କୀ ମହୋତ୍ସବ ପକ୍ଷରୁ 'ଚର୍ଚ୍ଚିକା ସମ୍ମାନ', ୨୦୦୯ରେ ବାଙ୍କୀର ବିକାଶ ମଞ୍ଚ ପକ୍ଷରୁ 'ବାଙ୍କୀ ଗୌରବ ସମ୍ମାନ', ୨୦୧୦ ମସିହାରେ 'ଇ-ଟିଭି' ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ତାଙ୍କୁ ପ୍ରଦାନ କରାଯାଇଥିଲା । ଏହିପରି ବିଭିନ୍ନ ଅନୁଷ୍ଠାନ ତାଙ୍କୁ ସମ୍ମାନିତ କରିଛନ୍ତି । ଫକୀରମୋହନ ସେନାପତିଙ୍କର 'ପେଟେଣ୍ଟ ମେଡିସିନ୍', (ସୁଲୋଚନା ଚଳଚ୍ଚିତ୍ର) ତାଙ୍କର ଅସମ୍ପୂର୍ଣ୍ଣ ହୋଇ ରହିଗଲା । ତାଙ୍କର ଘର ମଧ୍ୟ ସରକାରଙ୍କ ପାଖରେ ବନ୍ଧକ ଦେଇ ଦେଇଥିଲେ, କେବଳ ଏଇ ଚଳଚ୍ଚିତ୍ରକୁ ଦର୍ଶକମାନଙ୍କ ସମ୍ମୁଖକୁ ଆଣିବା ପାଇଁ ।

ହେମନ୍ତ ଦାସଙ୍କର ପାରିବାରିକ ଜୀବନ ସମସ୍ୟାସଂକୁଳ ଓ ଦୁଃଖମୟ ଥିଲା । ପିତା ମାତାଙ୍କ ଦେହାନ୍ତ ପରେ ପତ୍ନୀ ମମତା ଦାସ ଓ ପୁଅ ଅବୋଲର ଅକାଳ ବିୟୋଗରେ, ତାଙ୍କ ପରି ଜଣେ ମହାନ୍ ବ୍ୟକ୍ତିତ୍ୱ ଏକା ହୋଇଗଲେ । ଭଗବାନଙ୍କ ଆଦେଶ ପାଳନ କରି ନୀରବରେ ସବୁ କିଛି ସହି ଚାଲିଲେ । ହୃଦୟର ଏଇ ଶୂନ୍ୟତାରେ ମଧ୍ୟ ତାଙ୍କର ଏକାକୀ ଜୀବନ ଟିକକ ବଞ୍ଚି ରହିଥିଲା ।

ଅଭିନୟ ଥିଲା ହେମନ୍ତ ଦାସଙ୍କ ପ୍ରାଣ । ନିଃସଙ୍ଗ ଜୀବନରେ ମଧ୍ୟ ସେ ହାରିଯାଇ ନାହାନ୍ତି । ବରଂ ତାଙ୍କର ଉଚ୍ଚକୋଟୀର ଅଭିନୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଛି । ଚଳଚ୍ଚିତ୍ର-ଜଗତ୍‌ରେ ସେ 'ଅଭିନୟ ସମ୍ରାଟ' ଓ 'ପିତାମହ ଭୀଷ୍ମ' ଭାବରେ ପରିଚିତ । ଜୀବନର ଶେଷ ଦୀପ ଲିଭିବା ଯାଏ ତାଙ୍କ ଅଭିନୟରେ ପରଦା ପଡ଼ି ନ ଥିଲା । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ତାଙ୍କର ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ବଳି ଦେଇ ନାହାନ୍ତି । ତାଙ୍କର ସ୍ନେହ ମମତାର ଡୋରିରେ ସମସ୍ତଙ୍କୁ ବାନ୍ଧି ରଖିଛନ୍ତି ।

ସମୟର ପ୍ରବାହରେ ଦେହ ତାଙ୍କର ଅସୁସ୍ଥ ରହିଲା । ଅଭିନୟ ଜଗତ୍‌ର କିଂବଦନ୍ତୀ ପୁରୁଷ କଟକ ଘର ଛାଡ଼ି ଦେଇ ତାଙ୍କର ଜନ୍ମଭୂମି ବାଙ୍କୀ ଖମାରଙ୍ଗ ଗାଁକୁ ଚାଲି ଆସିଲେ । ମୃତ୍ୟୁ ସହ ସଂଗ୍ରାମ ଥିଲା ତାଙ୍କର ଶେଷ ଜୀବନ । ଏକ ବିଶେଷ ମୁହୂର୍ତ୍ତରେ ସେ କହିଥିଲେ deathର warrent ଏତେ ଶୀଘ୍ର ଆସିବ ବୋଲି ମୁଁ ଭାବି ନ ଥିଲି । ଦୁଃଖ ରୋଲ୍ କରି କରି ମୁଁ ବୋଧେ ଦୁଃଖି ହୋଇଗଲି । 'ଦୁର୍ଗାଭାଇ' (ବଡ଼ ଭିଣୋଇ) ମୋତେ ଶୁଆଇ ଦଉନାହାନ୍ତି, ଗାଡ଼ି ଆଣି ଆସିଛନ୍ତି ମୋତେ ଡାକୁଛନ୍ତି- ଆରେ ଖୋକା : ଆଉ କାହିଁକି ଡେରି କରୁଛ ? ପଳେଇ ଆସ ।" ହଠାତ୍ ସବୁ

ଶୂନଶାନ୍ ହୋଇଗଲା । ୨୦୧୦ ମସିହା ଏପ୍ରିଲ୍ ୨୭ ତାରିଖ ଦିନ ୧୦ଟା ବାଜି ୧୦ ମିନିଟ୍‌ରେ ବାଙ୍କୀ ହସ୍‌ପିଟାଲରୁ କଟକ ଆଣିବା ବାଟରେ ହିଁ ମହାନାୟକ ହେମନ୍ତ ଦାସଙ୍କର ମହାପ୍ରୟାଣ ଘଟିଲା । ତାଙ୍କର ପ୍ରଶଂସକମାନେ କାହିଁ କେତେ ଦୂରରୁ ଧାଇଁ ଆସିଲେ ବାଙ୍କୀର ସେଇ ମହାନଦୀ କୂଳକୁ । ଶେଷ ଦର୍ଶନ ସାରି ସମସ୍ତେ ଫେରିଗଲେ ନିଜ ନିଜ ବାଟରେ । ମହାନଦୀ କୂଳରେ ପଡ଼ି ରହିଥିଲା କେବଳ ତାଙ୍କର ଚିତାଭସ୍ମ ଟିକକ । ବାଙ୍କୀର ସୁଯୋଗ୍ୟ ସନ୍ତାନ ବାଙ୍କୀ ମାଟିରେ ହିଁ ମିଶିଗଲେ । ମନେହୁଏ ଯେମିତି, ସ୍ୱର୍ଗର ଇନ୍ଦ୍ରପୁରୀରେ ହେମନ୍ତ ତାଙ୍କର ଅଭିନୟ ଋତୁରୀରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଉଥିବେ । ସେ ଆଜି ଅମର ହୋଇ ରହି ଯାଇଛନ୍ତି ଜନମାନସରେ । ସେହି ମହାନ୍ ପ୍ରତିଭା ହେମନ୍ତ ଦାସଙ୍କ ବିୟୋଗରେ ଅଭିନୟ ଜଗତ୍‌ରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଲା, ସେ ସ୍ଥାନ ପୂରଣ ହେବା ସହଜ ନୁହେଁ । ଆଜିର ଯୁବପିଢ଼ି ତାଙ୍କ ଚଳଚ୍ଚିତ୍ରଗୁଡ଼ିକ ଦେଖିବା କଥା, ଯେଉଁଥିରେ କି ଅନେକଟା ଶିକ୍ଷଣୀୟ ବିଷୟ ରହିଛି । ଶେଷରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

ଏନ୍‌-୧/୧୨, ଆଇ.ଆର୍.ସି. ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର



ବିସ୍ମୟର ଅନ୍ୟ ନାମ - ଅକ୍ଷୟ ମହାନ୍ତି

ଅଧ୍ୟାପକ ସରୋଜ କୁମାର ସିଂହ

କ୍ଷୟହୀନ କୃତି ଓ ଖ୍ୟାତି ଏବଂ ଏକ ବିସ୍ମୟକର ପ୍ରତିଭାର ପ୍ରତୀକ ହେଉଛନ୍ତି ଅକ୍ଷୟ ମହାନ୍ତି । ଇନ୍ଦ୍ରଧନୁର ବହୁବିଧ ରଙ୍ଗର ସମ୍ଭାର ପରି ଏକାଧିକ ଗୁଣରେ ଗୁଣୀ ହେଉଛନ୍ତି ଅକ୍ଷୟ ମହାନ୍ତି । ବହୁ ଚର୍ଚ୍ଚିତ ଓ ବହୁ ପ୍ରଶଂସିତ ବ୍ୟକ୍ତି ହେବାର ଭାଗ୍ୟ ନେଇ ସେ କଟକରେ ଜନ୍ମଗ୍ରହଣ କରିଥିଲେ ୧୯୩୬ ମସିହା ଅକ୍ଟୋବର ୧୨ ତାରିଖ ମହାଳୟା ତିଥିରେ । ପିତା ବିଚିତ୍ରାନନ୍ଦ ମହାନ୍ତି ଓ ମାତା ସୁବର୍ଣ୍ଣମଞ୍ଜରୀ ଦେବୀଙ୍କର କୋଳରେ ନବଜାତ ଶିଶୁ ଅକ୍ଷୟଙ୍କର କଣ୍ଠ ନିଃସୃତ କୁଆଁ କୁଆଁ ଧ୍ୱନି ତରଙ୍ଗ ଯେ ଦିନେ ସଙ୍ଗୀତର ମଧୁକ୍ଷରା ମଧୁବର୍ଷୀ ନିନାଦ ହୋଇ ଓଡ଼ିଶାର କୋଣ ଅନୁକୋଣରେ ଗୁଞ୍ଜରିତ ହେବ, ଏ କଥା କେହି ଭାବିପାରି ନ ଥିଲେ । ଏ କଥା କାହିଁକି କିଏ ବା କଳ୍ପନା କରିପାରିଥାନ୍ତା ! କିନ୍ତୁ ଈଶ୍ୱରଙ୍କ ଆଶୀର୍ବାଦର ଚନ୍ଦନ ଟିପାରେ ତାଙ୍କର ଭାଗ୍ୟଲିପି ଚନ୍ଦନଚର୍ଚ୍ଚିତ ହୋଇ ରହିଥିଲା । ଅମାପ ପ୍ରତିଭା ଓ କଳାତ୍ମକ ଦକ୍ଷତାକୁ ସାଙ୍ଗରେ ଧରି ସେ ଏ ପୃଥିବୀକୁ ଆସିଥିଲେ । ଚାଳିଶ ଦଶକର ବାଳକ ଅକ୍ଷୟ, ପରିଣତ ବୟସରେ ହୋଇଗଲେ ଏକା ଧାରାରେ ଜଣେ ଗାୟକ, ଗୀତିକାର, ସଙ୍ଗୀତଜ୍ଞ, କବି, କଥାକାର, ଗାଳ୍ପିକ, ଔପନ୍ୟାସିକ, ସିନେମା ଅଭିନେତା ଓ ସଙ୍ଗୀତ ନିର୍ଦ୍ଦେଶକ । ତେଣୁ ତାଙ୍କୁ କୁହାଯାଏ ବିସ୍ମୟ ପୁରୁଷ ।

ଅନେକ ପ୍ରତିଭା ସମ୍ପନ୍ନ ସଙ୍ଗୀତଜ୍ଞ ଓଡ଼ିଶା ସଙ୍ଗୀତ ଜଗତକୁ ତାଙ୍କର ସଙ୍ଗୀତ କଳାରେ ଅଳଙ୍କୃତ କରିଛନ୍ତି । ଅନେକ ପ୍ରଖ୍ୟାତ ଯଶସ୍ୱୀ ସାହିତ୍ୟିକମାନେ ଓଡ଼ିଆ ସାହିତ୍ୟକୁ ସେମାନଙ୍କ ସାହିତ୍ୟ କୃତିରେ ସମୃଦ୍ଧ କରିଛନ୍ତି । ମାତ୍ର ସଙ୍ଗୀତ ଓ ସାହିତ୍ୟ ଉଭୟ କ୍ଷେତ୍ରରେ ବିରଳ ସମନ୍ୱିତ ସଫଳତା ହାସଲ କରିପାରିଥିବା ବ୍ୟକ୍ତି ହେଉଛନ୍ତି ଅକ୍ଷୟ ମହାନ୍ତି । ସଙ୍ଗୀତ ଓ ସାହିତ୍ୟର ଏକ ଅପୂର୍ବ ସମନ୍ୱୟ କେବଳ ତାଙ୍କ ନିକଟରେ, ସାଗର ଓ ଆକାଶର ଦୂର ଦିଗ୍‌ବଳୟରେ ସଙ୍ଗମ ପରି ଦୃଶ୍ୟମାନ ହୁଏ । ନିଃସନ୍ଦେହରେ କୁହାଯାଇ ପାରେ ଯେ ଅକ୍ଷୟ ମହାନ୍ତି ପ୍ରକୃତରେ ଏକ ବିସ୍ମୟକର ବ୍ୟକ୍ତିତ୍ୱ । ସବୁକ୍ଷେତ୍ରରେ ସଫଳତାର ସ୍ୱର୍ଣ୍ଣ ତାଙ୍କୁ ଜାଜ୍ୱଲ୍ୟଲିତ କରିଛି ଓ କରି ରଖିବ ମଧ୍ୟ । ଜଣେ

ମଣିଷ- ହେଲେ ତାଙ୍କର ଏତେ ପରିଚୟ ତାଙ୍କର ପ୍ରଶଂସକମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରେ । ସେ ଥିଲେ ଜଣେ ସ୍ରଷ୍ଟା ଯାହାଙ୍କର ଥିଲା ଅନେକ ସୃଜନଶୀଳ ସୃଷ୍ଟି । ସେ ଥିଲେ ଜଣେ ଶିଳ୍ପୀ ଯାହାଙ୍କର ଥିଲା ଅକଳନୀୟ ନୈପୁଣତା । ସେଥିପାଇଁ ଓଡ଼ିଶାର ଭୂଖଣ୍ଡରେ ପ୍ରତ୍ୟେକ ଓଡ଼ିଆଙ୍କ ମନପ୍ରାଣରେ ଅକ୍ଷୟ ମହାନ୍ତି ଏକ ଅଭୁଲା ନିଆରା ମଣିଷ ରୂପେ ସ୍ଥାନିତ । ଖାଲି ଓଡ଼ିଶାର ସୀମାରେଖା ଭିତରେ ସେ ସୀମିତ ନୁହନ୍ତି । ତାଙ୍କର କୃତି ଓ ଖ୍ୟାତି ଓଡ଼ିଶା ବାହାରେ ସଙ୍ଗୀତ ଜଗତରେ ମଧ୍ୟ ପରିବ୍ୟାପ୍ତ । ସଙ୍ଗୀତର ଯମୁନା ତଟରେ ଅକ୍ଷୟ ମହାନ୍ତି ଏକ ମୋହନ ବଂଶୀ । ସାହିତ୍ୟର ଅମରାବତୀରେ ସେ ଜଣେ ଅବିଶ୍ୱାସନୀୟ ପ୍ରତିଭାଶାଳୀ genious ।

ତାଙ୍କର ଗଦ୍ୟ ରଚନାରେ ରହିଛି ସାହିତ୍ୟର ଏକ ସ୍ୱତନ୍ତ୍ର ରୂପ, ଯେଉଁଥିରେ ଦୃଶ୍ୟମାନ ହୁଏ କମ୍ପନ ସୃଷ୍ଟିକାରୀ ଉନ୍ମୁକ୍ତ ଚିନ୍ତାଧାରାର ପ୍ରତିଫଳନ । ଏକ ଦାମ୍ଭିକ ଆତ୍ମଲୋଭୀ ଲେଖକଙ୍କ ପ୍ରତିଛବି । ତାଙ୍କର ଅବର୍ତ୍ତମାନରେ ତାଙ୍କର ଅନେକ ଲେଖା, ଗଳ୍ପ, ଉପନ୍ୟାସ ନିରବଚ୍ଛିନ୍ନ ଭାବରେ ଏବେ ବି ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହେଉଛି ଓ ପାଠକ ପାଠିକାମାନଙ୍କ ମନକୁ ଆଲୋଡ଼ିତ କରୁଛି ।

ଗଦ୍ୟ ରଚନାର ଅନେକ ବିଭାଗକୁ ସେ ତାଙ୍କ ଲେଖା ମାଧ୍ୟମରେ ଛୁଇଁଛନ୍ତି । ତାଙ୍କର ଲେଖା ଭିତରେ ଅଛି ଅନେକ ଗଳ୍ପ, ଉପନ୍ୟାସ, ବାୟୋଗ୍ରାଫିକାଲ ସ୍କେଚ୍, ଭ୍ରମଣ କାହାଣୀ ଇତ୍ୟାଦି । ତାଙ୍କଦ୍ୱାରା ରଚିତ ୧୯ଟି ଉପନ୍ୟାସ, ୪ଟି ଗଳ୍ପ ସଂକଳନ, ୪ଟି କବିତା ସଂକଳନ, ଅନେକ ଭିନ୍ନ ରୁଚିର ଗଳ୍ପ ଓ ଗୋଟିଏ ଭ୍ରମଣ କାହାଣୀ ଅଦ୍ୟାବଧି ପ୍ରକାଶିତ । ତାଙ୍କ ଲିଖିତ କେତୋଟି କୃତି ହେଲା-

ଉପନ୍ୟାସ- 'ଛାୟା ନୁହେଁ ଜୟା', 'ଗୋଟିଏ କୁହୁ ଅନେକ ଉହୁ', 'ଆର୍ଯ୍ୟବାସର ଆତ୍ମଲିପି', 'ନାୟକ', 'ନୁନ୍ ସୋ', 'ବାମ-ପତ୍ନୀ', 'ସ୍ୱାତୀ ସରସ୍ୱତୀ', ଚନ୍ଦ୍ରମଲ୍ଲିକା', 'ଅଫେରା ନଦୀ', 'ଆର୍ଯ୍ୟବାସର ଶେଷଲିପି' ।

ଭ୍ରମଣ କାହାଣୀ- ବାହା ବାହାରେ ଆମେରିକା ।

ଗଳ୍ପ- ନଗ୍ନ ମୋନାଲିସା, ମଲା ପ୍ରଜାପତି, ଅନେଶତ ରାଣୀ, ବିଚରା, ମୃତ୍ୟୁ ଅପେକ୍ଷାରେ, ଅନାମିକାକୁ ଚିଠି, ଦୂର ପ୍ରିୟା ପ୍ରେରଣା, ବେସୁରା, କବି ସମ୍ମିଳନୀ, ପ୍ରେମିକର ବଡ଼ ଭଉଣୀ, ବନ୍ଦୀ ପ୍ରେମିକ, କଫେ ଘ, ମୂର୍ତ୍ତି ।

କବିତା- 'ଗୀତି', 'ଏଇ କଥା ରହିଲା', 'ଚେନାଏ ଆକାଶ', 'ଭଗବାନ କ'ଣ ଓଡ଼ିଆ', 'ମଧୁଶାଳା' (ଗଜଲ ସଂକଳନ) ।

ଅକ୍ଷୟ ମହାନ୍ତି ଥିଲେ ଜଣେ ପ୍ରଚଣ୍ଡ ଆତ୍ମବିଶ୍ୱାସୀ ସ୍ପର୍ଦ୍ଧିତ ମଣିଷ । ତାଙ୍କର ଜୀବନଧାରା ଓ ଜୀବନ ଦର୍ଶନ ଅନ୍ୟମାନଙ୍କଠାରୁ ବହୁତ ଅଲଗା ଥିଲା । ସେ ଚନ୍ଦ୍ରର ଉଦ୍ଭାଷିତ ରୂପ ଅପେକ୍ଷା ଚନ୍ଦ୍ରର ଲୁକ୍ଜାୟିତ ରୂପକୁ ଦେଖିବାପାଇଁ ଅଧିକ ଆଗ୍ରହୀ ଥିଲେ । ଚନ୍ଦ୍ର ଲୁଚାଇ ରଖିଥିବା ରୂପଟିକୁ ଦେଖିବାର ଅନୁସନ୍ଧିତ୍ସା ତାଙ୍କୁ ଅଧୀର କରୁଥିଲା ଯାହା ତାଙ୍କର ଅନେକ ଗଳ୍ପ ଓ ଉପନ୍ୟାସକୁ ପ୍ରଭାବିତ କରିଛି । ଲାଗେ ସତେ ଯେମିତି କାଳଜୟୀ ସୃଷ୍ଟି 'ଅମାବାସ୍ୟାର ଚନ୍ଦ୍ର'ର ଲେଖକ ଗୋବିନ୍ଦ ଦାସଙ୍କର ଲେଖନୀୟ ନିର୍ଭିକତା ବହୁଗୁଣିତ ହୋଇ ଅକ୍ଷୟ ମହାନ୍ତିଙ୍କ ଲେଖନୀୟ ଔରସରେ ଅଙ୍କୁରିତ ହୋଇଛି । ଦୈନନ୍ଦିନ ଜୀବନରେ ସେ ଦେଖିଥିବା ମଣିଷମାନଙ୍କ ଜୀବନର ଉତ୍ଥାନ ପତନ, ହସ କାନ୍ଦ, ସଫଳତା ବିଫଳତା, ପ୍ରଶଂସା, ଈର୍ଷା, ପ୍ରେମ ଆତୁରତା, ବିରହ, ବିଷାଦ ଓ ଯନ୍ତ୍ରଣା ହିଁ ତାଙ୍କ ଲେଖାର ପରିମିତ ବୈଶିଷ୍ଟ୍ୟ ଥିଲା । ନିଜର ଖୋଲା ଜୀବନ ପରି ତାଙ୍କର ଲେଖାଗୁଡ଼ିକ ମଧ୍ୟ ତାଙ୍କର ଏକ ଖୁଲମ୍ଖୁଲା ଅଭିବ୍ୟକ୍ତି ପରି ମନେହୁଏ ।

ଅକ୍ଷୟ ମହାନ୍ତିଙ୍କ ଲେଖାଗୁଡ଼ିକୁ ଚାରୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ । ତାହା ହେଲା କଳ୍ପନା ଭିତ୍ତିକ ରୋମାଣ୍ଟିକ ଉପନ୍ୟାସ, ବାସ୍ତବତାର ସ୍ୱାଦରେ ରଞ୍ଜିତ ଚରିତ ଉପନ୍ୟାସ, ସମାଜର ରଙ୍ଗମଞ୍ଚରେ ଦୃଶ୍ୟମାନ ବିଭିନ୍ନ ଚରିତ୍ରମାନଙ୍କର ଗାଳ୍ପିକ ରୂପାୟନ ଓ ବିଦେଶ ଭ୍ରମଣର ଚମକପଦ ଅନୁଭୂତି ଉପରେ ଆଧାରିତ 'ଭ୍ରମଣ କାହାଣୀ' ଏବଂ ଆତ୍ମ କଥନ ।

'ଆର୍ଯ୍ୟଦାସର ଆତ୍ମଲିପି' ତାଙ୍କର ଏକ ବହୁ ଚର୍ଚ୍ଚିତ ବହୁ ବିତର୍କିତ ଉପନ୍ୟାସ । ଏହା ଏକ ଚରିତ ଉପନ୍ୟାସ । ନାୟକ ଆର୍ଯ୍ୟଦାସର ଜୀବନ କାହାଣୀର ଉପନ୍ୟାସିକ ଚିତ୍ର ହେଉଛି ଆର୍ଯ୍ୟଦାସର ଆତ୍ମଲିପି । ଏ ଜୀବନ କାହାଣୀର ଉପସ୍ଥାପନାରେ ଅଛି ଏକ ଆବେଗିକ ଉଷ୍ମତା ଓ ତୀର୍ଯ୍ୟକ ସତ୍ୟାଳାପ । ଏ ଉପନ୍ୟାସରେ ଆର୍ଯ୍ୟଦାସ ନିଜେ ବିଭିନ୍ନ ଚରିତ୍ର ମାନଙ୍କର ସୂତ୍ରଧର ଓ ସେମାନଙ୍କ ଜୀବନ କାହାଣୀର ପ୍ରତ୍ୟକ୍ଷ ଅନୁଭବୀ । ଆର୍ଯ୍ୟଦାସର ଅନୁଭୂତି ହିଁ ଏ ଉପନ୍ୟାସର ବିଷୟବସ୍ତୁ । ଏ ଉପନ୍ୟାସ ହୁଏତ ଅନେକ ବ୍ୟକ୍ତି ବିଶେଷଙ୍କ ମନରେ ଆଘାତ ଦେଇପାରେ, ମାତ୍ର ଏଥିରେ ବର୍ଣ୍ଣିତ ଘଟଣାଗୁଡ଼ିକର ଚଞ୍ଚଳତା ଉପନ୍ୟାସଟି ପଢ଼ିଲା ବେଳେ ପାଠକ ପାଠିକାମାନଙ୍କ ପାଇଁ ଏକ ଚମକପ୍ରଦ ସ୍ୱାଦର ଅନୁଭୂତି ଆଣିଦିଏ । ଏଥିରେ ଅଛି ଏକ ଭୟଙ୍କର ବାସ୍ତବତାର ପରିକଳ୍ପନା । ଏଥିରେ ଅଛି ଅନେକ ଚରିତ୍ରମାନଙ୍କ ଜୀବନର ନେପଥ୍ୟ କାହାଣୀ । ଜଣେ ଧୀର

ଚିତ୍ତ, ସ୍ଥିରମତି, ପଞ୍ଚଭୂତ ଆତ୍ମାଦାରୀ ମଣିଷ ହାତରେ ଆଇନା ଧରି ଘୁରି ବୁଲୁଛି ଜୀବନର ରାଜପଥରେ ଓ ସମସ୍ତଙ୍କୁ ଦେଖାଇ ଦେଉଛି ସେମାନଙ୍କର ଅଦୃଶ୍ୟ ପ୍ରତିବିମ୍ବ । ଜୀବନରେ ପୁଣ୍ୟ ଯେମିତି ଏକ ସତ୍ୟ, ସେମିତି ପାପ ମଧ୍ୟ ଏକ ସତ୍ୟ । ଏକ ପ୍ରେମପୂର୍ଣ୍ଣ ଜୀବନ ବିଫଳ ହୋଇପାରେ ଓ ଏକ ପ୍ରେମହୀନ ଜୀବନ ବି ସଫଳ ହୋଇପାରେ । ଜୀବନର ସବୁ ଉପଲବ୍ଧି ଆପେକ୍ଷିକ । ଜୀବନର ଏମିତି ଅନେକ ମହତର ଉପଲବ୍ଧିରେ ଏ ଉପନ୍ୟାସ ରସାଣିତ । ଜୀବନର ପୂର୍ଣ୍ଣାଙ୍ଗ ଅଧ୍ୟୟନ ଓ ଜୀବନଧାରୀ ମଣିଷମାନଙ୍କୁ ଚିହ୍ନିବା ଜାଣିବାର ପ୍ରକ୍ରିୟା ଏତେ ସହଜରେ ସରିପାରେନା । ଜୀବନର କାହାଣୀକୁ ଇତିହାସ କରିବା ପାଇଁ ଗୋଟିଏ ଉପନ୍ୟାସ ଯଥେଷ୍ଟ ହୋଇପାରେନା । ତେଣୁ ଆର୍ଯ୍ୟଦାସର ଆତ୍ମଲିପି ଲେଖିସାରିଲା ପରେ ଶ୍ରୀ ମହାନ୍ତି ଲେଖିଲେ ଆର୍ଯ୍ୟଦାସର ଶେଷଲିପି ।

'ଗୋଟିଏ କୁହୁ ଅନେକ ଉହୁ' ଅକ୍ଷୟ ମହାନ୍ତିଙ୍କ ଆଉ ଗୋଟିଏ ଉପନ୍ୟାସ ଯାହାକୁ ଚରିତ ଉପନ୍ୟାସ ଶ୍ରେଣୀଭୁକ୍ତ କରାଯାଏ । ଚରିତ ଉପନ୍ୟାସରେ ବର୍ଣ୍ଣିତ ଚରିତ୍ରଗୁଡ଼ିକ ବାସ୍ତବ ଓ ଜୀବନ, ଚରିତ୍ର ମାନଙ୍କର ଏକ ରୋମାଞ୍ଚଭରା ଉପନ୍ୟାସିତ ରୂପ ନେଇଥାଏ । ଭାଷା ଓ ଭାବପ୍ରବଣତାର ତୁଳିରେ ଚିତ୍ରିତ ସେହି ଚରିତ୍ରମାନଙ୍କ ଛବିରେ ଲେସିହୋଇ ରହିଥାଏ ସେମାନଙ୍କ ବାସ୍ତବ ଜୀବନର ଦୃଶ୍ୟାବଳି । 'ଗୋଟିଏ କୁହୁ ଅନେକ ଉହୁ'ର ନାୟକ ସୁମନ୍ତ ବାସ୍ତବରେ ଜଣେ ଶିଳ୍ପୀ । ତାଙ୍କ ପାରିବାରିକ ଜୀବନର ଉତ୍‌ଥାନ ପତନ, ସଫଳତା ବିଫଳତା, ସାମାଜିକ ଦୁସ୍ଥିତି, ଶିଳ୍ପୀ ପ୍ରାଣର ବ୍ୟଥାର ଗୁଞ୍ଜରଣକୁ ସୁନ୍ଦର ନାଟକୀୟ ଆବେଗତାର କାଚଖଣ୍ଡ ଭିତରେ ସୁଦୃଶ୍ୟ କରି ସଜେଇ ରଖିଛନ୍ତି ଲେଖକ ଅକ୍ଷୟ ମହାନ୍ତି । ଉପନ୍ୟାସରେ ନାୟକ ସୁମନ୍ତଙ୍କର ଆଶା ଓ ଆକାଙ୍‌କ୍ଷାର ନଈ ବାରମ୍ବାର ମରୁନଦୀ ହୋଇ ସମୟର ମରୁଭୂମିରେ ପଥରୁଦ୍ଧ ହୋଇ ଲୁଚିଯାଇଛି । ସୁମନ୍ତଙ୍କର ଆଶାର ଫୁଲ ମଉଳି ଯାଇଛି, ବୃନ୍ତଚ୍ୟୁତ ହୋଇ ମାଟିରେ ଝରି ପଡ଼ିଛି । ଉପନ୍ୟାସକୁ ବର୍ଣ୍ଣିଳ କରିବା ପାଇଁ ମୁଖ୍ୟ ଚରିତ୍ର ସହିତ ଅନେକ ପାର୍ଶ୍ୱ ଚରିତ୍ରର ଅବତାରଣା ମଧ୍ୟ କରାଯାଇଛି । ହେଲେ ସୁମନ୍ତଙ୍କର ନିରବଚ୍ଛିନ୍ନ ଅସହାୟତା, ଅତୃପ୍ତ ଆକାଙ୍‌କ୍ଷା ଏବଂ ଏକାଧିକ ନାରୀ ଚରିତ୍ରମାନଙ୍କ ଆତ୍ମହତ୍ୟା ଏ ଉପନ୍ୟାସକୁ ଟିକେ ଦୁର୍ବଳ କରିଦେଇଛି ବୋଲି ଅନେକ ମତ ଦିଅନ୍ତି । ଅକ୍ଷୟଙ୍କ ଗୋଟିଏ କୁହୁ ଅନେକ ଉହୁରେ ସୁମନ୍ତ କିଏ, ତାହା ଅନେକ ପାଠକମାନେ ସହଜରେ ଅନୁମାନ କରିପାରିବେ ।

'ବାମପନ୍ଥୀ' ହେଉଛି ଅକ୍ଷୟ ମହାନ୍ତି ଭଲ ପାଉଥିବା ଓ ସମ୍ମାନ ଦେଖାଉଥିବା ଜଣେ ଅନ୍ତରଙ୍ଗ ଗାଳ୍ପିକ କଥାକାର ବନ୍ଧୁଙ୍କ ଜୀବନ ଦର୍ଶନ ଉପରେ ଆଧାରିତ ଏକ ଉପନ୍ୟାସ । ବନ୍ଧୁଙ୍କର କମ୍ୟୁନିଷ୍ଟ ଚିନ୍ତାଧାରାର ଝଲକ ଏ ଉପନ୍ୟାସରେ ପରିସ୍ଫୁଟ । ଏହି ଚିନ୍ତାଧାରା ସହିତ ସମାନ୍ତରାଳ ଭାବରେ ନାୟକ ନିଖିଳଙ୍କର ପ୍ରେମାସିକ୍ତ ଯୁବପ୍ରାଣର ଗୀତିମୟ କଥାକୁ ଏ ଉପନ୍ୟାସରେ ମଧ୍ୟ ଉପସ୍ଥାପନା କରାଯାଇଛି ଯାହା ଉପନ୍ୟାସକୁ ରସପୂର୍ଣ୍ଣ କରିଛି । ସୁଲି, ସୁଜାତା, ଶୁଭଦା ପରି ପାର୍ଶ୍ୱ ଚରିତ୍ରମାନେ ହେଉଛନ୍ତି ଏ ଉପନ୍ୟାସର ଗୋଟିଏ ଗୋଟିଏ ସୁନ୍ଦର ଚିତ୍ରକଳ୍ପ । ଉପନ୍ୟାସର ନାୟକ ନିଖିଳ ଗଳ୍ପକାର ଭାବରେ ନିଜ ଜୀବନର ସୂକ୍ଷ୍ମ ଅନୁଭୂତି ଗୁଡ଼ିକୁ ଯାହା ଲେଖିପାରି ନ ଥିଲେ ଅକ୍ଷୟ ମହାନ୍ତି 'ବାମପନ୍ଥୀ'ରେ ତାହା ସୁନ୍ଦର ଭାବରେ ସଜେଇ ଲେଖିଦେଇଛନ୍ତି ।

ତାଙ୍କ ଦ୍ୱାରା ରଚିତ 'ଗାୟକ' ଆଉ ଗୋଟିଏ ଅତ୍ୟନ୍ତ ଉନ୍ମୁକ୍ତ ଜୀବନଧର୍ମୀ ଚରିତ ଉପନ୍ୟାସ ଯାହା ଲେଖକୀୟ ଚମତ୍କାରିତାରେ ପରିପୂର୍ଣ୍ଣ । ଜଣେ ସୁପ୍ରତିଷ୍ଠିତ ସୁନାମଧନ୍ୟ ଗାୟକ ଏ ଉପନ୍ୟାସର ନାୟକ । ଗାୟକ ଜଣେ କଳାକାର । ଗାୟକ ଗୀତ ଗାଇ ଶ୍ରୋତାଙ୍କର ମନୋରଞ୍ଜନ କରେ, ମାତ୍ର ଦୁଃଖର ଗୁଞ୍ଜନରେ ନିଜେ ଦଂଶିତ ହୋଇ ବଞ୍ଚି ରହିଥାଏ । ଗାୟକ ଜୀବନର ଉଲ୍ଲାସ ଓ ଯନ୍ତ୍ରଣାର କାହାଣୀକୁ ସାଉଁଟି ନେଇ ଅକ୍ଷୟ ଏ ଚରିତ ଉପନ୍ୟାସ ଲେଖିଛନ୍ତି । ଜଣେ ଗାୟକର ଉଲ୍ଲସିତ ମୁହୂର୍ତ୍ତର ଫୁଆରା ଓ ଅନ୍ତର୍ନିହିତ ବ୍ୟଥାର ସ୍ଫୁଲିଙ୍ଗକୁ ଏକତ୍ରିତ କରି ଏ ଉପନ୍ୟାସର କାହାଣୀ ଲେଖା ହୋଇଛି । ଅକ୍ଷୟ ନିଜେ ଜଣେ ଗାୟକ । ତେଣୁ ଜଣେ ଗାୟକର ଜୀବନ କାହାଣୀକୁ ସେ ଭଲଭାବରେ ହୃଦୟଙ୍ଗମ କରିପାରିଥିଲେ । ତେଣୁ 'ଗାୟକ' ଉପନ୍ୟାସ ଜଣେ କଳାକାରର ଏକ ମାର୍ମିକ ବାସ୍ତବ ଅଭିବ୍ୟକ୍ତି ।

ଅକ୍ଷୟ ମହାନ୍ତି ସାହିତ୍ୟ ଓ ସଙ୍ଗୀତର ଛଅ ଋତୁ । ଗଳ୍ପ, ଉପନ୍ୟାସ, କାହାଣୀ ଲେଖିବା ଯଦି ତାଙ୍କ ଜୀବନର ତିନୋଟି ଋତୁ ହୁଏ ତବେ ଗୀତ ଲେଖିବା, ଗୀତର ସୁର ଦେବା ଓ ଗୀତ ଗାଇବା ତାଙ୍କ ଜୀବନର ଅନ୍ୟ ତିନୋଟି ଋତୁ । ସେ ହେଉଛନ୍ତି ଏକ ଅମୂଲ୍ୟ ରୌପ୍ୟ ମୁଦ୍ରା, ଯାହାର ଗୋଟିଏ ପଟେ ଅଛି ତାଙ୍କର ସାହିତ୍ୟର ଛବି ଓ ଅନ୍ୟ ପଟରେ ଅଛି ତାଙ୍କ ସଙ୍ଗୀତର ଛବି । ସଙ୍ଗୀତରେ ସେ ଥିଲେ ଜଣେ ଯୋଗଜନ୍ମା ସିଦ୍ଧ ପୁରୁଷ । ସେ ଆଜୀବନ ସଙ୍ଗୀତ ସାଧକ । ସଙ୍ଗୀତ ଆକାଶରେ ସେ ଥିଲେ ଗୋଟିଏ ଝଡ଼ର ଇଗଲ୍ ଯିଏ ଗୋଟିଏ ଉଚ୍ଚ ଗିରିଶୃଙ୍ଗରୁ ଆଉ ଏକ ଗିରି ଶୃଙ୍ଗକୁ ଉଡ଼ି ବୁଲୁଥିଲେ । ଗୀତ ଲେଖିବା ହେଉ, ଗୀତର ସଙ୍ଗୀତ ରଚନା ହେଉ ବା ଗୀତ ଗାଇବା

ହେଉ, ସବୁଥିରେ ସେ ଥିଲେ ଏକ 'Royal Model' । ସଙ୍ଗୀତକୁ ଗୋଟିଏ ଯୁଗରୁ ଆଉ ଗୋଟିଏ ଯୁଗକୁ ବିସ୍ତାରିତ କରିବାର କ୍ଷମତା ଓ ଦକ୍ଷତା ତାଙ୍କ ପାଖରେ ଥିଲା । ସେ ବଞ୍ଚିରହିଥିବା ସମୟ ଅବଧିକୁ ସଙ୍ଗୀତର ଅକ୍ଷୟ ମହାନ୍ତି ଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନେକ ଗାୟକ ଗୀତ ଗାଉଥିଲେ, ହେଲେ ତାଙ୍କଠାରୁ ଅଧିକ ଚର୍ଚ୍ଚିତ ଗାୟକ କେହି ନ ଥିଲେ । ଅନେକ ସଙ୍ଗୀତଜ୍ଞ ସଙ୍ଗୀତ ରଚନା କରୁଥିଲେ, ହେଲେ ତାଙ୍କଠାରୁ ଅଧିକ ଚର୍ଚ୍ଚିତ ସଙ୍ଗୀତଜ୍ଞ କେହି ନ ଥିଲେ । ସଙ୍ଗୀତର ସେ ଥିଲେ ଏକ ଅନୁଷ୍ଠାନ-ଏକ ସ୍ମାରକ ସ୍ତମ୍ଭ ।

ଅକ୍ଷୟ ତାଙ୍କ ଜୀବନରେ ସବୁ ପ୍ରକାରର ଗୀତ ଲେଖିଛନ୍ତି ଓ ଗାଇଛନ୍ତି । ସେ ଯାହା ଗାଇଲେ ବି ଶୁଣିବାକୁ ବହୁତ ଭଲ ଲାଗୁଥିଲା । ଅକ୍ଷୟ ତାଙ୍କର ସଙ୍ଗୀତ ଜୀବନର ପ୍ରଥମ ଦଶନ୍ଧିରେ ହିଁ ସରଳ ମନଛୁଆଁ ଗୀତର ପ୍ରତୀକ ହୋଇଯାଇଥିଲେ । ଅନେକ ପଲ୍ଲୀଗୀତ ଗାଇ ସେ ଅବିଶ୍ୱସନୀୟ ଜନପ୍ରିୟତା ହାସଲ କରିପାରିଥିଲେ । ସେସବୁ ଗୀତର ସରଳତା ଓ ତାଙ୍କ ଗୀତ ଗାଇବା ଶୈଳୀର ସାବଲିଳତା ସମସ୍ତଙ୍କୁ ମୁଗ୍ଧ କରିଥିଲା । ଏକ ଅଦ୍ଭୁତ ମାୟାଜାଲରେ ଶ୍ରୋତାମାନଙ୍କୁ ମାୟାଛନ୍ନ କରିପାରିଥିଲେ ତରୁଣ ଅକ୍ଷୟ । ତାଙ୍କର ପଲ୍ଲୀ ବ୍ୟଥିକାର କେତୋଟି ଅଭୁଲା ଗୀତ ହେଲା,

★ ସେ ଦିନ ସଞ୍ଜବେଳେ ଏଇ ସେ ନଈ କୂଳେ
କୋଇଲି ରହି ରହି ହାଏରେ, କୁହୁ କୁହୁ କୁହୁ କୁହୁ ଗାଇଲା

★ ଗୁରୁବାରୀ ଲୋ ଗୁରୁବାରୀ, ଜନମ ନେଲୁ ତୁ ଗୁରୁବାରେ ବୋଲି
ଶରଧାରେ ନାଆଁ ଦେଲେ ତୋହରି, ଗୁରୁବାରୀ ଲୋ ଗୁରୁବାରୀ

★ ସବାରୀ ଚଳେରେ ଧୀରେ ଧୀରେ, ତା ମୁଦି ପଡ଼ିଛି ଏଇ ନଦୀରେ
ସେ ମୁଦି ତା'ର ପ୍ରାଣୁ ଅଧିକ ଖୋଜି ଆଣିବାକୁ କହିଛି ଜିଗରେ

★ ସାପୁଆ କେଳାରେ ସାପୁଆ କେଳା
କଳା ନାଗୁଣୀର ବିଷ ଫଣା ତଳେ, ଦୋହଲାଇ ହାତ ଦେଖାଉ କେଳା ।

★ ଶଶୁର ଘରକୁ ରେ ଜୋଇଁ ପୁଅ ଗଲା,
ବଡ଼ ସନମାନେ ପିଢ଼ା ପାଣି ଦେଲା ।

କେହି କେବେ ଭୁଲି ପାରିବେନି ତରୁଣ ଅକ୍ଷୟଙ୍କ ସେ ଦିନର ପଲ୍ଲୀଗୀତ ଗାୟନରେ ଭରି ରହିଥିବା କୁହୁକ ଓ ମହକ । ସେଥିପାଇଁ ଓଡ଼ିଶାର ପୁରପଲ୍ଲୀରେ ଏ ସବୁ ଗୀତ ଚହଳ ପକାଇ ଦେଇଥିଲା । ଆବାଳ ବୃଦ୍ଧ ବନିତା ସମସ୍ତେ ଏ ସବୁ ଗୀତକୁ

ଗାଇବାକୁ ଚେଷ୍ଟା କରୁଥିଲେ । ଅକ୍ଷୟ ମହାନ୍ତିଙ୍କର ପଲ୍ଲୀଗୀତ ଏବେବି ଜନପ୍ରିୟତାର ଶୀର୍ଷରେ ରହିଛି ।

ଅକ୍ଷୟଙ୍କ ଜୀବନରେ ସଙ୍ଗୀତ ଥିଲା ଏକ କ୍ୟାନ୍‌ଭାସ ଓ ତାଙ୍କର ଗୀତ ଥିଲା ରଙ୍ଗ ଓ ତୂଳି । ଅନେକ ସୁନ୍ଦର ଗୀତ ସେ ଲେଖିଯାଇଛନ୍ତି ନିଜ ପାଇଁ ଓ ଅନ୍ୟ ଗାୟକ ଗାୟିକା ମାନଙ୍କ ପାଇଁ । ତାଙ୍କର ଗାୟନ ଅନେକ ଗୀତକୁ ଅମର କରିଦେଇଛି । ସଙ୍ଗୀତ କ୍ଷେତ୍ରରେ ସେ ଥିଲେ ଜଣେ ଗଭୀର ଆତ୍ମବିଶ୍ୱାସୀ ସଙ୍ଗୀତ-ସୁରର୍ଷି । ଗାୟକ ଅକ୍ଷୟ ବୋଧହୁଏ ସବୁଠୁ ବେଶି ଭଲ ପାଉଥିଲେ ଗୀତିକାର ଅକ୍ଷୟଙ୍କୁ । ତାଙ୍କର ଅନେକ ଗୀତରେ ମନେହୁଏ ସତେ ଯେମିତି ଗୀତ ଭିତରେ କେହି ଜଣେ ଭାବପ୍ରବଣତାର ରାଜମହଲ ଭିତରେ ଲୁଚି ରହିଛି । ଜୀବନରେ ଦୁଃଖ ଆଉ ଲୁହ ଚିର ସାଥି । ସ୍ୱପ୍ନ ଆଉ ପ୍ରେମ ମଧ୍ୟ ଦୁଇ ସାଥି । ହୃଦୟ ଆଉ ପ୍ରେମିକା ମଧ୍ୟ ଦୁଇ ସାଥି । ଏମାନଙ୍କ ବିନା ଗୀତ କେବେ ଲେଖା ହୋଇପାରେନା । ଦୁଃଖ ବିନା ଜୀବନ ଭିକ୍ଷା କଲେ ମଧ୍ୟ ଈଶ୍ୱର ଦିଅନ୍ତି ନାହିଁ । ସବୁ ଜୀବନରେ ଦୁଃଖର ଝୋଟିରେ କିଛି କାହାଣୀର ଚିତ୍ର ଅଙ୍କା ହୋଇଥାଏ । ଆଉ ସେହି ଦୁଃଖ ପାଇଁ କେବେ କେବେ କାହାର ଆଖିରୁ ଟୋପା ଟୋପା ଲୁହ ଝରିପଡ଼େ । ସେଥିପାଇଁ ଅକ୍ଷୟ ସେ ଲୁହ, ସେ ଦୁଃଖ, ସେ ଯନ୍ତ୍ରଣା, ସେ ପ୍ରତାରଣାକୁ ନେଇ ଅନେକ ହୃଦୟସ୍ପର୍ଶୀ ଗୀତ ଲେଖିଛନ୍ତି ଓ ଗାଇଛନ୍ତି ଯାହା ଶ୍ରୋତାମାନଙ୍କୁ ପାଗଳ କରିଦିଏ । ଲୁହର ପାହାଚରେ ବସି ଅକ୍ଷୟ ଗାଇଥିଲେ :

★ ଜହର କି ସୁରା, ଅବା ଆଖି ଲୁହ
ସବୁ ତ ପିଇବା ପାଇଁ
ମୋ ପରେ ଆଉ କିଏ ଅଛି ଭଲା
ଏ ସବୁ ପିଇବା ପାଇଁ ।

ଏକ ଶୂନ୍ୟ ଘରେ ଅକ୍ଷୟ ଦିନେ ଶୁଣିଥିଲେ ହତାଶାର ପ୍ରତିଧ୍ୱନି । ତାଙ୍କ ନିଃସଙ୍ଗତାର ବ୍ୟଥା ଓ ଯନ୍ତ୍ରଣାର ଦୁଃଖରେ ସେ ଭାଙ୍ଗିପଡ଼ିଥିଲେ । ତାଙ୍କର ସେହି ଭଙ୍ଗା ମନର ଗୀତଟିଏ ହେଲା :

★ ଏମିତି ଏକ ବଗିଚାରେ ମୁଁ ବାନ୍ଧିଛି ମୋର ଘର
ଯହିଁ ଫୁଲ ବି ନୁହେଁ ମାଳୀ ବି ନୁହେଁ
କଣ୍ଟା ବି ନୁହେଁ ମୋର ।

ଜୀବନ ନାଟକରେ ବେଳେବେଳେ ପ୍ରେମ ଆଦ୍ୟ ପର୍ବ ହେଲେ, ପ୍ରତାରଣା ସେ ନାଟକର ଶେଷ ପର୍ବ ହୋଇଥାଏ । ଯେଉଁ ପ୍ରେମିକ ଦିନେ ହାତରେ ହୀରାର ପିଆଲା ଧରି ଆସିଥାଏ, ସିଏ ପୁଣି ଦିନେ ହୀରାର ଛୁରିରେ ହୃଦୟକୁ କାଟିଦେଇ ରକ୍ତାକ୍ତ କରିଦିଏ । ପ୍ରତାରଣାର କାହାଣୀକୁ ଅକ୍ଷୟ ସୁନ୍ଦର ଭାବ ଓ ଭାଷାରେ ସଜାଇ ଦେଇଛନ୍ତି ଏ ଗୀତରେ :

★ ହସରେ ତାର ଫୁଟାଇ କେତେ ଆଶାର ଚମ୍ପାକଢ଼ି
ଆସିଲା ସିଏ ଚଇତିସମ ଗଲା ସେ ଝଡ଼ ପରି
ତାହାରି ପାଇଁ ରହିଲି ରହିଁ କାଚର ଘର ତୋଳି
ଜାଣି ନ ଥିଲି ଝିଅଟି ସିଏ ହୀରାର ଏକ ଛୁରି ।

ଅନେକଙ୍କ ପାଇଁ ଜୀବନଟା କେବଳ ଖୋଜିବାରେ ହିଁ ସରିଯାଏ । ପ୍ରତୀକ୍ଷାର ଲମ୍ବାରାସ୍ତା କେବେବି ସରେନା । ଖୋଜିବାରେ ବୋଧହୁଏ କେଉଁଠି କିଛି ଭୁଲ୍ ରହିଯାଇଥାଏ । ହିମଝରା ରାତିରେ ରୌଦ୍ରର ଉଷ୍ଣତା ମିଳେନା ଓ ଅଗ୍ନିବର୍ଷି ମଧ୍ୟାହ୍ନରେ ଶୀତ ରାତିର ଝିଲ୍ଲୀର ସିଞ୍ଜନ ଶୁଭେନା । ଏମିତି ଏକ ନିରାଶାର ଫୁଲ ଫୁଟିଛି ଅକ୍ଷୟଙ୍କ ଏ ସୁନ୍ଦର ଗୀତରେ

★ ସୂର୍ଯ୍ୟ ଖୋଜେ ସଞ୍ଜବତୀ ପ୍ରଦୀପ ଖୋଜେ ହିମର ଝଡ଼
ଜୀବନ ଖୋଜେ ମଶାଣି ଫୁଲ ମରଣ ଖୋଜେ ସୁଖର ନୀଡ଼
ମୁଁ ଯେ ଖୋଜେ ତୁମକୁ ତୁମକୁ ତୁମକୁ
ପ୍ରେମ ଯେ ଖୋଜେ ପ୍ରେମକୁ ପ୍ରେମକୁ ପ୍ରେମକୁ ।

ମନର ରାଜଉଆସରୁ ଯେତେବେଳେ ରାଜନନ୍ଦିନୀ ହଜିଯାଏ ସେତେବେଳେ କାଲିର କାହାଣୀ ଆଜିର ସ୍ମୃତି ହୋଇଯାଏ । ବିରହର ଯମୁନା ତଟରେ ବେଦନାର ବଂଶୀ ବାଜେ । ଆଉ ସେହି ବଂଶୀସ୍ୱନରେ ମନେପଡ଼େ କାହାର ଝାପ୍‌ସା ଝାପ୍‌ସା ମୁହଁ । ସେହି ଲୁହ ଆଉ ସେହି ମୁଁହ ଅକ୍ଷୟଙ୍କ ପାଇଁ ହୋଇଗଲା ଏକ ଅଭୁଲା ଗୀତ :

★ ଗୋପନରେ ଝରିଯିବା ଲୁହ
ବିଗତ ରେ ହଜିଯିବା ମୁହଁ
ଏ ସବୁ ଯାତନାର ଚିରସ୍ରୋତା ସୁଅ ।

ଦୁଃଖ ଆଉ ଯନ୍ତ୍ରଣା ଆଣିଦିଏ ଜୀବନର ଶ୍ରେଷ୍ଠଗୀତ । ଅକ୍ଷୟ ତାଙ୍କର ଅନେକ ଗୀତରେ ଏକଥା ପ୍ରମାଣିତ କରିଛନ୍ତି । ସେମିତି ସ୍ମୃତିକୁ ନେଇ ଅନେକ ଗୀତ ଲେଖା

ହୋଇଛି ହେଲେ ଅକ୍ଷୟଙ୍କ ସ୍ମୃତି ତୁମେ ଶ୍ରାବଣ ରାତି ସବୁ ସ୍ମୃତି ଗୀତଠାରୁ ଅଲଗା । ଏ ଗୀତରେ ସ୍ମୃତିର ଚିତ୍ରକଳ୍ପ ଅନନ୍ୟ । ଅକ୍ଷୟଙ୍କ ଆଖିରେ ସ୍ମୃତିର ଅତ୍ୟନ୍ତ ଭାବମୟ ମର୍ମସ୍ପର୍ଶୀ ରୂପନ୍ୟାସ ହେଲା :

ସ୍ମୃତି - ଅଦେଖା ଚଇତି ଛୁଆଁ
ସ୍ମୃତି - ପାଉଁଶ ତଳର ନିଆଁ
ସ୍ମୃତି – ମନ୍ଦିର ମୁଖଶାଳା
ସ୍ମୃତି – କରୁଣ ଚନ୍ଦ୍ରକଳା
ସ୍ମୃତି - ପାଠଶାଳାରେ ଅଙ୍ଗାରେ ଲେଖା ନାଆଁ
ସ୍ମୃତି - ବିଗତ ପ୍ରିୟାର ଗାଆଁ
ସ୍ମୃତି – ଫିକା ଅଳତାର ଦାଗ
ସ୍ମୃତି – ଦାରୁଣ ଅସ୍ତରାଗ
ସ୍ମୃତି - ଅଫେରା ନଈରେ କାଗଜ ତିଆରି ନାଆ
ସ୍ମୃତି - ମୋର ଅତି ପ୍ରିୟତମ ଆହା

ଦଶ ଧାଡ଼ିର ଏହି ହୃଦୟସ୍ପର୍ଶୀ ଗୀତରେ ସ୍ମୃତିର ଯେଉଁ ଦୃଶ୍ୟକଳ୍ପ ପ୍ରଦାନ କରାଯାଇଛି, ତାହା ଅକ୍ଷୟଙ୍କ କବିତା ଲେଖିବା କଳାକୁ ଗଗନଚୁମ୍ବୀ କରିଦେଇଛି ।

ଅକ୍ଷୟ ସଙ୍ଗୀତରେ ଅନେକ ନୂତନତାର ପ୍ରବର୍ତ୍ତକ ଥିଲେ । ସେ ଓଡ଼ିଆ ଗୀତର ଦ୍ରୁତ ଆଧୁନିକୀକରଣର ବର୍ଣ୍ଣଲିପି । ସେ ଗୀତକୁ ନେଇ ଅନେକ ପରୀକ୍ଷା ନିରୀକ୍ଷା କରୁଥିଲେ । ସେହି ମନ୍ଥନରୁ ସୃଷ୍ଟି ହୋଇଥିଲା ଓଡ଼ିଆ ଗୀତିକବିତା ଇତିହାସର ପ୍ରଥମ rap ଗୀତ ଯାହା ଅନ୍ୟ ଗୀତମାନଙ୍କଠାରୁ ସମ୍ପୂର୍ଣ୍ଣ ଅଲଗା । rap ଗୀତ ଲେଖିବା ଓ ଗାଇବା ଶୈଳୀ ସମ୍ପୂର୍ଣ୍ଣ ଅଲଗା । rap ଗୀତର ସୁର ସର୍ଜନା ମଧ୍ୟ ଅଲଗା ଭାବରେ କରାଯାଏ, ଯେଉଁଥିରେ ଗୋଟିଏ ଛନ୍ଦର ବାରମ୍ବାର ପୁନରାବୃତ୍ତି ହୁଏ । ଅକ୍ଷୟଙ୍କ କଣ୍ଠରେ ଓଡ଼ିଆ ସଙ୍ଗୀତର ପ୍ରଥମ rap ଗୀତ ସମସ୍ତଙ୍କୁ ଏକ ନୂତନ ସାଙ୍ଗୀତିକ ସ୍ୱାଦ ଚଖାଇଥିଲା । ଦେବଦାସ ଛୋଟରାୟଙ୍କ ଦ୍ୱାରା ରଚିତ ଓ ଅକ୍ଷୟଙ୍କ ଦ୍ୱାରା ସ୍ୱରବଦ୍ଧ ସେ ଗୀତଟି ହେଲା-

★ ଯିବାକୁ ହେବ ଅନେକ ଦୂର
ଛାଡ଼ି ଏ ଘର ଏଇ ସହର

ଲୋକବାକ   ମଣିଷ ଭିଡ଼
ଯିବାକୁ ହେବ ଅନେକ ଦୂର ।

ଆକାଶବାଣୀ କଟକରେ ପ୍ରଥମ ଥର ପାଇଁ rap ଶୈଳୀରେ ତିନୋଟି ଗୀତ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ବାଜିଥିଲା । ତାହା ହେଲା :

ଡଲି ମାଉସି ଦଉଛି ହସି
ଖାଉଛି ପାନ ହଉଛି ଖୁସି ।

rap ଧର୍ମୀ ଆଉ ଗୋଟିଏ ଗୀତ ହେଲା,

ବହି ଯାଉଥିଲା କୁସୁମୀ ନଈ
ନଈ କୂଳେ କୂଳେ ବନର ଛାଇ ।

ଏ ଦୁଇଟି ଗୀତର ନବୀନତା ସେତେବେଳେ ଶ୍ରୋତାମାନଙ୍କୁ ଏକ ନୂଆ ସଙ୍ଗୀତଧାରାରେ ବିମୋହିତ କରିଦେଇଥିଲା ।

ଗୀତିକବି ଅକ୍ଷୟଙ୍କ ଅନେକ ଗୀତରେ ନିଜେ ଅକ୍ଷୟ ହିଁ ସୂତ୍ରଧର । ସେଥିପାଇଁ ସେ ତାଙ୍କର ଅନେକ ଗୀତରେ ନିଜକୁ ଚରିତ୍ର କରିଦେଇ ଶେଷ ପଂକ୍ତିରେ ନିଜ ନାମକୁ ଜୋଡ଼ି ଦିଅନ୍ତି । ସେମିତି କେତୋଟି ଗୀତ ନିମ୍ନରେ ଉପସ୍ଥାପିତ ହୋଇଛି ଯାହା ତାଙ୍କ ନିର୍ଭୀକ ଆତ୍ମବିଶ୍ୱାସର ପରିଚୟ ଦିଏ ।

★ ଅକ୍ଷୟ ନାମେ କଳଙ୍କ ରଟାଇ   କିଏ ଦୋଷ ଦିଏ କେତେ
ତା'ର ଅପରାଧ ଏତିକି ଯେ ସିଏ   ଭଲ ପାଉଥିଲା ତତେ ।

★ ଅକ୍ଷୟ ଏକ ଅବୁଝା ମଣିଷ ତାକୁ ବୁଝାଇବ କିଏ
ସେ ତ ନିଜେ କହେ କାମ ସରିଗଲେ ତମେ କିଏ ଆମେ କିଏ

★ ବହୁତ ଆସିବେ ବହୁତ ଗାଇବେ
ଜଣେ ରହିଯିବ ଅକ୍ଷୟ
ଯେ ଗୀତ ଗାଇଲେ ଅଜାଣତେ ସେ ତ
ଦୋହଲାଇ ଦିଏ ହୃଦୟ

★ ନିମିଷେ ଲାଗିନି ସେଇ ଝିଅଟିର ହୃଦୟ ବଦଳିବାକୁ
ଯିଏ କହୁଥିଲା କାମଦେବ ପରି ଅକ୍ଷୟ ଦେଖିବାକୁ

ଅକ୍ଷୟ ଲେଖିଥିବା ଓ ଗାଇଥିବା ଗଜଲ ଉପରେ ଆଲୋକପାତ ନ କଲେ ଅକ୍ଷୟଙ୍କ ସଂଗୀତ କୃତିର ସମୀକ୍ଷା କେବେ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ । ଗଜଲ

ହେଉଛି ନିବିଡ଼ ପ୍ରେମ ମଧୁର ଭକ୍ତି । ଅସୀମ ପ୍ରେମସିକ୍ତ କାମନାର ପରିପ୍ରକାଶ ହେଉଛି ଗଜଲ । ଗଜଲରେ ଥାଏ ଶବ୍ଦର ଛନ୍ଦ, ଗାନଧର୍ମିତା ଓ ଅତ୍ୟନ୍ତ ହୃଦୟସ୍ପର୍ଶୀ ଭାବବିହ୍ୱଳତା । ଗଜଲ ଲେଖାର ଅନେକ ପ୍ରମୁଖ ଗୁଣାତ୍ମକ ପରିଚୟ ଅଛି ଯାହା ଗଜଲକାରମାନେ ବୁଝି ଗଜଲ ଲେଖିଥାନ୍ତି । ତେଣୁ ଗଜଲର କାବ୍ୟିକ ପରିଚୟ ସ୍ୱତନ୍ତ୍ର । ଗଜଲର ବ୍ୟାକରଣ ନ ଜାଣିଥିବା ଶ୍ରୋତାମାନଙ୍କୁ ମଧ୍ୟ ଗଜଲ ବହୁତ ଭଲ ଲାଗେ । ପ୍ରେମଜନିତ ଆକୁଳତା, ପ୍ରବଣତା, ଅଧିରତା, ବିଷନ୍ନତା, ପ୍ରେମରହିତ ନିଃସଙ୍ଗ ଜୀବନର ସ୍ୱପ୍ନାୟିତ କାମନା ଗଜଲ-ଧର୍ମୀ ଗୀତର ଆଧାର ହୋଇଥାଏ । ବାସ୍ତବରେ ଗଜଲ ହେଉଛି ପ୍ରେମର କଲ୍ଲୋଳିନୀ ।

ଅକ୍ଷୟ ତାଙ୍କ ଆଦ୍ୟଯୌବନ କାଳରୁ ଗଜଲ ପ୍ରତି ଆକର୍ଷିତ ହୋଇଥିଲେ । ଗଜଲର ଉତ୍ସ ଥିଲା ଇରାନୀ ଉର୍ଦ୍ଦୁ ସାହିତ୍ୟ । ଗଜଲ ଜଗତର ଅତ୍ୟନ୍ତ ସୁପରିଚିତ ଗଜଲକାର ହେଉଛନ୍ତି ମିର୍ଜା ଗାଲିବ । ତାଙ୍କର ଗଜଲ ରଚନା ଅକ୍ଷୟଙ୍କୁ ବହୁତ ପ୍ରଭାବିତ କରିଥିଲା । ୧୯୬୦ ମସିହା ସୁଦ୍ଧା ଓଡ଼ିଆ ଗୀତି କବିତାରେ ଗଜଲର ପ୍ରବେଶ ନ ଥିଲା । ଅକ୍ଷୟ ପ୍ରଥମ କରି ଓଡ଼ିଆରେ ଗଜଲ ଲେଖିଲେ । ୧୯୬୮ ମସିହାରେ ପ୍ରକାଶିତ 'ଗୀତି' କବିତାଗୁଚ୍ଛରେ ଅକ୍ଷୟଙ୍କ ଦ୍ୱାରା ରଚିତ ୩୧ଟି ଗଜଲ ସ୍ଥାନ ପାଇଥିଲା । ଓଡ଼ିଆ ଭାଷାରେ ଗଜଲ ଲେଖିବାର ଏହା ଥିଲା ପ୍ରଥମ ମୌଳିକ ପ୍ରୟାସ । ପରବର୍ତ୍ତୀ କାଳରେ ଡଃ ରେଣୁ ମିଶ୍ରଙ୍କ ଦ୍ୱାରା ସମ୍ପାଦିତ ଅକ୍ଷୟ ମହାନ୍ତିଙ୍କ ଏକ ବିସ୍ତାରିତ ଗଜଲ ସଂକଳନ 'ମଧୁଶାଳା' ଶ୍ରୀଯୁକ୍ତ ଜଗନ୍ନାଥ ରଥଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା । ଅକ୍ଷୟ ଲେଖିଥିବା ଅତ୍ୟନ୍ତ ହୃଦୟସ୍ପର୍ଶୀ କେତୋଟି ଗଜଲ ହେଲା-

★ ଅକ୍ଷୟ ସେ ତ ଜଳି ଜଳି ଶେଷେ
ଦେଇଛି ଉଦାସେ ଥୋଇ
ସୁନ୍ଦରୀଙ୍କର ଫେରିବା ବାଟରେ
ହୃଦୟକୁ ଦୀପ କରି ।

★ ହାୟ ଦି ଥରେ କହିଥାନ୍ତା ଥରେ
ହୃଦୟ ତାହାର ଖୋଲି
ଯେ ଅକ୍ଷୟ ଲାଗି ଜୀଇଁଥିଲି ଆଉ
ଅକ୍ଷୟ ଲାଗି ମରିଲି ।

★ ଏମିତି ଲୋଡ଼ା ନାୟିକାଟିଏ ଆସି ଯେ ଏକ ରାତି
କାହାଣୀ କହି ବିତାଇ ଦେବ ହଜାରେ ଏକ ରାତି ।
★ ଅକ୍ଷୟ ରହେଁ ହସି ହସି ଦିନେ ଋଲିଯିବ ଦୁନିଆରୁ
ତା ଆତ୍ମା ଦେଖିବ କେତେ ଛଳନାର ଲୋକଙ୍କ ଲୁହର ଭାଷା ।

ଗଜଲରେ ନିଜର ନାମକୁ ବ୍ୟବହାର କରିବା ଧାରାକୁ 'ମକ୍ତା' କୁହାଯାଏ । ଅକ୍ଷୟ କେବଳ ଆତ୍ମବିଶ୍ୱାସୀ ନ ଥିଲେ ଆତ୍ମଲୋଭି ମଧ୍ୟ ଥିଲେ । ତେଣୁ ନିଜ ନାମକୁ ବ୍ୟବହାର କରି ସେ ଅନେକ ଗଜଲ ଲେଖିଛନ୍ତି ଯାହା ଉପରୋକ୍ତ ଉପସ୍ଥାପନାରେ ସୁସ୍ପଷ୍ଟ । ଅକ୍ଷୟ ହେଉଛନ୍ତି ଓଡ଼ିଆ ଭାଷାରେ ଗଜଲ ଲେଖାର ପଥ ପ୍ରଦର୍ଶକ । ଗଜଲ ଶୈଳୀର ପ୍ରୟୋଗ ଗୀତିକବିତାକୁ ଅତ୍ୟନ୍ତ ଆକର୍ଷଣୀୟ କରିଦିଏ । ଗୀତ ଲେଖାର ସମ୍ପ୍ରତି କାଳରେ ଏବେ ଗଜଲର ଶୈଳୀ, ଓଡ଼ିଆ ଗୀତିକବିତାର ଏକ ଆଙ୍ଗିକ ରୂପ ହୋଇଯାଇଛି । ଏହା ଅକ୍ଷୟଙ୍କ ଯୋଗୁ ହିଁ ସମ୍ଭବପର ହୋଇଛି ।

ଅକ୍ଷୟ ମହାନ୍ତିଙ୍କ ସବୁଠାରୁ ଅଧିକ ଜାଜ୍ୱଲ୍ୟମାନ ପରିଚୟ ହେଲା ଗାୟକ ଅକ୍ଷୟ । ସେ ଥିଲେ ଏକ Singing Sensation । ତାଙ୍କ କଣ୍ଠରୁ ନିଃସୃତ ଧ୍ୱନିର ଚାରିତ୍ରିକ ଗୁଣ (Timbee)ରେ ଥିଲା ଏକ ଯାଦୁକରୀ କୁହୁକ ଯାହା ଈଶ୍ୱରଙ୍କ କୃପାରୁ ସେ ପାଇଥିଲେ । ତାଙ୍କ କଣ୍ଠରେ ଥିଲା ଗୁରୁଗମ୍ଭୀର ନିନାଦ, ଦୁଃଖର ନିର୍ଝରିଣୀ, ଆନନ୍ଦ ଓ ଉଲ୍ଲାସର କ୍ଷୀପ୍ରତ ଗାମିନୀ ତଟିନୀ ଓ ଭକ୍ତିଭାବର ପାବନୀ । ସେ ଥିଲେ ଏକ ବିସ୍ମୟକର ଗାୟକ, ଯିଏ ସବୁ ପ୍ରକାରର ଗୀତ ଗାଇ ଶ୍ରୋତାମାନଙ୍କ ମନ କିଣି ନେଉଥିଲେ । ଗୀତିନାଟ୍ୟରେ ଗୀତ ଗାଇବାବେଳେ ସେ ନାଟକର ଚରିତ୍ର ଭିତରେ ନିଜକୁ ସମ୍ପୂର୍ଣ୍ଣ ହଜାଇ ଦିଅନ୍ତି । ତାଙ୍କର ଗାୟନ ଯୋଗୁ ଗୀତିନାଟ୍ୟର ଚରିତ୍ରମାନେ ଜୀବନ୍ତ ହୋଇଉଠନ୍ତି । ଆକାଶବାଣୀ, ଟେଲିଭିଜନ ଓ କ୍ୟାସେଟ୍‌ରେ ଗୀତିନାଟ୍ୟ ପାଇଁ ସେ ଗାଇଥିବା ଗୀତ ଗୀତିନାଟ୍ୟଗୁଡ଼ିକୁ ରସାଣିତ କରିଦେଇଛି । ଶ୍ରୋତାମାନେ କେବେବି ଭୁଲିବେ ନାହିଁ 'ଜନ୍ମାଷ୍ଟମୀ' ଗୀତିନାଟ୍ୟରେ କଂସର ଡଗର ପାଇଁ ସେ ଗାଇଥିବା ଗୀତ-

★ ମଥୁରା କଟକ ହାଟ ଲୋ   ଯମୁନା ନଈର ଘାଟ
ମୁଁ କଂସର ଡଗର ଧାଏଁ ତରତର   ଛାଡ଼ିଦେ ଛାଡ଼ିଦେ ବାଟ ଲୋ
ଛାଡ଼ିଦେ ଛାଡ଼ିଦେ ବାଟ ।

ଏକକ କଣ୍ଠରେ କୌଣସି ଜୀବନ କାହାଣୀ ବା ଘଟଣା ଉପରେ ଆଧାରିତ ଦୀର୍ଘ ଅବଧିର ଗୀତ ଗାଇବାରେ ସେ ଥିଲେ ଧୁରନ୍ଧର । ଏ ପ୍ରକାରର ଗୀତ ଗାଇବାରେ ସେ

ଓଡ଼ିଆ ସଙ୍ଗୀତ କ୍ଷେତ୍ରରେ ଏକ ସମ୍ପୂର୍ଣ୍ଣ ନୂତନ ଧାରା ସୃଷ୍ଟି କରିଥିଲେ । ବିଶେଷକରି ଆକାଶବାଣୀ ପାଇଁ ସେ ଏ ପ୍ରକାରର ଗୀତ ବହୁତ ଗାଇଥିଲେ ଯାହା ଜନପ୍ରିୟତାର ଶୀର୍ଷରେ ପହଞ୍ଚି ପାରିଥିଲା । ଏକକ କଣ୍ଠରେ ତାଙ୍କର ଚିର ସବୁଜ ଗୀତଗୁଡ଼ିକ ହେଲା- 'ବାଜି ରାଉତ', କୋଣାର୍କ ଗାଥା', 'ସଞ୍ଜ ସକାଳ', 'ଆମରି ଗାଁ', 'ଚେତନା', 'ଅଣଋଣ ପବନ', 'ସଲୀଳର ପୃଷ୍ଟ', 'ଯୌବନ' । ଏ ପ୍ରକାରର ଗୀତ ଗାଇଲା ବେଳେ ସେ ନିଜ କଣ୍ଠରେ ଏକ ଦୃଶ୍ୟ (vision) ସୃଷ୍ଟି କରନ୍ତି, ଯାହା ଅତ୍ୟନ୍ତ ଆକର୍ଷଣୀୟ ହୋଇଥାଏ ।

'ବାଜିରାଉତ' ଏକକ କଣ୍ଠ ସଙ୍ଗୀତକୁ ଏକ ଉଦାହରଣ ରୂପେ ନିଆଯାଇପାରେ । ଏ ଗୀତରେ ଅକ୍ଷୟଙ୍କ କଣ୍ଠରେ ଶୁଣିବାକୁ ମିଳେ ବାଜିଆ ଉପରେ ଇଂରେଜ ସୈନ୍ୟମାନଙ୍କ ବର୍ବର ଆକ୍ରମଣର କାହାଣୀ ।

★ ଅନେକ ଦୂରେ ଶୁଭିଲା ଧିରେ, ଫଉଜ ପାଦ ଜୋତା ଶବଦ
ଭୁବନ ଗାଁରେ ମଣିଷ ମାରି, ଫଉଜ ଦଳ ଆସିଲେ ଫେରି
ନଈ ଘାଟରେ କହିଲେ ଡାକି, ନାଆରେ କିଏ ସେ ଖବରଦାର
ଆରପାରି ଯିବୁ ନଉକା ଛାଡ଼ ।

ଅକ୍ଷୟଙ୍କ ଏହି ଗୀତ ଶୁଣିଲା ବେଳେ ଲାଗେ ସତେ ଯେମିତି ଏହା କେବଳ ଗୀତ ନୁହେଁ, ଏକ ଅଭିନୟ । ତାଙ୍କର ଗାୟନରେ ଫୁଟି ଉଠିଛି ନଦୀଘାଟରେ ଇଂରେଜ ମାନଙ୍କ ବର୍ବରତାର ଏକ ଲୋମହର୍ଷଣକାରୀ ବାସ୍ତବ ରୂପ । ଏହି ଶ୍ରେଣୀରେ ପର୍ଯ୍ୟାୟଭୁକ୍ତ ଅକ୍ଷୟଙ୍କ ପ୍ରତ୍ୟେକ ଗୀତ ଅନନ୍ୟ ଓ ଯୁଗାନ୍ତକାରୀ ।

ଫକୀରମୋହନଙ୍କ 'ପେଟେଣ୍ଟ ମେଡିସିନ୍'ର ସଙ୍ଗୀତ ରୂପାୟନ ଅକ୍ଷୟଙ୍କର ସର୍ବକାଳୀନ ଶ୍ରେଷ୍ଠ ସଙ୍ଗୀତ କୃତି ଭାବେ ସବୁଦିନେ ଅଭୁଲା ହୋଇ ରହିବ । ଗୋପାଳ ଛୋଟରାୟଙ୍କ ଦ୍ୱାରା ଲିଖିତ ନାଟ୍ୟ ରୂପାନ୍ତରରେ ଅକ୍ଷୟଙ୍କ ସଙ୍ଗୀତ ରଚନାର ପଟାନ୍ତର ନାହିଁ । ଅକ୍ଷୟଙ୍କ ସଙ୍ଗୀତ ଫକୀରମୋହନଙ୍କ ରଚନାକୁ ଆଉ ଗୋଟିଏ ପାହାଚ ଉପରକୁ ନେଇଯାଇଛି । ଚନ୍ଦ୍ରମଣିବାବୁ ଓ ସରୋ ପାଇଁ ଅକ୍ଷୟ ଗାଇଥିବା ଗୀତର ତୁଳନା ନାହିଁ । ପେଟେଣ୍ଟ ମେଡିସିନ୍‌ର ସଙ୍ଗୀତ ରୂପାୟନ ଓଡ଼ିଆ ଗୀତି ସାହିତ୍ୟରେ ଏକ ନୂତନ ଦିଗନ୍ତ । ଅକ୍ଷୟ ମହାନ୍ତିଙ୍କର ଏହା ଏକ କାଳଜୟୀ କୃତି ଅଟେ । ଏହାର କୌଣସି ଉପମା ନାହିଁ ।

ଅକ୍ଷୟଙ୍କ ସଙ୍ଗୀତ ଜୀବନର ଆଉ ଗୋଟିଏ ସଫଳ ପରିଚୟ ହେଲା ଓଡ଼ିଆ ସିନେମାର ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର ଓ ଗାୟକ ଅକ୍ଷୟ ମହାନ୍ତି । ଅକ୍ଷୟ ଓଡ଼ିଆ ସିନେମାର ଏକ ମହାଦ୍ରୁମ । ୧୯୫୮ ମସିହାରେ 'ମା' ଚଳଚ୍ଚିତ୍ର ମାଧ୍ୟମରେ ଅକ୍ଷୟ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ପ୍ରଥମେ ପାଦ ରଖିଥିଲେ । ପ୍ରଥମରୁ ହିଁ ସଫଳତାର ସୁନା କଳସ ତାଙ୍କ ମୁଣ୍ଡରେ ଢାଳି ହୋଇଯାଇଥିଲା । ପ୍ରଥମ ଚଳଚ୍ଚିତ୍ରରେ ତାଙ୍କ କଣ୍ଠର ଗୀତ ସାରା ଓଡ଼ିଶାରେ ଚହଳ ପକାଇ ଦେଇଥିଲା । ସେ ଗୀତଗୁଡ଼ିକ ଆଜି ବି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରି ରଖିଛି । ସେ ଗୀତ ଗୁଡ଼ିକ ହେଲା-

★ ଗୋରୀ ଗୋରୀ ଗୋରୀ, ଆଗୋ ନୀଳପରି

★ ଧୀରେ ଧୀରେ ଚଳେ ରାଇ, ବନ ରାହା ଉହିଁ

★ ଯେତେ ଆଖି ଥିଲା ବାବୁ ଶୁଣ ଶୁଣ

ତା'ପରେ ୧୯୬୭ରେ 'ମଲାଜହ୍ନ' ଚଳଚ୍ଚିତ୍ରରେ ତାଙ୍କର ପ୍ରଥମ ସଙ୍ଗୀତ ନିର୍ଦ୍ଦେଶନା । ସୃଷ୍ଟି ହେଲା କାଳକୁ ଅତିକ୍ରମ କରିଯାଇଥିବା ସେ ଚଳଚ୍ଚିତ୍ରର ଅଭୁଲା ଗୀତ-

★ ରକତ ଟଳମଳ ଖଇର ପାଞ୍ଚ ପଳ
କହଲୋ ସାଧବାଣୀ ଏ କେଉଁ ଦେଶର ଫଳ

ତା'ପରେ ସେ ଆଉ ପଛକୁ ଅନାଇ ନାହାନ୍ତି । ତାଙ୍କରି ମୌଳିକ ଚିନ୍ତନରୁ ସୃଷ୍ଟି ହେଲା ଓଡ଼ିଆ ସିନେମାର ପ୍ରଥମ Title Song 'ଯାଯାବର ମନ ମୋର' । ଏହାକୁ ଅନୁକରଣ କରି ଏବେ ପ୍ରାୟ ପ୍ରତ୍ୟେକ ଓଡ଼ିଆ ସିନେମା ପାଇଁ Title ଗୀତ ରଚନା କରାଯାଉଛି ।

ଓଡ଼ିଆ ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନାର କାହାଣୀ ହେଉଛି ଅକ୍ଷୟଙ୍କ ସଙ୍ଗୀତ ସୃଷ୍ଟିର କାହାଣୀ । ତାଙ୍କର ସଙ୍ଗୀତ ନିର୍ଦ୍ଦେଶିତ ଚିତ୍ରଗୁଡ଼ିକ ହେଲା ମଲାଜହ୍ନ (୧୯୬୫), କିଏ କାହାର (୧୯୬୮), ସଂସାର (୧୯୭୧), ଘର ବାହୁଡ଼ା (୧୯୭୨), ଯାଯାବର (୧୯୭୫), ନାଗଫାଶ (୧୯୭୮), ତଅପୋଇ (୧୯୭୮), ଝିଲିମିଲି (୧୯୭୮), ନିଝୁମ ରାତିର ସାଥି (୧୯୭୯), ଶ୍ରୀଜଗନ୍ନାଥ (୧୯୭୯), କିଏ ଜିତେ କିଏ ହାରେ (୧୯୮୨), ଅଶାନ୍ତ ଗ୍ରହ (୧୯୮୨), ମହାସତୀ ସାବିତ୍ରୀ (୧୯୮୩), ସ୍ୱପ୍ନସାଗର (୧୯୮୩), ଦଣ୍ଡାବାଳୁଙ୍ଗା (୧୯୮୪), ଜାଇଫୁଲ (୧୯୮୪), ଜଗା ହାତରେ ପଘା (୧୯୮୫), ଶଙ୍ଖ ସିନ୍ଦୂର (୧୯୮୫), ମମତା ମାଗେ ଫୁଲ (୧୯୮୫), ନଳ ଦମୟନ୍ତୀ (୧୯୮୬), ବାଜେ ବଇଁଶୀ ନାଚେ

ଘୁଙ୍ଗୁର (୧୯୮୭), ଚକା ଭଉଁରୀ (୧୯୮୬), ସବୁ ମାୟାରେ ବାୟା (୧୯୮୬), ଏଇ ଆମ ସଂସାର (୧୯୮୭), ଏଇତ ଦୁନିଆ (୧୯୮୭), ତୁଣ୍ଡ ବାଇଦ (୧୯୮୭), ଯୋର ଯା'ର ମୁଲକ ତା'ର (୧୯୮୭), ଥିଲି ଝିଅ ହେଲି ବୋହୂ (୧୯୮୮), ସୁନା ଚଢ଼େଇ (୧୯୮୮), କୁରୁକ୍ଷେତ୍ର (୧୯୮୮), ପାପପୁଣ୍ୟ (୧୯୮୮), ପୁଅ ମୋର କଳା ଠାକୁର (୧୯୮୮), ବିଧିର ବିଧାନ (୧୯୮୯), ଆସୁଛି ମୋ କାଳିଆ ସୁନା (୧୯୮୯), ଦଇବ ଦଉଡ଼ି (୧୯୯୦), ଚକାଡୋଳା କରୁଛି ଲୀଳା (୧୯୯୦), ଠାକୁର ଅଛନ୍ତି ଚଉବାହାକୁ (୧୯୯୦), ପରଦେଶୀ ଚଢ଼େଇ (୧୯୯୧), କାଳିଆ ଭରସା (୧୯୯୧), ଆମ ଘର ଆମ ସଂସାର (୧୯୯୧), ତୋ ବିନୁ ଅନ୍ୟ ଗତି ନାହିଁ (୧୯୯୧), କୋଟିଏ ମଣିଷ ଗୋଟିଏ ଜଗା (୧୯୯୧), କପାଳ ଲିଖନ (୧୯୯୨), ଭୀଷ୍ମ ପ୍ରତିଜ୍ଞା (୧୯୯୩), ସୁନା ଭାଉଜ (୧୯୯୪), ରଖିଲେ ଶିବ ମାରିବ କିଏ (୧୯୯୪), ଲକ୍ଷ୍ମଣ ରେଖା (୧୯୯୬), ଶାଶୂ ହାତକଡ଼ି ଭାଉଜ ବେଡ଼ି (୧୯୯୬), ମଣି ନାଗେଶ୍ୱରୀ (୧୯୯୮), ପୁଅ ମୋର ଜଗତ ଜିତା (୨୦୦୨), ଅଗ୍ନିପରୀକ୍ଷା (୨୦୦୪), ଜୟ ଜଗନ୍ନାଥ (ବହୁଭାଷୀ) (୨୦୦୬)।

ଏହାଛଡ଼ା ତାଙ୍କର ସଙ୍ଗୀତ ନିର୍ଦ୍ଦେଶିତ ଅନେକ ଚଳଚ୍ଚିତ୍ର ଅଛି, ଯାହା କୌଣସି ନା କୌଣସି ଦୁର୍ଭାଗ୍ୟପୂର୍ଣ୍ଣ କାରଣ ଯୋଗୁ ମୁକ୍ତି ଲାଭ କରି ପାରିନି। ଚଳଚ୍ଚିତ୍ରରେ ଅକ୍ଷୟଙ୍କ ଭୂମିକା କଥା ଲେଖିବା ପାଇଁ ଏ ଲେଖା ଅତ୍ୟନ୍ତ ସୀମିତ।

ଯେତେ ବଖାଣିଲେ ବି ଅକ୍ଷୟ ମହାନ୍ତି ଏକ ଅସମାପ୍ତ କାହାଣୀ। ସ୍ମୃତିର ବିଥିକାରେ ସେ ଏକ ଅମୃତ ଫଳ। ସାହିତ୍ୟ ଓ ସଙ୍ଗୀତର ସେ ଏକ ବିରଳ ସ୍ଥପତି। ସେ ଓଡ଼ିଆ ଜାତିର ସ୍ପନ୍ଦନ। ଓଡ଼ିଆ ଭୂଖଣ୍ଡର ପ୍ରତ୍ୟେକ କୋଣ ଅନୁକୋଣରେ ସେ ବିସ୍ତାରିତ ଏକ କମ୍ପନ। ଗୋଟିଏ ଶରୀରରେ ଏତେ ପ୍ରତିଭା ଏକନ୍ନିତ। ଗୋଟିଏ ପ୍ରାଣରେ ଏତେ କାବ୍ୟିକ ପ୍ରବାହର ପ୍ରତିଧ୍ୱନି। ଗୋଟିଏ ମନକୁଞ୍ଜରେ ଏତେ ସାହିତ୍ୟ ଓ ସଂସ୍କୃତିର ସୌରଭ। ସେ ଜଣେ ସ୍ୱୟଂସିଦ୍ଧ ପୁରୁଷ। ସାହିତ୍ୟ ଓ ସଙ୍ଗୀତରେ ସେ ଯଥାର୍ଥରେ ଏକ ବିସ୍ମୟକର ରୂପକଳ୍ପ।

ପୂର୍ବତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶା
ବୁଢ଼ିଠାକୁରାଣୀ, କଟକ-୭୫୩୦୦୨
ମୋବାଇଲ- ୯୮୬୧୦୩୮୭୯୧

Sanjukta Panigrahy : The Synonym of Odissi Dance

Dr. Sangita Gosain

Sanjukta Panigrahi enthralled the world audience with her performing intricacy, grace and beauty and had enhanced 'Odissi', then a neglected dance style, to the status equal to the other classical dance forms of India. She was a purist, perfectionist and basically a solo dancer. Her solos were choreographically rich, rapturous with sculptural poses emphasising the inner spirit, and most appealing expressions. Her presentations were appealing, captivating, flowing, having a sensuous charm as well as devotional ecstasy. The world fell in love with Sanjukta and adored her for her spell bound recitals.

Sanjukta was born at Berhampur on 14 August 1944 in a respectable family. Her father Abhiram Mishra was a modest government officer in the Elecricity department and mother Shakuntala Devi was a daughter from a very cultured family of Mayurbhanj, Sanjukta grew up with four brothers and one younger sister. The family was orthodox and conservative. But a four year little girl never understanding this, kept on jumping and dancing without getting tired. Mother encouraged her whereas father was strictly against dance of their daughter. Because mother was supportive and inspiring for Sanjukta's dance, it led to full-throated quarrels between the husband and wife

over the daughter's dance-craze. But she would not give up. She persisted and blossomed in her dancing career.

Her earliest major stage performance was in 1951. At the age of seven, she charmed the audience in Culcutta's now New Empire theatre. Between the age of six and nine, she gave 50 performances or more and she was deeled the best child artist of Orissa. At the age of nine, she again performed at Calcutta in the Annual Function of Childrens Little Theatre. The Hindustan Standard, a leading daily of Calcutta wrote "The entire show was however stolen by a child prodigy Sanjukta Mishra from Orissa, who by a single dance captivated the entire audience by her superb synchronisation of body movements, action, expression and gait. It was amazing to see the child execute in perfect harmony with difficult steppings easily and gracefully."

The sports and pastime, a leading Calcutta journal wrote, "The suprise of the evening was little Miss Sanjukta Mishra of Orissa." I do not remember to have seen anything so juvenile and yet so versatile. I have often heard of god-gifted talent. Sanjukta has that talent". The child Prodigy cast a spell over the audience and showered with rich compliments.

Sanjukta took to dancing from the age of four. She learnt Odissi Dance from Deba Prasad Das, Pankaj Charan Das and Kelu Charan Mohapatra, the three young and prominent gurus of the time. The year 1953 was the milestone for her dance career. She joined Kala Bikas Kendra, Cuttack as a dance student in the year 1953 where

Kelu Charan Mohapatra was the dance teacher. Since then she remained devoted to her Guru throughout her life.

Sanjukta's passion for dance gave birth to a strong desire in her to learn dance at Kala Kshetra (Madras), the leading dance institution of the time. The parents had to take the child to Madras and Sanjukta was presented to the famous dance personality Rukmini Devi Arundale, the founder of Kalakshetra. She looked at the girl and instantly rejected for the reason that a girl of nine who did not know Tamil would not be able to communicate with any student or teacher. She would be missing her parents and would be impossible to learn dance in her part. The parents could not decide what has to be done. But the bolstered little girl promised, she will concentrate on her dance and would never cry and definitely try to learn Tamil in three months time. Rukmini Devi was astounded seeing the courage and the burning passion for dance in Sanjukta, the little girl from Orissa. Sanjukta was tested and accepted in Kalakshetra. In course of her learning, she became the best student of Kalakshetra. She obtained "Nrutya Praveena' diploma in Bharatnatyam with Kathakali as the second subject in 1958. She also passed Sr. Cambridge School examination at Madras. As Sanjukta's heart was in Odissi dance and when she decided to come back, Rukmini Devi was reluctant to leave her and she had written about her "If Sanjukta could be kept in the institution for six years, she could be built up into one of the finest dancers, India has ever produced". But it was the call of Odissi dance which lured her and brought her back to Cuttack. During her stay in Kalakshetra, she used

to come to Kalabikash Kendra to appear in Odissi Dance examination and she obtained her 'Nrutyashree' Diploma in Odissi dance.

Sanjukta's thirst for learning never stopped. After leaving Kalakshetra, Sanjukta went to Mumbai to learn Kathak dance under Guru Hazarilal and obtained Diploma in Kathak from Bharatiya Vidya Bhavan. She is the only dancer of her time who received training in four Indian Classical dance forms.

It was 1959. She as a teenager relished love and enjoyed romance. She was only in her teens when she fell in love with Raghunath Panigrahi in Mumbai, where they met. Sanjukta discovered her passion in the young voice, Raghunath. He had made a tremendous name in Madras as a popular singer. This young man of twenty five also fell in love with this girl of fifteen, and in 1960 they got married in Bombay. Immediately after marriage Sanjukta went to stay at her inlaws' place in Gunupur in the district of Koraput. Sanjukta, the dancer remained confined in these villages playing out her role of daughter-in-law of a conservative Brahmin family away from Cuttack, away from Madras, Bombay, Calcutta and above all, far away from her dance performances in packed auditorium. She, who opted to become a wife at the age of sixteen, became a mother at seventeen. Moreover her in-laws could not accept that their daughter-in-law would be a dancer giving public performances. So would it appear in almost all cases of Indian girls in similar situation. But not for Sanjukta. She was made of a very different ingredient, a very strong ingredient ruled by an indomitable spirit.

She left the in-law's place, left her child in the care of her mother, who was her main source of inspiration and proceeded to Mumbai with her husband to pursue the career. Raghunath wanted to sing in films and Sanjukta wanted to dance on the stage. But Bombay did not provide them their desired platform. They shifted to Madras. It was no better. Moreover, a second child was born to her when she was only nineteen. Future looked very bleak. The six year period, from 1960 to 1966, was a period of struggle for sheer existence, a period of discord and frustration. But this did not dampen the spirit of Sanjukta. They came back to Orissa. Perhaps it was the destined place for them.

The couple returned to Orissa and Sanjukta joined as a dance lecturer in the recently formed music college in Bhubaneswar. Sanjukta's training in Bharatanatyam helped her see the originality and authenticity of Odissi dance. She took Odissi to all parts of the world, performed and demonstrated in every nook and corner and made it known outside Orissa. Sanjukta, for the first time broke the barriers and experimented, Choreographed and performed non-traditional, unconventional items in Odissi. She performed Surdas Padavali, Tagore Songs, Srimad Bhagvad Gita and Sri Ramacharita Manasa. Sanjukta, as a female dancer presented Sri Ramacharita Manasa for the first time at Sankata Mochan Temple in Varanasi. Women were not allowed into the temple. She explored every possibility and scope to enrich the sphere of Odissi through her rare intellect. Kelucharan, her guru attained the legendary

status through the vision and achievements of his disciple Sanjkuta.

Gifted with a tall frame, a slim figure and possessing a perfect command over the technique, Sanjukta had brought to her recitals an intensity indicative of inner vitality, poise, lending her dance a quality which had set her apart from her contemporaries. The distinct characteristics of Odissi are maintained in her recitals and she has set very high standards which other dancers strive to maintain. Sanjukta had set a trend and most of other dancers were invariably influenced by her presentation of 'Mokshya'. Sanjukta's 'Mokshya Mangalam' had her own individual signature. It offered the spectator an elevating experience by ending her recitals on a note all pervading peace.

She was bestowed with umpteen awards and laurels. To name a few Nrutya Shiromani-1969 (Prayag Sangeet Sammilan), Padmashree-1975, Central Sangeet Natak Academi Award-1977, Nrutya Bilas-1977-Surshingar Sansad, Mumbai, Nrutiya Kalanidhi-1983, Kakinada Bidwatgaana Sabha, Shantaben Utkala Prativa Puraskara-1984, Tirupati National Award-1987, All India Critics Association Award-1988, 'Seva' Award-1994, All India Critics Association, Governor's Trophy-1994 and a lot more from the country and abroad.

Art was worship for her. Her dedication, hard labour, sincerity and moreover love for dance, have given her an indelible identity. She had joined as a teacher in Odissi dance for same years in the International school of Theatre in Italy.

She proclaimed : "Dance is always a worship for her. Only by the grace of Lord Jagannath, she is able to dance. If the spectator does not feel the Rasa or the mood or visualise what the dancer tries to evoke, then dance fails miserably."

In 1992 she was interviewed after her dance performance in Michigan, U.S.A.– what is the difference between the Indian spectators and the spectators of the western World ? She answered immediately- there is no discipline among our Indian audience. They enter and leave the auditorium at their own sweet will, but the audience in the Western countries are thoroughly disciplined. They respect the artist. To help the artist to concentrate and not to irritate, they close the door of the auditorium five minutes before the show begins."

Sanjukta was a splendid wife, a perfect woman and a magnetic artist. Her uprightness, self-confidence, involvement in the work (whatever she does) will always be rembered and followed by the artists who crave to attain excellence. Never ever she compromised with quality. Pt. Raghunath Panigrahi's music heightened her dance and vice-versa. It is diffcult to understand their understanding during performance. For instance, on one stage Sanjukta Panigrahi was dancing the item "*Aahe Nilasaila*" one of the most memorable items of her to the music accompaniment of Pt. Raghunath Panigrahi. Both of them were so engrossed in it that Raghunath Panigrahi, carried away by Sanjukta's expression kept on singing a piece of Sanchari "*Kuru Sabha tale Suni Draupadira Janana*" more than 30 times which was rehearsed for only 16 times.

Guruji and other accompanying musicians were very much apprehensive, what is going to happen ? But both the stalwarts managed the situtation very well putting a full stop to the apprehension of other musicians. It was a rare team brought together by providence for the glory of Odissi dance.

The last days of this great artist Sanjukta Panigrahi were grief stricken. In 1996 she suffered from excruciating pain in the knees making it impossible for her to dance. And dance was her life. The same year she developed breast cancer, followed by cancer in the esophagus. She suffered in agony and wept in her loneliness. See prefered to stay incommunicado and never liked to meet anybody with such disastrous countenance which she could not accept herself. All the treatment failed. She breathed her last on 28th July 1997 before even completing the age of fiftythree. A very sad, a very painful happening indeed for such a vibrant legend of our time.

But Sanjukta's skill, energy, charm, vibrancy and above all her charismatic dance presentations will always be the treasure trove of Odissi dancers and Odissi lovers.

Reader, Odissi Vocal Music,
Utkal University of Culture,
Bhubaneswar.



ଓଡ଼ିଆ ସାମ୍ବାଦିକତାର ପରମ୍ପରାରେ ଗୌରୀଶଙ୍କର ରାୟ

ଡଃ. ଦୁର୍ଗାମାଧବ ନନ୍ଦ

ସମୟର ବିବର୍ତ୍ତନରେ ଉଜ୍ଜୟିନୀର ଔଜ୍ଜଲ୍ୟ ମଳିନ ପଡ଼ିବା ପରି ଓଡ଼ିଶାର ଶେଷ ସ୍ୱାଧୀନ ରାଜା ଗଜପତି ମୁକୁନ୍ଦଦେବଙ୍କ ପରେ ଏ ଦେଶର ଶାସନ କ୍ଷେତ୍ରରେ ଅରାଜକତା ସୃଷ୍ଟି ହୋଇଥିଲା । ମୋଗଲ, ଆଫ୍‌ଗାନ, ମରହଟ୍ଟା ଓ ଇଂରେଜୀମାନଙ୍କ ଅମଳରେ ଓଡ଼ିଶାବାସୀ ଦୁଃଖ ଯନ୍ତ୍ରଣାରେ ଭାଙ୍ଗି ପଡ଼ିଥିଲେ । ଏମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ କୌଣସି ବ୍ୟକ୍ତିଙ୍କ ସାହସ ନ ଥିଲା । ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଓଡ଼ିଶାର ଶାସନ ଡୋରି ଧରିବାକୁ ଆରମ୍ଭ କଲେ । ତାହା ପରେ ପରେ ଖ୍ରୀଷ୍ଟଧର୍ମାବଲମ୍ବୀ ପାଦ୍ରୀଗଣ ଓଡ଼ିଶାରେ ଧର୍ମ ପ୍ରଚାର କରିବାକୁ ପ୍ରୟାସ କରିଥିଲେ । ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ ଥିଲା ଦେବ ଦେବ ଜଗନ୍ନାଥଙ୍କ ଅସାରତା ପ୍ରତିପାଦନ ସହ ଅଧିକ ଲୋକଙ୍କୁ ଖ୍ରୀଷ୍ଟଧର୍ମ ପ୍ରତି ଆକୃଷ୍ଟ କରିବା ଏବଂ ସେମାନଙ୍କ ଧର୍ମ ପରିବର୍ତ୍ତନ କରିବା । ଏଥିପାଇଁ ସେମାନେ ଓଡ଼ିଶାରେ ପ୍ରଚାର ଅଭିମୁଖୀ ପତ୍ର ପତ୍ରିକା ଛପାଇବା ପାଇଁ ପ୍ରଯତ୍ନ କଲେ । ଫଳରେ ଏହି ସମୟରୁ ଖ୍ରୀଷ୍ଟିୟ ମିଶନାରୀମାନଙ୍କର 'ଜ୍ଞାନାରୁଣ', 'ଅରୁଣୋଦୟ' ଓ 'ପ୍ରବୋଧ ଚନ୍ଦ୍ରିକା' ଆଦି କେତେକ ପତ୍ର ପତ୍ରିକାର ଶୁଭାରମ୍ଭ ଘଟିଥିଲା । ଆଲୋଚ୍ୟ ପତ୍ରିକାଗୁଡ଼ିକର ମିଶନାରୀ ସମ୍ପାଦକଗଣ ବାସ୍ତବରେ ହିନ୍ଦୁମାନଙ୍କ ଅଭାବ, ଅସୁବିଧା, ବିପର୍ଯ୍ୟୟର ଖବର ପ୍ରକାଶ କରିବା ଅପେକ୍ଷା ଖ୍ରୀଷ୍ଟଧର୍ମର ଯଶଗାନ କରିବାରେ ବ୍ୟସ୍ତ ରହିଥିଲେ । ଓଡ଼ିଶାର ଜାତୀୟ ଜୀବନର ଆଶା ପତ୍ର ପତ୍ରିକାରେ ଦେଖିବାକୁ ସ୍ୱପ୍ନ ଥିଲା । ଠିକ୍ ଏତିକିବେଳେ ଓଡ଼ିଶାରେ ଦେଖାଦିଏ ଦୁର୍ଭିକ୍ଷ । ଗଜପତି ରାଜାଙ୍କ ନ'ଅଙ୍କରେ ଏହା ପଡ଼ିଥିବା ହେତୁ ଏହାର ନାମ 'ନଅଙ୍କ ଦୁର୍ଭିକ୍ଷ' କୁହାଯାଇଥାଏ । ଖ୍ରୀ: ୧୮୪୯ ରୁ ୧୮୬୧ ମସିହା ମଧ୍ୟରେ ମିଶନାରୀଗଣ ଯେଉଁ ପତ୍ରପତ୍ରିକା ଅର୍ଥାତ୍ ରେଭେରେଣ୍ଡ ସି. ଲେସିଙ୍କର 'ଜ୍ଞାନାରୁଣ'

(୧୮୪୯), ଉଇଲଇୟମ ଲେସିଙ୍କର 'ପ୍ରବୋଧ ଚନ୍ଦ୍ରିକା' (୧୮୫୬) ଖ୍ରୀଷ୍ଟଢ ଭର୍ଣ୍ଣାକୁଲର ଲିଟରେଚର ସୋସାଇଟଇର 'ଅରୁଣୋଦୟ' (୧୮୬୧), ପ୍ରକାଶ କରିଥିଲେ, ତାହାର ବହୁବର୍ଷ ପୂର୍ବରୁ ସାଧୁସୁନ୍ଦର ଦାସ ନାମକ ଜଣେ ଓଡ଼ିଆ ସ୍ୱୀୟ ଉଦ୍ୟମରେ 'କୁଜିବର' ନାମକ (୧୮୩୮) ଏକ ହାତଲେଖା ପତ୍ରିକା ପ୍ରକାଶ କରିଥଲେ । ଲକ୍ଷ୍ୟ କରିବାର କଥା ଏହି ଯେ ଓଡ଼ିଶାରେ ସାମ୍ବାଦିକତାର ଏହି ପୃଷ୍ଠଭୂମି ତଥା ପରମ୍ପରାରେ ଜନ୍ମ ନେଇଥିଲା ସମ୍ପାଦକ ଗୌରୀଶଙ୍କର ରାୟଙ୍କ 'ଉତ୍କଳ ଦୀପିକା' (୧୮୬୬) । 'ଉତ୍କଳ ଦୀପିକା'- ଦୀର୍ଘ ଅର୍ଦ୍ଧଶତାବ୍ଦୀ ବ୍ୟାପୀ (୧୮୬୬-୧୯୧୫) ଓଡ଼ିଶାର ସାଂସ୍କୃତିକ, ସାମାଜିକ, ସାହିତ୍ୟିକ, ଧାର୍ମିକ ତଥା ଜାତୀୟ ଜୀବନଧାରାର ମାର୍ମିକ ଆଲେଖ୍ୟ । ମନେହୁଏ ଉତ୍କଳ ଦୀପିକା ହିଁ ଓଡ଼ିଶାର ଅର୍ଦ୍ଧଶତାବ୍ଦୀର ଇତିହାସ । ଏହି ଇତିହାସ ସେ କାଳର ପ୍ରତ୍ୟେକଟି ସମ୍ବାଦକୁ ପ୍ରକାଶ କରି ଜାତୀୟ ଜୀବନରେ ନୂତନ ଜାଗରଣର ଆଦ୍ୟ ଓଁ କାର ସୃଷ୍ଟି କରିଥିଲା । ତେଣୁ ଏ ପତ୍ରିକା ଜାତୀୟ ଜୀବନରେ ଜାଗରଣର ଗାୟତ୍ରୀ-ଓଡ଼ିଆ ଭାଷା, ଶିକ୍ଷା ଓ ସାହିତ୍ୟ ପ୍ରତିଷ୍ଠାନର ପାଞ୍ଚଜନ୍ୟ । ଏହା ଏକ ସାପ୍ତାହିକ ସମ୍ବାଦପତ୍ର ରୂପେ ଆତ୍ମପ୍ରକାଶ କରିଥିଲେହେଁ ଯେପରି ଓଡ଼ିଶାର ସ୍ୱାର୍ଥକୁ ରକ୍ଷା କରିବା ପାଇଁ ସଂଗ୍ରାମୀ ଭୂମିକା ନେଇଥିଲା, ବାସ୍ତବିକ ତାହା ବିସ୍ମୟକର ।" (ସାମଲ, ବୈଷ୍ଣବ ଚରଣ, ଦୃଷ୍ଟି ଓ ଦିଗନ୍ତ, ୧୯୮୧, ବୁକ୍‌ସ ଏଣ୍ଡ୍ ବୁକ୍‌ସ, କଟକ, ପୃ-୧୮୧) ଏହି ପରିପ୍ରେକ୍ଷୀରେ ଆମେ ସେହି ପତ୍ରିକାର ସୁଯୋଗ୍ୟ ସମ୍ପାଦକ ଗୌରୀଶଙ୍କରଙ୍କର ଭୂମିକାକୁ ଆଦୌ ଭୁଲିବାର ନୁହେଁ ।

ପ୍ରକାଶ ଥାଉକି ଗୌରୀଶଙ୍କର ରାୟ ଥିଲେ ଜଣେ ବିଶିଷ୍ଟ ସାମ୍ବାଦିକ ଓ ସଙ୍ଗଠକ । କଟକ ଜିଲ୍ଲାର ସାଲେପୁର ନିକଟବର୍ତ୍ତୀ ଦୀକ୍ଷିତପଡ଼ାରେ ୧୮୩୮ ମସିହା ଜୁଲାଇ ମାସରେ ଜନ୍ମ ଗ୍ରହଣ କରିଥିଲେ । ତୁଳସୀ ଦୁଇପତ୍ରରୁ ବାସିବା ପରି ପିଲାଟିଦିନରୁହିଁ ଗୌରୀଶଙ୍କରଙ୍କ ଧୀ-ଶକ୍ତିର ପରିଚୟ ମିଳିଥିଲା । ତାଙ୍କର ମନରେ ଥିଲା ଅଦମ୍ୟ ସାହସ । ସ୍ପଷ୍ଟବାଦିତା ଓ ସତ୍ୟ କଥା କହିବା ଥିଲା ତାଙ୍କ ଜୀବନର ଅସାମାନ୍ୟ ଗୁଣ । ବଡ଼ ହେବା ପରେ କଟକ ଆସି ଓଡ଼ିଶାର ତତ୍କାଳୀନ ପରିସ୍ଥିତି ସମ୍ପର୍କରେ ସେ ଅବଗତ ହୋଇଥିଲେ । ସେ ଥିଲେ ଜଣେ କର୍ମଯୋଗୀ । ମାତୃଭୂମିର ଉନ୍ନତି, ଓଡ଼ିଆ ଲୋକମାନଙ୍କର ଦୁଃସ୍ଥିତି, ଓଡ଼ିଆ ଭାଷା ଏବଂ ସାହିତ୍ୟର ବିକାଶ ବ୍ୟବସ୍ଥା ତାଙ୍କ ହୃଦୟକୁ ବିଚଳିତ କରିଥିଲା । ତେଣୁ ଗୌରୀଶଙ୍କର କଟକର ଅନ୍ୟ କେତେକ ସମଭାବାପନ୍ନ ବନ୍ଧୁମାନଙ୍କୁ ନେଇ ବିସ୍ତର ବିମର୍ଶ କରିଥିଲେ । ସେହି ଅନୁସାରେ

୧୮୬୪ ମସିହାରେ କଟକ ସହରର ଦରଘା ବଜାର ଠାରେ 'କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ୍' ନାମକ ଏକ ସଂସ୍ଥା ଗଢ଼ାଗଲା । ଏଥିରେ ପ୍ରଥମେ ମଧୁସୂଦନ ଦାସ, ମାୟାଧର ଦାସ, ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ, ଖୋସଲାଚାନ୍ଦ ମାରୱାଡ଼ି, ବିହାରୀଲାଲ ପଣ୍ଡିତ, ଗୌରୀଶଙ୍କର ରାୟ, ଗୋପୀମୋହନ ସେନ୍, ପଦ୍ମନାଭ ଦାଶ ଓ ଅକ୍ଷୟ କୁମାର ଘୋଷ ପ୍ରମୁଖ ଅଂଶୀଦାର ଥିଲେ । ଏହି କମ୍ପାନୀର ଡାଇରେକ୍ଟରମାନେ ହେଲେ ବିଚିତ୍ରାନନ୍ଦ ଦାସ, ଦୀନନାଥ ସରକାର, ହରେକୃଷ୍ଣ ଦାସ, ଜଗମୋହନ ରାଏ, ସୁଦର୍ଶନ ଦାସ, ଚୌଧୁରୀ ରଘୁନାଥ ଦାସ, ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ, ରାଧାଶ୍ୟାମ ନରେନ୍ଦ୍ର, ଗୌରୀଶ୍ୟାମ ଜେନା, ଗୋଲୋକ ଚନ୍ଦ୍ର ବୋଷ, ବନମାଳୀ ସିଂହ ଓ ଗୌରୀଶଙ୍କର ରାୟ । ଏତଦ୍‌ବ୍ୟତୀତ ଏହାର ଅଡିଟର ଥିଲେ ଜଗବନ୍ଧୁ ଘୋଷ ଏବଂ ଲାଲା ଜଗମୋହନ ଲାଲ । ସେ ସମୟର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଦେଶପ୍ରାଣ ବ୍ୟକ୍ତିମାନଙ୍କୁ ନେଇ ଏହି କମ୍ପାନୀ ପ୍ରତିଷ୍ଠିତ ହେଲା ଓ ଏହାର ସମ୍ପାଦକ ଦାୟିତ୍ୱ ବହନ କରିଥିଲେ ଦେଶପ୍ରାଣ ଗୌରୀଶଙ୍କର ରାୟ । ଏହାର ଆନୁକୂଲ୍ୟରେ ପ୍ରଥମେ ପଥର ଛାପା ଅକ୍ଷରରେ ୧୮୬୫ ମସିହାର ଅଗଷ୍ଟ ମାସରେ ସାପ୍ତାହିକ 'ଉତ୍କଳ ଦୀପିକା'ର ପ୍ରଥମ ସଂଖ୍ୟା ଲୋକାର୍ପିତ ହୋଇଥିଲା । ହଠାତ୍ 'ନଅଙ୍କ ଦୁର୍ଭିକ୍ଷ'ର ଘୋର ଦୁର୍ଭିକ୍ଷ କରାଳ ମୁଖ ବ୍ୟାଦାନ କରିବାରୁ ଦେଶର ସେଇ ଦୁର୍ଦ୍ଦିନମୟ ଅନ୍ଧକାର ମଧ୍ୟରେ ନବଯୁଗର 'ଉଷାପ୍ରଭା' ପ୍ରାୟ 'ଦୀପିକା' ଦେଖା ଦେଇଥିଲା । ବର୍ଷ ଶେଷରେ (୧୮୬୫) ପୁଣି ୧୮୬୬ ଅବ୍ଦର ଜାନୁଆରୀ ମାସ ପହିଲା ଠାରୁ ତାହାର ଦ୍ୱିତୀୟ ବର୍ଷର ଗଣନାରମ୍ଭ ହୋଇଥିଲା । ପରିଚାଳକଗଣଙ୍କ ବହୁତ କର୍ତ୍ତୃକ କାର୍ଯ୍ୟ ଗୌରୀଶଙ୍କର ହିଁ ଏହି ପତ୍ରିକାର ଯୋଗ୍ୟ ସମ୍ପାଦକ ନିର୍ବାଚିତ ହୋଇଥିଲେ । ରାଜସେବାର ଆକଟ ମଧ୍ୟରେ ଥାଇ ଏପରି ସଙ୍କଟ ସଂକୁଳ ଦେଶ ସେବାର ଗୁରୁଭାର ବହନ କରିବାକୁ ସମ୍ମତ ହେବା ଦ୍ୱାରା ଗୌରୀଶଙ୍କର ଯଥାର୍ଥ 'ଦେଶ ହିତୈଷିତା'ର ପରିଚୟ ଦେଇଥିଲେ । ବୋଧହୁଏ ତାଙ୍କର ଏହି କର୍ମ ସମ୍ପାଦନ ବିଧି ନିର୍ଦ୍ଦିଷ୍ଟ ଥିଲା । ତେଣୁ ବିଧାତାଙ୍କ ଅପାର କରୁଣା ବଳରେ ଏ କାର୍ଯ୍ୟ ସେ ନାନା ବାଧା ବିଘ୍ନ ମଧ୍ୟରେ ଅପରାଜିତ ଭାବରେ ଚଳାଇ ପାରିଥିଲେ । ଗୋଟିଏ କର୍ମ କ୍ଷେତ୍ରରେ ପଚାଶ ବର୍ଷ କାଳ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବା ଏକା ଏ ଦେଶ କାହିଁକି; ଯେ କୌଣସି ଦେଶ ପ୍ରତି ଶ୍ଳାଘାର ବିଷୟ ହୋଇପାରିବ । (ରଥ, ମୃତ୍ୟୁଞ୍ଜୟ- ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ-୧ମ ଖଣ୍ଡ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍, କଟକ, ୧୯୭୧, ପୃ-୩୬୦) ଏହି

ପ୍ରସଙ୍ଗରେ ଆମେ ନିମ୍ନରେ 'ଉତ୍କଳ ଦୀପିକା'ର ସମ୍ପାଦନା ବେଳେ କର୍ମଯୋଗୀ ଗୌରୀଶଙ୍କରଙ୍କର ମହନୀୟ କାର୍ଯ୍ୟାବଳିର ସୂଚନା ପ୍ରଦାନ କରିବାକୁ ଉଚିତ ବୋଧ କରୁଁ ।

ଗୌରୀଶଙ୍କରଙ୍କ ସମ୍ପାଦକତ୍ୱର ବିଶେଷତ୍ୱ ହେଉଛି ଯେ ସେ ଆପଣାର ମତକୁ ଧୀର ବିଚାର ବୁଦ୍ଧି ଦ୍ୱାରା ପ୍ରକାଶ କରି ସରକାରଙ୍କ ନିକଟରେ ଦାବି ଜଣାଇଥିଲେ । ସରକାର ଓ ଜନସାଧାରଣ, ରାଜା ଓ ପ୍ରଜାଙ୍କ ମଧ୍ୟରେ 'ଉତ୍କଳ ଦୀପିକା' ଥିଲା ଯଥାର୍ଥରେ ଏକ ମଧ୍ୟସ୍ଥି । ଏହି କାରଣରୁ "ଉତ୍କଳରେ ପରେ ଅନେକ ପତ୍ରିକା ଦେଖାଦେଇ ତେଜସ୍ୱୀତା ପ୍ରକାଶ କରିଥିଲେହେଁ, ଦୀପିକା ଉତ୍କଳର ମୁଖପତ୍ର ରୂପେ ରାଜଦ୍ୱାରରେ ଗୃହୀତ ହୋଇଥିଲା ।" (ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ, ପୃ-୩୬୧) ୧୮୬୬ ଦୁର୍ଭିକ୍ଷ ବେଳେ ଗୌରୀଶଙ୍କର ନିର୍ଭୀକ ଭାବରେ 'ଦୀପିକା' ମାଧ୍ୟମରେ ଜନମାନସର କରାଳ ମୃତ୍ୟୁକୁ ଲୋକଲୋଚନକୁ ଆଣିଥିଲେ । ଏହି ସମୟରେ ଦୀପିକାର ଭାଷା ଥିଲା ଭାବଗମ୍ଭୀର, ଶକ୍ତିଶାଳୀ, ବ୍ୟଙ୍ଗାତ୍ମକ ଓ କଟୂକ୍ତିରେ ପରିପୂର୍ଣ୍ଣ । ସେତେବେଳେ ଦୁର୍ଭିକ୍ଷ ସାହାଯ୍ୟ ପାଇଁ ଇଂରେଜ ହାକିମମାନେ ତତ୍ପରତା ପ୍ରକାଶ କରିଥିଲେ, ସେତେବେଳେ ମଧ୍ୟ ଯେଉଁ ତ୍ରୁଟି ଗୌରୀଶଙ୍କର ଲକ୍ଷ୍ୟ କରିଛନ୍ତି, ତାହାକୁ ସେ ବ୍ୟଙ୍ଗାତ୍ମକ ଶୈଳୀରେ ପ୍ରକାଶ କରିଛନ୍ତି । ଯଥା- "× × ମାତ୍ର ଦୁଃଖର ବିଷୟ ଯେ ସାହାଯ୍ୟ କର୍ମ ପ୍ରକୃତ ରୂପ ନିର୍ବାହ ହେଉ ନାହିଁ, ଅସହାୟ ବାଳକ ବାଳିକାଙ୍କ ରକ୍ଷା ପ୍ରସଙ୍ଗ ପ୍ରାଏ ତିନିମାସ ହେଲା ସାହାଯ୍ୟ କମେଟିଙ୍କ ମନେ ପଡ଼ିଥିଲା ତତ୍ରାଚ ସେମାନଙ୍କ ଦୁରବସ୍ଥା ଯେ ଏ ପର୍ଯ୍ୟନ୍ତ ମୋଚନ ନ ହେଲା । ଏଥିର ଦୋଷ କାହା ଉପରେ ଦିଆଯାଇପାରେ । ସାହାଯ୍ୟ କମେଟିର ସୁବିଚାର ପୂର୍ବକ ପ୍ରଥମରୁ ଉଦ୍‌ଯୋଗୀ ହୋଇଥିଲେ ବର୍ତ୍ତମାନ ପିଲାମାନଙ୍କ ପକ୍ଷରେ କୌଣସି ବିଧାନ କରିବାର ଆବଶ୍ୟକ ହୁଅନ୍ତା ନାହିଁ । ସାହାଯ୍ୟ କମେଟିର ମେମ୍ବରମାନେ ଏକ ଜଣ ହିନ୍ଦୁଗୁଡ଼ା ସମସ୍ତେ ଇଂରାଜୀ ଲୋକ ଅଟନ୍ତି । ସେମାନେ ଦେଶର ଅବସ୍ଥା ବିବେଚନା ନ କରି ଆପଣା ଆପଣା ଉତ୍କୃଷ୍ଟ ପଣର ଅଭିମାନରେ ଜଣେ ପାଦ୍ରୀ ସାହେବଙ୍କୁ ପିଲାଙ୍କର ଭରଣପୋଷଣ କର୍ମରେ ନିଯୁକ୍ତି କରିବାକୁ ଲୋକଙ୍କ ମନେ ଏହି ଭୟ ହେଲା ଯେ ଯୀଶୁଖ୍ରୀଷ୍ଟଙ୍କ ଦଳ ବୃଦ୍ଧି ନିମନ୍ତେ ଏ ରୂପ ଉପାୟ ହୋଇଅଛି । ଏହି ହେତୁରୁ ଦୁଃଖୀମାନେ ବହୁ କଷ୍ଟ ପାଇଲେ ସୁଦ୍ଧା ଆପଣା ଆପଣା ଅସ୍ଥିଚର୍ମ ବିଶିଷ୍ଟ ସନ୍ତାନମାନଙ୍କୁ ପାଦ୍ରୀ ସାହେବଙ୍କ ନିକଟକୁ ପଠାଇଲେ ନାହିଁ । ଯଦ୍ୟପି କୌଣସି ହିନ୍ଦୁ ରକ୍ତରେ ରକ୍ତଭାଇ ଆପତ୍ତି ହୋଇଥାନ୍ତା, ତେବେ ବର୍ତ୍ତମାନ ସମୟରେ

ଏକ ଜଣ ସୁଦ୍ଧା ଅସହାୟ ବାଳକ ନଗରରେ ଭ୍ରମଣ କରିବାର ଦେଖାଯାନ୍ତା ନାହିଁ ଏବଂ ଅନେକ ଦୁଃଖୀଲୋକ ଆପଣା ସନ୍ତାନମାନଙ୍କୁ କେବଳ କାଳସ୍ରୋତରୁ ମୁକ୍ତ କରିବା ସକାଶେ ନାମ ମାତ୍ର ଧନ ଲୋଭରେ କିମ୍ବା ବିନା ମୂଲ୍ୟରେ ବେଶ୍ୟାଙ୍କ ହସ୍ତରେ ବିକ୍ରୀ କରନ୍ତେ ନାହିଁ । ହା, ସାହାଯ୍ୟ କମେଟିର ଅମନଯୋଗ ହେତୁରୁ କେତେକ ନିର୍ଦ୍ଦୋଷୀ ପ୍ରାଣ ଭବିଷ୍ୟତରେ ଅତ୍ୟନ୍ତ ଦୂଷିତ କର୍ମଦ୍ୱାରା ଜୀବନ ନିର୍ବାହ କରିବାକୁ ବାଧ ହେଲେ ।" (ଦୀପିକା, ୧ମ ଭାଗ, ୨ୟ ସଂଖ୍ୟା, ତା. ୧୧.୮.୧୯୬୬) ପାଠକେ ଏଥିରୁ ଗୌରୀଶଙ୍କରଙ୍କ ପ୍ରତିବାଦର ସ୍ୱର କିପରି ଶାଣିତ ତଥା ବିଦ୍ରୂପାତ୍ମକ ଥିଲା ତାହା ଜାଣି ପାରୁଥିବେ । କେବଳ ସେତିକି ନୁହେଁ, ଏ ସବୁ ବିଷୟ ଦୀପିକା ପୃଷ୍ଠାରୁ ପାଠ କରି ସାହେବମାନେ ପରବର୍ତ୍ତୀ ସମୟରେ 'ଦୁର୍ଭିକ୍ଷ' ଅନୁସନ୍ଧାନ କମିଶନ ଗଠନ କରି ଦୁର୍ଭିକ୍ଷର କାରଣ, ପାଦ୍ରୀମାନଙ୍କର ଧର୍ମାନ୍ତିକରଣ ପ୍ରୟାସାଦିର ବିବରଣୀ ସଂଗ୍ରହ କରିଥିଲେ । ଏ ବିଷୟରେ ମଧ୍ୟ ଉତ୍କଳ ଦୀପିକାର ବିଭିନ୍ନ ସଂଖ୍ୟାରେ ସମ୍ବାଦ ଓ ବିବରଣୀମାନ ପ୍ରକାଶିତ ହୋଇଥିଲା । ଗୌରୀଶଙ୍କର ନଅଙ୍କ ଦୁର୍ଭିକ୍ଷର କରାଳ ଚିତ୍ରକୁ ମର୍ମସ୍ପର୍ଶୀ ଭାବେ ଦୀପିକାରେ ପ୍ରକାଶ କରି ତା'ର ପ୍ରତିକାର ପାଇଁ ମଧ୍ୟ ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ ।

ସେହିପରି ଊନବିଂଶ ଶତାବ୍ଦୀର ପରିବର୍ତ୍ତିତ ସାମାଜିକ ମୂଲ୍ୟବୋଧ ଓ ଧର୍ମଧାରାକୁ ସେ ସ୍ୱଷ୍ଟ ଭାବରେ ଉପଲବ୍ଧି କରିଥିଲେ । ତେଣୁ ପତ୍ରିକାର ବିଭିନ୍ନ ସଂଖ୍ୟାରେ ସେକାଳର ଧର୍ମଧାରାକୁ ପ୍ରକାଶ କରି ଓଡ଼ିଶାର ଜନସାଧାରଣଙ୍କୁ ଅବହିତ କରାଇଥିଲେ । ସେ ନିଜେ ବ୍ରାହ୍ମଧର୍ମାବଲମ୍ବୀ ଥିଲେ ମଧ୍ୟ ହିନ୍ଦୁଧର୍ମ ପ୍ରତି ତାଙ୍କର ଥିଲା ଗଭୀର ଶ୍ରଦ୍ଧା ଓ ଆନୁଗତ୍ୟ । "ଗୌରୀଶଙ୍କର ବ୍ରାହ୍ମ ସମାଜର ରକ୍ଷଣଶୀଳ ବିଭାଗର ଅନ୍ତର୍ଭୁକ୍ତ ଥିଲେ । ସୁତରାଂ ହିନ୍ଦୁ ସମାଜ ସହିତ ତାଙ୍କର ବିଚ୍ଛେଦ କେବେ ଘଟି ନ ଥିଲା । ବସ୍ତୁତଃ ସେ ବ୍ରହ୍ମଧର୍ମ ଓ ବ୍ରାହ୍ମୋପାସନାକୁ ହିନ୍ଦୁ ଧର୍ମର ସାର ଓ ଶ୍ରେଷ୍ଠ ବୋଲି ମନେ କରୁଥିଲେ । ସଂସ୍କାର ଦ୍ୱାରା ନାନା ଅସାର ଅଂଶ ଓ ଆବର୍ଜନା ଦୂର କରି ସରଳ ଶୁଦ୍ଧ ବ୍ରହ୍ମଧର୍ମ ଗ୍ରହଣ କରିବା ଓ ଜୀବନରେ ବ୍ରହ୍ମ ଉପାସନାକୁ ସାର ବୋଲି ଅବଲମ୍ବନ କରିବା ହିନ୍ଦୁର କର୍ତ୍ତବ୍ୟ ବୋଲି ସେ ଭାବୁଥିଲେ କିନ୍ତୁ ଉଗ୍ର ସଂସ୍କାର ପଥକୁ କୌଣସି କାଳେ ସେ ପସନ୍ଦ କରୁ ନ ଥିଲେ ହେଁ ସର୍ବ ପ୍ରକାର ସଂସ୍କାର କାର୍ଯ୍ୟରେ ତାଙ୍କର ସହାନଭୂତି ଚିରଦିନ ଅକ୍ଷୁଣ୍ଣ ଥିଲା ।" (ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ, ପୃ-୩୯୫-୩୯୬) ବସ୍ତୁତଃ ଦେଖିବାକୁ ଗଲେ ଗୌରୀଶଙ୍କର କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ଘୃଣା କରୁ ନ ଥିଲେ ।

ଏଥିପାଇଁ ସେ ଥିଲେ ଅତ୍ୟନ୍ତ ଉଦାର । ଖ୍ରୀଷ୍ଟଧର୍ମର ଧର୍ମାନ୍ତକରୀଣ କାର୍ଯ୍ୟକଳାପକୁ ସେ ଘୃଣା କରିବା ସହ ଦୀପିକାରେ ତାହାର ବିରୋଧରେ ଦାମ୍ଭିକ ସ୍ୱରରେ ସମାଲୋଚନା କରିଥିବା ଦେଖାଯାଏ । ସେହିପରି ଓଡ଼ିଶାର ଜଗନ୍ନାଥ ଧର୍ମ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ରହିଥିଲା । ତେଣୁ ଇଂରେଜମାନେ ଯେତେବେଳେ ଜଣେ ବୈଷ୍ଣବର ମୃତ୍ୟୁ ଅପରାଧରେ ପୁରୀର ଠାକୁର ରାଜା ଦିବ୍ୟସିଂହ ଦେବଙ୍କୁ ଦ୍ୱୀପାନ୍ତର ଦଣ୍ଡ ପ୍ରଦାନ କଲେ, ସେତେବେଳେ ଗୌରୀଶଙ୍କର ଖଡ୍‌ଗହସ୍ତ ହୋଇ ସମାଲୋଚନାରୁ ନିଜକୁ ନିବୃତ୍ତ କରିପାରି ନ ଥିଲେ । ଏହି କାର୍ଯ୍ୟକୁ ସେ କଠୋର ସମାଲୋଚନା କରିବାକୁ ଯାଇ ଲେଖିଥିଲେ- "ଯେଉଁ ବ୍ୟକ୍ତି ଆପଣାକୁ ଦେବତା ମଣି ଓ ଭାରୀ ଅଭିମାନ କରି ମନୁଷ୍ୟ ସଭାକୁ ଆସିବାର ଅପମାନ ବୋଧ କରନ୍ତି ଓ ଯାହାଙ୍କୁ ମୂର୍ଖଲୋକେ ଚଳନ୍ତି ବିଷ୍ଣୁ କହନ୍ତି, ସେ ସାମାନ୍ୟ ମନୁଷ୍ୟଠାରୁ ହୀନ ହୋଇ ଏପରି ପଶୁବତ୍ ବ୍ୟବହାର କଲେ ଅତି ଆଶ୍ଚର୍ଯ୍ୟର ବିଷୟ ଅଟେ । ଓ ହୋ ହୋ ସେ କି ନିଷ୍ଠୁରାଚରଣ ନ କଲେ ? କାଳର କି ଗତି ! କାହାରି ବୃଥା ଅଭିମାନ ଓ ଅହଂକାର ରଖି ଦିଏନା । ଦିମାସ ପୂର୍ବେ ସେଠାର କଲେକ୍ଟର ସାହେବ ଭାରତେଶ୍ୱରୀଙ୍କ ବାର୍ଷିକ ଉତ୍ସବ ଉପଲକ୍ଷରେ ସେଠାରେ ଏକ ମହାନ ସଭା କରି ରାଜାଙ୍କୁ କେତେ ଆଦର ପୂର୍ବକ ଆହ୍ୱାନ କଲେ କିନ୍ତୁ ରାଜା ବୃଥା ଗାରିମାରେ ସଭାକୁ ଯିବାର ଅପମାନ ମଣି ସଭାକୁ ବିଜେ କଲେ ନାହିଁ । ଏବେ ହାଜତରେ ବନ୍ଦୀ ହୋଇ ବସିଅଛନ୍ତି ।" (ଉତ୍କଳ ଦୀପିକା, ୧୩ଶ ଭାଗ, ନବମ ସଂଖ୍ୟା, ତା. ୨.୩.୧୮୭୮) । ଏହିପରି ରାଜାଙ୍କୁ ଅନ୍ୟାୟରେ ଦଣ୍ଡ ଦିଆଯିବାର କଥାକୁ ଗୌରୀଶଙ୍କର ଲୋକମାନଙ୍କ ଦୃଷ୍ଟିକୁ ଆଣିବାରେ ଇଂରାଜୀମାନଙ୍କ ବର୍ବରୋଚିତ କାଣ୍ଡକୁ ଓଡ଼ିଶାବାସୀ ବୁଝିପାରିଥିଲେ । ଲୋକମାନଙ୍କ ମନ ବିଚଳିତ ହୋଇ ଉଠିଥିଲା । ଗୌରୀଶଙ୍କର ଏହି ମର୍ମନ୍ତୁଦ ବିଚାରର କଠୋର ସମାଲୋଚନା କରିଥିଲେ ।

ଏତଦ୍‌ବ୍ୟତୀତ 'ଉତ୍କଳ ଦୀପିକା'ର ସମ୍ପାଦକ ଗୌରୀଶଙ୍କର ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରାଚୀନ କାବ୍ୟ କବିତାର ପୁନଃରୁଦ୍ଧାର କାର୍ଯ୍ୟକ୍ରମରେ ସର୍ବଦା ଲାଗିପଡ଼ିଥିଲେ । ଏଥିପାଇଁ ଯେଉଁ ନିଷ୍ପାପର ଉଦ୍ୟମ ସେ କରିଯାଇଛନ୍ତି, ତାହାର ପଟାନ୍ତର ନାହିଁ । ପ୍ରକାଶ ଥାଉକି ଇଂରାଜୀ ଶିକ୍ଷା ଓଡ଼ିଆବାସୀଙ୍କୁ ପଙ୍ଗୁ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଏହି କଥା ଗୌରୀଶଙ୍କର ମର୍ମେ ମର୍ମେ ଉପଲବ୍ଧି କରିଥିଲେ । ତେଣୁ ଦୀପିକା ମାଧ୍ୟମରେ ସେ ଓଡ଼ିଶାର ଯୁବଗୋଷ୍ଠୀଙ୍କୁ ନିଜ ସାହିତ୍ୟ, ସଂସ୍କୃତି, ଧର୍ମ ପରମ୍ପରା ପ୍ରଭୃତି ପ୍ରତି

ନିଷ୍ଠାବାନ ହେବାକୁ ବାରମ୍ବାର ପରାମର୍ଶ ଦେଉଥିଲେ । ଯେଉଁଠି ଆବଶ୍ୟକ ପଡୁଥିଲା, ସେଠାରେ ସେ ଜଣେ ବ୍ୟଙ୍ଗକାର ଭୂମିକାରେ ଅବତୀର୍ଣ୍ଣ ହେବାକୁ ଆଦୌ କୁଣ୍ଠିତ ହେଉ ନ ଥିଲେ । ବାସ୍ତବ ପକ୍ଷେ ଓଡ଼ିଆ ଭାଷା ଓ ସାହିତ୍ୟର ସଂକଟ ମୁହୂର୍ତ୍ତରେ ଦୀପିକା ଆତ୍ମପ୍ରକାଶ କରିଥିଲା । ଯେଉଁ ସମୟରେ ବଙ୍ଗୀୟ ଭଦ୍ରବ୍ୟକ୍ତିଗଣ ଓଡ଼ିଆ ସାହିତ୍ୟର ଅସାରତା ପ୍ରତିପାଦନ କରିବା ସହ ଭାଷାର ଅସ୍ତିତ୍ୱକୁ ଉଡ଼ାଇ ଦେବା ପାଇଁ ପ୍ରାଣପଣେ ପ୍ରଯତ୍ନ କରୁଥିଲେ, ସେତେବେଳେ ଗୌରୀଶଙ୍କର ସେମାନଙ୍କ ଯୁକ୍ତିକୁ ପ୍ରମାଣର ସହ ଅମୂଳକ ବୋଲି କହୁଥିଲେ । ୧୯୧୬ ମସିହାରେ ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ଅଧିବେଶନରେ ଅଭିଭାଷଣ ଦେଇ ଗୌରୀଶଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଆପଣାର ଶ୍ରଦ୍ଧା ଓ ଅନୁରକ୍ତି ପ୍ରକାଶ କରିଥିଲେ । ତଥାପି ଏହି କ୍ଷେତ୍ରରେ ସେ ନିରପେକ୍ଷ ମତ ଉପସ୍ଥାପନା କରିବାରେ ସର୍ବଦା ପ୍ରୟାସ କରିଯାଇଥିବା ଦେଖାଯାଏ । ସେ ପ୍ରାଚୀନ ସାହିତ୍ୟକୁ ସମର୍ଥନ କରିଥିଲେ ମଧ୍ୟ ସେଥିରେ ଥିବା ଦୋଷକୁ ଦୀପିକା ମାଧ୍ୟମରେ ପ୍ରକାଶ କରିଥିଲେ । ଆଧୁନିକ ସାହିତ୍ୟର ବିଭିନ୍ନ ବିଭାଗ ଯଥା- ଗଳ୍ପ, ଉପନ୍ୟାସ, ଗୀତିକବିତା, ଅନୁବାଦ, ଭ୍ରମଣ କାହାଣୀ ଓ ସମାଲୋଚନା ଆଦିର ବିକାଶ ପାଇଁ ଚେଷ୍ଟା କରିବାରେ ସେ ଆଦୌ ପରାଙ୍‌ମୁଖ ନ ଥିଲେ । 'ଉତ୍କଳ ଦୀପିକା' ପତ୍ରିକା ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ତୀବ୍ର ସମାଲୋଚନା କଲାବେଳେ ଗୌରୀଶଙ୍କର ପ୍ରାଚୀନ ସାହିତ୍ୟର ଗୁଣାତ୍ମକ ବିଶ୍ଳେଷଣ କରି ସେଥିରୁ ଐତିହ୍ୟ ଓ ସଂସ୍କୃତିକୁ ବିଚାର କରି ସମ୍ପାଦକୀୟମାନ ପ୍ରକାଶ କରୁଥିଲେ ।

ସର୍ବୋପରି ଉତ୍କଳ ଦୀପିକା ମାଧ୍ୟମରେ ଗୌରୀଶଙ୍କର ବାର୍ତ୍ତାମୁଖୀ ସମାଲୋଚନାର ଧାରା ଆରମ୍ଭ କରିଥିଲେ । ଓଡ଼ିଆ ସାହିତ୍ୟରେ ସମାଲୋଚନାର ବିଧିବଦ୍ଧ ବିକାଶ ପୂର୍ବରୁ ସର୍ବପ୍ରଥମେ ଗୌରୀଶଙ୍କର ହିଁ ଏହି ଆଲୋଚ୍ୟ ସମାଲୋଚନା ପଦ୍ଧତିକୁ ସୃଷ୍ଟି କରିଥିଲେ । ଫଳରେ ପରବର୍ତ୍ତୀ କାଳରେ ବିଭିନ୍ନ ସାହିତ୍ୟିକ କୃତି ସମ୍ପର୍କରେ ଦୀପିକାରେ ସମାଲୋଚନାତ୍ମକ ବିଶ୍ଳେଷଣ ଶୈଳୀର ପ୍ରାରମ୍ଭ ଘଟିଥିଲା । ଏପରିକି ଦୀପିକା ପରବର୍ତ୍ତୀ କାଳରେ ପ୍ରକାଶିତ 'ସମ୍ବାଦବାହିକା', 'ବୋଧଦାୟିନୀ', 'ଉତ୍କଳ ହିତୈଷିଣୀ', 'ଉତ୍କଳ ଦର୍ପଣ', 'ଉତ୍କଳପୁତ୍ର', 'ଉତ୍କଳ ମଧୁପ', 'ଓଡ଼ିଆ ଜନସମ୍ବାଦ', 'ସମ୍ବଲପୁର ହିତୈଷିଣୀ', 'ଉତ୍କଳପ୍ରଭା', 'ଇନ୍ଦ୍ରଧନୁ' ଓ 'ବିଜୁଳି' ଆଦି ବିଭିନ୍ନ ପତ୍ରପତ୍ରିକା ସମ୍ପର୍କରେ ନାନା ଦୃଷ୍ଟିକୋଣରୁ ମନ୍ତବ୍ୟ ପ୍ରକାଶ କରିଅଛି । ଗୌରୀଶଙ୍କରଙ୍କ ଏହି ସମସ୍ତ ମନ୍ତବ୍ୟ ଗଠନମୂଳକ ଥିଲା । ଏହି ପରିପ୍ରେକ୍ଷୀରେ ବିଚାର କଲେ ଜଣାଯାଏ

ଯେ, 'ଉତ୍କଳପୁତ୍ର'ଠାରୁ ଭଞ୍ଜ ସାହିତ୍ୟ ତଥା ରୀତି ସାହିତ୍ୟ ବିରୋଧୀ ଯେଉଁ ଆଲୋଚନା ଆରମ୍ଭ ହୋଇ 'ଉତ୍କଳ ପ୍ରଭା' ରେ ତୀବ୍ର ଆକାର ଧାରଣ କରିଥିଲା ଏବଂ 'ବିଜୁଳି'ରେ ତା'ର ପୂର୍ଣ୍ଣାହୁତି ପଡ଼ିଥିଲା, ସେହିସବୁ ଆଲୋଚନାକୁ ଗୌରୀଶଙ୍କର ଲକ୍ଷ୍ୟ କରିଥିଲେ । ତେଣୁ 'ଦୀପିକା'ରେ ସେ ଭଞ୍ଜୀୟ କାବ୍ୟ ସପକ୍ଷରେ ନାନା ଯୁକ୍ତି ଉପସ୍ଥାପନ କରି ପ୍ରତିପକ୍ଷମାନଙ୍କର ବକ୍ତବ୍ୟକୁ ଖଣ୍ଡନ କରିଥିଲେ । (ସାମଲ, ଦୃଷ୍ଟି ଓ ଦିଗନ୍ତ, ପୃ-୨୧୬)

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଓଡ଼ିଆ ସାମ୍ବାଦିକତାର କ୍ରମବିକାଶରେ 'ଉତ୍କଳ ଦୀପିକା'ର ସ୍ଥାନ ଅବିସ୍ମରଣୀୟ । କର୍ମବୀର ଗୌରୀଶଙ୍କରଙ୍କର ଅମ୍ଳାନ ପ୍ରତିଭା ଓ ଦୀପ୍ତ ଚେତନା ଏହି ପରମ୍ପରାକୁ ଅଧିକ ଉନ୍ନତ କରିଥିଲା । ଓଡ଼ିଶା ମାଟିରେ ଯଦି ଗୌରୀଶଙ୍କରଙ୍କ ପରି ଜଣେ ଯୋଗଜନ୍ମା ଜନ୍ମ ଗ୍ରହଣ କରି ନ ଥାନ୍ତେ, ତେବେ ଓଡ଼ିଶାର ଅଗ୍ରଗତି ଆହୁରି ଶହେବର୍ଷ ପଛକୁ ଚାଲିଯାଇଥାନ୍ତା । ଭଲ ଓ ଭେଲକୁ ବାଛି ବକ୍ତବ୍ୟ ପ୍ରଦାନ କରିବାରେ ତାଙ୍କପରି ଜଣେ ବ୍ୟକ୍ତି ସେତେବେଳେ ନ ଥିଲେ । ସେ କେବେହେଲେ କାମଳ ସାମ୍ବାଦିକତା କରି ନ ଥିଲେ । ବଜ୍ର ନିର୍ଘୋଷ ବାଣୀରେ ସେ ପ୍ରତିଟି ଅନ୍ୟାୟର ପ୍ରତିରୋଧ କରୁଥିଲେ । ଏହି ମହାନ ପ୍ରତିଭାର ଅନ୍ତ ଘଟେ ୧୯୧୭ ମସିହା ମାର୍ଚ୍ଚ ସାତ ତାରିଖରେ । ଗୌରୀଶଙ୍କରଙ୍କର ମରଶରୀର ବିଲୀନ ହୋଇଗଲା ସତ; କିନ୍ତୁ 'ଉତ୍କଳ ଦୀପିକା'ର ଅବଦାନ ଏବେ ମଧ୍ୟ ଚିର ଅମ୍ଳାନ ହୋଇ ରହିଅଛି । ଓଡ଼ିଆ ଭାଷାର ନବୋତ୍ଥାନରେ ଗୌରୀଶଙ୍କର ବର୍ତ୍ତମାନ ମଧ୍ୟ ଆମପାଇଁ ଏକ ବତୀଘର ।

Retd. Professor of Odia,
Talabania, Puri.
Mobile - 9438081627



ମଣିର ମଣିଷ ନୀଳମଣି ବିଦ୍ୟାରତ୍ନ

ଡଃ. ନିଶାକର ପାଢ଼ୀ

ଛିନ୍ନବିଛିନ୍ନ ଉତ୍କଳର ଏକତ୍ରୀକରଣ ଦଗରେ ସର୍ବପ୍ରଥମେ ଉଦ୍ୟମ କରିଥିଲେ ଯେ, ସେ ନୀଳମଣି ବିଦ୍ୟାରତ୍ନ । ବ୍ୟାସକବି ଫକୀରମୋହନ ସେନାପତିଙ୍କ ମନ୍ତବ୍ୟରୁ ଏହା ସ୍ପଷ୍ଟ ପ୍ରତୀୟମାନ ହୁଏ । –

"ଭାଷା ରାଜ୍ୟେ ଛିନ୍ନଭିନ୍ନ ଥିଲା ଏ ଉତ୍କଳ
ବାନ୍ଧିଲ ଏକତା ସୂତ୍ରେ ତୁମ୍ଭେ ହିଁ କେବଳ ।"

(ଅବସର ବାସରେ)

ପ୍ରଥମେ 'ସମ୍ବଲପୁର ହିତୈଷିଣୀ' ପୃଷ୍ଠାରେ, ମଧ୍ୟ ପ୍ରଦେଶର ବନ୍ଧନରୁ ସମ୍ବଲପୁରକୁ ଛିନ୍ନ କରି ଉତ୍କଳ ପ୍ରଦେଶ ସହିତ ମିଶ୍ରଣ ନିମନ୍ତେ ବିଦ୍ୟାରତ୍ନ ହିଁ ଆଦ୍ୟ ଓଁକାର ଧ୍ୱନି ଆମକୁ ଶୁଣାଇଥିଲେ । ପରବର୍ତ୍ତୀ କାଳରେ ସେହିପରି 'ପ୍ରଜାବନ୍ଧୁ' ପତ୍ରିକା ମାଧ୍ୟମରେ ମଧ୍ୟ ମାଡ୍ରାସ ପ୍ରେସିଡେନ୍ସିରୁ ଗଞ୍ଜାମ ଜିଲ୍ଲାକୁ ଉଦ୍ଧାର କରିବା ନିମନ୍ତେ ସେ ଯଥାସାଧ୍ୟ ଉଦ୍ୟମ କରିଥିଲେ । ଉଭୟ କ୍ଷେତ୍ରରେ ସେ ସଫଳ ମଧ୍ୟ ହୋଇଥିଲେ । କବିଶେଖର ଚିନ୍ତାମଣି ମହାନ୍ତିଙ୍କର ମନ୍ତବ୍ୟଟି ଏଠାରେ ସ୍ମରଣୀୟ -

"ଉତ୍କଳର ଛିନ୍ନ ଅଙ୍ଗ ସଂଯୋଗ କରଣେ
ନିଯୁକ୍ତ ସତତ ତୁମ୍ଭେ କାୟ ବାକ୍ୟ ମନେ ।"

(ପ୍ରକୃତ ପେଟିକା)

ଏହିପରି ଜଣେ ବିଶିଷ୍ଟ ସଂଗ୍ରାମୀ ସମ୍ପାଦକ/ଲେଖକଙ୍କୁ ଭୂୟସୀ ପ୍ରଶଂସା କରି କବିଶେଖର ଚିନ୍ତାମଣି ମହାନ୍ତି 'ମୁକୁର' ପତ୍ରିକାରେ ଲେଖିଥିଲେ- "ସମ୍ବଲପୁରବାସୀ ବହୁକାଳ ପରେ ସ୍ୱୀୟ ମହିମାମୟୀ ମାତୃଭାଷାକୁ ଯେପରି ପାଇଅଛନ୍ତି, ସେ ଆନ୍ଦୋଳନ ମୂଳରେ ନୀଳମଣିଙ୍କ କର୍ମନିପୁଣ ହସ୍ତ ବିଦ୍ୟମାନ ।"

ପଲ୍ଲୀକବି ନନ୍ଦକିଶୋର ବଳ 'ଗଞ୍ଜାମ'ର ମିଶ୍ରଣ ଉପରେ ତାଙ୍କର ମନ୍ତବ୍ୟ ଦେଇଥିଲେ-

"ତୁମ୍ଭର ଯତନେ 'ପ୍ରଜାବନ୍ଧୁ' ମୁଖେ
ଉତ୍କଳ ମିଳନ ପାଇଁ ଘୋଷଣା

ପ୍ରଥମ ଉତ୍କଳ ସମ୍ମିଳନୀ ପାଇଁ
ତୁମ୍ଭରି ପ୍ରାଣରୁ ହେଲା ପ୍ରେରଣା ।"

ଏ ଜାତିର ଇତିହାସ ପୃଷ୍ଠାରେ, ଏହିଭଳି ଜଣେ ମହାନ୍ କ୍ରାନ୍ତିକାରୀ ପ୍ରତିଭାର ଆବିର୍ଭାବ ହୋଇଥିଲା, କଟକ ଜିଲ୍ଲାର ମହାନଦୀ କୂଳସ୍ଥ ବାଙ୍କୀ ଅନ୍ତର୍ଗତ ବୈଦ୍ୟେଶ୍ୱର କୁଞ୍ଜବିହାରୀପୁର ଶାସନରେ- ୧୮୬୭ ସାଲ ଡିସେମ୍ବର ୧୪ ତାରିଖ, ନଅଙ୍କ ଦୁର୍ଭିକ୍ଷ ପରବର୍ଷ । ପିତା ସୌରୀଚରଣ ମିଶ୍ର, ମାତା ରୋହିଣୀ ଦେବୀଙ୍କର ଦଶଗୋଟି (ପୁତ୍ର-୭, କନ୍ୟା-୩) ସନ୍ତାନଙ୍କ ମଧ୍ୟରେ ନୀଳମଣି ଥିଲେ ଜ୍ୟେଷ୍ଠ । ଶ୍ୟାମଳ ବର୍ଣ୍ଣ ବୋଲି ନାମ ଥିଲା ନୀଳମଣି । ଖ୍ରୀ ୧୮୭୮-୮୦ ମଧ୍ୟରେ ବୈଦ୍ୟେଶ୍ୱର ଚଟଶାଳୀ, ତା'ପରେ ବାଙ୍କୀର ଚର୍ଚ୍ଚିକା ମିଡିଲ୍ ଭର୍ଣ୍ଣାକୁଲାର୍ ସ୍କୁଲରେ ଶିକ୍ଷା ଜୀବନ ସମାପ୍ତ ହୋଇଥିଲା ୧୮୮୨ ସାଲରେ । ଅତି ସୁନ୍ଦର ଚମତ୍କାର ଗୋଲ୍ ହସ୍ତାକ୍ଷର ତାଙ୍କୁ ଚର୍ଚ୍ଚିକା ସବ୍‌ରେଜିଷ୍ଟ୍ରାର୍ ଅଫିସରେ ଦଲିଲ୍ ଦସ୍ତାବିଜ୍ ଲେଖିବାର ସୁଯୋଗ ଦେଲା । ଉଚ୍ଚତର ଶିକ୍ଷା ନିମନ୍ତେ ପାଣ୍ଠି ସଂଗ୍ରହ କରୁ କରୁ, ତାଙ୍କର ସମ୍ପର୍କୀୟ ଏବଂ ତତ୍କାଳ ଉତ୍କଳର ଜଣେ ପ୍ରସିଦ୍ଧ ଲେଖକ ଗୋବିନ୍ଦ ଭଞ୍ଜଙ୍କ ସହିତ କଲିକତାକୁ ଚାଲିଗଲେ ଶିଳ୍ପ ପ୍ରଦର୍ଶନୀ ଦେଖିବା ନିମନ୍ତେ । ସମସ୍ତ ସଞ୍ଚିତ ଅର୍ଥ ଶେଷ ହୋଇଗଲା । ନର୍ମାଲ୍ ସ୍କୁଲ୍‌ରେ ଅଧିକ ଅଧ୍ୟୟନର ସ୍ୱପ୍ନ ତାଙ୍କର ଅଧୁରା ରହିଗଲା ।

ଘଟଣାଚକ୍ରରେ ତାଙ୍କର ସୁନ୍ଦର ହସ୍ତାକ୍ଷର ଉପରେ, ତତ୍କାଳୀନ ଶିକ୍ଷା ପରିଦର୍ଶକ କବିବର ରାଧାନାଥଙ୍କ ଶୁଭଦୃଷ୍ଟି ହେତୁ, ସେ ବଡ଼ମ୍ବା ଗୋପୀନାଥପୁରରେ ଶିକ୍ଷକତା ବୃତ୍ତିରେ ପ୍ରବେଶ କଲେ । ସେଠାରେ ସେ ନୂଆ କଥାଟିଏ କଲେ । ନୈଶ ବିଦ୍ୟାଳୟ (ଓଡ଼ିଶାରେ ପ୍ରଥମ) ସୃଷ୍ଟି କରି ସ୍ଥାନୀୟ ବୟସ୍କ, ଦରିଦ୍ର, ବୃଦ୍ଧ ଏବଂ କର୍ମଜୀବୀଙ୍କୁ ଶିକ୍ଷାଦାନ କଲେ । ତାଙ୍କର ବହୁମୁଖୀ ପ୍ରତିଭାରେ ମୁଗ୍ଧ ହୋଇ ବଡ଼ମ୍ବାର ରାଣୀ କୁସୁମବତୀ (ରାଜା ଦାଶରଥି ମଙ୍ଗରାଜଙ୍କ ପତ୍ନୀ), ମହାନଦୀ ମଧ୍ୟସ୍ଥ ସିଂହନାଥ ପୀଠରେ ତାଙ୍କୁ ପ୍ରଥମେ 'ବିଦ୍ୟାରତ୍ନ' ଉପାଧି ପ୍ରଦାନ କରିଥିଲେ । ଏହି ଉପାଧିଟି ପରବର୍ତ୍ତୀ କାଳରେ ବାମଣ୍ଡାର ଅଧିପତି ବାସୁଦେବ ସୁଢ଼ଳ ଦେବଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିଥିଲା ।

ଆପଣାର ପ୍ରଚଣ୍ଡ ପ୍ରତିଭାକୁ ପାଥେୟ କରି, ଏହାପରେ ୧୮୮୬ ସାଲରେ ସେ କଟକ ଜଲ୍ଲାରୁ ମହାନଦୀର ଉଜାଣି ସ୍ରୋତରେ ଭାସିଗଲେ ସୁଦୂର ସମ୍ବଲପୁର । ଏ ସମସ୍ତ ମୂଳରେ ଅବଶ୍ୟ କବିବର ରାଧାନାଥଙ୍କର ପ୍ରେରଣା ରହିଥିଲା । ସମ୍ବଲପୁରର ବାମଣ୍ଡା (ଦେବଗଡ଼) ଥିଲା ସେ କାଳରେ ସାରସ୍ୱତ ପ୍ରେରଣାର ଭୂମି । ସାହିତ୍ୟ ପ୍ରେମୀ ଉତ୍ସାହୀ ରାଜା ବାସୁଦେବ ସୁଢ଼ଳଦେବଙ୍କ କୃପାଦୃଷ୍ଟି ହେତୁ ପ୍ରତିବର୍ଷ ରାଜକୁମାର

ବିଦ୍ୟାଳୟରେ ଶିକ୍ଷକ, ତପ୍ରରେ ସେ 'ସମ୍ବଲପୁରର ହିତୈଷିଣୀ' ପତ୍ରିକାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ବାମଣ୍ଡାରେ ହିଁ ବିଦ୍ୟାରତ୍ନଙ୍କ ପ୍ରତିଭା ଅଧିକତର ପ୍ରସ୍ଫୁଟିତ ହୋଇଥିଲା ।

'ଅକବିର କବିତା' ଶୀର୍ଷକ ଏକ ଲେଖାରେ ଏକଦା ସେ ଆହ୍ୱାନ କରିଥିଲେ- "ଉତ୍କଳ ଦେଶରେ ପୂର୍ବେ କବିର ଅଭାବ ନ ଥିଲା, ବର୍ତ୍ତମାନ ନାହିଁ । ସ୍କୁଲର ନିମ୍ନ ଶ୍ରେଣୀର ଛାତ୍ରଠାରୁ ଉଚ୍ଚ ଶିକ୍ଷା ପ୍ରାପ୍ତ ଯୁବକ ପର୍ଯ୍ୟନ୍ତ ସକଳ ଶ୍ରେଣୀର ଲୋକରେ କବି ବିଦ୍ୟମାନ । କଲମ ଧରି ଲେଖି ଜାଣିଲେ କବି ହେବାରେ ବିଳମ୍ବ ନାହିଁ ।" ତାଙ୍କର ଏ ପ୍ରକାର ପ୍ରେରଣାରେ ପ୍ରକୃତରେ ବହୁ ଲେଖକ/କବି ଉତ୍ସାହିତ ହୋଇଥିଲେ । 'ହିତୈଷିଣୀ'ର ପୃଷ୍ଠା ଅନେକ ନୂତନ ପ୍ରତିଭାଙ୍କର ରଚନାରେ ସମୃଦ୍ଧ ହୋଇଥିଲା । ଏହି ପତ୍ରିକାଟି ସେ କାଳରେ ସ୍ୱଭାବ କବି ଗଙ୍ଗାଧରଙ୍କୁ ମଧ ଅଧିକତର ପରିଚିତି ପ୍ରଦାନ କରିଥିଲା ।

କେବଳ ସାହିତ୍ୟ ସେବା 'ହିତୈଷିଣୀ' ପତ୍ରିକାର ପ୍ରମୁଖ ଉଦ୍ଦେଶ୍ୟ ନ ଥିଲା । କହିବା ବାହୁଲ୍ୟ, ମଧ ପ୍ରଦେଶ କବଳରୁ ସମ୍ବଲପୁରକୁ ଉଦ୍ଧାର କରି, ସେଠାରେ କଚେରୀର ଭାଷା ହିନ୍ଦୀ ପରିବର୍ତ୍ତେ ଓଡ଼ିଆ କରିବା ନିମନ୍ତେ ସେ ପ୍ରଗାଢ଼ ଉଦ୍ୟମ କରିଥିଲେ ଏବଂ ତାହା ସହିତ ସମାଜ ସେବା ମୂଳକ କାର୍ଯ୍ୟକ୍ରମ ମଧ ଗ୍ରହଣ କରିଥିଲେ ।

ବାମଣ୍ଡାର ଷ୍ଟେଟ୍ କାଉନ୍‌ସିଲ୍‌କୁ ନୀଳମଣି ବିଦ୍ୟାରତ୍ନ ଜଣେ ସଭ୍ୟ ଭାବେ ମଧ ମନୋନୀତ ହୋଇଥିଲେ । ସେଠାରେ ତାଙ୍କର ପ୍ରଶସ୍ତି ଓ ପ୍ରତିଷ୍ଠା ଦୃଢ଼ ଓ ସମ୍ମାନଜନକ ଥିଲା । ମାତ୍ର ପୁରୀର ଗଜପତି ରାଜାଙ୍କ ପୋଷ୍ୟପୁତ୍ର ଗ୍ରହଣ ବିଷୟରେ ରାଜା ସୁବଳ ଦେବଙ୍କ ସହ ତାଙ୍କର ମତାନ୍ତର ହେଲା । 'ହିତୈଷିଣୀ' ପାଣ୍ଠିରୁ ମଧ ତିନିଶତ ଟଙ୍କା ଉଣା ହେବାରୁ ସେ ରାଜାଙ୍କର ସନ୍ଦେହ-ବଳୟକୁ ଆସିଥିଲେ । କବିବର ରାଧାନାଥଙ୍କ ଭରଣାରେ ଅବଶ୍ୟ ଏହାର ସମାଧାନ ହୋଇଥିଲା । ସେଥିପାଇଁ ବିଦ୍ୟାରତ୍ନ ମହୋଦୟ ବାମଣ୍ଡା ପରିତ୍ୟାଗ କରି ଖ୍ରୀ ୧୯୦୨ରେ ଗଞ୍ଜାମ ଚାଲିଗଲେ । ବାଟରେ ଜଟଣୀ ଷ୍ଟେସନରେ ଖଲ୍ଲିକୋଟ ରାଜାଙ୍କ ସହ ଜୁନ୍ ମାସ ୨୫ରେ ତାଙ୍କର ଦେଖାହେଲା । 'ହିତୈଷିଣୀ' ତ୍ୟାଗ ସମ୍ପର୍କରେ ଜାଣି 'ଉତ୍କଳ ଭ୍ରମଣ'ରେ ଫକୀରମୋହନ ଲେଖିଥିଲେ-

"ମୋହର ବିନତି ଶୁଣ ନୀଳମଣି ନନା
ହିତୈଷିଣୀ ଲେଖିବାକୁ ନ କରିବ ମନା
ଏକ କାର୍ଯ୍ୟ କରି ଲାଭ ପାଇବ ସକଳ
ଯଥା ଅର୍ଥ, ବିଦ୍ୟା, ନାମ ଚତୁର୍ବର୍ଗ ଫଳ ।"

ସମସ୍ତ ବିଷୟ ଜାଣି ଖଲ୍ଲିକୋଟର ରାଜା ହରିହର ମର୍ଦ୍ଦରାଜ ରମ୍ଭାଠାରେ ତାଙ୍କୁ ଅବସ୍ଥାନ କରାଇ 'ପ୍ରଜାବନ୍ଧୁ' ନାମକ ପତ୍ରିକାର ସମ୍ପାଦନା ଦାୟିତ୍ୱ ଅର୍ପଣ କଲେ । 'ପ୍ରଜାବନ୍ଧୁ' ମାଧ୍ୟମରେ ମାଡ୍ରାସ୍ ପ୍ରେସିଡେନ୍ସିରୁ ଗଞ୍ଜାମକୁ ଉଦ୍ଧାର କରିବା, ତେଲେଗୁ ଭାଷା ପ୍ରଭାବରୁ ଓଡ଼ିଆ ଭାଷାକୁ ସୁରକ୍ଷା ଦେବା ପାଇଁ ପ୍ରଚାର ଚାଲିଲା । ସେହି ପତ୍ରିକା ପୃଷ୍ଠାରେ ସାହିତ୍ୟ ଓ ସମାଜର ଅନ୍ୟାନ୍ୟ ସମସ୍ୟା ମଧ୍ୟ ଆନୁଷଙ୍ଗିକ ବିଷୟ ହୋଇ ସ୍ଥାନିତ ହେଲା ।

ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କ ସହାୟତାରେ 'ଗଞ୍ଜାମ ଓଡ଼ିଆ ସଭା' ବା 'ମାଡ୍ରାସ ଓଡ଼ିଆ ଆସୋସିଏସନ୍'ର ପ୍ରଥମ ଅଧିବେଶନ ବ୍ରହ୍ମପୁରଠାରେ ସେ ଆୟୋଜନ କଲେ । ଏହି ସଭାକୁ ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ 'ଉତ୍କଳ ସାହିତ୍ୟ' ପତ୍ରିକାର ସମ୍ପାଦକ ବିଶ୍ୱନାଥ କର ଆମନ୍ତ୍ରିତ ହୋଇ ଆସିଥିଲେ । ଏହି ଓଡ଼ିଆ ସଭାର ପ୍ରେରଣାରେ ମଧୁସୂଦନଙ୍କ ଆହ୍ୱାନରେ ୧୯୦୭ ସାଲରେ କଟକରେ 'ଉତ୍କଳ ସମ୍ମିଳନୀ' ଆରମ୍ଭ ହୋଇଥିଲା । 'ରାଧାନାଥଙ୍କ ଜୀବନୀ'କାର ଦୁର୍ଗାଚରଣ ରାୟ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି – "ଏହି ଗଞ୍ଜାମ ସମ୍ମେଳନରୁ ପ୍ରତ୍ୟାବର୍ତ୍ତନ କରି ମିଷ୍ଟର୍ ମଧୁସୂଦନ ଦାସଙ୍କ ମନରେ, ଉତ୍କଳ ସମ୍ମେଳନର କଳ୍ପନା ଉଦ୍ଭୂତ ହୋଇଥିଲା ।" (ରାଧାନାଥ ଜୀବନୀ) । ଲୋକରତ୍ନ ଡଃ କୁଞ୍ଜବିହାରୀ ଦାଶ ମଧ୍ୟ ସେହି କଥା କହିଛନ୍ତି– "ଉତ୍କଳ ସମ୍ମିଳନୀର ମୂଳ 'ଗଞ୍ଜାମ ସମ୍ମିଳନୀ । ସେ ଉତ୍କଳୀୟତା ମନ୍ତ୍ରରେ ଉଦ୍‌ବୁଦ୍ଧ କରିଥିଲେ ଓଡ଼ିଶାକୁ, ପ୍ରେରଣା ଦେଇଥିଲେ ବରେଣ୍ୟ ନେତା ମଧୁସୂଦନ ଦାସଙ୍କୁ ।" (ଜୀବନୀ ଓ ଜୀବନ) ପ୍ରଗାଢ଼ ଶ୍ରଦ୍ଧାରେ ମାୟାଧର ମାନସିଂ ମଧ୍ୟ ନୀଳମଣି ବିଦ୍ୟାରତ୍ନଙ୍କୁ ଉଚ୍ଚସ୍ଥାନ ପ୍ରଦାନ କରି ଲେଖିଛନ୍ତି– "ଏହି ଭାବରେ ନୀଳମଣି ବିଦ୍ୟାରତ୍ନ ହିଁ ଉତ୍କଳ ସମ୍ମିଳନୀ ଓ ଓଡ଼ିଶା ପ୍ରଦେଶର ବୀଜ କହିଲେ ଅତ୍ୟୁକ୍ତି ହେବ ନାହିଁ ।" (ଜ୍ଞାନ କୋଷ, ୩ୟ ଭାଗ)

ଏହାପରେ ୧୯୦୭ ସାଲରେ ବଡ଼ଖେମୁଣ୍ଡିର ରାଜା କୃପାମୟ ଅନଙ୍ଗଭୀମ ଦେବଙ୍କ ସହାୟତାରେ ତାଙ୍କ ପ୍ରେସ୍‌ରୁ ସେ ପ୍ରଥମେ 'ଗଞ୍ଜାମ ଗୁଣ ଦର୍ପଣ' ନାମକ ଏକ ପତ୍ରିକା ପ୍ରକାଶ କଲେ । କିନ୍ତୁ ଗଞ୍ଜାମ ବଡ଼ଖେମୁଣ୍ଡିରୁ ଯେଉଁ ସର୍ବସାର ସଂଗ୍ରହ ଜ୍ଞାନଗର୍ଭ ପତ୍ରିକା 'ଉତ୍କଳ ମଧୁପ' ସେ ପ୍ରକାଶ କଲେ, ତାହା ବିଦ୍ୟାରତ୍ନ ମହୋଦୟଙ୍କୁ ଅଧିକତର ଖ୍ୟାତି ପ୍ରଦାନ କରିଥିଲା । ଏହି ପତ୍ରିକାରୁ ନୀଳମଣି ବିଦ୍ୟାରତ୍ନଙ୍କ ବିଭିନ୍ନ ଭାଷା, ବିବିଧ ଶାସ୍ତ୍ର ଏବଂ ଗଭୀର ଅନୁଭୂତି ସମ୍ପର୍କରେ ଜଣାଯାଇଥାଏ । ସଂସ୍କୃତ, ଇଂରାଜୀ, ହିନ୍ଦୀ, ବଙ୍ଗଳା ଭାଷାରେ ତାଙ୍କର ଗଭୀର ପ୍ରବେଶ ରହିଥିଲା । ମଧୁମକ୍ଷିକା ବା ମହୁମାଛି ପରି ସେ ଯେଉଁଠାରୁ ଯାହା ସବୁ ସଂଗ୍ରହ କରୁଥିଲେ ସେ ସବୁ ଏହି

'ଉତ୍କଳ ମଧୁପ' ପତ୍ରିକାର ପୃଷ୍ଠାକୁ ସମୃଦ୍ଧ କରୁଥିଲା । (ଏହା ହେଉଛି ଓଡ଼ିଆ ଭାଷାରେ ସର୍ବଜ୍ଞାନ ସଂଗ୍ରହର ପ୍ରଥମ ପ୍ରଚେଷ୍ଟା)

ଏହି 'ଉତ୍କଳ ମଧୁପ' ପତ୍ରିକା ଉପରେ ସେ କାଳରେ ଅନେକ ପ୍ରଶଂସା ମୂଳକ ମନ୍ତବ୍ୟ ପରିଲକ୍ଷିତ ହୁଏ । ଫକୀରମୋହନ, ରାମଶଙ୍କର, ନନ୍ଦକିଶୋର, ଶ୍ରୀବତ୍ସ ପଣ୍ଡାଙ୍କଠାରୁ ଆରମ୍ଭ କରି 'ଉତ୍କଳ ଦୀପିକା', 'ଗଡ଼ଜାତ ବାସିନୀ', 'ସମ୍ବାଦ ବାହିକା', 'ଓଡ଼ିଆ ଓ ନବ ସମ୍ବାଦ', 'ସମ୍ବଲପୁର ହିତୈଷିଣୀ' ଆଦି ପତ୍ରିକା 'ମଧୁପ' ନିମନ୍ତେ ନୀଳମଣିଙ୍କୁ ଉତ୍ସାହିତ କରିଥିଲେ । ସ୍ୱର୍ଗତା ଅପର୍ଣ୍ଣା ପଣ୍ଡା ମତ ଦେଇଥିଲେ- "ମଧୁପ ଯେପରି ବିବିଧ ପୁଷ୍ପରୁ ମଧୁ ସଞ୍ଚୟ କରେ, 'ମଧୁପ'ରେ ସେପରି ସାଂସାରିକ ସକଳ ବିଷୟ ସଞ୍ଚିତ ହୋଇଅଛି । ଏହିପରି ଜ୍ଞାନଗର୍ଭକ ପତ୍ରିକା ପାଠ କଲେ ସଂସାରିକ ବିଷୟ ଜ୍ଞାତ ହେବାରେ ମନୁଷ୍ୟର କିଞ୍ଚିତ୍ ହେଲେ ତ୍ରୁଟି ରହିବ ନାହିଁ ।" ଏହି ପତ୍ରିକାରେ ସଞ୍ଚିତ ମଧୁବିନ୍ଦୁ ଆସ୍ୱାଦନ ପାଇଁ ଏହି ପ୍ରବନ୍ଧରେ ସ୍ୱଚ୍ଛ ଉଦାହରଣ ପ୍ରଦାନ କରାଯାଇପାରେ ଯଥା-

କ) ୨୭୬ ଖ୍ରୀଷ୍ଟାବ୍ଦରେ ସର୍ବ ପ୍ରଥମେ ଇଂଲଣ୍ଡରେ ମଦ୍ୟ ପ୍ରସ୍ତୁତ ହୋଇଥିଲା । (ଉ.ମ.-୧୧/୨ ମେ' ୧୯୨୪)

ଖ) ୧୪୯୨ ଖ୍ରୀଷ୍ଟାବ୍ଦର ନଭେମ୍ବର ମାସରେ ଭୁବନ ବିଖ୍ୟାତ କଲମ୍ବସ୍ ଆମେରିକାର କ୍ୟୁବା ଦ୍ୱୀପ ଆବିଷ୍କାର କରିଥିଲେ । ଆଦିବାସୀମାନେ ସେଠାରେ ତମାଖୁ ସେବନ କରୁଥିଲେ । ୧୫୧୬ ଖ୍ରୀଷ୍ଟାବ୍ଦରେ ସେଠାରୁ ସ୍ପେନ୍‌କୁ, ସେଠାରୁ ଫରାସୀ ଦେଶକୁ ଆସିଲା । ୧୫୬୫ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡକୁ ଏବଂ ୧୬୧୫ ଖ୍ରୀଷ୍ଟାବ୍ଦରେ ଜନୈକ ଇଂରେଜ ରାଜଦୂତ ଭାରତର ବାଦ୍‌ଶାହ ଜାହାଙ୍ଗୀରଙ୍କ ସମୀପକୁ ଆଣିଥିଲେ । ସେ ଆପଣା ସଙ୍ଗରେ ଭାରତକୁ ତମାଖୁ ଓ ଗୋଲ୍‌ଆଳୁ ସର୍ବପ୍ରଥମେ ଆନୟନ କରିଥିଲେ । (ଉତ୍କଳ ମଧୁପ-୬/୧୧-୧୨-ଜୁନ୍-ଜୁଲାଇ, ୧୯୧୬)

ଗ) ୧୯୧୭ ଅଗଷ୍ଟରେ ଭାରତର ଜନସଂଖ୍ୟାର ବିବରଣୀ ଥିଲା-
ହିନ୍ଦୀ ଭାଷୀ-୮ କୋଟି ୬୦ ଲକ୍ଷ
ବଙ୍ଗଳା ଭାଷୀ- ୪ କୋଟି ୨୦ ଲକ୍ଷ
ତେଲେଗୁ ଭାଷୀ - ୨ କୋଟି ୨୦ ଲକ୍ଷ ଇତ୍ୟାଦି
ମାତ୍ର ଓଡ଼ିଆ ଭାଷୀ ଥିଲେ ମାତ୍ର ୯୦ ଲକ୍ଷ ।

(ଉ:ମ:- ୮/୧, ଅଗଷ୍ଟ ୧୯୧୭)

ମାତ୍ର ତିନିଗୋଟି ବିବରଣୀ ଏଠାରେ ପ୍ରଦାନ କରାଗଲା । ଏହିପରି ଅଗଣିତ ଜ୍ଞାତବ୍ୟ ବିଷୟ ଭରି ରହିଛି 'ଉତ୍କଳ ମଧୁପ'ରେ । ତତ୍‌ସହିତ ଅନେକ ହାସ୍ୟୋଦ୍ଦୀପକ, ବ୍ୟଙ୍ଗାତ୍ମକ, ପରିହାସମୂଳକ ଅଙ୍ଗୁଳି ନିର୍ଦ୍ଦେଶ ମଧ୍ୟ ସମାଜକୁ ରହିଛି ଜ୍ଞାନୀ ସମ୍ପାଦକଙ୍କର । ଏଇ ଯେମିତି-

"××× ଅଙ୍ଗାର ସର୍ବ ପ୍ରକାର ଦୁର୍ଗନ୍ଧ ନଷ୍ଟ କରେ, ରୋଗର ଜୀବାଣୁ ନଷ୍ଟ କରେ । ଯଦି ମାଛ ପୂର୍ବରୁ ନଷ୍ଟ ହୋଇଥାଏ, ତେବେ ରାନ୍ଧିବା ସମୟରେ ରନ୍ଧନ ପାତ୍ରରେ ଦୁଇ ତିନିଖଣ୍ଡ ଅଙ୍ଗାର ନିକ୍ଷେପ କରିବ, ଏତଦ୍ୱାରା ମାଛର କୌଣସି ଦୋଷ ରହିବ ନାହିଁ, ଯେପରି ତଟକା ମାଛ ରନ୍ଧନ କରାଯାଇଅଛି, ଏପରି ମନେହେବ । କୋଇଲାର ଗୁଣ୍ଡ ଦ୍ୱାରା ଦାନ୍ତ ଘଷିଲେ ଦାନ୍ତ ବେଶ୍ ପରିଷ୍କାର ହୁଏ । ଖଣ୍ଡେ ଧୋବ କନାରେ କେତେଖଣ୍ଡ ଅଙ୍ଗାର ବାନ୍ଧି ପାନୀୟ ଜଳରେ ନିକ୍ଷେପ କଲେ, ଜଳ ବିଶୁଦ୍ଧ ହୁଏ । ଶରୀରର କୌଣସି ସ୍ଥାନ ପୋଡ଼ିଗଲେ, ଦଗ୍ଧ ସ୍ଥାନରେ ତତ୍‌କ୍ଷଣାତ୍ ଅଙ୍ଗାର ଚୂର୍ଣ୍ଣ ନିକ୍ଷେପ କରିପାରିଲେ, ମୁହୂର୍ତ୍ତ ମଧ୍ୟରେ ଜ୍ୱାଳା ନିବାରଣ ହୋଇପାରିବ । ଏପରି ଅବସ୍ଥାରେ ଅଙ୍ଗାରକକୁ ଅବଜ୍ଞା ଚକ୍ଷୁରେ ଅବଲୋକନ କରିବା ଉଚିତ୍ ନୁହେଁ । ଏଣିକି 'କୁଳାଙ୍ଗାର' ଶବ୍ଦର ଅର୍ଥ କୁଳର ଶ୍ରେଷ୍ଠ ଅର୍ଥ କଲେ ଅସଙ୍ଗତ ହେବ କି ?"

(ଉତ୍କଳ ମଧୁପ-୬/୧, ଅଗଷ୍ଟ ୧୯୧୫)

ବିଦ୍ୟାରତ୍ନଙ୍କର ଏହିପ୍ରକାର ସମାଜ ସଂସ୍କାର ମୂଳକ ପରିହାସପ୍ରିୟତା ମଧ୍ୟ ଅନ୍ୟାନ୍ୟ ରଚନାରେ ଦେଖାଯାଏ । ଯେପରି 'ନାସପତ୍ର' ପୁସ୍ତିକାରେ ସେ ଲେଖିଛନ୍ତି-

"ଧୂଆଁପତ୍ର ଦ୍ୱାରା ନସ୍ୟ ପ୍ରସ୍ତୁତ ହୁଏ ବୋଲି, ତାହାର ଅପର ନାମ ନାସପତ୍ର । ମାତ୍ର ଧୂଆଁପତ୍ର ଶରୀର ନାଶରେ ସକ୍ଷମ ଥିବା ହେତୁ, ଦନ୍ତ୍ୟ 'ସ'ଠାରେ ତାଲବ୍ୟ 'ଶ' ହେବା; ଅର୍ଥାତ୍ ଧୂଆଁପତ୍ରର ଅନ୍ୟ ନାମ 'ନାଶପତ୍ର' ହେବା ଉଚିତ ।"

ଗଞ୍ଜାମ ଜିଲ୍ଲାରେ ତାଙ୍କର ସୁଦୀର୍ଘ କୋଡ଼ିଏ ବର୍ଷର ସାଧନା (ଖ୍ରୀ: ୧୯୦୨-୧୯୨୨) ସତେ ଯେପରି ଶେଷ ହୋଇଗଲା । ଶୁଣାଗଲା-

"ଦେଶ ମିଶ୍ରଣର ମୂଳ ନେତା ବୋଲି ଜାଣି
ଇଚ୍ଛା କଲେ ତେଲଙ୍ଗାଏ ଦେବେ ବୋଲି ହାଣି ।"

ଅବଶ୍ୟ ତାଙ୍କର ଏ ସବୁ ପ୍ରତି ଭୟଭ୍ରାନ୍ତି କିଛି ନ ଥିଲା । ଶେଷ ଜୀବନରେ ସେ ୧୯୨୨ ସାଲରେ କଟକ ଫେରି ଆସିଲେ । କିଛି କାଳ 'ଉତ୍କଳ ଦୀପିକା'ର ସମ୍ପାଦକ

ଦାୟିତ୍ୱ ମଧ୍ୟ ନେଇଥିଲେ । ସେହିଠାରେ ହିଁ ୧୯୨୪ ସାଲ ଜୁଲାଇ ୨୬ ତାରିଖରେ ତାଙ୍କର ତିରୋଧାନ ଘଟିଲା । ଉତ୍କଳର ସାରସ୍ୱତ ସରହଦରୁ ସତେ ଯେପରି ମୂଲ୍ୟବାନ ମଣି ଓ ରତ୍ନର ସମାହାର ମଣିଷଟିଏ ହଜିଗଲା ।

ବ୍ୟକ୍ତିଗତ ଜୀବନରେ ନୀଳମଣି ଜଣେ ମଣିଷ ପରି ମଣିଷ ମଧ୍ୟ ଥିଲେ । କବିଶେଖର ଚିନ୍ତାମଣି ମହାନ୍ତିଙ୍କର ପଦଟିଏ ଏଠାରେ ଉଲ୍ଲେଖଯୋଗ୍ୟ-

"ଅତିଥିମାନଙ୍କ ପାଇଁ ମେଲା ତୁମ ଦ୍ୱାର
ଯାଚି ଗୁଞ୍ଜି ବୁଲି କର ପର ଉପକାର
ଦେଖିଛି ମୁଁ ପର ପାଇଁ କାନ୍ଦେ ତୁମ ହୃଦ
ଅପରକୁ ଦିଅ ନିଜେ ଖାଇ କୁଣ୍ଡା ଖୁଦ ।"

ଏ ସମ୍ପର୍କରେ ଦୁଇଟି ଦୃଷ୍ଟାନ୍ତ କେବଳ ଉଲ୍ଲେଖ କରାଯାଇପାରେ । ପଠାଣି ସାମନ୍ତଙ୍କ ପରି ପୃଥିବୀ ବିଖ୍ୟାତ ଜ୍ୟୋତିର୍ବିଦ୍‌ଙ୍କୁ ବାର୍ଦ୍ଧକ୍ୟ କାଳରେ ସହାୟତା ତାଙ୍କର ମହାନୁଭବତାର ପରିଚୟ ଦିଏ । ସେହିପରି ବଡ଼ମ୍ବାର ପରବର୍ତ୍ତୀ କାଳରେ ବିଖ୍ୟାତ ବ୍ୟକ୍ତି ମୋହନ ସୁବୁଦ୍ଧିଙ୍କୁ ସେ ଦାରିଦ୍ର୍ୟରୁ ମୁକ୍ତ କରି ମହାନ କରିପାରିଥିଲେ । ତାଙ୍କର ଅତିଥିବତ୍ସଳତାର ମଧ୍ୟ ତୁଳନା ନ ଥିଲା । ସେ ପ୍ରକୃତରେ ମଣିର ମଣିଷ ବା ମଣି ପରି ଅତ୍ୟନ୍ତ ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଭାବରେ ତତ୍କାଳରେ ପ୍ରସିଦ୍ଧି ଅର୍ଜନ କରିଥିଲେ ।

ସମ୍ବଲପୁର ହିତୈଷିଣୀ, ପ୍ରଜାବନ୍ଧୁ, ଗଞ୍ଜାମ ଦର୍ପଣ, ଉତ୍କଳ ମଧୁପ, ଉତ୍କଳ ଦୀପିକା ଇତ୍ୟାଦି ସମ୍ପାଦନା କରିବା ସହିତ ସେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସାମାଜିକ ସଂସ୍କାର ସମସ୍ୟାଦିକୁ ନେଇ ଶତାଧିକ ପୁସ୍ତିକା ରଚନା କରିଥିଲେ । 'ବର୍ଣ୍ଣଶିକ୍ଷା', 'ଲିପି ପ୍ରଣାଳୀ', 'ଜାତୀୟ ଗୀତ', 'ପରିମଳ', 'ନୀତି ସୁଧାକର', 'ସଦାଚାର', 'ଜ୍ଞାନଗଙ୍ଗା', 'ସଫଳ ଜୀବନ', 'ଗ୍ରାମ୍ୟ ସମିତି', 'ବିଧବାର ଏକାଦଶୀ', 'ନାଶପତ୍ର', 'କପା ଚାଷ', 'ଆଳୁ ଚାଷ', 'ଶିଶୁ ଚିକିତ୍ସା', 'ଗୋ-ଚିକିତ୍ସା', 'ସ୍ୱର୍ଗ ନରକ ବିଚାର', 'ମଣି ମଞ୍ଜୁଷା', 'ଜୀବନ ବନ୍ଧୁ', 'ଲାଟ୍ ଦର୍ଶନ' ଇତ୍ୟାଦି ଉଲ୍ଲେଖଯୋଗ୍ୟ । ଏହି ସବୁ ପୁସ୍ତିକା ଯଥାର୍ଥରେ ଗୋଟିଏ ଗୋଟିଏ ମଣିର ଖଣି । ତନ୍ମଧ୍ୟରୁ କିଛି ମଣିର କିଞ୍ଚିତ୍ ଝଲକ ପାଠକମାନଙ୍କୁ ସଂଦର୍ଶନ କରାଇ ବିଦ୍ୟାରତ୍ନଙ୍କ ଆଲୋଚନାରୁ ବିଦାୟ ନେବା ।

☆ "ସୁରାପାନ ସମ ଜ୍ଞାନ କର ଅଭିମାନ
ଗୌରବ ଅଟଇ ଭାଇ ଗୌରବ ସମାନ,

ଶୂକରୀ ବିଷ୍ଠା ସମାନ ମଣିବ ପ୍ରତିଷ୍ଠା
ଏ ତିନିଙ୍କୁ ତେଜି ରଖ ହରିପଦେ ନିଷ୍ଠା ।"

(ପରିମଳ)

☆ "ଜନ୍ମଭୂମି ଏ ଭୂତଳେ ସରଗ ନିଶ୍ଚୟ
ପରମ ପବିତ୍ର ତୀର୍ଥ ମହାପୁଣ୍ୟମୟ
ଅତଏବ ଶ୍ରଦ୍ଧା ଭରେ ହୋଇ ଏକ ମନ
ଜନମ ଭୂଇଁର ସେବା କର ଅନୁକ୍ଷଣ ।"

(ନୀତି କୁସୁମ ହାର)

☆ "ପର୍ବତେ ଗହନେ କିମ୍ବା ଜଳେ ବା ଅନଳେ
ଯମାଳୟେ କିମ୍ବା ଯଦି ଯାଏ ରସାତଳେ
ସବୁଠାରେ କରେ ଭକ୍ତ ସୁଖରେ ଶୟନ
ବାଳକ ଆପଣା ମାତା କୋଳରେ ଯେସନ ।"

(ପରିମଳ)

☆ "ହୋଇ ଏକତ୍ରିତ ସର୍ବଦେବ ଗଣ
କରିବେ ଯଦି ମୋ' ଜୀବନ ହରଣ
ନ ତେଜିବି ସତ୍ୟପଥ ସଦାଶୟ
ଦେବି ନାହିଁ କେବେ ମିଥ୍ୟାକୁ ପ୍ରଶ୍ରୟ ।"

(ସ୍ୱର୍ଗ ନରକ ବିଚାର)

ଅବସର ପ୍ରାପ୍ତ ପ୍ରାଧ୍ୟାପକ,
ଗ୍ରା/ପୋ:ଅ:- ବରୁଣିଆ,
ଜିଲ୍ଲା- ଯାଜପୁର-୭୫୪୦୮୨



ପ୍ରଥମ ଓଡ଼ିଆ ଦୈନିକ ସମ୍ବାଦପତ୍ର ସମ୍ପାଦକ ଶଶିଭୂଷଣ ରଥ

ଡକ୍ଟର ପ୍ରଦୀପ ମହାପାତ୍ର

୧୯୨୮ ମସିହାରେ ପ୍ରଥମ ଓଡ଼ିଆ ଦୈନିକ ସମ୍ବାଦପତ୍ର 'ଦୈନିକ ଆଶା' ଶଶିଭୂଷଣ ରଥଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଥିଲା । ୧୯୧୩ ମସିହାରୁ ସାପ୍ତାହିକ ସମ୍ବାଦପତ୍ର 'ଆଶା' ବ୍ରହ୍ମପୁରରୁ ପ୍ରକାଶ ପାଇ ଆସୁଥିଲା । ଦୀର୍ଘ ୧୫ ବର୍ଷ କାଳ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶନର ଅଭିଜ୍ଞତା ହାସଲ କରି 'ଆଶା' ଦୈନିକ ସମ୍ବାଦପତ୍ରରେ ରୂପାନ୍ତରିତ ହୋଇଥିଲା ।

'ଦୈନିକ ଆଶା'ର ପ୍ରଥମ ପ୍ରକାଶନ ସମୟରେ ସାପ୍ତାହିକ 'ଉତ୍କଳ ଦୀପିକା' ଓ 'ସମାଜ' ମଧ୍ୟ ପ୍ରକାଶ ପାଉଥିଲା । ୧୯୩୦ ମସିହାରେ ସାପ୍ତାହିକ 'ସମାଜ' ଦୈନିକ ସମ୍ବାଦପତ୍ର ରୂପେ ପ୍ରବର୍ତ୍ତିତ ହୋଇଥିବା ବେଳେ ୧୯୩୬ ମସିହାରେ 'ଉତ୍କଳ ଦୀପିକା' କିଛିକାଳ ଦୈନିକ ରୂପେ ପ୍ରକାଶିତ ହୋଇ ବନ୍ଦ ହୋଇଯାଇଥିଲା ।

ଶଶିଭୂଷଣ ରଥ 'ଆଶା' ପ୍ରକାଶନ କରିବା ପୂର୍ବରୁ ମୁମ୍ବାଇରେ ଜୋତା ବ୍ୟବସାୟୀ, କଟକରେ ମଧୁସୂଦନ ଦାସଙ୍କ ଉତ୍କଳ ଟ୍ୟାନେରୀର ପରିଚାଳକ ତଥା କୋଲକତାରେ ଔଷଧ ବ୍ୟବସାୟୀ ଭାବେ ଅବସ୍ଥାପିତ ହୋଇଥିଲେ । କୋଲକତାରେ ରହଣୀକାଳରେ ସେ ମହାତ୍ମାଗାନ୍ଧୀଙ୍କ ନୈଶ ବିଦ୍ୟାଳୟ ଆନ୍ଦୋଳନରେ ସାମିଲ ହୋଇ ଚଟକଳରେ ନିଯୁକ୍ତ ଓଡ଼ିଆ ଶ୍ରମିକମାନଙ୍କ ସଙ୍ଗଠନ କାମରେ ଲାଗିପଡ଼ିଥିଲେ ଏବଂ ସେ ସମୟରେ ସେଠାରେ ଅଧ୍ୟୟନରତ ସତ୍ୟବାଦୀ ଗୋଷ୍ଠୀର ସଂସ୍ପର୍ଶରେ ଆସିଥିଲେ । ବ୍ରହ୍ମପୁରରେ ଏକ ମୁଦ୍ରଣାଳୟ ସ୍ଥାପନ କରି ଓଡ଼ିଆ ସମ୍ବାଦପତ୍ର ପ୍ରକାଶନ କିରବା ଲାଗି ଶଶିଭୂଷଣଙ୍କୁ ତତ୍‌କାଳୀନ ଖ୍ୟାତାନାମା ସମ୍ପାଦକ ନୀଳମଣି ବିଦ୍ୟାରତ୍ନ, ସଂସ୍କାରକ ଶ୍ରୀବତ୍ସ ପଣ୍ଡା ଓ ସଙ୍ଗଠକ ହରିହର ପଣ୍ଡା ପ୍ରମୁଖ ପ୍ରବର୍ତ୍ତାଇଥିଲେ । 'ଆଶା' ପ୍ରକାଶନ କାଳରେ ଗୋପବନ୍ଧୁ ଦାସଙ୍କ ସମେତ ସତ୍ୟବାଦୀ ଗୋଷ୍ଠୀ ସମ୍ବାଦପତ୍ର ପ୍ରଯୋଜନା କ୍ଷେତ୍ରରେ ଅଙ୍ଗାଙ୍ଗି ଭାବେ ଜଡ଼ିତ ଥିଲେ । 'ଆଶା' ପାଇଁ ସତ୍ୟବାଦୀରୁ ଲେଖା ନିୟମିତ ରେଳ ଗାର୍ଡଙ୍କ ମାର୍ଫତ୍‌ରେ

ବ୍ରହ୍ମପୁରରେ ପହଞ୍ଚୁଥିଲା । କୁହାଯାଏ ଯେ ସତ୍ୟବାଦୀ ବନ ବିଦ୍ୟାଳୟରୁ ଲେଖା ଆସି ପହଞ୍ଚିବାରେ ବିଳମ୍ବ ହୋଇଗଲେ ପାସେଞ୍ଜର ଟ୍ରେନଟି ସତ୍ୟବାଦୀ ରେଳଷ୍ଟେସନରେ କିଛି ଅଧିକା ସମୟ ଅଟକୁଥିଲା । ଗୋଦାବରୀଶ ମିଶ୍ର ଲେଖା ପହୁଞ୍ଚାଇବା ପରେ ରେଳ ଛାଡୁଥିଲା । ସାପ୍ତାହିକ 'ସମାଜ' ପ୍ରକାଶନ ପୂର୍ବରୁ ଗୋପବନ୍ଧୁ ଦାସଙ୍କ ସମ୍ପାଦନାରେ ୧୯୧୫ ମସିହାରେ 'ସତ୍ୟବାଦୀ' ପ୍ରକାଶନ ଆରମ୍ଭ ହୋଇଥିଲା ଏବଂ ପ୍ରଥମ ଅବସ୍ଥାରେ ତାହା ବ୍ରହ୍ମପୁରରୁ ଆଶା ପ୍ରେସ୍‌ରେ ହିଁ ମୁଦ୍ରିତ ହେଉଥିଲା ।

ସାପ୍ତାହିକ ସମ୍ବାଦପତ୍ର 'ଆଶା' ସାରା ଓଡ଼ିଶାରେ ଆଦୃତ ହୋଇପାରିଥିଲା । ଏପରିକି ପ୍ରକାଶନର ବର୍ଷକ ପରେ ୧୯୧୪ ମସିହା ଶେଷ ବେଳକୁ ଏହାର ପ୍ରସାର ସାତହଜାରରେ ପହଞ୍ଚିଥିବା ପ୍ରମାଣ ରହିଛି । ଆଞ୍ଚଳିକ ସମ୍ବାଦ ପ୍ରସାରଣ ସାଙ୍ଗକୁ ଓଡ଼ିଆ ଭାଷାଭାଷୀ ଏକତ୍ରୀକରଣ ତଥା ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଗଠନ, ସ୍ୱାଧୀନତା ସଂଗ୍ରାମ ଏବଂ ସାମାଜିକ ସଂସ୍କାର ଦିଗରେ 'ଆଶା' ଓ 'ଦୈନିକ ଆଶା'ର ଉଦ୍ୟମ ଅବ୍ୟାହତ ରହିଥିଲା । ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ କଟକ ରାଜ୍ୟ ରାଜଧାନୀର ମାନ୍ୟତା ପାଇଥିଲା ଏବଂ 'ଦୈନିକ ଆଶା' ପ୍ରକାଶନସ୍ଥଳୀ ବ୍ରହ୍ମପୁର ପରିବର୍ତ୍ତେ ୧୯୩୯ ମସିହାରେ କଟକକୁ ସ୍ଥାନାନ୍ତରିତ ହୋଇଥିଲା । ୧୯୪୩ ମସିହାରେ ଶଶିଭୂଷଣ ରଥଙ୍କ ୫୮ ବର୍ଷ ବୟସରେ ପରଲୋକ ଘଟିଲା ଏବଂ ମାଲିକାନା ହସ୍ତାନ୍ତର ପରେ ୧୯୫୧ ମସିହା ସୁଦ୍ଧା 'ଦୈନିକ ଆଶା'ର ପ୍ରକାଶନ ବନ୍ଦ ହୋଇଯାଇଥିଲା । ୧୯୮୨ ମସିହାରେ ବ୍ରହ୍ମପୁରରୁ ବୃନ୍ଦାବନ ନାୟକଙ୍କ ପ୍ରଚେଷ୍ଟାରେ 'ଦୈନିକ ଆଶା'ର ନୂତନ ପ୍ରସ୍ଥ ଉନ୍ମୋଚିତ ହୋଇଥିଲା ଏବଂ ୧୯୯୯ ମସିହା ମହାବାତ୍ୟା ଯାଏଁ ପ୍ରକାଶ ପାଇ ଅନିୟମିତ ହୋଇପଡ଼ିଥିଲା ।

'ଦୈନିକ ଆଶା' ପ୍ରକାଶନ ପୂର୍ବରୁ ୧୯୨୭ ମସିହାରେ ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ପରିକ୍ରମା କାଳରେ 'ଗାନ୍ଧୀ ସମାଚାର' ନାମରେ ଏକ ଦୈନିକ ବୁଲେଟିନ ପ୍ରକାଶିତ ହୋଇଥିଲା । କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ସମ୍ପାଦନାରେ ୧୯୨୭ ମସିହା ନଭେମ୍ବର ମାସରୁ ୧୯୨୮ ମସିହା ଜାନୁଆରୀ ମାତ୍ର ଦୁଇମାସ ପାଇଁ ଏହାର ପ୍ରକାଶନ ଜାରି ରହିଥିଲା । ଏହା ବ୍ରହ୍ମପୁର ଆଶା ପ୍ରେସ୍‌ରେ ଶଶିଭୂଷଣ ରଥଙ୍କ ତତ୍ତ୍ୱାବଧାନରେ ହିଁ ପ୍ରଯୋଜିତ ହେଉଥିଲା । ଗାନ୍ଧୀଙ୍କ ଓଡ଼ିଶା ଆଗମନ ସମୟସୀମାରେ କେବଳ ଗାନ୍ଧୀଙ୍କ ଯାତ୍ରା ବିବରଣୀକେନ୍ଦ୍ରିକ ସମ୍ବାଦ ପରିବେଷଣ ହେତୁ 'ଗାନ୍ଧୀ ସମାଚାର'କୁ ଦୈନିକ ସମ୍ବାଦପତ୍ରର ମାନ୍ୟତା ଦିଆଯାଏ ନାହିଁ ।

ଓଡ଼ିଶାରେ ଦୈନିକ ସମ୍ବାଦପତ୍ର ସମ୍ପାଦନା କ୍ଷେତ୍ରରେ ଶଶିଭୂଷଣ ରଥ ସ୍ୱକୀୟ ଧାରା ପ୍ରବର୍ତ୍ତନ କରିଥିଲେ । ସେ ସମ୍ପାଦନା ସହ ସମ୍ବାଦପତ୍ର ବ୍ୟବସାୟ ପରିଚାଳନାରେ ଅଙ୍ଗାଙ୍ଗି ଭାବେ ସମ୍ପୃକ୍ତ ରହୁଥିଲେ । ଦୈନିକ ସମ୍ବାଦପତ୍ର ପ୍ରକାଶନ କ୍ଷେତ୍ରରେ ବ୍ୟାବସାୟିକ ସଫଳତା ତାଙ୍କରି କାର୍ଯ୍ୟଦକ୍ଷତା ପ୍ରମାଣିତ କରିଥିଲା । ଭାଷା ଓ ସୀମା ସୁରକ୍ଷା, ସ୍ୱାଧୀନତା ଆନ୍ଦୋଳନ ପ୍ରଚାର ତଥା ସାମାଜିକ ସଂସ୍କାର ଭଳି ବହୁ କାର୍ଯ୍ୟକ୍ରମ ଶଶିଭୂଷଣଙ୍କ ସମ୍ପାଦକୀୟ ନୀତି ରୂପେ ପର୍ଯ୍ୟବସିତ ହୋଇଥିଲା । ସମ୍ବାଦପତ୍ର ପ୍ରକାଶନଜନିତ ସାମାଜିକ ଦାୟବଦ୍ଧତା ତାଙ୍କରି ସମ୍ପାଦନା ଶୈଳୀର ବୈଶିଷ୍ଟ୍ୟ ରୂପେ ଚିହ୍ନଟ କରାଯାଇପାରେ । ସ୍ପଷ୍ଟବାଦିତା ଓ ନିର୍ଭୀକତା କ୍ଷେତ୍ରରେ ଶଶିଭୂଷଣଙ୍କ ସମ୍ପାଦକୀୟ ପରାକାଷ୍ଠା ବୃହତ୍ତର ପାଠକ ଗୋଷ୍ଠୀର ଦୃଷ୍ଟି ଆକର୍ଷଣ କରିପାରିଥିଲା ।

ଶଶିଭୂଷଣ ରଥଙ୍କ ଦୈନିକ ସମ୍ବାଦପତ୍ର ସମ୍ପାଦନା ଓ ପ୍ରକାଶନ ବ୍ୟକ୍ତିକୈନ୍ଦ୍ରିକ ନୀତିରେ ଗଢ଼ି ଉଠିଥିଲା । ଫଳତଃ ତାଙ୍କରି ବୟସାଧିକ୍ୟ ଅବସ୍ଥାରେ ସମ୍ବାଦପତ୍ର ପରିଚାଳନା କ୍ଷେତ୍ରରେ ବିଭ୍ରାଟ ଘଟିବା ସଙ୍ଗେ ସଙ୍ଗେ ତାଙ୍କରି ପରଲୋକର ଅଳ୍ପକାଳ ପରେ ସମ୍ବାଦପତ୍ର ପ୍ରକାଶନ ବନ୍ଦ ହୋଇଯାଇଥିଲା । ଆଧୁନିକ ଯୁଗର ବୃତ୍ତିକୈନ୍ଦ୍ରିକ ପରିଚାଳନା ବା ପ୍ରଫେସନାଲ ମ୍ୟାନେଜମେଣ୍ଟ ଦିଗରେ ସେ ବିଫଳ ଥିଲେ । 'ଦୈନିକ ଆଶା' ପ୍ରକାଶନର ପାଞ୍ଚବର୍ଷ ପରେ ୧୯୩୩ରେ ଶଶିଭୂଷଣ 'ନିଉ ଓଡ଼ିଶା' ନାମକ ଏକ ଇଂଲିଶ ଦୈନିକ ସମ୍ବାଦପତ୍ର ପ୍ରକାଶନ ଆରମ୍ଭ କରିଥିଲେ । ୧୯୩୭ ମସିହା ବେଳକୁ 'ଦୈନିକ ଆଶା' ଓ 'ନିଉ ଓଡ଼ିଶା' ପ୍ରକାଶନ କ୍ଷେତ୍ରରେ ଦୁର୍ବଳ ଆର୍ଥିକସ୍ଥିତିରେ ପହଞ୍ଚିବା ପରେ ଶଶିଭୂଷଣ ସମ୍ବାଦପତ୍ର ପ୍ରକାଶନକୁ ସମବାୟ ସଂସ୍ଥାରେ ପରିଣତ କରିବାପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ ।

ଓଡ଼ିଶା ସାମ୍ବାଦିକତାର କ୍ରମବିକାଶରେ ଶଶିଭୂଷଣ ରଥଙ୍କ ଜୀବନୀ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ସମ୍ବାଦ ପତ୍ର ପ୍ରକାଶନ ପରିପ୍ରେକ୍ଷୀରେ ଉନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ପ୍ରଥମ ଭାଗର ସାପ୍ତାହିକ ଯୁଗରୁ ବିଂଶ ଶତାବ୍ଦୀର ମଧ୍ୟଭାଗରେ ଦୈନିକ ଯୁଗ ପ୍ରବର୍ତ୍ତନରେ ତାଙ୍କରି ଭୂମିକା ଅନନ୍ୟ ସାଧାରଣ । ଶଶିଭୂଷଣ ଗଞ୍ଜାମର ସୋରଡ଼ାଠାରେ ୧୮୮୫ ମସିହା ଜାନୁୟାରୀ ପହିଲା ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କରି ପିତା ଲମ୍ବୋଦର ମହାପାତ୍ର ଇଂଲିଶ ସରକାରଙ୍କ ପ୍ରୋତ୍ସାହନରେ ଚେନ୍ନାଇ (ମାଦ୍ରାଜ)ଠାରେ କମ୍ପୋଜିଟର ତାଲିମ ନେଇ ଫେରିଥିଲେ । ସରକାରୀ ନଥିପତ୍ର ମୁଦ୍ରଣ ପାଇଁ ଓଡ଼ିଆ ଅକ୍ଷର ଯୋଡ଼ିବା (କମ୍ପୋଜିଂ) କାର୍ଯ୍ୟରେ ସେ ସରକାରଙ୍କୁ

ସହାୟତା ପ୍ରଦାନ କରୁଥିଲେ । ଏହି ଦୃଷ୍ଟିରୁ ମୁଦ୍ରଣ ଶିଳ୍ପରେ ଶଶିଭୂଷଣଙ୍କ ପାରିବାରିକ ସମ୍ପୃକ୍ତି ତାଙ୍କୁ ସାମ୍ବାଦିକତାକୁ ବୃତ୍ତି ରୂପେ ଗ୍ରହଣ କରିବା ଲାଗି ପ୍ରେରଣା ଯୋଗାଇଥିଲା ବୋଲି କୁହାଯାଇପାରେ ।

ଶଶିଭୂଷଣ ମାତାଙ୍କ ଗର୍ଭ ଅବସ୍ଥାରେ ହିଁ ପିଉସା ଦିଗମ୍ବର ରଥଙ୍କୁ ଦତ୍ତ ହୋଇଯାଇଥିଲେ । ଲମ୍ବୋଦର ମହାପାତ୍ର ଗଞ୍ଜାମ ଜିଲ୍ଲା ସୋରଡ଼ାରେ ରହୁଥିବା ବେଳେ ଦିଗମ୍ବର ରଥ ଗଞ୍ଜାମର ଭଞ୍ଜନଗର (ରସଲକୁଣ୍ଡା)ରେ ରାଜକର୍ମଚାରୀ ରୂପେ ଅବସ୍ଥାପିତ ହୋଇଥାନ୍ତି । ଶଶିଭୂଷଣଙ୍କ ବାଲ୍ୟ ଶିକ୍ଷା ଦତ୍ତ ପିତାଙ୍କ ଅଧୀନରେ ଭଞ୍ଜନଗରଠାରେ ସମାହିତ ହେବା ପରେ ପାରଳାଖେମୁଣ୍ଡି ମହାରାଜା ହାଇସ୍କୁଲରୁ ମାଟ୍ରିକ ପାଶ କରିଥିଲେ । ୧୯୦୫ ମସିହା ବେଳକୁ ୨୦ ବର୍ଷ ବୟସରେ ମୁମ୍ବାଇ (ବମ୍ବେ) ଯାଇ 'ରଥ ଏଣ୍ଡ କୋ' ନାମରେ ଚମଡ଼ା ବ୍ୟବସାୟ ଆରମ୍ଭ କରିଥିଲେ । ସେଠାରେ କିଛି ବର୍ଷ ରହିବାପରେ କାମଳ ରୋଗାକ୍ରାନ୍ତ ହୋଇ ସୋରଡ଼ା ଫେରିଥିଲେ । ତେବେ ସୁସ୍ଥ ହେବାପରେ ମୁମ୍ବାଇ ବଦଳରେ କୋଲକାତା ଯାଇ ସେଠାରେ 'ୟଙ୍ଗ ଏଣ୍ଡ କୋ'ରେ ପରିଚାଳକ ଓ ପରେ ଏକ ଔଷଧ କାରଖାନା ଆରମ୍ଭ କରି 'ଜରମଲୀନ' ନାମକ ମ୍ୟାଲେରିଆ ନିରାକରଣ ପେଟେଣ୍ଟ ମେଡିସିନ ବ୍ୟବସାୟ କରିଥିଲେ । କଲିକତା ଯିବା ପୂର୍ବରୁ କଟକରେ ମଧୁସୂଦନ ଦାସଙ୍କ 'ଉତ୍କଳ ଟେନେରୀ'ରେ ମଧ୍ୟ କିଛି ସମୟ ବିତାଇଥିଲେ । ୧୯୧୨ ମସିହାରେ ଶଶିଭୂଷଣ ଓଡ଼ିଶାକୁ ଫେରି ବ୍ରହ୍ମପୁରକୁ ନିଜର କର୍ମକ୍ଷେତ୍ର ରୂପେ ଗ୍ରହଣ କରିଥିଲେ ।

ଆଶା ପ୍ରେସ ବ୍ରହ୍ମପୁରର ସାନବଜାରସ୍ଥିତ ଭେଙ୍କଟେଶ୍ୱର ମନ୍ଦିର ପାର୍ଶ୍ୱରେ ଏକ ଭଡ଼ା କୋଠାଘରେ ଆରମ୍ଭ ହୋଇଥିଲା । ବେଲଗୁଣ୍ଠାରେ ଅବ୍ୟବହୃତ ଅବସ୍ଥାରେ ଥିବା ଏକ ହେଣ୍ଡପ୍ରେସ ଆଣି ପ୍ରେସ ଆରମ୍ଭ ହୋଇଥିଲା । ସମ୍ଭବତଃ ୧୯୩୧ ମସିହାରେ ସାନବଜାର ହନୁମାନ ମନ୍ଦିର ପାର୍ଶ୍ୱରେ ଥିବା ଅନ୍ୟ ଏକ କୋଠା କିଣାଯାଇ ପ୍ରେସ ସ୍ଥାନାନ୍ତରିତ ହୋଇଥିଲା । ପ୍ରେସରେ ହିଁ ଶଶିଭୂଷଣ ବସବାସ କରୁଥିଲେ । ଏହି 'ଶଶିଧାମ'ରେ ହିଁ ତାଙ୍କରି ଜୀବନ ନିର୍ବାପିତ ହୋଇଥିଲା ।

ସାମ୍ବାଦିକତା ପରକୁ ଓଡ଼ିଆ ଭାଷାଭାଷୀଙ୍କ ସ୍ୱାଭିମାନର ସୁରକ୍ଷା ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ସମାଜ ସଂସ୍କାର କ୍ଷେତ୍ରରେ ଶଶିଭୂଷଣଙ୍କ ଅବଦାନ ତାଙ୍କରି ଜୀବନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ବିଂଶ ଶତାବ୍ଦୀର ପ୍ରଥମଭାଗ ସୁଦ୍ଧା ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ପୂର୍ବାବସ୍ଥାରେ

ବ୍ରହ୍ମପୁର ସହରରେ ତେଲୁଗୁଭାଷାଭାଷୀଙ୍କ ଆଧିପତ୍ୟ ଓଡ଼ିଆ ଭାଷାଭାଷିଙ୍କୁ କବଳିତ କରିରଖିଥିଲା ।

୧୯୧୨ ମସିହାରେ ବଙ୍ଗପ୍ରଦେଶରୁ ବିହାର ଓ ଓଡ଼ିଶାକୁ ପୃଥକ କରାଯାଇ ବିହାର-ଓଡ଼ିଶା ପ୍ରଦେଶ ଗଢ଼ାହେଲା । ଏହି ଅବସରରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଲାଗି ଚିନ୍ତା ଜୋର ଧରିଥିଲା । ଗଞ୍ଜାମ ମାନ୍ଦ୍ରାଜ ପ୍ରଦେଶ ଅଧୀନସ୍ଥ ଥିବା ତଥା ତେଲୁଗୁଭାଷାଭାଷୀଙ୍କ ଦ୍ୱାରା ଶାସିତ ହେଉଥିବା କାରଣରୁ ଓଡ଼ିଶାରେ ଗଞ୍ଜାମ ଜିଲ୍ଲା ମିଶ୍ରଣ ପ୍ରସ୍ତାବ ଏଠାକାର ବୁଦ୍ଧିଜୀବୀମାନଙ୍କୁ ପ୍ରଭାବିତ କରିଥିଲା । ଓଡ଼ିଆ ସାମ୍ବାଦିକତାର ଅନ୍ୟତମ ବିନ୍ଧାଣୀ ନୀଳମଣି ବିଦ୍ୟାରତ୍ନ ସେତେବେଳକୁ ଦିଗପହଣ୍ଡି (ବଡ଼ଖେମୁଣ୍ଡି) ରାଜସଭାରେ ପଣ୍ଡିତ ରୂପେ ଏବଂ ସଂସ୍କାରକ ଶ୍ରୀବତ୍ସ ପଣ୍ଡା ରେଜିଷ୍ଟ୍ରାର ରୂପେ ଅବସ୍ଥାପିତ ହୋଇଥାନ୍ତି । ଆସିକାର ଓକିଲ ହରିହର ପଣ୍ଡା ଏମାନଙ୍କ ସହ ଏକତ୍ର ଦେଶମିଶ୍ରଣ ପ୍ରସ୍ତାବ ବିଚାର କରୁଥାନ୍ତି । ଏ ତିନିହେଁ ଶଶିଭୂଷଣଙ୍କୁ ଓଡ଼ିଆ ଭାଷାଭାଷୀଙ୍କ ସଙ୍ଗଠନ ତଥା ସେମାନଙ୍କ ଦାବି ଉପସ୍ଥାପନ ନିମନ୍ତେ ଏକ ସମ୍ବାଦପତ୍ର ପ୍ରକାଶନ ନିମନ୍ତେ ଉତ୍ସାହିତ କରିଥିଲେ । ଏଥି ପୂର୍ବରୁ ପାରଳାଖେମୁଣ୍ଡିରୁ 'ଗଞ୍ଜାମ ନିଉଜ', ବ୍ରହ୍ମପୁରରୁ 'ଓଡ଼ିଆ ହିତବାଦିନୀ', ରମ୍ଭାରୁ 'ପ୍ରଜାବନ୍ଧୁ', ଇଚ୍ଛାପୁରରୁ 'ଉତ୍କଳବାସୀ' ଓ ଦିଗପହଣ୍ଡିରୁ 'ଗଞ୍ଜାମ ଗୁଣଦର୍ପଣ' ପ୍ରକାଶିତ ହୋଇଥିଲେ ହେଁ ଦୀର୍ଘସ୍ଥାୟୀ ହୋଇପାରି ନ ଥିଲା ।

ଶଶିଭୂଷଣ କଂଗ୍ରେସ କର୍ମୀ ହୋଇଥିଲେ ସୁଦ୍ଧା ଓଡ଼ିଶା ସହ ଗଞ୍ଜାମ ଓ ଅନ୍ୟ ଦକ୍ଷିଣାଞ୍ଚଳ ମିଶ୍ରଣ ତଥା ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବିକୁ ପ୍ରାଥମିକତା ଦେଇଥିଲେ । ଯୁବକ ଅବସ୍ଥାରୁ ସେ ଉତ୍କଳ ସମ୍ମିଳନୀ ସହ ସମ୍ପୃକ୍ତ ରହିଆସିଥିଲେ । ୧୯୦୩ ମସିହାରେ ବ୍ରହ୍ମପୁରରେ ଗଞ୍ଜାମ ସମ୍ମିଳନୀର ପ୍ରଥମ ଅଧିବେଶନରେ ଶଶିଭୂଷଣ ସ୍ୱେଚ୍ଛାସେବକ ଭାବେ ଯୋଗ ଦେଇଥିଲେ । ସେ ସମୟରେ ସେ ପାରଳାଖେମୁଣ୍ଡିରେ ଛାତ୍ର । ୧୯୧୫ ମସିହାରେ ପାରଳାଖେମୁଣ୍ଡିରେ ଓ ୧୯୧୭ରେ ବାଲେଶ୍ୱରରେ ଉତ୍କଳ ସମ୍ମିଳନୀର ଅଧିବେଶନ ଆୟୋଜନ ବେଳେ ଶଶିଭୂଷଣ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

କଂଗ୍ରେସ ପକ୍ଷରୁ ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ଗଠନ କିମ୍ବା ଦେଶ ମିଶ୍ରଣ ଦାବୀକୁ ଗୁରୁତ୍ୱ ଦିଆଯାଉ ନ ଥିଲା । ଏହି କାରଣରୁ ମଧୁସୂଦନ ଦାସ କଂଗ୍ରେସ ପରିତ୍ୟାଗ କରି ଉତ୍କଳ ସମ୍ମିଳନୀକୁ ମୁଖ୍ୟ ଆୟୁଧ କରି ଗଢ଼ି ତୋଳିଥିଲେ । ଶଶିଭୂଷଣ ସେହି

କାରଣରୁ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ନ ଥିଲେ । ଓଡ଼ିଶା ସହ ଗଞ୍ଜାମର ମିଶ୍ରଣ ଲାଗି ଫିଲିପ ଡଫ୍ କମିଟି ଓ ଭାଷାଭିତ୍ତିକ ରାଜ୍ୟ ପୁନର୍ଗଠନ ପ୍ରସ୍ତାବ ବିଚାର ନିମନ୍ତେ ସାଇମନ କମିଶନ ଗଠିତ ହୋଇଥିଲା । କଂଗ୍ରେସ ପକ୍ଷରୁ ଏହାକୁ ଅସହଯୋଗ କରାଯାଇଥିବା ସ୍ଥଳେ ଶଶିଭୂଷଣ ଉଭୟ ସରକାରୀ ପଦସ୍ଥ କର୍ମକର୍ତ୍ତାଙ୍କ ସମ୍ମୁଖରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣର ପ୍ରସ୍ତାବ ରଖିଥିଲେ । ଫିଲିପ ଡଫ୍ କମିଟିକୁ ଭବ୍ୟ ଅଭ୍ୟର୍ଥନା ଦେବାଲାଗି ସେ ଯତ୍ନବାନ ହୋଇଥିଲେ । ବ୍ରହ୍ମପୁର, ଛତ୍ରପୁର, ଘୁମୁସର, ଇଚ୍ଛାପୁର, ମଞ୍ଜୁଷା, ଟେକେଲି, ପାରଳାଖେମୁଣ୍ଡି, ଉଦ୍ୟାନ, ବୁଢ଼ାରସିଂଗି ଓ ଜଳନ୍ତର ପ୍ରଭୃତି ଅଞ୍ଚଳ ଓଡ଼ିଶା ସହ ମିଶ୍ରଣ ଲାଗି କମିଟିଙ୍କ ସମ୍ମୁଖରେ ସାକ୍ଷ୍ୟ ଦିଆଯାଇଥିଲା । କମିଟି ପକ୍ଷରୁ ଏସବୁ ଅଞ୍ଚଳଗୁଡ଼ିକୁ ଓଡ଼ିଶାରେ ମିଶ୍ରଣ ନିମନ୍ତେ ଅନୁକୂଳ ମତ ପ୍ରକାଶ ପାଇଥିଲା । ୧୯୩୬ ମସିହାରେ ଯଦି ଅନ୍ତତଃପକ୍ଷେ ବ୍ରହ୍ମପୁର, ଛତ୍ରପୁର, ଘୁମୁସର ଓ ପାରଳାଖେମୁଣ୍ଡି ଓଡ଼ିଶା ପ୍ରଦେଶରେ ସାମିଲ ହୋଇପାରିଲା, ତେବେ ଫିଲିପ ଡଫ୍ କମିଟିର ପ୍ରାଥମିକ ପ୍ରସ୍ତାବକୁ ହିଁ ଶ୍ରେୟ ଦିଆଯିବା ଉଚିତ । ଶଶିଭୂଷଣ କମିଟି ସମ୍ମୁଖରେ ଓଡ଼ିଆ ଭାଷାଭାଷୀଙ୍କ ସମସ୍ୟାର ସମାଧାନ ପାଇଁ ଲଢୁଥିବା ବେଳେ ରାଜ୍ୟ କଂଗ୍ରେସ ପକ୍ଷରୁ ତାଙ୍କୁ ବିରୋଧ କରାଯାଇଥିଲା । ହରେକୃଷ୍ଣ ମହତାବ ଶଶିଭୂଷଣଙ୍କୁ ସରକାରୀ ଦଲାଲ ରୂପେ ଚିତ୍ରଣ କରିଥିବା କୁହାଯାଏ । ସେହିପରି ସାଇମନ କମିସନଙ୍କଠାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଲାଗି ସ୍ମାରକପତ୍ର ପ୍ରଦାନ କରିଥିବା ହେତୁ ୧୯୨୮ ମସିହାରେ କଲିକତାରେ ମୋତିଲାଲ ନେହେରୁ ମଧ୍ୟ ସର୍ବଦଳୀୟ ସମ୍ମିଳନୀରେ ଶଶିଭୂଷଣଙ୍କୁ ତିରସ୍କାର କରିଥିବା ପ୍ରମାଣ ମିଳେ । ସାଇମନ କମିଶନ ଓଡ଼ିଶାକୁ ଗୋଟିଏ ଉପ-ପ୍ରଦେଶ ରୂପେ ଗଠନ କରିବା ନିମନ୍ତେ ସୁପାରିଶ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏହା ବାଟ କଢ଼ାଇଥିଲା । ଓଡ଼ିଆ ଭାଷାଭାଷୀଙ୍କ ସମସ୍ୟା ସମ୍ପର୍କରେ ଅନୁଧାନ କରିବା ନିମନ୍ତେ ସାଇମନ କମିଶନ ଗୋଟିଏ ସବ୍-କମିଟି ଗଠନ କରିଥିଲେ । ଏଥିରେ ଅଟଲୀ ସାହେବ ଓ ରାୟବାହାଦୂର ଲକ୍ଷ୍ମୀଧର ମହାନ୍ତି ସଦସ୍ୟ ରହିଥିଲେ । ଏହି କମିଟି ସମ୍ମୁଖରେ ଶଶିଭୂଷଣ ଓ ଭୁବନେଶ୍ୱର ରଥ ଚେନ୍ନାଇଠାରେ ସାକ୍ଷ୍ୟ ଦେଇଥିଲେ ।

ବିଂଶ ଶତାବ୍ଦୀର ପ୍ରଥମାବସ୍ଥାରେ ଦକ୍ଷିଣାଞ୍ଚଳର ଓଡ଼ିଆ ଭାଷାଭାଷୀମାନେ ଜନଗଣନା ଅବସରରେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ କୁଣ୍ଠା ପ୍ରକାଶ କରୁଥିଲେ । ୧୯୩୧ ମସିହାର ଜନଗଣନାରେ ଓଡ଼ିଆମାନଙ୍କ ବାସ୍ତବ ସଂଖ୍ୟା ଲିପିବଦ୍ଧ

କରିବା ନିମନ୍ତେ ଶଶିଭୂଷଣ ଉଦ୍ୟମ କରିଥିଲେ । 'ଆଶା' ପତ୍ରିକାରେ ଏ ସମ୍ପର୍କରେ ନିୟମିତ ଲେଖା ପ୍ରକାଶ ପାଉଥିଲା । ମଞ୍ଜୁଷା ଓ ପାରଳାଖେମୁଣ୍ଡିଠାରେ କମିଟିମାନ ଗଢ଼ାଯାଇ ଜନଗଣନା ସମ୍ପର୍କରେ ସଚେତନତା ପ୍ରସାର କାର୍ଯ୍ୟରେ ସେ ଲାଗି ପଡ଼ିଥିଲେ । ଏହା ଫଳରେ ଜନଗଣନା ବିବରଣୀରେ ସୀମାନ୍ତର ବିଭିନ୍ନ ଅଞ୍ଚଳରେ ଓଡ଼ିଆଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା । ପରବର୍ତ୍ତୀ ଅବସ୍ଥାରେ ଏହି ପରିସଂଖ୍ୟାନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସୀମା ନିର୍ଦ୍ଧାରଣରେ ସହାୟକ ହୋଇଥିଲା ।

ଓଡ଼ିଶା ସୀମା ଶ୍ୱେତପତ୍ର ପ୍ରକାଶ ପାଇବାପରେ ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ପ୍ରସ୍ତାବିତ ରାଜ୍ୟର ସୀମା ବାହାରେ ରହିଯାଉଥିବା ହେତୁ ଓଡ଼ିଆମାନଙ୍କ ଅସନ୍ତୋଷ 'ଦୈନିକ ଆଶା' ଓ 'ନିଉ ଓଡ଼ିଶା'ରେ ପ୍ରକାଶ କରାଯାଉଥିଲା । ଏକ ପକ୍ଷରେ ଓଡ଼ିଆ ଭାଷାଭାଷୀଙ୍କୁ ପ୍ରସ୍ତାବିତ ରାଜ୍ୟର ସୀମାରେଖା ସମ୍ପର୍କରେ ଅବଗତ କରାଇ ଅସନ୍ତୋଷ ଜାହିର ଲାଗି 'ଦୈନିକ ଆଶା' ମାଧ୍ୟମ ରୂପେ ବ୍ୟବହୃତ ହେଉଥିବା ବେଳେ ଅପର ପକ୍ଷରେ ଓଡ଼ିଆମାନଙ୍କ ଅସନ୍ତୋଷ 'ନିଉ ଓଡ଼ିଶା' ଜରିଆରେ ଇଂଲିଶ ପ୍ରଶାସକଙ୍କ ନିକଟରେ ଉପସ୍ଥାପିତ କରିବାରେ ସହାୟକ ହୋଇଥିଲା ।

ଶଶିଭୂଷଣ ବ୍ରହ୍ମପୁର ପୌରପାଳିକା ଲାଗି ସରକାରଙ୍କ ଦ୍ୱାରା ସଭ୍ୟ ରୂପେ ମନୋନୀତ ହୋଇଥିଲେ । ପର୍ଶୁରାମ ପାତ୍ର ନଗରପାଳ ଓ ଶଶିଭୂଷଣ ଉପନଗରପାଳ ରୂପେ ନିର୍ବାଚିତ ହେଲେ । ଏହି ଅବସରରେ ବ୍ରହ୍ମପୁର ସହରର ପୁନର୍ଗଠନ ତଥା ପାଇପ ପାଣି ଯୋଗାଣ ଆରମ୍ଭ କରାଯାଇଥିଲା । ୧ ୯ ୨ ୦ ମସିହାରେ ମାନ୍ଦ୍ରାଜ କାଉନସିଲକୁ ପ୍ରଥମ ନିର୍ବାଚନରେ ଗଞ୍ଜାମ ଜିଲ୍ଲାରୁ ତିନିଜଣ ପ୍ରାର୍ଥୀଙ୍କ ପାଇଁ ସ୍ଥାନ ଥିଲା । ଶଶିଭୂଷଣ ପର୍ଶୁରାମ ପାତ୍ର ଓ ବିଶ୍ୱନାଥ ଦାସଙ୍କ ସହ ନିର୍ବାଚିତ ହୋଇଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବାପରେ ୧ ୯ ୩ ୭ ମସିହାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସେତେବେଳକୁ ସାବାଳକ ଭୋଟର ପ୍ରଥା ପ୍ରଚଳିତ ନ ଥିଲା । ଯେଉଁମାନେ ସରକାରଙ୍କୁ କର ଦେଉଥିଲେ କେବଳ ସେମାନଙ୍କ ଭୋଟଦାନର କ୍ଷମତା ରହିଥିଲା । ଶଶିଭୂଷଣ କଂଗ୍ରେସ ପ୍ରାର୍ଥୀ ହେବାଲାଗି ଆଗ୍ରହୀ ଥିଲେ ହେଁ ଦିବାକର ପଟ୍ଟନାୟକଙ୍କୁ କଂଗ୍ରେସ ପ୍ରାର୍ଥୀ କରାଯାଇଥିଲା । ସେ ସ୍ୱାଧୀନ କଂଗ୍ରେସ ନାମରେ ଦଳ ଗଠନ କରି ନିର୍ବାଚନ ଲଢ଼ିଥିଲେ । ତେବେ ଏହି ନିର୍ବାଚନରେ ସେ ପରାଜିତ ହୋଇଥିଲେ ।

ଶଶିଭୂଷଣ ୧ ୯ ୦ ୫ ମସିହା ବେଳକୁ ମୁମ୍ବାଇ, ୧ ୯ ୧ ୦ ମସିହାରେ କୋଲକାତା ଓ ୧ ୯ ୩ ୪ ମସିହାରେ ମିଆଁମାର (ରେଙ୍ଗୁନ) ଯାତ୍ରା କରିଥିଲେ । ମୁମ୍ବାଇ ଓ

କୋଲକତାରେ ସେ ବ୍ୟବସାୟରେ ସମ୍ପୃକ୍ତ ହୋଇଥିବାବେଳେ ତାଙ୍କରି ମିଆଁମାର ଯାତ୍ରା ପରିଦର୍ଶନ ଲାଗି ଉଦ୍ଦିଷ୍ଟ ଥିଲା । ଊନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ପ୍ରଥମଭାଗରେ ଗଞ୍ଜାମରୁ ଶ୍ରମିକମାନେ ମିଆଁମାର ଯାତ୍ରା କରୁଥିଲେ । ଗୋପାଳପୁରଠାରେ ବନ୍ଦର ସ୍ଥାପନ ଓ ଯାତ୍ରୀବାହୀ ଜାହାଜ ପ୍ରଚଳନ ପରେ ଦେଶାନ୍ତର ଶ୍ରମିକଙ୍କ ମିଆଁମାର ଯିବା ଆସିବା ଆରମ୍ଭ ହୋଇଥିଲା । ଅଧିକାଂଶ ଶ୍ରମିକ ବର୍ଷରେ ତିନିଚାରି ମାସ ଧାନକଟା ସମୟରେ ମିଆଁମାର ଯାତ୍ରା କରୁଥିଲେ । କିଛି ସଂଖ୍ୟକ ଶ୍ରମିକ ସେଠାରେ ଅସ୍ଥାୟୀ ବା ସ୍ଥାୟୀଭାବେ ମଧ୍ୟ ଅବସ୍ଥାପିତ ହୋଇଥିଲେ । ଭାରତ ଓ ମିଆଁମାର ଉଭୟ ବ୍ରିଟିଶ ଶାସନାଧୀନ ଥିବା ଯୋଗୁଁ ଯାତ୍ରା କିମ୍ବା କର୍ମନିଯୁକ୍ତିରେ କୌଣସି ପ୍ରତିବନ୍ଧକ ନ ଥିଲା । ତେବେ ୧୯୩୬ ମସିହାରେ ଭାରତ ଓ ମିଆଁମାର ବିଛିନ୍ନ ହୋଇଯିବା ପରେ ଗଞ୍ଜାମ ଶ୍ରମିକଙ୍କ ଦେଶାନ୍ତର ଯାତ୍ରା ବନ୍ଦ ହୋଇଯାଇଥିଲା । ନିଯୁକ୍ତି ଅଭାବରୁ ଗଞ୍ଜାମର ପ୍ରାୟ ୨୦,୦୦୦ ଦେଶାନ୍ତର ଶ୍ରମିକ ଅସୁବିଧାରେ ପଡ଼ିଥିଲେ । ଅବଶ୍ୟ ସେହି ସମୟ ବେଳକୁ ବ୍ରହ୍ମପୁର ଦେଇ ରେଳପଥ ବିକଶିତ ହୋଇସାରିଥିବା ହେତୁ ଦେଶର ବିଭିନ୍ନ ଦୂରାନ୍ତ ଅଞ୍ଚଳକୁ କର୍ମସଂସ୍ଥାନ ଲାଗି ଯିବାଆସିବା ସମ୍ଭବପର ହୋଇପାରିଥିଲା । ଶଶିଭୂଷଣ ଏହି ସମସ୍ୟା ସମ୍ପର୍କରେ 'ଦୈନିକ ଆଶା' ଓ 'ନିଉ ଓଡ଼ିଶା'ରେ ବରାବର ଆଲୋଚନା କରୁଥିଲେ । ସେ ଗୋପାଳପୁର ଯାତ୍ରୀବାହୀ ଜାହାଜ ଟିକଟ ବିକ୍ରି ଲାଗି ସିନ୍ଧିଆ କମ୍ପାନୀର କମିଶନ ଏଜେଣ୍ଟ ଭାବେ କାର୍ଯ୍ୟ କରିଥିଲେ ଏବଂ ୧୯୩୪ ମସିହାରେ ମିଆଁମାର ପରିଦର୍ଶନ କରି ଓଡ଼ିଆ ଭାଷାଭାଷୀଙ୍କୁ ଭେଟିଥିଲେ ।

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ନଅଙ୍କ ଦୁର୍ଭିକ୍ଷ ପରେ ପରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକରେ ଆଧୁନିକ ଶିକ୍ଷାଦୀକ୍ଷାର ପ୍ରସାର ହେତୁ ବିଭିନ୍ନ ସମାଜ ସଂସ୍କାର କାର୍ଯ୍ୟକ୍ରମମାନ ଆରମ୍ଭ ହୋଇଥିଲା । ସେଥିମଧ୍ୟରୁ ଶକ୍ତି ପୀଠଗୁଡ଼ିକରେ ବଳିପ୍ରଥା ଉଚ୍ଛେଦ ଅନ୍ୟତମ । ସମାଜ ସଂସ୍କାରକ ଶଶିଭୂଷଣ ତାରାତାରିଣୀ ପୀଠରେ ବଳିପ୍ରଥା ବନ୍ଦ କରିବାପାଇଁ ନେତୃତ୍ୱ ଗ୍ରହଣ କରିଥିଲେ । ସେ ସମ୍ବାଦପତ୍ର ଜରିଆରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଦକ୍ଷିଣାଞ୍ଚଳ ଜିଲ୍ଲାଗୁଡ଼ିକୁ ଓଡ଼ିଶା ରାଜ୍ୟରେ ମିଶ୍ରଣ, ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ସମ୍ବାଦ ପରିବେଷଣ କରିବା ସାଙ୍ଗକୁ ଓଡ଼ିଆମାନଙ୍କ ସାମାଜିକ ଜୀବନରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ ନିମନ୍ତେ ପ୍ରଚାର କରୁଥିଲେ । ତାଙ୍କରି ଉଦ୍ୟମରେ ଗଞ୍ଜାମ ଜିଲ୍ଲାର ଅସ୍ପୃଶ୍ୟତା ନିବାରଣ, ନାରୀ ଶିକ୍ଷାର ପ୍ରସାର ଭଳି ବହୁ ସଂସ୍କାରମୂଳକ କାର୍ଯ୍ୟକ୍ରମ ଲୋକପ୍ରିୟ ହୋଇ ପାରିଥିଲା ।

୧୯୩୧ ମସିହାରେ ଶଶିଭୂଷଣ ତାରାତାରିଣୀ ପୀଠରେ ବଳିପ୍ରଥା ବନ୍ଦ କରିବା ପାଇଁ ଏକ ସତ୍ୟାଗ୍ରହ ଆରମ୍ଭ କରି ସଫଳ ହୋଇଥିଲେ । ଆବଶ୍ୟକୀୟ ପୂର୍ବପ୍ରସ୍ତୁତି ପରେ ଚୈତ୍ର ମାସର ପ୍ରଥମ ମଙ୍ଗଳବାର ପୂର୍ବରୁ ରବିବାର ଅପରାହ୍ଣରେ ବ୍ରହ୍ମପୁର ସହରର ହନୁମାନ ବଜାରସ୍ଥିତ ଆଶା ପ୍ରେସ୍‌ରୁ ତାରାତାରିଣୀ ପର୍ବତ ଅଭିମୁଖେ ପଦଯାତ୍ରାରେ ବାହାରିଥିଲେ । ତାଙ୍କରି ସହ ସହରର କେତେ ଜଣ ସମର୍ଥକ ମଧ୍ୟ ଯୋଗ ଦେଲେ । ପଦଯାତ୍ରୀ ଦଳ ଖୋଡ଼ାସିଙ୍ଗିରେ ପହଞ୍ଚି ରାତ୍ରିଯାପନ କଲେ ଏବଂ ସୋମବାର ଦିନ ସକାଳେ ଶୋଭାଯାତ୍ରାରେ ପୁଣି ବାହାରିଲେ । ରାସ୍ତାରେ ଆମ୍ବପୁଆ, ନରେନ୍ଦ୍ରପୁର, ବଡ଼ କୁଶସ୍ଥଳୀ, କେରାଣ୍ଡିତୋଳା, ଭାବନ୍ଧ, ଭାଟକୁମରଡ଼ା ପ୍ରଭୃତି ଗ୍ରାମରୁ ମଧ୍ୟ ଅଧିକ ସଂଖ୍ୟାରେ ଲୋକ, ମୁଖ୍ୟତଃ ଯୁବକମାନେ ସତ୍ୟାଗ୍ରହୀ ଦଳରେ ସାମିଲ ହେଲେ । ସଂକୀର୍ତ୍ତନ ସହ ବଳି ବିରୋଧୀ ସତ୍ୟାଗ୍ରହୀମାନେ ସେମବାର ଦିନ ସନ୍ଧ୍ୟାରେ ତାରାତାରିଣୀ ପର୍ବତରେ ପହଞ୍ଚିଲେ ।

ଅପରପକ୍ଷରେ ପୀଠର ପୂଜକମାନଙ୍କ ପକ୍ଷରୁ ଶଶିଭୂଷଣ ରଥଙ୍କ ସତ୍ୟାଗ୍ରହକୁ ବିରୋଧ କରାଯାଇ ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରାଯାଇଥିଲା । ଦୀର୍ଘଦିନରୁ ଚଳିଆସୁଥିବା ବଳି ପ୍ରଥାର ବିରୋଧ କଲେ ଲୋକଙ୍କ ଧର୍ମଭାବନାରେ ଆଘାତ ପହଞ୍ଚିବ ଏବଂ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ଏଥିରେ ସତର୍କ କରାଇଦିଆଯାଇଥିଲା । ତେବେ ପ୍ରକୃତପକ୍ଷରେ ପୂଜକମାନେ ପ୍ରତି ଛେଳିକୁ ବଳି ପୂର୍ବରୁ ପୂଜା କରିବା ପାଇଁ ଦୁଇଟଙ୍କା ହିସାବରେ ବାର୍ଷିକ ପ୍ରାୟ ଆଠ-ଦଶ ହଜାର ଟଙ୍କା ଆଦାୟ କରୁଥିବା ହେତୁ ବଳି ବନ୍ଦ ହେଲେ ସେମାନଙ୍କ ରୋଜଗାର ବନ୍ଦ ହୋଇଯିବା ଭୟରେ ସାମୂହିକଭାବେ ଏହାର ବିରୋଧ କରୁଥିଲେ । ଗଞ୍ଜାମ ଜିଲ୍ଲାପାଳ ପୂଜକମାନଙ୍କ ଦରଖାସ୍ତ ବିଚାର କରି ଆଇନଶୃଙ୍ଖଳା ରକ୍ଷା ଲାଗି ୧୪୪ ଧାରା ଜାରି କରିବା ପାଇଁ ଉପ-ଜିଲ୍ଲାପାଳଙ୍କୁ ତାରାତାରିଣୀ ପର୍ବତକୁ ପ୍ରେରଣ କଲେ । ଉପ-ଜିଲ୍ଲାପାଳ ମୁସଲମାନ ସମ୍ପ୍ରଦାୟର । ସେ ପର୍ବତ ପାଦଦେଶରେ ସୋମବାର ରାତି ୯ ଘଣ୍ଟାରେ ପହଞ୍ଚିଲାବେଳେ ଶଶିଭୂଷଣ ସମର୍ଥକମାନଙ୍କ ଗହଣରେ ପର୍ବତ ଉପରକୁ ଚାଲିଯାଇଥାନ୍ତି । ଅତଏବ ସେ ଶଶିଭୂଷଣଙ୍କ ଉପରେ ୧୪୪ ଧାରା ଜାରି କରିବା ପାଇଁ ପର୍ବତ ଉପରକୁ ଯାଇ ନ ପାରି ଫେରିଗଲେ ।

ତାରାତାରିଣୀ ଦେବୀ ପୀଠ ପ୍ରାଙ୍ଗଣରେ ଶଶିଭୂଷଣ ସମବେତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ବଳିପ୍ରଥା ବନ୍ଦ କରିବା ପାଇଁ ଅନୁରୋଧ କଲେ । ସୋମବାର

ମଧ୍ୟରାତ୍ରରେ ପ୍ରଥମ ବଳି ପାଇଁ ତାରାତାରିଣୀ ମନ୍ଦିର ପରିଚ୍ଛଳକଙ୍କ ପକ୍ଷରୁ ପାଟ ବୋଦା ଅଣାଗଲା । ଶଶିଭୂଷଣ ପାଟ ବୋଦାର ବେକ ଉପରେ ନିଜର ବେକ ରଖି ବଳି ପ୍ରଥାର ବିରୋଧ କଲେ । ଶଶିଭୂଷଣଙ୍କ ଜିଦ୍ ଓ ଜନସାଧାରଣଙ୍କ ସମର୍ଥନରେ ବଳି ଆଉ ପଡ଼ିଲାନି, ପାଟ ବୋଦା ଫେରିଗଲା । ପାଟବୋଦା ବଳି ପଡ଼ିବାପରେ ସାଧାରଣ ଭକ୍ତଙ୍କ ବୋଦା ବଳି ପଡ଼ିଥାନ୍ତା । ପାଟବୋଦାକୁ ଫେରାଇ ନିଆଯିବା ହେତୁ ଜନସାଧାରଣ ମଧ୍ୟ ଆଉ ବଳି ଦେଲେ ନାହିଁ । ପର୍ବତକୁ ନିଆଯାଇଥିବା ଛେଳିଗୁଡ଼ିକୁ ଫେରାଇ ନିଆଗଲା । ବଳିପ୍ରଥା ଉଚ୍ଛେଦ ଲାଗି ଜନ ସମର୍ଥନ ହେତୁ ପୂଜକମାନେ ଚୁପ୍ ରହିବାକୁ ବାଧ୍ୟ ହେଲେ ।

ତାରାତାରିଣୀ ପୀଠରେ ବଳିପ୍ରଥା ବନ୍ଦ ହେବାପରେ ଏହାର ପ୍ରଭାବ ଗଞ୍ଜାମର ଅନ୍ୟାନ୍ୟ ଶକ୍ତି ପୀଠରେ ମଧ୍ୟ ଅନୁଭୂତ ହେଲା । କ୍ରମଶଃ ଅନେକ ପୀଠରେ ବଳି ପ୍ରଥାକୁ ବନ୍ଦ କରି ଦିଆଗଲା । ପରିବାରର ମଙ୍ଗଳ କାମନା କରି ଗୋଟିଏ ନିରୀହ ପ୍ରାଣୀକୁ ନିର୍ଦ୍ଦୟ ଭାବେ ହତ୍ୟା କରିବାର ମାନସିକତା କ୍ରମଶଃ ଜନସାଧାରଣଙ୍କ ମାନସପଟରୁ ଉଭେଇଗଲା । ୧୯୩୧ ମସିହାରେ ତାରାତାରିଣୀ ପୀଠରେ ଛାଗବଳି ବନ୍ଦ ଘଟଣା ଏହି ଦେବୀ ପୀଠର ଇତିହାସରେ ଏକ ଦୃଷ୍ଟି ଆକର୍ଷଣକାରୀ ଘଟଣା ଯାହା ଶଶିଭୂଷଣ ରଥଙ୍କ ଯୋଗୁଁ ହିଁ ସମ୍ଭବ ହୋଇଥିଲା ।

ବାସ୍ତବିକ୍ ଓଡ଼ିଆ ଜାତି ପାଇଁ, ସମାଜ ସଂସ୍କାର ପାଇଁ ଏବଂ ଓଡ଼ିଆ ଭାଷାଭାଷୀଙ୍କୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଶଶିଭୂଷଣଙ୍କ ଦ୍ୱାରା ପ୍ରକାଶିତ ଓ ସଂପାଦିତ ଖବର କାଗଜ 'ଦୈନିକ ଆଶା' ଓ 'ନିଉ ଓଡ଼ିଶା' ମାଧ୍ୟମରେ ତାଙ୍କର ନିଷ୍ଠାପର ଉଦ୍ୟମକୁ ଏ ଜାତି ଚିର ଦିନ ପାଇଁ ମନେ ରଖିଥିବ ।

ପ୍ରାଧ୍ୟାପକ,
ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ



ଓଡ଼ିଶାର ବରପୁତ୍ର ପଠାଣିସାମନ୍ତ ଓ ସିଦ୍ଧାନ୍ତଦର୍ପଣ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ

୧୭୫୭ ଶକାବ୍ଦ ପୌଷ କୃଷ୍ଣ ଅଷ୍ଟମୀ ଅର୍ଥାତ୍ ୧୮୩୫ ମସିହା ଡିସେମ୍ବର ୨୪ ତାରିଖ ଦିବସଟି କେବଳ ଖଣ୍ଡପଡ଼ାର ରାଜବଂଶ କିମ୍ବା ଓଡ଼ିଶା ପାଇଁ ଏକ ଶୁଭଙ୍କର ସମୟ ଥିଲା ଏ କଥା ନୁହେଁ, ବରଂ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଥିଲା ଏକ ଚରମ ସୁଦିନ । କାରଣ ପିତା ଶ୍ୟାମବନ୍ଧୁ ସିଂହ ଓ ମାତା ବିଷ୍ଣୁମାଳୀଙ୍କ କୋଳମଣ୍ଡନ କରିଥିଲେ ଏ ଜାତିର ପ୍ରଚଣ୍ଡ ପ୍ରତିଭା ପଠାଣିସାମନ୍ତ ଓରଫ ଚନ୍ଦ୍ରଶେଖର ସିଂହ ସାମନ୍ତ ।

ପିତା ଶ୍ୟାମବନ୍ଧୁ ଜଣେ ଜ୍ୟୋତିର୍ବିଦ ଥିବା ହେତୁ ଚନ୍ଦ୍ରଶେଖର ବାଲ୍ୟକାଳରୁ ହିଁ ଜ୍ୟୋତିର୍ବିଦ୍ୟା ପ୍ରତି ଆକୃଷ୍ଟ ହୋଇଥିଲେ । ପିତାଙ୍କୁ ଅନୁକରଣ କରି ସେ ଛାୟା ମାପ, ନକ୍ଷତ୍ର ଦର୍ଶନାଦି ବାଲ୍ୟକାଳରୁ ହିଁ ଅଭ୍ୟାସ କରିପାରିଥିଲେ । ତୀକ୍ଷ୍ଣ ବୁଦ୍ଧି ସହ ଅଧ୍ୟବସାୟ ବଳରେ ସେ ସଂସ୍କୃତ କୋଷଗ୍ରନ୍ଥ, ବ୍ୟାକରଣ, କାବ୍ୟ ନାଟକାଦି ପଢ଼ି ସଂସ୍କୃତ ଭାଷା ଓ ସାହିତ୍ୟକୁ ଉତ୍ତମ ରୂପେ ଆୟତ୍ତ କରିପାରିଥିଲେ । ପୁଅର ଜ୍ୟୋତିଷ ଶାସ୍ତ୍ର ପ୍ରତି ନିଷ୍ଠା ଓ ଅନୁରକ୍ତି ଦେଖି ପିତା ଶ୍ୟାମବନ୍ଧୁ ତାଙ୍କୁ ଜ୍ୟୋତିଷ ଅଧ୍ୟୟନ ପାଇଁ ସୁଯୋଗ ଦେଲେ । ସେ ଅଳ୍ପ ଦିନ ମଧ୍ୟରେ ସମସ୍ତ ସିଦ୍ଧାନ୍ତ ତଥା ଫଳିତ ଜ୍ୟୋତିଷରେ ବ୍ୟୁତ୍ପତ୍ତି ଲାଭ କରିଥିଲେ । ତଦାନନ୍ତୀନ ସମୟରେ ପ୍ରଚଳିତ ପାଞ୍ଜିରେ ଗ୍ରହ ନକ୍ଷତ୍ର ଏବଂ ଚନ୍ଦ୍ରର ଗତି ଓ ସ୍ଥିତି ସହ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣରେ ମିଳୁଥିବା ଅବସ୍ଥାରେ ଅମେଳ ଦେଖି ସେ ତାହାର କାରଣ ଓ ନିରାକରଣ ଅନ୍ୱେଷଣ ଦିଗରେ ଗଭୀର ମନୋନିବେଶ କଲେ । ବହୁଦିନର ପ୍ରତ୍ୟକ୍ଷ-ପର୍ଯ୍ୟବେକ୍ଷଣ-ଭିତ୍ତିକ ପରୀକ୍ଷା ନିରୀକ୍ଷାରୁ ସେ ଜାଣିପାରିଲେ ଯେ, ପ୍ରାଚୀନ ଗଣନାପଦ୍ଧତି କାଳକ୍ରମେ ଅଶୁଦ୍ଧ ତଥା ଅଚଳ ହୋଇପଡ଼ିଛି । ତେଣୁ ଏଥିରେ ଆଶୁ ସଂସ୍କାର ଆଣିବା ପାଇଁ ସେ ସବୁମତେ ଚେଷ୍ଟା କଲେ । ଗ୍ରହାଦିଙ୍କ ସୂକ୍ଷ୍ମ (ଅଂଶାତ୍ମକ) ଗତି ଓ ସ୍ଥିତି ମାପିବା ପାଇଁ ସେ ଦୁଇଖଣ୍ଡ ବାଉଁଶ କାଠିର ମାପ-ଯନ୍ତ୍ର ପ୍ରସ୍ତୁତ କଲେ । ଗୋଟିଏ ୨୪

ଅଙ୍ଗୁଳ ଲମ୍ବ ଥିବା କାଠିର ଅଗ୍ରଭାଗରେ ସାଢ଼େଚାରି ଆଙ୍ଗୁଳ ଲମ୍ବ ଥିବା ଅନ୍ୟ ଏକ କାଠିକୁ ଇଂରେଜୀ 'T' ଅକ୍ଷର ପରି ଯୋଡ଼ି, ତ୍ରିକୋଣମିତି ସୂତ୍ରାନୁସାରେ ଛୋଟ କାଠିଟିରେ ଅଂଶ ମାପିବା ଚିହ୍ନ ଦେଇ ସେ ସୁଦୂରସ୍ଥ ଗ୍ରହମାନଙ୍କର ଅଂଶ, ପର୍ବତାଦି ଉଚ୍ଚ ବସ୍ତୁର ଉଚ୍ଚତା ପ୍ରଭୃତି ନିର୍ଭୁଲ ଭାବେ ନିରୂପଣ କଲେ । ଏହା ବ୍ୟତୀତ ସେ 'ଶଙ୍କୁ' ଯନ୍ତ୍ର ଓ ଖଗୋଳ ଯନ୍ତ୍ର ମଧ୍ୟ ପ୍ରାଚୀନ ଗ୍ରନ୍ଥମାନଙ୍କୁ ଅନୁଶୀଳନ କରି ନିର୍ମାଣ କରିଥିଲେ ।

ପ୍ରତିଦିନ ମହାକାଶକୁ ଗଭୀର ଭାବେ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ କରି ଗଣନା ବଳରେ ସେ ଯେଉଁ ସିଦ୍ଧାନ୍ତରେ ଉପନୀତ ହେଉଥିଲେ, ସେ ସବୁକୁ ଶ୍ଳୋକ ଆକାରରେ ଲିପିବଦ୍ଧ କରୁଥିଲେ । ପରବର୍ତ୍ତୀ କାଳରେ ସେସବୁ ସିଦ୍ଧାନ୍ତ ଜାତ ଶ୍ଳୋକକୁ ଗ୍ରନ୍ଥାକାରରେ ସଜାଇ 'ସିଦ୍ଧାନ୍ତ ଦର୍ପଣ' ନାମ ଦେଲେ । ନିଜର ସୂକ୍ଷ୍ମ ଗଣନା ଭିତ୍ତିରେ ସେ ଶୁଦ୍ଧ ପଞ୍ଜିକା ପ୍ରସ୍ତୁତ କରିବା ଦିଗରେ ସଫଳତା ଲାଭ କଲେ । ପାଞ୍ଜିରେ କର୍ମକାଳ ନିର୍ଦ୍ଦେଶ କରିବା ପାଇଁ ସ୍ମୃତିଶାସ୍ତ୍ରଜ୍ଞାନ ଆବଶ୍ୟକ ଥିବା ହେତୁ ସେ ମନୁ, ପରାଶର, ଯାଜ୍ଞବାଲ୍‌କ୍ୟ, ଗଦାଧର, ରଘୁନନ୍ଦନ ପ୍ରଭୃତିଙ୍କ ପ୍ରଣିତ ସ୍ମୃତିଶାସ୍ତ୍ର ଅଧ୍ୟୟନ ଓ ଅନୁଶୀଳନ କରି ୩୪ ବର୍ଷ ବୟସରେ 'ସିଦ୍ଧାନ୍ତ ଦର୍ପଣ' ଗ୍ରନ୍ଥଟିକୁ ପୂର୍ଣ୍ଣରୂପ ଦେଲେ ।

ସିଦ୍ଧାନ୍ତ ଦର୍ପଣ :

ସମଗ୍ର ବିଶ୍ୱରେ ପ୍ରଚଳିତ ସିଦ୍ଧାନ୍ତ ଗ୍ରନ୍ଥ ମଧ୍ୟରେ 'ସିଦ୍ଧାନ୍ତ ଦର୍ପଣ' ଏକ ପ୍ରସିଦ୍ଧ ସିଦ୍ଧାନ୍ତ ଗ୍ରନ୍ଥ । ଏହା ୫ଟି ଅଧିକାର ବା ୨୦ଟି ପ୍ରକାଶରେ ବିଭକ୍ତ ହୋଇଛି । ବିଭିନ୍ନ ଛନ୍ଦ ବୃତ୍ତରେ ଲିଖିତ ଦୀର୍ଘ ୨୫୦୦ ଶ୍ଳୋକ ଏଥିରେ ସନ୍ନିବେଶିତ ହୋଇଛି । ଏଥିରୁ ୨୨୮୪ଟି ଶ୍ଳୋକ ଶ୍ରୀଯୁକ୍ତ ସାମନ୍ତଙ୍କ ନିଜସ୍ୱ ସୃଷ୍ଟି ହୋଇଥିବା ବେଳେ ଅବଶିଷ୍ଟ ୨୧୬ଟି ଶ୍ଳୋକକୁ ସେ ପ୍ରମାଣସ୍ୱରୂପ ଅନ୍ୟ ଗ୍ରନ୍ଥରୁ ଉଦ୍ଧାର କରିଛନ୍ତି ।

ସେ ପ୍ରଥମେ ମଧ୍ୟମାଧିକାରରେ କାଳବର୍ଣ୍ଣନାପ୍ରକାଶ, ଭଗଣାଦି, ଗ୍ରହାନୟନ ଓ ନାନାବିଧ ସଂସ୍କାର ପ୍ରକାଶକୁ ଅନ୍ତର୍ଭୁକ୍ତ କରିଛନ୍ତି । କାଳ ବର୍ଣ୍ଣନାରେ ଗ୍ରନ୍ଥାବଶ୍ୟକତା, ଜ୍ୟୋତିଷ ଶାସ୍ତ୍ରର ଉପାଦେୟତା, ସିଦ୍ଧାନ୍ତ ରହସ୍ୟ, ସୃଷ୍ଟି ସର୍ଜନା, ସୂକ୍ଷ୍ମତ୍ରୁଟି ଠାରୁ ବ୍ରହ୍ମଦିବସାଦି ପର୍ଯ୍ୟନ୍ତ ମହାକାଳର ଅନୁଶୀଳନ କରାଯାଇଛି ।

କ) ଭଗଣାଦି ପ୍ରସଙ୍ଗ :- ଏଥିରେ ଗ୍ରହମାନଙ୍କ ଭଗଣ ସନ୍ଧ୍ୟା, ଚାନ୍ଦ୍ରମାସ, ଅଧିମାସ, ଚାନ୍ଦ୍ର ଦିବସ, ତିଥି କ୍ଷୟ, ଚାନ୍ଦ୍ର ଓ ସୌର ମାସର ସମ୍ପର୍କ, ଶୀଘ୍ର ମନ୍ଦାଦିଗତି ତଥା ଗ୍ରହମାନଙ୍କର ଦୈନିକ ଗତି ପ୍ରଭୃତି ବିଚାର କରାଯାଇଛି ।

ଖ) **ଗ୍ରହାନୟନ ପ୍ରସଙ୍ଗ :-** ଏହି ଅଧ୍ୟାୟରେ ବର୍ଷ, ମାସ, ଦିନାଧିପତି ନିରୂପଣ, ସମ୍ବତ୍ସର, ଅଧିବତ୍ସର, ଲୁପ୍ତ ସମ୍ବତ୍ସର, ମହାତିଥିର, ବର୍ଷମାନଙ୍କର ଶୁଭାଶୁଭ ଲକ୍ଷଣ, ବିଭିନ୍ନ ରୂପରେ ଅହର୍ଗଣ ତଥା ଧ୍ରୁବ ନିର୍ଣ୍ଣୟ କରାଯାଇଛି ।

ଗ) **ନାନାବିଧ ସଂସ୍କାର ପ୍ରକାଶ :-** ଏହି ପ୍ରକାଶରେ ଭୂମାନ, ଭୂମଧ୍ୟରେଖା, ଭୂପରିଧି, ଦେଶାନ୍ତର ଯୋଜନ, ଭୁଜାନ୍ତର ଫଳ ଆନୟନ, ବାର ପ୍ରବୃତ୍ତି, ଗ୍ରହସ୍ଫୁଟ ପ୍ରସଙ୍ଗରେ ତିନୋଟି ସଂସ୍କାର, ଚନ୍ଦ୍ରପାତର ବିଶେଷ ବିଚାର, ଶ୍ରୀକ୍ଷେତ୍ରର ଦେଶାନ୍ତର କଳାଦି ଲିପିବଦ୍ଧ କରାଯାଇଛି ।

ସେହିପରି ସ୍ଫୁଟାଧିକାର ବା ପଞ୍ଚମ ପ୍ରକାଶରେ ଗ୍ରହ ସ୍ଫୁଟୀକରଣ ଓ ଷଷ୍ଠ ପ୍ରକାଶରେ ସୂକ୍ଷ୍ମ ପଞ୍ଜିକା କ୍ରାନ୍ତି ପ୍ରଭୃତି ସ୍ଥାନ ପାଇଛି ।

ଘ) **ଗ୍ରହ ସ୍ଫୁଟୀକରଣ :-** ଏଥିରେ ଗ୍ରହମାନଙ୍କ ଗତି ଓ ଦୂରତ୍ୱ ଭିତ୍ତିରେ ଗତିର ସ୍ୱଚ୍ଛତା, ସରଳ (ସିଧା) ତଥା ବକ୍ରଗତି, ଆକର୍ଷଣ ଓ ବିକ୍ଷେପ, ଜ୍ୟା ଧାତୁ ଇତ୍ୟାଦିର ବିଚାର, ତ୍ରି ଜ୍ୟାର ଉତ୍ପତ୍ତି, ଗ୍ରହର ବାସ୍ତବ ସ୍ଥାନ ନିଦାନ, ତିଥି ପ୍ରଭୃତିର ସ୍ଥୂଳ କାଳ ନିର୍ଣ୍ଣୟ ସମ୍ପର୍କରେ ଆଲୋଚନା କରାଯାଇଛି ।

ଙ) **ସୂକ୍ଷ୍ମ ପଞ୍ଜିକା କ୍ରାନ୍ତି ପ୍ରକାଶ :-** ଏହି ପ୍ରକାଶରେ ଏହାର ଆବଶ୍ୟକତା, ଚନ୍ଦ୍ର ଗତିରେ ତୁଙ୍ଗାନ୍ତର, ପାକ୍ଷିକ, ଦିଗଂଶ ପ୍ରଭୃତି ସଂସ୍କାର କରାଯାଇଛି । ପଠାଣି ସାମନ୍ତଙ୍କ ପୂର୍ବରୁ ଅନ୍ୟ କୌଣସି ସିଦ୍ଧାନ୍ତକାର ଏତାଦୃଶ ସଂସ୍କାର କରି ନ ଥିଲେ । ଚନ୍ଦ୍ରର ସୂକ୍ଷ୍ମ ଗତି ନିର୍ଦ୍ଧାରଣ ପ୍ରସଙ୍ଗରେ ବୀଜ ଆନୟନ ଉପାୟ, ଗ୍ରହମାନଙ୍କର ରାଶିଭୋଗ କାଳ, ତିଥି ସନ୍ଧି ନିର୍ଣ୍ଣୟ, ଅୟନାଂଶ ଓ କ୍ରାନ୍ତି ନିରୂପଣ, ଚରକାଳ, ଅହୋରାତ୍ର ପ୍ରମାଣ, ସ୍ୱଦେଶ ଲଗ୍ନମାନ, ଅସ୍ତଲଗ୍ନ ଫଳପ୍ରଭା ଆନୟନ ପ୍ରଭୃତି ଏଥିରେ ଉଲ୍ଲେଖ କରାଯାଇଛି ।

ତ୍ରିପ୍ରଶ୍ନାଧିକାର :

ଏଥିରେ ଶଙ୍କୁ ଛାୟା ନିର୍ଣ୍ଣୟ ପ୍ରକାଶ, ଚନ୍ଦ୍ର ଗ୍ରହଣ, ସୂର୍ଯ୍ୟ ଗ୍ରହଣ, ପରିଲେଖ, ଗ୍ରହଯୁତି, ଗ୍ରହଯୋଗ, ଗ୍ରହର୍କ୍ଷୋଦୟାସ୍ତ ବର୍ଣ୍ଣନ, ଚନ୍ଦ୍ର ଶୃଙ୍ଗୋନ୍ନତି, ମହାପାତ ପ୍ରକାଶାଦି ସନ୍ନିବେଶିତ ହୋଇଛି ।

କ) **ଶଙ୍କୁ ଛାୟା ପ୍ରକାଶ :-** ଏହି ପ୍ରକାଶରେ ଶଙ୍କୁ ସ୍ଥାପନ, ମଧ୍ୟରେଖା, ଛାୟାବର୍ଣ୍ଣାଦି ନିର୍ଣ୍ଣୟ, ଭୁଜକୋଟି ବିଚାର, ବର୍ଗମୂଳ, ସମମଣ୍ଡଳ, ବିଷୁବମଣ୍ଡଳ, ନାଡ଼ୀ ବୃତ୍ତ, ଭନ୍ନ ମଣ୍ଡଳ, ଅକ୍ଷାଂଶ, ଲମ୍ବାଂଶ, ଧ୍ରୁବୋନ୍ନତି, ଅକ୍ଷଫଳାଦି ନିରୂପଣ, ଅୟନାଂଶ ସଂଶୋଧିତ ଲଗ୍ନ (ସାୟନ ଓ ନିରୟଣ) ତଥା ଅନ୍ୟାନ୍ୟ ବହୁ ବିଷୟ ବିଚାର କରାଯାଇଛି ।

ଖ) ଚନ୍ଦ୍ର ଗ୍ରହଣ ପ୍ରକାଶ :- ଏଥିରେ ପୃଥିବୀଠାରୁ ସୂର୍ଯ୍ୟର ଦୂରତା, ସୂର୍ଯ୍ୟର ବ୍ୟାସ, ସୂର୍ଯ୍ୟ ବିମ୍ବର ବ୍ୟାସ, ଚନ୍ଦ୍ର ବିମ୍ବର ବ୍ୟାସ, ମନ୍ଦକର୍ଣ୍ଣ, ଭୂଛାୟା, ଚନ୍ଦ୍ର ଗ୍ରହଣର କାରଣ, ତା'ର ଦୀର୍ଘତା, ଚନ୍ଦ୍ର ବିକ୍ଷେପ, ଗ୍ରାସର ପରିମାଣ, ସ୍ପର୍ଶ, ମୋକ୍ଷକାଳ, ଚନ୍ଦ୍ର ଉଦୟାସ୍ତ ନିଦାନ ସହ ବିଭିନ୍ନ ପ୍ରକାର ଗ୍ରହଣର ବିଚାର କରାଯାଇଛି ।

ଗ) ସୂର୍ଯ୍ୟ ଗ୍ରହଣ (୯ମ) ପ୍ରକାଶ :- ଏହି ଅଧ୍ୟାୟରେ ପର୍ବକାଳ ନିର୍ଣ୍ଣୟ, ନତି, ଲମ୍ବନ, ରେଖାଂଶ, ଗତି ଇତ୍ୟାଦିର ନିର୍ଣ୍ଣୟ । ସ୍ଥଳ ବିଶେଷରେ ସ୍ପର୍ଶ, ଗ୍ରାସ, ମୋକ୍ଷାଦିର ସମୟ ପରିମାଣର ନ୍ୟୂନାଧିକତା ପ୍ରଭୃତି ବିଷୟ ବର୍ଣ୍ଣିତ ହୋଇଛି ।

ଘ) ପରିଲେଖ (୧୦ମ) ପ୍ରକାଶ :- ଏହି ପ୍ରକାଶରେ ବିଭିନ୍ନ ପ୍ରକାର ଚିତ୍ର, ସେଥିରେ ଦିଗ, ବଳନ, ଶରସ୍ପର୍ଶ, ମୋକ୍ଷ, ମାର୍ଗ ଶଳକା ପ୍ରସାରଣ ପ୍ରଭୃତି ବ୍ୟାଖ୍ୟା କରାଯାଇଛି ।

ଙ) ଗ୍ରହ ଯୁତି (୧୧ଶ) ପ୍ରକାଶ :- ଏଥିରେ ଗ୍ରହ ସଂଯୋଗ, ଯୁଦ୍ଧ, ସମାଗମ, ବିବିଧ ସଂସ୍କାର, ଧ୍ରୁବ ସୂତ୍ର ସମୀକରଣ, ନତୋନ୍ନତ କାଳ, ଗ୍ରହମାନଙ୍କର ବ୍ୟାସ, ବିମ୍ବ, ଯୋଜନାତ୍ମକ ଗତି, ଗ୍ରହଛାୟା, ଶୁକ୍ରଗ୍ରସ୍ତ, ସୂର୍ଯ୍ୟଗ୍ରହଣାଦି ବହୁ ତଥ୍ୟ ପ୍ରଦତ୍ତ ହୋଇଛି ।

ଚ) ଗ୍ରହଯୋଗ (୧୨ଶ) ପ୍ରକାଶ :- ଏହି ପ୍ରକାଶରେ ତାରାମାନଙ୍କ ଧ୍ରୁବ, ବିକ୍ଷପ, ଯୋଗତାରା, ଲୁବ୍‌ଧକାଦିର ଧ୍ରୁବାଂଶ, ଅଗସ୍ତି ତଥା ସପ୍ତର୍ଷି ବିଚାର, ରୋହିଣୀ ଶକଟ, ଛାୟାପଦ ଇତ୍ୟାଦି ବିଷୟ ଲିପିବଦ୍ଧ କରାଯାଇଛି ।

ଛ) ଗ୍ରହର୍କ୍ଷୋଦୟାସ୍ତ ବର୍ଣ୍ଣନା (୧୩ଶ) ପ୍ରକାଶ :- ଏଥିରେ ସୂକ୍ଷ୍ମକାଳ ନିଦାନ, ଦିଗ ନିରୂପଣ, ଦୃକ୍‌ତୁଲ୍ୟତାର ବିଚାର, ସୂର୍ଯ୍ୟଙ୍କଠାରୁ ଦୂରତ୍ୱ ଭିତ୍ତିରେ ଗ୍ରହମାନଙ୍କର ଅସ୍ତାବସ୍ଥା ବିଚାର କରାଯାଇଛି ।

ଜ) ଚନ୍ଦ୍ର ଶୃଙ୍ଗୋନ୍ନତି (୧୪ଶ) ପ୍ରକାଶ :- ଏହି ଅଧ୍ୟାୟରେ ଚନ୍ଦ୍ର ଶୃଙ୍ଗୋନ୍ନତିର କାଳ, ପରିମାଣ ତଥା ଦିଗ କଥା କୁହାଯାଇଛି । ଏଥିରେ ବିଭିନ୍ନ କଳ୍ପନା ଆଧାରରେ କେବଳ ଦୃକ୍ ସିଦ୍ଧାନ୍ତ ହିଁ ଗ୍ରହଣୀୟ ବୋଲି ମତବ୍ୟକ୍ତ କରାଯାଇଛି ।

ଝ) ମହାପାତ ବର୍ଣ୍ଣନ (୧୫ଶ) ପ୍ରକାଶ :- ଏଥିରେ ବୈଧୃତି, ବ୍ୟତିପାତାଦିଯୋଗ, ଉସଂଧି ଓ ଗଣ୍ଡାନ୍ତ କାଳ ନିର୍ଣ୍ଣୟ, ସୃଷ୍ଟ୍ୟବ୍ଦ, ଯୁଗାଦିର ନିଦାନ, ପାଳକ ତଥା ଆତକାଦିର ବିଚାର, ଭାସ୍କରାଚାର୍ଯ୍ୟ ପ୍ରଭୃତିଙ୍କ କଥିତ ଧ୍ରୁବାଂଶାଦିରେ ଥିବା ପାର୍ଥକ୍ୟ ବିଷୟ କୁହାଯାଇଛି ।

ଏହାବ୍ୟତୀତ ଗୋଳକାଧିକାରରେ ପ୍ରଶ୍ନ ପ୍ରକାଶ, ଭୂଗୋଳ ସ୍ଥିତି, ଭୂଗୋଳ ବିବରଣୀ, ଭୂଗୋଳ ଖଗୋଳ କଥନ, ଗୋଳକାଦି ଯନ୍ତ୍ର ତଥା ବାସନାଦୋଷ ରହସ୍ୟ ନାମକ ପ୍ରକାଶ ସମୂହ ସ୍ଥାନିତ ହୋଇଛି ।

ପ୍ରଶ୍ନ ପ୍ରକାଶରେ ବିବିଧ ପ୍ରଶ୍ନ ସହ, ଗୋଳ ପ୍ରଶଂସା, ଗୋଳ କ୍ଷେତ୍ରର ବୈଶିଷ୍ଟ୍ୟ, ଭୂଗୋଳ ସ୍ୱରୂପ, ପୌରାଣିକ ଜୈନ-ବୌଦ୍ଧ ମତ, ଆର୍ଯ୍ୟଭଟ୍ଟଙ୍କ ଭୂଭ୍ରମଣ ମତ, ଗ୍ରହ କକ୍ଷ ତଥା କିରଣ ବ୍ୟାପ୍ତି ବିଷୟରେ ପ୍ରଶ୍ନ, ଦୃଷ୍ଟିସୀମା, ବିଭିନ୍ନ ଦିନ, ଋତୁକାଳ ଓ ଚନ୍ଦ୍ରକଳଙ୍କ ବିଷୟରେ ବିଚାର କରାଯାଇଛି । ଏହିପରି ଭୂଗୋଳ ସ୍ଥିତି ପ୍ରକାଶରେ ବିଭିନ୍ନ ବଳିଷ୍ଠ ପ୍ରମାଣ ସହ ଭୂ(ପୃଥିବୀ)ର ସ୍ଥିରତା ତଥା ନିରାଧାରତ୍ୱ ସମ୍ପର୍କରେ ଆଲୋଚନା କରିଛନ୍ତି । ଶ୍ରୀଯୁକ୍ତ ସାମନ୍ତଙ୍କ ବହୁ ପୂର୍ବରୁ ଭାରତୀୟ ଜ୍ୟୋତିର୍ବିଜ୍ଞାନୀ ଆର୍ଯ୍ୟଭଟ୍ଟ ଏବଂ ପାଶ୍ଚାତ୍ୟ ଜ୍ୟୋତିର୍ବିଜ୍ଞାନୀ ଗାଲିଲିଓ ପୃଥିବୀ ସୂର୍ଯ୍ୟକୁ ପରିକ୍ରମଣ କରୁଥିବା ତଥ୍ୟ ପ୍ରଦାନ କରିଛନ୍ତି । ଚନ୍ଦ୍ରଶେଖର ସେମାନଙ୍କ ମତ ଓ ସିଦ୍ଧାନ୍ତକୁ ଗଭୀର ଭାବେ ଅନୁଧ୍ୟାନ କରି ସେସବୁକୁ ଅସ୍ୱୀକାର କରି ସ୍ୱମତ ଉପସ୍ଥାପନ କରିଛନ୍ତି । ଜଗତ୍ ଶବ୍ଦର ସମାଧାନ, ଦନରାତି ବ୍ୟବସ୍ଥା ଦ୍ୱାରା ଭୂଗୋଳର ସ୍ଥିରତା ତଥା ଗତିହୀନତାକୁ ପ୍ରମାଣ କରିବା ପାଇଁ ସେ ଯେଉଁ ସବୁ ଯୁକ୍ତି ଓ ପ୍ରମାଣ ଉପସ୍ଥାପନ କରିଛନ୍ତି, ତାହା ଅତ୍ୟନ୍ତ ପ୍ରମାଣସିଦ୍ଧ ତଥା ଅକାଟ୍ୟ ପରି ମନେହୁଏ ।

ସୂର୍ଯ୍ୟ ଓ ପୃଥିବୀ ଉଭୟଙ୍କ ଆବର୍ତ୍ତନରେ ସାମ୍ୟତା ଥିବା ହେତୁ ପୃଥିବୀ ସୂର୍ଯ୍ୟକୁ ପରିକ୍ରମଣ କରୁ କିମ୍ବା ସୂର୍ଯ୍ୟ ପୃଥିବୀକୁ ପରିକ୍ରମଣ କରୁ, ଯାହା ହେଲେ ବି ଶ୍ରୀଯୁକ୍ତ ସାମନ୍ତଙ୍କ ସିଦ୍ଧାନ୍ତ ଭିତ୍ତିରେ ଗଣିତ କିମ୍ବା ଫଳିତ ଜ୍ୟୋତିଷର ଗଣନାରେ କିଛି ବ୍ୟତିକ୍ରମ ଅଥବା ବୈଷମ୍ୟ ସୃଷ୍ଟି ହେଉନାହିଁ । ଭୂ ସ୍ଥିରତା ସମ୍ପର୍କରେ ସାମନ୍ତଙ୍କ ମତ ଓ ତଥ୍ୟ ନିରାଧାର । ତେବେ ସାଂପ୍ରତିକ ମହାକାଶ ଗବେଷଣାର ତଥ୍ୟ ଓ ଦୃକ୍ ସିଦ୍ଧାନ୍ତ ଆଧାରିତ 'ସିଦ୍ଧାନ୍ତ ଦର୍ପଣ'ର ତଥ୍ୟର ସାମ୍ୟ କିମ୍ବା ବୈଷମ୍ୟ ନିରୂପଣ କରିବା ସହଜସାଧ୍ୟ ନୁହେଁ । କାରଣ ଏହା ସ୍ୱତନ୍ତ୍ର ଗବେଷଣା, ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ଓ ଅନୁଶୀଳନର ଅପେକ୍ଷା ରଖୁଥିବା ହେତୁ ଆଲୋଚ୍ୟ କ୍ଷୁଦ୍ର ପ୍ରବନ୍ଧରେ ସେ ସମ୍ପର୍କରେ ବିଚାର କରିବା ସମ୍ଭବ ନୁହେଁ ।

ମହାକାଶ, ସୌରଜଗତ, ଭୂଗୋଳ, ଖଗୋଳ, ଗତି, ସ୍ଥିତି ଓ କାଳ ସମ୍ପର୍କରେ ବହୁ ତଥ୍ୟ ଓ ତତ୍ତ୍ୱ 'ସିଦ୍ଧାନ୍ତ ଦର୍ପଣ'ରେ ସଦୃଷ୍ଟାନ୍ତ ଆଲୋଚିତ ହୋଇଛି । ଗ୍ରନ୍ଥଟିକୁ ୧୮୧୪ ଶକାବ୍ଦ ଅର୍ଥାତ୍ ୧୮୯୨ ଖ୍ରୀଷ୍ଟାବ୍ଦରେ ପଠାଣିସାମନ୍ତ ପୂର୍ଣ୍ଣରୂପ ଦେଇଥିଲେ । ଜ୍ୟୋତିଷର ସିଦ୍ଧାନ୍ତ ବିଭାଗରେ ଭାସ୍କରାଚାର୍ଯ୍ୟଙ୍କ ପରେ ଏତାଦୃଶ ଉପାଦେୟ ଗ୍ରନ୍ଥ

ଅନ୍ୟ କେହି ଲେଖିପାରି ନାହାନ୍ତି । ଏହି ଗ୍ରନ୍ଥର ଦୁର୍ଲଭ ଉପାଦେୟତା ଉପଲବ୍ଧି କରି ଗୁଣଗ୍ରାହୀ ବ୍ରିଟିଶ୍ ସରକାର ୧୮୯୩ ଖ୍ରୀଷ୍ଟାବ୍ଦରେ ଶ୍ରୀଯୁକ୍ତ ସାମନ୍ତଙ୍କୁ 'ମହାମହୋପାଧ୍ୟାୟ' ଉପାଧିରେ ଭୂଷିତ କରିଥିଲେ । ଏହାପରେ ପ୍ରଖ୍ୟାତ୍ ବିଜ୍ଞାନ ପ୍ରଫେସର ଯୋଗେଶ ଚନ୍ଦ୍ର ରାୟଙ୍କ ସମ୍ପାଦନାରେ ଏବଂ ଆଠମଲିକ ରାଜାଙ୍କ ଆର୍ଥିକ ସହାୟତାରେ କଲିକତାସ୍ଥ ଇଣ୍ଡିୟାନ ଡିପୋଜିଟରୀ ପୁସ୍ତକାଳୟ ଦ୍ୱାରା ୧୮୯୯ ମସିହାରେ ଗ୍ରନ୍ଥଟି ପ୍ରକାଶିତ ହେଲା ।

ଗ୍ରନ୍ଥ ପ୍ରକାଶ ପାଇବା ପରେ ସାମନ୍ତଙ୍କ ଖ୍ୟାତି ଏତେଦୂର ବୃଦ୍ଧି ପାଇଲା ଯେ, ସ୍ୱଦେଶୀ ବିଦେଶୀ ନିର୍ବିଶେଷରେ ବହୁ ଖ୍ୟାତନାମା ପଣ୍ଡିତ ଏ ଗ୍ରନ୍ଥର ଭୂୟସୀ ପ୍ରଶଂସା କରିଥିଲେ । ସିଦ୍ଧାନ୍ତ ତତ୍ତ୍ୱ ବେତ୍ତା ଥୀବୋ (G. Thibaut) ସାହେବ କଟକ ଆସି ସାମନ୍ତଙ୍କ କେତେକ ଦୁରୂହ ତଥା ଦୁର୍ଲଭ ତଥ୍ୟ ସମ୍ପର୍କରେ ବିଚାର ଆଲୋଚନା କରିଥିଲେ । 'ପୃଥିବୀ ସ୍ଥିର ଏବଂ ସୂର୍ଯ୍ୟ ପୃଥିବୀକୁ ପରିକ୍ରମଣ କରୁଛି' 'ସିଦ୍ଧାନ୍ତ ଦର୍ପଣ'ରେ ଏହି ସିଦ୍ଧାନ୍ତ ବ୍ୟତୀତ ଅନ୍ୟ ସବୁ ତଥ୍ୟ ଓ ତତ୍ତ୍ୱ ସହ ଥୀବୋ ସାହେବ ଶ୍ରୀଯୁକ୍ତ ସାମନ୍ତଙ୍କ ସହ ଏକମତ ହୋଇ ଆଲୋଚ୍ୟ ଗ୍ରନ୍ଥରୁ ଏହି ସୂର୍ଯ୍ୟଙ୍କ ପୃଥିବୀ ପରିକ୍ରମଣ ତଥ୍ୟକୁ ବାଦ ଦେବାପାଇଁ ପରାମର୍ଶ ଦେଇଥିଲେ । କିନ୍ତୁ ଶ୍ରୀଯୁକ୍ତ ସାମନ୍ତ ସ୍ୱସିଦ୍ଧାନ୍ତ ପ୍ରତି ଏତେଦୂର ସନ୍ଦେହମୁକ୍ତ ଓ ଦୃଢ଼ ସଂକଳ୍ପ ଥିଲେ ଯେ, ଥୀବୋ ସାହେବଙ୍କ ଯୁକ୍ତି କିମ୍ବା ପରାମର୍ଶକୁ କୌଣସି ମତେ ଗ୍ରହଣ କରି ନ ଥିଲେ ।

ସେ ସ୍ୱନିର୍ମିତ ସରଳ ମାନଯନ୍ତ୍ରରେ ପର୍ବତାଦିର ଉଚ୍ଚତାକୁ ନିର୍ଭୁଲ ଭାବେ ନିରୂପଣ କରିପାରୁଥିଲେ । ଓଡ଼ିଶାର ତତ୍କାଳୀନ କମିଶନର ଏ ସମ୍ପର୍କରେ ସାମନ୍ତଙ୍କଠାରୁ ପ୍ରତ୍ୟକ୍ଷ ପ୍ରମାଣ ପାଇ ବିସ୍ମୟାଭିଭୂତ ହୋଇଥିଲେ । ଆଧୁନିକ ସୂକ୍ଷ୍ମଯନ୍ତ୍ର ଠାରୁ ସାମନ୍ତଙ୍କ ହାତ ତିଆରି ସହଜ ସରଳ ମାନଯନ୍ତ୍ର କୌଣସି ଗୁଣରେ ମଧ୍ୟ ନ୍ୟୂନ ନ ଥିବା କଥା କମିଶନର ସାହେବ ଅନୁଭବ କରିଥିଲେ । ଏହି ଗଣନା ପଦ୍ଧତିର ସରଳ ଅଥଚ ଦୁର୍ଲଭ ରୀତିକୁ ସେ ସ୍ୱୀୟ 'ସିଦ୍ଧାନ୍ତ ଦର୍ପଣ'ରେ ଲିପିବଦ୍ଧ କରିଛନ୍ତି ।

ଓଡ଼ିଶା ମାଟିରେ ଜନ୍ମ ନେଇଥିବା ବିଶ୍ୱବିଖ୍ୟାତ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ପଠାଣିସାମନ୍ତ ହେଉଛନ୍ତି ସବୁଠାରୁ ସ୍ମରଣୀୟ ତଥା ବରଣୀୟ ବ୍ୟକ୍ତି । ଉଭୟ ଗଣିତ ଓ ଫଳିତ ଜ୍ୟୋତିଷର ସେ ଥିଲେ ଜଣେ ଅନନ୍ୟ ଏବଂ ଅସମ୍ଭବ ପଣ୍ଡିତ । ସାମନ୍ତଙ୍କ ଦୃକ୍ ସିଦ୍ଧାନ୍ତ ଭିତ୍ତିରେ ସମ୍ପ୍ରତି ଓଡ଼ିଶାର ପଞ୍ଜିକା ଗଣନା କରାଯାଉଛି । ଦୁଃଖର କଥା, ଗଦାଧର ବିଦ୍ୟାଭୂଷଣ, ସଦାଶିବ ଖଡ଼ିରତ୍ନ, ରାଜବଲ୍ଲଭ ମିଶ୍ର, ଗଦାଧର ସାମନ୍ତ (ପଠାଣି ସାମନ୍ତଙ୍କ ପୁତ୍ର) ପରି ବହୁ ବିଜ୍ଞ ଶିଷ୍ୟ ତାଙ୍କୁ ଅନୁସରଣ କରିଥିଲେ ମଧ୍ୟ

କେହିହେଲେ 'ସିଦ୍ଧାନ୍ତ ଦର୍ପଣ'ର ସରଳ ବ୍ୟାଖ୍ୟାତ୍ମକ ଟୀକା ସମ୍ପୂର୍ଣ୍ଣ କରିପାରି ନାହାନ୍ତି । ଖଲିକୋଟର ତଦାନନ୍ତୀନ ଗୁଣଗ୍ରହୀ ରାଜା ହରିହର ମର୍ଦ୍ଦରାଜ ଗଦାଧର ବିଦ୍ୟାଭୂଷଣଙ୍କ ଦ୍ୱାରା ଗ୍ରନ୍ଥର ଦଶମ ପ୍ରକାଶ ପର୍ଯ୍ୟନ୍ତ ଟୀକା କରାଇଛନ୍ତି । ଶ୍ରୀଯୁକ୍ତ ମର୍ଦ୍ଦରାଜଙ୍କ ଅକାଳ ବିୟୋଗ ଫଳରେ ଏତାଦୃଶ ମହତ କାର୍ଯ୍ୟ ଅଦ୍ୟାପି ଅପୂର୍ଣ୍ଣ ରହିଛି । ସରଳ ଓ ସାର୍ଥକ ଟୀକା ଅଭାବରୁ 'ସିଦ୍ଧାନ୍ତ ଦର୍ପଣ' ଭଳି ସୁଦୁର୍ଲଭ ଗ୍ରନ୍ଥର କେତେକ ଉପାଦେୟ ଅଂଶ ବହୁ ଅନୁସନ୍ଧିତ୍ସୁ ପାଠକ ଓ ଗବେଷକଙ୍କ ପକ୍ଷେ ଆଜି ବି ଅବୁଝା ରହିଛି । ଏପର୍ଯ୍ୟନ୍ତ ଯେତେ ସିଦ୍ଧାନ୍ତ ଗ୍ରନ୍ଥ ପ୍ରକାଶ ପାଇଛି ସେ ସବୁରେ ଏ ଗ୍ରନ୍ଥ ଭଳି ଗାମ୍ଭୀର୍ଯ୍ୟ, ସୌକୁମାର୍ଯ୍ୟ ଅଥବା ବିଶେଷତ୍ୱ ନାହିଁ ।

ସୁତରାଂ 'ସିଦ୍ଧାନ୍ତ ଦର୍ପଣ' ଓ ଏହାର ସ୍ରଷ୍ଟା ଚନ୍ଦ୍ରଶେଖର ସିଂହ ସାମନ୍ତ ଓରଫ ପଠାଣି ସାମନ୍ତ ବିଶ୍ୱଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ଅନନ୍ୟ ଓ ଅତୁଳନୀୟ ନିଶ୍ଚୟ । ସେଥିପାଇଁ କବିବର ରାଧାନାଥ ରାୟ 'ଦରବାର'ରେ କହିଛନ୍ତି,-

"ହେ ଉତ୍କଳ ମାତା ଯୋଗ୍ୟତମ ସୁତ
ତୁମ୍ଭ ଯୋଗୁଁ ଆମ୍ଭେ ସର୍ବେ ହେଲୁ ପୂତ
× × ×
ଉତ୍କଳ ଉଦୟ ଅଚଳେ ଭାସ୍ୱର
ହେଲ ଭାରତର ଦ୍ୱିତୀୟ ଭାସ୍କର
× × ×
ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ,
ନର ଦେହେ ଥିବ ଯାବତ ହୃଦୟ ।"

ଅବସର ପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ତୁଳସୀ ନଗର-୯, ବ୍ରହ୍ମପୁର



Pandit Baikoli Jyotish Bisarad : An Astrologer Par Excellence

Dr. Srikanta Mahapatra

Pandit Baikoli Mahapatra was one of the most luminous stars amongst the galaxy of eminent astrologers. He was an Astrologer par excellence, a litterateur, a historian, a biographer, a social reformer - all in one. He was one of the few distinguished sons of the soil through whom we were known to the other parts of the country. He was not only very highly distinguished and enlightened personality, but also was an institution by himself through whose teachings and inspirations innumerable persons and institutions have been benefited.

Pandit Baikoli saw the light of the day on 12.12.1908 in the village Balukeswarpur sasan near Khallikote town of Ganjam district. His father was Biswanath Mahapatra and mother was Padmavati Devi, who was a pious and religious minded lady. He started his career as a primary school teacher. He grew not in the cosy laps of luxury but in the cold looks of penury, which denied him higher education. After completing class VIII, he went to Berhampur for the Teacher's training course. In those days education had been centralised and those who could not afford only could come to Berhampur for the studies, others not. Due to financial hurdles he was deprived of higher education and after teacher's training, he served

as a teacher in an elementary school in the village Phasula and Khallikote. But fate had its own whims, time its own ways. Destiny had ordained that Baikoli should not fade and drop in obscurity as a simple school teacher but shine resplendent as an explorer of the mystery in which the unverse is shrouded and the position of Man in it. The stars seemed to him not mute and inglorious but articulate and glorious singers of the glory of God. The stars and the planets thus threw a powerful spell over him and captivated his soul.

Fortune favoured him. He left teachership and was attracted towards Astrology from his young age. Astrology was his passion and he received enough accolades and recognition for this to last a lifetime. Simultaneously, he made the oriya literature richer through his contributions to it.

History provides information that Astrology and Astronomy have been extremely popular in ancient Orissa. There have been many luminaries in these fields over the ages who have made significant contribution to the sustenance and growth of Astrology. Satyananda Acharya (1050 AD) who wrote 'Bhasavati' and Samanta Chandra Sekhar (1835 A.D) who authored 'Siddhanta Darpan' were giants in this field who were known all over the world. Other notable works produced by Orissa Astrologers include 'Adbhuta Sagar' (sara) by Yogisvora (1425 A.D), 'Ayurdaya Kaumudi' by Jogannath Narayan Dev (1650 A.D), 'Utapatatarangini' by Raghunath Das (1675 A.D), 'Laghusiddhanta' by Chaitanya Rajguru (1750 A.D) and 'Mahidhar Samhita' by Mahidhar Mishra (1775 A.D).

Besides it, some other important works were produced during the 19th century. But, during the 20th century, Pandit Baikoli rose to the pinnacle of glory and became number one among all the others in the field of Astrology.

Besides Astrology, he took up the study of Sanskrit in real earnest in order that he could come to grips with Astrology. He devoured books and other materials and always gave importance to study and said "Reading is knowing and knowing is being". He advised the people "the more you read, the more knowledge you get about a topic". As a student of Astrology, he left no stones unturned to master it. With an intensive knowledge of Astrology, he said "The fault is in our stars and not in ourselves". In his life career he had predicted various events. He was able to predict the earthquake in Bihar six months before its occurrence. He had uttered his prophetic words two years before India actually became free. He had also predicted two world wars before their actual outbreak. He had foretold correctly that V.V. Giri was some day going to be president of India and Nityananda Kanungo to hold Ministerial berth in Odisha Cabinet. Besides it, he had predicted many internal crises that shook countries throughout the world.

Pandit Baikoli had acted as the court Astrologer of thirty two kings in Orissa. For his honed knowledge, skill & talent, he rose fast to eminence and Honours were showered on him like rose-petals. The Raj Bhadur of Khallikote, Sri Rama Chandra Mardraj conferred the title 'Jyotisha Bisarad' on him for his outstanding contribution to Astrology. The title 'Jyotisha Bhaskar' was conferred

on him by the Ayodhya Sanskrit Samiti. The Samanta Chandra Sekhar Memorial Parishad honoured him with the title 'Jyotirvidya Vachaspati'. The Odisha Sahitya Academi rewarded him in a befitting manner for his research in Astrology and inroads in to literature. The Utkal Sahitya Samaj took him as a life member. The Utkal Sanskrit Parisad gathered fame by making him a member. The Utkal Kavi Sammilani decorated him with a gold medal. He became the permanent President of the Nikhil Utkal Jyotish Sammilani. He became a Fellow of the Berhampur University. Governor Khosla suitably rewarded him in recognition of his profound erudition and knowledge in Astrology. The Utkal Panjika Revision commitee took him as a member. He became a member of the Ganjam District Board. He was the president of the Mardaraj Sanskrit Toll, President of the Kanak Manjari Girls' High School, the First Vice-President of Rama Chandra Mardaraj Science College, President of Balukeswar High School, President of Dods-worth Co-operative Bank for years, permanent President of the Prachi Sahitya Parisad, permanent Advisor to the Juvaraj Club, permanent President of the village Welfare Society and active participant in Gandhi's Charkha movement. He had organized a 21 day 'Harihartaka Maka Mahamantra Yajnya' at Sakaleswar Temple in the year 1953 which made him a house hold name in Ganjam district. He was a very good speaker and several educational institutions invited him to deliver discourses on various subjects.

Pandit Baikoli authored a number of books relating to Astrology. These include (1) Jyotihsara Ratnabali in

three parts published in 1934, 1948 and 1949 respectively (2) Yoga Varidhi, (3) Chamtkar Chintamani, (4) Phala Deepika, (5) Brihadjatak, (6) Jatak Darpana etc.

His Epics are (1) Chandi Purana in 1930 (A translation from Sanskrit), (2) Adhytma Ramayan (Translated from Sanskrit), (3) Braham Purana and (4) Bishnu Purana, (5) Pravavati in 1934, (6) Sisu Sangeet in 1933, (7) Damayanti in 1933.

His Bio-graphies are (1) Swami Vivekananda, (2) Kavi Jeebani and (3) Mahapurush along with other literary creation such as Dharmagranth, Maniratnamala, Vrata Mala (Story of Bali Trutiya) and Nitya Karma Darpana-Part - I, Part- II & Part - III.

His writings in History are (1) History of Indian Astrology, (2) History of Oriya Movement, (3) An Invaluable Chapter in the History of Utkal, (4) "Oriya Andolan Ra Itihasa", (5) Bharatiya Jyotishara Itihasa, (6) Orissa Itishare Khallikote Ra Sthana etc. Besides these works, he has contributed several articles to different newspapers from time to time.

Pandit Baikoli had dedicated his life for social service. He always tried his best for the upliftment of the downtrodden in the locality. At the time of flood, cyclone & natural calamities, he moved from door to door to see the condition of the people & distributed relief among them. As a social reformer, his involvement with the education of women and underprivileged was commendable. He always fought against superstition, wasteful practices and hypocrisy in the name of caste and religion. For his social service, he was highly praised by Pandit Gopabandhu

Das, Madhusudan Das, Godabarisha Mishra and Dr. Radhanath Rath. His active participation and leadership in freedom movement have been rightly appreciated by Mahatma Gandhi, Pandit Nilakantha Das, Dr. Pranakrushna Parija and others. He was a great visionary of his time. He took much interest in introducing Astrology as a subject in the degree level teaching in different universities of Orissa, in his life time but it could not be fruitful. However, now some universities have introduced this subject after getting recognition from U.G.C.

Pandit Baikoli was a great nationalist, a great universalist whose vision was always upward. No doubt in his subjects, Astrology and Astronomy, he was the uncrowned king during his life time. His love for literature was also no less. There was universal respect for him both by the highest and the lowly. Knowing fully well that greatness comes not from showing off but from calm continued selfless work, Panditji showed a finish in his personal behaviour that clearly indicated his high stage of evolution as a man.

The death of Pandit Baikoli on 19.12.1977, at the age of 69 is indeed a great loss to the world of Astrology. To the people of Orissa and the country as a whole, Pandit Baikoli Jyotish Visharad of Khallikote will continue to inspire for long long years.

Principal,
Mahamayee Mahila Mahavidyalaya,
Berhampur.



WRITERS' PROFILE

1. **Prof. Jitendra Narayan Dash**
   Literary known as Das Benehur, prolific short story writer, columnist and former Principal of S.C.S. College, Puri.
2. **Prof. (Dr.) A. K. Pattanayak**
   Former Vice Chancellor, Culture University, Odisha, editor of a number of books on History and Culture, an expert in Maritime History and Former President, Odisha History Congress.
3. **• Prof. (Dr.) J. K. Barala**
   Former Vice Chancellor of Berhampur University, author of many books on Political Science and Former visiting professor in Political Science, Utkal University.
   • Dr. Sailabala Barala
   Department of Political Science, K.M. Science College, Narendrapur.
4. **Dr. Nilamadhab Padhy**
   Principal, Chikiti Mahavidyalaya, Chikiti.
5. **Dr. Hemanta Ku. Parija**
   Former Registrar, Fakir Mohan University, Balasore.
6. **Major R. R. Padhy**
   An euridite academician, a frontline playwright, cine actor, director, script, screen play and dialogue writer, a national award winner.
7. **Prof. Jogananda Sahu**
   Principal (Retd.), Science College, Hinjilicut, a noted lyric writer, singer, music director and Government of Odisha Film Award winner as Best Lyricist.
8. **Prof. Madan Mohan Mahapatra**
   Former Reader & Head, Department of History, Khallikote (Auto) College, Berhampur, An orator on Jagannath cult.
9. **Smt. Suravi Nanda**
   Department of History, Savitri Women's College, Bhanjanagar and a researcher in History.
10. **Dr. Shyama Prasad Mishra**
    Reader in History, T.S.D. College, B.D.Pur.
11. **Dr. Sunil Kanta Tripathy**
    Department of History, Science College, Hinjilicut.

12. **Prof. (Dr.) Hari Har Das**
Former Professor of Political Science, Berhampur University, Former Vice Chancellor, Berhampur University, an eminent short story writer in Odia literature and an orator at par with excellence.
13. **Sushree Amiyabala Pattanaik**
Kendra Sahitya Academi Awardee and Former member of Odisha Sahitya Academy.
14. **Mrs. Narmada Rath**
Jr. Lecturer in History, University Higher Secondary School, Bhanja Bihar, Berhampur University.
15. **Dr. Bina Kumari Sarma**
Former Professor of History, Berhampur University and a writer of many valuable books in History.
16. **Dr. P. S. N. Patro**
Retd. Principal, an eminent orator and a writer of distinction.
17. **Dr. Alaka Rani Dash**
Department of History, M.M. Mahavidyalaya, Berhampur.
18. **Dr. Prasanna Ku. Swain**
Professor, Department of Odia, Berhampur University.
19. **Amulya Kumar Tripathy**
Deptartment of Political Science, Science College, Hinjilicut, Odisha.
20. **Smt. Neetibeda Padhy**
An informative writer on children's literature.
21. **Sri Surendra Panda**
Retd. O.F.S. Officer, Govt. of Odisha and a writer on various branches of Odia literature.
22. **Dr. Gangalaxmi Patnaik**
Reader in English, M. M. Mahavidyalaya, Berhampur.
23. **Dr. Harihar Panda**
Professor & Head, Dept. of History, National Defence Academy, Pune and writer of books on History.
24. **Prof. Bhagabana Sahu**
Professor of History, Berhampur University, Bhanja Bihar and writer of many books on History and Culture.

25. **Dr. Kartika Chandra Rout**
A Popular Writer, Educationist and a playwright.
26. **Dr. Bibekananda Panigrahy**
An Eminent Writer, Reader, Department of Odia, Science College Hinjilicut, Former member of Odisha Sahitya Academy and Founder director of Upendrabhanj foundation.
27. **Prof. (Dr.) Brajamohan Sasmal**
A writer on popular science and a prolific translator.
28. **Dr. Malaya Kumar Misra**
Former Professor, Department of Botany, Berhampur University, writer of many reasearch oriented books on Botanical Science and a leading taxonomist of Odisha.
29. **Dr. Nikhilananda Panigrahy**
Former Regional Director of Education, Former Director of Text Book Bureau, Govt. of Odisha, an eminent writer of popular science and a noted columnist.
30. **Sri Anantaram Kar (Kaundanya)**
A Reputed Researcher, Odisha.
31. **Prof. Lalit Kumar Deb**
Professor, Lingaraj Law College, Berhampur and a writer of eminence.
32. **Prof. Bishnu Charan Choudhury**
Professor, Dept. of Political Science, Berhampur University, an eminent writer, reasearcher, Director, College Development Council of Berhampur University and Former President of Odisha Political Science Association.
33. **Dr. Kalyani Patnaik**
A Popular Writer.
34. **Dr. Nalini Kumar Panigrahy**
Department of Odia, Kalinga Mahavidyalaya, G. Udayagiri and a writer of many books on Odia literature.
35. **Dr. Surendra Nath Panda**
Teacher, Titagara, Upendrabhanja Vidya Peetha, Kolkata.
36. **Dr. Syantanu Kumar Rath**
All India Radio, Cuttack, A National Award Winner on Odia Radio Drama and Informative allegorical plays.

37. **Prof. Krushna Chandra Pradhan**
Professor, P.G. Department of Odia, Sambalpur University and a writer of many books on Odia literature.

38. **Prof. Sanghamitra Mishra**
Former Professor, Department of Odia, Utkal University, an eminent playwright, biographist, a prolific writer of Odia literature and Odisha Sahitya Academy Awardee.

39. **Sri Debaraj Sahu**
Retd. Head Master and An eminent writer.

40. **Dr. Niladri Bhusana Harichandan**
Former Professor, Department of Odia, Santiniketan, Biswabharati, Writer of many books on Odia literature.

41. **Smt. Nibedita Padhy**
A Writer, Lyricist, All India Radio Singer and Orator.

42. **Dr. Sunamani Rout**
A State level Awardee on Odia children's literature.

43. **Smt. Aruna Mohanty**
A prolific writer, Nayapalli, Bhubaneswar.

44. **Prof. Saroj Kumar Singh**
Former Director of High Education, Odisha.

45. **Dr. Sangita Gosain**
Reader, Odissi Vocal Music, University of Culture, Odisha and an Odissi singer par exellence.

46. **Dr. Nisakar Padhy**
Retd. Reader in Odia, Editor of 'Bahitra' fame.

47. **Dr. Pradeep Mahapatra**
Reader, Department of Journalism & Communication, Berhampur University and a columnist.

48. **Dr. Durgamadhab Nanda**
Retd. Reader in Odia, an editor of many books on Odia literature and a prolific writer.

49. **Sri Niranjan Pattanaik**
Retd. Reader in Odia and An Astrologer.

50. **Dr. Srikanta Mahapatra**
Principal, Mahamayee Mahila Mahavidyalaya, Berhampur, a writer of different branches of knowledge.



ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ
ସ୍ମାରକୀ ବକ୍ତୃତାମାଳା



HISTORY & CULTURE
OF
KHALLIKOTE





SCIENCE COLLEGE, HINJILICUT

MAKERS OF MODERN ORISSA
AND
PIONEERS OF ODIA MOVEMENT



SCIENCE COLLEGE HINJILICUT

LEGENDARY NATIONALISTS
OF
ODISHA



SCIENCE COLLEGE, HINJILICUT